

## ପଣ୍ଡିତ ନୀଳକଣ୍ଠଙ୍କ

# ସୃଷ୍ଟି ଓ ଦୃଷ୍ଟି

ଡକ୍ଟର କୁମୁଦିନୀ ମିଶ୍ର

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ ସୃଷ୍ଟି ଓ ଦୃଷ୍ଟି

ଡକ୍ଟର କୁମୁଦିନୀ ମିଶ୍ର,
ଏମ୍.ଏ., ଡି.ଲିଟ୍.

ସୁବର୍ଣ୍ଣରେଖା
କଟକ ରୋଡ୍, ଭୁବନେଶ୍ୱର

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ ସୃଷ୍ଟି ଓ ଦୃଷ୍ଟି

**ଲେଖକ :**
ଡକ୍ଟର କୁମୁଦିନୀ ମିଶ୍ର, ଏମ୍.ଏ., ଡି.ଲିଟ୍.

**ପ୍ରକାଶକ :**
ସୁବର୍ଣ୍ଣରେଖା, କଟକ ରୋଡ୍,
ଲକ୍ଷ୍ମୀସାଗର ଛକ, ଭୁବନେଶ୍ୱର-୬

**ପ୍ରକାଶ କାଳ :** ୧୯୯୯

**ମୁଦ୍ରଣ :**
ଓଁକାର
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

**ମୂଲ୍ୟ :** ଟ.୯୮.୦୦

## PANDIT NILKANTHANKA SRUSTI O DRUSTI

**Author :**
Dr. Kumudini Mishra,
M.A.,D.Lit

**Publisher :**
Subarnarekha
Cuttack Road
Laxmisagar Chhak,
Bhubaneswar-6

**Year of Publication : 1999**

**Printer :**
Omkar,
M-5/2, Acharya Vihar,
Bhubaneswar

**Price : Rs. 98.00**

*Digitized by PPRACHIN, SOA*



**ପଂଡ଼ିତ ନୀଳକଂଠ ଦାସ**

ଆବିର୍ଭାବ : | ତିରୋଧାନ :
--- | ---
ତା ୫/୮/୧୮୮୪ରିଖ | ତା ୬/୧୧/୧୯୬୭ରିଖ

Digitized by PPRACHIN, SOA

# ସ୍ୱଭାଷ

ପ୍ରଜ୍ଞାର ଅବତାର, ଓଡ଼ିଆ ସଂସ୍କୃତିର ପୃଷ୍ଠପୋଷକ, ସତ୍ୟବାଦୀରୂପୀ ନାଳନ୍ଦାର ଜ୍ଞାନଗୁରୁ, ସ୍ୱାଧୀନ ଚେତା, ପଣ୍ଡିତ ନୀଳକଣ୍ଠ ଏକାଧାରରେ ଜଣେ ଶିକ୍ଷାବିତ୍ ସମାଜସେବୀ, ସମାଜ ସଂସ୍କାରକ, ରାଷ୍ଟ୍ରନୀତିଜ୍ଞ, ସାହିତ୍ୟିକ, ସାମ୍ବାଦିକ, ଭାଷାବିତ୍ ରୂପେ ଓଡ଼ିଶାବାସୀଙ୍କୁ ଯେଉଁ ଆଲୋକ ପ୍ରଦର୍ଶନ କରିଯାଇଛନ୍ତି ତାହା ଯଥାର୍ଥରେ ଏ ଜାତିପାଇଁ ଏକ ଅନିର୍ବାପିତ ମହାଦୀପର ଆଲୋକ ।

ଛାତ୍ରାବସ୍ଥାରୁ ହିଁ ନୀଳକଣ୍ଠଙ୍କର ନିଶା ଥିଲା ପଢ଼ିବା । ସାଧନା ଥିଲା ତାଙ୍କ ଜୀବନର ବ୍ରତ । ଜ୍ଞାନଲାଭର ପିପାସା ତାଙ୍କର ଏତେ ବେଶି ଥିଲା ଯେ ରାତିରାତି ଅନିଦ୍ରାରେ ବିତିଗଲେ ମଧ୍ୟ ତାଙ୍କର ପିପଠିଷା ପୂର୍ଣ୍ଣ ହେଉନଥିଲା । ଜ୍ଞାନଲାଭର କୌଣସି ମାର୍ଗ ତାଙ୍କ ପକ୍ଷରେ ଅଗମ୍ୟ ନଥିଲା । ସେ ଥିଲେ ପ୍ରକୃତରେ ଗୀତୋକ୍ତ ସେହି ବାଙ୍ମୟ ପୁରୁଷ । ତାଙ୍କର ପାଣ୍ଡିତ୍ୟ ଦେଖି ତାଙ୍କ ସହକର୍ମୀମାନେ ମଧ୍ୟ ଆଚମ୍ବିତ ହୋଇଯାଉଥିଲେ । ପଣ୍ଡିତ ଗୋଦାବରୀଶ ତାଙ୍କର 'ଆତ୍ମ ଚରିତ'ରେ ଲେଖିଛନ୍ତି - ''ମୋର ବହୁକାଳର ସଙ୍ଗୀ ପଣ୍ଡିତ ନୀଳକଣ୍ଠଙ୍କ ପାଣ୍ଡିତ୍ୟ ଦେଖି ମୁଁ କେତେଥର ମୁହଁ ଫିକା ପକାଇଛି ତାର କଳନା ନାହିଁ ।''

ନୀଳକଣ୍ଠ ଇଚ୍ଛା କରିଥିଲେ ଏମ.ଏ. ପାଶ କରିବା ପରେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ହୋଇ ବିଳାସ ବ୍ୟସନରେ କାଳାତିପାତ କରି ପାରିଥାଆନ୍ତେ । କିନ୍ତୁ ପୂର୍ବ ପ୍ରତିଜ୍ଞା ପାଳନ ପାଇଁ ସେ ସ୍ୱାର୍ଥକୁ ବଳିଦେଇ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ବିଦ୍ୟାଳୟରେ ଶିକ୍ଷକତା କଲେ । ସତ୍ୟବାଦୀ ବିଦ୍ୟାଳୟ ଥିଲା ଏକ ମଣିଷ ତିଆରି କାରଖାନା । ଏହାର ପ୍ରଧାନ ଶିକ୍ଷକ ହେବାକୁ ହେଲେ ତାଙ୍କୁ ସନ୍ନ୍ୟାସୀ ପରି ମହତ୍ତ୍ୱପୂର୍ଣ୍ଣ ଜୀବନଯାପନ କରିବାକୁ ହେବ- ଏହା ହୃଦୟଙ୍ଗମ କରି ସେ ସଂଯତ , ପବିତ୍ର ଓ ନିରାଡ଼ମ୍ବରଭାବେ ଛାତ୍ରଙ୍କ ସହ ଗୁରୁକୁଳରେ ବାସକଲେ । ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ସେ ଉଭୟ ବିଦ୍ୟାଳୟ ଓ ଛାତ୍ରାବାସର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ ।

ନୀଳକଣ୍ଠ ସମାଜ, ଭାଷା ଓ ସାହିତ୍ୟ କ୍ଷେତ୍ରରେ ସଂସ୍କାର ପ୍ରୟାସୀ ଥିଲେ । ସଂସ୍କାରକ ନୀଳକଣ୍ଠ ବ୍ରାହ୍ମଣମାନଙ୍କ କେତେକ ଅବାନ୍ତର ଚଳଣି ବିରୁଦ୍ଧରେ ପ୍ରତ୍ୟକ୍ଷ ସଂଗ୍ରାମ ଚଳାଇଥିଲେ । ଏହା ଫଳରେ ତଥାକଥିତ ସମାଜରକ୍ଷୀଙ୍କ ଦ୍ୱାରା ତାଙ୍କୁ ଏପରିକି ତାଙ୍କ ପିତାଙ୍କୁ ମଧ୍ୟ ବହୁ ନିର୍ଯ୍ୟାତନା ଭୋଗ କରିବାକୁ ପଡ଼ିଥିଲା । ଏ ସବୁ ଅଙ୍ଗେ ଲିଭାଇବା ଘଟଣାକୁ ନେଇ ନୀଳକଣ୍ଠ ପ୍ରଥମେ କେତୋଟି ସଂସ୍କାରଧର୍ମୀ ପ୍ରବନ୍ଧ 'ଉତ୍କଳ

Digitized by PPRACHIN, SOA

ସାହିତ୍ୟ'ରେ ପ୍ରକାଶ କଲେ । ତାଙ୍କ ସାହିତ୍ୟ ସୃଷ୍ଟି କ୍ରମେ ପରିବ୍ୟାପ୍ତ ହେଲା । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ ଜଣେ ପ୍ରାବନ୍ଧିକ, ସମାଲୋଚକ, ଗବେଷକ, କବି ଓ ସାମ୍ବାଦିକ ଭାବେ ଖ୍ୟାତି ଅର୍ଜନ କଲେ । ତାଙ୍କ ଲେଖନୀର କାଉଁରୀ ସ୍ପର୍ଶ ଦ୍ୱରା ସାହିତ୍ୟର ବିଭିନ୍ନ ବିଭାଗ ପରିପୁଷ୍ଟ ହେବାକୁ ଲାଗିଲା । ସେ କେତେବେଳେ କାବ୍ୟ କବିତା ସୃଷ୍ଟି କରୁଥିଲେ ତ, କେତେବେଳେ ପ୍ରବନ୍ଧ ଓ ସମାଲୋଚନା ଲେଖୁଥିଲେ । ପୁଣି କେତେବେଳେ ଭାଷା ବିଷୟକ ଟୀକାଟିପପ୍ଣୀ ଦେଉଥିଲେ ତ କେତେବେଳେ ବ୍ୟାକରଣ ଗ୍ରନ୍ଥ ରଚନା କରୁଥିଲେ । କେବେ ଧର୍ମ, କେବେ ଦର୍ଶନ କେବେ ସଂସ୍କୃତି ତ କେବେ ବିଜ୍ଞାନ; କୌଣସିଟି ତାଙ୍କ ଆଲୋଚନାରୁ ବାଦ ଯାଉନଥିଲା । ଡକ୍ଟର କ୍ଷିତିମୋହନ ସେନ୍ ତାଙ୍କୁ ଯଥାର୍ଥରେ 'ଓଡ଼ିଶାର ଇନ୍‌ସାଇକ୍ଲୋପେଡ଼ିଆ' ବୋଲି କହି ଯାଇଛନ୍ତି ।

ନୀଳକଣ୍ଠ ଖ୍ରୀ:୧୯୨୧ରେ ଜାତୀୟ ଆନ୍ଦୋଳନ ଚଳାଇବା ଉଦ୍ଦେଶ୍ୟରେ ସମ୍ବଲପୁର ଯାଇଥିଲେ । ସେଠାରେ ଜାତୀୟ ବିଦ୍ୟାଳୟ ଓ ଅସହଯୋଗ ଆନ୍ଦୋଳନର ଦାୟିତ୍ୱରେ ରହି ସମ୍ବଲପୁର ସ୍କୁଲ କଚେରୀ ବର୍ଜନ ଆନ୍ଦୋଳନ ଏଭଳି ତୀବ୍ର ଭାବରେ ଚଳାଇଥବଲେ ଯେ କଲିକତାର ଇଂରାଜୀ ଦୈନିକ 'ଷ୍ଟେଟସ୍‌ମ୍ୟାନ'ରେ ତାହା ଅତି ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିଲା । ସେହିଦିନଠାରୁ ସମସ୍ତେ ନୀଳକଣ୍ଠଙ୍କୁ 'ପଣ୍ଡିତଜୀ' ଡାକିବାକୁ ଲାଗିଲେ ଏବଂ ନୀଳକଣ୍ଠ 'ପଣ୍ଡିତ ନୀଳକଣ୍ଠ' ରୂପେ ପରିଚିତ ହେଲେ ।

ବାସ୍ତବିକ୍ ନୀଳକଣ୍ଠଙ୍କ ପରି ଜାତୀୟ ନେତା ଓ ସ୍ରଷ୍ଟା ପୁରୁଷ ଓଡ଼ିଶାରେ ଦୁର୍ଲ୍ଲଭ । ତାଙ୍କ ସାହିତ୍ୟର ମୂଲ୍ୟାଙ୍କନ କରିବା ଏକ ଦୁରୂହ କାର୍ଯ୍ୟ । ବହୁ ପାଠାଗାର, ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ସହାୟତାରେ ତାଙ୍କ ମୂଳ ରଚନାଗୁଡ଼ିକର ଅନୁଶୀଳନ: ପୂର୍ବକ ସେଥିରେ, ତାଙ୍କର ଦୃଷ୍ଟି ଓ ଦର୍ଶନ, ଚିନ୍ତା ଓ ଚେତନା ଫେଡି ଦେଖାଇବା ଉଦ୍ଦେଶ୍ୟରେ 'ନୀଳକଣ୍ଠଙ୍କ ସୃଷ୍ଟି ଓ ଦୃଷ୍ଟି' ଅନ୍ତର୍ଭୁକ୍ତ ପ୍ରବନ୍ଧଗୁଡ଼ିକ ଲେଖାଯାଇଛି । ଏ ପ୍ରବନ୍ଧଗୁଡ଼ିକ ବିଭିନ୍ନ ସମୟରେ 'ଝଙ୍କାର', 'କୋଣାର୍କ', (ଓଡ଼ିଶା ସାହିତ୍ୟ ଏକାଡ଼େମୀ ମୁଖପତ୍ର), ନୀଳକଣ୍ଠ ସ୍ମାରକୀ, 'ସମାଜ', (ସାପ୍ତାହିକ ସାହିତ୍ୟ ଆଲୋଚନା), ପ୍ରଜାତନ୍ତ୍ର ଆଦି ପତ୍ର-ପତ୍ରିକାରେ ପ୍ରକାଶ ପାଇଥିଲା ।

ଏହି ପ୍ରବନ୍ଧ ସବୁକୁ ଏକତ୍ର କରି ପୁସ୍ତକ ଆକାରରେ ପ୍ରକାଶ କରିବାରେ ମୋର ଭ୍ରାତୃପ୍ରତିମ ଡକ୍ଟର ସୁରେନ୍ଦ୍ର କୁମାର ମହାରଣା ଯେଭଳି ଅକ୍ଲାନ୍ତ ଉଦ୍ୟମ କରିଛନ୍ତି ତାହା ମୋର ଚିର ସ୍ମରଣୀୟ ରହିବ ।

Digitized by PPRACHIN, SOA

ଏ ଦିଗରେ ମୋର ସହକର୍ମୀ ବନ୍ଧୁ ଅଧ୍ୟାପକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକଙ୍କ ସାହାଯ୍ୟ ଓ ପ୍ରେରଣା ମଧ୍ୟ ଭୁଲିବାର ନୁହେଁ । ମୋର ଅନୁଜୋପମ ଶ୍ରୀମାନ ପୂର୍ଣ୍ଣଚନ୍ଦ୍ର ସେନାପତି ଗ୍ରନ୍ଥଟିର ପ୍ରକାଶନରେ ମୋତେ ବହୁ ଭାବେ ସାହାଯ୍ୟ କରିଛନ୍ତି ।

ସୁବର୍ଣ୍ଣରେଖା ପ୍ରକାଶନ ସଂସ୍ଥା ଯଥାଶୀଘ୍ର ଗ୍ରନ୍ଥଟିକୁ ଲୋକଲୋଚନକୁ ଆଣିପାରିଥିବାରୁ ମୁଁ ତାଙ୍କଠାରେ ଚିର କୃତଜ୍ଞ ରହିବି ।

ଏଠାରେ ସୂଚନା ଯୋଗ୍ୟ ଯେ, ପ୍ରଫେସର ଡକ୍ଟର ଶ୍ରୀନିବାସ ମିଶ୍ରଙ୍କ ତତ୍ତ୍ୱାବଧନାରେ ''ସାହିତ୍ୟ ସାଧକ ପଣ୍ଡିତ ନୀଳକଣ୍ଠ'' ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରି ମୁଁ ଖ୍ରୀ:୧୯୮୪ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍ ଉପାଧି ଲାଭ କରିସାରିଛି । କିନ୍ତୁ ବହୁ ବିଘ୍ନ ମଧ୍ୟରେ ସନ୍ଦର୍ଭଟି ଏ ପର୍ଯ୍ୟନ୍ତ ମୁଦ୍ରିତ ହୋଇ ପାରିନାହିଁ । 'ନୀଳକଣ୍ଠଙ୍କ ସୃଷ୍ଟି ଓ ଦୃଷ୍ଟି' ଗ୍ରନ୍ଥ ଅନ୍ତର୍ଭୁକ୍ତ ପ୍ରବନ୍ଧଗୁଡ଼ିକ ସୁଧୀ ପାଠକ ସମାଜରେ ଆଦୃତ ହେଲେ ମୋର ଗବେଷଣାତ୍ମକ ସନ୍ଦର୍ଭ 'ସାହିତ୍ୟ ସାଧକ ପଣ୍ଡିତ ନୀଳକଣ୍ଠ'ର ପ୍ରକାଶନ ପାଇଁ ଉତ୍ସାହ ଓ ପ୍ରେରଣା ଲାଭ କରିବି ।

କୁମୁଦିନୀ ମିଶ୍ର

Digitized by PPRACHIN, SOA

# ସୂଚୀପତ୍ର


| | ବିଷୟ | ପୃଷ୍ଠା |
|---|---|---|
| ୧. | ଓଡ଼ିଶାରେ ନବ ଜାଗରଣର ଚେତନା ଓ ଓଡ଼ିଆ ସାହିତ୍ୟରେ ତାହାର ସ୍ୱରଲିପି | ୧ |
| ୨. | ନୀଳକଣ୍ଠ-ସାହିତ୍ୟ ସତ୍ୟବାଦୀ ଯୁଗ-ଚେତନାର ଶ୍ରେଷ୍ଠ ପ୍ରତିନିଧି | ୧୬ |
| ୩. | ନୀଳକଣ୍ଠଙ୍କ ଧର୍ମଚେତନା ଓ ଦାର୍ଶନିକ ଦୃଷ୍ଟିକୋଣ | ୨୩ |
| ୪. | 'ରାମଚଣ୍ଡୀଠାରେ ରାତି' ଓ ନୀଳକଣ୍ଠଙ୍କ କାବ୍ୟଚେତନା | ୪୨ |
| ୫. | ପ୍ରଣୟିନୀ କାବ୍ୟରେ ନୀଳକଣ୍ଠଙ୍କ ଅନୁବାଦ-କଳା-କୁଶଳତା | ୭୩ |
| ୬. | ସମୀକ୍ଷକ ନୀଳକଣ୍ଠ | ୯୫ |
| ୭. | ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ 'ଗୀତା' | ୧୧୦ |
| ୮. | ଭଞ୍ଜ ସାହିତ୍ୟର ପ୍ରସାର ଓ ପ୍ରଚାର କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା | ୧୫୦ |
| ୯. | ଓଡ଼ିଆ ସାହିତ୍ୟର କ୍ରମପରିଣାମ ଏକ ଅଧ୍ୟୟନ | ୧୬୨ |
| ୧୦. | ଓଡ଼ିଆ ଭାଷା ଓ ବ୍ୟାକରଣର ସ୍ୱାତନ୍ତ୍ର୍ୟରକ୍ଷା ଦିଗରେ ନୀଳକଣ୍ଠଙ୍କ ଉଦ୍ୟମ | ୧୮୩ |
| ୧୧. | ନୀଳକଣ୍ଠଙ୍କ ସଂସ୍କାର ଚେତନା | ୨୦୩ |
| ୧୨. | ନୀଳକଣ୍ଠଙ୍କ ସାହିତ୍ୟରେ ସ୍ୱଦେଶିକତା | ୨୩୧ |
| ୧୩. | ଭାକ୍ତିକ ମିଥ୍ୟା ଓ ପଣ୍ଡିତ ନୀଳକଣ୍ଠ | ୨୨୬ |
| ୧୪. | 'ନୀଳକଣ୍ଠ ଗ୍ରନ୍ଥାବଳୀ'ରେ ପ୍ରକାଶ ପାଇ ନଥିବା ରଚନାବଳୀର ତାଲିକା | ୨୪୯ |


Digitized by PPRACHIN, SOA

# ଓଡ଼ିଶାରେ ନବ ଜାଗରଣର ଚେତନା ଓ ଓଡ଼ିଆ ସାହିତ୍ୟରେ ତାହାର ସ୍ୱରଲିପି

କୌଣସି ଦେଶ ବା ଜାତି ପରାଜୟ ଓ ପତନର ଗ୍ଲାନିକର ପରିସ୍ଥିତି ଦେଇ ଗତି କରିବା ସମୟରେ କେତେକ ମହାପୁରୁଷ ଦେଶବାସୀଙ୍କଠାରେ ଆତ୍ମପ୍ରତ୍ୟୟ ଓ ଆତ୍ମପ୍ରତିଷ୍ଠାର ଭାବ ସଞ୍ଚାର ଲାଗି ଯେଉଁ ବୈପ୍ଲବିକ ଓ ସଂସ୍କାରବାଦୀ ପଦକ୍ଷେପ ଗ୍ରହଣ କରନ୍ତି ତାହା ସେହି ଦେଶରେ ନବ ଜାଗରଣର ଚେତନା ସୃଷ୍ଟି କରେ । ୟୁରୋପରେ ଏହିପରି ଏକ ଚେତନା ସୃଷ୍ଟି ହୋଇଥିଲା ଚତୁର୍ଦ୍ଦଶ ଶତାବ୍ଦୀଠାରୁ ଷୋଡଶ ଶତାବ୍ଦୀ ମଧ୍ୟରେ । ଏହି ସମୟରେ ୟୁରୋପୀୟମାନଙ୍କୁ ଚର୍ଚ୍ଚର ଆଧିପତ୍ୟ, ଧର୍ମାନ୍ଧତା, ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ ଓ ଅଶିକ୍ଷାଦିରୁ ମୁକ୍ତ କରିବା ପାଇଁ ଏବଂ ସେମାନଙ୍କଠାରେ ସାଂସ୍କୃତିକ ଚେତନା ଓ ଜାତୀୟତାବୋଧ ଉଦ୍ରେକ କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ପର୍ଯ୍ୟାୟରେ ବୁଦ୍ଧିଦୀପ୍ତ ଜନନାୟକମାନେ ଉଦ୍ୟମ କଲେ । ପ୍ରଥମେ ଇଟାଲିରେ ଓ ପରେ ପରେ ଫ୍ରାନ୍ସ, ଇଂଲଣ୍ଡ, ପଶ୍ଚିମ ୟୁରୋପରେ ଏହି ସଂସ୍କାରଧର୍ମୀ ଆନ୍ଦୋଳନର ସୂତ୍ରପାତ ଘଟି ମନୁଷ୍ୟର ଭାବଜଗତର ପ୍ରତ୍ୟେକ କ୍ଷେତ୍ରରେ ନୂତନ ଦିଗମାନ ଆବିଷ୍କୃତ ହେଲା । ଧର୍ମ ବିଷୟରେ ଲୋକଙ୍କର ଯେଉଁ ଅନ୍ଧବିଶ୍ୱାସ ରହିଥିଲା ତାହା ବିରୁଦ୍ଧରେ ଜନମତ ସୃଷ୍ଟି କରାଗଲା । ବୈଜ୍ଞାନିକ ଆବିଷ୍କାରମାନ ଜନମାନସକୁ ନୂତନ ଚିନ୍ତା ଓ ଚେତନାରେ ଉଦ୍‌ବୁଦ୍ଧ କଲା । ପ୍ରଗତିର ପଥରେ ଗତି କରିବାକୁ ହେଲେ ମନୁଷ୍ୟକୁ ପ୍ରଥମେ ଶିକ୍ଷିତ ହେବାକୁ ହେବ - ଏହି ଦୃଷ୍ଟିରୁ ସଭ୍ୟତା ଓ ସଂସ୍କୃତି ଉପଯୋଗୀ ଶିକ୍ଷା ଉପରେ ଗୁରୁତ୍ୱ ଦିଆଗଲା ।

ପ୍ରାଚୀନ ରୋମାନ୍ ଓ ଗ୍ରୀକ୍ ସାହିତ୍ୟରେ ସଂସ୍କୃତି ଓ ପ୍ରଗତିର ସକଳ ଉପାଦାନ ନିହିତ ଥିବାର ଲକ୍ଷ୍ୟକରି ନବ୍ୟଲେଖକବର୍ଗ ସେସବୁର ପୁନରୁଦ୍ଧାର ପୂର୍ବକ ନିଜ ନିଜ ଭାଷାରେ ତା'ର ଅନୁବାଦ କରିବାକୁ ଲାଗିଲେ । ମାର୍ଲୋ, ସେକ୍‌ସ୍‌ପିୟର ପ୍ରମୁଖ ସ୍ରଷ୍ଟାଗଣ ଇଂରାଜୀ ସାହିତ୍ୟର ଉନ୍ନତି କଳ୍ପେ ବ୍ରତୀ ହେଲେ । ଭର୍ଜିଲ, ସଫୋକ୍ଲିସ୍, ଇଉରିପାଇଡ୍‌ସ, ଅସ୍‌କାଇଲସ୍, ଆରିଷ୍ଟୋ ଫାନେସ୍ ପ୍ରଭୃତି ପ୍ରାଚୀନ କାଳର ଲେଖକବର୍ଗ ନବଯୁଗ ସାହିତ୍ୟ ସ୍ରଷ୍ଟାଙ୍କ ଆଦର୍ଶ ବିବେଚିତ ହେଲେ । ସାହିତ୍ୟର ପ୍ରକାଶଭଙ୍ଗୀରେ ମଧ୍ୟ ପରିବର୍ତ୍ତନ ଘଟିଲା । ଟ୍ରାଜେଡି, କମେଡି, ସନେଟ୍, ଓଡ୍,

Digitized by PPRACHIN, SOA

ଏଛିଜି, ପାଟ୍ରିଓଟିକ୍ ସଙ୍ଗ୍ ଆଦି ରଚନା କରାଯାଇ ନୂତନ ନାଟ୍ୟରୀତି ଓ ନୂତନ କାବ୍ୟରୀତିର ପ୍ରବର୍ତ୍ତନ କରାଗଲା । ମାନବିକ ଆବେଦନ ସାହିତ୍ୟକୁ ଜୀବନ୍ତ କରି ତୋଳିଲା ।

ଭାରତବର୍ଷରେ ଏଇଭଳି ଏକ ନବଜାଗରଣର ଚେତନା ସୃଷ୍ଟି ହୋଇଥିଲା ଉନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଯେତେବେଳେ ଭାରତୀୟମାନେ ପରାଧୀନତାର ଗ୍ଲାନି ବୋଧରେ ମ୍ରିୟମାଣ ହୋଇ ପଡିଥିଲେ । ଏହି ସମୟରେ ଇଂରେଜ ସରକାର ନବ୍ୟ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ କରିବା ଫଳରେ ନବ୍ୟ ଶିକ୍ଷିତ ଭାରତୀୟ ତରୁଣ ଗୋଷ୍ଠୀ ପାଶ୍ଚାତ୍ୟ ଭାବଧାରାରେ ଉଜ୍ଜୀବିତ ହୋଇ ରାଜନୀତିକ, ସାଂସ୍କୃତିକ ଓ ସାମାଜିକ କ୍ଷେତ୍ରରେ ସଚେତନ ଓ ଶକ୍ତିଧର ହେବାପାଇଁ ଦୃଢ଼ପ୍ରତିଜ୍ଞ ହେଲେ । ସଂଘବଦ୍ଧ ଭାବେ ମାନବକଲ୍ୟାଣମୂଳକ କାର୍ଯ୍ୟସାଧନ ଓ ଦେଶର ଉତ୍ତରୋତ୍ତର ଉନ୍ନତି ବିଧାନରେ ସେମାନେ ପ୍ରୟାସୀ ହେଲେ । ଜ୍ଞାନ ବିଜ୍ଞାନର ଚର୍ଚ୍ଚା ଏବଂ ବେଦ ଉପନିଷଦର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ଦ୍ୱାରା ସେମାନେ ଧର୍ମଦିଗରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ ଅବ୍ୟାହତ ରଖିଲେ । ତତ୍‌କାଳୀନ ସମାଜରେ ପ୍ରଚଳିତ ସମସ୍ତ କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ସ୍ୱର ଉତ୍ତୋଳନ ପୂର୍ବକ ସମାଜରେ ଏକ ସୁସ୍ଥ ଓ ନୂତନ ବାତାବରଣ ସୃଷ୍ଟି କଲେ । ପାଶ୍ଚାତ୍ୟ ରାଜନୀତିର ସଂସ୍ପର୍ଶରେ ଆସିବାରୁ ସେମାନଙ୍କ ରାଜନୀତିକ ଚେତନାରେ ମଧ୍ୟ ବିକାଶ ଘଟିଲା । ଫଳରେ ଭାରତର ସ୍ୱାଧୀନତା ନିମନ୍ତେ ସେମାନେ ଜାତୀୟ ଆନ୍ଦୋଳନ ଆରମ୍ଭ କରିଦେଲେ । ଶିକ୍ଷା ଓ ସାହିତ୍ୟର ଉନ୍ନତି କଳ୍ପେ ଦେଶରେ ବିଭିନ୍ନ ଅନୁଷ୍ଠାନ ଓ ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା କରାଗଲା । ବହୁ ସଭାସମିତି କରାଯାଇ ପରିବର୍ତ୍ତିତ ପରିସ୍ଥିତି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଗଲା । ପାଶ୍ଚାତ୍ୟ ମନୀଷୀଗଣ ନବ୍ୟଶିକ୍ଷିତ ଭାରତୀୟ ଯୁବଗୋଷ୍ଠୀଙ୍କ ସମ୍ମୁଖରେ ସଂଘବଦ୍ଧ ପ୍ରୟାସ ଜନିତ ସୁଫଳ ଲାଭର ଯେଉଁ ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ ତାହା ସେମାନଙ୍କୁ ଭାରତୀୟ ସଂସ୍କୃତିର ପୁନରୁଦ୍ଧାର ଲାଗି ପ୍ରେରଣା ଯୋଗାଇଥିଲା । ପରାଧୀନ ଭାରତବର୍ଷକୁ ସର୍ବତୋଭାବେ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଶିକ୍ଷିତ ଯୁବଗୋଷ୍ଠୀଙ୍କ ଏ ପ୍ରଚେଷ୍ଟା ସମଗ୍ର ଦେଶରେ ନବଜାଗରଣର ଚେତନା ସୃଷ୍ଟି କଲା ।

ଖ୍ରୀ: ୧୮୩୫ରେ ଲର୍ଡ ମେକ୍‌ଲେଙ୍କ Downward Filtration Theory, ଖ୍ରୀ: ୧୮୪୪ରେ ଲର୍ଡ ହାର୍ଡିଞ୍ଜଙ୍କ ମାତୃଭାଷା ମାଧ୍ୟମରେ ଶିକ୍ଷା ପ୍ରସାର ନୀତି, ଖ୍ରୀ: ୧୮୫୦ରେ ଉଡ୍‌ସ୍ ଡେସ୍‌ପାଚ୍ ଯୋଗେ ଜନସାଧାରଣଙ୍କ ଦ୍ୱାରା ଉଚ୍ଚ ଶିକ୍ଷାୟତନଗୁଡିକର ପରିଚାଳନା ଇତ୍ୟାଦି ପଦକ୍ଷେପ ଫଳରେ ପୂର୍ବ ନିର୍ଦ୍ଧାରିତ

Digitized by PPRACHIN, SOA

ଶିକ୍ଷାନୀତିର ସଂକୀର୍ଣ୍ଣତା ଦୂରହେଲା । ବିଭିନ୍ନ ପ୍ରଦେଶରେ ଭାଷା ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇ ମାତୃଭାଷା ମାଧମରେ ଜ୍ଞାନ ବିଜ୍ଞାନର ଚର୍ଚ୍ଚା କରାଗଲା । ଖ୍ରୀ: ୧୮୫୭ରେ କଲିକତା, ବମ୍ବେ ଓ ମାନ୍ଦ୍ରାଜରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା ।

ରାଜା ରାମମୋହନ ରାୟ (ଖ୍ରୀ : ୧୭୭୪-୧୮୩୩) ଭାରତୀୟ ନବଯୁଗର ଜନ୍ମଦାତା ରୂପେ ସମ୍ମାନିତ । ସେ ବ୍ରାହ୍ମଧର୍ମର ପ୍ରତିଷ୍ଠା କରି ଜାତୀୟଜୀବନର ସକଳ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଉଦ୍ୟମ କଲେ । ତାଙ୍କ ମୃତ୍ୟୁପରେ 'ବ୍ରାହ୍ମସମାଜ' ଦେଶରେ ନବଜାଗରଣ ଓ ସାମାଜିକ ପ୍ରଗତିର ବାର୍ତ୍ତାବହ ହେଲା । କେଶବ ଚନ୍ଦ୍ର ସେନ ଓ ତାଙ୍କ ସହଯୋଗୀଙ୍କ ପ୍ରଚେଷ୍ଟାରେ ଖ୍ରୀ: ୧୮୭୨ରେ National Marriage Act କାର୍ଯ୍ୟକାରୀ ହୋଇ ବାଲ୍ୟବିବାହ ଉଚ୍ଛେଦ ଓ ଅସବର୍ଣ୍ଣ ବିବାହ ପ୍ରଚଳନ ପାଇଁ ପଥ ସୁଗମ ହେଲା । ଖ୍ରୀ: ୧୮୮୦ରେ କେଶବ ଚନ୍ଦ୍ର 'ନବବିଧାନ' ସମାଜ ଗଠନ କରି ଆଦର୍ଶଚ୍ୟୁତ, ଧର୍ମନାମରେ ଭଣ୍ଡାମି ପ୍ରପୀଡିତ ସମାଜକୁ ରକ୍ଷା କରିବା ପାଇଁ ପ୍ରୟାସ କଲେ । ସତ୍ୟଧର୍ମର ପ୍ରସାର ଓ ନବଯୁଗର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଖ୍ରୀ: ୧୮୭୫ରେ ବମ୍ବେଠାରେ 'ଆର୍ଯ୍ୟସମାଜ' ସ୍ଥାପନ କଲେ । ସର୍ବୋପରି ଏହି ନବଯୁଗ ଚେତନାରେ ଉଦ୍‌ବୁଦ୍ଧ ଭାରତୀୟ ନେତୃବର୍ଗ ସ୍ୱଦେଶକୁ ବିଦେଶୀ ଶାସକଙ୍କ କବଳରୁ ମୁକ୍ତକରି ଦେଶରେ ଏକ ଶୋଷଣହୀନ ଲୋକପ୍ରତିନିଧିମୂଳକ ଶାସନ ପ୍ରତିଷ୍ଠାର ଲକ୍ଷ୍ୟ ନେଇ ଖ୍ରୀ: ୧୮୮୫ରେ 'ଭାରତୀୟ ଜାତୀୟ ମହାସଭା' ବା Indian National Congress ର ପ୍ରତିଷ୍ଠା କଲେ ।

ଭାରତୀୟ ଜନମାନସରେ ଏ ପ୍ରକାର ନବଜାଗରଣର ସ୍ୱର ଗୁଞ୍ଜରିତ ହେବାବେଳେ ଓଡିଶାବାସୀ ନିଜସ୍ୱ କେତେକ ସମସ୍ୟାର ସମାଧାନ ଲାଗି ଚିନ୍ତିତ ଥିଲେ । ଖ୍ରୀ. ୧୮୪୮ର ଭୟାବହ ବନ୍ୟା, ଖ୍ରୀ ୧୮୬୫-୬୬ର ନଅଙ୍କ ଦୁର୍ଭିକ୍ଷର କରାଳ ପରିସ୍ଥିତି, ଖ୍ରୀ. ୧୮୪୦ ରୁ ୧୮୬୯ ପର୍ଯ୍ୟନ୍ତ ଓଡିଆ ଭାଷାର ବିଲୋପ ସାଧନ ପାଇଁ ବଂଗୀୟ ପଦସ୍ଥ କର୍ମକର୍ତ୍ତାଙ୍କ ଉଦ୍ୟମ ଏବଂ ବିଭିନ୍ନ ସମୟରେ ଓଡିଶାର କେତେକ ଅଞ୍ଚଳକୁ ବିଚ୍ଛିନ୍ନ କରି ପଡୋଶୀ ରାଜ୍ୟମାନଙ୍କ ସହ ମିଶାଇ ଦିଆଯାଇଥିବା ଘଟଣାଗୁଡିକ ଓଡ଼ିଶାବାସୀଙ୍କ ଚିତ୍ତକୁ ନୈରାଶ୍ୟ ଓ ଦୈନ୍ୟବୋଧର ଅବସାଦରେ ପୂର୍ଣ୍ଣ କରିଥିଲା । ଫଳରେ ଖ୍ରୀ. ୧୮୭୦ ପର୍ଯ୍ୟନ୍ତ ଉତ୍କଳବାସୀ ଭାରତୀୟ ନବଜାଗରଣର ଚେତନା ସହ ନିଜକୁ ସାମିଲ କରିପାରି ନ ଥିଲେ ।

ମାତୃଭାଷାର ରକ୍ଷା ପାଇଁ ଖ୍ରୀ. ୧୮୬୬ ମସିହାରେ କର୍ମବୀର ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା'ର ପ୍ରକାଶନଠାରୁ ମାତୃଭୂମିର ରକ୍ଷା ପାଇଁ

Digitized by PPRACHIN, SOA

ଖ୍ରୀ. ୧୯୦୩ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା 'ଉତ୍କଳ ସମ୍ମିଳନୀ'ର ଆୟୋଜନ ପର୍ଯ୍ୟନ୍ତ ସମସ୍ତ ଜାତୀୟ କ୍ରିୟାକଳାପକୁ ଆମେ ଓଡିଶାରେ ନବଜାଗରଣର ଆବାହନୀ ପର୍ବ ଭାବେ ଗ୍ରହଣ କରି ପାରିବା । 'ଉତ୍କଳ ଦୀପିକା'ଓ 'ବାଲେଶ୍ୱର ସମ୍ବାଦ ବାହିକା' (ଖ୍ରୀ. ୧୮୬୮) ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଉଚିତ ପଦକ୍ଷେପ ନେବାବେଳେ 'ଉତ୍କଳ ପୁତ୍ର' (ଖ୍ରୀ. ୧୮୭୩), 'ବିଦେଶୀ' (ଖ୍ରୀ. ୧୮୭୩), 'ଉତ୍କଳ ସଂସ୍କାର' (୧୮୭୦) ଆଦି ପତ୍ରିକା ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିବାପୂର୍ବକ ନୂତନ ମତବାଦର ପ୍ରଚାର ପାଇଁ ଓଡ଼ିଶାବାସୀଙ୍କ ହୃଦୟରେ ଚାଞ୍ଚଲ୍ୟ ସୃଷ୍ଟି କଲେ । ଉନ୍‌ବିଂଶ ଶତାବ୍ଦୀର ଶେଷ ଦୁଇ ଦଶକରେ, ପ୍ରକାଶିତ 'ନବ ସମ୍ବାଦ', 'ସମ୍ବଲପୁର ହିତୈଷିଣୀ', 'ପ୍ରଦୀପ', 'ଶିକ୍ଷାବନ୍ଧୁ', 'ଆଶା', 'ଉତ୍କଳପ୍ରଭା', 'ଉତ୍କଳବନ୍ଧୁ', 'ଇନ୍ଦ୍ରଧନୁ', 'ବିଜୁଳି' ଓ 'ଉତ୍କଳ ସାହିତ୍ୟ' ଆଦି ପତ୍ରପତ୍ରିକା ଓଡିଶାରେ ଏକ ବୃହତ୍ତର ପାଠକଗୋଷ୍ଠୀ ସୃଷ୍ଟି କରିବାରେ ସମର୍ଥ ହେଲେ । ଏହି ପତ୍ରପତ୍ରିକାଗୁଡିକର ପ୍ରକାଶନ ଲାଗି କଟକ ପ୍ରିଣ୍ଟିଂ ପ୍ରେସ, ଉତ୍କଳ ପ୍ରିଣ୍ଟିଂ କୋ., ବାଲେଶ୍ୱର ଦେ ପ୍ରେସ, ବାମଣ୍ଡା ପ୍ରେସ ଆଦି ମୁଦ୍ରଣଯନ୍ତ୍ରର ଅବଦାନ ସ୍ୱୀକାର୍ଯ୍ୟ ।

ଓଡ଼ିଶାର ପଡୋଶୀରାଜ୍ୟ ପଶ୍ଚିମବଙ୍ଗରେ ଖ୍ରୀ. ୧୮୩୦ରୁ ନବଜାଗରଣର ଯେଉଁ ସ୍ୱର ଉତ୍ତୋଳିତ ହୋଇଥିଲା ଖ୍ରୀ. ୧୮୭୦ ବେଳକୁ ତାହାର ପ୍ରଭାବ ଓଡିଶାରେ ପରିଲକ୍ଷିତ ହେଲା । ଏହାର ଦୃଷ୍ଟାନ୍ତ ରୂପେ ଆମେ ବିଶ୍ୱନାଥ କର, ମଧୁସୂଦନ ରାଓ ପ୍ରମୁଖଙ୍କ ବ୍ରାହ୍ମଧର୍ମ ଗ୍ରହଣ; କୃଷ୍ଣପ୍ରସାଦ ଚୌଧୁରୀ, ଶ୍ରୀବସ ପଣ୍ଡା, ଫକୀର ମୋହନ ସେନାପତି, ସାଧୁଚରଣ ରାୟ, ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରମୁଖଙ୍କ ସଂସ୍କାର ଧର୍ମୀ ରଚନା, ସାମନ୍ତ ଚନ୍ଦ୍ରଶେଖରଙ୍କ 'ସିଦ୍ଧାନ୍ତ ଦର୍ପଣ'ର ବୈଜ୍ଞାନିକ ସିଦ୍ଧାନ୍ତ ଏବଂ ଓଡିଶାର ସର୍ବାଙ୍ଗୀନ ଉନ୍ନତି କଳ୍ପେ ଶିକ୍ଷିତ ଯୁବଗୋଷ୍ଠୀଙ୍କ ଦ୍ୱାରା ବହୁ ସଭାସମିତିର ପ୍ରତିଷ୍ଠା ଆଦି କାର୍ଯ୍ୟାବଳୀକୁ ଗ୍ରହଣ କରିପାରିବା ।

'ଉତ୍କଳ ସମ୍ମିଳନୀ' ବିଂଶ ଶତାବ୍ଦୀର ଓଡ଼ିଶା ଇତିହାସରେ ପ୍ରଥମ ଦୀପ୍ତିମୟ ଘଟଣା । ଏହାର ପ୍ରଥମ ଅଧିବେଶନ ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଦେଓଙ୍କ ପୌରୋହିତ୍ୟରେ ଖ୍ରୀ. ୧୯୦୩ ଡିସେମ୍ବର ୩୦-୩୧ ତାରିଖରେ କଟକର ଇଦ୍‌ଗାହ ପଡିଆରେ ଅନୁଷ୍ଠିତ ହେଲା । ବିଚ୍ଛିନ୍ନ ଓଡିଆଭାଷୀ ଅଞ୍ଚଳକୁ ଏକଶାସନାଧୀନ କରିବା ଏ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲେ ହେଁ ଜାତିର ସମୂହ କଲ୍ୟାଣ ଓ ଅଗ୍ରଗତି ଏହାର ଲକ୍ଷ୍ୟ ଥିଲା । ଓଡିଶାର ପ୍ରଥମ ଜାତୀୟ ଅନୁଷ୍ଠାନ ଭାବେ ଏହା ପାଞ୍ଚଗୋଟି ଉଦ୍ଦେଶ୍ୟ ନେଇ କାର୍ଯ୍ୟ ଆରମ୍ଭ କରିଥିଲା । ସେଗୁଡ଼ିକ ହେଲା- ଓଡିଶା ପ୍ରଦେଶରେ

Digitized by PPRACHIN, SOA

ବାସ କରୁଥିବା ଭିନ୍ନ ଜାତିମାନଙ୍କ ମଧ୍ୟରେ ଐକ୍ୟ ଓ ପରସ୍ପର ସ୍ନେହଭାବ ସଂସ୍ଥାପନ, କୃଷି, ବାଣିଜ୍ୟ ଓ ଶିଳ୍ପାଦିର ବୃଦ୍ଧି, ଉତ୍କଳବାସୀଙ୍କ ଶିକ୍ଷାର ଉନ୍ନତି, ଭାଷା ଓ ସାହିତ୍ୟର ଉନ୍ନତି ଏବଂ ସମାଜ ସଂସ୍କାର । (+) ଏ ପାଞ୍ଚଗୋଟି ଉଦ୍ଦେଶ୍ୟ ନବ ଜାଗରଣର ସ୍ୱାକ୍ଷର ବହନ କରେ ।

ଊନବିଂଶ ଶତାବ୍ଦୀର ଶେଷ ତିନିଦଶକରେ ଜାତିଧର୍ମ ନିର୍ବିଶେଷରେ ଏକ ନବୋଦ୍‌ଥିତ ଯୁବଶକ୍ତିର ଆବିର୍ଭାବ ଘଟିଲା, ଯେଉଁମାନଙ୍କ ପୂର୍ବପୁରୁଷ ଓଡ଼ିଶାର ଅଧିବାସୀ ନଥିଲେ ମଧ୍ୟ ସେମାନେ ନିଜେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି କଳ୍ପେ ପ୍ରୟାସୀ ହେଲେ । ସେମାନଙ୍କ ମଧ୍ୟରୁ କର୍ମବୀର ଗୌରୀଶଙ୍କର ରାୟ, କବିବର ରାଧାନାଥ ରାୟ, ଔପନ୍ୟାସିକ ଓ ନାଟ୍ୟକାର ରାମଶଙ୍କର ରାୟ, ଔପନ୍ୟାସିକ ଉମେଶ ଚନ୍ଦ୍ର ସରକାର, ଭକ୍ତ କବି ମଧୁସୂଦନ ରାଓ ପ୍ରମୁଖ 'ଅସି ଠାରୁ ମସି ବଡ' ନ୍ୟାୟରେ ଓଡିଶାରେ ନବଯୁଗ ଚେତନାର ପ୍ରସାର ଲାଗି ନିଜ ନିଜ ଲେଖନୀକୁ ଆଶ୍ରୟ କଲେ, 'ଉତ୍କଳଦୀପିକା'ର ସଂପାଦକ ଭାବେ ଗୌରୀଶଙ୍କର ତତ୍‌କାଳୀନ ଜାଗରଣର ବାର୍ତ୍ତାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କଲେ ।

କବିବର ରାଧାନାଥ ପ୍ରଥମକରି ଓଡ଼ିଆ ପାଠକଙ୍କୁ ଗତାନୁଗତିକ ଚିନ୍ତାଧାରାରୁ ମୁକ୍ତି କରି ନୂତନ ଭାବ ଗ୍ରହଣ ଲାଗି ଅନୁପ୍ରାଣିତ କଲେ । ଜାତୀୟତାବୋଧ ଓ ସଂସ୍କାର ଭାବ ଯାହା ନବଯୁଗ ଚେତନାର ଦୁଇଗୋଟି ମୁଖ୍ୟ ପ୍ରବୃତ୍ତି ରୂପେ ଦେଖା ଦେଇଥିଲା, ଓଡିଆ ସାହିତ୍ୟରେ, ତାହାର ଆଦି-ପ୍ରବର୍ତ୍ତକ ଥିଲେ କବିବର ରଧାନାଥ । ବିଦେଶୀ ସାହିତ୍ୟର କଥାବସ୍ତୁ ଓ ଭାବଧାରାକୁ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ ଓ ଭୌଗୋଳିକ ପରିସ୍ଥିତି ସହ ଏକାତ୍ମ କରି ସେ ଯେ କାବ୍ୟ ରଚନାରେ ପ୍ରବୃତ୍ତ ହେଲେ ସେତିକି ନୁହେ ତାଙ୍କ କାବ୍ୟଗୁଡ଼ିକରେ ସେ ନୂତନ କାବ୍ୟିକ ଭାଷାର ପ୍ରୟୋଗ, ଉପଧା ମିଳନ, ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ମାନବିକ ଆବେଦନ ସୃଷ୍ଟି କରି ଓଡିଶା ସାହିତ୍ୟରେ ନବଯୁଗ କାବ୍ୟ-ଚେତନାର ଅଭ୍ୟୁଦୟ ଘଟାଇଲେ ।

ଭକ୍ତକବି ମଧୁସୂଦନ ରାଓ ଖ୍ରୀ. ୧୮୭୦ରେ ବ୍ରାହ୍ମଧର୍ମ ଗ୍ରହଣ କରି ଖ୍ରୀ. ୧୮୭୯ରେ 'ଉତ୍କଳ ବ୍ରାହ୍ମ ସମାଜ'ର ସମ୍ପାଦକ ହେଲେ । ଖ୍ରୀ. ୧୮୭୦ରେ କେଶବଚନ୍ଦ୍ର ବିଲାତରୁ ଫେରିବା ପରେ ବ୍ରାହ୍ମସମାଜ କାର୍ଯ୍ୟପ୍ରଣାଳୀ ଦୁଇ ଧାରାରେ ଗତି କରିଥିଲା- ସାମାଜିକ ତଥା ମାନବିକ କ୍ରିୟାକଳାପର ସଂସ୍କାର ଏବଂ ବ୍ୟକ୍ତିଗତ

+ ଉତ୍କଳ ଦୀପିକା- ୩୯/୫୧, ତା ୩୧/୧୨/୧୯୦୪ ଦ୍ରଷ୍ଟବ୍ୟ

Digitized by PPRACHIN, SOA

ତଥା ଗୋଷ୍ଠୀଗତ ଆଧ୍ୟାତ୍ମିକ ଜୀବନର କ୍ରମୋନ୍ନତି ସାଧନ । ଏ ଉଭୟ ଧାରାକୁ ପରିପୁଷ୍ଟ କରିବା ପାଇଁ ମଧୁସୂଦନଙ୍କ ଲେଖନୀ ସହାୟକ ହୋଇଥିଲା । 'ପତିତାରମଣୀ' (+) ଓ 'ନବଯୁଗ' (++) ଆଦି କବିତାରେ ପ୍ରଥମୋକ୍ତ ଭାବ ଧାରା ବ୍ୟକ୍ତ ହେବାବେଳେ 'ଜୀବନଚିନ୍ତା', 'ଋଷିପ୍ରାଣେ ଦେବାବତରଣ', 'ହିମାଚଳେ ଉଦୟଉତ୍ସବ' (+++) ଆଦି କବିତାରେ ଶେଷୋକ୍ତ ଉଦ୍ଦେଶ୍ୟ ସାଧିତ ହେଲା । 'ଉତ୍କଳ ସଙ୍ଗୀତ' କବିତା ରଚନା କରି ସେ ପୁଣି ଉତ୍କଳବାସୀଙ୍କୁ ନବଚେତନାରେ ଦୀକ୍ଷିତ କରାଇ ଲେଖିଲେ- "ଏବେ ଦେଖ ବ୍ରିଟିଶ୍ ସୁରାଷ୍ଟ୍ରେ

ଧୀରେ ଲଭି ନବଚେତନା
ପଞ୍ଜାବରେ ବଙ୍ଗେ ମହାରାଷ୍ଟ୍ରେ
ଲାଗିଛି କର୍ମର ସାଧନା
ଅଳସ ନିଶ୍ଚେଷ୍ଟ ମ୍ରିୟମାଣ
ଉତ୍କଳୀୟେ ନ ରହ ଆଉ
କର୍ମର ସାଧନେ ଦିଅ ଦିଅ ପ୍ରାଣ
ଲାଜହୀନତା ଚାଲିଯାଉ ।"

ଶିକ୍ଷା ବିଭାଗରେ କାର୍ଯ୍ୟ କରି ରାଧାନାଥ ଓ ମଧୁସୂଦନ ଓଡ଼ିଆ ପାଠ୍ୟ ପୁସ୍ତକର ଯେଉଁ ଅଭାବ ଲକ୍ଷ୍ୟ କରିଥିଲେ ତାହାର ପୂରଣ ଲାଗି ଦୁହିଁଙ୍କ ସମ୍ମିଳିତ ପ୍ରଚେଷ୍ଟାରେ ପ୍ରକାଶ ପାଇଲା 'କବିତାବଳୀ' । ଏ ପୁସ୍ତକ ସହ ମଧୁସୂଦନଙ୍କ ରଚିତ 'ପ୍ରବନ୍ଧମାଳା', 'ଛାନ୍ଦମାଳା', 'ବର୍ଣ୍ଣବୋଧ', ଫକୀରମୋହନଙ୍କ ରଚିତ 'ଭାରତବର୍ଷର ଇତିହାସ' (୧ମ ଓ ୨ୟ ଭାଗ) ଓଡ଼ିଆ ଛାତ୍ରମାନଙ୍କୁ ନବ୍ୟଧାରାରେ ଶିକ୍ଷାଲାଭ ପାଇଁ ଅନୁପ୍ରାଣିତ

---

\+ ପତିତା ହେଲେ ହେଁ ନାରୀ ମୋହରି ତନୟା
ଉଦ୍ଧାରିବି ତାକୁ କ୍ଷଣେ ଦେଇ ମୁକ୍ତି ମଣି
ମୋ କନ୍ୟା ମୋହରି ହେବ ଲଭି ମୋର ଦୟା
ସତୀତ୍ୱ ଦେବୀତ୍ୱ ତାର ଲଲାଟେ ଲିଖିତ
କେ ତାକୁ ସେଥିରୁ ବିଶ୍ୱେ କରିବ ବଞ୍ଚିତ । (ପତିତା ରମଣୀ)

++ ତେଜି ମୋହ ନିଦ୍ରା ବହନ ଉଠ ଉତ୍କଳବାସୀ
କୁସଂସ୍କାର-ନାଗପାଶକୁ ଜ୍ଞାନ-ଖଡ୍ଗେ ବିନାଶି (ନବଯୁଗ)

+++ ଜଡ ଜୀବ ସମ୍ମିଳିତ ଅଚ୍ଛେଦ୍ୟ ବନ୍ଧନେ
ବିଶ୍ୱନାଡୀ-ମୂଳାଧାର ଅନାଦି ଚରଣେ
ମୋ ପ୍ରାଣ ବିଲୀନ ହେଲା ପ୍ରକୃତିର ପ୍ରାଣେ
ପ୍ରକୃତିର ପ୍ରାଣ ଉଚ୍ଛ୍ୱସିତ ମୋ ପରାଣେ । (ହିମାଚଳେ ଉଦୟ ଉତ୍ସବ)

Digitized by PPRACHIN, SOA

କଲା । ମଧୁସୂଦନ ପୁଣି. ଚତୁର୍ଦ୍ଦଶପଦୀ କବିତା, ସମ୍ବୋଧଗୀତି, ଶୋକଗୀତିକା, ଦେଶାତ୍ମବୋଧକ କବିତା ରଚନା କରି ଓଡ଼ିଆ କବିତାରେ ନୂତନ ରୀତିର ପ୍ରବର୍ତ୍ତନ କଲେ ।

ନବଜାଗରଣ ସହ ସଂସ୍କାର ଚେତନାର ସମ୍ପର୍କ ନିବିଡ଼ । ତେଣୁ ପ୍ରାଚ୍ୟ-ପାଶ୍ଚାତ୍ୟ ଚିନ୍ତ ସଂଘର୍ଷର ପରିଣତି ସ୍ୱରୂପ ଓଡ଼ିଶାର ଶିକ୍ଷିତ ଯୁବଗୋଷ୍ଠୀ ଏକ ନୂତନ ଜୀବନବୋଧରେ ଉଦ୍‌ବୁଦ୍ଧ ହୋଇ ଜୀବନର ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଆନ୍ଦୋଳନ ଆରମ୍ଭ କରିଦେଲେ । ଯୁବମାନସରେ ଏହି ସଂସ୍କାର ଚେତନାକୁ ବଳବତ୍ତର କରିବା ପାଇଁ ବ୍ୟାସକବି ଫକୀରମୋହନ ସେନାପତି ସାଜିଲେ କଥାସମ୍ରାଟ । ସମସାମୟିକ ସମାଜର ପ୍ରାଣସ୍ପନ୍ଦନ ଓ ବ୍ୟକ୍ତିଗତ ଜୀବନର ବହୁବିଧ ଅନୁଭୂତିରୁ ରସ ଆହରଣ ପୂର୍ବକ ସେ ଯେଉଁ ଗଳ୍ପ ଉପନ୍ୟାସ ସୃଷ୍ଟି କଲେ ସେଗୁଡ଼ିକ ଆତ୍ମିକ, ଓ ଆଙ୍ଗିକ ରୂପ ବିଭବରେ ଯେପରି ଅନୁପମ ନବଯୁଗ ଚେତନାର ପରିପ୍ରକାଶରେ ସେହିପରି ସମୁଜ୍ଜ୍ୱଳ । ଖ୍ରୀ: ୧୮୯୮ରେ ରଚିତ ତାଙ୍କର ପ୍ରଥମ ଗଳ୍ପ 'ରେବତୀ' ଠାରୁ ଆରମ୍ଭ କରି ଖ୍ରୀ: ୧୯୧୬ରେ ରଚିତ ଶେଷଗଳ୍ପ 'ଗାରୁଡ଼ିମନ୍ତ୍ର' ପର୍ଯ୍ୟନ୍ତ ଅନୁଧ୍ୟାନ କଲେ ଜଣାଯାଏ, ସେ ସବୁର ବିଷୟବସ୍ତୁ ଉନବିଂଶ ଶତାବ୍ଦୀର ଶେଷ ତିନି ଦଶକରେ ଓଡ଼ିଶାର ସାମାଜିକ ଜୀବନକୁ କେନ୍ଦ୍ର କରି ପରିକଳ୍ପିତ । ଏସବୁ ଗଳ୍ପରେ ଫକୀରମୋହନ ପରମ୍ପରାଗତ ଓ ନୂତନ ସୃଷ୍ଟି ଉଭୟ କୁସଂସ୍କାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କଲେ । 'ରେବତୀ', 'ଧୂଳିଆବାବା', 'ବୀରେଇ ବିଶାଳ' 'ମାଧମହାନ୍ତିଙ୍କ କନ୍ୟାସୁନା', ଗଳ୍ପରେ ଗାଳ୍ପିକ ନାରୀଶିକ୍ଷା ପ୍ରତି ରକ୍ଷଣଶୀଳ ବ୍ୟକ୍ତିମାନଙ୍କ ପ୍ରତିକୂଳ ମତ, ଧର୍ମ ନାମରେ ବ୍ୟଭିଚାର, ଧନ ଲୋଭରେ କନ୍ୟା ବିକ୍ରୟ ଆଦି ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଆକ୍ଷେପ କରିବା ସହ 'ପେଟେଣ୍ଟ ମେଡିସିନ୍', 'ଡାକ ମୁନ୍‌ସୀ', 'ସଭ୍ୟ ଜମିଦାର', ଗଳ୍ପରେ ସ୍ୱଳ୍ପ ଶିକ୍ଷିତ ଯୁବକମାନଙ୍କ ମଦ୍ୟପାନ, ବେଶ୍ୟାସକ୍ତି, ଗୁରୁଜନଙ୍କ ପ୍ରତି ଅବଜ୍ଞା ଓ ବିଳାସପୂର୍ଣ୍ଣ ଜୀବନ ଯାପନର ବର୍ଣ୍ଣନା କରି ଆଧୁନିକ ଶିକ୍ଷା ନାମରେ ପାଶ୍ଚାତ୍ୟ ଚଳଣିର ଅନ୍ଧାନୁକରଣ ସମ୍ପର୍କରେ ଓଡ଼ିଆ ପାଠକମାନଙ୍କୁ ସଚେତନ କରିଦେଲେ ।

ସ୍ୱରଚିତ ଚାରିଗୋଟି ଉପନ୍ୟାସ- 'ଲଛମା', 'ଛମାଣ ଆଠଗୁଣ୍ଠ', 'ମାମୁଁ' ଓ 'ପ୍ରାୟଶ୍ଚିତ୍ତ'ରେ ଫକୀରମୋହନ ଆମକୁ କ୍ରମାନ୍ୱୟରେ ଖ୍ରୀ: ୧୭୨୦ ଠାରୁ ଖ୍ରୀ: ୧୯୧୫ ପର୍ଯ୍ୟନ୍ତ ପ୍ରାୟ ଦୁଇଶହ ବର୍ଷ ମଧ୍ୟରେ ଓଡ଼ିଶାର ସାମାଜିକ ଜୀବନର ଶୋଷଣ-ପୀଡ଼ନ, ଉତ୍‌ଥାନ-ପତନ ସହ ପରିଚିତ କରାଇଲେ । ଓଡ଼ିଆ ସମାଜର ବିଭିନ୍ନ

Digitized by PPRACHIN, SOA

ସ୍ତରର ଲୋକଙ୍କ ଜୀବନ-ଇତିହାସ ପାଠକରି ଆମେ ନିଜ ଜାତିକୁ ଚିହ୍ନିଲୁ, ଏହାର ଭଲ ମନ୍ଦ ଉଭୟ ଦିଗପ୍ରତି ସଚେତନ ହେଲୁ । କଥାସମ୍ରାଟଙ୍କ ଲେଖନୀ ମୁନରେ ଓଡ଼ିଆ ପ୍ରାଣର ପ୍ରକୃତ ଭାଷା ଜୀବନ୍ୟାସ ଲାଭକଲା । ଖାଣ୍ଟି ଓଡ଼ିଆ ପଦ୍ୟଭାଷା ସୃଷ୍ଟିରେ ସାରଳା ଦାସ ଓ ଜଗନ୍ନାଥ ଦାସଙ୍କ ପରି ଖାଣ୍ଟି ଓଡ଼ିଆ ଗଦ୍ୟ ଭାଷା ବିନ୍ୟାସରେ ଫକୀରମୋହନ ହେଲେ ଅପ୍ରତିଦ୍ୱନ୍ଦ୍ୱୀ ଶିଳ୍ପୀ ।

ପୁରାତନକୁ ନୂତନ ଭାବରେ ଉପସ୍ଥାପନ କରିବା ଥିଲା ନବଯୁଗଚେତନାର ଅନ୍ୟତମ ବୈଶିଷ୍ଟ୍ୟ, ଯାହା ଗଙ୍ଗାଧରଙ୍କ ରଚନାର ଛତ୍ରେଛତ୍ରେ ପରିଲକ୍ଷିତ । ଭାରତୀୟ ସଂସ୍କୃତିର ଗନ୍ତାଘର ରାମାୟଣ ଓ ମହାଭାରତରୁ ବିଷୟବସ୍ତୁ ଗ୍ରହଣ କରି ସେ ଯେଉଁ କାବ୍ୟସୌଧ ନିର୍ମାଣ କଲେ ସେଥିରେ ପରମ୍ପରା ଓ ପ୍ରଗତିର, ଆଦର୍ଶ ଓ ବାସ୍ତବତାର, ଅନୁକୃତି ଓ ମୌଳିକତାର ମଧୁର ସମନ୍ୱୟ ଘଟିଲା । ଫଳରେ ତାଙ୍କର ପ୍ରତ୍ୟେକଟି କାବ୍ୟ ହେଲା ମାନବୀୟ ରସ ଓ ମାନବୀୟ ଚେତନାରେ ପରିପୂର୍ଣ୍ଣ । ନବଜାଗରଣର ଦୁଇଗୋଟି ମୁଖ୍ୟ ଆଭିମୁଖ୍ୟ- ସାହିତ୍ୟ ସେବା ଓ ସ୍ୱଦେଶ ସେବା ଥିଲା ଗଙ୍ଗାଧରଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ । ତେଣୁ ତାଙ୍କ କଲମରୁ ସ୍ୱତଃ ଝରି ପଡିଥିଲା-

''ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?''

ସ୍ୱଭାବ କବି ଗଙ୍ଗାଧର 'ପ୍ରଣୟ ବଲ୍ଲରୀ', 'କୀଚକ ବଧ', 'ତପସ୍ୱିନୀ', 'ଇନ୍ଦୁମତୀ', 'ଅଯୋଧ୍ୟା ଦୃଶ୍ୟ' ଆଦି କାବ୍ୟରେ ପୁରାଣର ଆଖ୍ୟାନକୁ ନୂତନ ରୂପଦାନ କରିବାବେଳେ ପଲ୍ଲୀକବି ନନ୍ଦକିଶୋର ଲୌକିକ ସଂସ୍କୃତିକୁ ନୂତନ ରୂପେ ଉପସ୍ଥାପନ କଲେ । ପଲ୍ଲୀର ପ୍ରକୃତି, ଗ୍ରାମୀଣ ପରମ୍ପରା ତାଙ୍କ ଲେଖନୀରେ ଜୀବନ୍ତ ହୋଇ ଉଠିଲା । ପୁରାତନ ସାମାଜିକ ଚଳଣି ଓ ଲୋକବିଶ୍ୱାସ ମଧ୍ୟରେ ଯେ ଉନ୍ନତ ସମାଜ ଗଠନ ଲାଗି ଉପାଦାନ ଭରି ରହିଛି ତାର ସୂଚନା ମିଳିଲା ତାଙ୍କ ରଚିତ 'ନବବର୍ଷା ଭାବନା' ଓ 'କାକବାରତା' ଆଦି କବିତାରୁ । (୧) ଉତ୍କଳ ଭୂମିକୁ ନୂତନ ଭାବେ ଗଢ଼ିତୋଳିବା ପାଇଁ ଆକାଂକ୍ଷା ପ୍ରକାଶ କରି ସେ ଦେବୀ ବୀଣାପାଣିଙ୍କୁ ପ୍ରାର୍ଥନା କଲେ-

''ମୃତ ସଂଜୀବନୀ ତୋ ବିଦ୍ୟା ଉତ୍କଳେ
ବଞ୍ଚାଅ ଭାରତି ! ମୃତ ଉତ୍କଳେ,
ଜାତି ସଙ୍ଗଠନ ସୁମନ୍ତ୍ର ପଢ଼ି
ଅବିଦ୍ୟା ଆଳସ୍ୟ ଦିଅ ମା ତଡ଼ି ।

Digitized by PPRACHIN, SOA

ଉଠୁ ଏ ପ୍ରାଚୀନ ଦେଶ
ଉନ୍ନତ ସମାଜେ ପାଉ ଉଚ୍ଚ ସ୍ଥାନ
ଧରଣୀ ନବୀନ ବେଶ ।'' (୨)

ରାଧାନାଥୀ ଯୁଗର ଓଡିଆ ସାହିତ୍ୟରେ ନବଜାଗରଣର ଯେଉଁ ସ୍ୱର ଗୁଞ୍ଜରିତ ହୋଇଥିଲା, ସତ୍ୟବାଦୀ ଯୁଗରେ ତାହା ତୀବ୍ରତର ହେଲା । ସତ୍ୟାନୁସନ୍ଧାନ ଓ କର୍ମପ୍ରବଣତା, ଶିକ୍ଷା ଓ ସଂସ୍କାର, ନୈତିକତା ଓ ସାଧୁତା, ମାନବିକତାବୋଧ ଓ ସ୍ୱଦେଶପ୍ରୀତି, ଐତିହ୍ୟବୋଧ ଓ ହେତୁବାଦୀ ଚେତନା ନବଜାଗରଣର ଏ ସମସ୍ତ ବିଭବ ସତ୍ୟବାଦୀ ଗୋଷ୍ଠୀଙ୍କ ରଚନାକୁ ଅଭିଷିକ୍ତ କଲା । ଫଳରେ ଓଡିଆ ସାହିତ୍ୟର ଇତିହାସରେ ସତ୍ୟବାଦୀ ଯୁଗ (୧୯୦୯-୧୯୨୧) 'ନବଜାଗରଣର ଯୁଗ' ବା 'The Age of Renaissance'ରୂପେ ସ୍ୱୀକୃତି ଲାଭ କଲା ।

ସତ୍ୟବାଦୀ ଯୁଗର ପଞ୍ଚସଖା — ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ ଓ ଆଚାର୍ଯ୍ୟ ହରିହର ଥିଲେ ସତ୍ୟ ଅନୁସନ୍ଧିତ୍ସୁ । ''ଋତଂ ବଦିଷ୍ୟାମି, ସତ୍ୟଂ ବଦିଷ୍ୟାମି'' ଥିଲା ସେମାନଙ୍କ ଜୀବନର ଶ୍ରେଷ୍ଠ ବ୍ରତ । ସତ୍ୟ ସାଧନାକୁ ସମସ୍ତ ଉନ୍ନତିର ମୂଳମନ୍ତ୍ର ଭାବେ ଗ୍ରହଣ କରି ଗୋପବନ୍ଧୁ କହିଲେ — ''ମାନବ ସତ୍ୟ ସୃଷ୍ଟି କରେ ନାହିଁ, ଆବିଷ୍କାର କରେ । ସତ୍ୟ ନିତ୍ୟ, ସତ୍ୟ ସନାତନ, ଆତ୍ମା ଅବିନଶ୍ୱର - ଏହା ଅଧ୍ୟାତ୍ମ ଜଗତରେ ଯେପରି ଏକ ସତ୍ୟ, ବସ୍ତୁ ଅବିନାଶୀ- ଏହା ଜଡ ଜଗତରେ ସେହିପରି ଏକ ସତ୍ୟ । ମାଧ୍ୟାକର୍ଷଣ ଆଦି ନିୟମମାନ ଭୌତିକ ଜଗତରେ ଯେପରି ଏକ ସତ୍ୟ, ସମସ୍ତ ମାନବ ସମାନ ଏହି ସାମ୍ୟବାଦୀ ନୀତି ମନୁଷ୍ୟ ସମାଜରେ ସେହିପରି ଅନ୍ୟତମ ସତ୍ୟ । X X X ଯେଉଁ ଜାତି ବା ଦେଶ ଯେଉଁ ପରିମାଣରେ ଏହି ସମସ୍ତ ସତ୍ୟର ଆବିଷ୍କାର କରିଅଛି ଏବଂ ଅପର ଦେଶ ବା ସମୟର ଆବିଷ୍କୃତ ସତ୍ୟମାନଙ୍କୁ ନିଜସ୍ୱ କରି ପାରିଛି, ସେହି ଜାତି ବା ଦେଶ ସେହି ପରିମାଣରେ ଉନ୍ନତ ଓ ପୂର୍ଣ୍ଣତାର ନିକଟବର୍ତ୍ତୀ ।'' (୩)

ସତ୍ୟବାଦୀର ସାଧକ ଗୋଷ୍ଠୀ ଥିଲେ କର୍ମଯୋଗୀ । ସେମାନଙ୍କ ସାହିତ୍ୟ ଓ ଜୀବନ ଥିଲା ପରସ୍ପରର ପରିପୂରକ । ସେମାନେ ଯାହା କହୁଥିଲେ ବା ଲେଖୁଥିଲେ ତାହା ସେମାନଙ୍କ କର୍ମ ମାଧ୍ୟମରେ ପ୍ରତିପାଦିତ ହେଉଥିଲା । ତେଣୁ ଗୋପବନ୍ଧୁ କେବଳ ସତ୍ୟ ଆବିଷ୍କାର କରିବାକୁ କହିଲେ ନାହିଁ, ଯୁଗୋପଯୋଗୀ ସତ୍ୟାନୁସନ୍ଧାନୀ ମଣିଷ ତିଆରି କରିବା ପାଇଁ ପ୍ରାଚ୍ୟ-ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିର ସମନ୍ୱୟରେ ଖ୍ରୀ ୧୯୦୯ରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କଲେ । ତାଙ୍କର ଏହି ଲକ୍ଷ୍ୟକୁ ଫଳପ୍ରଦ କରିବାଲାଗି

Digitized by PPRACHIN, SOA

ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ, ହରିହର ପ୍ରମୁଖ ସରକାରୀ ଚାକିରିର ଲୋଭ ପରିତ୍ୟାଗ କରି ଏହି ବିଦ୍ୟାଳୟରେ ଶିକ୍ଷକ ରୂପେ ଯୋଗଦେଲେ । 'ନବତେଜେ ପୁଣି ବିକଶୁ ପୁରୁଣା' ନ୍ୟାୟରେ ଏ ବିଦ୍ୟାଳୟ ପ୍ରାଚୀନ ଭାରତୀୟ ଗୁରୁକୁଳ ଆଦର୍ଶକୁ ଭିତ୍ତିକରି ଗଢ଼ି ଉଠିଲା । ଏ ଦିଗରେ ଗୋପବନ୍ଧୁଙ୍କ ଆଦର୍ଶ ଥିଲା ଦାକ୍ଷିଣାତ୍ୟ ଶିକ୍ଷା ସଂଘ (Deccan Education Society) ଦ୍ୱାରା ପ୍ରତିଷ୍ଠିତ ମହାମାନ୍ୟ ଗୋପାଳକୃଷ୍ଣ ଗୋଖଲେଙ୍କ ସାଧନାର କ୍ଷେତ୍ର ପୁନାର ଫର୍ଗୁସନ କଲେଜ । ଜ୍ଞାନ ବିଜ୍ଞାନର ଚର୍ଚ୍ଚାପୂର୍ବକ ଲୋକ ସାଧାରଣଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଘଟାଇବା, ଅନ୍ଧ ବିଶ୍ୱାସଜନିତ କୁସଂସ୍କାର ଦୂର କରିବା, ଦେଶ କାର୍ଯ୍ୟ ପାଇଁ ନିଜକୁ ଉତ୍ସର୍ଗ କରିବା ଏବଂ ମାନବ ସେବାରେ ଛାତ୍ରମାନଙ୍କୁ ନିୟୋଜିତ କରିବା ଉଦ୍ଦେଶ୍ୟ ନେଇ ସତ୍ୟବାଦୀର ଶିକ୍ଷକ ଗୋଷ୍ଠୀ ବିଦ୍ୟାଳୟର ଶିକ୍ଷା ପଦ୍ଧତିରେ ନୂତନ ଧାରା ପ୍ରବର୍ତ୍ତନ କଲେ । ସେମାନଙ୍କ ସଙ୍କଳ୍ପ ଥିଲା- "ଜନ୍ମ ସମୟରେ ଦେଶକୁ ଯେପରି ଦେଖିଥାଇଁ ମୃତ୍ୟୁବେଳକୁ ତାହାଠାରୁ ଉନ୍ନତ ଦେଖି ମରିବା ।"

ନବଜାଗରଣ ଯୁଗରେ ଭାଷା ଓ ସାହିତ୍ୟର ମାନବୃଦ୍ଧି ମାଧ୍ୟମରେ ଜାତୀୟ ଭାବକୁ ସୁଦୃଢ଼ କରିବା ପାଇଁ ପ୍ରୟାସ କରାଯାଇଥିଲା । ଏହି ପ୍ରୟାସର ଫଳ ସ୍ୱରୂପ ଆମେ ଦେଖୁ ଗୋପବନ୍ଧୁଙ୍କ 'ଭାଷା ଓ ଜାତୀୟତା' ଏବଂ ନୀଳକଣ୍ଠଙ୍କ 'ଜାତୀୟତାର ଭିତ୍ତିଭୂମି' ରଚନା ଦ୍ୱୟ । ଗୋପବନ୍ଧୁଙ୍କ ଭାଷାରେ— "ଭାବ ଓ ସଭ୍ୟତାର ମୂଳରେ ଭାଷା । ଭାଷାର ଏକତା ଥିଲେ ଭାବର ଏକତା ସୁନିଶ୍ଚିତ । ସୁତରାଂ ସଭ୍ୟତା ଏକ ନ ହୋଇ ଅନ୍ୟଥା ହୋଇ ନପାରେ ।" (୪) ସେହିପରି ନୀଳକଣ୍ଠ କହିଲେ- "ଭାଷା ଓ ସାହିତ୍ୟ ଛଡା ଅନ୍ୟ କୌଣସି ପ୍ରଭେଦ ଓ ପାର୍ଥକ୍ୟରେ ଜାତୀୟତାର କ୍ଷତି ନାହିଁ । ଭାଷା ଓ ସାହିତ୍ୟହିଁ ଆଧୁନିକ ଜାତୀୟତାର ଭିତ୍ତିଭୂମି ।" (୫) ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ସପକ୍ଷରେ ଯୁକ୍ତି ଉପସ୍ଥାପନ କରି ଗୋପବନ୍ଧୁ ଲେଖିଲେ- "ସକଳ ବିଷୟରେ ସର୍ବବିଧ ଜ୍ଞାନ ଏବଂ ସର୍ବୋଚ୍ଚ ଶିକ୍ଷାଦାନ ନିମନ୍ତେ ମାତୃଭାଷା ଉପଯୋଗୀ ନହେବାଯାଏ ଜାତୀୟ ଉନ୍ନତିର ପଥ ପରିଷ୍କାର ହେବ ନାହିଁ ।" (୬) ସମଗ୍ର ବିଶ୍ୱର ଜ୍ଞାନରାଶିକୁ ଓଡ଼ିଆ ସାହିତ୍ୟର ଅନ୍ତର୍ଭୁକ୍ତ କରି ଉତ୍କଳବାସୀଙ୍କୁ ବିଶ୍ୱଭାବରେ ଅନୁପ୍ରାଣିତ କରିବା ପାଇଁ ସେ ପୁଣି ପ୍ରସ୍ତାବ ଦେଲେ- "ଭିନ୍ନ ଭିନ୍ନ ଦେଶ ଓ ପ୍ରଦେଶମାନଙ୍କରେ ବିଭିନ୍ନ ସମୟରେ ମାନବ ଚିନ୍ତା ଯେ ସମସ୍ତ ସତ୍ୟ ଆବିଷ୍କାର କରିଅଛି, ମାନବ ପ୍ରତିଭା ଯେଉଁ ଶୋଭାପଟଳ ପରିସ୍ଫୁଟ କରିଅଛି, ମାନବପ୍ରଜ୍ଞା ଯେଉଁ ଆଲୋକ ପାଇ ଅଛି, ମାନବ ଜୀବନ ଯେଉଁ ଉଚ୍ଚ ଆଦର୍ଶ ଦେଖାଇ ଅଛି ସେ ସବୁକୁ ଓଡ଼ିଆ ସାହିତ୍ୟର ସମ୍ପଦୀଭୂତ କରିବାକୁ ହେବ ।" (୭)

Digitized by PPRACHIN, SOA

ଓଡ଼ିଶାରେ ନବଜାଗରଣର ଆଦିପର୍ବରେ ସାହିତ୍ୟ କ୍ଷେତ୍ରରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ରାମ୍ୟରଚନା, ଭ୍ରମଣକାହାଣୀ, ଜୀବନୀ, ଆତ୍ମଜୀବନୀ, ସମ୍ବୋଧଗୀତି, ଶୋକଗୀତିକା, ଚତୁର୍ଦ୍ଦଶପଦୀ କବିତା, ଦେଶାତ୍ମବୋଧକ ସଙ୍ଗୀତ ଆଦି ନୂତନ ବିଭାଗମାନ ସୃଷ୍ଟି ହୋଇଥିଲା । କିନ୍ତୁ ସତ୍ୟବାଦୀ ଯୁଗ ପର୍ଯ୍ୟନ୍ତ ଓଡିଆ ସମାଲୋଚନା ସାହିତ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ନଥିବାରୁ ଗୋପବନ୍ଧୁ କ୍ଷୋଭ ପ୍ରକାଶ କରି ଲେଖିଥିଲେ- ''ସମାଲୋଚନା ନ ହେବାରୁ ସାହିତ୍ୟରେ ରୁଚି ବିକାଶ ପାଉନାହିଁ । ଯେଉଁଠାରେ ରୁଚି ନାହିଁ ସେଠାରେ କାବ୍ୟ ଉପନ୍ୟାସ ଜାତୀୟ ସାହିତ୍ୟର ଅଙ୍ଗ ବୃଦ୍ଧି କରିପାରେ; କିନ୍ତୁ ସେ ଅଙ୍ଗବୃଦ୍ଧି ସ୍ୱାସ୍ଥ୍ୟର ଚିହ୍ନ ନୁହେଁ ।'' (୮) ଏହି ଅଭାବ ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଖ୍ରୀ. ୧୯୧୫ ରେ ଗୋପବନ୍ଧୁଙ୍କ ସମ୍ପାଦନାରେ ପ୍ରକାଶ ପାଇଲା 'ସତ୍ୟବାଦୀ' ମାସିକ ପତ୍ରିକା । ଏ ପତ୍ରିକା ମାତ୍ର ଛ' ବର୍ଷ ପାଇଁ ପ୍ରକାଶ ପାଇଥିଲେ ହେଁ ଏଥିରେ ସନ୍ନିବିଷ୍ଟ ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, ଗୋପୀନାଥ ନନ୍ଦଶର୍ମା ପ୍ରମୁଖଙ୍କ ଲେଖାମାନ ଓଡିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଆଧୁନିକ ଜୀବନ ଦୃଷ୍ଟିର ନୂତନ ସ୍ତରସବୁ ଖୋଲିବାରେ ସହାୟକ ହୋଇଥିଲା ।

''ଭାରତୀୟ ମହାଜାତୀୟ ତରଙ୍ଗେ ମିଶୁ ଉତ୍କଳ ପ୍ରବାହ'' (୯) ଏହାହିଁ ଥିଲା ନବଜାଗରଣ ଯୁଗରେ ଗୋପବନ୍ଧୁଙ୍କ ଜାତୀୟତାବୋଧର ଆଦର୍ଶ । ଉତ୍କଳବାସୀଙ୍କୁ ମହାଭାରତୀୟ ଚେତନାରେ ଉଦ୍‌ବୁଦ୍ଧ କରିବା ପାଇଁ ସେ ଖ୍ରୀ. ୧୯୧୯ରେ ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନରେ ଅଧକ୍ଷତା କରି କହିଲେ- ''ଭାରତୀୟ ଆକାଂକ୍ଷା ସଙ୍ଗେ ଆମ୍ଭମାନଙ୍କ ଜାତୀୟ ଅକାଂକ୍ଷା ମିଳାଇ ସମଗ୍ର ମହାଜାତିର କଲ୍ୟାଣରେ ଯଥାଶକ୍ତି ଆତ୍ମବିନିଯୋଗ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ମନେ ରଖିବାକୁ ହେବ, ଆମ୍ଭେମାନେ ପ୍ରଥମେ ମନୁଷ୍ୟ, ପରେ ଭାରତୀୟ ଓ ସର୍ବଶେଷରେ ଓଡିଆ ।'' ସ୍ୱାଧୀନତା ସଂଗ୍ରାମରେ ଝାସେଦେଇ ଭାରତମାତାକୁ ବିଦେଶୀ ଶାସନମୁକ୍ତ କରିବା ପାଇଁ ସେ ଓଡିଶାବାସୀଙ୍କୁ ଆହ୍ୱାନ କରି ଲେଖିଲେ-

''ପୁଣ୍ୟ ଜନ୍ମମାଟି ପୁଣ୍ୟ ଦେବାଳୟ
ଉଦ୍ଧରିବା ଲାଗି କଲେ ତନୁକ୍ଷୟ
ମାନବ ଜୀବନ ହୁଅଇ ସଫଳ
ଏ ମହାଦୀକ୍ଷା କି ବୁଝିବ ଉତ୍କଳ !''

ଅତୀତର ପୃଷ୍ଠଭୂମି ଉପରେ ବର୍ତ୍ତମାନକୁ ଦେଖି ଦେଖାଇବାର ପ୍ରବୃତ୍ତି ନବଜାଗରଣ ଯୁଗରେ ବିଶେଷ ଭାବରେ ଦେଖା ଦେଇଥିଲା । ତେଣୁ ସ୍ରଷ୍ଟାଗଣ ଜାତୀୟ

Digitized by PPRACHIN, SOA

·ସାହିତ୍ୟକୁ ବଳିଷ୍ଠ କରିବା ପାଇଁ ଜାତୀୟ ଇତିହାସର ମହତ୍ତ୍ୱ ପ୍ରଖ୍ୟାପନ କଲେ । ଉତ୍କଳ ଗୌରବ ମଧୁସୂଦନଙ୍କ—

"ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତି ପ୍ରାଣ ଧାର,
ସେ ଧାରରୁ ନୀର ପିଉଛି ଯେ ନର
ନିଶ୍ଚୟ ହେବ ସେ ଜାତି-କର୍ମବୀର ।" (୧୦)

ଏହି ଉକ୍ତି ଦ୍ୱାରା ଅନୁପ୍ରାଣିତ ହୋଇ ସତ୍ୟବାଦୀ ଯୁଗର ସ୍ରଷ୍ଟାଗଣ ସେମାନଙ୍କ ରଚନାବଳିରେ ଉତ୍କଳ ତଥା ଭାରତର ଗୌରବାବହ ଅତୀତକୁ ରୂପାୟିତ କରି ପାଠକଙ୍କ ସୁପ୍ତଭାବରାଶିକୁ ଉଦ୍ଦୀପ୍ତ କଲେ । ଏହି ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ଲେଖିଲେ ଐତିହାସିକ କାବ୍ୟ— 'କୋଣାର୍କେ', 'ଖାରବେଳ', ପଣ୍ଡିତ ଗୋଦାବରୀଶ ଲେଖିଲେ ଐତିହାସିକ ନାଟକ— 'ପୁରୁଷୋତ୍ତମ ଦେବ', 'ମୁକୁନ୍ଦଦେବ', ପଣ୍ଡିତ କୃପାସିନ୍ଧୁ ରଚନା କଲେ— 'ଉତ୍କଳ ଇତିହାସ', 'ବାରବାଟୀ' । ପଣ୍ଡିତ ଗୋପବନ୍ଧୁଙ୍କ 'କାରାକବିତା', 'ବନ୍ଦୀର ସ୍ୱଦେଶ ଚିନ୍ତା' ଓ ଅବକାଶ ଚିନ୍ତା'ରେ ଜାତୀୟ ଜୀବନର ଆଦର୍ଶ ପ୍ରଖ୍ୟାପିତ ହେଲା । ସେ ପାଠକମାନଙ୍କୁ ସଚେତନ କରିଦେଲେ—

"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।" (୧୧)

କବି ନୀଳକଣ୍ଠ ଛାତ୍ରମାନଙ୍କୁ ସ୍ୱପ୍ନ ମାଧ୍ୟମରେ ସ୍ୱଦେଶର ଗୌରବାବହ ଐତିହାସିକ ଘଟଣାମାନ ଦର୍ଶାଇ ସେମାନଙ୍କୁ ପୂର୍ବ ପୁରୁଷଙ୍କ ସହ ଏକାତ୍ମ କରିଦେଲେ-

"ଅତୀତ-ବିଭବ-କାହାଣୀ କହି ବିବିଧ ରଙ୍ଗେ
ଆତ୍ମାକୁ ବିସୋରି ମିଶିବେ ପୂର୍ବ-ପୁରୁଷ ସଙ୍ଗେ
ଅତୀତୁ ଅତୀତ ପ୍ରସାରେ ବହି ଜୀବନଧାରା
ବ୍ୟାପିଯିବ ମହାବିସ୍ତାରେ ଭେଦି ଶରୀର-କାରା ।" (୧୨)

ନବଜାଗରଣ ଚେତନା ସହ ସଂସ୍କାର ଚେତନା ଯେ ଅଙ୍ଗାଙ୍ଗି ଭାବେ ଜଡ଼ିତ ଏହା ସତ୍ୟବାଦୀର ସାଧକବର୍ଗ ଉତ୍ତମ ରୂପେ ହୃଦୟଙ୍ଗମ କରିଥିଲେ । ଏ ଦିଗରେ ସେମାନଙ୍କ ଆଦର୍ଶ ଥିଲେ ପୁରୀ ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠାତା ପଣ୍ଡିତ ହରିହର ଦାଶ, ଯାହାଙ୍କର ମୃତ୍ୟୁ ଗୋପବନ୍ଧୁଙ୍କ ଜନ୍ମ ପୂର୍ବରୁ ଖ୍ରୀ ୧୮୭୪ରେ ହୋଇଥିଲା । ତାଙ୍କ ସଂସ୍କାର ଚେତନା ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଗୋପବନ୍ଧୁ ଲେଖିଥିଲେ—

Digitized by PPRACHIN, SOA

''ସମାଜ-ଦୁର୍ଗତି ସମୟର ରୀତି
ବୁଝିଥିଲ ତୁମ୍ଭେ ଏକା
ସଂସ୍କାର ବାସନା ସାଧୁ ପ୍ରାଣେ ସିନା
ତେଣୁ ଦେଉଥିଲା ଦେଖା ।'' (୧୩)

ତାଙ୍କ ମୃତ୍ୟୁର ପ୍ରାୟ ଅର୍ଦ୍ଧଶତାବ୍ଦୀ ପରେ ମଧ ଗୋପବନ୍ଧୁ ତାଙ୍କୁ ଆହ୍ୱାନ କରିଥିଲେ-

''ଆସ ହରିହର ପଣ୍ଡିତ ପ୍ରବର
ସମାଜ ସଂସ୍କାର କର ।''

ସତ୍ୟବାଦୀ ଗୋଷ୍ଠୀ ସତ୍ୟର ଆଲୋକ ପ୍ରାପ୍ତ ହୋଇ ସଂସ୍କାରକୁ ପ୍ରଗତିର ମାର୍ଗ ରୂପେ ତଥା ଦେଶର ସର୍ବବିଧ ଉନ୍ନତିର ପରିଚାୟକ ରୂପେ ସ୍ୱୀକାର କରିଥିଲେ । ଯୁଗ ଯୁଗର କୁସଂସ୍କାର ତଥା ଅନାଚାରର କୁହେଳିରୁ ଦେଶବାସୀଙ୍କୁ ମୁକ୍ତ କରିବା ପାଇଁ ସେମାନେ ସୃଷ୍ଟିକଲେ ସଂସ୍କାରଧର୍ମୀ ରଚନା । ଏ କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠ ଅଗ୍ରଣୀ ହେଲେ । ଲୋକଙ୍କ ଅହେତୁକ ବିଶ୍ୱାସ ଓ ରକ୍ଷଣଶୀଳ ମନୋବୃତ୍ତିର ମୂଳରେ କୁଠାରାଘାତ କରି ସେ ଦାଢ଼ି କାଟି ନିଶ ରଖିଲେ; 'ଉତ୍କଳ ସାହିତ୍ୟ'ରେ ଟିକିଏ ଶୁଣିବେ କି ?' ଶୀର୍ଷକ ବିଜ୍ଞାପନ ଦେଇ ପାଠକଙ୍କ ମନରେ ସଂସ୍କାର ଚେତନା ସୃଷ୍ଟି କଲେ । 'ଅଛୁଁ ଓ ହେବୁଁ', 'ନୀତି ଓ ପ୍ରକୃତି', 'ପ୍ରତିଭା ପୂଜା ଓ ପ୍ରତିମା ପୂଜା', 'ମୋ ନିଶ', 'ନିଶ', 'ଆମର ଥିଲା ଓ କାରଣ ଥାଇପାରେ' ପ୍ରବନ୍ଧ ଲେଖି ଯୁକ୍ତିହୀନ ବିଶ୍ୱାସର କୁପରିଣତି ସମ୍ପର୍କରେ ସେ ଜନସାଧାରଣଙ୍କୁ ସଚେତନ କରିବା ସହ 'ଓଡିଆ ବ୍ୟାକରଣ' ଓ କେତେକ ଭାଷାତାତ୍ତ୍ୱିକ ପ୍ରବନ୍ଧ ଲେଖି ଓଡିଆ ଲିପି ଓ ବ୍ୟାକରଣ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ପ୍ରୟାସ କଲେ । ନାରୀ ଜାତିକୁ ସ୍ୱାବଲମ୍ବନଶୀଳ କରିବା ତଥା ନାରୀଶିକ୍ଷାର ପ୍ରସାର ଘଟାଇବା ପାଇଁ ସେ Tennysonଙ୍କ *'The Princess'* କାବ୍ୟର ଭାବାନୁବାଦ କଲେ 'ପ୍ରଣୟିନୀ' କାବ୍ୟରେ । ଆଦର୍ଶ ପ୍ରେମ ତଥା ସ୍ୱାର୍ଥତ୍ୟାଗର ଦୃଷ୍ଟାନ୍ତ ଓଡ଼ିଆ ପାଠକଙ୍କ ସମ୍ମୁଖରେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ସେ ପୁଣି Tennysonଙ୍କ *Enoch Arden*ର ଭାବାନୁବାଦ କରି ଲେଖିଲେ 'ଦାସ ନାଏକ' । ଧର୍ମ ନାମରେ ତ୍ୟାଗ ନାମରେ ଆମ ସମାଜରେ ପ୍ରବେଶ କରିଥିବା ଭ୍ରଷ୍ଟାଚାରକୁ 'ଭାକ୍ତିକମିଥ୍ୟା' ଆଖ୍ୟା ଦେଇ ନୀଳକଣ୍ଠ ତା'ର କଟୁ ସମାଲୋଚନା କଲେ ।

Digitized by PPRACHIN, SOA

ସତ୍ୟବାଦୀ ଗୋଷ୍ଠୀ ସେମାନଙ୍କ ସାହିତ୍ୟ ସୃଷ୍ଟିରେ ଯେଉଁ ସଂସ୍କାରର କଥା କହୁଥିଲେ ସେମାନଙ୍କ ଜୀବନଚର୍ଯ୍ୟାରେ ତାକୁ କାର୍ଯ୍ୟରେ ପରିଣତ କରୁଥିଲେ । ସେଥିପାଇଁ ସେମାନେ ବନ ବିଦ୍ୟାଳୟ ଗୁରୁକୁଳରେ ଜାତିଧର୍ମ ନିର୍ବିଶେଷରେ ପଂକ୍ତି ଭୋଜନର ବ୍ୟବସ୍ଥା କଲେ । ବନ୍ୟା, ମରୁଡ଼ି, ହଇଜା ସମୟରେ ବ୍ରାହ୍ମଣ ଚଣ୍ଡାଳ ନିର୍ବିଶେଷରେ ସମସ୍ତଙ୍କ ସେବା କାର୍ଯ୍ୟରେ ନିଯୁକ୍ତ ହେଲେ । ହେତୁବାଦୀ ଭାବେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ବ୍ରାହ୍ମଣମାନଙ୍କ ଅହେତୁକ ଅନ୍ଧବିଶ୍ୱାସକୁ ପ୍ରତ୍ୟାଖାନ କଲେ ।

ନବଯୁଗର ଚେତନାର ପ୍ରଧାନ ବୈଶିଷ୍ଟ୍ୟ ମାନବିକତାବୋଧ ଥିଲା ସତ୍ୟବାଦୀ ଗୋଷ୍ଠୀଙ୍କ ଜୀବନର ପରମ ଆଦର୍ଶ । ଦୀନ ଦରିଦ୍ରଙ୍କ ଦୁଃଖକୁ ସେମାନେ ନିଜ ଜୀବନର ସମ୍ପଦ ରୂପେ ଆଦରି ନେଇଥିଲେ । କବି ଗୋଦାବରୀଶଙ୍କ ଭାଷାରେ-

''ପର ହୋଇ ଆଉ ମୋର ରହୁ ସେ ନାହିଁତ ।
ତା ଦୁଃଖ ହୋଇଛି ପରା ମୋ ଜୀବନ ବିତ୍ତ ।'' (୧୪)

ଏହି ମାନବ ପ୍ରେମରେ ପରିପୂର୍ଣ୍ଣ ହୋଇ କବି ଗୋପବନ୍ଧୁ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ସ୍ଥାନ ଦେଲେ-

''ପ୍ରେମ ଭାବେ ଯା'ର ଅନ୍ତର ପୂରିତ
ସର୍ବ ପ୍ରାଣୀ ହୃଦ ତା' ହୃଦ ଅଙ୍କିତ
ସର୍ବ ଅନୁଭୂତି ସର୍ବ ଭୂତେ ତାର
ତା' ଦୃଷ୍ଟିରେ ବିଶ୍ୱ ଏକ ପରିବାର ।'' (୧୫)

ସତ୍ୟବାଦୀ ଯୁଗୀୟ ନବ ଜାଗରଣର ଏହି ଉଚ୍ଚକିତ ସ୍ୱରକୁ ସବୁଜ କବିଗଣ ସେମାନଙ୍କ ସୃଷ୍ଟିର ଆଦ୍ୟଭାଗରେ (୧୯୨୧-୩୦) ଲିପିବଦ୍ଧ କରିବାରେ ସମର୍ଥ ହୋଇପାରି ନଥିଲେ । କାରଣ ପ୍ରଥମ ମହାଯୁଦ୍ଧ (୧୯୧୪-୧୮) ପରେ ପରେ ବାସ୍ତବ ଜୀବନର ଭୟାବହତା ସେମାନଙ୍କୁ ପଳାୟନପନ୍ଥୀ ଭାବେ ଏକ କଳ୍ପଲୋକକୁ ଟାଣି ନେଇଥିଲା ଯେଉଁଠାରେ ସେମାନେ କେବଳ ଯୌବନ, ପ୍ରେମ ଓ ପ୍ରଣୟର ସ୍ୱପ୍ନ ଦେଖିବାକୁ ଲାଗିଥିଲେ । ମାତ୍ର ଖ୍ରୀ. ୧୯୩୦ ବେଳକୁ ସେମାନେ ପୁଣି ସତ୍ୟବାଦୀ ଗୋଷ୍ଠୀଙ୍କ ନବଯୁଗ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ବାସ୍ତବବାଦୀ, ଜୀବନବାଦୀ ସ୍ରଷ୍ଟାରୂପେ ଧରଣୀର ବକ୍ଷକୁ ଫେରି ଆସିଲେ । କାଳିନ୍ଦୀଚରଣଙ୍କ 'ମାଟିର ମଣିଷ' ଉପନ୍ୟାସ, 'ଅଗାମୀ' ଓ 'ଛୁରୀଟିଏ ଲୋଡା' କବିତା ଏବଂ ବୈକୁଣ୍ଠନାଥଙ୍କ 'ମୃତ୍ତିକା ଦର୍ଶନ' କବିତା ଏହି ସମୟର ସୃଷ୍ଟି ।

Digitized by PPRACHIN, SOA

ଉପସଂହାରରେ ଏତିକି କୁହାଯାଇ ପାରେ ଯେ, ଊନବିଂଶ ଶତାବ୍ଦୀର ଶେଷ ତିନି ଦଶକରେ ଓଡିଶାରେ ଯେଉଁ ନବଜାଗରଣର ଚେତନା ସୃଷ୍ଟି ହୋଇଥିଲା ତାହାର ସ୍ୱରଲିପି କ୍ରମବିକଶିତ ଭାବେ ରାଧାନାଥ ଯୁଗରୁ ସତ୍ୟବାଦୀ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ପ୍ରକାଶ ଲାଭ କରିଅଛି ଏବଂ ସେହି ସ୍ୱରର ପ୍ରତିଧ୍ୱନିରେ ମୁଗ୍ଧ ହୋଇଛନ୍ତି ପରବର୍ତ୍ତୀ କାଳର ସ୍ରଷ୍ଟାଗଣ ।

---

**ପାଦଟୀକା :**

(୧) ଆମେରିକାର କବି ଏଡ୍‌ଗାର ଆଲେନ ପୋଙ୍କ 'ରାଭେନ୍' କବିତା ସହ ଆମ ଲୋକଗୀତ ଉପରେ ଆଧାରିତ ନନ୍ଦକିଶୋରଙ୍କ 'କାଙ୍କବାରତା' କବିତା ମଧ୍ୟରେ ଅଦ୍ଭୁତ ଭାବସାମ୍ୟ ପରିଲକ୍ଷିତ ହୁଏ ।

(୨) ଉତ୍କଳ ମଙ୍ଗଳଗୀତ— ଜନ୍ମଭୂମି - ୨ୟ ଭାଗ

(୩) ଉପେୟ ବା ଉଦ୍ଦେଶ୍ୟ— ଆଲୋଚନା - ସତ୍ୟବାଦୀ ୧/୧, ପୃ-୩-୪

(୪) ଭାଷା ଓ ଜାତୀୟତା— ଆଲୋଚନା - ସତ୍ୟବାଦୀ - ୧/୬, ପୃ-୧୬୨

(୫) ଜାତୀୟତାର ଭିତ୍ତିଭୂମି— ସତ୍ୟବାଦୀ - ୫/୮-୯, ପୃ-୨୩୫

(୬) ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ— ଆଲୋଚନା - ସତ୍ୟବାଦୀ - ୧/୧, ପୃ-୬

(୭) ଆଦର୍ଶ ଓ ଆକାଂକ୍ଷା— ଆଲୋଚନା - ସତ୍ୟବାଦୀ - ୧/୩, ପୃ-୬୮

(୮) ଆଲୋଚନା— ସତ୍ୟବାଦୀ - ୬/୧ ସଂଖ୍ୟା

(୯) ପ୍ରାର୍ଥନା— ଅବକାଶଚିନ୍ତା - ଗୋପବନ୍ଧୁ ଦାସ - ପୃ-୩

(୧୦) 'ଜାତି ଇତିହାସ' କବିତାରୁ ଉଦ୍ଧୃତ ।

(୧୧) 'ବ୍ରାହ୍ମଣ ସମିତି ଛାତ୍ରାବାସରେ ସମବେତ ବ୍ରାହ୍ମଣ ଛାତ୍ରଙ୍କ ପ୍ରତି' - ଅବକାଶ ଚିନ୍ତା, ପୃ-୩

(୧୨) 'କୋଣାର୍କ'— ରାମଚଣ୍ଡୀଠାରେ ରାତି - ୧୩୭ ରୁ ୧୪୦ ପଂକ୍ତି ।

(୧୩) ସ୍ୱର୍ଗୀୟ ପଣ୍ଡିତ ହରିହର ଦାଶଶର୍ମା— ଅବକାଶ ଚିନ୍ତା, ପୃ-୨୩

(୧୪) ମରିବି ମୁଁ— ଗୀତାୟନ - ଗୋଦାବରୀଶ ମିଶ୍ର ।

(୧୫) କାଠଯୋଡ଼ିଠାରେ ସାୟଂକାଳ— ଅବକାଶ ଚିନ୍ତା - ପୃ-୨୮ ।

Digitized by PPRACHIN, SOA

# ନୀଳକଣ୍ଠ-ସାହିତ୍ୟ ସତ୍ୟବାଦୀଯୁଗ-ଚେତନାର ଶ୍ରେଷ୍ଠ ପ୍ରତିନିଧି

ସତ୍ୟବାଦୀଯୁଗ ଓଡ଼ିଶାର ନବଜାଗରଣର ଯୁଗ (Age of Renaissance) । ମାନବଧର୍ମର ଏକ ଅଭିନବ ପ୍ରେରଣା ଉପରେ ଏହି ଯୁଗଧର୍ମ ପ୍ରତିଷ୍ଠିତ । ଏଇ ଯୁଗରେ ବୈଜ୍ଞାନିକ ଯୁକ୍ତିବାଦ ସହ ପ୍ରକୃତିବାଦ ଯୁକ୍ତ ହୋଇ ମନୁଷ୍ୟକୁ ତାହାର ମନନଶକ୍ତି ସମ୍ବନ୍ଧରେ ସଚେତନ କରିଥିଲା । ଏଇ ଯୁଗ-ଚେତନାକୁ ବଳିଷ୍ଠ କରିବା ପାଇଁ ପୂର୍ବରୁ ସାରା ଭାରତରେ ଏକ ସୁଦୃଢ଼ ଭିତ୍ତିଭୂମି ନିର୍ମିତ ହୋଇଥିଲା । ଖ୍ରୀ. ୧୮୮୫ରେ ଭାରତ ଜାତୀୟ ଆକାଂକ୍ଷାର ପଥିକୃତ୍ 'ଭାରତୀୟ ଜାତୀୟ ମହାସଭା' (Indian National Congress) ପ୍ରତିଷ୍ଠିତ ହୋଇ ପରାଧୀନ ଦେଶବାସୀଙ୍କୁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିବାର ଅବ୍ୟବହିତ ପୂର୍ବରୁ ଖ୍ରୀ. ୧୮୭୨ରେ 'Native Marriges Act'ର ପ୍ରବର୍ତ୍ତନ, ଖ୍ରୀ ୧୮୭୫ରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ "ଆର୍ଯ୍ୟସମାଜ" ସ୍ଥାପନ ଏବଂ ଖ୍ରୀ. ୧୮୮୦ରେ କେଶବଚନ୍ଦ୍ରଙ୍କ 'ନବବିଧାନ' ସମାଜ ଗଠନ ଫଳରେ ସମଗ୍ର ଦେଶରେ କୁସଂସ୍କାରାଚ୍ଛନ୍ନ, ଆଦର୍ଶଚ୍ୟୁତ, ଧର୍ମନାମରେ ଭଣ୍ଡାମି ପ୍ରପୀଡ଼ିତ ସମାଜକୁ ରକ୍ଷା କରିବା ଦିଗରେ ଉଦ୍ୟମ ଅବ୍ୟାହତ ରହିଥିଲା ।

ଓଡ଼ିଶାରେ ବିଶ୍ୱନାଥ କର, ମଧୁସୂଦନ ରାଓ ପ୍ରମୁଖଙ୍କ ବ୍ରାହ୍ମଧର୍ମ ଗ୍ରହଣ, କୃଷ୍ଣପ୍ରସାଦ ଚୌଧୁରୀ, ଶ୍ରୀବତ୍ସ ପଣ୍ଡା, ଫକୀରମୋହନ ସେନାପତି, ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ସମାଜ ସଂସ୍କାରମୂଳକ ରଚନା, ସାମନ୍ତ ଚନ୍ଦ୍ରଶେଖରଙ୍କ 'ସିଦ୍ଧାନ୍ତ ଦର୍ପଣ'ର ବୈଜ୍ଞାନିକ ସିଦ୍ଧାନ୍ତ, ମଧୁସୂଦନ ଦାସଙ୍କ 'ଉତ୍କଳ ସମ୍ମିଳନୀ'ର ଆୟୋଜନ ଏହି ମହାଭାରତୀୟ ଚେତନାର ପ୍ରଭାବର ଫଳ । ଏହି ସମୟରେ ରକ୍ଷଣଶୀଳ ମନୋବୃତ୍ତି ସହ ଜାଗରଣଶୀଳ ମନୋବୃତ୍ତିର ସଂଘର୍ଷ ଫଳରେ ଯେଉଁ ସାମାଜିକ, ଆଧ୍ୟାତ୍ମିକ ଓ ରାଜନୀତିକ ସଂକଟ ଉପୁଜିଥିଲା ତାହାରି ପୃଷ୍ଠଭୂମି ଉପରେ ଏକ ନବଯୁଗ ରୂପେ ସତ୍ୟବାଦୀ ଯୁଗର ଅଭ୍ୟୁଦୟ ଘଟିଲା ।

ପଣ୍ଡିତ ନୀଳକଣ୍ଠ ହେଉଛନ୍ତି ସତ୍ୟବାଦୀ ଯୁଗ ଚେତନାର ମୁଖ୍ୟ ବାର୍ତ୍ତାବହ । ଏହି ଯୁଗର ସମସ୍ତ ଚିନ୍ତା ଓ ଚେତନା, ଆଦର୍ଶ ଓ ଅନୁଭୂତି ନୀଳକଣ୍ଠଙ୍କ ସାହିତ୍ୟରେ ଯେଭଳି ସ୍ପଷ୍ଟ ରୂପେ ପ୍ରତିବିମ୍ବିତ ହୋଇପାରିଛି ତାହା ଅନ୍ୟ କାହାର ରଚନାରେ ପରିଲକ୍ଷିତ ହୁଏ ନାହିଁ । ତାଙ୍କର ସାଂସ୍କୃତିକ ଚେତନା, ସମାଜ ସଂସ୍କାର ପ୍ରୟାସ,

Digitized by PPRACHIN, SOA

ଧର୍ମାନ୍ଧତା ବିରୋଧୀ ମନୋଭାବ, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ଯୁକ୍ତିବାଦୀ ଦର୍ଶନ, ବିଚକ୍ଷଣ ରାଷ୍ଟ୍ରନୀତି, ଆଦର୍ଶ ଶିକ୍ଷକତା ଏବଂ ସର୍ବୋପରି ମାନବ ସେବାର ସଂକଳ୍ପ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱକୁ ପ୍ରତିଷ୍ଠା ଦେଇଥାନ୍ତି । ଓଡ଼ିଶାର ଶିକ୍ଷା, ସଂସ୍କୃତି, ରାଜନୀତି, ଧର୍ମନୀତି, ଅର୍ଥନୀତି, ସମାଜନୀତି ଏବଂ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତିକଳ୍ପେ ଅବିରାମ ଲେଖନୀ ଚାଳନା କରିବା ଫଳରେ ସେ ବ୍ୟକ୍ତିର ସ୍ତରକୁ ଅତିକ୍ରମ କରି ତତ୍କାଳୀନ ଓଡ଼ିଶାର ଏକ ଜାତୀୟ-ପୁରୁଷ ରୂପେ ସମ୍ମାନିତ ହୋଇଛନ୍ତି । ତେଣୁ ୧୯୬୭ ମସିହାରେ ତାଙ୍କ ମୃତ୍ୟୁରେ ଓଡ଼ିଶା ସରକାରଙ୍କ ଏକ ସ୍ୱତନ୍ତ୍ର ଗେଜେଟ୍ ପ୍ରକାଶ ପାଇଥିଲା, ଯାହାକି ଅନ୍ୟ କୌଣସି ଓଡ଼ିଆ ସାହିତ୍ୟିକଙ୍କ ଭାଗ୍ୟରେ ଏପର୍ଯ୍ୟନ୍ତ ଘଟିନାହିଁ ।

ଜାତୀୟ ଆତ୍ମମର୍ଯ୍ୟାଦା ଓ ସମ୍ମାନରେ ଓଡ଼ିଆ ଜାତିକୁ ଜଗାଇବା ପାଇଁ ସତ୍ୟବାଦୀଗୋଷ୍ଠୀ ଶିକ୍ଷାକୁ ହିଁ ଉପଯୁକ୍ତ ମାଧ୍ୟମ ରୂପେ ଗ୍ରହଣ କରିଥିଲେ । ଶିଳ୍ପ ବାଣିଜ୍ୟ, ସମାଜ ସଂସ୍କାର ସବୁର ଉନ୍ନତି କେବଳ ଶିକ୍ଷା ଦ୍ୱାରା ହିଁ ସମ୍ଭବ— ଏହି ଦୃଢ଼ବିଶ୍ୱାସ ମନରେ ନେଇ ଓଡ଼ିଶାରେ ସର୍ବାଙ୍ଗୀନ ଶିକ୍ଷାର ପ୍ରସାର ଲାଗି ସତ୍ୟବାଦୀ ଗୋଷ୍ଠୀଙ୍କ ଆପ୍ରାଣ ଉଦ୍ୟମ ନୀଳକଣ୍ଠଙ୍କ 'ସ୍ତ୍ରୀ ଶିକ୍ଷା', 'ଶିକ୍ଷାର ଭବିଷ୍ୟତ', 'ଇଂରେଜ ଶିକ୍ଷାର ମୋହ', 'ଶିକ୍ଷା କଅଣ', 'ପ୍ରାଥମିକ ଶିକ୍ଷା ଓ ଶିକ୍ଷକ', 'Ideal and Outlook in Education' 'Control of Education' ଆଦି ପ୍ରବନ୍ଧରେ ପରିପ୍ରକାଶ ଲାଭ କରିଅଛି । ଓଡ଼ିଶାରେ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଶିକ୍ଷାର ପ୍ରସାର ଓ ତାହାର ଆଦର୍ଶ ନିୟନ୍ତ୍ରଣ କରିବାରେ ନୀଳକଣ୍ଠଙ୍କ ଜୀବନବ୍ୟାପୀ ପ୍ରଚେଷ୍ଟା ତାଙ୍କୁ ଓଡ଼ିଶାର ଶ୍ରେଷ୍ଠ ଶିକ୍ଷାବିତ୍‌ର ଆସନରେ ଅଧିଷ୍ଠିତ କରାଇଛି ।

ଓଡ଼ିଆ ସଂସ୍କୃତିର ଗୌରବମୟ ଐତିହ୍ୟ ଭାରତ ତଥା ଭାରତ ବାହାରେ ପ୍ରଚାର କରିବା ନବଯୁଗ ଚେତନାର ଅନ୍ୟତମ ବୈଶିଷ୍ଟ୍ୟ । ଏହି ବୈଶିଷ୍ଟ୍ୟର ରୂପାୟନ ନୀଳକଣ୍ଠଙ୍କ 'ଉତ୍କଳୀୟ ସଂସ୍କୃତିରେ ଉତ୍ତର ଓ ଦକ୍ଷିଣ ଭାରତୀୟ ପ୍ରଭାବ', 'ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ', 'ଓଡ଼ିଶାରେ ଅଣଓଡ଼ିଆଙ୍କ ପରଂପରା', 'The Cult of Jagannath', 'Hints on the Significance and History of Jagannath' ପ୍ରବନ୍ଧଗୁଡ଼ିକରେ ପରିଲକ୍ଷିତ । ମାନବସମାଜ ତଥା ତାହାର ସାଂସ୍କୃତିକ ବିକାଶର ମୂଳ ବୀଜଟିକୁ ଦେଖି ଦେଖାଇବାରେ ଆଲୋଚ୍ୟ ଲେଖକଙ୍କ ବିଦ୍‌ବତ୍ତା 'ଆର୍ଯ୍ୟଜୀବନ' ଗ୍ରନ୍ଥରେ ପରିସ୍ଫୁଟ ।

Digitized by PPRACHIN, SOA

ସତ୍ୟବାଦୀ ଗୋଷ୍ଠୀ ଭାରତୀୟ ଜାତୀୟ ଜୀବନର ବିକାଶରେ ଧର୍ମଧାରଣାର ଯେଉଁ ଦିଗନ୍ତ ବିସ୍ତାରୀ ପ୍ରଭାବ ଉପଲବ୍ଧି କରିଥିଲେ ତାହା ନୀଳକଣ୍ଠଙ୍କ 'ପୃଥିବୀରେ ଚାରି ପ୍ରଧାନ ଧର୍ମ' 'ଜଗନ୍ନାଥ ଧର୍ମ', 'ଭାରତରେ ଧର୍ମ ବିକାଶ', 'ରଥଯାତ୍ରା', ଆଦି ପ୍ରବନ୍ଧରେ ଅତି ସ୍ପଷ୍ଟ ଭାବେ ରୂପାୟତ ହୋଇଅଛି । ଏହା ବ୍ୟତୀତ ଧର୍ମକୁ ସମସ୍ତ ପ୍ରକାର ଭ୍ରଷ୍ଟାଚାର ମୁକ୍ତ କରିବା ପାଇଁ ତାଙ୍କର ପ୍ରୟାସ 'ତନ୍ତ୍ରଉପାସନା' ସମ୍ବନ୍ଧରେ ଦୁଇ ଏକ କଥା, 'ଭାଗବତ ଧର୍ମ', 'ବିଧାତାଙ୍କ ସୃଷ୍ଟି' ପ୍ରଭୃତି ପ୍ରବନ୍ଧରେ ପରିଲକ୍ଷିତ ।

ପଣ୍ଡିତ ନୀଳକଣ୍ଠଙ୍କ ଧର୍ମଚେତନା ଓ ଦାର୍ଶନିକ ଦୃଷ୍ଟିକୋଣ ପରସ୍ପରର ପରିପୂରକ । ସମାଜର ଜଣେ ଜାଗ୍ରତ ପ୍ରହରୀ ଭାବେ ଧର୍ମ ନାମରେ ସମାଜରେ ପ୍ରବେଶ କରିଥିବା ଅନୀତି ଓ ଅନାଚାରକୁ ସେ ପଦେ ପଦେ ନିନ୍ଦା କରିଛନ୍ତି । ଏହି ମିଥ୍ୟା, ଭ୍ରଷ୍ଟାଚାର ଓ କୁସଂସ୍କାରର ଦୂରୀକରଣ ଲାଗି ସେ ନିଜର ସ୍ୱାଧୀନ ଦାର୍ଶନିକ ମତବାଦର ଆଶ୍ରୟ ନେଇଛନ୍ତି । ସେ ହେଉଛନ୍ତି ଓଡିଶାର ଶ୍ରେଷ୍ଠ ଯୁକ୍ତିବାଦୀ ଦାର୍ଶନିକ ଏବଂ ଏହି ଯୁକ୍ତିବାଦ ହେଉଛି ନବଯୁଗ-ଚେତନାର ଏକ ବିଶିଷ୍ଟ ଲକ୍ଷଣ । ନବଯୁଗକୁ 'The Age of Reason' ମଧ୍ୟ କୁହାଯାଏ । ଯୁକ୍ତି ବା ବିଜ୍ଞାନ ବୁଦ୍ଧିର ଶାଣିତ ଅସ୍ତ୍ରରେ ସବୁ ପ୍ରକାର ସଂଶୟ ଦୂରକରି ସ୍ୱାଧୀନ ମନୋଭାବ ପ୍ରକାଶ କରିବା ନୀଳକଣ୍ଠଙ୍କ ଦାର୍ଶନିକ ଅନୁଚିନ୍ତାର ପ୍ରଧାନ ବୈଶିଷ୍ଟ୍ୟ । 'ଯୌବନର ପ୍ରଭାବ ଓ ପ୍ରତିଷ୍ଠା' 'ସତ୍ୟଂ ଶିବଂ ସୁନ୍ଦରଂ', 'ମାନବ ପ୍ରଗତିର ଧାରା', 'ଅଦ୍ୱୈତବାଦ', 'ସତୀତ୍ୱ ଓ ନାରୀ', 'ସାମ୍ୟବାଦ ଭୌତିକ ଓ ଆତ୍ମିକ', 'ବିଶ୍ୱଦର୍ଶନରେ ମା, ବାପ' ଆଦି ପ୍ରବନ୍ଧରେ ଏହି ଅନୁଚିନ୍ତାର ରୂପାୟନ ହୋଇଅଛି । ଏହା ବ୍ୟତୀତ କଟକରେ ୧୯୫୯ ମସିହା ଡିସେମ୍ବର ୩୦ ତାରିଖରେ ଅନୁଷ୍ଠିତ ହୋଇଥିବା 'All India Philosophical Congress'ର ଚତୁଃତ୍ରିଂଶତିତମ ଅଧିବେଶନରେ ସଭାପତିତ୍ୱ କରି ନୀଳକଣ୍ଠ 'Religious and Philosophical Developments in Orissa' ଶୀର୍ଷକ ଯେଉଁ ଇଂରାଜୀ ଭାଷଣଟି ଦେଇଥିଲେ ତହିଁରୁ ଓଡିଶାର ଜାତୀୟ ଚେତନାରେ ଧର୍ମ ଓ ଦର୍ଶନ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ସୂଚନା ମିଳେ ।

ମନୁଷ୍ୟ ଯେତିକି ପରିମାଣରେ ସତ୍ୟର ସନ୍ଧାନୀ ହୁଏ, ସେତିକି ପରିମାଣରେ ସେ ସଂସ୍କାରପ୍ରିୟ ହୋଇଥାଏ । ସତ୍ୟବାଦୀ ଯୁବଗୋଷ୍ଠୀ ଥିଲେ ସତ୍ୟର ପୂଜାରୀ । ସତ୍ୟର ଆଲୋକ ପ୍ରାପ୍ତ ହୋଇ ସେମାନେ ସଂସ୍କାରକୁ ସର୍ବବିଧ ଉନ୍ନତିର ପ୍ରଧାନ ଉପାଦାନ ରୂପେ ଗ୍ରହଣ କରିଥିଲେ । ଯୁଗଯୁଗର କୁସଂସ୍କାର, ଅନାଚରର କୁହେଳୀକୁ

Digitized by PPRACHIN, SOA

ଜାତି-ମାନସରୁ ଅପସାରଣ କରି ଜ୍ଞାନ, ବିଚାର ଓ ଯୁକ୍ତିର ଆଲୋକରେ ତାହାକୁ ଦୀପ୍ତ କରିବା ସତ୍ୟବାଦୀଯୁଗ ତଥା ଓଡ଼ିଶାର ନବଯୁଗର ଲକ୍ଷ୍ୟଥିଲା । ଏହି ଯୁଗର ବିପ୍ଳବପନ୍ଥୀ ସଂସ୍କାରକ ରୂପେ ପଣ୍ଡିତ ନୀଳକଣ୍ଠ ସାରା ଓଡ଼ିଶାରେ ପରିଚିତ । ତାଙ୍କର ଯୁକ୍ତିପ୍ରବଣ ମନ ଆମ ସମାଜରେ ପ୍ରଚଳିତ ପରଂପରାର ଅହେତୁକ ବିଶ୍ୱାସ ଓ ରକ୍ଷଣଶୀଳ ମନୋବୃତ୍ତିକୁ ସମସ୍ତ ଉନ୍ନତିର ଅନ୍ତରାୟ ରୂପେ ଅନୁଭବ କରିଥିଲା । ତାହାର ପରିହାର ନିମନ୍ତେ ସେ 'ଅନ୍ଧୁଁ ଓ ହେବୁଁ, 'ନୀତି ଓ ପ୍ରକୃତି', 'ପ୍ରତିଭାପୂଜା ଓ ପ୍ରତିମା ପୂଜା', 'ମୋ ନିଶ', 'ନିଶ' ଆମର ଥିଲା ଓ କାରଣ ଥାଇପାରେ' ଆଦି ପ୍ରବନ୍ଧରେ ତାଙ୍କର ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ । କେବଳ ସେତିକି ନୁହେଁ, ନବଯୁଗର ପ୍ରେରଣାରେ ସେ ଆମ ଲିପି ଓ ବ୍ୟାକରଣକୁ ମଧ୍ୟ ଯୁକ୍ତିଯୁକ୍ତ ଭାବେ ପରିବର୍ତ୍ତିତ କରିବା ପାଇଁ ଉଦ୍ୟମ ଅବ୍ୟାହତ ରଖିଥିଲେ । 'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥ ଏବଂ 'ଓଡ଼ିଆ ବର୍ଣ୍ଣ ବିଚାରର ସଂକ୍ଷିପ୍ତ ସୂଚନା' ପ୍ରବନ୍ଧ ସେହି ଉଦ୍ୟମର ପରିଚାୟକ । ତାଙ୍କ ବିଚାରରେ, କୌଣସି ଭାଷାର ବ୍ୟାକରଣର ଯଥାର୍ଥ ପରୀକ୍ଷା ହେଉଛି, ବିଦେଶୀ ସେହି ବ୍ୟାକରଣ ମାଧ୍ୟମରେ କିପରି ସେହି ଭାଷାକୁ ଆୟତ୍ତ କରିପାରିବ । ତାଙ୍କ ବ୍ୟାକରଣ ଯଥାର୍ଥରେ ଚଳିତ ଭାଷାନୁସାରୀ ବ୍ୟାକରଣ । ଜ୍ଞାନ-ବିଜ୍ଞାନ ଚର୍ଚ୍ଚା ନବଯୁଗ ସାଧନାର ଅନ୍ୟ ଏକ ପ୍ରବୃତ୍ତି । ସତ୍ୟବାଦୀ ଶିକ୍ଷକ ମଣ୍ଡଳୀଙ୍କ ଜ୍ଞାନଚର୍ଚ୍ଚା ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଓଡିଶାର ଶିକ୍ଷିତ ସମାଜରେ ନୂତନ ଜାଗରଣ ଆଣି ଦେଇଥିଲା । ନୀଳକଣ୍ଠଙ୍କ 'ଉଦ୍ଭିଦ ରହସ୍ୟ', 'ଲୌକିକ ବିଜ୍ଞାନ' 'ଆମ ଋତୁ ଗଣନା', 'ବର୍ଷ ଗଣନା ଓ ମାସ ନାମ' ପ୍ରବନ୍ଧସମୂହ ଏହି ଜ୍ଞାନଚର୍ଚ୍ଚାର ଫଳ ।

ଓଡ଼ିଆ ଭାଷା ଓ ସାହିତ୍ୟର ମାନବୃଦ୍ଧି ମାଧ୍ୟମରେ ଓଡ଼ିଆ ଜାତୀୟତାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସତ୍ୟବାଦୀଗୋଷ୍ଠୀଙ୍କ ସାଧନା ନୀଳକଣ୍ଠଙ୍କ ଜାତୀୟତାର ଭିତ୍ତିଭୂମି 'Oriya Language and Culture' ଆଦି ପ୍ରବନ୍ଧରେ ପରିଲକ୍ଷିତ ।

ସାହିତ୍ୟରେ ସମାଲୋଚନା ବିଭାଗର ବିକାଶ ଉଦ୍ଦେଶ୍ୟରେ 'ସତ୍ୟବାଦୀ' ପତ୍ରିକା ପ୍ରକାଶ ପାଇଥିବା କଥା ପଣ୍ଡିତ ଗୋପବନ୍ଧୁଙ୍କ ନିମ୍ନୋକ୍ତ ଉକ୍ତିରୁ ଜଣାଯାଏ- ''ସମାଲୋଚନାର ଆଦର କରିବାକୁ ହେବ । ସାହିତ୍ୟର ସାଧନରେ ଏହା ପ୍ରଥମ ସୋପାନ । ଆମ୍ଭେମାନେ ସାହିତ୍ୟରେ ଏହି ବିଭାଗ ଜାଗ୍ରତ କରିବା ଉଦ୍ଦେଶ୍ୟରେ ପ୍ରଥମେ 'ସତ୍ୟବାଦୀ' ଆରମ୍ଭ କରିଥିଲୁ । 'ସତ୍ୟବାଦୀ' ପତ୍ରିକାରେ ନୀଳକଣ୍ଠଙ୍କ ସମାଲୋଚନାତ୍ମକ ଲେଖା ସର୍ବାପେକ୍ଷା ଅଧିକ । 'ଫକୀର ମୋହନ ଓ ଓଡ଼ିଆ

Digitized by PPRACHIN, SOA

ଉପନ୍ୟାସ', 'ଲାବଣ୍ୟବତୀ'ର ସମାଲୋଚନା ସତ୍ୟବାଦୀର ବିଭିନ୍ନ ସଂଖ୍ୟାରେ ଧାରାବାହିକ ଭାବେ ପ୍ରକାଶ ପାଇ ସେ ଯୁଗରେ ପାଠକମାନଙ୍କୁ ସମାଲୋଚନାର ନୂତନ ଦୃଷ୍ଟିଭଙ୍ଗୀ ପ୍ରତି ସଚେତନ କରିଥିଲା । 'ଚିତ୍ର ଓ କବିତାରେ କଳାର କ୍ରମ' ପ୍ରବନ୍ଧରେ ସେ ସାହିତ୍ୟିକ ଶୈଳୀର ଆଲୋଚନା କରିଛନ୍ତି । ଏହା ବ୍ୟତୀତ ନୀଳକଣ୍ଠଙ୍କ 'ରାଧାନାଥ ଓ ଉତ୍କଳ ସାହିତ୍ୟ' 'ସ୍ୱର୍ଗୀୟ ମଧୁସୂଦନ ରାଓ' 'ଉତ୍କଳ ସାହିତ୍ୟରେ ମଧୁସୂଦନ', 'ଓଡ଼ିଆ କବିତା ତଥା ଛନ୍ଦର ପ୍ରଗତି', ଓଡ଼ିଆ ଛନ୍ଦ ଓ ଉପାନ୍ତ୍ୟ ମିଳନ' 'ଓଡ଼ିଆ ଛନ୍ଦର ଇତିହାସ' ଆଦି ପ୍ରବନ୍ଧଗୁଡିକ 'ମୁକୁର', 'ଉତ୍କଳ ସାହିତ୍ୟ', ଓ 'ନବଭାରତ' ପତ୍ରିକାରେ ପ୍ରକାଶ ପାଇ ସାହିତ୍ୟକ୍ଷେତ୍ରରେ ସମାଲୋଚନାର ଗୁରୁତ୍ୱ ପ୍ରତି ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରେ । ତତ୍କାଳୀନ ଓଡ଼ିଆ ସାହିତ୍ୟର ସେ ଥିଲେ ଜଣେ ନିର୍ଭୀକ ଓ ନିରପେକ୍ଷ ସମାଲୋଚକ । ତାହାର ପ୍ରମାଣ ହେଉଛି ତାଙ୍କ ରଚିତ ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଭାଷାତତ୍ତ୍ୱ' ଗ୍ରନ୍ଥର 'ଗ୍ରନ୍ଥ ପ୍ରବେଶ' ସୁରେନ୍ଦ୍ର ମହାନ୍ତିଙ୍କ 'ଫକୀର ମୋହନ' ପୁସ୍ତକର ଉପୋଦ୍‌ଘାତ, ଚନ୍ଦ୍ରଶେଖର ମିଶ୍ରଙ୍କ 'ସତ୍ୟବାଦୀରେ ସାତବର୍ଷ' ପୁସ୍ତକର 'ପ୍ରାରମ୍ଭ' ସାରଳା ଦାସଙ୍କ ଗାଦିରେ ଦେଇଥିବା ଭାଷଣ ଏବଂ ବାରିପଦା ସାହିତ୍ୟ ସମାଜର ୬ଷ୍ଠ ବାର୍ଷିକ ଅଧିବେଶନରେ ସଭାପତିତ୍ୱ କରି ଦେଇଥିବା ଅଭିଭାଷଣ । ନୀଳକଣ୍ଠଙ୍କ ମତରେ ସମାଲୋଚନା କହିଲେ କେବଳ ସାହିତ୍ୟର ଦୋଷତ୍ରୁଟି ବାଛିବା, କେତୋଟି ବ୍ୟାକରଣଗତ ଭୁଲ ବାଛିବା ଓ କେତୋଟି ବୈଦେଶିକ ଶବ୍ଦର ବ୍ୟବହାର ଦର୍ଶାଇବା ନୁହେଁ । ସାହିତ୍ୟର ଅସ୍ପଷ୍ଟ ରସ-ସୌନ୍ଦର୍ଯ୍ୟ ପ୍ରକାଶ ଏବଂ ଲେଖକଙ୍କ ଅନ୍ତର୍ନିହିତ ଭାବ ପ୍ରତ୍ୟକ୍ଷ ହିଁ ତାଙ୍କ ଦୃଷ୍ଟିରେ ସମାଲୋଚନା ସାହିତ୍ୟର ପ୍ରଧାନ ବୈଶିଷ୍ଟ୍ୟ ।

'ଗୀତା' ଭାଷ୍ୟ ଏବଂ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ଗ୍ରନ୍ଥରେ ନୀଳକଣ୍ଠଙ୍କ ସମାଲୋଚନାତ୍ମକ ଦୃଷ୍ଟିଭଙ୍ଗୀ କୋଟୀକୁ ସ୍ପର୍ଶ କରିଛି । ଗୀତାର ଧର୍ମକୁ ଯଥାର୍ଥ ମାନବଧର୍ମ ରୂପେ ପ୍ରତିପାଦନ କରିବା, 'ଗୀତା'ରେ ଓଡ଼ିଶୀ ସଂସ୍କୃତି ଓ ଜୈନଧର୍ମର ପରମ୍ପରା ଲକ୍ଷ୍ୟ କରିବା, ଗୀତାର କୃଷ୍ଣଙ୍କୁ ଓଡିଶାର ଜଗନ୍ନାଥଙ୍କ ସହ ସାମିଲ କରିବା ଏବଂ 'ଗୀତା'ରେ ଆର୍ଯ୍ୟଧର୍ମର ପରମ୍ପରା ଦର୍ଶାଇବା ନୀଳକଣ୍ଠଙ୍କ 'ଗୀତାଭାଷ୍ୟ'ର ସ୍ୱାତନ୍ତ୍ର୍ୟ । 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ଗ୍ରନ୍ଥରେ ସେ ସାହିତ୍ୟକୁ 'ସମାଜ ବିକାଶର ପ୍ରକାଶ ସୂଚୀ' ରୂପେ ଗ୍ରହଣ କରି ବିଶ୍ୱସମାଜର ପ୍ରଗତିରେ ଓଡ଼ିଆ ବ୍ୟକ୍ତିତ୍ୱର ବିକାଶ ଦର୍ଶାଇଛନ୍ତି । ଧାରାବାହିକ ସଭ୍ୟତାର ବିକାଶ ଭିତରେ ଓଡ଼ିଆ ସାହିତ୍ୟର ସ୍ୱରୂପ ଦର୍ଶାଇ ଓଡ଼ିଆ ସାହିତ୍ୟର ଅନ୍ତରାଳରେ ଓଡ଼ିଆ ବ୍ୟକ୍ତିତ୍ୱର ପରିପ୍ରକାଶ କରିବା

Digitized by PPRACHIN, SOA

ଆଲୋଚ୍ୟ ଗ୍ରନ୍ଥରେ ଲେଖକଙ୍କ ଉଦ୍ଦେଶ୍ୟ ଥିଲା । ମାତ୍ର ଗ୍ରନ୍ଥଟିର ପରିକଳ୍ପିତ ଚାରିଗୋଟି ଭାଗରୁ ମାତ୍ର ଦୁଇଟି ଭାଗ ପ୍ରକାଶ ପାଇଥିବାରୁ ଲେଖକଙ୍କ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଫଳପ୍ରଦ ହୋଇପାରି ନାହିଁ ।

ଦୈନିକ ପ୍ରାର୍ଥନା ମାଧ୍ୟମରେ ଚିତ୍ତ ଶୁଦ୍ଧ କରି ଆଧ୍ୟାତ୍ମିକ ଦୃଷ୍ଟିକୋଣର ବିକାଶ ଘଟାଇବା ଏବଂ ଚାରିତ୍ରିକ ମହତ୍ତ୍ୱ ପ୍ରତିଷ୍ଠା କରିବାରେ ସତ୍ୟବାଦୀ ଶିକ୍ଷକଗୋଷ୍ଠୀଙ୍କ ସାଧନା ଅତୁଳନୀୟ । ଏହି ଆଦର୍ଶରେ ଛାତ୍ରଙ୍କୁ ପରିଚାଳିତ କରିବା ପାଇଁ ସତ୍ୟବାଦୀ ବିଦ୍ୟାଳୟରେ ଦୈନିକ ଉପାସନାର ବ୍ୟବସ୍ଥା ଥିଲା । ଏହି ଉପାସନା ପାଇଁ ନୀଳକଣ୍ଠ କେତେକ ବୈଦିକ ଓ ଶାସ୍ତ୍ରୀୟ ମନ୍ତ୍ର ସ୍ତୋତ୍ର ଅନୁବାଦ କରି 'ଉପାସନା' ନାମକ ଗ୍ରନ୍ଥ ପ୍ରକାଶ କରିଥିଲେ । ଏହା ବ୍ୟତୀତ 'ଭଗବଦ୍ ଗୀତା'ର ୭ମ ଅଧ୍ୟାୟରୁ ୧୬ଶ ଶ୍ଳୋକର ଅନୁସରଣରେ ସେ 'ପ୍ରଶ୍ନବାଣୀ', 'ଆର୍ତ୍ତବାଣୀ', 'ଭକ୍ତବାଣୀ ' ଓ 'ଆତ୍ମବାଣୀ' କବିତା ଲେଖିଥିଲେ । ତାହା 'ଭକ୍ତିଗାଥା' ଗ୍ରନ୍ଥର ଅନ୍ତର୍ଭୁକ୍ତ ହୋଇ ପରବର୍ତ୍ତୀ କାଳରେ ତାଙ୍କ ଗ୍ରନ୍ଥାବଳୀର ପ୍ରଥମ ଭାଗରେ ସ୍ଥାନ ପାଇଅଛି ।

ଉକ୍ତ ଭାବ ସମନ୍ୱିତ କବିତା ନହେଲେ 'ସତ୍ୟବାଦୀ'ରେ ପ୍ରକାଶ ପାଇବା ନିଷିଦ୍ଧ ଥିଲା । କିନ୍ତୁ ନୀଳକଣ୍ଠଙ୍କ କବିତାଗୁଡ଼ିକ ଆଦର୍ଶ ମାନବିକତାବୋଧର ପରିପ୍ରକାଶ ହୋଇଥିବାରୁ 'ସତ୍ୟବାଦୀ'ର ସ୍ତମ୍ଭ ପୂରାଣ ଲାଗି ମନୋନୀତ ହୋଇଥିଲା । 'ବାଣୀବିଜୟ', 'ସଂକୀର୍ତ୍ତନ', 'ପ୍ରାଣର ଧ୍ୱନି', 'କବି ଓ କିତବ', 'ଭୋଗ ଓ ତ୍ୟାଗ', 'ପ୍ରୀତି ରହସ୍ୟ', 'ଚଷାପୁଅ ପ୍ରତି', 'କାହାକୁ ବସିଛି ଚାହିଁ', 'ଉଦ୍‌ବୋଧନ', 'ଭାସେ ବିଶ୍ୱତଵ ସେ ଅମୃତ ରସେ', 'ସୁନା ଓ ସାଧୁ' ପ୍ରଭୃତି କବିତା 'ସତ୍ୟବାଦୀ'ର ବିଭିନ୍ନ ସଂଖ୍ୟାରେ ପ୍ରକାଶ ପାଇବା ପୂର୍ବରୁ ତାଙ୍କ ରଚିତ 'ଆଦର୍ଶ ତାରା', 'ବଙ୍କ କର୍କଟ କଥା' 'ବିଧୁ ଓ ବାସନ୍ତୀ', 'ବର୍ଷର ଶେଷ ଗୋଲାପ', 'ଶ୍ରୀପଞ୍ଚମୀ', 'ଉପାସନା' ଓ 'ଅଶ୍ରୁ' ପ୍ରଭୃତି କବିତା 'ଉତ୍କଳ ସାହିତ୍ୟ' ଓ 'ମୁକୁର'ରେ ପ୍ରକାଶ ପାଇଥିଲା । ବିଭୁଚେତନା, ଆଦର୍ଶ ପ୍ରେମ, ଜାତୀୟତାବୋଧ, ଐତିହ୍ୟପ୍ରୀତି, ମାନବବାଦୀ ଦୃଷ୍ଟିଭଙ୍ଗୀ, ଶିକ୍ଷକ ପ୍ରାଣର ଆବେଗ, ଯାହା କିଛି ସତ୍ୟବାଦୀ ଚେତନାର ମୁଖ୍ୟ ସ୍ୱର ତାହା ନୀଳକଣ୍ଠଙ୍କ କାବ୍ୟକବିତାର ଛତ୍ରେ ଛତ୍ରେ ପରିଲକ୍ଷିତ ।

ସର୍ବୋପରି ଓଡ଼ିଶାର ରାଜନୀତିରେ ପଣ୍ଡିତ ନୀଳକଣ୍ଠଙ୍କ ସ୍ଥାନ ଅଦ୍ୱିତୀୟ । ଖ୍ରୀ. ୧୯୦୩ରେ 'ଉତ୍କଳ ସମ୍ମିଳନୀ'ଠାରୁ ଆରମ୍ଭ କରି ଖ୍ରୀ.୧୯୬୧ର ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଓଡିଶାର ସମସ୍ତ ରାଜନୀତିକ ଘଟଣା ସହ ସେ ବ୍ୟକ୍ତିଗତଭାବେ ସମ୍ପୃକ୍ତ ଥିଲେ । ଖ୍ରୀ. ୧୯୨୪ରୁ ଖ୍ରୀ. ୧୯୪୫ ପର୍ଯ୍ୟନ୍ତ କେନ୍ଦ୍ର ଆସେମ୍ବ୍ଲିର ସଦସ୍ୟ

Digitized by PPRACHIN, SOA

ଥିଲେ । ଖ୍ରୀ. ୧୯୩୭ରେ ଓଡ଼ିଶାର ପ୍ରଥମ ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ ତାଙ୍କ ନେତୃତ୍ୱର ଫଳ । ଖ୍ରୀ. ୧୯୫୧ରେ ସ୍ୱାଧୀନ ଜନସଂଘ ପ୍ରାର୍ଥୀ ରୂପେ ଏବଂ ଖ୍ରୀ. ୧୯୫୭ରେ କଂଗ୍ରେସ ପକ୍ଷରୁ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ରୂପେ ବିଧାନସଭାକୁ ନିର୍ବାଚିତ ହୋଇ ୧୯୫୭ରୁ ୧୯୬୧ ପର୍ଯ୍ୟନ୍ତ ବିଧାନସଭାର ଅଧ୍ୟକ୍ଷ ହୋଇଥିଲେ । 'Odenell committee' କୁ ୧୯୩୨ରେ ସେ ଯେଉଁ ମେମୋରେଣ୍ଡମ୍ ଦେଇଥିଲେ ତାହାରି ଫଳରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ସମ୍ଭବପର ହୋଇଥିଲା । ରାଷ୍ଟ୍ରନୀତି ସମ୍ବନ୍ଧରେ ତାଙ୍କର ବିଚକ୍ଷଣତାର ପରିଚାୟକ ହେଉଛି 'Speeches and Remarks of Pandit Nilakantha Das' ଗ୍ରନ୍ଥ । ଏହା ବ୍ୟତୀତ 'କଂଗ୍ରେସ ସରକାର ଓ କଂଗ୍ରେସ କମିଟି', 'ଅହିଂସା ଓ ରାଜନୀତି', 'ଗାନ୍ଧୀଙ୍କ କଂଗ୍ରେସ ନୀତି', 'ଭାରତର ନୂଆ ଶାସନ ଓ ପ୍ରାଦେଶିକ ସ୍ୱାଧୀନତା', 'ଅର୍ଥ ସଙ୍କଟ ଓ ଭାରତୀୟ ଅର୍ଥନୀତି', 'ଜମିଦାର' ପ୍ରଭୃତି ପ୍ରବନ୍ଧଗୁଡ଼ିକରୁ ତାଙ୍କ ରାଜନୈତିକ ଦୃଷ୍ଟିକୋଣର ପରିଚୟ ମିଳେ ।

ପଣ୍ଡିତ ନୀଳକଣ୍ଠଙ୍କ ପରି ଜାତୀୟ ନେତା ଏବଂ ସ୍ରଷ୍ଟାପୁରୁଷ ଓଡ଼ିଶାରେ ଦୁର୍ଲ୍ଲଭ । ତାଙ୍କ ସାହିତ୍ୟର ପୁଂଖାନୁପୁଂଖ ଆଲୋଚନା ହୋଇପାରିଲେ, 'ଓଡ଼ିଆ ବ୍ୟାକରଣ' ସମେତ ତାଙ୍କର ଅପ୍ରକାଶିତ ଲେଖାବଳୀର ପ୍ରକାଶନ ହୋଇପାରିଲେ ତାଙ୍କ ପ୍ରତିଭାର ଯଥାର୍ଥ ସମ୍ମାନ ହେବା ସହିତ ସତ୍ୟବାଦୀଯୁଗଚେତନାର ସ୍ୱଚ୍ଛ ପ୍ରତିବିମ୍ବ ଜାତୀୟ ମୁକୁରରେ ପ୍ରତିଫଳିତ ହୋଇପାରିବ ।"

❑❑

Digitized by PPRACHIN, SOA

# ନୀଳକଣ୍ଠଙ୍କ ଧର୍ମଚେତନା ଓ ଦାର୍ଶନିକ ଦୃଷ୍ଟିକୋଣ

ନୀଳକଣ୍ଠଙ୍କ ଧର୍ମଚେତନା ଓ ଦାର୍ଶନିକ ଦୃଷ୍ଟିକୋଣ ପରସ୍ପରର ପରିପୂରକ । ଧର୍ମମୂଳକ ରଚନାରେ ତାଙ୍କ ଦାର୍ଶନିକ ଦୃଷ୍ଟି ଯେପରି ପ୍ରତିଫଳିତ ହୋଇଛି ଦର୍ଶନସମ୍ବଳିତ ରଚନାରେ ସେହିପରି ତାଙ୍କ ଧର୍ମଚେତନାର ସ୍ପଷ୍ଟ ସଂକେତ ରହିଛି ।

ମାନବ ସମାଜର ଆଦି ବିକାଶରେ ପଣ୍ଡିତ ନୀଳକଣ୍ଠ ଧର୍ମ ଧାରଣାର ଗୁରୁତ୍ୱ ଉପଲବ୍ଧ କରିଛନ୍ତି । ପ୍ରତ୍ୟେକ ଦେଶରେ ଏହି ଧର୍ମ ଧାରଣା କେତେବେଳେ ଆଦର୍ଶ ସମାଜ ଗଠନରେ ସହାୟକ ହୋଇଛି ତ, କେତେବେଳେ ସମାଜରେ ଭ୍ରଷ୍ଟାଚାର ପ୍ରବେଶ କରାଇବାରେ ମାଧ୍ୟମ ହୋଇଛି । ମାନବ ସମାଜ ଉପରେ ଧର୍ମର ଏହି ଦିଗନ୍ତ ବିସ୍ତାରୀ ପ୍ରଭାବର ସୂଚନାଦେଇ ନୀଳକଣ୍ଠ ଯେଉଁ କେତୋଟି ପ୍ରବନ୍ଧ ଲେଖିଛନ୍ତି, ସେଗୁଡିକ ହେଉଛି- 'ପୃଥିବୀର ଚାରି ପ୍ରଧାନ ଧର୍ମ,' 'ଜଗନ୍ନାଥ ଧର୍ମ,' 'ଭାରତର ଧର୍ମ ବିକାଶ', 'ଭାଗବତ ଧର୍ମ', ଓ 'ରଥଯାତ୍ରା' । ପ୍ରବନ୍ଧଗୁଡିକର ନାମକରଣରୁ ଜଣାଯାଏ, ନୀଳକଣ୍ଠଙ୍କ ଧର୍ମଚେତନା ତ୍ରିଧା ବିଭକ୍ତ । ମାନବ ସଭ୍ୟତା ଉପରେ ଧର୍ମର ପ୍ରଭାବ କଳନା କରିବାରେ ତାଙ୍କ ଦୃଷ୍ଟି କେବେ ବିଶ୍ୱବ୍ୟାପୀ, କେବେ ମହାଭାରତୀୟ ଭାବରେ ଉଦ୍‌ବୁଦ୍ଧ, କେବେ ପୁଣି ଉତ୍କଳୀୟ ଉଦାର ଚେତନାରେ ଅଭିଭୂତ ।

ସମାଜର ଜଣେ ଜାଗ୍ରତ ପ୍ରହରୀ ଭାବେ ପ୍ରାବନ୍ଧିକ ନୀଳକଣ୍ଠ ଧର୍ମନାମରେ ସମାଜରେ ପ୍ରବେଶ କରିଥିବା ଭ୍ରଷ୍ଟାଚାରକୁ ପଦେ ପଦେ ନିନ୍ଦା କରିଛନ୍ତି । ସମାଜରୁ ଏହି ଭ୍ରଷ୍ଟାଚାର, ମିଥ୍ୟା ଓ କୁସଂସ୍କାର ଦୂର କରିବା ପାଇଁ ସେ ବହୁ ଯୁକ୍ତି ଉପସ୍ଥାପନ ପୂର୍ବକ କେତେଗୋଟି ଦାର୍ଶନିକ ଅନୁଚିନ୍ତାମୂଳକ ପ୍ରବନ୍ଧ ରଚନା କରିଛନ୍ତି । 'ବିଧାତାଙ୍କ ସୃଷ୍ଟି', 'ମାନବ ପ୍ରଗତିର ଧାରା', 'ଅଦ୍ୱୈତବାଦ', 'ସତୀତ୍ୱ ଓ ନାରୀ', 'ନାମେ ଭକ୍ତି', 'ବିଶ୍ୱ ଦର୍ଶନରେ ମା' ବାପା' ଏବଂ ଇଂରାଜୀ ଭାଷାରେ ରଚିତ 'Om' ପ୍ରବନ୍ଧ ଏହାର ଉଦାହରଣ । ଏହା ବ୍ୟତୀତ "Religious and Philosophical Developments in Orissa' ଶୀର୍ଷକ ଭାଷଣରେ ସେ ଓଡିଶାର ଜାତୀୟ ଚେତନାରେ ଧର୍ମ ଓ ଦର୍ଶନ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ସୂଚନା ଦେଇଛନ୍ତି ।

ଉପରୋକ୍ତ ସମସ୍ତ ରଚନାରେ ନୀଳକଣ୍ଠଙ୍କ ବିଚାରଧାରା ନିମ୍ନୋକ୍ତ ଭାବେ ଦର୍ଶାଇ ଦିଆଯାଇପାରେ :

Digitized by PPRACHIN, SOA

**ଧର୍ମ-ସମନ୍ୱୟର ଦେଶ-ଭାରତ :**

'ପୃଥିବୀର ଚାରି ପ୍ରଧାନ ଧର୍ମ' ଶୀର୍ଷକ ପ୍ରବନ୍ଧରେ ନୀଳକଣ୍ଠ ପୃଥିବୀର ଶ୍ରେଷ୍ଠ ଚାରିଧର୍ମ-ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟ, ମୁସଲମାନ ଧର୍ମର ପରିଚୟ ପ୍ରଦାନ କରି ତନ୍ମଧ୍ୟରେ ହିନ୍ଦୁଧର୍ମକୁ ଏକ ସାର୍ବଜନୀନ ଧର୍ମ ରୂପେ ପ୍ରତିଷ୍ଠା ଦେଇଛନ୍ତି । ତାଙ୍କ ମତରେ, ହିନ୍ଦୁ ଧର୍ମ ହେଉଛି, 'ସନାତନଧର୍ମ' । ଆଦିମକାଳରୁ ମାନବର ବିକାଶ ସଙ୍ଗେ ଯେଉଁ ବିଶ୍ୱ ଓ ଭଗବଦ୍ ଭାବ ପ୍ରକଟିତ ହୋଇଛି, ତାହାର ପ୍ରତିଷ୍ଠା ଓ ପ୍ରଚାରହିଁ ହିନ୍ଦୁଧର୍ମର ମୂଳ ଲକ୍ଷ୍ୟ । କପିଳ, କଣାଦ, ବଦରାୟଣ, ଶଙ୍କର, ରାମାନୁଜ ଓ ଚୈତନ୍ୟ ପ୍ରଭୃତି ମହାପୁରୁଷମାନେ ବିଭିନ୍ନ ମାର୍ଗରେ ଏ ଧର୍ମର ପ୍ରଚାର କରିଥିଲେ ହେଁ, କେହି ଏହାର ଆଦିମ ପରମ୍ପରା କାଟି ନିଜମତ ଉପସ୍ଥାପନ କରି ନାହାନ୍ତି । ଆର୍ଯ୍ୟଜାତିର ସୃଷ୍ଟିଠାରୁ ଏ ଧର୍ମ ଆରମ୍ଭ ହୋଇ ଏ ପର୍ଯ୍ୟନ୍ତ ଲୋକର ସ୍ୱାଭାବିକ ଧର୍ମ ଭାବେ ବିକାଶ ପାଇ ଆସୁଅଛି ।

ଭାରତରେ ଧାର୍ମିକ ସମନ୍ୱୟ ସଂଘଟିତ ହୋଇଥିବା କଥା ନୀଳକଣ୍ଠ 'ଭାରତର ଧର୍ମବିକାଶ' ପ୍ରବନ୍ଧରେ ମଧ୍ୟ ଦର୍ଶାଇଛନ୍ତି । ଏଥିରେ ସେ ତନ୍ତ୍ର ସାଧନାର ନିର୍ବାଣ ବା ସର୍ବଶୂନ୍ୟ ଭାବ ଓ ବେଦର ପରମାତ୍ମାତତ୍ତ୍ୱ ବା ସର୍ବପୂର୍ଣ୍ଣତା ଭାବର ସମନ୍ୱୟ ଦର୍ଶାଇ ସେଥିରୁ ଭକ୍ତିଧର୍ମର ବିକାଶକ୍ରମ ସୂଚାଇଛନ୍ତି । ଆର୍ଯ୍ୟମାନେ ଭାରତକୁ ଆସିବା ପୂର୍ବରୁ ଅନାର୍ଯ୍ୟମାନଙ୍କଠାରେ ଯେଉଁ ଅତିତମ ବା ଶୂନ୍ୟଧାରଣା ପ୍ରତିଷ୍ଠିତ ଥିଲା, ତାହାକୁ ଲେଖକ ଭାରତର ପ୍ରାଚୀନତମ ଧର୍ମ ରୂପେ ଗ୍ରହଣ କରିଛନ୍ତି । ସେହି ଧର୍ମ ଅନୁସାରେ ମହାଶୂନ୍ୟ ବା ଘୋର ଅନ୍ଧକାର ମଧ୍ୟରୁ ଜଗତର ସୃଷ୍ଟି । ଏହି ଅତିତମ ଅନ୍ଧକାର ହେଉଛି, କୃଷ୍ଣବର୍ଣ୍ଣ ମହାକାଳ ବା ମହାଶୂନ୍ୟ । ମହାଶୂନ୍ୟରୁ ସୃଷ୍ଟିର ଧାରଣା ଅସମ୍ଭବ ବୋଧ ହେବାରୁ ଶୈବ ଓ ଶାକ୍ତଧର୍ମ ତଥା ତନ୍ତ୍ର ସାଧନାର ଉତ୍ପତ୍ତି ଘଟିଛି- ଏହି କଥା ଦର୍ଶାଇବାକୁ ଯାଇ ନୀଳକଣ୍ଠ ଲେଖିଛନ୍ତି- "କୌଣସି ଶୂନ୍ୟତାରୁ ସୃଷ୍ଟିର ଧାରଣା କରିବା ଅସମ୍ଭବ । ତେଣୁ ଆଦିମ ଅତିତମ ଓ ମହାକାଳରୁ ସୃଷ୍ଟିର ଧାରଣା କରିବାକୁ ଯାଇ ମହାକାଳ ସଙ୍ଗେ ମହାକାଳୀ ଧାରଣାର ଉଦ୍‌ଭବ ହେଲା ଏବଂ ମହାକାଳର ପ୍ରତୀକ ଲିଙ୍ଗ ରୂପେ ଓ ମହାକାଳୀ ଯୋନି ରୂପେ ପ୍ରତିଭାତ ହେଲେ- ଏହାହିଁ ଶୈବ ଓ ଶାକ୍ତଧର୍ମର ବୀଜ ।" (୧)

**ତନ୍ତ୍ରଧର୍ମ ଓ ବେଦଧର୍ମ :**

ନୀଳକଣ୍ଠଙ୍କ ବିଚାରରେ, ଆର୍ଯ୍ୟମାନେ ଅନାର୍ଯ୍ୟଙ୍କର ଅତିତମ ବା ଶୂନ୍ୟ ଧାରଣାରେ ସନ୍ତୁଷ୍ଟ ନ ହୋଇ ସମସ୍ତ ବିଶ୍ୱର ପ୍ରକାଶ ମଧ୍ୟରେ ଗୋଟିଏ ଶକ୍ତି ବା

Digitized by PPRACHIN, SOA

ଦେବତାର କଳ୍ପନା କରିଥିଲେ । କିନ୍ତୁ ତାଙ୍କର ଏହି ଧାରଣା ବାରମ୍ବାର ଅନାର୍ଯ୍ୟମାନଙ୍କ ଶୂନ୍ୟବାଦ ଦ୍ୱାରା ବାଧାପ୍ରାପ୍ତ ହୋଇଥିଲା । ଫଳରେ ଆର୍ଯ୍ୟଙ୍କ ବେଦଧର୍ମରେ ମଧ୍ୟ ଶୂନ୍ୟତାର ଭାବ ମଧ୍ୟେ ମଧ୍ୟେ ପ୍ରତିଫଳିତ ହେଲା । ଏଥିପାଇଁ ପ୍ରାବନ୍ଧିକ ଋଗ୍‌ବେଦର 'ନାସଦୀୟ ସୂକ୍ତି'କୁ ଦର୍ଶାଇଛନ୍ତି-

"ନାସଦାସୀନ୍ନୋ ସଦାସୀତ୍ ତଦାନୀଂ
ନାସୀଦ୍ରଜୋ ନା ବ୍ୟୋମୋ ପରୋଯତ୍ ।"

ଏଠାରେ ଋଷି ଶୂନ୍ୟତା ମଧ୍ୟରେ ଅତିଷ୍ଠ ହୋଇ ଦ୍ରବ୍ୟର ସୂଚନା ବିଷୟରେ ନାନା ପ୍ରଶ୍ନ ଉତ୍‌ଥାପନ କରିଛନ୍ତି । ଏହି ଶୂନ୍ୟତାର ଭାବ କ୍ରମେ ବେଦଧର୍ମରେ ପୂର୍ଣ୍ଣତାରେ ପରିସ୍ଫୁଟ ହୋଇଅଛି । 'ଆଭୁଃ' ବା ଶୂନ୍ୟଗର୍ଭ ପରେ 'ବ୍ରହ୍ମା' ବା 'ହିରଣ୍ୟଗର୍ଭ' ରୂପେ ପରିଚିତ ହୋଇଛନ୍ତି । ତେଣୁ ଋଷିକଣ୍ଠରୁ ନିର୍ଗତ ହୋଇଛି-

"ପୂର୍ଣ୍ଣ ମିଦଂ ପୂର୍ଣ୍ଣମଦଃ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦିଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।" (୨)

ଏହିପରି ବୈଦିକ ସାହିତ୍ୟର ବହୁସ୍ଥାନରେ ଶୂନ୍ୟତା ଓ ପୂର୍ଣ୍ଣତାର ବିରୋଧ ଭାବ ପୁଣି ପରବର୍ତ୍ତୀ କାଳରେ ତନ୍ତ୍ରର ଶୂନ୍ୟ ଭାବକୁ ଗ୍ରାସ କରିଅଛି । ପ୍ରାବନ୍ଧିକଙ୍କ ଭାଷାରେ-"ଅତିପ୍ରାଚୀନ ତନ୍ତ୍ରଧର୍ମର ମହାଶୂନ୍ୟତା ବା ମହାକାଳ ସଙ୍ଗେ ଏହି ମହାପୂର୍ଣ୍ଣତା ବା ପରଂବ୍ରହ୍ମତ୍ୱ ଦେଖିଲେ, ଦୁଇଟି ସଂସ୍କୃତି ବୀଜର ସ୍ପଷ୍ଟ ଧାରଣା ହେବ । ଏହି ଦୁଇଟିର ଚିର ସଂଘର୍ଷ ଭାରତରେ ବରାବର ଲାଗି ରହିଅଛି । ଥରେ ଥରେ ଶୂନ୍ୟତା ଭୀଷଣ ପ୍ରଭାବରେ ଗ୍ରାସ କରୁଅଛି । କିନ୍ତୁ ଶୂନ୍ୟତାରେ ମାନବ ଜୀବନର ସ୍ଥିତି ବା ଶାନ୍ତି ସ୍ଥିର ରହୁନାହିଁ । ସେଥିପାଇଁ ଶୂନ୍ୟତା ମଧ୍ୟରେ ପୁଣି ପୂର୍ଣ୍ଣତାର ଧାରଣା ପ୍ରକାଶ ପାଉଅଛି ।" (୩) ଓଡିଶାରେ ତନ୍ତ୍ରଧର୍ମର ପ୍ରାଧାନ୍ୟ ଦର୍ଶାଇ ନୀଳକଣ୍ଠ 'ଦଶହରା ଓ କୁମାର ପୂର୍ଣ୍ଣିମା' ପ୍ରବନ୍ଧରେ ଲେଖିଛନ୍ତି- "ଏଇ ଦେବୀ ତନ୍ତ୍ରଧର୍ମ ନାନାଭାବରେ ଏ ଦେଶରେ ପ୍ରକାଶ ପାଇଚି । ଏଥିରେ ଗୋଟିଏ ହେଉଚି ତନ୍ତ୍ର, ଅପରଟି ଯୋଗ । ତନ୍ତ୍ରର ସାଧନା ପ୍ରାକୃତ ସାଧନା; ଯୋଗର ସାଧନା ନିର୍ବାଣର ସାଧନା । ବହୁକାଳ ଯାଏ ଓଡିଶା ସ୍ପଷ୍ଟଭାବରେ ଏଇ ଯୋଗ ସାଧନାର କ୍ଷେତ୍ର ଥିଲା ।" (୪)

### ବେଦଧର୍ମ କ୍ଷତ୍ରିୟର ଧର୍ମ:

ପୁରୋହିତ ବ୍ରାହ୍ମଣମାନେ ବେଦଧର୍ମକୁ ସ୍ୱଜାତି ପରମ୍ପରା ବୋଲି ଦାବି କଲେ ହେଁ ନୀଳକଣ୍ଠଙ୍କ ଯୁକ୍ତିରେ ବେଦଧର୍ମ ନିଷ୍ପର୍ମା ବ୍ରାହ୍ମଣଙ୍କର ନୁହେଁ, ଏହା କର୍ମୀ କ୍ଷତ୍ରିୟର

Digitized by PPRACHIN, SOA

ଧର୍ମ । ନିଷ୍କାମ କର୍ମ ସାଧନା ବେଦଧର୍ମର ଆଦର୍ଶ । ବେଦୋତ୍ତର କାଳରେ ମଧ୍ୟ କର୍ମରେ ଅନାସକ୍ତ ରହି ମୁକ୍ତି ସାଧନା ପଥରେ ଅଗ୍ରସର ହେବା ପାଇଁ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ସୂର୍ଯ୍ୟ ଅନାସକ୍ତ ଭାବେ ସର୍ବତ୍ର ସମାନ କିରଣ ପ୍ରଦାନପୂର୍ବକ ଲୋକପାଳନ କରୁଥିବାରୁ ସେ ଏ କ୍ଷେତ୍ରରେ କ୍ଷତ୍ରିୟଙ୍କ ଗୁରୁ ଏବଂ ଆଦିକ୍ଷତ୍ରିୟ ରୂପେ ପରିଚିତ ହୋଇଥିବାର ଲେଖକ ଦର୍ଶାଇଛନ୍ତି ।

ଅପର ପକ୍ଷରେ ବ୍ରାହ୍ମଣମାନଙ୍କୁ ନିଜର ଜୀବିକା ଅର୍ଜନ ପାଇଁ ବିଶେଷ କିଛି କାୟିକ କର୍ମ କରିବାକୁ ପଡୁ ନଥିଲା । ପୂଜାପାଠ ଓ ମନ୍ତ୍ରପାଠ କରି ସେ ପ୍ରାୟତଃ ନିଷ୍କର୍ମା ରହୁଥିଲେ । ତନ୍ତ୍ର ମୂଳ ଶୂନ୍ୟତାର ପ୍ରଭାବ ତାଙ୍କ ଉପରେ ଅଧିକ ପଡିଥିଲା । ତେଣୁ ସେମାନେ ବେଦର ମୌଳିକ ନିଷ୍କାମ ଧର୍ମକୁ ନିଷ୍କର୍ମ ବା କର୍ମହୀନତା ବା କର୍ମ ତ୍ୟାଗରେ ରୂପାନ୍ତରିତ କରି ଶୂନ୍ୟଉପାସନାର ପ୍ରଚାର କଲେ । ତାହାକୁ 'ଜ୍ଞାନମାର୍ଗ' କୁହାଗଲା । ଏହାର ପ୍ରଚାର ଫଳରେ ବେଦନିର୍ଦ୍ଦେଶିତ ଧର୍ମଭାବ ବା ନିଷ୍କାମ କର୍ମବାଦ କ୍ରମେ ଲୋପ ପାଇଲା ବୋଲି ପ୍ରାବନ୍ଧିକ ନୀଳକଣ୍ଠ ଇଂଗିତ ଦେଇଛନ୍ତି । ତାଙ୍କ ମତରେ ପୁଣି ଏଇ କର୍ମ ତ୍ୟାଗରୁ ସାଂଖ୍ୟର ପ୍ରକୃତି-ପୁରୁଷବାଦର ସୃଷ୍ଟି । ସେଥିରେ ପୁରୁଷ ନିଷ୍କ୍ରିୟ ପ୍ରକୃତି ସକ୍ରିୟ ।

**ତତ୍ତ୍ୱ ଓ ଯୋଗ:**

ସମସ୍ତ ଭାରତୀୟ ଧର୍ମ, ଦର୍ଶନ ଓ ନୀତିର ମୂଳ ଉଦ୍ଦେଶ୍ୟ ହେଉଛି, ମନୁଷ୍ୟର ଶାନ୍ତି ଲାଭର ଉପାୟ ଉଦ୍‌ଭାବନ । ଏଥିରୁ ବାହାରିଛି ବିଭିନ୍ନ ଧର୍ମଧାରଣା ଓ ଧର୍ମ ସାଧନା । ପଣ୍ଡିତ ନୀଳକଣ୍ଠ ଏହି ଧର୍ମ ଧାରଣାକୁ 'ତତ୍ତ୍ୱ' ଓ ଧର୍ମ ସାଧନାକୁ 'ଯୋଗ' ଅର୍ଥରେ ଗ୍ରହଣ କରିଛନ୍ତି । ବେଦଧର୍ମୀଙ୍କ ଉକ୍ତି ଅନୁଯାୟୀ 'ଜ୍ଞାନ' ହେଉଛି ସାଂଖ୍ୟ । ଏହାକୁ ଆୟତ୍ତ କଲେ ଯୋଗର ଆବଶ୍ୟକତା ରହେ ନାହିଁ । ଏହି ଜ୍ଞାନହିଁ ତତ୍ତ୍ୱ । ପୁଣି ମହାଶୂନ୍ୟତାର ଭାବରେ ଚିତ୍ତକୁ ଦୃଢ଼ ରଖିବା ପାଇଁ ଯେଉଁ ସାଧନା ଆବଶ୍ୟକ ତାହାରି ନାମ 'ଯୋଗ' ।(୫)

**ଶୂନ୍ୟ ଧାରଣା, ପରମାତ୍ମା ଧ୍ୟାନ ଓ ଭକ୍ତିମାର୍ଗ:**

ପ୍ରାଚୀନ ତତ୍ତ୍ୱ ଅନୁସାରେ କର୍ମବନ୍ଧନ ତ୍ୟାଗ ପୂର୍ବକ ଶୂନ୍ୟରେ ଧ୍ୟାନ ସ୍ଥିର ରଖି ସିଦ୍ଧି ବା ନିର୍ବାଣ ଲାଭ କରିବା ହିଁ ଯୋଗମାର୍ଗର ପ୍ରଧାନ ଉପାୟ । କିନ୍ତୁ ଶୂନ୍ୟରେ ଧ୍ୟାନ ଦୃଢ଼ ନ ରହିବାରୁ ଯୋଗୀମାନେ ଶୂନ୍ୟତାର ଚିନ୍ତାରେ ମହାକାଳ ଓ ମହାକାଳୀ ବା ଶିବ ଓ ଶକ୍ତିଙ୍କ ଧ୍ୟାନରେ ମନ ଦେଲେ । ଏଥିରୁ ତନ୍ତ୍ରଧର୍ମର ଉତ୍ପତ୍ତି । ପରବର୍ତ୍ତୀ କାଳରେ ତନ୍ତ୍ରଧର୍ମୀଙ୍କ ଶୂନ୍ୟତାରେ ବେଦଧର୍ମୀମାନେ ପୂର୍ଣ୍ଣତାର କଳ୍ପନା କରିବାରୁ

Digitized by PPRACHIN, SOA

ପୂର୍ଣ୍ଣ ପରମାତ୍ମାଙ୍କଠାରେ ଧ୍ୟାନ ହିଁ ଅଖଣ୍ଡ ଶାନ୍ତି ଲାଭର ପ୍ରଧାନ ଉପାୟ ରୂପେ ଗୃହୀତ ହେଲା । ଏଇଥିରୁ ଭକ୍ତିମାର୍ଗର ଉଦ୍ଭବ ଦର୍ଶାଇ ନୀଳକଣ୍ଠ ଲେଖିଛନ୍ତି- ପରବର୍ତ୍ତୀ କାଳରେ ପରମାତ୍ମାର ଧ୍ୟାନ ମଧ୍ୟ ସେହିପରି ଅସ୍ଥିର ହେବାରୁ ଧର୍ମ ସାଧନାରେ ଭକ୍ତିମାର୍ଗ ସ୍ପଷ୍ଟ ବାହାରି ପଡିଥିଲା । ବସ୍ତୁତଃ ଭକ୍ତି ଧ୍ୟାନ ଯୋଗର ଗୋଟିଏ ଅବାନ୍ତର ବିଭାବ ମାତ୍ର । (୬)

## ଭାଗବତଧର୍ମ ବା ଭକ୍ତିଧର୍ମ ହେଉଛି ବେଦ ବର୍ହିଭୂତ ଧର୍ମ:

ନୀଳକଣ୍ଠ ଭାଗବତଧର୍ମକୁ 'ଭକ୍ତିଧର୍ମ' ଆଖ୍ୟା ଦେଇ ତାକୁ ପ୍ରତିଷ୍ଠା ଦେବା ପାଇଁ କୁଣ୍ଠା ପ୍ରକାଶ କରିଛନ୍ତି । ସେ କହନ୍ତି, ଭାଗବତଧର୍ମ ହିଁ ଭାରତରେ ଭକ୍ତି ଧର୍ମ । ''ଏଥିରେ ବୁଦ୍ଧି ବିବେକ ଖର୍ଚ୍ଚ କରିବାର ନାଇ । ମହାପାପ କଲେ ମଧ୍ୟ ଭକ୍ତକୁ ଭଗବାନ ଅନୁଗ୍ରହ କରି ଉଦ୍ଧାର କରନ୍ତି ।'' (୭) ଏହି ଯୁକ୍ତିହୀନ ବିବେକହୀନ ଭକ୍ତିଧର୍ମକୁ 'ମିଥ୍ୟା ଦର୍ଶନ ଶଲ୍ୟ' କହି ନୀଳକଣ୍ଠ 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥରେ କଠୋର ସମାଲୋଚନା କରିଛନ୍ତି ।

ଭାଗବତଧର୍ମର ଉତ୍ପତ୍ତି ଓ ପ୍ରାଚୀନତା ସମ୍ପର୍କରେ ପ୍ରାବନ୍ଧିକ ନୀଳକଣ୍ଠ କହନ୍ତି, ''ଭାଗବତଧର୍ମ ବିଷୟରେ ବେଦ ନୀରବ ଥିଲେ ହେଁ, 'ଭଗ' ଶବ୍ଦ ଏଥିରେ ମଙ୍ଗଳକର ଅର୍ଥରେ ବ୍ୟବହୃତ ହୋଇଅଛି । ଏହି 'ଭଗ' ଯାହାଠାରେ ଅଛି, ସେ ହେଲେ ଲୋକ ମଙ୍ଗଳକାରୀ ବା 'ଭଗବତ୍' ବା 'ଭଗବାନ' । ଏହି 'ଭଗବତ୍'କୁ ଧରି ବିକାଶ ପାଇଥିବା ଧର୍ମ ହେଲା 'ଭାଗବତଧର୍ମ' । 'ବିଷ୍ଣୁ ପୁରାଣ' ଅନୁଯାୟୀ ଅଣିମାଦି ଅଷ୍ଟ ଐଶ୍ୱର୍ଯ୍ୟ, ଧର୍ମ, ଯଶ, ସମ୍ପତ୍ତି ଜ୍ଞାନ ଓ ବୈରାଗ୍ୟ- ଏହି ଛ'ଗୋଟି ଏକାଠି ହେଲେ 'ଭଗ' ହୁଏ । ଏହି ଭଗ ଯାହାର ଅଛି ସେ ଭଗବାନ । କିନ୍ତୁ ନୀଳକଣ୍ଠଙ୍କ ବିଚାରରେ 'ଭଗବତଧର୍ମ' ବେଦ ବା ପୁରାଣର ଧର୍ମ ନୁହେଁ । ତାହା ବେଦ ବାହାର ଧର୍ମ ବା 'ଆଗମଧର୍ମ' - ''ଶୈବଧର୍ମ, ଶାକ୍ତଧର୍ମ ଓ ଭାଗବତଧର୍ମ ପରି ଧର୍ମମାନ ବୈଦିକ ନୁହେଁ । ବୈଦିକ ଭାଷାରେ ସେ ସବୁର ନାମ 'ଆଗମ' ବୋଲି କୁହାଯାଇଛି । 'ଆଗମ'ର ଅର୍ଥ- ଯାହା ବାହାରୁ ଆସିଛି- 'ନିଗମ' ବା ବେଦ ନୁହେଁ ।''

ଭାଗବତଧର୍ମ ପ୍ରଥମେ ବାସୁଦେବ କୃଷ୍ଣଙ୍କୁ ଧରି ପ୍ରକାଶ (୮) ପାଇଥିଲା । ବେଦ ଧର୍ମ-ବିରୋଧୀ କୃଷ୍ଣ ସାତ୍ତ୍ୱତ କୁଳରେ ଜନ୍ମ ଲାଭ କରି ସେହି କୁଳରେ ଦେବତା ଭାବରେ ପୂଜା ପାଇଥିଲେ । ପରବର୍ତ୍ତୀ କାଳରେ ଏହି ବାସୁଦେବ କୃଷ୍ଣ 'ନାରାୟଣ' ରୂପେ ପରିଚିତ ହେଲେ । ନାରାୟଣ ଶବ୍ଦର ବ୍ୟାଖ୍ୟା କରି ନୀଳକଣ୍ଠ ଲେଖିଛନ୍ତି- ''ଏହା ଏକ ଦ୍ରାବିଡ ଶବ୍ଦ । ଏହାର ଅର୍ଥ ହେଉଛି, 'ନାର' ଅର୍ଥାତ୍ ଜଳର ବା

Digitized by PPRACHIN, SOA

ଜଳରୂପୀ ପୁରୁଷ । ସୁମେରୁ ସଭ୍ୟତା ପରି ପ୍ରାଚୀନ ଭାରତୀୟ ବା ଦ୍ରାବିଡ ସଭ୍ୟତାରେ ଜଳ ହେଉଥିଲା ବିଶ୍ୱପିତା । ତେଣୁ 'ନାରାୟଣ' ହେଲେ ବିଶ୍ୱର ପରମେଶ୍ୱର ।' (୯)

ଭାଗବତଧର୍ମର ବୈଶିଷ୍ଟ୍ୟ ଦର୍ଶାଇ ନୀଳକଣ୍ଠ ପୁଣି କହନ୍ତି- "ଏଇ ଧର୍ମର ଗୋଟିଏ ବିଶେଷ ଲକ୍ଷଣ ହେଉଚି, ଏଇ ଧର୍ମର ତତ୍ତ୍ୱ ଓ ମୁକ୍ତି ମାର୍ଗମାନ ଭଗବାନ ନିଜେ ଲୋକରେ ପ୍ରଚାର ହେବା ନିମନ୍ତେ ପ୍ରକାଶ କରି ବା ବୁଝାଇ କରି କୌଣସି ଭକ୍ତକୁ କହିବା; ଇଂରେଜିରେ ଏଇ କଥାଟାକୁ କହନ୍ତି- Revelation ।" (୧୦)

**ଜଗନ୍ନାଥଧର୍ମ:**

ପଣ୍ଡିତ ନୀଳକଣ୍ଠ ତାଙ୍କର ବିଭିନ୍ନ ଲେଖାରେ ଜଗନ୍ନାଥଧର୍ମର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । ମାନବ ସମାଜ ତଥା ସଭ୍ୟତାର ବିକାଶରେ ଜଗନ୍ନାଥଙ୍କୁ ସାମ୍ୟ, ମୈତ୍ରୀ ଓ ମୁକ୍ତିର ଏକ ବିଗ୍ରହ ରୂପେ ପ୍ରତିଷ୍ଠା ଦେଇ ସେ ଲେଖିଛନ୍ତି- 'ଭେଦବୁଦ୍ଧି ଜନିତ ପ୍ରକୃତି ଓ କୁସଂସ୍କାର ଓ ଉପଧର୍ମର ଅଚ୍ଛେଦ୍ୟ ବନ୍ଧନ ମଧ୍ୟରେ ଜଗନ୍ନାଥ ଏକ ସାମ୍ୟ, ଓ ମୁକ୍ତିର ଆଦର୍ଶ, ଏଇ ଆଦର୍ଶର ସ୍ୱଷ୍ଟ ବିଗ୍ରହ ରୂପେ ଜଗନ୍ନାଥଧର୍ମ ଦିନେ ବିକାଶ ପାଇଥିଲା । ଉତ୍କଳ ଭାବରାଜ୍ୟର ଏହାଇ ପୁଣ୍ୟ ପରମ୍ପରା ।" (୧୧)

**ଜଗନ୍ନାଥ-ଜୀନଦେବ:**

ଗବେଷକ ନୀଳକଣ୍ଠ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଲିଖିତ 'ସର୍ବ ବୁଦ୍ଧମୟଂ ସିଦ୍ଧି' କଥାଟିକୁ ଶାକ୍ୟମୁନିଙ୍କ ବୁଦ୍ଧତ୍ୱ ଅର୍ଥରେ ଗ୍ରହଣ କରି ନାହାନ୍ତି । ସେ କହନ୍ତି, ଜଗନ୍ନାଥ ହେଉଛନ୍ତି ଜୈନ ସିଦ୍ଧିର ପ୍ରତୀକ । ଜୀନଦେବ-ଜଗନ୍ନାଥଙ୍କୁ ବୌଦ୍ଧାବତାର କରିବାର ଦୁଇଗୋଟି କାରଣ ସେ ଦର୍ଶାଇଛନ୍ତି- ସେ (ଜଗନ୍ନାଥ) ଜୈନଦେବ । ଜୈନମାନେ ପରେ ନିଜକୁ ବୌଦ୍ଧ ବୋଲି କହିଲେ । ସେମାନେ ପରେ ଜଗନ୍ନାଥଙ୍କୁ ମଧ୍ୟ ବୌଦ୍ଧ କରିବାରେ ଆରମ୍ଭ କରିଦେଲେ ।" (୧୨) ସେ ପୁଣି ଖାରବେଳଙ୍କ ହାତୀ ଗୁମ୍ଫା ଶିଳାଲିପିକୁ ଭିତ୍ତିକରି ଜଗନ୍ନାଥଧାମ ଜୈନ ସାଧନା ଓ ଉପାସନାର କ୍ଷେତ୍ର ଥିବାର ଉଲ୍ଲେଖ କରିଛନ୍ତି- "ଏହିଠାରେ କଳିଙ୍ଗ ଜୀନ ବା କଳିଙ୍ଗର ଜୀନାସନକୁ ୧୦୩ ବର୍ଷ ପୂର୍ବେ ମଗଧର ନନ୍ଦରାଜା କଳିଙ୍ଗ ଜିଣି ମଗଧକୁ ଘେନି ଯାଇଥିଲେ । ଖାରବେଳ ପୁଣି ମଗଧ ଜିଣି ତାହା କଳିଙ୍ଗକୁ ଫେରାଇ ଆଣିଥିଲେ । ଏହି ଜୈନଉପାସନାର ସଂକେତ ବୁଦ୍ଧଙ୍କ ସ୍ମାରକ ରୂପେ ପ୍ରତିଷ୍ଠା ଦେବାପାଇଁ ସେକାଳ ବୌଦ୍ଧମାନେ ଖୁବ୍ ଉଦ୍ୟମ କରିଥିଲେ । ଜଗନ୍ନାଥଙ୍କୁ ବୌଦ୍ଧାବତାର କରିବାର ଅନ୍ୟତମ କାରଣ ମଧ୍ୟ ସେଇୟା ।' (୧୩) କେବଳ ସେତିକି ନୁହେଁ, ଜଗନ୍ନାଥଙ୍କ କୈବଲ୍ୟ କଥାଟିରେ

Digitized by PPRACHIN, SOA

ମଧ୍ୟ ପ୍ରାବନ୍ଧିକ ଜୈନମୂଳକୁ ଖୋଜି ଦେଖାଇ ଜଗନ୍ନାଥଙ୍କ ଜୈନ ଭିତ୍ତିକୁ ଦୃଢ଼ କରିଛନ୍ତି- 'କୈବଲ୍ୟ କଥାଟି ମୂଳତଃ ଗୋଟିଏ ଜୈନ କଥା, ଜୈନମାନେ ନିଜର ନିର୍ବାଣ ସାଧନାରେ ଜୀବକୁ ଅଜୀବଠାରୁ ଅଲଗାକରି କେବଳ ଜୀବସ୍ୱରୂପ ହୋଇ ଯିବାରେ ଲାଗନ୍ତି । ଏହି କେବଳ ଜୀବର ଅବସ୍ଥାକୁ କହନ୍ତି, 'କୈବଲ୍ୟ' । ଏହି କୈବଲ୍ୟ ଆସିଗଲେ ଦେହତ୍ୟାଗ ମାତ୍ରେ ନିର୍ବାଣ ବା ମୁକ୍ତି ମନକୁ ହୁଏ । ଜଗନ୍ନାଥଙ୍କଠାରେ ଜୀବଦ୍ଦଶାରେ ଯେଉଁ ମୁକ୍ତି ମିଳେ ତାହାର ନାମଟି ହେଉଚି କୈବଲ୍ୟ । ଅନ୍ୟତ୍ର ଏହି ଅର୍ଥରେ ଏ ନାମ ନାହିଁ ।'' (୧୪) ଜଗନ୍ନାଥଙ୍କ ଠାରେ 'ନାମ' ଶବ୍ଦର ପ୍ରୟୋଗ ମୂଳରେ ଜୈନ ପରମ୍ପରା ଥିବାର ସେ ଅନ୍ୟତ୍ର ସୂଚାଇଛନ୍ତି- ''ଯେପରି ଜୈନମାନଙ୍କ ଭିତରେ ଋଷଭନାଥ, ଆଦିନାଥ, ନେମିନାଥ, ପାର୍ଶ୍ୱନାଥ ପ୍ରଭୃତି, ଏ ସେହିପରି ଜଗତ୍ ସ୍ୱରୂପ ଉପାସ୍ୟ ପୁରୁଷର ନାମ 'ଜଗନ୍ନାଥ' । (୧୫)

'ରଥଯାତ୍ରା' ପ୍ରବନ୍ଧରେ ନୀଳକଣ୍ଠ ପୁଣି ଜଗନ୍ନାଥଙ୍କୁ ଶବର ଦେବତା ରୂପେ ପ୍ରତିଷ୍ଠା ଦେଇଛନ୍ତି । କିମ୍ବଦନ୍ତୀରୁ ଜଣାଯାଏ, ଲୋଙ୍ଗନଦୀ ଓ ମହାନଦୀ ମଝିରେ ଜଗନ୍ନାଥ ଶବର ନାରାୟଣ ନାମରେ ପ୍ରତିଷ୍ଠିତ ଥିଲେ । ନୀଳକଣ୍ଠଙ୍କ ମତରେ ପ୍ରାଚୀନ କୋଶଳ ଅଞ୍ଚଳର ଶବରମାନେ ଜଗନ୍ନାଥଙ୍କୁ କାଠତିଆରି ମୂର୍ତ୍ତି ରୂପେ ପୂଜା କରୁଥିଲେ । ଜୈନଦେବ ରୂପେ ପୂଜା ପାଇବା ପରେ ଜଗନ୍ନାଥ ଶବର ଦେବ ହୋଇଛନ୍ତି ବୋଲି ଯୁକ୍ତି ଦର୍ଶାଇ ସେ ଲେଖିଛନ୍ତି- ''ଏହି ଜୈନଦେବ ଉତ୍ତର ଭାରତର ବିଷ୍ଣୁ ଉପାସକ ବୈଦିକମାନଙ୍କର ହୋଇଥିଲେ ବିଷ୍ଣୁ । ସେଇ ବିଷ୍ଣୁ ରୂପରେ ସେ ଶବର ଦେବଙ୍କୁ ଅନନ୍ତ ମୈତ୍ରୀରେ ନିଜର ଅଙ୍ଗୀଭୂତ କରିଥିଲେ କିମ୍ବା ଜୈନ ଶବରମାନେ ବୈଦିକ ବୈଷ୍ଣବଙ୍କ ସଙ୍ଗେ ମିଶି ଜଗନ୍ନାଥଙ୍କୁ କରିଥିଲେ ବିଷ୍ଣୁ ବା ସର୍ବବ୍ୟାପୀ ବିଶ୍ୱଦେବ ।''

ଜୈନ ତୀର୍ଥଙ୍କରମାନଙ୍କ ଉତ୍ସବରେ ଅନୁଷ୍ଠିତ ରଥଯାତ୍ରାରୁ ଜଗନ୍ନାଥଙ୍କ ରଥଯାତ୍ରାର ପରିକଳ୍ପନା ବୋଲି ପ୍ରାବନ୍ଧିକ ନୀଳକଣ୍ଠ ମତ ଦିଅନ୍ତି । ସେ ପୁଣି "Hints on the Significance and History of Jagannath" ଶୀର୍ଷକ ଇଂରାଜୀ ପ୍ରବନ୍ଧରେ ଜଗନ୍ନାଥଙ୍କ ମୂର୍ତ୍ତିତତ୍ତ୍ୱ ସମ୍ବନ୍ଧୀୟ ଯେଉଁ ନୂତନ ଆଲୋକର ସନ୍ଧାନ ଦେଇଛନ୍ତି, ସେଥିରୁ ତାଙ୍କ ସ୍ୱଭାବ ପ୍ରସିଦ୍ଧ ମୌଳିକ ଚିନ୍ତାର ପରିଚୟ ମିଳେ । ପୁରାଣ ଅନୁସାରେ ପୁରୁଷୋତ୍ତମ ଜଗନ୍ନାଥ ପ୍ରଥମେ 'ନୀଳମାଧବ' ରୂପେ ପୂଜା ପାଉଥିଲେ । ଏହି ନୀଳମାଧବ ଥିଲେ ଏକ ନୀଳ ପଥର । ତେଣୁ ଏବେ ମଧ୍ୟ ପୁରୁଷୋତ୍ତମ କ୍ଷେତ୍ର 'ନୀଳାଦ୍ରି' ବା 'ନୀଳାଚଳ' ରୂପେ ଏବଂ ଜଗନ୍ନାଥ ନୀଳାଦ୍ରିନାଥ ରୂପେ ପରିଚିତ । ନୀଳକଣ୍ଠ କହନ୍ତି, 'ଅଚଳ', ବା 'ଅଦ୍ରିର'ର ଅର୍ଥ ଏଠାରେ ପର୍ବତ ନୁହେଁ । ଏହା

Digitized by PPRACHIN, SOA

ଏକ ପଥର ଖଣ୍ଡ । ଶବର ବିଶ୍ୱାବସୁ ନୀଳ ପଥର ଖଣ୍ଡ (Black granite)କୁ ନୀଳମାଧବ ରୂପେ ପୂଜା କରୁଥିଲେ । 'ନୀଳମାଧବ' ଶବ୍ଦରେ ଦ୍ରାବିଡ ମୂଳକତା ଦର୍ଶାଇ ଲେଖକ ସେଥିରୁ ସୃଷ୍ଟିତତ୍ତ୍ୱର ଅନୁସନ୍ଧାନ କରିଛନ୍ତି-

"In old Dravidian again, Nila means 'blue'. 'Nilamadhava', therefore, represents a philosophy which means, 'from a noumenal nothingness were produced a phenomenal appearance." (୧୬)

'ନୀଳମାଧବ' ଶବ୍ଦ ବୈଷ୍ଣବ ଯୁଗର ବହୁ ପୂର୍ବରୁ ପ୍ରଚଳିତ ଥିବାରୁ ଲେଖକ କହନ୍ତି, 'ନୀଳମାଧବ'ର ଅର୍ଥ ଲକ୍ଷ୍ମୀଙ୍କ ସ୍ୱାମୀ ବା ବିଷ୍ଣୁ ନୁହେଁ । ବର୍ଣ୍ଣ ଦୃଷ୍ଟିରୁ ଏହା ତ୍ରିମୂର୍ତ୍ତିର ମିଶ୍ରଣ-ନୀଳ (କଳା), ମା (ସୁବର୍ଣ୍ଣ) ଏବଂ ଧବ (ଧଳା) । ଏହି ତିନି ବର୍ଣ୍ଣରୁ ଯଥାକ୍ରମେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କର ଉନ୍ମେଷ ।(୧୭)

**ନୀଳକଣ୍ଠଙ୍କ ଧର୍ମଚେତନା:**

ନୀଳକଣ୍ଠଙ୍କ ଧର୍ମ ଚେତନା ଭକ୍ତିବାଦର ମିଥ୍ୟାଚାର ଦ୍ୱାରା କଳୁଷିତ ନୁହେଁ । ସେ ଧର୍ମକୁ ରକ୍ଷଣଶୀଳତାର ସୂଚୀପତ୍ର ରୂପେ ଗ୍ରହଣ କରି ନାହାନ୍ତି । ଧର୍ମର ଅହମିକାରେ ଅମାନୁଷିକ ଆଚରଣକୁ ମଧ୍ୟ ସେ ପ୍ରଶ୍ରୟ ଦେଇ ନାହାନ୍ତି । ଧର୍ମ ମାଧ୍ୟମରେ ମନୁଷ୍ୟର ଆତ୍ମ ଜିଜ୍ଞାସା ଓ ଆତ୍ମ ବିକାଶର ଜୟଗାନ କରି ସେହି ଆଧ୍ୟାତ୍ମ ଧର୍ମକୁ ସେ ଭାରତୀୟର ମୌଳିକ ଧର୍ମଭାବେ ପ୍ରତିଷ୍ଠା ଦେଇଛନ୍ତି । ତାଙ୍କ ଭାଷାରେ- "ଆତ୍ମ ଭାବରେ ଜାତିଭେଦ, ଭାଷାଭେଦ ପ୍ରଭୃତି ମନୁଷ୍ୟ ମଧରେ ଯେସବୁ ଭେଦ ଫୁଟିଛି, ତାହା ରହିବା ସମ୍ଭବ ନୁହେଁ । ସେହି ହେଉଚି, ଭାରତର ମୌଳିକ ଧର୍ମ । ସେହି ମୌଳିକ ଧର୍ମରେ ଭକ୍ତିଭାବ ପଶିଲେ ମନୁଷ୍ୟ କ୍ରମେ କ୍ଷୁଦ୍ରହୁଏ ଓ ଆତ୍ମିକତା ତଥା ଚରିତ୍ରବତ୍ତା ପ୍ରଭୃତି ମନୁଷ୍ୟର ଯେଉଁ ଗୁଣ ବିକଶିତ ହେଲେ ପୃଥିବୀରେ ସାମ୍ୟ ଓ ମୈତ୍ରୀ ଭାବ ଫୁଟିବ ବୋଲି ଆଜି କଳ୍ପନା କରାଯାଉଚି, ତାହା ବ୍ୟାହତ ହେବ ।" (୧୮)

**ଦାର୍ଶନିକ ନୀଳକଣ୍ଠ:**

ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାସ୍ କରିଥିଲେ ବୋଲି ନୀଳକଣ୍ଠ ଦାର୍ଶନିକ ଭାବେ ପରିଚିତ ନୁହନ୍ତି । ବହୁ ଶାସ୍ତ୍ର ଅଧ୍ୟୟନ କରି ସେ ପ୍ରକୃତ ଜ୍ଞାନୀ ହୋଇ ପାରିଥିଲେ । ପ୍ରକୃତ ଜ୍ଞାନୀ ଅର୍ଥାତ୍ କାଳ ଓ ସ୍ଥିତିର ପ୍ରକୃତ ଦ୍ରଷ୍ଟା । ତେଣୁ ସେ ଦାର୍ଶନିକ, ଏହି ମର୍ମରେ ପ୍ଲାଟୋ କହିଥିଲେ- "The Philosophers are the spectators

Digitized by PPRACHIN, SOA

of all times and existence" ଅର୍ଥାତ୍ ଦାର୍ଶନିକମାନେ ହିଁ ସବୁ ସମୟର ଓ ସବୁ ସ୍ଥିତିର ଦ୍ରଷ୍ଟା-ଦୂରଦ୍ରଷ୍ଟା । ଏହି ଦୃଷ୍ଟିରୁ ବିଚାର କଲେ ପଣ୍ଡିତ ନୀଳକଣ୍ଠ ଯଥାର୍ଥରେ ଜଣେ ଦାର୍ଶନିକ ।

ପାଶ୍ଚାତ୍ୟ ଦର୍ଶନଠାରୁ ଭାରତୀୟ ଦର୍ଶନ ପରଂପରାର ପାର୍ଥକ୍ୟ ହେଉଛି, ପାଶ୍ଚାତ୍ୟ ଦର୍ଶନରେ ଚିନ୍ତା ଓ ବୁଦ୍ଧି ଉପରେ ଗୁରୁତ୍ୱ ଦିଆଯିବା ସ୍ଥଳେ ଭାରତୀୟ ଦର୍ଶନରେ ଅନ୍ତର୍ଦୃଷ୍ଟି ଓ ଅନୁଭବ ଉପରେ ପ୍ରାଧାନ୍ୟ ଆରୋପିତ । 'ଦର୍ଶନ' ଶବ୍ଦର ଏଇ 'ଅନ୍ତର୍ଦୃଷ୍ଟି' ଅର୍ଥ ଉପରେ ଗୁରୁତ୍ୱ ଆରୋପ କରି ନୀଳକଣ୍ଠ ଲେଖିଛନ୍ତି- 'ଦର୍ଶନ ଶବ୍ଦଟିର ପାରିଭାଷିକ ବ୍ୟାପ୍ତି ଯାହାହେଉ, କଥାଟିର ଅର୍ଥ ହେଉଚି- 'ଦେଖିବା'; ଏଇ 'ଦେଖିବା' ବୋଇଲେ, ବିଶ୍ୱ ସଂପର୍କରେ ବ୍ୟକ୍ତିକୁ ଦେଖିବା । ବିଶ୍ୱ ସମ୍ପର୍କରେ ବ୍ୟକ୍ତିକୁ ଦେଖିବା ସଂଗତି କେଉଁଠାରେ ? ମାନବ ପାଇଁ ସେ ସଂଗତିଟି ହେଉଚି, ସମାଜ ସମ୍ପର୍କରେ ନିଜକୁ ଦେଖିବା ।'' (୧୯)

ମାନବ ସମାଜର କ୍ରିୟା ଓ ପ୍ରତିକ୍ରିୟା ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭୂତିରୁ ନୀଳକଣ୍ଠଙ୍କ ଯେଉଁ ଅନ୍ତର୍ଦୃଷ୍ଟି ଫିଟିଥିଲା, ତାଙ୍କ ରଚିତ ଦର୍ଶନମୂଳକ ପ୍ରବନ୍ଧଗୁଡ଼ିକରେ ତାହାର ପରିପ୍ରକାଶ ଘଟିଅଛି । ତାଙ୍କ ଅନଭୂତି ଓ ଅନ୍ତର୍ଦୃଷ୍ଟି ଦିଗନ୍ତ-ବିସ୍ତାରୀ । ମାନବ ସମାଜର ଉନ୍ନତି କଳ୍ପେ ସମାଜରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ପ୍ରତି ତାଙ୍କ ଦାର୍ଶନିକ ଦୃଷ୍ଟି ସଂପ୍ରସାରିତ । ତାହା ଧର୍ମ ଓ ଈଶ୍ୱର ସମ୍ବନ୍ଧୀୟ ମତବାଦ, ବୈଦିକତତ୍ତ୍ୱ; ମାନବ ସମାଜର ପ୍ରଗତି, ସ୍ତ୍ରୀ ଜାତିର ଭୂମିକା ଓ ଯୌବନ କାଳର ପ୍ରଭାବ ପ୍ରଭୃତି ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ।

ମାନବ କଳ୍ପନାରେ ବିଧାତା:

ମାନବର ସୁବିଧା ଲାଗି ପରିକଳ୍ପିତ ବିଧାତାଙ୍କୁ ସୃଷ୍ଟିର କର୍ତ୍ତା ଭାବେ ସ୍ୱୀକାର କରିବା ପାଇଁ ଯୁକ୍ତିବାଦୀ ଦାର୍ଶନିକ ନୀଳକଣ୍ଠ ପରାଙ୍‌ମୁଖ ହୋଇଛନ୍ତି । ତାଙ୍କ ମତରେ, ଶାନ୍ତ ମାନବ ନିଜକୁ ପୂର୍ବୋତ୍ତର ପୁରୁଷ ପରଂପରାରେ ଅନନ୍ତ ମନେ କରି ତା'ର ସେଇ ନିରବଚ୍ଛିନ୍ନ ଜୀବନଧାରାରେ ସାମାଜିକ ସ୍ଥିତିକୁ ଦୃଢ଼ କରିବା ପାଇଁ ନୀତିର ଆଶ୍ରୟ ଖୋଜେ । ପୁଣି ସେହି ନୀତିର ପରଂପରାକୁ ଦୃଢ଼ ଓ ବଦ୍ଧମୂଳ ରଖିବା ପାଇଁ ସେ ବିଧାତାଙ୍କୁ ସୃଷ୍ଟି କରି ତାଙ୍କଠାରେ ସକଳ ମାନବୀୟ ଗୁଣ ଆରୋପ କରିଥାଏ । ମାନବ ସମାଜରେ ସର୍ବତ୍ର ବିଧାତା ଭାବଟି ଏକ ହେଲେ ହେଁ, ସମାଜ ଓ ପରିସ୍ଥିତିର ପ୍ରଭେଦରେ ପ୍ରାବନ୍ଧିକ ବିଧାତାଙ୍କ ଭିନ୍ନତା ଲକ୍ଷ୍ୟ କରିଛନ୍ତି- ''କାହା ବିଧାତା ଡରାନ୍ତି, କାହା ବିଧାତା ହରାନ୍ତି, କାହା ବିଧାତା ମାରନ୍ତି, କାହା ବିଧାତା ତାରନ୍ତି । ଏଇପରି

Digitized by PPRACHIN, SOA

ନାନା ଭାବ, ରୂପ, ନାମ ଓ କର୍ମ ଧଇଲେ ମଧ୍ୟ ସବୁ ବିଧାତା ପୁଣି ଏକ । କାହାର ବିଧାତା କାହାରିଠାରୁ କମ୍ ବା ବେଶି ନୁହନ୍ତି ।'' (୨୦)

**ମାନବର ଅହଂକାରରୁ ଈଶ୍ୱରଙ୍କ ପରିକଳ୍ପନା:**

ମନୁଷ୍ୟର ଚିନ୍ତା, ଭାବ ଓ କ୍ରିୟାରାଶି ମଧ୍ୟରେ ସୃଷ୍ଟିର ମୂଳତତ୍ତ୍ୱ ବା ବିଧାତାଙ୍କୁ ଦେଖିବାର କଳ୍ପନାକୁ ଲେଖକ ଅସତ୍ୟ ଜନିତ ମହାପାପ ଆଖ୍ୟା ଦେଇଛନ୍ତି- ''ମାନବର ସମସ୍ତ କଳ୍ପନା, କଳନା ଆପେକ୍ଷିକ; ଅନପେକ୍ଷିକ ବା ଅନପେକ୍ଷଣୀୟ ବସ୍ତୁର କଳନା ବା କଳ୍ପନା ମାନବର ନାହିଁ । ତେବେ ନିଗ୍ରହାନୁଗ୍ରହ ସମର୍ଥ ବିଭୁ ବା ଈଶ୍ୱରର କଳ୍ପନା ମାନବର ଅହଂକାର ଛଡା ଆଉ କ'ଣ ହୋଇପାରେ ?'' (୨୧)

**'ନାମେ ଭକ୍ତିଧର୍ମ'— ସମାଜର ଅଧୋଗତିର କାରଣ:**

ପଣ୍ଡିତ ନୀଳକଣ୍ଠଙ୍କ ବିଚାରରେ ନାମେ ଭକ୍ତିଧର୍ମ ମନୁଷ୍ୟର ଆଧ୍ୟାତ୍ମିତାକୁ ନଷ୍ଟକରି ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଘୋର କଳଙ୍କ ସୃଷ୍ଟି କରିଛି । ଏ ଧର୍ମର କାମାଚାର ଲୋକଙ୍କୁ ସହଜରେ ଆକ୍ରମଣକରି ମତାନ୍ଧ କରିଦିଏ । 'ନାମେଭକ୍ତି' ହିଁ ପରବର୍ତ୍ତୀ କାଳରେ 'ବାଦ' (Ism)ନାମ ନେଇଛି ବୋଲି ପ୍ରାବନ୍ଧିକ ବିଶ୍ୱାସ କରନ୍ତି । (୨୨) ଭକ୍ତିଧର୍ମରେ କୃଷ୍ଣଙ୍କ ନାମରେ ଭକ୍ତ ଘୋର ଅନ୍ୟାୟ ଓ ଭ୍ରଷ୍ଟାଚାରରେ ମାତିବା ପରି ଏ ଯୁଗରେ ଗାନ୍ଧୀ ପ୍ରମୁଖ ମହାପୁରୁଷଙ୍କ ନାମ ନେଇ ତାଙ୍କ ପ୍ରଚାରକରଣ ସବୁ ପ୍ରକାର ଦୁର୍ନୀତିରେ ପରିଚାଳିତ ହୁଅନ୍ତି ।

**ଅଦ୍ୱୈତବାଦ:**

ବେଦାନ୍ତର ଅଦ୍ୱୈତବାଦ ପରି ଏକ ଜଟିଳ ତତ୍ତ୍ୱକୁ ସ୍ୱକୀୟ ଚିନ୍ତା ବଳରେ ନୀଳକଣ୍ଠ ସହଜରେ ବୁଝାଇ ପାରିଛନ୍ତି । ସେ ପୁଣି ଅଦ୍ୱୈତବାଦର ଆତ୍ମତତ୍ତ୍ୱ, କ୍ଷର ଅକ୍ଷର ପୁରୁଷ, ନାମତତ୍ତ୍ୱ, ବିଦ୍ୟା-ଅବିଦ୍ୟା ଜ୍ଞାନ ଆଦି ବିଷୟରେ ସ୍ୱାଧୀନ ମତ ବ୍ୟକ୍ତ କରି ବେଦାନ୍ତ ଦର୍ଶନ ବ୍ୟାଖ୍ୟାର ନୂତନ ସୂତ୍ର ଉଦ୍‌ଘାଟନ କରିଛନ୍ତି ।

'ଅଦ୍ୱୈତ' ଶବ୍ଦର ଅର୍ଥ ଅଭିନ୍ନ ଧାରଣା ବା ଯହିଁରେ ଦୁଇଟା ଧାରଣା ନାହିଁ । ଏହି କଥା ବୁଝାଇବା ପାଇଁ ପ୍ରାବନ୍ଧିକ ମନୁଷ୍ୟ ଜୀବନର ଏକ ଅତି ସାଧାରଣ ଅନୁଭୂତିର ଉଦାହରଣ ଦେଇଛନ୍ତି । ଜନ୍ମବେଳେ ଶିଶୁ ଅଦ୍ୱୈତ ଧାରଣା ନେଇ ଜନ୍ମହୁଏ । ମାତ୍ର ଭୂମିରେ ପଡିବା ମାତ୍ରେ ପାଦରେ ଭୂମିକୁ ଆଘାତକରି ସେ ଯେତେବେଳେ ପ୍ରତିଘାତ ପାଏ, ତାର ଅଦ୍ୱୈତ ଭାବ ଦୂର ହୋଇ ଦ୍ୱୈତଭାବ ଜାଗ୍ରତ ହୁଏ । ପୁଣି ଅଭ୍ୟାସ ବଳରେ ସେ ପୃଥିବୀର ଆଘାତ ସହି ସହି ପୃଥିବୀ ସହ ଏକାତ୍ମ୍ ହୋଇଥାଏ । ତାର

Digitized by PPRACHIN, SOA

ଦ୍ୱୈତ ଭାବ ପୁଣି ଅଦ୍ୱୈତ ଭାବରେ ପରିଣତ ହୁଏ । ସେହିପରି ଚେତନଶୀଳ ମନୁଷ୍ୟ ବିଶ୍ୱପ୍ରକାଶ ସହ ନିଜକୁ ଏକାକାର କରି ସଚ୍ଚିଦାନନ୍ଦ ସ୍ୱରୂପ ପରମାତ୍ମାଙ୍କୁ ନିଜ ଭିତରେ ଦେଖିପାରେ । ଅର୍ଥାତ୍ ସମସ୍ତ ପ୍ରକୃତିର ପ୍ରକାଶ-ଭିତରେ ନିଜର ଅସ୍ତିତ୍ୱ ଅନୁଭବ କରିପାରେ । ସେତିକିବେଳେ ତାର ଅଦ୍ୱୈତଭାବ ଜାତ ହୁଏ । ଏହିଠାରେ ହିଁ 'ସୋଽହଂ' ଭାବର ବିକାଶ । ଏହି ଅଭିନ୍ନତାର ଧାରଣା କେବଳ ସଂକେତର ଅନୁମାନରେ ସମ୍ଭବ ।

ନାମତତ୍ତ୍ୱ :

ଦାର୍ଶନିକ ନୀଳକଣ୍ଠ 'ଆତ୍ମତତ୍ତ୍ୱ'ରୁ 'ନାମତତ୍ତ୍ୱ'ର ସଂକେତ ଦେଇଛନ୍ତି । 'ଓଁ' ସଂଗେ ଆତ୍ମାର ବା 'ମୁଁ-ତ୍ୱ'ର ଯେଉଁ ସମ୍ପର୍କ, ସମସ୍ତ ନାମ ସଙ୍ଗେ ସେହି ନାମ ସଂକେତରେ ପ୍ରକାଶ ପାଇଥିବା ବସ୍ତୁ ବା ତତ୍ତ୍ୱମାନଙ୍କର ସେହି ସମ୍ପର୍କ । ନାମ ବସ୍ତୁ ନୁହେଁ । ଏହା ଶୂନ୍ୟ ବୋଲି କୁହାଯାଇ ନ ପାରେ । ଏହା ଏକ ସତ୍ତାର ସଂକେତ । ଏହା ବାକ୍ୟମନରେ ଅପ୍ରକାଶ୍ୟ-ଅବାଙ୍ମାନସ ଗୋଚର ।'' (୨୩)

ବିଦ୍ୟା ଓ ଅବିଦ୍ୟା:

ଦାର୍ଶନିକ ନୀଳକଣ୍ଠ ଏକପାଖିଆ ଧାରଣାକୁ ଅଦ୍ୱୈତବାଦର 'ଅବିଦ୍ୟା' ଅର୍ଥରେ ଗ୍ରହଣ କରିଛନ୍ତି । ଏଥିପାଇଁ ସେ 'ଈଶୋପନିଷଦ'ର ବିଦ୍ୟା-ଅବିଦ୍ୟା ଜ୍ଞାନ ସମ୍ପର୍କୀୟ କେତୋଟି ଶ୍ଳୋକ ଉଦ୍ଧାର କରିଛନ୍ତି । ଇନ୍ଦ୍ରିୟଲବ୍ଧ ବିଶ୍ୱକୁ ସବୁ ବୋଲି ଭାବୁଥିବା ବ୍ୟକ୍ତି ଯେପରି ଘୋର ଅନ୍ଧକାରରେ ଘାଣ୍ଟି ହୁଏ, ବିଶ୍ୱର ଧାରଣାକୁ ପୂରାପୂରି ବାଦ ଦେଇ 'ଆତ୍ମାହିଁ ସବୁ' ଭାବୁଥିବା ବ୍ୟକ୍ତି ସେହିପରି ଅଜ୍ଞାନରୂପୀ ଅନ୍ଧକାରରେ ପଡନ୍ତି । ପ୍ରକୃତ ଜ୍ଞାନୀ ବିଦ୍ୟା ଓ ଅବିଦ୍ୟାକୁ ଏକ ବସ୍ତୁର ଦୁଇଟି ପ୍ରକାର ବୋଲି ଜାଣିଥାଆନ୍ତି । ଏହି ଅଭିନ୍ନ ଧାରଣାହିଁ ପ୍ରାବନ୍ଧିକଙ୍କ ମତରେ ଅଦ୍ୱୈତ ଧାରଣା । ଏହା ମଧ୍ୟରେ ଜ୍ଞାନ, ଭକ୍ତି ଓ କର୍ମର ସମନ୍ୱୟ । ପ୍ରାବନ୍ଧିକଙ୍କ ଭାଷାରେ- ''ଏହି 'ଜ୍ଞାନ'ରେ ବିଶ୍ୱର ଯେ ଧାରଣା, 'ଭକ୍ତି'ରେ ତାହାରି ଆରାଧନା ଓ 'କର୍ମ'ରେ ତାହାରି ସାଧନା ।'' (୨୪)

ବିଶ୍ୱ ଦର୍ଶନରେ ଆଦି ମାତାର କଳ୍ପନା:

ବିଶ୍ୱ ସଂପର୍କରେ ବ୍ୟକ୍ତିକୁ ଦେଖିବା ଧାରଣାରୁ ଜଗତର ଉତ୍ପତ୍ତି ତଥା ବିଶ୍ୱ ପ୍ରକାଶର କଳ୍ପନା ମାନବର ମନରେ ସ୍ଥାନ ପାଇଛି । ନୀଳକଣ୍ଠ କହନ୍ତି, ''ମନୁଷ୍ୟ ଯେତେବେଳେ ପ୍ରଜନନରୁ ସୃଷ୍ଟିର ସମ୍ଭବ କଥା ଜାଣିଲା, ସମସ୍ତ ବିଶ୍ୱକୁ ଜନ୍ମ କରିବା ପାଇଁ ସେ ଗୋଟିଏ ବିରାଟ ମା'ର କଳ୍ପନା କଲା । ତା' କଳ୍ପନାରେ ଶୂନ୍ୟ ଆକାଶ (ବେଦମତେ ଏହା 'ତାମସ') ହେଲା ଜଗତର ମାତା, ଏବଂ ଅନନ୍ତ ଜଳରାଶି (ବେଦର

Digitized by PPRACHIN, SOA

'ଅପ୍') ହେଲା ବିଶ୍ୱର ପିତା । (୨୫) କ୍ରମେ ଅତିତମ ଶୂନ୍ୟ ରୂପେ ଆକାଶର ସ୍ଥାନ ଅଧିକାର କଲେ ଆଦିମାତା କାଳୀ ।'' ତେଣୁ ନୀଳକଣ୍ଠ କହନ୍ତି, ''ଜଗତମାତା କାଳୀ ହେଉଛନ୍ତି ମାନବର ପ୍ରଥମ ଦର୍ଶନର ଭିତ୍ତି । ଏ ଦର୍ଶନ ପ୍ରାୟ କୋଡିଏ ହଜାର ବର୍ଷ ପୂର୍ବେ ପ୍ରକାଶ ଲାଭ କରିଥିଲା । ଏଇ ଦର୍ଶନ ଅନୁକ୍ରମେ ପ୍ରାଚୀନ ସୁମେର, ମିଶର, କ୍ରୀଟ ପ୍ରଭୃତି ଦେଶରେ ନାରୀ ହେଉଥିଲେ ଯଥାର୍ଥ ସମ୍ରାଟ ଏବଂ ବଂଶ ପର୍ଯ୍ୟାୟରେ ମା'ଠାରୁ ଝିଅ ପାଖକୁ ରାଜ୍ୟ ଆସୁଥିଲା ।' (୨୮)

**ନାରୀ ଉପରେ ପୁରୁଷର ପ୍ରାଧାନ୍ୟ:**

ମାନବ ଦର୍ଶନରେ ପ୍ରତିଷ୍ଠିତ ଦେବୀ, ସମ୍ରାଟରୂପିଣୀ ଏଇ ନାରୀ ଉପରେ କ୍ରମେ ପୁରୁଷ ଆଧିପତ୍ୟ ବିସ୍ତାର କଲେ । ପରିସ୍ଥିତି ଭେଦରେ ଆଗପଛ ହୋଇ ପ୍ରାଚୀନ ପଶ୍ଚିମ ଦେଶଗୁଡିକରେ କ୍ରମେ ପୁରୁଷ ସମ୍ରାଟ ହୋଇ ସୃଷ୍ଟି କର୍ତ୍ତା ଓ ସମାଜର ପାଳକ ବୋଲାଇଲେ । ଏଇମାନେ ପୁଣି ବିଶ୍ୱ ପ୍ରକାଶର ଆଦି ପିତା ହୋଇ ଆଦିମାତାଙ୍କ ସହ ଏକାକାର ହୋଇଗଲେ ।

**ବିଶ୍ୱ ଦର୍ଶନରେ ବାପ:**

ପୁରୁଷମାନେ ଭିନ୍ନ ଭିନ୍ନ ସାମ୍ରାଜ୍ୟରେ ସମ୍ରାଟ ହେବାପରେ ପରସ୍ପର ମଧ୍ୟରେ ଘୋର ଯୁଦ୍ଧରେ ମାତୁଥିଲେ । ଯୁଦ୍ଧରେ ବିଜୟୀ ସମ୍ରାଟ ହେଉଥିଲେ ମହାଦେବ । ଆସିରିଆ ସାମ୍ରାଜ୍ୟର ମହାଦେବ ଥିଲେ ଅସୁର ଏବଂ ବାବିଲୋନ ସାମ୍ରାଜ୍ୟର ମହାଦେବ ଥିଲେ ମର୍ଦ୍ଦୁକ ବା ମାରୋଡକ୍ । ଏ ଦୁହିଁଙ୍କ ମଧ୍ୟରେ ଘୋର ବିବାଦ ସୃଷ୍ଟି ହେଲା । ଶେଷରେ ଆର୍ଯ୍ୟକୁଳୀ ପାରସ୍ୟର ମନୀଷୀ ଜରାଥୁଷ୍ଟ ଏଇ ବିବାଦର ସମାଧାନ କଲେ । ସେ ଯୋଗ ବଳରେ ଜାଣିଲେ ଯେ, କେବଳ ଅସୁର ବା କେବଳ ମର୍ଦ୍ଦୁକ ବିଶ୍ୱ ସମ୍ରାଟ ନୁହନ୍ତି । ଏ ଦୁହିଁଙ୍କର ଏକ ରୂପ-ଅସୁର ମର୍ଦ୍ଦୁକ ବା ଅହୁର-ମେଜ୍‌ଦା ହିଁ ବିଶ୍ୱର ପ୍ରକୃତ ସମ୍ରାଟ । ଏହାଙ୍କଠାରେ ମାନବଧର୍ମ ପ୍ରସାର ଲାଭ କଲା ଏବଂ ସେଇ ହେଲେ ବିଶ୍ୱସ୍ରଷ୍ଟା ବା 'ବିଶ୍ୱ ଦର୍ଶନରେ ବାପ' । ଏହା ଖ୍ରୀ.ପୂ. ୭ମ-୮ମ ଶତାବ୍ଦୀର କଥା । ଏଇଠୁ ମାନବ ସମାଜରେ ଈଶ୍ୱର ନିର୍ଦ୍ଦେଶିତ ଧର୍ମ (Religion of Revelation) ପ୍ରଚାର ଲାଭ କଲା । (୨୭)

**ସତୀତ୍ୱ ଓ ନାରୀ:**

ଦାର୍ଶନିକ ନୀଳକଣ୍ଠଙ୍କ ବିଚାରରେ, ନାରୀର ସତୀତ୍ୱ ଯୋଗୁ ଆମ ସମାଜରେ ପାରିବାରିକ ସମ୍ପର୍କ ଓ ତ୍ୟାଗର ପରଂପରା ଚିର ପ୍ରତିଷ୍ଠିତ ହୋଇ ପାରିଛି । ବଂଶ ପରଂପରାରେ ନିଜକୁ ଦେଖିବା ହେଉଛି ଏକ ଜୀବୀଧର୍ମ । ତେଣୁ ସନ୍ତାନ ମଧ୍ୟରେ

Digitized by PPRACHIN, SOA

ନିଜକୁ ଦେଖି ନିଜ ବଂଶ ବୃଦ୍ଧିର ଧାରଣା ନେଇ ପୁରୁଷ ପରିବାର ପାଇଁ ସର୍ବସ୍ୱ ତ୍ୟାଗ କରେ । ନାରୀ ପୁରୁଷ ଉପରେ ନିଜର ଓ ନିଜ ସନ୍ତାନର ସମସ୍ତ ଦାୟିତ୍ୱ ଲଦି ଦେଇ ନିଶ୍ଚିନ୍ତ ରହେ । ଏ ସବୁ ସମ୍ଭବ ହୋଇଛି ନାରୀ ଓ ପୁରୁଷଙ୍କ ମଧ୍ୟରେ ଏକ ଅଜ୍ଞାତ ଚୁକ୍ତି ବଳରେ । ସେ ଚୁକ୍ତି ଅନୁସାରେ ପୁରୁଷ କହେ,- ମୁଁ ଯେଉଁ ସନ୍ତାନ ଭିତରେ ନିଜକୁ ଦେଖିବି, ସେ ମୋର ହେବା ଦରକାର' । ନୀଳକଣ୍ଠଙ୍କ ଯୁକ୍ତିରେ- 'ଏଇଠାରେ ନାରୀର ସତୀତ୍ୱ । ଏହା ଗୋଟିଏ ମୌଳିକ ଚୁକ୍ତିର ଭୂୟୋ ବିକାଶ । ଏଥିରେ ପୁରୁଷର ଆତ୍ମ-ପ୍ରତିଷ୍ଠା ଅଛି । ମାତ୍ର ନାରୀର ଦାସତ୍ୱ ନାହିଁ ।' (୨୮) ନାରୀ ଏକ ସତୀତ୍ୱ ରକ୍ଷାର ଚୁକ୍ତିରେ ଆବଦ୍ଧ ହୋଇ ନଥିଲେ ସ୍ୱାଧୀନ ପୁରୁଷ ପରିବାରର ଭାଗ ବହନ କରି ନ ଥାନ୍ତା ।

**ସତୀତ୍ୱ—ଭାରତୀୟ ନାରୀର ନାରୀତ୍ୱ:**

ନୀଳକଣ୍ଠ କହନ୍ତି, ଭାରତୀୟ ନାରୀ ତା'ର ସତୀତ୍ୱର ପରାକାଷ୍ଠା ଯୋଗୁଁ ଏ ଦେଶରେ ସର୍ବମଙ୍ଗଳା, ସର୍ବକାମପ୍ରଦା, ଦୁର୍ଗା, ବରଦା ଓ ଭକ୍ତବତ୍ସଳା ରୂପେ ପୁରୁଷର ଉପାସ୍ୟ ହୋଇ ପାରିଛି, ସତୀତ୍ୱ ହିଁ ଯର୍ଥାର୍ଥରେ ଏ ଦେଶ ନାରୀର ନାରୀତ୍ୱ । ସତୀଙ୍କ ସତୀତ୍ୱରେ ସନ୍ଦେହ କରି ଶିବ ଶବ ବାହକ ହୋଇଛନ୍ତି । ସେ ପୁଣି ସତୀଙ୍କୁ ପାର୍ବତୀ ରୂପରେ ପାଇବା ପରେ ସବୁ ଦିନ ଲାଗି ତାଙ୍କୁ ନିଜ ଶରୀରରେ ସ୍ଥାନ ଦେଇ ହୋଇଛନ୍ତି ଅର୍ଦ୍ଧନାରୀଶ୍ୱର । ତେଣୁ ନାରୀର ସତୀତ୍ୱକୁ ସମ୍ମାନ ଦେବା ଭାରତର ଏକ ସାମାଜିକ ପରଂପରା । ଏହାକୁ ଭୁଲିଗଲେ ଆମ ସଭ୍ୟତାର ବିକାଶ ପ୍ରତିହତ ହେବ ।

**ମାନବର ତ୍ୟାଗ ନୀତିହିଁ ବିଶ୍ୱ ପ୍ରକାଶର ନିୟମ:**

'ମାନବ ପ୍ରଗତିର ଧାରା' ପ୍ରବନ୍ଧରେ ଦାର୍ଶନିକ ନୀଳକଣ୍ଠ ପ୍ରଗତିର ମୂଳମନ୍ତ୍ର ରୂପେ ମାନବର ତ୍ୟାଗ ନୀତିକୁ ସ୍ୱୀକାର କରିଛନ୍ତି । ମାନବ ସମାଜର ବିକାଶରେ ବ୍ୟକ୍ତିର କର୍ତ୍ତବ୍ୟ ହେଉଛି, ତ୍ୟାଗ । ଭୋଗରେ ମାନବର ମାନବତ୍ୱ ନାହିଁ, ଅଛି ତ୍ୟାଗରେ । ଏହି ତ୍ୟାଗ ନୀତି ଯୋଗୁ ନିତ୍ୟ ସଂଘର୍ଷମୟ ସମାଜରେ ଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠିତ ହୋଇପାରିଛି । ବେଦରେ ଏହାରି ନାମ 'ଋତ' । କିନ୍ତୁ 'ସତୀତ୍ୱ ଓ ନାରୀ' ପ୍ରବନ୍ଧରେ ଲେଖକ 'ବିଶ୍ୱ ପ୍ରକାଶର ନିୟମ'କୁ 'ଋତ' ଅର୍ଥରେ ଗ୍ରହଣ କରିଛନ୍ତି । ଅତଏବ ତାଙ୍କ ଦର୍ଶନ-ସୁଲଭ ଯୁକ୍ତି ଅନୁସାରେ, ମାନବର ତ୍ୟାଗ ନୀତିହିଁ ବିଶ୍ୱ ପ୍ରକାଶର ନିୟମ । ମାନବର ସକଳ କର୍ମଚୋଦନା ମଧ୍ୟରେ ସେ ଏହି ତ୍ୟାଗ ବା ପରାର୍ଥ ପରତା ଅନୁଭବ କରିଛନ୍ତି- 'ଯଥାର୍ଥ କର୍ମଚୋଦନା ହେଉଛି, ସମୂହ ସମାଜର ପ୍ରଗତି

Digitized by PPRACHIN, SOA

ଦର୍ଶନରେ ତଥା ନିଜ ଭୋଗ ସ୍ପୃହା ତୁଳନାରେ ଅନ୍ୟର ଭୋଗସ୍ପୃହାର କଳ୍ପନା । ଏହାହିଁ ଯଥାର୍ଥ ପରାର୍ଥ-ପରତା ଓ ସମାଜ-ପ୍ରାଣତା ।'' (୨୯)

**ଭୋଗରେ ତ୍ୟାଗ:**

ମାନବର ଭୋଗ ମଧ୍ୟରେ ନୀଳକଣ୍ଠ ତ୍ୟାଗର ପ୍ରକୃତି ଲକ୍ଷ୍ୟ କରିଛନ୍ତି । ସେ ଗୋଟିଏ ମୂଲିଆର ଜୀବିକା ନିର୍ବାହର ଉଦାହାରଣ ଦେଇକହନ୍ତି, ମୂଲିଆର ପେଟ ପୋଷା ପଶୁ ପକ୍ଷୀଙ୍କ ପେଟପୋଷା ପରି ନୁହେଁ । ମୂଲିଆ ଶ୍ରମକରି ପେଟ ପୋଷେ । କିନ୍ତୁ ତା'ର ଶ୍ରମରେ ଅନ୍ୟର ଭୋଗ ସାମଗ୍ରୀ ପ୍ରସ୍ତୁତ ହୁଏ, ସମାଜର ବିକାଶ ସାଧିତ ହୁଏ । ଏହା ହେଉଛି, ତା'ର ଭୋଗରେ ତ୍ୟାଗ । ଭାରତର ସନାତନ ସଭ୍ୟତା ଏଇ ତ୍ୟାଗନୀତି ଉପରେ ପ୍ରତିଷ୍ଠିତ ।

**ସମାଜର ପ୍ରଗତିରେ ମାନବର କର୍ତ୍ତବ୍ୟ:**

'ଗୀତା'ରେ ଯଜ୍ଞ, ଦାନ ଓ ତପ କରିବା ପାଇଁ ପରାମର୍ଶ ଦିଆଯାଇଛି । (୩୦) ନୀଳକଣ୍ଠଙ୍କ ଦାର୍ଶନିକ ଦୃଷ୍ଟିରେ ବିଶ୍ୱ ବା ସମାଜର ପ୍ରଗତିରେ ବ୍ୟକ୍ତିର ଯେଉଁ ଆତ୍ମବଳି ବା ତ୍ୟାଗ, ତାହା ହେଉଛି 'ଯଜ୍ଞକର୍ମ' । ଏହି ଯଜ୍ଞକର୍ମରୁ 'ଦାନକର୍ମ'ର ବିକାଶ । -''ମୋର କର୍ମ ବିଶ୍ୱକୁ ଦାନ, ସମାଜର ପ୍ରଗତି ବା ବିଶ୍ୱ ଯଜ୍ଞରେ ସମସ୍ତେ ଲାଗିଚନ୍ତି । ଏହା ଜାଣି, ଏଥିରେ ମତି ସ୍ଥିର ରଖି ମୋର ନୁହଁ, ସମାଜର ବୋଲି କହି କର୍ମ କରିବାହିଁ 'ଦାନକର୍ମ' । ଏଇ ଦାନ ହିଁ ସମସ୍ତ ଭୋଗର ତ୍ୟାଗପାଠ ।'' (୩୧) ପୁଣି ସମାଜର ବିକାଶରେ ସ୍ୱଧର୍ମ ବା ନିଜ ନିଜ କର୍ମରେ ତତ୍ପର ରହିବାକୁ ଲେଖକ 'ତପକର୍ମ' ଆଖ୍ୟା ଦେଇଛନ୍ତି । ତାଙ୍କ ଯୁକ୍ତିରେ ଏହି ଯଜ୍ଞ, ଦାନ ଓ ତପ ହେଉଛି ସମାଜର ବିକାଶରେ ମାନବର କର୍ତ୍ତବ୍ୟ ।

**ନୀଳକଣ୍ଠଙ୍କ ଦାର୍ଶନିକ ଦୃଷ୍ଟିରେ 'ଧର୍ମ'ର ସ୍ୱରୂପ:**

ପଣ୍ଡିତ ନୀଳକଣ୍ଠ ଧର୍ମକୁ 'ଋତ' ଅର୍ଥରେ ଗ୍ରହଣ କରିଛନ୍ତି । -''ଏ ଦେଶରେ ଧର୍ମର ଅର୍ଥ ଋତ; ଅର୍ଥାତ୍ ବିଶ୍ୱ ସଂସ୍ଥାରେ ନିୟତ ବା ନିତ୍ୟ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ । ଲୋକ ବ୍ୟବହାରରେ ଯେଉଁ କର୍ତ୍ତବ୍ୟରେ ସମାଜର ସ୍ଥିତି ଠିକ୍ ରହେ ବା ଜନସାଧାରଣଙ୍କ ମଙ୍ଗଳ ହୁଏ, ତାହାହିଁ ଧର୍ମ । ଏଥିରେ ଜନସମାଜ ଧରାହୋଇ ରହେ ବୋଲି ଏହାର ନାମ ଧର୍ମ ।'' (୩୨) ତେଣୁ ଧର୍ମ ସହ କର୍ତ୍ତବ୍ୟବୋଧର ନିବିଡ ସମ୍ପର୍କ ରହିଛି । କର୍ତ୍ତବ୍ୟ ବୁଦ୍ଧିରେ ଭାରତରେ ସମସ୍ତେ ନିଜ ନିଜର ଆଚରଣ ନିୟମିତ ଭାବେ କରୁଥିଲେ । ଏହି ସ୍ୱଧର୍ମର ଆଚରଣକୁ ଲେଖକ 'ଆଚାର' ବୋଲି କହିଛନ୍ତି । ତାଙ୍କ

Digitized by PPRACHIN, SOA

ଦୃଷ୍ଟିରେ ଏହି ଆଚାର ହେଉଛି ଧର୍ମ ତଥା ସମାଜର ଆଦର୍ଶ । ଏଥିରୁ ''ଆଚାର ପ୍ରଭବୋଧର୍ମଃ'' ଉକ୍ତିଟି ଆସିଛି । (୩୩)

**ନୀଳକଣ୍ଠଙ୍କ ଚିନ୍ତାଧାରାରେ ସ୍ୱାତନ୍ତ୍ର୍ୟ:**

ପ୍ରତିଷ୍ଠିତ ଚିନ୍ତାଧାରାରେ ନୀଳକଣ୍ଠଙ୍କ ଚିନ୍ତାଧାରା ସବୁବେଳେ ସ୍ୱତନ୍ତ୍ର । ଶାସ୍ତ୍ର ଓ ପୁରାଣରେ ଭକ୍ତିଧର୍ମକୁ ଶ୍ରେଷ୍ଠ କୁହାଯିବା ସ୍ଥଳେ ସେ ଅଧ୍ୟାତ୍ମ ଧର୍ମକୁ ଶ୍ରେଷ୍ଠ ଧର୍ମ ରୂପେ ପ୍ରତିଷ୍ଠା ଦେଇଛନ୍ତି । ସେହିପରି ଶାସ୍ତ୍ର ଓ ପୁରାଣରେ ଯୌବନାବସ୍ଥାର ଅସ୍ଥିରତା ଓ ଅସାରତା ଦର୍ଶାଯାଇଥିବା ବେଳେ ନୀଳକଣ୍ଠ ଯୌବନର ପ୍ରଶସ୍ତି ଗାନ କରି ମାନବ ଜୀବନରେ ତାହାର ପ୍ରଭାବ ଓ ପ୍ରତିଷ୍ଠା ପ୍ରତିପାଦନ କରିଛନ୍ତି ।

ଆମର ପ୍ରତିଷ୍ଠିତ ଶାସ୍ତ୍ରଗୁଡିକରେ ଯୌବନର କ୍ଷଣିକତା ସମ୍ପର୍କରେ ମନୁଷ୍ୟକୁ ସଚେତନ କରାଇ ଦିଆଯାଇଛି । (୩୪) କିନ୍ତୁ ମନୀଷୀ ନୀଳକଣ୍ଠ ଯୌବନକୁ ଏକ ବିଷମକାଳ ରୂପେ ମାନିବାକୁ ପ୍ରସ୍ତୁତ ନୁହନ୍ତି । ବିଶ୍ୱ ସିଦ୍ଧିର ପରିଚାୟକ, ବିଶ୍ୱ ଆଦର୍ଶର ପ୍ରଖ୍ୟାପକ, ବିଶ୍ୱ ଶକ୍ତିର ପ୍ରୋତ୍ସାହକ, ବିଶ୍ୱ ବିକାଶର ପ୍ରବର୍ତ୍ତକ, ବିଶ୍ୱ ସୌନ୍ଦର୍ଯ୍ୟର ଆଧାର, ବିଶ୍ୱ ମୈତ୍ରୀର ଗାନ୍ତାଘର ଯୌବନ କାଳକୁ ବିଷମ କହିବାକୁ ତାଙ୍କର ଯୁକ୍ତିବାଦୀ ମନ ବିଦ୍ରୋହ କରିଛି । (୩୫) ତାଙ୍କର ଦୃଢ଼ ବିଶ୍ୱାସ, ଯୌବନ ତଥା ଯୁବଶକ୍ତିର ଉପଯୁକ୍ତ ବିନିଯୋଗରେ ସମାଜର ସକଳ କ୍ଷେତ୍ରରେ ନୂତନ ଚେତନା ଜାଗ୍ରତ ହେବ ଏବଂ ମନୁଷ୍ୟ ତା'ର ସାଧନା କ୍ଷେତ୍ରରେ ଅଗ୍ରସର ହୋଇପାରିବ ।

**'ଓଁ' ତତ୍ତ୍ୱ:**

ହିନ୍ଦୁଧର୍ମ ଜଗତରେ 'ଓଁ' ଏକ ରହସ୍ୟ ମୂଳକ ପ୍ରତୀକାତ୍ମକ ଅକ୍ଷର, ଯାହାର ପ୍ରକୃତ ଅର୍ଥ ଏ ପର୍ଯ୍ୟନ୍ତ ସୁବୋଧ୍ୟ ନୁହେଁ । ପଣ୍ଡିତ ନୀଳକଣ୍ଠ 'Om' ଶୀର୍ଷକ ଏକ ଇଂରାଜୀ ପ୍ରବନ୍ଧରେ ଏହି ରହସ୍ୟ ମୂଳକ 'ଓଁ' ଅକ୍ଷରର ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ଆଲୋକପାତ କରିବା ପାଇଁ ପ୍ରୟାସୀ ହୋଇଛନ୍ତି । Prof. A. A. Macdonelଙ୍କ 'A History of Sanskrit Literature' ଗ୍ରନ୍ଥରୁ ମତ ଉଦ୍ଧାର କରି ସେ କହନ୍ତି, 'ଋଗ୍‌ବେଦ' ବା 'ଅଥର୍ବବେଦ'ରେ 'ଓଁ'ର ପ୍ରୟୋଗ ନାହିଁ । ପ୍ରଥମେ କେତେକ ବ୍ରାହ୍ମଣ ଓ ସଂହିତାରେ 'ଓଁ'ର ବ୍ୟବହାର ହୋଇଥିଲେ ହେଁ, ସ୍ୱାହା, ସ୍ୱଧା, ବଷଟ୍ ପରି 'ଓଁ' ଅକ୍ଷରର ମଧ୍ୟ କୌଣସି ଅର୍ଥ ନଥିଲା । ଏହି ଅକ୍ଷରର ବ୍ୟବହାର ପ୍ରଥମେ କୃତ୍ରିମ ଥିଲା । ଐତରେୟ ବ୍ରାହ୍ମଣରେ ପ୍ରଥମେ 'ଓଁ'ର ବିଶ୍ଳେଷଣ କରାଯାଇ ତାହାର ବିଭିନ୍ନ ଅର୍ଥ ନିର୍ଣ୍ଣୟ କରାଯାଇଛି । ସେଥିରେ 'ଓଁ'କୁ ତିନିଗୋଟି ଅକ୍ଷର- ଅ, ଉ, ମ-ର ସମାହାର ରୂପେ ଗ୍ରହଣ କରାଯାଇଛି । ଏଇ ତିନି ଅକ୍ଷର ଯଥାକ୍ରମେ ତିନି-

Digitized by PPRACHIN, SOA

ବ୍ୟାହୃତି-ଭୂ, ଭୁବଃ, ସ୍ୱଃ, ତିନିବେଦ-ଋକ୍, ଯଜୁଃ, ସାମ, ତିନି ଦେବତା-ଅଗ୍ନି, ବାୟୁ ଓ ଆଦିତ୍ୟର ପ୍ରତୀକ ।

'Om' ପ୍ରବନ୍ଧରେ ନୀଳକଣ୍ଠ 'ଓଁ'କୁ କ୍ଷିତି, ଆପ, ତେଜ, ମରୁତ ଓ ବ୍ୟୋମ-ଏହି ପଞ୍ଚଭୂତର ସମାହାର କହି ସମଗ୍ର ବିଶ୍ୱକୁ ନିୟନ୍ତ୍ରଣ କରିବାରେ ତାହାକୁ କେନ୍ଦ୍ରବିନ୍ଦୁ ରୂପେ ସ୍ୱୀକାର କରିଛନ୍ତି- This clearly indicates a tradition which symbolically means that 'Om' represents the life principle in control of the entire Universe." (୩୬)

### ଓଡ଼ିଶାରେ 'Om' (ଓଁ)ର ବ୍ୟବହାର:

ପଣ୍ଡିତ ନୀଳକଣ୍ଠଙ୍କ ଯୁକ୍ତିରେ ଓଡ଼ିଶାରେ 'ଓଁ'ର ପ୍ରୟୋଗ ପ୍ରାକ୍ ବୈଦିକ ଯୁଗରୁ ଚଳିଆସିଛି । କେହି ଡାକିଲେ ଆମେ 'ଓ' କରୁ । ଏଇଥିରୁ 'ଓଁ'ର ଉତ୍ପତ୍ତି ବୋଲି ସେ 'ଗୀତା' ଆଲୋଚନାରେ କହିଛନ୍ତି । ପୁଣି ବେଦ ବା ପ୍ରକୃତ ଜ୍ଞାନ ପ୍ରଥମେ 'ଓଁ' କାର ରୂପେ ଥିଲା ବୋଲି ଓଡିଆ ଲୋକମୁଖରେ ପ୍ରଚଳିତ-

"ଓଁ-କାର ନାମେ ଥିଲା ବେଦ
କେହି ନଜାଣେ ତା'ର ଭେଦ ।"

ଦାର୍ଶନିକ ନୀଳକଣ୍ଠ ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା'ରେ ବର୍ଣ୍ଣିତ ଓଁ (ॐ) ଅକ୍ଷରରେ କ୍ଷିତି, ଆପ, ତେଜ, ମରୁତ' ବ୍ୟୋମ ଓ ଜ୍ୟୋତିର ସମାହାର ଦର୍ଶାଇଛନ୍ତି-

ପୃଥିବୀ ଉ-କାର ମାତ୍ରା, ଆପଦଣ୍ଡ ଲେଖା
ତେଜ ଗୁଣ ଘେନି ରୁଦ୍ର, ତଥିପରେ ଛନ୍ତି
ବାୟୁ ଯେ ଆକାଶ ଅର୍ଦ୍ଧମାତ୍ରା ବିନ୍ଦୁ ଜ୍ୟୋତି,"

ଏହିପଦରେ ପଞ୍ଚଭୂତରେ ନିର୍ମିତ ସମଗ୍ର ବିଶ୍ୱର ନିୟନ୍ତ୍ରଣରେ 'ଓଁ'କୁ ଜୀବଶକ୍ତିର ପ୍ରତୀକ ରୂପେ ଗ୍ରହଣ କରାଯାଇଛି । ଓଡିଶାର ଦର୍ଶନ ପରଂପରାରେ ଓଁ-ତତ୍ତ୍ୱର ବୈଶିଷ୍ଟ୍ୟ ଏଥିରୁ ସୂଚିତ ହୁଏ ।

### ଓଡ଼ିଆ ଦର୍ଶନରେ ଜୈନଧର୍ମର ଭିତ୍ତି:

ବ୍ୟକ୍ତି ସତ୍ତାରେ ବିଶ୍ୱସତ୍ତାକୁ ଉପଲବ୍ଧ କରିବା ଜୈନଧର୍ମର ମୌଳିକ ଭିତ୍ତି । ଏହାରି ଅନୁସରଣରେ ଓଡ଼ିଆ ବିଶ୍ୱକୁ ଜଗତ ଅର୍ଥରେ ଗ୍ରହଣକରି ତା'ର ଦେବତାକୁ ଜଗତର ନାଥ ବା ଜଗନ୍ନାଥ କହିଛି । ଏହି ଜଗନ୍ନାଥ ପୁଣି ପୁରୁଷୋତ୍ତମ । ଓଡ଼ିଆ ଦର୍ଶନରେ ଜଗତକୁ ପୁରୁଷ ଅର୍ଥରେ ଗ୍ରହଣ କରାଯାଇ ବ୍ୟକ୍ତି ପୁରୁଷ ସହ ଜଗତ

Digitized by PPRACHIN, SOA

ପୁରୁଷର ଯେଉଁ ନିବିଡ ସମ୍ପର୍କ ସ୍ଥାପନ କରାଯାଇଛି ପ୍ରାବନ୍ଧିକ ନୀଳକଣ୍ଠ ତାହାକୁ ମୈତ୍ରୀ ଭାବର ପରିଚାୟକ ବୋଲି ଉଲ୍ଲେଖ କରିଛନ୍ତି । (୩୭) ଏହିଠାରେ ବ୍ୟକ୍ତିରୁ ସମଷ୍ଟି ବା ଏକରୁ ବହୁର ଧାରଣା । ପିଣ୍ଡରେ ବ୍ରହ୍ମାଣ୍ଡବାଦ ଧାରଣାର ଭିତ୍ତି ମଧ୍ୟ ଏହିଠାରେ । -"ବ୍ୟକ୍ତି ସଂହତିର ଏହି ବିଚିତ୍ର ସମ୍ବନ୍ଧ ଘେନି ବିଶ୍ୱ ବିକାଶ । ବ୍ୟକ୍ତି ବିନା ସଂହତିର ଧାରଣା ନାହିଁ । ସଂହତି ବିନା ବ୍ୟକ୍ତି ନିରର୍ଥକ ।" (୩୮)

ଦାର୍ଶନିକ ଅନୁଚିନ୍ତାମୂଳକ ପ୍ରବନ୍ଧଗୁଡ଼ିକ ବ୍ୟତୀତ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ', 'ଗୀତା-ପ୍ରବେଶ', 'ଆର୍ଯ୍ୟଜୀବନ'ରେ ମଧ୍ୟ ପଣ୍ଡିତ ନୀଳକଣ୍ଠଙ୍କ ଦାର୍ଶନିକ ଦୃଷ୍ଟିକୋଣ ଅନୁସନ୍ଧେୟ । ତାଙ୍କ ବିଚାରରେ ଦର୍ଶନ ମନୁଷ୍ୟର ମନୁଷ୍ୟତାକୁ ଜାଗ୍ରତ କରି ବିଶ୍ୱ ବିକାଶର ମାର୍ଗରେ ତାକୁ ପରିଚାଳିତ କରେ । ଏକ ସାମାଜିକ ପ୍ରାଣୀ ଭାବେ ମନୁଷ୍ୟକୁ ପ୍ରଗତି ଅଭିମୁଖୀ କରିବାରେ ଏକପଟେ ଇତିହାସ ଓ ଅନ୍ୟ ପଟେ ଦର୍ଶନ, ଉଭୟ ତାହାର ସହାୟକ । ପ୍ରାବନ୍ଧିକଙ୍କ ଭାଷାରେ- "ଜୀବଧର୍ମରେ ଅନ୍ୟ ଜନ୍ତୁ ସଙ୍ଗେ ସମାନ ହେଲେହେଁ, ମନୁଷ୍ୟ ଜନ୍ତୁ ନୁହେଁ । ମନୁଷ୍ୟ, ମନୁଷ୍ୟ । ସେ ପ୍ରଗତିପର ସାମାଜିକ ପ୍ରାଣୀ । ଏକ ଆଡେ ତା'ର ପରମ୍ପରା, ଅନ୍ୟଆଡେ ପୁରୋଦୃଷ୍ଟି; ପଛକୁ ଇତିହାସ, ଆଗକୁ ଦର୍ଶନ ।" (୩୯)

---

ପାଦଟୀକା :

(୧) 'ଭାରତର ଧର୍ମବିକାଶ'— ନବଭାରତ - ୧/୭ ସଂଖ୍ୟା - ପୃଷ୍ଠା-୪୯୫

(୨) ବୃହଦାରାଣ୍ୟକୋପନିଷଦ— ୫ମ ଅଧ୍ୟାୟ, ୧ମ ବ୍ରାହ୍ମଣ-୧ମ ଶ୍ଳୋକ ।

(୩) ନବଭାରତ— ୧/୭ ସଂଖ୍ୟା - ପୃଷ୍ଠା-୪୯୮

(୪) ନବଭାରତ— କୁମାରପୂର୍ଣ୍ଣମୀ ସଂଖ୍ୟା - ୨୪/୧୦/୧୯୪୨ - ପୃଷ୍ଠା-୧୦

(୫) ଭାରତର ଧର୍ମ ବିକାଶ - ନବଭାରତ - ୧/୮, ପୃଷ୍ଠା-୫୮୬ ।

(୬) ତତ୍ରୈବ - ପୃଷ୍ଠା-୫୮୭ ।

(୭) 'ଭାଗବତଧର୍ମୀ'— ନବଭାରତ - ନୂଆପ୍ରସ୍ଥ - ୨/୬ ୭ ସଂଖ୍ୟା ।

(୮) 'ଭାଗବତଧର୍ମ'— ନବଭାରତ - ନୂଆପ୍ରସ୍ଥ ୨/୬ ୭ ସଂଖ୍ୟା ।

(୯) ଭାଗବତଧର୍ମ— (୨) - 'ନବଭାରତ' ନୂଆପ୍ରସ୍ଥ-୨/୮ମ ସଂଖ୍ୟା-ପୃ ୨୭୮

(୧୦) ତତ୍ରୈବ - ପୃ ୨୭୭-୭୮

(୧୧) ଜଗନ୍ନାଥଧର୍ମ (ଐତିହାସିକ ସୂଚନା) - ନବଭାରତ - ୧/୨ୟ ସଂଖ୍ୟା ପୃ-୧୦୯ ।

(୧୨) ଜଗନ୍ନାଥଧର୍ମ - ଉତ୍କଳ ସାହିତ୍ୟ - ନୂଆପ୍ରସ୍ଥ- ୧/୯ମ ସଂଖ୍ୟା

(୧୩) ତତ୍ରୈବ -

(୧୪) ତତ୍ରୈବ - ପୃ ୩୯୮

(୧୫) ରଥଯାତ୍ରା-ଉତ୍କଳ ସାହିତ୍ୟ-ନୂଆପ୍ରସ୍ଥ - ୧ମଭାଗ/୪ର୍ଥ ସଂଖ୍ୟା, ପୃଷ୍ଠା-୧୫୭ ।

Digitized by PPRACHIN, SOA

(୧୬) Hints on the Significance and History of Jagannath.
(୧୭) The cult of Jagannath - ୨୪ ପୃଷ୍ଠା ଦ୍ରଷ୍ଟବ୍ୟ।
(୧୮) ଆତ୍ମଜୀବନୀ-ନୀଳକଣ୍ଠ ଗ୍ରନ୍ଥାବଳୀ - ୧ମ ଭାଗ, ପୃ ୯୨-୯୩ ।
(୧୯) ବିଶ୍ୱ ଦର୍ଶନରେ ମା-ବାପ 'ନବଭାରତ' - ନୂଆପ୍ରସ୍ଥ-୨ୟ ବର୍ଷ/୧୨ଶ ସଂଖ୍ୟା ପୃ-୪୫୩ ।
(୨୦) ବିଧାତାଙ୍କ ସୃଷ୍ଟି - ନବଭାରତ - ୨/୨ୟ ସଂଖ୍ୟା-ପୃଷ୍ଠା-୮୨ ।
(୨୧) ବିଧାତାଙ୍କ ସୃଷ୍ଟି - ନବଭାରତ - ୨/୨ୟ ସଂଖ୍ୟା - ପୃ ୮୬ ।
(୨୨) ନାମେଭକ୍ତି - ନବଭାରତ-ନୂଆପ୍ରସ୍ଥ - ୨/୪-୫ ସଂଖ୍ୟା ଦ୍ରଷ୍ଟବ୍ୟ ।
(୨୩) ଅଦ୍ୱୈତବାଦ - ନବଭାରତ- ୬/୭ମ ସଂଖ୍ୟା ।
(୨୪) ତତ୍ରୈବ ।
(୨୫) ପରବର୍ତ୍ତୀ କାଳରେ ପୁଣି ପୃଥିବୀକୁ ମାତା ଓ ଆକାଶକୁ ପିତା ରୂପେ ବର୍ଣ୍ଣନା କରାଯାଇଛି । ଋଗ୍‌ବେଦର ବହୁ ସ୍ଥଳରେ 'ଦ୍ୟାବା-ପୃଥିବୀ' ଯୁଗଳ ଦେବତା ରୂପେ ପରିକଳ୍ପିତ ।
(୨୬) 'ବିଶ୍ୱ ଦର୍ଶନରେ ମା-ବାପ' ପ୍ରବନ୍ଧ ଦ୍ରଷ୍ଟବ୍ୟ । ନବଭାରତ-ନୂଆପ୍ରସ୍ଥ - ୨/୧୨ଶ ସଂଖ୍ୟା ।
(୨୭) Presidential address of Dr. Pandit Nilakantha Das on 'Religious and Philosophical Developments in Orissa' ଦ୍ରଷ୍ଟବ୍ୟ ।
(୨୮) 'ସତୀତ୍ୱ ଓ ନାରୀ' - ନବଭାରତ - ୬/୮ମ ସଂଖ୍ୟା ।
(୨୯) ମାନବ ପ୍ରଗତିର ଧାରା (୩) ନବଭାରତ - ୪/୮ମ ସଂଖ୍ୟା ।
(୩୦) 'ଗୀତା - ୧୮/୫ ଶ୍ଳୋକ ଦ୍ରଷ୍ଟବ୍ୟ ।
(୩୧) ମାନବ ପ୍ରଗତିର ଧାରା (୩) ନବଭାରତ - ୪/୮ମ ସଂଖ୍ୟା ।
(୩୨) ମାନବ ପ୍ରଗତିର ଧାରା (୧) ନବଭାରତ - ୪/୫ମ ସଂଖ୍ୟା ।
(୩୩) ନବଭାରତ - ୪/୯ମ ସଂଖ୍ୟା-୫୯୫ ପୃଷ୍ଠା ଦ୍ରଷ୍ଟବ୍ୟ ।
(୩୪) "ନଳିନୀ ଦଳଗତ ଦଳବତ୍ତରଳଂ କିଂ ଯୌବନଂଧନଂ ଚାୟୁଃ ।"

(ପ୍ରଶ୍ନୋତ୍ତର ମାଳିକା-୧୧ଶ ପଦ)

ଏବଂ 'ମା କୁରୁ ଧନଜନ ଯୌବନ ଗର୍ବଂ
ହରତି ନିମେଷାତ୍ କାଳଃ ସର୍ବମ୍ ।"

(ମୋହମୁଦ୍‌ଗରଃ-୩ୟ ପଦ)

- ଆଦି ଉକ୍ତି ଏହାର ଉଦାହରଣ ।

Digitized by PPRACHIN, SOA

(୩୫) 'ଯୌବନର ପ୍ରଭାବ ଓ ପ୍ରତିଷ୍ଠା' ପ୍ରବନ୍ଧ; ଦ୍ରଷ୍ଟବ୍ୟ - ସତ୍ୟବାଦୀ - ୫/୮ମ-୯ମ ସଂଖ୍ୟା ।

(୩୬) 'Om' - The Orissa Historical Research Journal - Vol-VII Part-3 and 4 - page-153

(୩୭) "The Religious and Philosophical Developments in Orissa" - Page-8 ଦ୍ରଷ୍ଟବ୍ୟ ।

(୩୮) ନବଭାରତ - ୬/୯ ସଂଖ୍ୟା - ପୃଷ୍ଠା-୬୫୩

(୩୯) ଆମେ ସ୍ୱାଧୀନ ଆମେ ମୁକ୍ତ-ନବଭାରତ-ନୂଆପ୍ରସ୍ଥ-୧/୯ମ ସଂଖ୍ୟା ପୃଷ୍ଠା-୪୧

❑❑

Digitized by PPRACHIN, SOA

# 'ରାମଚଣ୍ଡୀଠାରେ ରାତି' ଓ ନୀଳକଣ୍ଠଙ୍କ କାବ୍ୟଚେତନା

ପଣ୍ଡିତ ନୀଳକଣ୍ଠଙ୍କ ରଚିତ ଦୁଇଟି ମୌଳିକ କାବ୍ୟ 'କୋଣାର୍କେ' ଓ 'ଖାରବେଳ' ଓଡ଼ିଶା ଇତିହାସର ପୀଠିକା ଉପରେ ଆଧାରିତ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ଓଡିଶାବାସୀଙ୍କୁ ଜାତୀୟତାର ମନ୍ତ୍ରରେ ଉଜ୍ଜୀବିତ କରିବା ପାଇଁ କବି ଏହି କାବ୍ୟ ଦ୍ୱୟରେ ଓଡ଼ିଶାର ଗୌରବମୟ ଅତୀତକୁ ଉନ୍ମୋଚନ କରିଛନ୍ତି । ତେଣୁ ଏ କାବ୍ୟ ଦୁଇଟି କବିଙ୍କର ଉଦ୍ଦେଶ୍ୟ ପ୍ରଣୋଦିତ ରଚନା । ଏହା ପାଠକଙ୍କୁ ସ୍ୱଜାତିର ପ୍ରାଚୀନତା ଓ ପରଂପରା ପ୍ରତି ଆକର୍ଷଣ କରି ସେମାନଙ୍କ ଚିତ୍ତରେ ଜାତୀୟ ଆକାଂକ୍ଷା ଓ ପ୍ରେରଣା ସୃଷ୍ଟି କରିବାରେ ସମର୍ଥ । ଏ କାବ୍ୟ ଦ୍ୱୟର ବୈଶିଷ୍ଟ୍ୟ ହେଉଛି, ଏହା ଇତିହାସର ପୃଷ୍ଠଭୂମି ଉପରେ ରଚିତ ହେଲେ ହେଁ ଇତିହାସର ନିର୍ଦ୍ଦିଷ୍ଟତା ମଧ୍ୟରେ ଆବଦ୍ଧ ନରହି ସାର୍ବଜନୀନ ସତ୍ୟପ୍ରଚାର କରିଛି; ସମୟର ସୀମା ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇ ଚିରନ୍ତନ ସାହିତ୍ୟିକ କଳାରେ ପରିଣତ ହୋଇପାରିଛି ।

ପଣ୍ଡିତ ନୀଳକଣ୍ଠଙ୍କ ଶ୍ରେଷ୍ଠ କୃତି-'କୋଣାର୍କେ' କାବ୍ୟ । ଏହା କବିଙ୍କର ପ୍ରଥମ କାବ୍ୟ ହେଲେ ହେଁ ଏଥିରେ ସେ ଯେଉଁ ଭାବର ଆଡମ୍ବର ସୃଷ୍ଟି କରିଛନ୍ତି ତାହା ବିସ୍ମୟକର । ଡକ୍ଟର ମାୟାଧର ମାନସିଂହ ଯଥାର୍ଥରେ କହିଛନ୍ତି- ''ଭାଷା, ଭାବ, ଚରିତ୍ରଚିତ୍ରଣ, କଳ୍ପନା, ବର୍ଣ୍ଣନା ଓ ଅଳଙ୍କାରାଦି ଯେକୌଣସି ଦିଗରୁ ବିଚାର କରି ବସିଲେ 'କୋଣାର୍କେ' ଓଡିଆ ଭାଷାରେ ଅନୁପମ କାବ୍ୟ । ('କୋଣାର୍କେ' କାବ୍ୟର ଭୂମିକା)

**କାବ୍ୟର ନାମକରଣ :** ଓଡ଼ିଆ ଜାତିର ଗୌରବ ସ୍ତମ୍ଭ, ଓଡିଆ ଶିଳ୍ପ ପ୍ରତିଭାର ଅକ୍ଷୟ ପ୍ରମାଣ, ଓଡ଼ିଆ ମାନସିକ ଉନ୍ନତି ଓ ଜାତୀୟ ଗାରିମାର ଉଜ୍ଜ୍ୱଳ ନିଦର୍ଶନ କୋଣାର୍କ ମନ୍ଦିର ପରିଦର୍ଶନରେ ଯାଇ କବି ନୀଳକଣ୍ଠଙ୍କ ସ୍ମୃତିପଟରେ ଯେଉଁ ପ୍ରତିଫଳନ ସୃଷ୍ଟି ହୋଇଥିଲା ତାହାକୁ ସେ କାବ୍ୟ ରୂପ ପ୍ରଦାନ କରି ତାହାର ନାମ କରଣ କରିଛନ୍ତି 'କୋଣାର୍କେ'- ଅର୍ଥାତ୍ କୋଣାର୍କଠାରେ କବିସ୍ମୃତି । ଜାତୀୟ ଇତିହାସର ସ୍ମୃତିପୀଠ କୋଣାର୍କଠାରେ ଭାବବିହ୍ୱଳ ହେବା ଜାତୀୟବାଦୀ କବି ନୀଳକଣ୍ଠଙ୍କ ପକ୍ଷରେ ସ୍ୱାଭାବିକ । ତେଣୁ ତାଙ୍କ ଲେଖନୀରୁ ସ୍ୱତଃ ଝରି ଆସିଛି ।

Digitized by PPRACHIN, SOA

"ଐତିହାସିକ ଭୂମି ଏ, ଏଥି ବାଳକକୂଳ
ଇତିହାସ-ସ୍ମୃତି-ପୁଲକେ ଲଭେ ହେବେ ବିହ୍ୱଳ ।"
(ରାମଚଣ୍ଡୀଠାରେ ରାତି-୧୩୧-୩୨ ପଂକ୍ତି)

'କୋଣାର୍କେ'-ଦୁଇଗୋଟି କାବ୍ୟର ସମାରୋହ :

'କୋଣାର୍କେ' କାବ୍ୟର 'ଭୂମିକା'ରେ ସମୀକ୍ଷକ ମାନସିଂହ ଏହାକୁ "କାବ୍ୟ-ଯୁଗ୍ମ" ବୋଲି ଆଖ୍ୟାୟିତ କରିଛନ୍ତି । ତାଙ୍କ ଭାଷାରେ— "ପଣ୍ଡିତ ନୀଳକଣ୍ଠଙ୍କ 'କୋଣାର୍କେ' କାବ୍ୟ-ଯୁଗ୍ମରେ ପୁରାଣ ଉତ୍କଳର ପ୍ରାଣବାଣୀ ଯେପରି ସ୍ୱଷ୍ଟଭାବରେ ମୋର ଶ୍ରୁତିଗୋଚର ହୋଇଛି, ତାହା ଓଡ଼ିଆ, ଇଂରାଜୀ ବା ଅନ୍ୟ କୌଣସି ଭାଷାରେ କୌଣସି ଲେଖାଠାରେ ମୁଁ ପାଇ ପାରିନି ।" ସେହି କାବ୍ୟ ଦ୍ୱୟ ମଧ୍ୟରୁ ଗୋଟିଏ ଓଡ଼ିଶା ଇତିହାସ ଉପରେ ଆଧାରିତ କାବ୍ୟ- 'ରାମଚଣ୍ଡୀଠାରେ ରାତି'; ଅନ୍ୟଟି ପ୍ରଚଳିତ କିମ୍ବଦନ୍ତୀ ଉପରେ ଆଧାରିତ କାବ୍ୟ- 'ମାୟାଦେବୀ' । ଏଇ ଦୁଇ କାବ୍ୟର ଯୋଗସୂତ୍ର ରୂପେ କବି 'ରାମଚଣ୍ଡିଠାରେ ସକାଳ' କାବ୍ୟାଂଶଟିକୁ ଗ୍ରହଣ କରିଥିବା ଅନୁମେୟ । ଚାରିଗୋଟି କ୍ଷୁଦ୍ର ପର୍ଯ୍ୟାୟ ବିଶିଷ୍ଟ 'ରାମଚଣ୍ଡୀଠାରେ ସକାଳ' କାବ୍ୟଭାଗରେ କବି ନିଜ ଅତୀତ ସ୍ମୃତିରୁ କୋଣାର୍କଠାରେ ସୂର୍ଯ୍ୟୋଦୟ ବିଭବ ବର୍ଣ୍ଣନା କରିବା ଅବସରରେ ଓଡ଼ିଶା ଇତିହାସରୁ କିମ୍ବଦନ୍ତୀମୂଳକ ଉପାଖ୍ୟାନ ପ୍ରତି ଦୃଷ୍ଟି ଫେରାଇଛନ୍ତି ।

"ହେଲାରେ ନମାଡ଼ ତଟିନୀ-ଚଳ-ପାବନ-ନୀର
ଇତିହାସେ ଗଢ଼ା ଏହାର ପରା ପୁଣ୍ୟ ଶରୀର ।"

କହି କୋଣାର୍କକୁ ଐତିହାସିକ ପ୍ରତିଷ୍ଠାଦେବା ସଙ୍ଗେ ସଙ୍ଗେ କବି ସେହି ସ୍ଥାନକୁ ନେଇ ପ୍ରଚଳିତ କିମ୍ବଦନ୍ତୀର ସୂଚନା ଦେଇଛନ୍ତି ।

"ବିରସ-ବିହାରେ ଏହାରି ଜଳେ ସେ ନରସିଂହ
ଖୋଜି ଦେଖିଥିଲେ କୋଣାର୍କେ ମାୟାଦେବୀ-ବିଗ୍ରହ
ସେ ବିହାର-ଫଳେ କୋଣାର୍କ ହେଲା ନଦୀ ଗରଭେ
ମାୟା-ରୂପେ ଛାୟା ପରା ହେ ଏଥି ରହିଲେ ଭବେ ।"
(ରାମଚଣ୍ଡୀଠାରେ ସକାଳ-୯୫୩-୯୫୬ପଂକ୍ତି)

ଜାତୀୟ ଇତିହାସର ଘଟଣା ସଙ୍ଗେ ଆଧିଭୌତିକ କାଣ୍ଡର ସମାବେଶ କରି କାବ୍ୟ-କବିତା ଲେଖିବା ଅଷ୍ଟାଦଶ ଶତାବ୍ଦୀର ଶେଷ ଆଡକୁ ଇରେଜୀ ଭାଷାରେ

Digitized by PPRACHIN, SOA

ଏକ ରୀତି ହୋଇଉଠିଥିଲା । ତାହାରି ଅନୁସରଣ କରି କବି ନୀଳକଣ୍ଠ ଓଡିଶା ଇତିହାସର ଘଟଣାବଳୀ ସଙ୍ଗେ ଓଡିଶାରେ ପ୍ରଚଳିତ କିମ୍ବଦନ୍ତୀ ଓ ପୌରାଣିକ ଉପଖ୍ୟାନର ସମନ୍ୱୟ କରି 'କୋଣାର୍କେ' ରଚନା କରିଥିଲେ ।

'ରାମଚଣ୍ଡୀଠାରେ ରାତି' ଓ 'ମାୟାଦେବୀ'ର ପ୍ରେରଣା ଉତ୍ସ ଭିନ୍ନ ଭିନ୍ନ । ଶିଷ୍ୟ-ଛାତ୍ରଙ୍କ ସଙ୍ଗେ କୋଣାର୍କ ଭ୍ରମଣ ଜନିତ ଅନୁଭୂତି 'ରାମଚଣ୍ଡୀଠାରେ ରାତି'ରେ ରୂପାୟିତ ହେବା ବେଳେ ଗଡଜାତ ଭ୍ରମଣ ସମୟରେ ଭିକ୍ଷୁକ-ଭାଟ ସହ କଥୋପକଥନ ଜନିତ ଅନୁଭୂତି 'ମାୟା ଦେବୀ' କାବ୍ୟ ରଚନା ପାଇଁ କବିଙ୍କୁ ଅନୁପ୍ରାଣିତ କରିଛି ।

'କୋଣାର୍କେ'ର ପ୍ରଥମ ଭାଗ 'ରାମଚଣ୍ଡୀଠାରେ ରାତି' ଏକ ସ୍ୱୟଂ ସଂପୂର୍ଣ୍ଣ କାବ୍ୟ ନୁହେଁ, କିନ୍ତୁ ଏଥିରେ କାବ୍ୟିକ ବିଭବ ପୂରିରହିଛି । 'କୋଣାର୍କେ'ର ଦ୍ୱିତୀୟ ଭାଗ- 'ମାୟା ଦେବୀ' ଏକ ସ୍ୱୟଂସଂପୂର୍ଣ୍ଣ କାବ୍ୟ । ଏ କାବ୍ୟ ଛ' ଗୋଟି ସର୍ଗରେ ବିଭକ୍ତ । ଏହା ବ୍ୟତୀତ 'ପ୍ରାରମ୍ଭ ଭାଷଣ', 'ପ୍ରାନ୍ତ ଭାଷଣ' ଓ 'ଉପସଂହାର' ପର୍ଯ୍ୟାୟଗୁଡିକ କାବ୍ୟର ଶୋଭା ବର୍ଦ୍ଧକ ହୋଇପାରିଛି । ଏ କାବ୍ୟରେ କବି ଉତ୍କଳର ଗଜପତି ବୀର ନରସିଂହ ଦେବଙ୍କ ଚାରିତ୍ରିକ ମହତ୍ୱ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ସମଗ୍ର ଭାରତବର୍ଷରେ ଓଡ଼ିଆ ଜାତିର ମର୍ଯ୍ୟାଦା ପ୍ରତିଷ୍ଠିତ କରାଇଛନ୍ତି । ନରସିଂହଦେବଙ୍କ ସହ ଶିଶୁପାଳଗଡର ସାମନ୍ତ କନ୍ୟା ମାୟାଦେବୀଙ୍କ ଆଦର୍ଶ ପ୍ରଣୟ ଏ କାବ୍ୟର ଉପଜୀବ୍ୟ ବିଷୟ । ମାୟଦେବୀଙ୍କ ଶୁଦ୍ଧ ଉଜ୍ଜ୍ୱଳ ତ୍ୟାଗମୟ ପ୍ରେମକୁ କୋଣାର୍କ ମନ୍ଦିର ନିର୍ମାଣ ମୂଳଭିତ୍ତି ରୂପେ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ କବି କାବ୍ୟଟିର ନାମ ରଖିଛନ୍ତି- ''ମାୟା ଦେବୀ ।''

ଓଡ଼ିଶାରେ ଭାଟ ମୁଖରେ କିମ୍ବଦନ୍ତୀମୂଳକ କାହାଣୀ ପ୍ରଚାରିତ ହେବାର ପରମ୍ପରା ରହିଛି । ସେହି ପରମ୍ପରାକୁ ଅନୁସରଣ କରି କବି ନୀଳକଣ୍ଠ ଭାଟମୁଖରେ 'ମାୟାଦେବୀ'ର କାହାଣୀ ଭାଗ ବର୍ଣ୍ଣନା କରିଛନ୍ତି । 'ମାୟାଦେବୀ'ର କଥାବସ୍ତୁ କୋଣାର୍କ ମନ୍ଦିର ନିର୍ମାଣ ସମ୍ପର୍କୀୟ କିମ୍ବଦନ୍ତୀ ଉପରେ ଆଧାରିତ । କବିଙ୍କ ଭାଷାରେ-

''ସେହି ଗାଥା ଗୁଣ, ଲେଖି ମୁଁ ରଖୁଛି
ବଂଦି-ମୁଖ-ସ୍ୱର-କବିତ୍ୱ-ଭାଷେ
ପୁରାଣ ବିଭବ କୀରତି-କାହାଣୀ
କୋଣାର୍କ-ଜାତକ ସ୍ମୃତି-ବିଳାସେ ।''

('ପ୍ରାରମ୍ଭ ଭାଷଣ' - ମାୟାଦେବୀ)

Digitized by PPRACHIN, SOA

ରାମଚଣ୍ଡୀଠାରେ ରାତି :

ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ସମୟରେ ନୀଳକଣ୍ଠ ଖ୍ରୀ: ୧୯୧୭ କୁମାର ପୂର୍ଣ୍ଣିମା ତିଥିରେ ଛାତ୍ରମାନଙ୍କୁ ନେଇ କୋଣାର୍କ ମନ୍ଦିର ପରିଦର୍ଶନରେ ଯାଇଥିଲେ । ମାତ୍ର ବିଧିର ବିଡମ୍ବନା ଯୋଗୁ ସେଦିନ ଭୟଙ୍କର ଝଡବର୍ଷା ଫଳରେ ଶାରଦ ଜ୍ୟୋତ୍ସ୍ନାରେ କୋଣାର୍କ ଦର୍ଶନ ଆଶା ବିଫଳ ହେଲା । କୋଣାର୍କର ଦକ୍ଷିଣ ପଶ୍ଚିମକୁ ପ୍ରାୟ ତିନି ମାଇଲ୍ ଦୂରରେ କୁଶଭଦ୍ରା ମୁହାଣର ବାଲିକୁଦ ଉପରେ ଥିବା ରାମଚଣ୍ଡୀ ମନ୍ଦିରରେ ସେମାନେ ଆଶ୍ରୟ ନେଲେ । ପଥଶ୍ରାନ୍ତ କିଶୋର ଛାତ୍ରଗଣ ବର୍ଷଣ ରାତିରେ ନିଶ୍ଚିତରେ ଶୋଇ ଯିବାପରେ ଜାତିପ୍ରାଣ ଯୁବକ ଶିକ୍ଷକ ନୀଳକଣ୍ଠଙ୍କ ମନରେ ଓଡିଶାର ଅତୀତ ବିଭବ ଯେଉଁ ଭାବାନ୍ତର ସୃଷ୍ଟି କରିଥିଲା ତାହାର କାବ୍ୟିକ ପରିପ୍ରକାଶ ହେଉଛି- 'ରାମଚଣ୍ଡୀଠାରେ ରାତି' ।

ବିଷୟ ବିନ୍ୟାସ :- 'ରାମଚଣ୍ଡୀ ଠାରେ ରାତି' କାବ୍ୟ ଭାଗ ଛତିଶ ଗୋଟି ପର୍ଯ୍ୟାୟରେ ବିଭକ୍ତ । ପ୍ରଥମ ପାଞ୍ଚଗୋଟି ପର୍ଯ୍ୟାୟରେ ଉପସ୍ଥିତ ପରିବେଶ ବର୍ଣ୍ଣନା କରିବା ପରେ ଷଷ୍ଠରୁ ଏକାଦଶ ପର୍ଯ୍ୟାୟ ପର୍ଯ୍ୟନ୍ତ କବି ଅତୀତର ରୋମନ୍ଥନ କରିଛନ୍ତି । ଦ୍ୱାଦଶ ପର୍ଯ୍ୟାୟରେ କବିଙ୍କ ସ୍ୱପ୍ନାବିଷ୍ଟ ଦୃଷ୍ଟିକୋଣ ପ୍ରକାଶିତ । ତ୍ରୟୋଦଶ ପର୍ଯ୍ୟାୟରେ ଚନ୍ଦ୍ରଭାଗା ତୀରର ପୌରାଣିକତା ଉଲ୍ଲେଖ କରି ଚତୁର୍ଦ୍ଦଶରୁ ଷୋଡଶ ପର୍ଯ୍ୟାୟ ପର୍ଯ୍ୟନ୍ତ ମାତ୍ର ତିନିଗୋଟି ପର୍ଯ୍ୟାୟରେ କବି ଅଶୋକଙ୍କ ବୌଦ୍ଧଧର୍ମ ପ୍ରଚାରଠାରୁ ଆରମ୍ଭ କରି ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଓଡ଼ିଶା ଇତିହାସର କ୍ରମିକ ସୂଚନା ଦେଇଛନ୍ତି । ସପ୍ତଦଶରୁ ଅଷ୍ଟବିଂଶ ପର୍ଯ୍ୟାୟ ପର୍ଯ୍ୟନ୍ତ ଐତିହାସିକ ପୀଠ ବାରବାଟିରେ ଉତ୍କଳ ରାଜଛତ୍ରର ସାଜସଜ୍ଜା, ଓଡିଶାର ଜାତୀୟ ଅଖଣ୍ଡତା ରକ୍ଷା ପାଇଁ ଗଜପତି ତଥା ସାମନ୍ତମାନଙ୍କ ଆପ୍ରାଣ ଉଦ୍ୟମ କବି ବଂଦି ଗୀତ ବା ଭାଟ ଗୀତ ମାଧ୍ୟମରେ ପ୍ରକାଶ କରିଛନ୍ତି । କବିଙ୍କ ଭାଷାରେ-

'ବଂଦି ଗୀତ ଶୁଣି ବାପାହେ, ତବ ବାଳୁତ-ହୃଦ
ସ୍ୱାଧୀନ-ପୁଲକେ ପୂରିବ, ଘୋଟିଯିବ ଉନ୍ମାଦ ।
ସ୍ୱପନେ ନାଚିବ କେତେ ହେ ଗିରି-ଦୁର୍ଗନୟନେ,
ବନଗିରି ଦରୀ ତଟିନୀ ବୁଲି ଆସିବ କ୍ଷଣେ ।
ଜୟ-ସ୍ତଂଭେ କେତେ ଦେଖିବ, କେତେ ଶାସନ ଦାନ,
ତଂବାପଟା-ଦାନ-ଫଳକେ ଗଜପତିର ନାମ ।''

Digitized by PPRACHIN, SOA

ଊନତ୍ରିଂଶ ପର୍ଯ୍ୟାୟରୁ ଷଟ୍‌ତ୍ରିଂଶ ପର୍ଯ୍ୟାୟ ପର୍ଯ୍ୟନ୍ତ କବି ଦେବୀ ରାମଚଣ୍ଡୀଙ୍କୁ ପ୍ରଶ୍ନ ପଚାରିବା ଛଳରେ ଚାରିତ୍ରନଗର (କୋଣାର୍କ ପୀଠ)ର ଇତିହାସ, କୋଣାର୍କ ମନ୍ଦିରର ସ୍ଥପତ୍ୟ କଳା, କୋଣାର୍କ ପୀଠକୁ ରାମଚଣ୍ଡୀଙ୍କ ଆଗମନ, ବିଧର୍ମୀମାନଙ୍କ ଦ୍ୱାରା ଓଡ଼ିଆ ମନ୍ଦିରର କରାଳ ଧ୍ୱଂସଲୀଳା, ଓଡ଼ିଆ କୃଷକ ସେନାଙ୍କ ଆତିଥେୟତା ଓ ଓଡ଼ିଶା ଭୂମିଖଣ୍ଡର ପବିତ୍ରତା ବର୍ଣ୍ଣନା କରିଛନ୍ତି ।

'ରାମଚଣ୍ଡୀଠାରେ ରାତି' କାବ୍ୟଭାଗରେ ନାୟକ ନାୟିକାଙ୍କ ଚରିତ୍ର ଚିତ୍ରଣ ଓ ସେମାନଙ୍କ ପ୍ରେମ ବିରହର ବର୍ଣ୍ଣନା ନଥିଲେ ହେଁ ତାହା ପାଠକର ସୀମିତ ବ୍ୟକ୍ତି ଚେତନାକୁ ଜାତୀୟ ଚେତନାର ଉଦାରସ୍ତରକୁ ଉନ୍ନତ କରିବାରେ, ଜାତୀୟ ଗୌରବର ପୁନରୁଦ୍ଧାର ପାଇଁ ତା'ର ସୁପ୍ତଶକ୍ତିକୁ ଜାଗ୍ରତ କରିବାରେ ଏବଂ ଅତୀତର ଗୌରବାବହ ଘଟଣା ବଳିର ସ୍ମରଣରେ ତାର ବଳ ବୀର୍ଯ୍ୟ ଉଦ୍ଦୀପ୍ତ କରିବାରେ ସମର୍ଥ ହୋଇଥିବାରୁ କାବ୍ୟର ଗୌରବରେ ଭୂଷିତ ହୋଇପାରିଛି । ଏ କାବ୍ୟ ଭାଗରେ କବି ନୀଳକଣ୍ଠ ଓଡ଼ିଆ ଜାତିର ବିଜ୍ଞାଣୀ ତଥା ସମଗ୍ର ମାନବ ଜାତିର ଶିକ୍ଷକ ରୂପେ ପ୍ରତିଭାତ ହୋଇଛନ୍ତି ।

ଜାତିପ୍ରାଣ କବି ନୀଳକଣ୍ଠଙ୍କ ପାଇଁ କାବ୍ୟ ରଚନା ଏକ ସୌଖୀନ ଭାବ ବିଳାସ ନଥିଲା । ତାଙ୍କ କାବ୍ୟ ରଚନା ଥିଲା ଉଦ୍ଦେଶ୍ୟଧର୍ମୀ । କବିତ୍ୱ ସହ ଶିକ୍ଷକତାର ମିଳନ ଘଟାଇ ପରାଧୀନ ଜାତିକୁ ଆତ୍ମ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ସେ କାବ୍ୟ ଲେଖିଛନ୍ତି । ବୈଦିକ ଋଷିଙ୍କ ସରସ୍ୱତୀ ତଟରେ ବେଦପାଠଠାରୁ ପୁରାଣ ଯୁଗର ଜାମ୍ବବତୀ-ସୁତ ଶାମ୍ବଙ୍କ ତପସ୍ୟା ଆଚରଣ ପର୍ଯ୍ୟନ୍ତ, ବୌଦ୍ଧ ଓ ଜୈନଧର୍ମ ପ୍ରସାରଠାରୁ ବ୍ରାହ୍ମଣ୍ୟଧର୍ମର ପ୍ରତିଷ୍ଠା ପର୍ଯ୍ୟନ୍ତ, କେଶରୀ ବଂଶଠାରୁ ଭୋଇବଂଶର ରାଜତ୍ୱ ପର୍ଯ୍ୟନ୍ତ, କର ରାଜବଂଶର ସାମ୍ରାଜ୍ଞୀ ଦଣ୍ଡୀ ମହାଦେବୀଙ୍କ ରାଜନ୍ୟ ନୀତିଠାରୁ ବରବାଟୀ ଦୁର୍ଗର 'ଭେରୀଦୁଂଦୁଭିର ଭୀମ-ସଂଗୀତ' ପର୍ଯ୍ୟନ୍ତ-ଓଡ଼ିଶାର ଅତୀତ ଗୌରାବାବହ ଘଟଣାସବୁ ଗୋଟି ଗୋଟି କରି ବର୍ଣ୍ଣନାପୂର୍ବକ କବି ସ୍ୱପ୍ନ ବିଭୋର ଛାତ୍ରଗଣଙ୍କ ଆତ୍ମାକୁ ପୂର୍ବପୁରୁଷଙ୍କ ଆତ୍ମାସହ ଏକାକାର କରିଦେଇଛନ୍ତି । ଏପରି କରିବା ଫଳରେ ସେ ଜାତୀୟ ଜୀବନର ପ୍ରବାହକୁ ଅବ୍ୟାହତ ରଖିପାରିଛନ୍ତି । ଜାତୀୟ ଆତ୍ମାର ଅତୀତ (ପୂର୍ବପୁରୁଷ) ବର୍ତ୍ତମାନ (କବି) ଓ ଭବିଷ୍ୟତ (ଶିଶୁଛାତ୍ର)କୁ ନେଇ ଜାତୀୟ ଜୀବନର ଅବିଚ୍ଛିନ୍ନଧାରା ବିଦ୍ୟମାନ । କବିଙ୍କ ଭାଷାରେ-

''ଅତୀତ-ବିଭବ କାହାଣୀ କହି ବିବିଧ ରଂଗେ
ଆତ୍ମାକୁ ବିସୋରି ମିଶିବେ ପୂର୍ବ-ପୁରୁଷ-ସଙ୍ଗେ

Digitized by PPRACHIN, SOA

ଅତୀତୁ ଅତୀତ ପ୍ରସାରେ ବହି ଜୀବନ ଧାରା
ବ୍ୟାପିଯିବ ମହା ବିସ୍ତାରେ ଭେଦି ଶରୀର କାରା ।''

('ରାମଚଣ୍ଡୀଠାରେ ରାତି'-୧୩୭-୧୪୦ ପଂକ୍ତି)

**ଓଡ଼ିଶା ଇତିହାସ ଓ ଦେବୀ ରାମଚଣ୍ଡୀ :**

ଜାତି ପ୍ରାଣକବି ନୀଳକଣ୍ଠ ଦେବୀ ରାମଚଣ୍ଡୀଙ୍କୁ ଓଡ଼ିଶାର ଅତୀତ ଘଟଣାବଳିର ପ୍ରତ୍ୟକ୍ଷ ଦର୍ଶିନୀ ରୂପେ ସ୍ୱୀକାର କରିଛନ୍ତି । ତେଣୁ ସେ ଦେବୀଙ୍କୁ ପ୍ରଶ୍ନ କରିଛନ୍ତି-

''କହ ରାମଚଣ୍ଡୀ କହଗୋ, ସାକ୍ଷୀ ଏକା ତ ତୁହି
କେମନ୍ତେ ଏ ଭୂମି ଆସିଛି କାଳ-ସାଗରେ ବହି ?''

('ରାମଚଣ୍ଡୀଠାରେ ରାତି'-୭୨୩-୭୨୪ ପଂକ୍ତି)

ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ଚାରିତ୍ର ନଗର ବା କୋଣାର୍କ କ୍ଷେତ୍ର ପରିଦର୍ଶନ, ଆକବରଙ୍କ ସଭାପଣ୍ଡିତ ତଥା ଐତିହାସିକ ଆବୁଲଫଜଲ କୋଣାର୍କର ଶିଳ୍ପକଳା ଦେଖି ବିମୋହିତ ହେବା, ପର୍ତ୍ତୁଗୀଜ ଜଳଦସ୍ୟୁଙ୍କ ଭଗ୍ନ କୋଣାର୍କରେ ଲୁଚି ତାମ୍ରଲିପ୍ତ, ବାଲେଶ୍ୱର ପ୍ରଭୃତି ସ୍ଥାନରୁ ସିଂହଳକୁ ଯାଉଥିବା ବାଣିଜ୍ୟ ତରୀ ଲୁଣ୍ଠନ, କୋଣାର୍କ ମନ୍ଦିରରେ ସ୍ଫଟିକ ଆବରଣ ମଧ୍ୟରେ ଲୌହନିର୍ମିତ ସୂର୍ଯ୍ୟମୂର୍ତ୍ତି ଚୁମ୍ବକ ବଳରେ ଶୂନ୍ୟରେ ଝୁଲିବା, ଏହି ଚୁମ୍ବକ ଜାହାଜକୁ କୂଳକୁ ଟାଣି ଆଣୁଥିବାରୁ ପର୍ତ୍ତୁଗୀଜମାନେ ମନ୍ଦିର ଭାଙ୍ଗି ଚୁମ୍ବକ କାଢ଼ିନେବା, ଓଡିଶାର ଗଜପତି ରାଜାଙ୍କ ଯୁଦ୍ଧଯାତ୍ରା, ଓଡିଆ ରାଜାଙ୍କ ବୀରତ୍ୱ ନିକଟରେ ଶତ୍ରୁପକ୍ଷଙ୍କ ଶରଣ ଭିକ୍ଷା, ଆଦି ପ୍ରତ୍ୟେକ ଐତିହାସିକ ଘଟଣା ସତେ ଯେପରି ଦେବୀ ରାମଚଣ୍ଡୀଙ୍କ ଅଙ୍ଗେ ଲିଭାଇବା ବ୍ୟାପାର । ତେଣୁ କବି କହିଛନ୍ତି-

''କହ କହ ମାତ, ଦେଖିଛୁ ସବୁ ଆଖିରେ ତୁହି
ଭୋଗିଛୁ ତ କେତେ ଶରୀରେ, ନ କହୁଛୁ କିଂପାଇ ?''

ଦେବୀ ରାମଚଣ୍ଡୀ କଳା ପାହାଡର ଆକ୍ରମଣରେ ଅପମାନିତା ହୋଇ ଲାଜରେ ମୂକ ହୋଇଯାଇଛନ୍ତି କିମ୍ବା ଅତୀତର ଓଡିଆ କୀର୍ତ୍ତିକୁ ଝୁରି ଝୁରି ପଥର ପାଲଟିଛନ୍ତି । ସନ୍ତାନ ଭାବେ ପ୍ରକୃତ ତଥ୍ୟ ଜାଣିବା ପାଇଁ କବି ତାଙ୍କ ନିକଟରେ ଅଳି କରିଛନ୍ତି-

''ମଉନ କିଂପା ଗୋ ? କାହାକୁ ଏତେ ହେଉ ଲୁଚାଇ
ଅତୀତ ସୁମରି ରହିଛୁ ଅବା ପଥର ହୋଇ ।''

('ରାମଚଣ୍ଡୀଠାରେ ରାତି'-୭୯୭-୭୯୮ ପଂକ୍ତି)

Digitized by PPRACHIN, SOA

ଜାତୀୟ ଐତିହ୍ୟର ପ୍ରତୀକ ରାମଚଣ୍ଡୀଙ୍କ ପୀଠରେ ରାତ୍ରି ଯାପନ କାଳରେ ନୀଳକଣ୍ଠଙ୍କ କବି ପ୍ରାଣ ଜାତିର ଗୌରବକୁ କାବ୍ୟରୂପ ଦେବା ପାଇଁ ବ୍ୟାକୁଳ ହେବା ସ୍ୱାଭାବିକ । ତାଙ୍କ ଭାବ ରାଜିର ପରିପ୍ରକାଶ ପାଇଁ ସେ ଛାତ୍ରମାନଙ୍କ ସ୍ୱପ୍ନକୁ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି, ରାମଚଣ୍ଡୀ ମନ୍ଦିରରେ ରାତ୍ରିଯାପନ ସମୟରେ ଜାତୀୟ ଐତିହ୍ୟର ରୋମନ୍ଥନ କରିଥିବାରୁ କବି ଏ କାବ୍ୟଭାଗର ନାମ ଦେଲେ- "ରାମଚଣ୍ଡୀଠାରେ ରାତି" ।

ଏହି କାବ୍ୟଭାଗରେ ଉଦ୍ଦେଶ୍ୟମୂଳକ ଭାବେ କବି ଓଡ଼ିଶା ଇତିହାସକୁ ଉପଜୀବ୍ୟ କରିବାର କାରଣ ସେ ସମୟରେ ବିଦ୍ୟାଳୟଗୁଡିକରେ ଶିଶୁମାନଙ୍କୁ ଭୂଗୋଳ ଓ ଇତିହାସ ସମ୍ବନ୍ଧରେ ସାକ୍ଷାତ ଶିକ୍ଷା ଦେବାର କୌଣସି ବ୍ୟବସ୍ଥା ନଥିଲା । ସେଥିପାଇଁ କ୍ଷୋଭ ପ୍ରକାଶ କରି ଗୋପବନ୍ଧୁ ଲେଖିଥିଲେ- "ଭାରତ ଇତିହାସ ଶିଖାଇବା ଆଗରୁ ଆମ୍ଭମାନଙ୍କ ପିଲାମାନଙ୍କୁ ଓଡ଼ିଶାର ଇତିହାସ ପଢ଼ାଇବା ଉଚିତ । ଐର, ଯଯାତି, ଅନଙ୍ଗ, ନରସିଂହ, ପୁରୁଷୋତ୍ତମ, ପ୍ରତାପଙ୍କ ବୀରତ୍ୱ, ଶିବେଇ ସାମନ୍ତ୍ରାଙ୍କ ନିର୍ମାଣ କୌଶଳ, ବାରଶହ ବଢ଼େଇଙ୍କ ଶିଳ୍ପ ଚାତୁରୀ, ଜଗନ୍ନାଥ, ବଳରାମ, ସାରଳା, ସାମନ୍ତସିଂହାରଙ୍କ ଜାତୀୟ ପ୍ରେମ ଓ ନୈଷ୍ଠିକ ସାହିତ୍ୟ ସେବା ଉତ୍କଳରେ କେତେ ଜଣ ଜାଣନ୍ତି ? କେତେ ଜଣ ଉତ୍କଳ ସନ୍ତାନ ଏ ସବୁରେ ଆତ୍ମସମ୍ମାନ ଅନୁଭବ କରନ୍ତି ?" (୧)

ଗୋପବନ୍ଧୁଙ୍କ ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ତାଙ୍କର ସହକର୍ମୀଗଣ ଆଗେଇ ଆସିଥିଲେ । ନୀଳକଣ୍ଠଙ୍କ 'କୋଣାର୍କେ' ଓ 'ଖାରବେଳ', ଗୋଦାବରୀଶଙ୍କ 'ପୁରୁଷୋତ୍ତମ ଦେବ' ଓ 'ମୁକୁନ୍ଦଦେବ', କୃପାସିନ୍ଧୁଙ୍କ 'ଉତ୍କଳ ଇତିହାସ' ଓ 'ବାରବାଟୀ'- ଏହାର ଉଦାହରଣ ।

ଇତିହାସଭିତ୍ତିକ 'ରାମଚଣ୍ଡୀଠାରେ ରାତି' ଓ କିମ୍ବଦନ୍ତୀ ଭିତ୍ତିକ 'ମାୟାଦେବୀ' କାବ୍ୟଭାଗଦ୍ୱୟକୁ ଏକତ୍ରକରି ଜାତିପ୍ରାଣ କବି ନୀଳକଣ୍ଠ ଖ୍ରୀ: ୧୯୧୯ରେ ପ୍ରକାଶ କଲେ ତାଙ୍କର ଅକ୍ଷୟ କୃତି- 'କୋଣାର୍କେ' କାବ୍ୟ । ଇତିହାସର ସତ୍ୟଘଟଣା ସହ କିମ୍ବଦନ୍ତୀର ଅଲୌକିକ କାହାଣୀର ମଧୁର ସମନ୍ୱୟ ଏହି କାବ୍ୟକୁ ଆଣିଦେଇଛି ଅପୂର୍ବ ସାହିତ୍ୟିକ ଗୌରବ ଓ ରସ ଆବେଦନ । ଏହି କାବ୍ୟର ସୃଷ୍ଟି-ପ୍ରତିଭାରେ ମୁଗ୍ଧ ହୋଇ ଡକ୍ଟର ମାୟାଧର ମାନସିଂହ ଲେଖିଛନ୍ତି- "ରାଜନୈତିକ ନୀଳକଣ୍ଠ କାଲି ଧୂଳିରେ ମିଶି ବିସ୍ମୃତ ହୋଇଯିବେ, କିନ୍ତୁ 'କୋଣାର୍କେ'ର ଲେଖକ ନୀଳକଣ୍ଠଙ୍କ ମୃତ୍ୟୁ ନାହିଁ ।" (୨)

---

(୧) ଆଲୋଚନା - ସତ୍ୟବାଦୀ - ୧/୧୨ଶ ସଂଖ୍ୟା ପୃ-୩୫୭-୫୮

(୨) କୋଣାର୍କେ କାବ୍ୟର ମୁଖବନ୍ଧ

Digitized by PPRACHIN, SOA

## 'ରାମଚଣ୍ଡୀଠାରେ ରାତି'ର ଉପସ୍ଥାପନା-ରୀତି :

ଇତିହାସ ଆଧାରିତ କାବ୍ୟଭାଗ ''ରାମଚଣ୍ଡୀଠାରେ ରାତି''କୁ ସରସ ସୁନ୍ଦର ଭାବେ ପାଠକଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ କବି ନୀଳକଣ୍ଠ ଏହାର କଥାବସ୍ତୁ ପରିବେଷଣରେ ନାଟକୀୟ ଶୈଳୀ ଅନୁସରଣ କରିଛନ୍ତି । ରଂଗମଂଚରେ ଅଭିନୀତ ନାଟକ ପରି ଏଥିରେ ଦୃଶ୍ୟ ପରେ ଦୃଶ୍ୟର ଦ୍ରୁତ ପରିବର୍ତ୍ତନ ଘଟିଛି । ଛାତ୍ରଗଣଙ୍କ ସ୍ୱପ୍ନକୁ ମାଧ୍ୟମ କରି ପ୍ରଗଳ୍‌ଭ୍ କବି ପାଠକଙ୍କୁ ଗୋଟିଏ ଘଟଣାରୁ ଆଉ ଗୋଟିଏ ଘଟଣାକୁ, ଗୋଟିଏ ପରିବେଶରୁ ଆଉ ଗୋଟିଏ ପରିବେଶକୁ ନେଇ ଚାଲିଛନ୍ତି ଅବିରାମ ଗତିରେ । ଛାତ୍ରଗଣଙ୍କୁ ମଧ୍ୟ କବି ସ୍ୱପ୍ନ ମାଧ୍ୟମରେ ନାଟକ ଦେଖାଇବା ପରି ମନେ ହୁଏ ।

ଓଡ଼ିଆମାନଙ୍କର ଶ୍ରେଷ୍ଠ ଉତ୍ସବମୁଖର ପର୍ବ କୁମାରପୂର୍ଣ୍ଣମୀର ତିଥିରେ ''ରାମଚଣ୍ଡୀଠାରେ ରାତି''ର ପରିକଳ୍ପନା । ଏହି ପୂର୍ଣ୍ଣିମାର ଚାନ୍ଦିନୀ ରାତି ଏକ ବର୍ଷଣ ମୁଖର କରାଳ ରାତିରେ ରୂପାନ୍ତରିତ ହେବାର ଦେଖି ଜାତି ପ୍ରାଣ କବିଙ୍କ ମନରେ ଭାବାନ୍ତର ସୃଷ୍ଟି ହୋଇଛି । ଚନ୍ଦ୍ରଜ୍ୟୋତ୍ସ୍ନାରେ କୋଣାର୍କର ସୌନ୍ଦର୍ଯ୍ୟ ଛାତ୍ରଗଣଙ୍କୁ ଦେଖାଇବାର ଉଦ୍ଦେଶ୍ୟ ତାଙ୍କର ବିଫଳ ହୋଇଛି । ପଥକ୍ଲାନ୍ତ ଶିଷ୍ୟଗଣ ଶୋଇଯିବା ପରେ ତାଙ୍କ ମନରୁ ସ୍ୱତଃ ଝରି ଆସିଛି-

''କି କରାଳ ଆଜି ରଜନୀ ? ବହେ ଝଞ୍ଝା ପବନ
ତାରା ନଦିଶଇ ଗଗନେ, ଶୁଭେ ଘନ ଗର୍ଜନ ।

ମୂଷଳ ଧାରାରେ ଝଟିକା ଦିଏ କଚାଡି କେବେ
ଶୋଇ ପଡିଛତ ବାପାହେ, ଜାଣୁ ନଥିବ ଲବେ ।''

(ରା.ରା.-୧-୪ ପଂକ୍ତି)

ପରିବେଶର ବର୍ଣ୍ଣନାରୁ କାବ୍ୟାରମ୍ଭ କରି କବି ନୀଳକଣ୍ଠ କାବ୍ୟ ଉପସ୍ଥାପନା ରୀତିରେ ନୂତନତା ଆଣିଦେବା ସଙ୍ଗେ ସଙ୍ଗେ ପ୍ରକୃତରେ ଏହି କରାଳ ପରିବେଶ ସହ ପରାଧୀନ ଭାରତ ତଥା ଓଡ଼ିଶାର ଭାଗ୍ୟକୁ ସାମିଲ କରି ଦେଇଛନ୍ତି । ଶାରଦୀୟ ପର୍ବର ଆକାଶରେ କଳାମେଘ ଘୋଟିଆସି ଝଡ ବତାସ ସୃଷ୍ଟି ହେବା ପରି ଆମ ଦେଶର ଭାଗ୍ୟାକାଶରେ ପରାଧୀନତା ରୂପୀ କଳାମେଘ ଛାଇ ଯାଇ ଦୁର୍ଦ୍ଦିନ ରୂପୀ ଝଡବତାସ ମାଡି ଆସିଛି । ଏଇ ଦୁର୍ଦ୍ଦିନର ସତେ ଯେପରି ଅନ୍ତ ନାହିଁ । ମେଘ ନ ଛାଡିବାରୁ ଛାତ୍ରଗଣଙ୍କ ଚନ୍ଦ୍ରାଲୋକରେ କୋଣାର୍କ ଦର୍ଶନ ବିଫଳ ହେବାପରି ପରାଧୀନ

Digitized by PPRACHIN, SOA

ଥିବାରୁ ଆମ ଦେଶବାସୀଙ୍କ ଭାଗ୍ୟ ବିଡମ୍ବିତ ହୋଇଛି । ତେଣୁ କବି ବ୍ୟାକୁଳ ହୋଇ କହୁଛନ୍ତି-

''ରହୁ ନାହୁଁ କିଁପା ବତାସି ? ତୁ କି ନହେବୁ ଥୟ ?
ତୁହାଇ ହେଉଛୁ ବରଷା, ତୋର ନାହିଁ କି ଲୟ ?''

(ରା.ରା.-ପଂକ୍ତି-୧୪୧-୧୪୨)

ନାଟକ ବା ଯାତ୍ରାର ସୂତ୍ରଧର ପରି କବି ମଝିରେ ମଝିରେ କାବ୍ୟ ବର୍ଣ୍ଣିତ ପରିସ୍ଥିତି, ପରିବେଶ ଓ ଉଦ୍ଦେଶ୍ୟ ବିଷୟରେ ପାଠକଙ୍କୁ ସଚେତନ କରିଦେଇଛନ୍ତି । ତେଣୁ ସେମାନେ କାବ୍ୟପାଠ ସମୟରେ ରାମଚଣ୍ଡୀ ମନ୍ଦିର, ବାଲିବନ୍ତ କିମ୍ବା ବର୍ଷଣ-ମୁଖର ରାତି ଏହିପରି ପରିବେଶ ଓ ପରିସ୍ଥିତି ସହ ଜଡିତ ରହି ଛାତ୍ରମାନଙ୍କ ସ୍ୱପ୍ନସହ ଚିଉମିଳାଇ ଓଡ଼ିଶାର ଗୌରାବାବହ ଇତିହାସକୁ ପୃଷ୍ଠାପରେ ପୃଷ୍ଠା ଓଲଟାଇ ଯାଆନ୍ତି । କାବ୍ୟର ଦୀର୍ଘ ଭାବସ୍ରୋତ ଭିତରେ- ''ଶୁଅରେ ବାଳକେ ଆରାମେ ଏଥି ନାହିଁ ତ ଘର'' ''ସପନେ ତ ବାପା ଦେଖୁଛ ବାରବାଟୀ ସଉଧ'' ''ସପନେ ଲାଗିବ ବିକଳ ବାପା ବାଳୁତ ନିଦେ'' ଆଦି ପାଦ ଏକ ଏକ ବିରାମ ଚିହ୍ନଭଳି । ଏ ସବୁ ପାଠକର ଧୈର୍ଯ୍ୟ ପାଇଁ ଯେତିକି ସହାୟକ ସେତିକି ନାଟକୀୟ ଓ ମନୋରାମ ।

**'ରାମଚଣ୍ଡୀଠାରେ ରାତି'ରେ ଓଡ଼ିଶା ଇତିହାସ**

'ରାମଚଣ୍ଡୀଠାରେ ରାତି' କାବ୍ୟଭାଗରେ କବି ନୀଳକଣ୍ଠ ଇତିହାସର କୌଣସି ନିର୍ଦ୍ଦିଷ୍ଟ ସୀମାରେଖା ମଧ୍ୟରେ ଆବଦ୍ଧ ରହି ନାହାନ୍ତି । ପୁରାଣଯୁଗରୁ ଆରମ୍ଭ କରି ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ସମୟ ପର୍ଯ୍ୟନ୍ତ ବହୁ ବିଶିଷ୍ଟ ଘଣଟାକୁ ସେ ଛାତ୍ରମାନଙ୍କ ସ୍ୱପ୍ନ ମାଧ୍ୟମରେ ଅଭିନୟ ଦେଖାଇବା ପରି ଉପସ୍ଥାପନ କରିଛନ୍ତି । କବିଙ୍କ ଭାଷାରେ-

''ଅଭିନୟ ପରି ଦେଖିବ ସବୁ ତରଳ ନିଦେ
ପୁଲକ-ବିସ୍ମୟ-ଚମକେ କେତେ ରସ-ଉନ୍ମାଦେ ।''

(ରା.ରା.-୨୮୭-୨୮୮ ପଂକ୍ତି)

ପୁରାଣଯୁଗରେ କୃଷ୍ଣ-ଜାମ୍ବବତୀ ପୁତ୍ର ଶାମ୍ବଙ୍କର ଚନ୍ଦ୍ରଭାଗା କୂଳରେ ସୂର୍ଯ୍ୟ ଉପାସନା, ମଗଧ ମୌର୍ଯ୍ୟ ବଂଶର ତୃତୀୟ ରାଜା ଅଶୋକ ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ କଳିଙ୍ଗ ଜିଣି ଧଉଳିଗିରିଠାରେ ଅନୁଶାସନ ଖୋଳାଇବା, ଐର ବଂଶର ପଞ୍ଚମ ରାଜା ଖାରବେଳ ଜୈନଧର୍ମ ଗ୍ରହଣ କରିବା ପରେ ଉତ୍ତର ବୟସରେ ରାଣୀଙ୍କ ସହ

Digitized by PPRACHIN, SOA

ଖଣ୍ଡଗିରିରେ ସନ୍ନ୍ୟାସୀଭାବେ ଗୁମ୍ଫାରେ ଅବସ୍ଥାନ କରିବା, ଖ୍ରୀ.ପୂ. ୧ମ ଓ ୨ୟ ଶତାବ୍ଦୀରେ ଓଡିଶାରେ ଜୈନଧର୍ମର ପ୍ରସାର ଘଟାଇବା, ଖ୍ରୀ.ପୂ. ୪ର୍ଥ ଶତାବ୍ଦୀରେ ମଗଧ ଗୁପ୍ତବଂଶୀୟ ରାଜାଙ୍କ ଦ୍ୱାରା ବୌଦ୍ଧଧର୍ମର ପୁନଃ ପ୍ରତିଷ୍ଠା, ଗୁପ୍ତବଂଶର ଦ୍ୱିତୀୟ ରାଜା ସମୁଦ୍ରଗୁପ୍ତ ଓଡିଶାର ଜଙ୍ଗଲ ମଧ୍ୟରେ ବ୍ୟାଘ୍ରରାଜାଙ୍କୁ ପରାସ୍ତ କରିବା, କେଶରୀବଂଶର ପ୍ରଥମ ରାଜା ଯଯାତୀ କେଶରୀ କାନ୍ୟକୁବ୍ଜରୁ ଦଶହଜାର ବ୍ରାହ୍ମଣ ଅଣାଇ ଅଶ୍ୱମେଧ ଯଜ୍ଞ କରିବା, କେଶରୀବଂଶର ରାଜାମାନଙ୍କ ଦ୍ୱାରା ଭୁବନେଶ୍ୱରର ବିଭିନ୍ନ ମନ୍ଦିର ନିର୍ମିତ ହେବା, ଗଙ୍ଗବଂଶର ରାଜା ଅନଙ୍ଗଭୀମଦେବ ଭୁଲରେ ଗୋଟିଏ ବ୍ରହ୍ମହତ୍ୟା କରି ପ୍ରାୟଶ୍ଚିତ୍ତ ସ୍ୱରୂପ ଚାରିଶହ ପଚାଶ ଶାସନ ଦାନ କରିବା, ପୁରୀ ମନ୍ଦିର ନିର୍ମାଣ କରାଇବା, ବୈଷ୍ଣବଙ୍କ ପାଇଁ ମଠ ସ୍ଥାପନ କରିବା, ସୂର୍ଯ୍ୟବଂଶୀ ରାଜା ପୁରୁଷୋତ୍ତମ ଦେବ କାଞ୍ଚିଅଭିଯାନ କରି ଓଡିଆ ଜାତିର ମାନ ରକ୍ଷା କରିବା, ପ୍ରତାପରୁଦ୍ର ଦେବଙ୍କ ସହାୟତାରେ ଚୈତନ୍ୟ ଦେବ ଓଡିଶାରେ ବୈଷ୍ଣବଧର୍ମ ପ୍ରଚାର କରିବା ଓ ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତଙ୍କୁ ନିଜର ପଞ୍ଚସଖା ରୂପେ ଗ୍ରହଣ କରିବା, ସମ୍ରାଟ ଆକବର ବଙ୍ଗ ନବାବଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ସାହାଯ୍ୟ ଲୋଡିବାରବାଟୀ ଦୁର୍ଗକୁ ଦୂତ ପ୍ରେରଣ କରିବା ଇତ୍ୟାଦି ଓଡିଶାର ଅତୀତ ଘଟଣା ମାତ୍ର ତେସ୍ତରିଟି ପଂକ୍ତି (୨୮୭ ରୁ ୩୫୯)ରେ କବି ବିଶଦ ଭାବେ ବର୍ଣ୍ଣନା କରିଛନ୍ତି । ଓଡିଶାର ରାଜାମାନଙ୍କର ଏ ସମସ୍ତ ଗୌରବମୟ କୀର୍ତ୍ତି 'ଚିର-ମସୀ-ଗାର'ରେ ଲୁଚି ଯାଇଥିଲା ଯେତେବେଳେ ସାମନ୍ତ ପୁତ୍ର ରାମଚନ୍ଦ୍ର ଭଞ୍ଜ ବିଶ୍ୱାସ ଘାତକତା କରି ମୁକୁନ୍ଦ ଦେବଙ୍କୁ ଗୁପ୍ତରେ ହତ୍ୟା କରିଥିଲେ । କବିଙ୍କ ଭାଷାରେ-

"ଗୁପ୍ତ ଛୁରୀ ହାତେ ସାମଂନ୍ତ-ସୁତ ମୁକୁନ୍ଦେ ଭେଟି
ଚିର ମସୀଗାରେ ଦେବେ ହେ ଶୁକ୍ଳ କୀରତି କାଟି ।"

(ପଂକ୍ତି-୩୬୫-୩୬୬)

ଏ କଳଙ୍କର କଥା ଶୁଣିଲେ ଛାତ୍ରମାନଙ୍କ କୋମଳ ପ୍ରାଣ ସରମରେ ସଂକୁଚିତ ହେବାର ଆଶଙ୍କା କରି କବି ପୁଣି ତାଙ୍କୁ ଫେରାଇ ନେଇଛନ୍ତି ବାରବାଟୀ ଦୁର୍ଗର ମହିମା ଶୁଣାଇବା ଲାଗି । ବାରଣାସୀ (ବିଡାନାସୀ କଟକ) ଓ ଚଉଦ୍ୱାର ପରେ ବାରବାଟୀ ଓଡିଶାର ରାଜଧାନୀ ହୋଇଥିଲା । ବୀର ଅନଙ୍ଗଭୀମ ଦେବ ବାରବାଟୀ ଦୁର୍ଗ ଓ ପ୍ରାସାଦ ନିର୍ମାଣ କରି ଏହାକୁ ପ୍ରଥମେ ରାଜଧାନୀ କରିଥିଲେ । ଏ ଦୁର୍ଗ

Digitized by PPRACHIN, SOA

ଶତ୍ରୁମାନଙ୍କ ପାଇଁ ଅଗମ୍ୟ ଥିଲା । ତେଣୁ କବି ଲେଖିଛନ୍ତି-

"ବାରଣାସୀ ଚନ୍ଦ୍ରଦୁଆରୁ ଆଣି କୀରତି-ମାଟି
ଅସିମୂନ-ଗାରେ ତୋଳିଲେ ଭୀମ ଏ ବାରବାଟୀ
ସେହିଦିନୁ କେବେ ଜନମେ ବାରବାଟୀର ନାରୀ
ଶୁଣିନାହିଁ ଗଡ଼ ଦୁଆରେ ତୀବ୍ର ବଇରି-ଭେରୀ ।"

(ପଂକ୍ତି-୩୮୯-୩୯୨)

ସ୍ୱପ୍ନରେ କବି ଶିଷ୍ୟମାନଙ୍କୁ ବାରବାଟୀରୁ 'ଭେରୀ-ଦୁଂଦୁଭି-ନାଦ' ଶୁଣାଇ ଆମ ସୈନ୍ୟମାନଙ୍କ ବୀରତ୍ୱ ଓ ସମରସଜ୍ଜା ସମ୍ପର୍କରେ ତାଙ୍କୁ ଅବଗତ କରାଇଛନ୍ତି-

"ବୀର-ବର୍ମ-ତେଜେ ଝଲସି ଉଠେ ଦୁର୍ଗ-ଦୁଆର
ଝଲକେ ଝଲକେ ଆତପେ ନେତ୍ର କରଇ ସ୍ଥିର
ନଳିକାସ୍ତ୍ର କେହୁ ଅର୍ଗଳି କାଢ଼ି ଦେଖେ ପରଖି
ଶକଟରେ ଥୋକେ ସଜାଇ ତୋପେ ଦିଅଛି ରଖି ।"

(ପଂକ୍ତି-୪୨୧-୪୨୪)

କବି ପୁଣି ବନ୍ଦୀ ଗୀତ ମାଧ୍ୟମରେ ଛାତ୍ରଗଣଙ୍କୁ ମର୍କତ କେଶରୀଙ୍କ ଦ୍ୱାରା ନିର୍ମିତ କାଠଯୋଡ଼ିର ପଥରବନ୍ଧ, ମତ୍ସ୍ୟକେଶରୀଙ୍କ ଦ୍ୱାରା ନିର୍ମିତ ପୁରୀ ଓ ଯାଜପୁରର ଅଠରନଳା, ଲଳିତେନ୍ଦୁ କେଶରୀଙ୍କ ଦ୍ୱାରା ନିର୍ମିତ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଓ ଅନଙ୍ଗଭୀମଙ୍କ ଦ୍ୱାରା ନିର୍ମିତ ପୁରୀ ଜଗନ୍ନାଥ ମନ୍ଦିର ଆଦି କୀର୍ତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି-

"ମରକତ, ମତ୍ସ୍ୟ, ଲଳିତ, ବୀର ଅନଙ୍ଗଭୀମ,
ତଟିନୀ-ମେଖଳା, ମନ୍ଦିର, ଯହିଁ କୀର୍ତ୍ତି-କରମ
ସ୍ମୃତି-ପଥେ ଭାସି ପଲକେ ଯିବେ ବାପାତୁମ୍ଭର
ଗୋଟି ଗୋଟି ପୁଣି ଗାଇବେ ବଂଦୀ ଫିଟାଇ ସ୍ୱର ।"

(ପଂକ୍ତି-୫୦୭-୫୧୦)

ଏହିପରି ଭାବେ ଓଡ଼ିଶାର ଅତୀତ ଘଟଣାବଳୀ ନୀଳକଣ୍ଠଙ୍କ କବି ପ୍ରତିଭାରେ ରସାଣିତ ହୋଇ ଅପୂର୍ବ ଶ୍ରୀ ଲାଭ କରିଛି ।

Digitized by PPRACHIN, SOA

## ଭୌଗୋଳିକ ସ୍ଥାନ ବର୍ଣ୍ଣନା

ଐତିହ୍ୟବୋଧ ସହ ଭୌଗୋଳିକ ଅଭିଜ୍ଞାନ ନୀଳକଣ୍ଠଙ୍କ କାବ୍ୟ-ଚେତନାକୁ ଉଦ୍ଭୁଦ୍ଧ କରିପକାଇଛି । ଜାତୀୟ ଐତିହ୍ୟକୁ ମୂର୍ତ୍ତିମାନ କରି ତାହାରି ମାଧ୍ୟମରେ ବର୍ତ୍ତମାନର ବଂଶଧରଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ କବି ବାରବାଟୀ ଦୁର୍ଗ, ଗୋ ନାସିକା ପର୍ବତ, ଚାରିତ୍ରନଗର (ଚେଳିତାଳୁ) ଆଦି ଅତୀତର ଗୁରୁତ୍ୱପୂର୍ଣ୍ଣ ଭୌଗୋଳିକ ସ୍ଥାନମାନଙ୍କର ବର୍ଣ୍ଣନା କରିଛନ୍ତି । ନବତଳ ପ୍ରାସାଦ ବିଶିଷ୍ଟ ବାରବାଟୀ ଦୁର୍ଗର ବର୍ଣ୍ଣନାରେ କବି ଗର୍ବ ଅନୁଭବ କରିଛନ୍ତି-

"ତୁଙ୍ଗ ନବତଳ ସଉଧ, ପ୍ରସାରିତ ଚତ୍ୱର;
ପରିଖା-ଚରଣ-ଧୁଆଇ-ଚିତ୍ରଉତ୍ପଳା-ନୀର ।"

(ରା.ରା. ପଂକ୍ତି-୩୭୧-୩୭୨)

କିନ୍ତୁ ଇତିହାସ ପ୍ରସିଦ୍ଧ ଚାରିତ୍ରନଗର ପତନ ଦର୍ଶାଇବା ବେଳେ କବି ମ୍ରିୟମାଣ ହୋଇ ଲେଖିଛନ୍ତି-

"କୁଶଭଦ୍ରା ଘୁଂଚି ଆସିଛି, ସିନ୍ଧୁ ଯାଇଛି ଫେରି
ଚାରିତ୍ରନଗରୀ ଭାଙ୍ଗିଛି କାଳ-ଭୀମ-ଲହରୀ ।"

(ପଂକ୍ତି-୧୮୩-୧୮୪)

ମେଦିନୀପୁରର 'ତମଲୁକ' ପ୍ରାଚୀନ ଉତ୍କଳର ତାମ୍ରଲିପ୍ତ ନଗର ଥିଲା । ଏହିଠାରୁ ଓଡ଼ିଆମାନଙ୍କ ବୋଇତରେ ବସି ଖ୍ରୀ. ୫ମ ଶତାବ୍ଦୀ ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାହିୟାନ୍ ସିଂହଳ ଯାତ୍ରା କରିଥିଲେ ।

ଏହି ବନ୍ଦର ଯୋଗେ ବାଣିଜ୍ୟର ପ୍ରସାର ଘଟି ଓଡ଼ିଶା ଧନ ଧାନ୍ୟରେ ପୂର୍ଣ୍ଣହେବ ବୋଲି ଉଜ୍ଜ୍ୱଳ ଆଶା ପୋଷଣ କରି କବି ଲେଖିଲେ-

"କେବେ ବା ବୋଇତ ଲାଗିବ ବଂଗ ସାଗର କୂଳେ,
ଓଡ଼ିଆ ନାବିକ ରସିବେ ତାମ୍ରଲିପ୍ତି-ମଣ୍ଡଳେ,
ତାମ୍ରଲିପ୍ତି ଛାଡ଼ି ଉଠିବ ତରୀ ସିଂହଳ-ତଟେ;
ଉତ୍କଳ-କମଳା ହସିବେ ପୁଣ୍ୟ କ୍ଷେତ୍ର-ମୁକୁଟେ ।"

(ପଂକ୍ତି-୨୩୧-୨୩୪)

ଭୌଗୋଳିକ ସ୍ଥାନର ବର୍ଣ୍ଣନା ସମୟରେ କବି ସ୍ଥାନଗୁଡ଼ିକର ଐତିହାସିକ ନାମ ଉଲ୍ଲେଖ କରିଛନ୍ତି । ଚାରିତ୍ରନଗରକୁ ଚେଳିତାଳୁ, ବିଡାନାସୀ ଗଡ଼କୁ ବାରାଣାସୀପୁର,

Digitized by PPRACHIN, SOA

ପଶ୍ଚିମବଙ୍ଗକୁ ରାଢ଼ଦେଶ, ଖୋର୍ଦ୍ଧାକୁ 'କୁହାର ନଗର' ଇତ୍ୟାଦି ଲେଖିବାରେ କବିଙ୍କ ଐତିହ୍ୟପ୍ରୀତି ପ୍ରକଟିତ ।

**କୋଣାର୍କର ଶିଳ୍ପକଳା ବର୍ଣ୍ଣନାରେ କବିଙ୍କ ଦକ୍ଷତା :**

ପୁରୀଠାରୁ ଉତ୍ତର ପୂର୍ବ ଦିଗରେ ବାଇଶ ମାଇଲ ଦୂରରେ ସମୁଦ୍ର କୂଳରେ ଅବସ୍ଥିତ କୋଣାର୍କ ଉତ୍କଳର ପୁଣ୍ୟ କ୍ଷେତ୍ରମାନଙ୍କ ମଧ୍ୟରେ ଅନ୍ୟତମ । ବିଭିନ୍ନ ପୁରାଣରେ କୋଣାର୍କର ଭିନ୍ନ ଭିନ୍ନ ନାମ ଦେଖାଯାଏ । 'ବ୍ରହ୍ମପୁରାଣ'ରେ ଏହା କୋଣାଦିତ୍ୟ, 'ସ୍କନ୍ଦ ପୁରାଣ'ରେ ସୂର୍ଯ୍ୟକ୍ଷେତ୍ର, 'ପ୍ରାଚୀ ମାହାତ୍ମ୍ୟ'ରେ ଅର୍କ କ୍ଷେତ୍ର ବା ରବି କ୍ଷେତ୍ର, 'ଭବିଷ୍ୟ ପୁରାଣ'ରେ ମିତ୍ରବନ, 'ଶାମ୍ବ ପୁରାଣ'ରେ ମୈତ୍ରବନ ଏବଂ 'କପିଳ ସଂହିତା'ରେ ରବି କ୍ଷେତ୍ର ବା ମୈତ୍ରେୟ ବନ ନାମରେ ପରିଚିତ । (୧) ପୁଣି ଉତ୍କଳର ଚାରିକ୍ଷେତ୍ର ଶଙ୍ଖ କ୍ଷେତ୍ର (ପୁରୀ), ଚକ୍ରକ୍ଷେତ୍ର (ଭୁବନେଶ୍ୱର), ଗଦାକ୍ଷେତ୍ର (ଯାଜପୁର) ଏବଂ ପଦ୍ମକ୍ଷେତ୍ର (କୋଣାର୍କ) ମଧ୍ୟରୁ ଏହା ହେଉଛି ପଦ୍ମକ୍ଷେତ୍ର ।

ଦକ୍ଷିଣରେ କୁଶଭଦ୍ରା ମୁହାଣଠାରୁ ଉତ୍ତରରେ କାଦୁଆ ନଦୀ ପର୍ଯ୍ୟନ୍ତ ସ୍ଥାନ 'କୋଣାର୍କ କ୍ଷେତ୍ର' ନାମରେ ପରିଚିତ ଥିଲା । ଏହା ସୂର୍ଯ୍ୟ ଉପାସନାର କ୍ଷେତ୍ର । 'ଶାମ୍ବ ପୁରାଣ'ରୁ ଜଣାଯାଏ, କୃଷ୍ଣଙ୍କ ପୁତ୍ର ଶାମ୍ବ ନାରଦଙ୍କ ଚକ୍ରାନ୍ତରେ ପଡ଼ି କୃଷ୍ଣଙ୍କ ଦ୍ୱାରା ଅଭିଶପ୍ତ ହୋଇ କୁଷ୍ଠରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ନାରଦଙ୍କ ଉପଦେଶରେ ମୈତ୍ରେୟବନ ବା କୋଣାର୍କରେ ବାରବର୍ଷ ପର୍ଯ୍ୟନ୍ତ ତପସ୍ୟା କରି ସୂର୍ଯ୍ୟଙ୍କ ବର ଲାଭକରି ରୋଗମୁକ୍ତ ହୋଇଥିଲେ । ଏହି ପୌରାଣିକ ଉପାଖ୍ୟାନକୁ କାବ୍ୟରୂପ ଦେଇ କବି ନୀଳକଣ୍ଠ ଲେଖିଛନ୍ତି-

"ଜାମ୍ବବତୀ-ସୁତ ପଲକେ ଚନ୍ଦ୍ରଭାଗା-ପୁଳିନେ
ବସିଯିବେ ତପ ଆଚରି, ଚାହିଁ ଚଣ୍ଡତପନେ;
ଚନ୍ଦ୍ରଭାଗା-ଜଳେ ପଖାଳି ଦେହ, ଦୁରିତ ରାଶି
ଖଣ୍ଡିବ; ସବିତା ସ୍ୱଦେହେ ବର ଦେବେହେ ଆସି ।"

ସୂର୍ଯ୍ୟଦେବତାଙ୍କ ନିର୍ଦ୍ଦେଶକ୍ରମେ ଶାମ୍ବ ପ୍ରଥମେ କୋଣାର୍କଠାରେ ସୂର୍ଯ୍ୟମନ୍ଦିର ନିର୍ମାଣ କରି ସୂର୍ଯ୍ୟଙ୍କ ସେବାପୂଜା ନିମନ୍ତେ ଶାକ ଦ୍ୱୀପୀ ବ୍ରାହ୍ମଣ ବା ପାରସିକ ବ୍ରାହ୍ମଣଙ୍କୁ ନିଯୁକ୍ତ କରିଥିଲେ । ଏତ ପୁରାଣର କଥା, ଇତିହାସ ଅନୁଯାୟୀ, ଖ୍ରୀ:ତ୍ରୟୋଦଶ

(୧) କୃପାସିନ୍ଧୁ ମିଶ୍ରଙ୍କ 'କୋଣାର୍କ' ଗ୍ରନ୍ଥର ପ୍ରଥମ ଅଧ୍ୟାୟ ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ଶତାବ୍ଦୀରେ ପ୍ରଥମ ନରସିଂହଦେବ (ରାଜତ୍ୱକାଳ ଖ୍ରୀ: ୧୨୩୮ ରୁ ୧୨୬୪) ବଙ୍ଗର ସୁଲତାନ ଇଜ୍ଜୁଦ୍ଦିନ ତୁଘ୍ରାନ ତୁଘନ ଖାଁଙ୍କୁ ଜିଣି ଆସିବା ପରେ ବିଜୟର ଚିହ୍ନ ସ୍ୱରୂପ ସୂର୍ଯ୍ୟଦେବଙ୍କ ପୂଜା ଉଦ୍ଦେଶ୍ୟରେ କୋଣାର୍କ ମନ୍ଦିର ନିର୍ମାଣ କରିଥିଲେ । ଏ ମନ୍ଦିରର ନାମକରଣର ସୂଚନା ଦେଇ ପଣ୍ଡିତ ବାସୁଦେବ ମହାପାତ୍ର ଲେଖିଛନ୍ତି- ''କୋଣାର୍କ ମନ୍ଦିର ଏପରି ନିର୍ମିତ ହୋଇଥିଲା ଯେ, ସୂର୍ଯ୍ୟ ଦକ୍ଷିଣାୟନ ସୀମା ବା ଅୟନକୋଣରେ ଥିବାବେଳେ ଠିକ୍ ବାହାରିବା ମାତ୍ରେ ତାହାର କିରଣ ସିଂହଦ୍ୱାର ଓ ମୁଖଶାଳା ଭେଦ କରି ମନ୍ଦିରର ରତ୍ନ ସିଂହାସନରେ ପଡୁଥିଲା । ଏଥି ପାଇଁ ଏହାର ନାମ-କୋଣାର୍କ (କୋଣ-ଅର୍କ) ।'' (ଗ୍ରନ୍ଥ ପ୍ରବେଶ- 'କୋଣାର୍କ') କବି ନୀଳକଣ୍ଠ ମଧ୍ୟ ଲେଖିଛନ୍ତି-

''ସୂର୍ଯ୍ୟରଥ ଭୁଲି ରହିବ ଏଥି ଅୟନ-କୋଣେ
କୋଣାର୍କର ନାମ ଶୋହିବ ଚନ୍ଦ୍ରଭାଗା-ପୁଳିନେ ।''

(ପଂକ୍ତି-୨୯୭-୨୯୮)

**କୋଣାର୍କର କଳା—ସ୍ଥାପତ୍ୟ ଓ ଏହାର ପତନ :**

ଉଭୟ ବିଶାଳତା ଓ କାରୁକାର୍ଯ୍ୟ ଦୃଷ୍ଟିରୁ କୋଣାର୍କ ମନ୍ଦିରର ଶିଳ୍ପକଳା ପୃଥିବୀ ପ୍ରସିଦ୍ଧ । ନିର୍ମାଣୋନ୍ମୁଖ ଓଡିଶା ସ୍ଥାପତ୍ୟର କୋଣାର୍କ ହିଁ ହେଉଛି ଶେଷ ଉଜ୍ଜ୍ୱଳ ଶିଖା । କବି ନୀଳକଣ୍ଠ ଏହାକୁ 'ଉଗ୍ର-କୀରତି-ରବି' ଆଖ୍ୟା ଦେଇଛନ୍ତି । ଦିବାଲୋକରେ ଭଗ୍ନ କୋଣାର୍କର ଜୀର୍ଣ୍ଣାବସ୍ଥା ଦର୍ଶକ ଚକ୍ଷୁରେ ସ୍ପଷ୍ଟ ହୋଇଯାଏ । ମନ୍ଦିରର ମୂର୍ତ୍ତିଗୁଡିକ 'ପ୍ରବୃଦ୍ଧ ପୁରୁଷଙ୍କ ପ୍ରେତ ପରି ପ୍ରତୀୟମାନ ହୁଏ । କବିଙ୍କ ଭାଷାରେ-

''ଦିବାଲୋକ ତହିଁ ବିକାଶେ ରୁକ୍ଷ ବିକଟ ଛବି
ବିଭଂଗ ଦେଖାଇ ମାନବେ, ଶିଳ୍ପେ ନାଚଇ ରବି,
ଦିଶେ ନାରଖାର ପୁରାଣ କୀର୍ତ୍ତି କଙ୍କାଳ ସାର
ଘନଘଟା ଅର୍ଦ୍ଧ ତାମସେ ପୁଣି ବିକଟ ଘୋର ।''

(ପଂକ୍ତି-୮୧ରୁ୮୪)

କିନ୍ତୁ ଚନ୍ଦ୍ର ଜ୍ୟୋତ୍ସ୍ନାରେ ସେହି ଭଗ୍ନ ମୂର୍ତ୍ତିଗୁଡିକ ଲାବଣ୍ୟମୟ ଓ ଜୀବନ୍ତ ହୋଇଉଠନ୍ତି । ତେଣୁ ଶିକ୍ଷକ କବି ନୀଳକଣ୍ଠ କୁମାର ପୂର୍ଣ୍ଣମୀର ଜ୍ୟୋତ୍ସ୍ନାସ୍ନାତ ରଜନୀରେ ଛାତ୍ରଗଣଙ୍କୁ ଓଡିଆ ଶିଳ୍ପୀକୁଳର ଶ୍ରେଷ୍ଠ କୀର୍ତ୍ତି ଦର୍ଶାଇବା ପାଇଁ ଇଚ୍ଛା ପୋଷଣ କରିଥିଲେ । ମାତ୍ର ପାଗର ପ୍ରତିକୂଳ ଅବସ୍ଥା ଯୋଗୁ ତାଙ୍କ ଉଦ୍ଦେଶ୍ୟ ବିଫଳ ହୋଇଥିଲା । ଚନ୍ଦ୍ର ଜ୍ୟୋତ୍ସ୍ନାରେ କୋଣାର୍କର ସୌନ୍ଦର୍ଯ୍ୟ ଦର୍ଶନରୁ ବଞ୍ଚିତ ହୋଇ ପଥକ୍ଳାନ୍ତ ନିରାଶ

Digitized by PPRACHIN, SOA

ଛାତ୍ରଗଣ ଶୋଇ ପଡିବା ପରେ କବି ଅତୀତର ସ୍ମୃତି ରୋମନ୍ଥନ ପୂର୍ବକ ନିଜ ବାଲ୍ୟକାଳରେ ଚନ୍ଦ୍ର ଜ୍ୟୋତ୍ସ୍ନାରେ କୋଣାର୍କ ଦର୍ଶନ ଅନୁଭୂତି ବର୍ଣ୍ଣନା କରି ସୁପ୍ତ ଛାତ୍ରଗଣଙ୍କୁ ସ୍ୱପ୍ନ ମାଧ୍ୟମରେ ଶୁଣାଇଛନ୍ତି-

"ଚାହିଁଲି ମନ୍ଦିର-ଲଲାଟେ, ବୁଲି ଦେଖିଲି କେତେ;
ସୂଚୀ-ଶିଳ୍ପ-କାରୁ-ଖୋଦନ, ତୁଂଗ ମୂରତି ଯେତେ
ତୁହିନ-ମୟୂଖ-ରସାଣେ ସବୁ ଦିଶିଲା ତୋରା,
ଜୀର୍ଣ୍ଣ କଳଙ୍କିତ ପଥର, ସବୁ ଲାବଣ୍ୟ ଭରା,
ଜୋଛନାର ଛାଇ ଦିଶିଲା ସ୍ତରେ ସ୍ତରେ ମନ୍ଦିରେ
କାଳର ବିଭଂଗ ଲୁଚିଲା ପୂର୍ଣ୍ଣ୍ୟ ଜୋଛନା ପୂରେ,
ପୁରାଣ କୋଣାର୍କ ଦେଖିଲି କେତେ ଜୀବନ୍ତ ପରି;
ସୁଧାଂଶୁ-କିରଣେ ସତେକି ପଡେ ଅମୃତ ଝରି ।"

(ରା.ରା.-ପଂକ୍ତି-୧୧.୧ ରୁ ୧୧୮)

ନରସିଂହ ଦେବଙ୍କ ରାଜତ୍ୱର ତୃତୀୟ ଅଙ୍କରେ କୋଣାର୍କର ନିର୍ମାଣ ଆରମ୍ଭ ହୋଇ ଏକୋଇଶ ଅଙ୍କରେ ଶେଷ ହୋଇଥିଲା । ବାରଶହ ଶିଳ୍ପୀ ଷୋଳବର୍ଷ କାମ କରି ମନ୍ଦିର ନିର୍ମାଣ ଶେଷ କରିଥିଲେ । ମନ୍ଦିର ନିର୍ମାଣରେ ଉତ୍କଳର ବାରବର୍ଷର ରାଜସ୍ୱ ଅନ୍ୟୂନ ଚାଳିଶ କୋଟି ଟଙ୍କା ବ୍ୟୟ କରାଯାଇଥିଲା, ମୁଖ୍ୟ ଦେଉଳର ଉଚ୍ଚତା ୨୩୦ ଫୁଟ ଏବଂ ମୁଖଶାଳାର ଉଚ୍ଚତା ୧୫୦ ଫୁଟ ଥିଲା ।

ଶିକ୍ଷକ କବି ନୀଳକଣ୍ଠ ରାମଚଣ୍ଡୀଙ୍କୁ ପ୍ରଶ୍ନ ପଚାରିବା ଛଳରେ ଛାତ୍ରମାନଙ୍କୁ ଏହି ତୁଙ୍ଗ ମନ୍ଦିର ସଂପର୍କୀୟ ଐତିହାସିକ ବିବରଣୀ ସଂଗ୍ରହ ପାଇଁ ଅନୁସନ୍ଧିତ୍ସୁ କରିଛନ୍ତି-

"କିଏ ଗଢ଼ିଥିଲା ଏ ଭୂମେ ଏତେ କଳା ବିଶାଳ
କି ସାହସେ ନଦୀ ଗରଭେ ପୋତି ଏତେ ପଥର ?
କେଉଁ ତୁଙ୍ଗ ଗିରି କାଟି ସେ ଏତେ ବିଶାଳ-ଶିଳା
କେସନେ ବହିଲେ ଏ ଭୂମେ, ଏତ ସିକତା-ମାଳା ?"

(ରା.ରା.-ପଂକ୍ତି-୭୩୯-୭୪୨)

ଐତିହାସିକ ବିବରଣୀ ଅନୁସାରେ, ଘଣ୍ଟଶିଳା ପର୍ବତରୁ ମଲାଗୁଣି ନଦୀ ଦେଇ ଶହେ ତିରିଶ ଶଗଡ଼ ପଥର, ତାପଙ୍ଗର ମାମୁଁ ଓ ଚଢ଼େଇଗୁହା ପାହାଡ଼ରୁ ଶହେ

Digitized by PPRACHIN, SOA

ତେଷଠି ଶଗଡ ମାଙ୍କଡା ପଥର ବୁହା ଯାଇଥିଲା । ଏହା ବ୍ୟତୀତ ବାଣପୁରରୁ କାଠ, ନୀଳଗିରିରୁ ମୁଗୁନି ପଥର ଓ ମୟୂରଭଞ୍ଜରୁ ଲୁହାମୁଣ୍ଡା ଆସିଥିଲା । ସେ ସମୟରେ କୋଣାର୍କ ଏକ ପ୍ରଧାନ ବନ୍ଦର ଥିଲା ଓ ଜାହାଜରେ ପଥରସବୁ ବୁହାଯାଉଥିଲା । ଚନ୍ଦ୍ରଭାଗା ନଦୀ ଚିତ୍ରୋତ୍ପଳା ନାମରେ ଖ୍ୟାତ ଥିଲା ଏବଂ ପ୍ରବଳ ସ୍ରୋତସ୍ୱତୀ ଥିଲା । ହୁଏନ୍‌ସାଂ ଯେଉଁ ଚିତ୍ରୋତ୍ପଳା ବା ଚାରିତ୍ରବନ୍ଦରର ବର୍ଣ୍ଣନା କରିଥିଲେ ତାହା ଏହି ଚନ୍ଦ୍ରଭାଗା ମୁହାଣରେ ଥିଲା । ଗ୍ରୀକ୍ ଲେଖକ ଟୋଲେମୀ ଯେଉଁ କୈନାଗର ବନ୍ଦରର ବିଷୟରେ ଲେଖିଥିଲେ ତାହା କୋଣାର୍କ ଥିଲା । (୧) କବି ନୀଳକଣ୍ଠ ମଧ୍ୟ କୋଣାର୍କ ମନ୍ଦିର ନିକଟରେ ବନ୍ଦର ଥିବାର ସୂଚନା ଦେଇଛନ୍ତି—

"ଚୁମ୍ବକ କି ଏଥି ଓଟାରୁ ଥିଲା ଜାହାଜମାନ
ଦେବତା କି ଏଥି ଥିଲେ ଗୋ ଶୂନ୍ୟେବିଲମ୍ବମାନ ।"

(ରା.ରା.-ପଂକ୍ତି-୭୩୧-୭୩୨)

ଉତ୍କଳୀୟ ଶିଳ୍ପୀମାନଙ୍କ କାରୁକଳାର ପ୍ରଶଂସାଗାନରେ କବି ଶତମୁଖ ହୋଇଉଠିଛନ୍ତି-

"ମୋହନ-ମୁଗୁନି-ଅକର୍ମ-ଶିଳା କି ଶସ୍ତ୍ର ଧରି
ମୂର୍ତ୍ତି ଗଢ଼ିଥିଲେ କିଏସେ ଏଡେ ଜୀବନ୍ତ କରି ?
ଯୁଗ-ପରିତ୍ୟାଗ ଭୀଷଣ ସିନ୍ଧୁ-ପବନ-ଘାତେ
ପଥର ମୂରତି ଦିଶନ୍ତି, ଯଥା ନୂତନ ସତେ ।
ସୂଚୀ-ଲେଖା କମ୍ର ବିଗ୍ରହେ ଲୁଚିନାହିଁତ ତିଳେ;
ଅଂଗ-ତ୍ରାଣେ ସୂତ୍ର-ସଂପଦ ଫୁଟି ଉଠେ ବିମଳେ;
ଲାବଣ୍ୟ ଝରଇ ଶ୍ରୀଅଙ୍ଗେ ମୁଖେ ମୋହନ ଦ୍ୟୁତି;
ବିକଚ କମଳ ଶ୍ରୀକରେ ଶୋହେ ସୂର୍ଯ୍ୟ ମୂରତି;
ସପ୍ତ-ଅଶ୍ୱ-ରଥେ ବାହନ ବସେ ଅରୁଣ ଆଗେ;
କାରୁ-ବିଖଚିତ-ମୁକୁଟ ଶୋହେ ଲଲାଟ ଭାଗେ ।"

(ରା.ରା.-ପଂକ୍ତି-୭୪୭-୭୫୬)

---

(୧) ଉତ୍କଳ ଇତିହାସ - କୃପାସିନ୍ଧୁ ମିଶ୍ର, ପୃ-୧୧୪ ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ଐତିହାସିକ ଡକ୍ଟର ହରେକୃଷ୍ଣ ମହତାବଙ୍କ ମତରେ, କୋଣାର୍କର ସୂର୍ଯ୍ୟମୂର୍ତ୍ତି ସଟିକ ଆବରଣ ମଧ୍ୟରେ ଲୌହରେ ନିର୍ମିତ ହୋଇଥିଲା ଏବଂ କେତେଗୁଡିଏ ଚୁମ୍ବକ ବଳରେ ଏହି ମୂର୍ତ୍ତି ଶୂନ୍ୟରେ ଲମ୍ବମାନ ଥିଲା । ଏହି ଚୁମ୍ବକ ଜାହାଜର ଲୁହାକୁ ଓଟାରି ତାହାକୁ ସମୁଦ୍ର କୂଳକୁ ଟାଣିଆଣୁଥିଲା । ପର୍ତ୍ତୁଗୀଜମାନେ ମନ୍ଦିରକୁ ଭାଙ୍ଗି ଚୁମ୍ବକ ବାହ୍ରିନେବା ଫଳରେ ମନ୍ଦିରର ପତନ ଘଟିଲା । (୧) କୋଣାର୍କରେ ଲୁଚି ପର୍ତ୍ତୁଗୀଜ ଜଳଦସ୍ୟୁ ତାମ୍ରଲିପ୍ତି, ବାଲେଶ୍ୱର ପ୍ରଭୃତି ସ୍ଥାନରୁ ସିଂହଳକୁ ଯାଉଥିବା ବାଣିଜ୍ୟ ତରୀ ଲୁଣ୍ଠନ କରୁଥିଲେ । ନୀଳକଣ୍ଠଙ୍କ ଭାଷାରେ-

"ଗୋରା ଜଳଦସ୍ୟୁ ଥିଲେ କି ଏଥି ଲୁଚି ମନ୍ଦିରେ
ଲୁଣ୍ଠନ-ସଂପଦ-ସଂଭାଳି ରୁଦ୍ଧ ଜୀର୍ଣ୍ଣପ୍ରାଚୀରେ ।"
(ରା.ରା.-ପଂକ୍ତି-୭୨୯-୭୩୦)

ପଣ୍ଡିତ କୃପାସିନ୍ଧୁ କହନ୍ତି, କୋଣାର୍କ କଳାପାହାଡ ଦ୍ୱାରା ବିଧ୍ୱସ୍ତ ହୋଇଥିଲା । କଳାପାହାଡ ମନ୍ଦିରର କଳସ ଭାଙ୍ଗି ଦେବା ଫଳରେ ଉପର ଚାପ ଅଭାବରେ ତାହାର କାନ୍ଥ ଭୁଶୁଡି ପଡିଲା । ବିଧର୍ମୀ କଳାପାହାଡ ଯେ ଓଡିଶାରେ ଖୁବ୍ ଧ୍ୱସଂଲୀଳା ଲଗାଇ ନାନା ଅଘଟଣ ସୃଷ୍ଟି କରିଥିଲା ତାହା ନୀଳକଣ୍ଠ ନିମ୍ନୋକ୍ତ ଭାବେ ସୂଚାଇ ଦେଇଛନ୍ତି । ଦେବୀ ରାମଚଣ୍ଡୀଙ୍କୁ ପ୍ରଶ୍ନ କରି-

"କହମା କି ଲାଜ ? ସନ୍ତାନ ମୁହିଁ ଅଟେ ତୋହର,
କହଗୋ କେସନେ ଆସିଲା ରୁକ୍ଷ କଳାପାହାଡ,
ପୁଣ୍ୟ ଏ ଉତ୍କଳେ ବଜାଇ ତୀବ୍ର-ବିଧର୍ମୀ-ଭେରି
ପ୍ରତାପୀ ମୁକୁନ୍ଦ-ରାଜନେ କଉଶଳେ ସଂହାରୀ ।"
(ରା.ରା.-ପଂକ୍ତି ୮୦୭-୮୧୦)

**'ରାମଚଣ୍ଡୀଠାରେ ରାତି'ରେ କବିଙ୍କ ଜାତୀୟତାବୋଧ :**

ପ୍ରଥମ ବିଶ୍ୱଯୁଦ୍ଧର ବିଭୀଷିକାମୟ ପରିସ୍ଥିତି ମଧ୍ୟରେ ଆତ୍ମ-ସଚେତନ କବି ନୀଳକଣ୍ଠ ଚିନ୍ତାରେ ଓ ଅନୁଭବରେ ସ୍ୱଜାତୀୟ ଜୀବନର ଯେଉଁ ପ୍ରାଚୀନ ଆଦର୍ଶ ଆବିଷ୍କାର କରିଥିଲେ ତାହାର କାବ୍ୟିକ ପରିପ୍ରକାଶ ହେଉଛି 'ରାମଚଣ୍ଡୀଠାରେ ରାତି' । ଜାତିର ସମୃଦ୍ଧିଶାଳୀ ଅତୀତ ଜାତୀୟ ଚରିତ୍ରଗଠନରେ ପ୍ରଧାନ ସହାୟକ । କବି ତେଣୁ ଓଡିଆ ଜାତିର ଗୌରାବାବହ ଅତୀତକୁ ଶିଷ୍ୟଗଣଙ୍କ ସ୍ୱପ୍ନ ମାଧ୍ୟମରେ ପ୍ରମୂର୍ତ୍ତ କରିଛନ୍ତି-

(୧) ଓଡିଶା ଇତିହାସ - ପୃ-୧୫୨ ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

"ଶୋଇଛତ ଏବେ ଶୁଣିବ, କେତେ ସ୍ୱପନ-ବାଣୀ;
କାଳ-ରୀତି ସବୁ ଦେଖିବ, ପ୍ରତିଲୋମେ ଉଜାଣି ।
ଦେଖିବ ହେ କେତେ ବିଭବ ପ୍ରାଣ-ପୁଲକ-ଭାରେ;
ସମର-ଦୁନ୍ଦୁଭି ଶୁଣିବ ରୁଦ୍ଧ ଚଉଦୁଆରେ ।
ଯାଜପୁର-କୁଣ୍ଡେ ପଡିବ ଅଶ୍ୱମେଧ-ଆହୁତି;
ତୋସାଲି କଟକେ ରମଣୀ-ତୁଙ୍ଗ-ରାଜନ୍ୟ ନୀତି ।"

(ରା.ରା. ପଂକ୍ତି-୧୯୩-୧୯୮)

ଉତ୍କଳର ଶାନ୍ତିପୂର୍ଣ୍ଣ ଶାସନ ପ୍ରଣାଳୀ, ଗୁରୁକୁଳ ପ୍ରଥାନୁଯାୟୀ ଶିକ୍ଷା, ପଣ୍ଡିତମାନଙ୍କର ଶାସ୍ତ୍ରଚର୍ଚ୍ଚା ଓ ଗ୍ରନ୍ଥରଚନା, ସୈନିକମାନଙ୍କ ବୀର୍ଯ୍ୟଶାଳିତା, ଶିଳ୍ପୀକୁଳର ଶିଳ୍ପ-ଚାତୁରୀ, ନରପତିମାନଙ୍କର ଔଦାର୍ଯ୍ୟ, ଅବଳାମାନଙ୍କର ସବଳ ମନୋବୃତ୍ତି, ଓଡ଼ିଶାର ବାଣିଜ୍ୟଗତ ବୈଭବ, ପ୍ରାକୃତିକବିଭବ, ଧାର୍ମିକ ଚେତନା, ଉତ୍କଳୀୟଙ୍କ ଅତିଥି ପରାଣୟତା ଆଦି ସମସ୍ତ ବିଷୟ କବି ରାମଚଣ୍ଡୀଙ୍କୁ ପ୍ରଶ୍ନ କରିବା ଛଳରେ ସୂଚାଇ ଦେଇଛନ୍ତି-

"କହ କହ ମାତ, କେସନେ ଦୂର ରାଇଜ ଡେଇଁ,
ପଶିଲେ ଓଡ଼ିଆ-ସଇନ ବୀର-ଭେରୀ ବଜାଇ ?
କେସନେ ଶାସିଲେ ରାଜନେ ଏତେ ଶାନ୍ତିରେ ଧରା ?
ସମର-ଚହଳେ ଦେଉଳ ଶିର ଟେକିଲା ପରା ।
ଗୁରୁ ବସିଥିଲେ ଆସନେ ଶିଷ୍ୟ ଧରି ଗହଣେ;
କାରିଗର ଶିଳ୍ପ-ରଚନେ ଥିଲେ କଳା କରମେ ।
ଗ୍ରନ୍ଥ ଲେଖୁଥିଲେ ପଣ୍ଡିତ, ମୁଦେ ରସିକ ଜନ
ଗାନ ବାଦ୍ୟଧରି, ପୁଲକେ ବସିଥିଲେ କେସନ ?
କେତେ ଧନ ଥିଲା ଦେଶରେ, ଏତେ କୀରତି ପାଇଁ
କହମା, ଜଣିଛୁ ସବୁ ତୁ, ଏଥି ସଂଶୟ ନାହିଁ ।
ଏହି ଭୂମି ଦେଖି ଆସିତ ଥିଲ ସ୍ୱରଗୁ ତୁମ୍ଭେ ?
ନୀଳାଚଳ-ନାଥ ଦେଖିତ ଏହା ଆସିଲେ ଭବେ ?
ଏହି ଭୂମି ସେତ ଆଦରି ଥିଲେ ସିଦ୍ଧ ସାଧକ
ଏହି ଭୂମିରେତ ବିପ୍ଲବ ସବୁ ହେଲା ଅଳୀକ ?"

(ରା.ରା.-ପଂକ୍ତି-୮୩୭-୮୬୨)

Digitized by PPRACHIN, SOA

**ରାଧାନାଥୀ କାବ୍ୟର ଜାତୀୟଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ :**

କବି ନୀଳକଣ୍ଠ ଓଡିଶାରେ ପ୍ରଚଳିତ କିମ୍ବଦନ୍ତୀକୁ ଆଧାର କରି 'ମାୟାଦେବୀ' ରଚନା କରିବା ପୂର୍ବରୁ କବିବର ରାଧାନାଥ ଅନେକ କିମ୍ବଦନ୍ତୀ ଆଧାରିତ କାବ୍ୟ ସୃଷ୍ଟି କରିଥିଲେ । କେଦାର ଗୌରୀ, ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ, ପାର୍ବତୀ ଆଦି କାବ୍ୟ ଏହାର ଉଦାହରଣ । କିନ୍ତୁ ସେ ଯେଉଁସବୁ କିମ୍ବଦନ୍ତୀକୁ ଅନୁସରଣ କରିଥିଲେ ତାହା ଦ୍ୱାରା ତାଙ୍କ କାବ୍ୟ ଚରିତ୍ରଗୁଡିକର ମହତ୍ୱ ପ୍ରକଟିତ ହୋଇପାରିଲା ନାହିଁ । ବରଂ ତାଙ୍କ କାବ୍ୟ ଦ୍ୱାରା ଆମ ସାମାଜିକ ପରମ୍ପରା ଦୂଷିତ ହେବାକୁ ଲାଗିଲା । ଫଳରେ କବିତ୍ୱର ପରାକାଷ୍ଠା ଯୋଗୁ ରାଧାନାଥ ରାୟ 'କବିବର' ଉପାଧି ପାଇଥିଲେ ହେଁ ସମାଜକୁ କଳୁଷିତ କରିଥିବାରୁ ସେ ବହୁ ସମାଲୋଚନାର ଶରବ୍ୟ ହେଲେ । ସେଇ ସମାଲୋଚନାର ସ୍ରୋତ ଭିତରୁ ପଣ୍ଡିତ ନୀଳକଣ୍ଠ 'କୋଣାର୍କେ' ଲେଖିବା ଲାଗି ପ୍ରେରଣା ଲାଭ କରିଥିଲେ- ଏହା ସ୍ୱୀକାର କରି ସେ ଲେଖିଛନ୍ତି - ''ସେ ସବୁ ସମାଲୋଚନାର ସ୍ରୋତ ଭିତରେ କେବେ ମୁଁ ଯେତେବେଳେ ଏକାକୀ ରହେ, କବିତାରେ ମୋର ବେଳେ ବେଳେ ସୃଷ୍ଟ କରିବାର ପ୍ରେରଣା ଜାଗି ଉଠେ, ମୁଁ ବେଳେ ବେଳେ ଦିବା ସ୍ୱପ୍ନ ଦେଖେ । **ଏହି ଚିନ୍ତା, ପ୍ରେରଣା ଓ ଦିବା ସ୍ୱପ୍ନ ଭିତରେ ଏପରି ସମୟ ଆସିଲା, ମତେ ଆଉ ଯଥାର୍ଥରେ ନିଦ ହେଲା ନାହିଁ । ପ୍ରାୟ ଦୁଇ ଦିନ ଅନିଦ୍ରାରେ କଟି ଯାଇଥିଲା । ଶେଷକୁ କାହିଁକି କେଜାଣି ''ରାମଚଣ୍ଡୀଠାରେ ରାତି'' କବିତାଟି ଲେଖିବାରେ ଲାଗିଗଲି ।'' (୧) ଏହାର ପଞ୍ଚଦଶ ପର୍ଯ୍ୟାୟରେ ରାଧାନାଥଙ୍କ କାବ୍ୟର ଜାତୀୟ ଭାବ ଓ ଚାରିତ୍ରିକ ସ୍ଖଳନ ପ୍ରତି ପାଠକଙ୍କୁ ସଚେତନ କରାଇ ଏଥିପ୍ରତି ବିରାଗରେ ମୁଖ ଫେରାଇ ନେବା ଲାଗି କବି ନିର୍ଦ୍ଦେଶ ଦେଇଛନ୍ତି-

''କବି ରାଧାନାଥ ଆସିବେ ସେ ଯେ ଯଯାତି ପାଶେ ?
ରାଣୀସନେ ସେ କି ହସିବେ ବିଦ୍ୟା ସୁନ୍ଦର ହାସେ ?
ବୈତରଣୀ ତୀରେ ରଚି ସେ ଅଶ୍ୱମେଧ ରାଜନ,
କାନ୍ୟକୁବ୍‌ଜୁଁ ବରି ଆଣିବେ ବାଛି ବାଛି ବ୍ରାହ୍ମଣ ।
x x x x
କବିଙ୍କ କେଦାର-ଗୌରୀ ଆସି ଯବନ ଦେଶୁ
ନାଚି ଯିବେ ତିଳେ ସ୍ୱପନେ ତବ ଅଭ୍ୟାସ ବଶୁ
ସୁବର୍ଣ୍ଣ-ଦୁହିତା ବରିବେ ଚୋରଗଂଗ-ରାଜନ

(୧) ପୁଣି ଏବେ ନିବେଦନ - 'କୋଣାର୍କେ' କାବ୍ୟ ।

Digitized by PPRACHIN, SOA

କେରଳ-ମହଲେ ଉଚ୍ଛଳ-ଭେରୀ ଶୁଭିବ ପୁଣ,
ଘର ଛାଡି କିଂପା ଯିବେ ସେ ବୀର-ବାଳା ନନ୍ଦିକା
ସହକାର ଦ୍ରୁମ ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା ?
କଉସୁଲ୍ୟାଗାଂଗ ଧଉଳି ଏହି ନୟନେ ନାଚେ;
କବିଙ୍କି ସୁମରି ବିରାଗେ ମୁଖ ଫେରାଅ ପଛେ ।''

(ରା.ରା.-ପଂକ୍ତି-୩୨୫-୩୪୨)

ରାଧାନାଥୀ କାବ୍ୟରେ ଗୋଟିଏ ଚରିତ୍ରର ସ୍ଖଳନରେ ଅପର ଚରିତ୍ରର ମହତ୍ୱ ପ୍ରକଟିତ । ସୁମନ୍ୟୁ ଋଷିଙ୍କ କନ୍ୟା ଚନ୍ଦ୍ରଭାଗା ଚରିତ୍ରକୁ ସୁରୁଚିପୂର୍ଣ୍ଣ କରିବା ଲାଗି ଧର୍ମ ଦେବତା ସୂର୍ଯ୍ୟଙ୍କୁ ସ୍ଖଳନମୁଖୀ ହେବାକୁ ପଡ଼ିଛି । ଓଡ଼ିଶାର ରାଜକେମା ସୁବର୍ଣ୍ଣକେଶରୀ-କନ୍ୟା ନନ୍ଦିକାଙ୍କୁ ପିତୃଦ୍ରୋହୀ, ଦେଶଦ୍ରୋହୀ, ରାଜଦ୍ରୋହୀ କରି ତାଙ୍କ ବ୍ୟକ୍ତିତ୍ୱର ପତନରେ ଚୋଡ଼ଗଙ୍ଗଙ୍କ ଚାରିତ୍ରିକ ବଳିଷ୍ଠତା ପ୍ରକାଶ ପାଇଛି । କୌଶଲ୍ୟାଙ୍କ ନିରୀହତା ପ୍ରତି ପାଠକଙ୍କ ସମ୍ବେଦନା ସୃଷ୍ଟି ଲାଗି ଗଂଗେଶ୍ୱରଙ୍କୁ ପିତାର ଆସନରୁ ପାଷାଣ୍ଡର ଆସନକୁ ଖସି ଆସିବାକୁ ପଡିଛି । ପ୍ରେମର ମହତ୍ତ୍ୱ ପ୍ରତିପାଦନ ପାଇଁ କେଦାରେଶ୍ୱର ଓ ଦେବୀ ପାର୍ବତୀଙ୍କୁ ଦେବତାସ୍ତରରୁ ମନୁଷ୍ୟସ୍ତରକୁ ଓହ୍ଲାଇ ଦିଆଯାଇଛି । ଏସବୁ ପ୍ରତି ସଚେତନ ରହି ପଣ୍ଡିତ ନିଳକଣ୍ଠ ଯେଉଁ କାବ୍ୟ ସବୁ ସୃଷ୍ଟି କରିଛନ୍ତି ସେଥିରେ ପ୍ରତ୍ୟେକଟି ଚରିତ୍ର ସ୍ୱମହିମାରେ ମହିମାନ୍ୱିତ । ସେ ମଧ୍ୟ ତାଙ୍କ କାବ୍ୟକୁ ରାଧାନାଥ କାବ୍ୟ ପରି ଐତିହାସିକ ପୌରାଣିକ କିମ୍ବଦନ୍ତୀ ଆଧାରିତ କରିଛନ୍ତି, କିନ୍ତୁ ସେ ଯେଉଁ କିମ୍ବଦନ୍ତୀକୁ ଗ୍ରହଣ କରିଛନ୍ତି ତାହା ଓଡ଼ିଆ ଜାତିର ପୌରୁଷ ପ୍ରଖ୍ୟାପକ ଓ ମହତ୍ତ୍ୱ ଜ୍ଞାପକ ହୋଇଅଛି ।

**କବିଙ୍କ ସୂକ୍ଷ୍ମଦର୍ଶନ ଓ ବୈଜ୍ଞାନିକ ଅନୁସନ୍ଧିତ୍ସା :**

କବି ନୀଳକଣ୍ଠ ସୂକ୍ଷ୍ମ ଦର୍ଶନ ବୈଜ୍ଞାନିକ ଅନୁସନ୍ଧିତ୍ସା ବଳରେ ସ୍ୱକାବ୍ୟରେ ବୈଜ୍ଞାନିକ ଓ ପ୍ରାକୃତିକ ସତ୍ୟକୁ ସୁନ୍ଦର କାବ୍ୟ ରୂପ ପ୍ରଦାନ କରିଛନ୍ତି । 'କୋଣାର୍କେ' କାବ୍ୟର ପ୍ରାରମ୍ଭରେ ସେ ଯେଉଁ ଝଡ ରାତିର ସୂଚନା ଦେଇଛନ୍ତି ତାହାର ଅନ୍ତରାଳରେ ତାଙ୍କ ସୂକ୍ଷ୍ମଦର୍ଶନ ନିହିତ । ଦିବାଲୋକରେ ଛାତ୍ରଙ୍କ ସହ କୋଣାର୍କର 'କାଳ-ଦନ୍ତ-ଘାତ-ବୀଭତ୍ସ-ପ୍ରତ୍ନ-ମୋହନ-କଳା' ଦେଖି ଆସିବା ପରେ ବର୍ଷଣମୁଖର କରାଳ ରଜନୀର ବିଭୀଷିକା ଦେଖି ତାଙ୍କର ମନେ ହୋଇଛି ଓଡିଆଜାତିର ଭଗ୍ୟାକାଶରେ ମେଘ ଓ ବତାସ ରୂପୀ ଦୁର୍ଭାଗ୍ୟ ଘୋଟି ଆସିଛି । ସେ ତେଣୁ ଆତ୍ମଜ୍ଞାନହୀନ ପରାଧୀନ

Digitized by PPRACHIN, SOA

ଓଡ଼ିଶା ବାସୀଙ୍କ ପ୍ରତୀକ ସୁପ୍ତ ବାଳକମାନଙ୍କୁ ସ୍ୱଦେଶର ମର୍ଯ୍ୟାଦା ସମ୍ପର୍କରେ ପରିଚିତ କରିବା ପାଇଁ ଅତୀତର ଗୌରବୋଜ୍ଜ୍ୱଳ ଘଟଣାମାନ ସେମାନଙ୍କ ସ୍ୱପ୍ନ ଜରିଆରେ ଦର୍ଶାଇଛନ୍ତି -

"ଦେଖ ଗଜପତି ବାଳକେ, ଦେଖ ପରାଣ ଭରି
ଉତ୍କଳ କେତନେ ଦେଖ ହେ, ସ୍ୱର୍ଣ୍ଣଗଜ ଲହରୀ
ଜୀବନେ ଆଉ କି ଦେଖିବ, ସ୍ୱପ୍ନ ଭାଙ୍ଗିବ ଯେବେ
ତୀବ୍ର ରଣ-ସାଜେ ଉତ୍କଳେ ଆଉ ସଇନି କେବେ ?

(ରା.ରା. ପଂକ୍ତି-୪୫୯-୪୬୨)

ଏଠାରେ ରାମଚଣ୍ଡୀ ମନ୍ଦିର ହୋଇଛି ଜାତୀୟଗୌରବର ଶ୍ମଶାନ ଭୂମି, ଯେଉଁଠାରେ କବି ନିଜେ ତାନ୍ତ୍ରିକ ସାଜି ଜଡବତ୍ ଓଡିଶାବାସୀଙ୍କ ନିକଟରେ ଅତୀତର ଗୌରବ ପ୍ରଖ୍ୟାପନ ରୂପକ ସଂଜୀବନୀ ମନ୍ତ୍ର ପାଠକରିଛନ୍ତି ।

କବି ପୁଣି 'ରାମଚଣ୍ଡୀଠାରେ ସକାଳ' ପର୍ଯ୍ୟାୟରେ ବିଶ୍ୱପ୍ରକୃତି ସହ ମାନବ ପ୍ରକୃତିର ସମନ୍ୱୟ ଘଟାଇ ପ୍ରାକୃତିକ କ୍ରିୟା ସମ୍ବନ୍ଧରେ ତାଙ୍କ ସୂକ୍ଷ୍ମ ଦର୍ଶନର ପରିଚୟ ଦେଇଛନ୍ତି, ଯେପରି -

"ତାମସ-କଳୁଷ-ପୀଡନେ ଯଥା ସ୍ୱଚ୍ଛ ବିବେକ
ଲୁଚି ଲୁଚି ଫୁଟି ହସଇ, ଜାଳି ପୁଣ୍ୟ-ମୟୂଖ
ଦୂର-ଗିରି-ଧୂମ-ପ୍ରାଚୀର ଖୋଲେ ତରଳ ବିମ୍ବ
ଶୁଭ୍ର-ହାସେ ଫୁଟେ କି ଅବା, ଭେଦି ଶରୀର ନଭ ।"

(ରା.ରା.-ପଂକ୍ତି-୮୭୩-୮୭୬)

ପଣ୍ଡିତ ନୀଳକଣ୍ଠ ବୈଜ୍ଞାନିକ ଅନୁସନ୍ଧିତ୍ସା ବଳରେ ଶୁଷ୍କ ବୈଜ୍ଞାନିକ ସତ୍ୟକୁ ସରସ ସୁନ୍ଦର କାବ୍ୟରୂପ ଦେଇଛନ୍ତି । ସୂର୍ଯ୍ୟୋଦୟ ସମୟରେ ପୂର୍ବ ଦିଗରେ ତରଳ ସ୍ୱର୍ଣ୍ଣର ପ୍ରତ୍ୟୟ ସୃଷ୍ଟି କରି ଗୋଲାକାର ସୂର୍ଯ୍ୟ ସାଗର ଭେଦ କରିବା ସମୟରେ ଅଧା ଜଳ ମଧ୍ୟରେ ରହି ଅଧା ବାୟୁମଣ୍ଡଳ ଉପରକୁ ଉଠିଆସିବାରୁ (ସୂର୍ଯ୍ୟୋଦୟ ବେଳେ ସୂର୍ଯ୍ୟ ଦିଗ୍‌ବଳୟରେ ସମୁଦ୍ର ମଧ୍ୟରୁ ବାହାରି ଆସିବା ପରି ଦେଖାଯାନ୍ତି) ଆଲୋକର ପ୍ରତିସରଣ ପ୍ରକ୍ରିୟା ଯୋଗୁ ସୂର୍ଯ୍ୟାର୍ଦ୍ଧର ପ୍ରାନ୍ତଭାଗ ଭିତରକୁ ବଙ୍କାଇ ଯିବାପରି ଦିଶେ । ଏହି ସମୟରେ ସୂର୍ଯ୍ୟ ଡମ୍ବରୁ ଆକୃତି ଧାରଣ କରନ୍ତି। ପୁଣି ସୂର୍ଯ୍ୟଙ୍କର

Digitized by PPRACHIN, SOA

କେବଳ ପ୍ରାନ୍ତ ଭାଗ ଜଳରେ ରହି ବାକି ଅଂଶ ଉପରକୁ ଉଠିଆସିଲେ ଓଲଟ ସ୍ୱର୍ଣ୍ଣକଳସର ପ୍ରତ୍ୟୟ ସୃଷ୍ଟି କରେ । କବିଙ୍କ କଳ୍ପନାରେ ତାହା ଏହିପରି-

"ବୃତ୍ତାଭାସ ପରି ଦିଶିଲା ଉଠି ଅର୍ଦ୍ଧ-ମଣ୍ଡଳ
ବର୍ତ୍ତୁଳିତ-ପ୍ରାନ୍ତ ଉଦୟରୁ କ୍ରମେ ଦିଶେ ସୁନ୍ଦର ।
ଉଠିଆସେ ବିମ୍ବ, ଅଳପ ଲାଗି ରହିଲା ନୀରେ
ହାଟକ-କଳସ ଭାସିଲା ଛୁଇଁ ମୁଖେ ସାଗରେ ।"

(ରାମଚଣ୍ଡୀଠାରେ ସକାଳ-ପଂକ୍ତି-୯୦୭-୯୧୦)

'ରାମଚଣ୍ଡୀଠାରେ ସକାଳ'କୁ 'ରାମଚଣ୍ଡୀଠାରେ ରାତି'ର ଏକ ବିର୍ଦ୍ଧିଷ୍ଣୁ ଅଂଶ କୁହାଯାଇପାରେ । ଏ ଅଂଶଟି ରାମଚଣ୍ଡୀଠାରେ ରାତି କାବ୍ୟଭାଗ ସହ 'ମାୟାଦେବୀ'ର ସମନ୍ୱୟ ରକ୍ଷା କରିବାରେ ସହାୟକ ହୋଇଛି ।

**ଆଶାବାଦୀ କବି ନୀଳକଣ୍ଠଙ୍କ ଜୀବନଦର୍ଶନ :**

'କୋଣାର୍କେ'ର ପୂର୍ବାର୍ଦ୍ଧ 'ରାମଚଣ୍ଡୀଠାରେ ରାତି'ରେ ପ୍ରକୃତି ବର୍ଣ୍ଣନା ପ୍ରସଙ୍ଗରେ କବିଙ୍କ ଆଶାବାଦ ପ୍ରକଟିତ । ଜାତିର ଦୁର୍ଦ୍ଦିନରେ ଜାତିପ୍ରାଣ କବି ହତୋତ୍ସାହ ହୋଇନାହାନ୍ତି । ଜାତିର ଭାଗ୍ୟାକାଶରୁ ଦୁର୍ଭାଗ୍ୟରୂପୀ ଝଡ ଅପସରି ଯାଇ ସୌଭାଗ୍ୟ-ଚନ୍ଦ୍ରଙ୍କ ଆଗମନ ହେବାପାଇଁ ଆଗ୍ରହାନ୍ୱିତ ହୋଇ ସେ ଚାହିଁ ବସିଛନ୍ତି । ତେଣୁ ଭୟଙ୍କର ବର୍ଷାରାତିର ଦୃଶ୍ୟ ମଧ୍ୟରେ ସେ ସମ୍ଭାବ୍ୟ ଜ୍ୟୋତ୍ସ୍ନାସ୍ନାତ ରାତିର କମନୀୟ ଚିତ୍ର ଅଙ୍କନ କରିଛନ୍ତି-

"ଉଠିଆସୁ ନୀଳ ଲହରୀ ଭେଦି ତାରକା ରାଜି,
ନିଶାମଣି ଶୋହୁ ଗଗନେ ମହୀ-ମୁକୁର ମାଜି ।"

ଜାତିର ଦୁର୍ଦ୍ଦିନରେ ସୌଭାଗ୍ୟ-ରବିଙ୍କ ଉଦୟ ବିଭବ ପ୍ରକାଶ ପାଇବା ଅସମ୍ଭବ । କିନ୍ତୁ ଆଶାବାଦୀ ନୀଳକଣ୍ଠ ତାଙ୍କ ବାଲ୍ୟକାଳରେ କୋଣାର୍କଠାରେ ସୂର୍ଯ୍ୟୋଦୟର ଯେଉଁ ଅପୂର୍ବ ଦୃଶ୍ୟ ଦେଖିଥିଲେ ତାହା ବର୍ଣ୍ଣନା କରି ଛାତ୍ରଗଣଙ୍କୁ ଅତୀତର ସୌଭାଗ୍ୟ ପ୍ରତି ସଚେତନ କରିଦେଇଛନ୍ତି-

"ଉଦୟ-ବିଭବ କୋଣାର୍କେ ଶୁଣ କହୁଛି ହେଜି
ଦୁର୍ଦ୍ଦିନ ତାମସେ କାହୁଁରେ ବାପା ଦେଖିବ ଆଜି ?"

(ରାମଚଣ୍ଡୀଠାରେ ସକାଳ-ପଂକ୍ତି-୮୯୭-୮୯୮)

Digitized by PPRACHIN, SOA

କାବ୍ୟ ବସ୍ତୁନିଷ୍ଠ ତଥା ନୈର୍ବ୍ୟକ୍ତିକ ହେଲେ ହେଁ ଏଥିରେ ପରୋକ୍ଷ ଭାବେ କବିଙ୍କ ବ୍ୟକ୍ତିଗତ ଅନୁଭୂତି ତଥା ଜୀବନ ଦର୍ଶନର ରୂପାୟନ ଘଟିଥାଏ । ଯଥାଦୃଷ୍ଟ ଜୀବନର ସାଧାରଣ ଅଭିଜ୍ଞତାମୂଳକ କେତେଗୁଡ଼ିଏ ଧାରଣାର ଅଭିବ୍ୟକ୍ତି କାବ୍ୟ ହୁଏ ନାହିଁ । ଜୀବନର ଗଭୀରତମ ସତ୍ୟ କବିଙ୍କ ଗଭୀରତମ ଚେତନାରେ ଉଦ୍ଭାସିତ ହେବା ଆବଶ୍ୟକ । ମନୁଷ୍ୟ ଜୀବନର ବିସ୍ମୟକର ରହସ୍ୟ କବି-ପ୍ରେରଣାର ମୂଳାଧାର । କବି କୌଣସି ଗୋଟିଏ ବିଶିଷ୍ଟ ଘଟଣା, ଚିତ୍ର, ଚରିତ୍ର ଅବଲମ୍ବନରେ ସ୍ୱ କାବ୍ୟରେ ସାର୍ବଭୌମ, ସାର୍ବଜନୀନ, ନିର୍ବିଶେଷ ଆନନ୍ଦ ସୃଷ୍ଟି କରନ୍ତି । ଫଳରେ ବିଶେଷ ମଧ୍ୟ ଦେଇ ନିର୍ବିଶେଷ ଅନୁଭୂତି ପ୍ରଖର ହୋଇଥାଏ । କାବ୍ୟାଲୋଚକମାନେ ସେହି ନିର୍ବିଶେଷ ଅନୁଭୂତି ମଧ୍ୟରୁ କବିଜୀବନର ବିଶେଷ ଅନୁଭୂତିର ଦୃଷ୍ଟାନ୍ତ ଦେଇ ତାହାକୁ କବିଙ୍କ ଜୀବନଦର୍ଶନ ବୋଲି କହିଥାନ୍ତି ।

କବିଙ୍କ ଜୀବନରେ ଦ୍ୱୈତସତ୍ତା ନିହିତ - ଗୋଟିଏ ତାଙ୍କର ସାଧାରଣ ମନୁଷ୍ୟ ଜୀବନ; ଅପରଟି ତାଙ୍କର କାବ୍ୟ-ଜୀବନ । କବି ଯେଉଁ ସ୍ଥଳରେ ଆତ୍ମମୁଗ୍ଧ, ସେଠାରେ ତାଙ୍କ ଅନ୍ତରର ସ୍ୱତଃସ୍ଫୂର୍ତ୍ତ ଭାବାବେଗ କାବ୍ୟର ମୂଳ ପ୍ରେରଣା ହୁଏ । ଏ ପ୍ରେରଣା ଭାବପ୍ରଧାନ ବା ଆତ୍ମଧର୍ମୀ । ଦ୍ୱିତୀୟ ସ୍ତରର ପ୍ରେରଣା ହେଉଛି ଆତ୍ମବିସ୍ମରଣୀ ବା ବସ୍ତୁନିଷ୍ଠ । ସେଠାରେ କବି ନିଜ ଅନ୍ତରର ବାଣୀ ପରିବର୍ତ୍ତେ ବହିର୍ଜଗତର ରହସ୍ୟ ଓ ମନୁଷ୍ୟ ଜୀବନର ବୈଚିତ୍ର୍ୟ ଦ୍ୱାରା ଅନୁପ୍ରାଣିତ ହୁଅନ୍ତି । ଏହି ଦ୍ୱୈତସତ୍ତାର ଯଥାଯଥ ବିଶ୍ଳେଷଣରୁ କବିଙ୍କ ଜୀବନଦର୍ଶନ ନିରୂପିତ ହୁଏ ।

କବି ନୀଳକଣ୍ଠ ତାଙ୍କ ଜୀବନର ମଧ୍ୟାହ୍ନରେ 'କୋଣାର୍କେ' କାବ୍ୟ ଲେଖିଛନ୍ତି । ମଧ୍ୟାହ୍ନରେ ସୂର୍ଯ୍ୟକିରଣର ତେଜ ସର୍ବାପେକ୍ଷା ପ୍ରଖର ହେବା ପରି ଜୀବନ-ମଧ୍ୟାହ୍ନରେ ମନୁଷ୍ୟର ସଂସାର ବିଷୟକ ଅନୁଭୂତି ସବୁଠାରୁ ଅଧିକ ହୋଇଥାଏ । ତେଣୁ କବି କହିଛନ୍ତି -

"କାଳ-ମଧ୍ୟ-ଦିବା ଭୋଗୁଛି ମଉନେ
କାଳ-ତପନର ପ୍ରଚଣ୍ଡକର
ପଡ଼ିଛି ଉପରେ, ଫୁଟୁଛି ମରମ
ପଲକେ ପଲକେ ହୁଏ କାତର ।"

(ମାୟାଦେବୀ-ପ୍ରାରମ୍ଭ ଭାଷଣ)

ମନୁଷ୍ୟର ଜୀବନାନୁଭୂତି ଦିଗନ୍ତ ବିସ୍ତାରୀ । ଜୀବନ ପରି ଏ ଅନୁଭୂତି ମଧ ହର୍ଷ-ବିଷାଦଯୁକ୍ତ । କେତେବେଳେ ଏହା ହିଂସା ବା ନିଷ୍ଠୁର ଭାବପୂର୍ଣ୍ଣ ଜାଗତିକ ଜୀବନ

Digitized by PPRACHIN, SOA

ରୀତିରେ ମ୍ରିୟମାଣତ, କେତେବେଳେ ଶିଶୁସୁଲଭ ଚପଳତାରେ ଉତ୍‌ଫୁଲ୍ଲ । ଜୀବନର ଏହି ବାସ୍ତବତା ପ୍ରତି ଛାତ୍ରଗଣଙ୍କୁ କବି ସଚେତନ କରିଦେଇଛନ୍ତି-

"ଚାଲ ଚାଲ ବାପା, ଜଗତେ ଏହି ଜୀବନ୍ତ ରୀତି
ବାଳୁତ ବୟସେ କିପାଁରେ ଜାଣି ପାଇବ ଭୀତି ।"

(ରାମଚଣ୍ଡୀଠାରେ ସକାଳ-ପଂକ୍ତି-୯୪୩-୯୪୪)

ଶିଶୁ ତା'ର ସରଳ ଅନୁଭୂତିରେ ସଂସାରକୁ ସ୍ୱର୍ଗତୁଲ୍ୟ ମନେକରେ । ପ୍ରବୀଣର ଜଟିଳ ଅନୁଭୂତିରେ ତାହା ଅମୃତରେ ବିଷତୁଲ୍ୟ ବୋଧହୁଏ ।

"ଚଉଦିଗେ ଦେଖେ ବିଡମ୍ବିତ ଛବି
ଧୂମ ଭେଦି ଦେଖେ ବିକଳ ରୁଚି
ସ୍ୱଭାବ ସରଳ ମଣଇ ମୁଁ ଯାହା
ବିର୍ଷ ଦୃଶ ଧୂମେ ଯାଏ ସେ ଲୁଚି ।
ସରଳ ପୀରତି ପରାଣେ ତବ ହେ
କି ଶୁଣିବ ମୁହିଁ କହିବି କିସ ?
ଜଗତର ଯେତେ ଅନୁଭବ ଜାଣେ
ଅମୃତରେ ତହିଁ ମିଶିଛି ବିଷ ।"

(ମାୟାଦେବୀ-ପ୍ରାରମ୍ଭ ଭାଷଣ)

'କୋଣାର୍କେ' କାବ୍ୟର ଏସବୁ ପଂକ୍ତି କବିଙ୍କର ତତ୍‌କାଳୀନ ମାନସିକ ଅବସ୍ଥାପ୍ରତି ଆମକୁ ସଚେତନ କରିଥାଏ । ଖ୍ରୀ: ୧୯୧୮ର ଶେଷଭାଗରେ ପ୍ରତିକୂଳ ଅବସ୍ଥା ଯୋଗୁ କବିଙ୍କୁ ଉଭୟ ସତ୍ୟବାଦୀ ବନବିଦ୍ୟାଳୟ ଓ ଛାତ୍ରାବାସର ଅଧକ୍ଷପଦ ପରିତ୍ୟାଗ କରିବାକୁ ପଡିଥିଲା । ଯେଉଁ ଅନୁଷ୍ଠାନକୁ ନିଜର ଆଦରଣୀୟ କର୍ମଭୂମି ସ୍ଥାନକରି ସେ ଜୀବନର ସମସ୍ତ ଉଚ୍ଚାକାଂକ୍ଷା ପରିତ୍ୟାଗ କରିଥିଲେ, ପରିସ୍ଥିତିର ଚାପରେ ସେ ଅନୁଷ୍ଠାନର ଅଧକ୍ଷ ପଦ ତ୍ୟାଗ କରିବା ପରେ କବିଙ୍କ ମାନସିକ ଅଶାନ୍ତି ଅନୁଭବ୍ୟ । ତାଙ୍କର ଏହି ମାନସିକ ଅଶାନ୍ତି ଜନିତ ଅନୁଭୂତିର ପରୋକ୍ଷ ରୂପାୟନ କାବ୍ୟର କେତେକ ସ୍ଥଳରେ ପ୍ରକାଶ ପାଇଛି ।

ଏ ସମସ୍ତ ବାସ୍ତବ ଅନୁଭୂତି ସତ୍ତ୍ୱେ କବି ନୀଳକଣ୍ଠ କବିବର ରାଧାନାଥଙ୍କ ପରି ଜୀବନକୁ 'ଚିରଦିନଦୁଃଖ ପ୍ରହାରେ ଜର୍ଜର' ମନେ କରିନାହାନ୍ତି । ସୁଖ-ଦୁଃଖ,

Digitized by PPRACHIN, SOA

ଅମୃତ-ବିଷର ସମନ୍ୱୟରେ ସେ ସାଂସାରିକ ଜୀବନର ବୈଚିତ୍ର୍ୟ ଉପଲବ୍ଧି କରିଛନ୍ତି । ଜାଗତିକ ଝଡ ଝଞ୍ଜାରେ ବିଧ୍ୱସ୍ତ ନିଜର ପ୍ରବୀଣ ପ୍ରାଣକୁ ନୈସର୍ଗିକ ସରଳତାରେ ପୂର୍ଣ୍ଣ ଶିଶୁପ୍ରାଣସହ ମିଶାଇ ଦେବାକୁ ଇଚ୍ଛା ପୋଷଣ କରି ସେ ଲେଖିଛନ୍ତି-

"ପ୍ରବୀଣ-ବିଗ୍ରହେ ଉଠିବ ଶିଶୁ-ହୃଦୟ ନାଚି
ସୁମରି ଝୁରୁଚି, ଆସିଛି, ମୁହିଁ ବେଳା ମୂରୁଛି ।"

(ରା.ରା.-ପଂକ୍ତି-୩୭-୩୮)

କବିବୋଧରେ ସକଳ ବୈଷମ୍ୟ ମଧ୍ୟରେ ହିଁ ଜଗତର ବିକାଶ ଶୃଙ୍ଖଳା ପ୍ରକାଶ ପାଏ । ସେହିପରି ସୁଖ ଦୁଃଖର ସମନ୍ୱୟରେ ମାନବ ଜୀବନ ସରସ ସୁନ୍ଦର ବୋଧହୁଏ । କବିଙ୍କ ଭାଷାରେ-

"ସମ ବଇଭବେ ଅଛଇ କି ସୁଖ ?
ବିଷମେ ସିନା ଏ ପରାଣ ଖେଳେ ।"

(ମାୟାଦେବୀ-ଉପସଂହାର)

ନୀଳକଣ୍ଠଙ୍କ ଦୃଷ୍ଟିରେ ସ୍ୱପ୍ନ କଳ୍ପନାପ୍ରସୂତ ନୁହେଁ, ଏହା ସତ୍ୟସିଦ୍ଧ, ବାସ୍ତବ ଭୂମିରେ ଯାହାର ଅସ୍ତିତ୍ୱ ନାହିଁ, ସେପରି ସ୍ୱପ୍ନ କବି କଳ୍ପନା କରି ନାହାନ୍ତି । ତାଙ୍କ ଯୁକ୍ତିରେ-

"ସ୍ୱପନେ ମିଶଇ ସ୍ୱପ୍ନନ, ସ୍ୱପ୍ନ ସପନେ ଭାଙ୍ଗେ
ବିପିନ, ସାଗର, ଗଗନ ସବୁ ମିଶଇ ରଙ୍ଗେ ।"

ତେଣୁ ଶିଶୁ ଛାତ୍ରମାନଙ୍କ ସ୍ୱପ୍ନପଟରେ କବି ଯେଉଁ ସବୁ ଦୃଶ୍ୟ ସୃଷ୍ଟି କରିଛନ୍ତି ତାହା ଆମ ଜାତୀୟ କିମ୍ବଦନ୍ତୀ, ଇତିହାସ ଓ ପୁରାଣରେ ଉଦ୍‌ଜୀବିତ ।

**'ରାମଚଣ୍ଡୀଠାରେ ରାତି'ରେ କବିଙ୍କ ଛାତ୍ର ବତ୍ସଳତା :**

ନୀଳକଣ୍ଠ ପ୍ରଥମେ ଶିକ୍ଷକ, ପରେ କବି । ଶିକ୍ଷକ ହୃଦୟ ନେଇ ଛାତ୍ରଙ୍କ ଅନୁଭବକୁ ନିଜସ୍ୱ କରିବା ତାଙ୍କ ପରି ଶିକ୍ଷକ-କବିଙ୍କ ସମ୍ବେଦନୀ ପିତୃ-ବ୍ୟକ୍ତିତ୍ୱ ପକ୍ଷରେ ସ୍ୱାଭାବିକ । ଝଞ୍ଝଞ୍ଜାର ତାଣ୍ଡବ ନୃତ୍ୟ ମଧ୍ୟରେ କୁମାର ପୂର୍ଣ୍ଣମୀ ରାତିର ସରସତା ନଷ୍ଟ ହୋଇଥିବାରୁ ପ୍ରବାସୀ ଶିଶୁ ଛାତ୍ରଙ୍କୁ ଅଭୟ ଦେଇ କବି କୁଆଁର ପୁନିଅଁର ପ୍ରୀତି-ପାର୍ବଣ ଓ ପାରିବାରିକ ଆହ୍ଲାଦର ସ୍ୱରୂପ ମନେପକାଇ ଦେଇଛନ୍ତି-

"ଆଜି ଯେ କୁଆଁର ପୁନିଅଁ, କେତେ ସୁଖ ଶରଧା,
ମା' ଭଉଣୀଙ୍କ ଆଦର, ନବ ବସନ ପିନ୍ଧା ।

Digitized by PPRACHIN, SOA

ମନେ ପଡୁ ନାହିଁ ବାପା ହେ, ଲାଗି ଯାଇଛି ନିଦ,
ମାଆ ଭଉଣୀ ଏ ଭବନେ, ଭଜିଥିବେ ବିଷାଦ ।''

(ରା.ରା.-ପଂକ୍ତି-୫-୮)

ଶିଶୁ ମନସ୍ତତ୍ତ୍ୱ ଅଧ୍ୟୟନରେ କବି ନୀଳକଣ୍ଠ ଜଣେ ନିପୁଣ କଳାକାର । ତେଣୁ ତାଙ୍କ କାବ୍ୟର ପୃଷ୍ଠଭୂମିରେ ଆମେ କେତେକ ଛାତ୍ରଙ୍କ ଅବସ୍ଥିତି ଲକ୍ଷ୍ୟକରୁ । ଶିଶୁ ହୃଦୟକୁ ଏକ ବିସ୍ତାରିତ ସ୍ୱଚ୍ଛଫଳକ ରୂପେ ଉପସ୍ଥାପନ କରି କବି କଳାକାର ପରି ସ୍ୱପ୍ନର ତୂଳିରେ ଚିତ୍ର ପରେ ଚିତ୍ର ଅଙ୍କନ କରି ଚାଲିଛନ୍ତି । ଡକ୍ଟର ନରେନ୍ଦ୍ର ନାଥ ମିଶ୍ର ଯଥାର୍ଥରେ କହିଛନ୍ତି- ''ଶିଶୁମନର କୌତୂହଳ, ଭୟ, ବିସ୍ମୟ, ଆଶା ଓ ଉତ୍ସାହ ଦୃଷ୍ଟିରେ ସମସ୍ତ ବର୍ଣ୍ଣନୀୟ ବିଷୟର ପ୍ରତିଫଳନ କବିଙ୍କୁ ଏକ ଅନୁପମ ପୁରୋଦୃଷ୍ଟି ଆଣିଦେଇଛି ।'' (୧)

ଗୁରୁକୁଳର ଅଧକ୍ଷ ନୀଳକଣ୍ଠ ଶିଶୁ ଛାତ୍ରଙ୍କ ସହ ଏକତ୍ର ବାସ କରି ସେମାନଙ୍କ ସୁଖ-ଦୁଃଖ ସହ ନିଜକୁ ସାମିଲ କରି ଦେଇଥିଲେ । ତେଣୁ ପଥକ୍ଲାନ୍ତ ଛାତ୍ରମାନଙ୍କ ପ୍ରତି ତାଙ୍କ ହୃଦୟରୁ ସ୍ୱତଃ ଝରିଆସିଛି ପିତୃସୁଲଭ ସମ୍ବେଦନା-

''ଶୁଅ ଶୁଅ ଧନ, ଆରାମେ ଶୋଇ ଥାଅରେ ଶିଶୁ
ପଥଶ୍ରମ କରି ଆସିଛ, ଶ୍ରମେ ବିରାମ ମିଶୁ ।''

(ରା.ରା.-ପଂକ୍ତି-୧୭-୧୮)

ବହୁ ବାଲିବନ୍ତ ଡେଇଁ, ନଦୀଗର୍ଭରେ ପଶି ଶାମୁକା ସାଉଁଟିବା ପରି ନିରର୍ଥକ ଶ୍ରମରେ ଶିଶୁମାନେ କି ପ୍ରକାର ଆନନ୍ଦ ଲାଭ କରନ୍ତି ତାହା ପ୍ରବୀଣ କବି ନୀଳକଣ୍ଠ ବୁଝିବାରେ ଅସମର୍ଥ ହୋଇଛନ୍ତି । ଶିକ୍ଷକ କବି ଛାତ୍ରମାନଙ୍କର ଏହି ନିର୍ବୋଧ ଆନନ୍ଦର ମର୍ମ ଜାଣିବା ପାଇଁ ଶିଶୁ ଛାତ୍ରଙ୍କଠାରେ ଅଳି କରିଛନ୍ତି-

''ନିରର୍ଥକ ସେତ ଶାମୁକା, କାହିଁ ରୁଚି ମୋହର ?
କି ଅଛି ତହିଁରେ କିଂପାଇ ବେଳା କଲହେ ଜୂର ?
ବୁଝାଇ ଦେବ କି ବାଳକେ, ଥରେ ଶୁଣିବି ମୁହିଁ ?
ଶିଖାଉଛି ନିତି, ଶିଖିବି ଆଜି ପରାଣ ଦେଇ ।''

(ରା.ରା.-ପଂକ୍ତି-୩୫-୩୮)

(୧) ଆଧୁନିକ ଓଡିଆ କାବ୍ୟଧାରା - ପୃ-୨୦୧ ।

Digitized by PPRACHIN, SOA

ସ୍ୱପ୍ନରେ ଅବାସ୍ତବକୁ ବାସ୍ତବବୋଧ କରି ଶିଶୁ ଯେତିକି ଆହ୍ଲାଦିତ ହୁଏ, କାହାଣୀ ମାଧ୍ୟମରେ କଳ୍ପଲୋକରେ ବିଚରଣ କରି ତତୋଽଧିକ ଆନନ୍ଦ ଲାଭ କରେ । ଶିଶୁର ଏହି ମନସ୍ତତ୍ତ୍ୱକୁ ଉପଲବ୍ଧି କରି ଶିକ୍ଷକକବି ନୀଳକଣ୍ଠ ଶିଷ୍ୟଗଣଙ୍କୁ ତରଳ ନିଦର ସ୍ୱପ୍ନରେ ବୁଡାଇ ରଖି ତାଙ୍କ ସମ୍ମୁଖରେ ଜାତୀୟ ଇତିହାସ ଉନ୍ମୋଚନ କରିଛନ୍ତି-

"ଶୋଇଛତ ଏବେ ଶୁଣିବ, କେତେ ସ୍ୱପନ-ବାଣୀ
କାଳରୀତି ସବୁ ଦେଖିବ, ପ୍ରତିଲୋମେ ଉଜାଣି ।"

(ରା.ରା.-ପଂକ୍ତି-୧୯୩-୧୯୪)

**ଅଳଙ୍କାର ଓ ଶବ୍ଦବିନ୍ୟାସ ଚାତୁରୀ :**

ମଧ୍ୟଯୁଗୀୟ କାବ୍ୟପରି 'କୋଣାର୍କେ' ଅଳଙ୍କାରରେ ଭାରାକ୍ରାନ୍ତ ହୋଇ ନଥିଲେ ହେଁ ଉପମା ଓ ଉତ୍ପ୍ରେକ୍ଷା ଅଳଙ୍କାରର ଚମତ୍କାର ଆଲେଖ୍ୟ ଏଥିରେ ରହିଛି । ବାରବାଟୀ ଦୁର୍ଗରେ ରାଜାଙ୍କର ସୈନ୍ୟଥାଟ କଳ୍ପନା କରିବା ଦୃଶ୍ୟର ଉପମା ଦେଇ କବି ଲେଖିଛନ୍ତି-

"ଗୁରୁ ଗ୍ରୀବା ଟେକି ଚାହିଁଲେ ଥରେ ସଇନି-ସାଜେ
ଗୁରୁ-ଗ୍ରାବେ ଚୂଳେ ପ୍ରଦୀପ ଯଥା ଝଡ-ଜାହାଜେ ।"

(ରା.ରା.-ପଂକ୍ତି-୪୫୩-୪୫୪)

ଅର୍ଥାତ୍ ସମୁଦ୍ର ଭିତରେ ଝଡ ସମୟରେ ଜାହାଜମାନଙ୍କୁ ସତର୍କ କରିବା ପାଇଁ ପାହାଡ ଉପରେ ଥିବା ଦୀପସ୍ତମ୍ଭର ଆଲୋକକୁ ଚାରିଆଡେ ବୁଲାଇ ଆଣିବା ପରି ରାଜା ମୁହଁ ଟେକି ସୈନ୍ୟଥାଟ ଉପରେ ଆଖି ବୁଲାଇ ଆଣିଲେ । ସେହିପରି ଚନ୍ଦ୍ରଜ୍ୟୋତ୍ସ୍ନାରେ କୋଣାର୍କର ଜୀବନ୍ତ କଳା ଦେଖିବା ସମୟରେ କବି ଯେଉଁ ଉତ୍ପ୍ରେକ୍ଷା ଅଳଙ୍କାର ପ୍ରୟାଗ କରିଛନ୍ତି ତାହା ଖୁବ୍ ଚିତ୍ତାକର୍ଷକ ହୋଇଛି-

"ପୁରାଣ କୋଣାର୍କ ଦେଖିଲି କେଢ଼େ ଜୀବନ୍ତ ପରି;
ସୁଧାଂଶୁ-କିରଣେ ସତେ କି ପଡ଼େ ଅମୃତ ଝରି ।"

(ରା.ରା.-ପଂକ୍ତି-୧୧୭-୧୧୮)

'ରାମଚଣ୍ଡୀଠାରେ ସକାଳ' ପର୍ଯ୍ୟାୟରେ ପ୍ରଭାତ କାଳରେ ସୂର୍ଯ୍ୟୋଦୟର ଦୃଶ୍ୟ ବର୍ଣ୍ଣନା କରି କବି ଯେଉଁ ଉତ୍ପ୍ରେକ୍ଷା ଅଳଙ୍କାର ସୃଷ୍ଟି କରିଛନ୍ତି ତାହା ତାଙ୍କ ସୂକ୍ଷ୍ମଦର୍ଶନ ଓ ପରିପକ୍ୱ କବିତ୍ୱର ପରିଚାୟକ-

Digitized by PPRACHIN, SOA

"ଅରୁଣ-କିରଣ-ବିତାନ-ପଛେ ଉଠିଲେ ରବି
ତରଳ-ମାରାଗ-କଂପନ-ପଛେ ହାଟକ-ଛବି
ପରିଧି-ପ୍ରସାରେ ଚଞ୍ଚଳ ସିନ୍ଧୁ ଭେଦି କ୍ରମଶେ
ଚପଳ-ହାଟକ-ଦ୍ରବେ କିଖଣ୍ଡ-ମଣ୍ଡଳେ ଭାସେ ?"
(ରାମଚଣ୍ଡୀଠାରେ ସକାଳ-ପଂକ୍ତି-୯୦୩-୯୦୬)

ଚିତ୍ରକଳ୍ପର ପରିକଳ୍ପନାରେ ମଧ୍ୟ ନୀଳକଣ୍ଠଙ୍କ କୃତିତ୍ୱ ବିଚାର୍ଯ୍ୟ । କୋଣାର୍କର ଜୀର୍ଣ୍ଣ ମୁଖଶାଳାକୁ 'ପ୍ରତ୍ନ-ପୁରୁଷଙ୍କ ପ୍ରେତ' ଓ କୀର୍ତ୍ତୀ-କଂକାଳ' ଚିତ୍ରକଳ୍ପଦ୍ୱାରା, ବ୍ରାହ୍ମଣ୍ୟଧର୍ମର ଉତ୍‌ଥାନକୁ 'ଯଜ୍ଞ-ଧୂମ-ବୀଚି ଉଠିବ ପୁଣି 'ନଭ-ବିତାନେ' ରୂପକଳ୍ପ ଦ୍ୱାରା ପ୍ରତିଫଳିତ କରି ତାଙ୍କ କାବ୍ୟିକ ଅଭିବ୍ୟକ୍ତିକୁ ସୁସ୍ପଷ୍ଟ କରିଛନ୍ତି ।

**ଶବ୍ଦ-ବିନ୍ୟାସ ଚାତୁରୀ :**

ଭାବାନୁସାରୀ ଶବ୍ଦ ପ୍ରୟୋଗରେ ନୀଳକଣ୍ଠ ଜଣେ କୁଶଳୀ ଶିଳ୍ପୀ । ଉପଜୀବ୍ୟ ବିଷୟବସ୍ତୁର ଲଘୁ ଓ ଗୁରୁଭାବ ଅନୁଯାୟୀ ତାଙ୍କର ଭାଷା କେତେବେଳେ ଲୋଳ ଲଳିତ, ପୁଣି କେତେବେଳେ ଗୁରୁଗମ୍ଭୀର । 'ରାମଚଣ୍ଡୀଠାରେ ରାତି'ର ପ୍ରଥମ ଛ'ଟି ଅଧାୟ ଓ 'ମାୟାଦେବୀ'ର କଥୋପକଥନ ରୀତିରେ ଗୀତି କବିତା ଭାଷାର ସରଳ ପ୍ରବହମାନତା ଲକ୍ଷ୍ୟ କରାଯାଏ-

"ରହ ରହ ବାଆ ବତାସି, ରହ ବରଷାଧାରା
କୁଆଁର ପୁନିଅଁ ହେଉରେ ଆଜି ରଜନୀ ସାରା ।"
(ରା.ରା.-ପଂକ୍ତି-୩୯-୪୦)

ପରି ସହଜ ସୁଶ୍ରାବ୍ୟ ଓ ସୁବୋଧ୍ୟ ପଦାବଳୀ ରଚନା କରିବାରେ ନୀଳକଣ୍ଠ ଯେପରି ଗୀତିକବିମାନଙ୍କୁ ଅତିକ୍ରମ କରି ପାରିଛନ୍ତି । ସେହିପରି—

"ମୃଦଳ-ଲହରୀ-ହିଲ୍ଲୋଳେ ଚାରୁ-ଚାନ୍ଦ-ମୟୁଖ" (ପଂକ୍ତି-୪୮)
"କାଳ-ଦଂତ-ଘାତ-ବୀଭତ୍ସ-ପ୍ରତ୍ନ-ମୋହନ-କଳା" (ପଂକ୍ତି-୮୬)
"ବାରୁଣୀ-ତାମସ-ଅରୁଣ-ଭାସେ-ପ୍ରାଚୀ-ଲଲାଟେ" (ପଂକ୍ତି-୯୩)
"ଚନ୍ଦ୍ରିକା-ଧବଳ-କୋଣାର୍କ-ପ୍ରତ୍ନ-କୀରତି-ମାଳା" (ପଂକ୍ତି-୧୨୩)

ଆଦି ସମସ୍ତପଦ ସଂଯୋଜନାରେ କବି ସଂସ୍କୃତ କବିମାନଙ୍କୁ ମଧ୍ୟ ବଳି ଯାଇଛନ୍ତି । ଏହି ସମସ୍ତପଦଗୁଡିକ ସାଧାରଣ ପାଠକଙ୍କ ପକ୍ଷରେ ଦୁର୍ବୋଧ ହେଲେ ହେଁ ତାହାରି ସମାବେଶରେ ନୀଳକଣ୍ଠଙ୍କ କବିତ୍ୱ ଓ ପାଣ୍ଡିତ୍ୟର ମଧୁର ମିଳନ ଘଟିଅଛି । ସୁଲଳିତ, ସରଳ, ସୁଶ୍ରାବ୍ୟ ପଦାବଳି- ସହ ତତ୍ସମ ଶବ୍ଦବହୁଳ ସମସ୍ତପଦର ସମନ୍ୱୟରେ

Digitized by PPRACHIN, SOA

'କୋଣାର୍କେ' କାବ୍ୟରେ ଏକ ଅପୂର୍ବ ଛାନ୍ଦସିକ ସୁଷମା ପରିଲକ୍ଷିତ ହୁଏ । କବି ପୁଣି ଉପଧାମିଳନର କୃତ୍ରିମ ସୌଷ୍ଠବରେ ଭାବକୁ କ୍ଲୁପ୍ତ କରି ନାହାନ୍ତି । ବରଂ ରାଧାନାଥ ଓ ମଧୁସୂଦନଙ୍କ ଦ୍ୱାରା ବଙ୍ଗଳା ସାହିତ୍ୟରୁ ଅନୁସୃତ ଉପଧା ମିଳନର ଶୃଙ୍ଖଳରୁ ଓଡିଆ ସାହିତ୍ୟକୁ ମୁକ୍ତ କରିବା ପାଇଁ ଭାଷାର ସ୍ୱଚ୍ଛନ୍ଦ ବିକାଶକୁ ଗୁରୁତ୍ୱ ଦେଇଛନ୍ତି । 'କୋଣାର୍କେ' କାବ୍ୟର ଆଲୋଚକ ଡକ୍ଟର ମାୟାଧର ମାନସିଂହ ଯଥାର୍ଥରେ କହିଛନ୍ତି- ''ପଣ୍ଡିତ ନୀଳକଣ୍ଠ ଦାସଙ୍କର 'କୋଣାର୍କେ'ରେ ଭାଷାର ଯେଉଁ ସ୍ୱୈର ଛାନ୍ଦସିକ ସୁଷମା ଦେଖିବାକୁ ମିଳେ ତାହା ଉପଧା ମିଳନର କୃତ୍ରିମତାର ସଂପୂର୍ଣ୍ଣ ଅଭାବ ଯୋଗୁ ହିଁ ସମ୍ଭବ ହୋଇଛି ।'' (୧)

**ନୀଳକଣ୍ଠଙ୍କ କାବ୍ୟ ଚେତନା :**

ନୀଳକଣ୍ଠଙ୍କ କାବ୍ୟକବିତାର ସମୀକ୍ଷା ସମୟରେ କେହି କେହି ସମାଲୋଚକ ଏଥିରେ କବିଙ୍କ ରୋମାଣ୍ଟିକ୍ ଚେତନା ଲକ୍ଷ୍ୟ କରିଛନ୍ତି ତ କେହି କେହି କ୍ଲାସିକ ଚେତନା, ପୁଣି କେହି କ୍ଲାସିକ ଓ ରୋମାଣ୍ଟିକ ଉଭୟ ଚେତନାର ସମନ୍ୱୟ ଲକ୍ଷ୍ୟ କରିଛନ୍ତି ।

କାବ୍ୟରେ କ୍ଲାସିକ ଚେତନା କହିଲେ ଏଥିରେ ଥିବା ନିୟମତନ୍ତ୍ରତା (Classicism) ପ୍ରତି ଦୃଷ୍ଟି ଦିଆଯାଇଥାଏ ଏବଂ ରୋମାଣ୍ଟିକ ଚେତନା କହିଲେ ଏଥିରେ ଥିବା ଇଂଗିତଧର୍ମିତା ବା ସ୍ୱାଭାବିକ ଉଚ୍ଛୃଙ୍ଖଳତା (Romaticism) ପ୍ରତି ଦୃଷ୍ଟି ଦିଆଯାଇଥାଏ ।

ଭାବ ସଂଯମ, ଛାନ୍ଦବଦ୍ଧତା, ଶୃଙ୍ଖଳାଧର୍ମିତା, ଓ ସାମୂହିକତା କ୍ଲାସିକ୍ ସାହିତ୍ୟର ଧର୍ମ । ଏଥିରେ ପରଂପରା ପ୍ରୀତି, ଇନ୍ଦ୍ରିୟାତୀତ ସୌନ୍ଦର୍ଯ୍ୟାନୁଭୂତି, ଭାବଶୃଙ୍ଖଳା, ନୈର୍ବ୍ୟକ୍ତିକତା ଲକ୍ଷ୍ୟ କରାଯାଏ । କିନ୍ତୁ ରୋମାଣ୍ଟିକ୍ ସାହିତ୍ୟର ଧର୍ମ ହେଉଛି ଆବେଗଧର୍ମିତା, ଇଂଗିତ ପରାୟଣତା, ସ୍ୱାଧୀନତା ଓ ବ୍ୟକ୍ତିକତା । ଏଥିରେ କଳ୍ପନାର ଆତିଶଯ୍ୟ, ସ୍ୱପ୍ନପ୍ରବଣତା, ନିୟମଗତ ବନ୍ଧନହୀନତା ଭାବୋଚ୍ଛୃଙ୍ଖଳତା, ଇନ୍ଦ୍ରିୟଗ୍ରାହ୍ୟ ସୌନ୍ଦର୍ଯ୍ୟାନୁଭୂତି ଓ ଆଶ୍ଚର୍ଯ୍ୟାନୁଭୂତି ଅଧିକ ଲକ୍ଷ୍ୟ କରାଯାଏ ।

ପଣ୍ଡିତ ନୀଳକଣ୍ଠ କିନ୍ତୁ କଳାରେ ଉଭୟ ନିୟମତନ୍ତ୍ରତା ଓ ସ୍ୱାଭାବିକ ଉଚ୍ଛୃଙ୍ଖଳତାକୁ ପ୍ରାଧାନ୍ୟ ଦେଇଛନ୍ତି । ତାଙ୍କ ଯୁକ୍ତିରେ ''ଉଚ୍ଛୃଙ୍ଖଳତା କଳାର ସ୍ୱଭାବ ହେଲେ ହେଁ ସାର୍ବଜନୀନ କେତୋଟି ମୂଳ ନିୟମରେ ଆବଦ୍ଧ ହେବା ତାହାର ପ୍ରାଣ ।''(୨)

(୧) 'କୋଣାର୍କେ' କାବ୍ୟର ଭୂମିକା ଦ୍ରଷ୍ଟବ୍ୟ ।

(୨) ଚିତ୍ର ଓ କବିତାରେ କଳାର କ୍ରମ - ନୀଳକଣ୍ଠ ଦାସ - ସତ୍ୟବାଦୀ - ୩/ ୫-୬ ସଂଖ୍ୟା ।

Digitized by PPRACHIN, SOA

ସେ ତେଣୁ କହନ୍ତି କୌଣସି ପ୍ରତିଷ୍ଠିତ କବିଙ୍କ କାବ୍ୟ-ଚେତନାକୁ ନିୟମତନ୍ତ୍ରତା (Classicism) ବା ସ୍ୱାଭାବିକ ଉଚ୍ଛୃଙ୍ଖଳତା (Romaticism)ର ସଂକୀର୍ଣ୍ଣ ପରିସରରେ ଆବଦ୍ଧ କରିବା ଉଚିତ ନୁହେଁ ।

ନୀଳକଣ୍ଠଙ୍କ କାବ୍ୟ-କବିତାରେ ସମସ୍ତ ନିୟମତନ୍ତ୍ରତା ମଧ୍ୟରେ ସ୍ୱାଧୀନ ପ୍ରବୃତ୍ତିର ସ୍ୱାକ୍ଷର ମିଳେ । ତାଙ୍କ ରଚନାରେ ଅତୀତ-ଆମୁଖତା, ପରଂପରାପ୍ରୀତି, ସାମୂହିକତା ଓ ବାକ୍ ସଂଯମ ଯେତିକି ଲକ୍ଷ୍ୟ କରାଯାଏ, କଳ୍ପନାବିଳାସ, ସ୍ୱପ୍ନ ପ୍ରବଣତା, ଭାବାତିଶଯ୍ୟ, ଆବେଗଧର୍ମିତା ସେତିକି ଲକ୍ଷ୍ୟ କରାଯାଏ । ତେଣୁ ତାଙ୍କ କବିତ୍ୱକୁ କୌଣସି ନିର୍ଦ୍ଦିଷ୍ଟ ଚେତନା ମଧ୍ୟରେ ବାନ୍ଧି ରଖିହେବ ନାହିଁ । ସେ କଦାପି ରୋମାଣ୍ଟିକ ଭାବଧାରାରେ ଉଚ୍ଛୃଙ୍ଖଳ ହୋଇ କଳାର ସାର୍ବଜନୀନତାକୁ ବିସ୍ମୃତ ହୋଇ ନାହାନ୍ତି କିମ୍ୱା କ୍ଲାସିକ ଚେତନାରେ ଆବଦ୍ଧ ରହି ସାହିତ୍ୟର କଳାଗତ ପ୍ରାଣକୁ ସଂକୁଚିତ କରିନାହାନ୍ତି । ମାନବ ଜୀବନରେ ଆଦର୍ଶ ଓ ବାସ୍ତବତା, ଆବେଗ ଓ ବୁଦ୍ଧିର ସମନ୍ୱୟ ଘଟିବା ପରି ନୀଳକଣ୍ଠଙ୍କ କାବ୍ୟ-କବିତାରେ ନିୟମତନ୍ତ୍ରତାର ଶୃଙ୍ଖଳା ମଧ୍ୟରେ, ଆବେଗ, ଉଚ୍ଛ୍ୱାସ, ସ୍ୱପ୍ନ ଓ ପ୍ରଣୟର ରୂପାୟନ ଘଟିଛି ।

'ରାମଚଣ୍ଡୀଠାରେ ରାତି' ପର୍ଯ୍ୟାୟରେ ଜାତିର ଅତୀତକୁ ଦେଖି ଦେଖାଇବା ମାଧ୍ୟମରେ ନୀଳକଣ୍ଠ ଯେଉଁ ଗୌରବମୟ ବୀରତ୍ୱର କାହାଣୀ ଛାତ୍ରମାନଙ୍କୁ ଶୁଣାଇଛନ୍ତି ତାହା ଯଥାର୍ଥରେ କ୍ଲାସିକ ସାହିତ୍ୟର ଲକ୍ଷଣ । କିନ୍ତୁ ଏଇ ଶୁଣାଇବା ମଧ୍ୟରେ ତାଙ୍କର ଯେଉଁ ଆବେଗ ଓ ଉଚ୍ଛ୍ୱାସ ପ୍ରକାଶ ପାଇଛି ତାହା ରୋମାଣ୍ଟିକ ସାହିତ୍ୟର ଲକ୍ଷଣ ।

ରୋମାଣ୍ଟିକ କବିମାନଙ୍କ ପରି ନୀଳକଣ୍ଠ ସ୍ୱପ୍ନ ପ୍ରବଣ ହୋଇ ସ୍ୱପ୍ନର ମହତ୍ତ୍ୱ ଉପସ୍ଥାପନ କରିଛନ୍ତି । ସ୍ୱପ୍ନରେ କିପରି ଅସମ୍ଭବ ସମ୍ଭବରେ ପରିଣତ ହୁଏ ତାହା ଦର୍ଶାଇ ସେ ଲେଖିଛନ୍ତି-

''ସପନେ ବୋଇତେ ଭାସଇ ଜନ କୁହେଳୀ ଧରି,
ସାଗର-ଉରସେ ଉଠଇ ତୁଙ୍ଗ ତୁହିନ-ଗିରି ।
ଚାହୁଁ ଚାହୁଁ ଗିରି ପାଲଟି ହୁଏ ସୁର ଦୀର୍ଘିକା
ନଦୀ ପୁଣି ଭାସି ଆସଇ ଧରି ଶଇଳ ଶିଖା ।
x x x x
ଗ୍ରହତାରା-ଜନେ ସମ୍ଭାଷି ଫେରି ଆସେ ପଲକେ
ନୀହାରିକା ଭେଦି କ୍ଷଣକେ ଆସେ ମନୁଷ୍ୟ-ଲୋକେ ।

Digitized by PPRACHIN, SOA

ବେଦ ଋଷି-ଗୀତ ଶୁଣଇ ସରସ୍ୱତୀ-ପୁଳିନେ
ଦେଖେ ଅପସରୀ-ବିଭ୍ରମ କାହିଁ ନନ୍ଦନ ବନେ ।''

କିନ୍ତୁ କବି ସ୍ୱପ୍ନ ମାଧ୍ୟମରେ ଛାତ୍ରମାନଙ୍କୁ କୌଣସି ଅତିରଞ୍ଜିତ ବା ଅବାସ୍ତବ ଘଟଣା ଦେଖାଇ ନାହାନ୍ତି । ଯାହା ଅତୀତ କାଳରେ ଆମ ଓଡିଶାରେ ଘଟିଯାଇଛି, ଯାହା ଅତୀତରେ ଓଡିଆ ଜାତି ଅଙ୍ଗେ ଲିଭାଇଛି ସେଇସବୁ ହିଁ ହୋଇଛି ସେ ଦେଖାଇଥିବା ସ୍ୱପ୍ନର ଉପଜୀବ୍ୟ । ତେଣୁ ତାଙ୍କ ସ୍ୱପ୍ନରେ ଅତିବାସ୍ତବତା ନାହିଁ, ତାହା କେତେବେଳେ ଶୈଶବର ସ୍ମୃତି ରୋମନ୍ଥନ କରିଛି ତ କେତେବେଳେ ଅତୀତର ଗୌରବ ପ୍ରଖ୍ୟାପନ କରିଛି । ସେ ଯେଉଁ କଳ୍ପନା କରିଛନ୍ତି ତାହା ଐତିହାସିକ ସତ୍ୟ ଓ ଜନଶ୍ରୁତିର ପୀଠିକା ଉପରେ ପର୍ଯ୍ୟବସିତ । ତାଙ୍କର ଭାବାତିଶଯ୍ୟ ପିତୃସୁଲଭ ଛାତ୍ରବତ୍ସଳତାରେ ସରସ ଓ ସୁନ୍ଦର ହୋଇପାରିଛି । ତାଙ୍କର ପ୍ରଣୟ ଚେତନା ଆଦର୍ଶବୋଧ ଓ କର୍ତ୍ତବ୍ୟ ବୋଧରେ ମହୀୟାନ ଏବଂ ତାଙ୍କର ଅତୀତ-ଆମୁଖତା ଭବିଷ୍ୟତର ଗତି ନିର୍ଦ୍ଧାରଣ କରିବାରେ ସହାୟକ ହୋଇଛି ।

ସଂକ୍ଷେପରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ନୀଳକଣ୍ଠଙ୍କ କାବ୍ୟ ଚେତନା ସମୁନ୍ନତ ଓ ମହତ୍ତ୍ୱବ୍ୟଞ୍ଜକ । ତାଙ୍କ କାବ୍ୟ କବିତା ବ୍ୟକ୍ତି ଚେତନାରୁ ସୃଷ୍ଟି ହୋଇଥିଲେ ହେଁ ତାହା ବିଶ୍ୱଜଗତ ଓ ଆତ୍ମଜଗତ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସମର୍ଥ ।

□□

Digitized by PPRACHIN, SOA

# ‘ପ୍ରଣୟିନୀ’ କାବ୍ୟରେ ନୀଳକଣ୍ଠଙ୍କ ଅନୁବାଦ କଳା-କୁଶଳତା

ସାରସ୍ୱତ ସୃଷ୍ଟିକୁ ଗୋଟିଏ ମାଧ୍ୟମରୁ ଆଉ ଗୋଟିଏ ମାଧ୍ୟମକୁ ସ୍ଥାନାନ୍ତରିତ କରିବା ବା ସାଧାରଣ ଅର୍ଥରେ ଗୋଟିଏ ଭାଷାରୁ ଆଉ ଗୋଟିଏ ଭାଷାକୁ ରୂପାନ୍ତରିତ କରିବାକୁ ଅନୁବାଦ କୁହାଯାଏ । ‘ଅନୁବାଦ’ ଶବ୍ଦର ଇଂରାଜୀ ପରିଭାଷା ହେଉଛି 'Translation' । ଲାଟିନ୍ 'Trans' (Across) ଏବଂ 'Latus' (to carry) ଶବ୍ଦଦ୍ୱୟରୁ ଇଂରାଜୀ Translation ଶବ୍ଦର ଉତ୍ପତ୍ତି । Translation ର ଅର୍ଥ ନିରୂପଣ କରି Encyclopaedia Britanica' କହନ୍ତି- "A carrying over or transference from one to another. But the commonest sense of the word in connexion with rendering of one language to another."

**ଅନୁବାଦର ଆବଶ୍ୟକତା :**

ଅନୁବାଦ ଦ୍ୱାରା ବିଶ୍ୱ ସାହିତ୍ୟର ଧାରଣା ପରିପୁଷ୍ଟ ହୁଏ । ପୃଥିବୀର ବିଭିନ୍ନ ଦେଶ ଓ ଜାତି ମଧ୍ୟରେ ଭାବର ଆଦାନ ପ୍ରଦାନ ଘଟେ । ଦର୍ପଣରେ ମୁଖ ଦିଶିବା ପରି ଅନୁବାଦରେ ଅନ୍ୟ ଭାଷାର ସାହିତ୍ୟକୃତି ନିଜ ଭାଷାରେ ପ୍ରତିଫଳିତ ହୁଏ । ପୃଥିବୀର ବିଭିନ୍ନ ଭାଷାରେ ଥିବା ଉଚ୍ଚାଙ୍ଗ ସାହିତ୍ୟକୃତିକୁ ଅନୁବାଦକ ସ୍ୱଦେଶର ପାଠକମାନଙ୍କ ନିକଟରେ ପହଞ୍ଚାଇ ଦିଅନ୍ତି । ବିଦେଶୀ ସାହିତ୍ୟରୁ ରୂପ, ରସ, ଛନ୍ଦାଦି ଆଣି ମାତୃ-ସାହିତ୍ୟ-ଉଦ୍ୟାନର ଶୋଭା ବର୍ଦ୍ଧନ କରନ୍ତି । ତେଣୁ ମୌଳିକ ସାହିତ୍ୟସ୍ରଷ୍ଟାଙ୍କଠାରୁ ଅନୁବାଦକଙ୍କ ଦାୟିତ୍ୱ ଅଧିକ ଗୁରୁତ୍ୱପୂର୍ଣ୍ଣ । ସବୁ ଦେଶର ଶ୍ରେଷ୍ଠ ସାହିତ୍ୟକୃତିସବୁ ଇଂରାଜୀ ଭାଷାରେ ଅନୂଦିତ ହୋଇଥିବାରୁ ଆଜି ଇଂରାଜୀ ସାହିତ୍ୟ ପୃଥିବୀରେ ସର୍ବାପେକ୍ଷା ଅଧିକ ଐଶ୍ୱର୍ଯ୍ୟଶାଳୀ । ଓଡିଆ ଭାଷାରେ ଅନୁବାଦକଳାର ବିକାଶ ସପକ୍ଷରେ ଯୁକ୍ତି ଦର୍ଶାଇ ପଣ୍ଡିତ ନୀଳକଣ୍ଠ କହନ୍ତି- “ଅନୁବାଦ କରିବାକୁ ହେବ, ସମାଜ ଓ ସାହିତ୍ୟର ବିଶ୍ୱ ବିକାଶ ଧାରାରେ ଓଡିଆ ଖେତରେ ବୁଡାପାଣି ମଡାଇ ରଖିବାକୁ ହେବ । ସମସ୍ତ ବିଭାଗ ଓ ବିଭାବରେ କ୍ରିୟା ପରଂପରା ଫିଟାଇ ଦେବାକୁ ହେବ ଓ ତାହା ମନକୁ ଫିଟିଯିବାର ବ୍ୟବସ୍ଥା ମଧ୍ୟ କରିବାକୁ ହେବ ।” (୧)

(୧) ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀରେ ପଣ୍ଡିତ ନୀଳକଣ୍ଠଙ୍କ ଭାଷଣ - ପୃ-୫୭ ।

Digitized by PPRACHIN, SOA

**ଅନୁବାଦ ଏକ କଠିନ କଳା :**

ମୌଳିକ ସୃଷ୍ଟି ଅପେକ୍ଷା ଅନୁବାଦସାହିତ୍ୟକର୍ମ ଅଧିକ ଆୟାସସାଧ୍ୟ ଓ ପ୍ରଜ୍ଞାସାପେକ୍ଷ । ଏହା ଏକ କଠିନ କଳା, ମାତ୍ର ଏଥିରେ ସହଜରେ ଯଶ ମିଳେ ନାହିଁ । ତଥାପି ବିଶ୍ୱବିଖ୍ୟାତ ଲେଖକମାନେ ସ୍ୱଦେଶବାସୀଙ୍କୁ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳର ଚିନ୍ତାଧାରା ସହ ପରିଚିତ କରାଇବା ଲକ୍ଷ୍ୟରେ ଏହି କଠିନ କଳାର ଉପାସନା କରନ୍ତି । ମୂଳଭାଷା ଓ ଅନୁବାଦର ଭାଷା ଉଭୟରେ ଅନୁବାଦକଙ୍କ ଗଭୀର ଜ୍ଞାନ ନଥିଲେ ଅନୁବାଦ ସଫଳ ହୁଏ ନାହିଁ । ପାଶ୍ଚାତ୍ୟ କବି ଡ୍ରାଇଡେନ୍‌ଙ୍କ ଯୁକ୍ତିରେ ଆକ୍ଷରିକ ଅନୁବାଦ ଅପେକ୍ଷା ଭାବାନୁବାଦ ଅଧିକ ଉଚ୍ଚମାନର ହୋଇଥାଏ । ମୂଳ ଲେଖକଙ୍କ ଭାବକୁ ଅକ୍ଷୁଣ୍ଣ ରଖି ସାହିତ୍ୟକ କଳାର ସୌନ୍ଦର୍ଯ୍ୟ ରକ୍ଷାପୂର୍ବକ ମୂଳ ରଚନାକୁ ସ୍ୱକୀୟ ପ୍ରତିଭାବଳରେ ପ୍ରାଣସ୍ପର୍ଶୀ ଭାବେ ରୂପାନ୍ତରିତ କରିବାରେ ହିଁ ଅନୁବାଦକର ସାଫଲ୍ୟ ନିହିତ ।

**ଅନୁବାଦ ପ୍ରବିଧି :**

ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ତଥା ବିଶିଷ୍ଟ ସମୀକ୍ଷକ ଉଡ୍‌ହାଉସ୍ ଲି (ଖ୍ରୀ ୧୭୪୭-୧୮୮୪) Essay on the Principles of Translation ଗ୍ରନ୍ଥରେ ଅନୁବାଦର ବିଧି ନିର୍ଦ୍ଦେଶ କରି କହନ୍ତି-

(କ) ଅନୁବାଦ ମୂଳ-ରଚନାର ସଂପୂର୍ଣ୍ଣ ଭାବଧାରାକୁ ଯଥାଯଥ ଭାବେ ରୂପାୟନ କରିବ ।

(ଖ) ଅନୁବାଦର ଶୈଳୀ ତଥା ଲିଖନଭଙ୍ଗୀ ମୂଳରଚନାର ଅନୁରୂପ ବା ଅନୁସାରୀ ହେବ ।

(ଗ) ଅନୁବାଦ ମୂଳ ରଚନା ପରି ସାବଲୀଳ ହେବ ।

ଅନୁବାଦକ ବହୁଶାସ୍ତ୍ରଦର୍ଶୀ, ବିଦ୍ୱାନ୍ ଏବଂ ଭାଷାବିଦ୍ ହେବା ଆବଶ୍ୟକ । ସେ ଯେଉଁ ଭାଷାରୁ ଅନୁବାଦ କରନ୍ତି ସେହି ଭାଷାଭାଷୀ ଅଞ୍ଚଳର ସଂସ୍କୃତି, ସାମାଜିକ ଚଳଣି, ଦାର୍ଶନିକ ଚିନ୍ତାଧାରା, ଧାର୍ମିକ ଅନୁଚିନ୍ତା ସହ ସେ ଉତ୍ତମ ରୂପେ ପରିଚିତ ହେବା ଉଚିତ । ଅନୁବାଦ କରିବା ପୂର୍ବରୁ ପ୍ରତ୍ୟେକ ଅନୁବାଦକଙ୍କ ମନରେ ନିମ୍ନୋକ୍ତ ପ୍ରଶ୍ନଗୁଡିକ ଉତ୍‌ଥାପିତ ହେବା ବିଧେୟ ।

ଲେଖକ କଅଣ କହୁଛନ୍ତି ? ସେ ନିଜେ ସେଥିରୁ କଅଣ ବୁଝୁଛନ୍ତି ? ଏବଂ ସେ କିପରି ଏହାକୁ ପ୍ରକାଶ କରିବେ ?

Digitized by PPRACHIN, SOA

ଅନୁବାଦକ ଯେତେ ଦକ୍ଷ ହେଲେ ମଧ୍ୟ ସେ କଦାପି ଲେଖକଙ୍କ ସମକକ୍ଷ ନୁହନ୍ତି । ଲେଖକଙ୍କ ପରି ତାଙ୍କର ଯେ ନିଜସ୍ୱ ସ୍ୱାତନ୍ତ୍ର୍ୟ ନାହିଁ ଏ ବିଷୟରେ ସେ ସଚେତନ ରହିବା ଉଚିତ ।

ଅନୁବାଦ ମୁଖ୍ୟତଃ ଦୁଇ ପ୍ରକାରର । ଆକ୍ଷରିକ ଅନୁବାଦ ବା Translation, ଅନୁକୃତି ବା Transcreation.

ଅନୁକୃତି ପୁଣି ଚାରି ପ୍ରକାରର ହୋଇଥାଏ - ଭାବାନୁବାଦ, ମର୍ମାନୁବାଦ, ଛାୟାନୁବାଦ ଓ ଅନୁସରଣ । ଭାବାନୁବାଦରେ ମୂଳ ଲେଖାର ଭାବଧାରା ପ୍ରାୟତଃ ବିଦ୍ୟାମାନ ଥାଏ । ମର୍ମାନୁବାଦରେ ମୂଳ ଲେଖାର ସ୍ୱରୂପ ଅବଧାରଣା ସହଜେ ସମ୍ଭବ ହୁଏ ନାହିଁ । ଅନୁସରଣ ବା ଅବଲମ୍ବନରେ ମୁଖ୍ୟ ଘଟଣା ଓ ଚରିତ୍ରର ରୂପାୟନ ଅବ୍ୟାହତ ରହି ଅଦରକାରୀ ବର୍ଣ୍ଣନା ବାଦ୍ ଦିଆଯାଏ ଓ ନୂତନ ଘଟଣା କିଛି ସଂଯୋଜିତ ହୋଇଥାଏ ।

**ଅନୁବାଦକଭାବେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିଭା :**

ଓଡ଼ିଆ ସାହିତ୍ୟର ଇତିହାସରେ ନୀଳକଣ୍ଠ ଜଣେ ପ୍ରଚଣ୍ଡ ପ୍ରତିଭାଶାଳୀ କବି, ଗବେଷକ, ପ୍ରାବନ୍ଧିକ, ଭାଷାବିଦ୍, ସମାଲୋଚକ ହୋଇଥିଲେ ହେଁ ସେ କାହିଁକି ଅନୁବାଦ ପ୍ରତି ମନ ବଳାଇଥିଲେ ତାହାର କେତୋଟି କାରଣ ନିହିତ ଅଛି । ସେ ସମୟରେ ଓଡ଼ିଆ କାବ୍ୟକବିତାରେ ଭାବର ବୈଚିତ୍ର୍ୟ ନଥିଲା । ଇଂରାଜୀ ସାହିତ୍ୟରୁ ନୂତନ ଭାବରାଜି ଆହରଣ କରି କବିବର ରାଧାନାଥ ଯେଉଁ କାବ୍ୟମାନ ଲେଖିଲେ ସେଥିରେ ଓଡ଼ିଆମାନଙ୍କ ଭାବଗତ ଆଦର୍ଶ କ୍ଷୁଣ୍ଣ ହୋଇଥିଲା । ଓଡ଼ିଆ କାବ୍ୟର ନୂତନ ଭାବାଦର୍ଶର ଅଭାବ ପୂରଣ ଲାଗି ନୀଳକଣ୍ଠଙ୍କ ଦୃଷ୍ଟି ପଡ଼ିଥିଲା ଭିକ୍ଟୋରିଆ ଯୁଗର ଇଂରାଜୀ ସାହିତ୍ୟ ଉପରେ । ଇଂରାଜୀ ସାହିତ୍ୟରେ ଭିକ୍ଟୋରିଆ ଯୁଗ ଓ ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗର ଆଦର୍ଶ ମଧ୍ୟରେ ବହୁ ସାମ୍ୟ ଲକ୍ଷ୍ୟ କରାଯାଏ । ଭିକ୍ଟୋରିଆ ଯୁଗକୁ ଇଂରାଜୀ ସାହିତ୍ୟରେ 'The Age of Renaissance' କୁହାଯିବା ପରି ସତ୍ୟବାଦୀ ଯୁଗକୁ ଓଡ଼ିଆ ସାହିତ୍ୟରେ 'ନବଜାଗରଣର ଯୁଗ' କୁହାଯାଏ । ତେଣୁ ଭିକ୍ଟୋରିଆ ଯୁଗର ଆଦର୍ଶ ସହ ଉତ୍କଳବାସୀଙ୍କୁ ପରିଚିତ କରାଇବା ପାଇଁ ସେ ଯୁଗର ବିଖ୍ୟାତ ଲେଖକ ଟେନିସନ୍‌ଙ୍କ କାବ୍ୟକବିତାକୁ ଅନୁବାଦ କରିବା ଦିଗରେ ପଣ୍ଡିତ ନୀଳକଣ୍ଠ ମନ ବଳାଇଥିଲେ ।

ନୀଳକଣ୍ଠଙ୍କ ଅନୁବାଦ ସାହିତ୍ୟର ପ୍ରଧାନ ବୈଶିଷ୍ଟ୍ୟ ହେଉଛି - ଏହା ମୂଳ ରଚନାର ଆକ୍ଷରିକ ଅନୁବାଦ ନୁହେଁ, ଭାବାନୁବାଦ । ଆକ୍ଷରିକ ଅନୁବାଦଠାରୁ ଭାବାନୁବାଦ ଅଧିକ ସର୍ଜନାଧର୍ମୀ । ଏଭଳି ଅନୁବାଦରେ ଅନୁବାଦକ ସ୍ଥଳ ବିଶେଷରେ

Digitized by PPRACHIN, SOA

ସ୍ୱଦେଶର ଚିତ୍ର ଓ ସ୍ୱଦେଶୀୟ ଚିନ୍ତାଧାରା ଉପସ୍ଥାପନ କରି ଅନୁବାଦ ସାହିତ୍ୟକୁ ଅଧିକ ରସସିକ୍ତ କରିବାରେ ସମର୍ଥ ହୁଅନ୍ତି । ମୂଳରଚନାର ଭାବକୁ ଅବଲମ୍ବନକରି ଅନୁବାଦକ ସ୍ୱାଧୀନ ଭାବରେ ବିଷୟବସ୍ତୁ ପରିବେଷଣ କରନ୍ତି ସତ, କିନ୍ତୁ ମୂଳରଚନାର, ନିର୍ଯ୍ୟାସ ପ୍ରତି ସେ ବିଶ୍ୱସ୍ତ ରହନ୍ତି ।

ନୀଳକଣ୍ଠ ଅନୁବାଦରେ ସ୍ୱକୀୟତା ରକ୍ଷା କରିବା ଦିଗରେ ସର୍ବଦା ସଚେତନ ଥିଲେ । ତେଣୁ ବିଦେଶୀ ସାହିତ୍ୟର ଅନୁବାଦ ସମୟରେ ସେ ସ୍ୱଦେଶୀୟ ପରଂପରା ଓ ଚଳଣିକୁ ଆଦୌ ଭୁଲି ନାହାନ୍ତି । ମୂଳ ରଚୟିତାଙ୍କ ଭାବକୁ ଅକ୍ଷୁଣ୍ଣ ରଖି ସେ ଓଡ଼ିଆ ପାଠକଙ୍କ ହୃଦୟସ୍ପର୍ଶୀ ଭାଷାରେ ବିଷୟବସ୍ତୁକୁ ଓଡ଼ିଆ ଚଳଣି ସହ ଏକାତ୍ମ କରିଦେଇଥିବାରୁ ତାଙ୍କ ଅନୁବାଦ ମୂଳ ରଚନା ପରି ସରସ ଓ ପ୍ରାଣବନ୍ତ ହୋଇପାରିଛି । ମୂଳ ରଚନାର ଚରିତ୍ର ଓ ସ୍ଥାନମାନଙ୍କର ନାମ, ଏପରିକି ରଚନାର ଶୀର୍ଷକକୁ ମଧ୍ୟ ପରିବର୍ତ୍ତନ କରି ସେଇ ରଚନାଗୁଡ଼ିକୁ ସେ ଏକାନ୍ତ ଭାବେ ଓଡ଼ିଆ କରି ଦେଇଛନ୍ତି । କିନ୍ତୁ ତାଙ୍କ ଅନୁବାଦ କୁଶଳତା ଯୋଗୁ ମୂଳରଚୟିତାଙ୍କ ସ୍ୱକୀୟତା ସେଥିରେ ନଷ୍ଟ ହୋଇନାହିଁ ।

ଆହରଣରେ ନିର୍ବାଚନ ପ୍ରୟୋଗ ନୀଳକଣ୍ଠଙ୍କ ଅନୁବାଦର ଅନ୍ୟତମ ବୈଶିଷ୍ଟ୍ୟ । ଅନୁବାଦ ପାଇଁ ସେ ଏପରି ରଚନା ନିର୍ବାଚନ କରିଛନ୍ତି ଯାହା ଆମ ଜାତୀୟ ଚରିତ୍ରର ବିକାଶରେ ସହାୟକ । ବୈଦିକ ମନ୍ତ୍ରଠାରୁ ଆରମ୍ଭ କରି ଟେନିସନ୍, ସେଲି, ଗୋଲଡସ୍ମିଥ୍ ପ୍ରମୁଖଙ୍କ ଆଦର୍ଶ ସାହିତ୍ୟ-କୃତି ଗୁଡ଼ିକୁ ଓଡ଼ିଆ ଭାଷାରେ ରୂପାନ୍ତରିତ କରି ସେ ଓଡ଼ିଆ ପାଠକଙ୍କ ରୁଚିର ବିକାଶରେ ସହାୟକ ହୋଇଛନ୍ତି ।

ଜୀବନ ତଥା ସାହିତ୍ୟରେ ଆହରଣର ବିଧେୟତା ସମ୍ପର୍କରେ ମତଦେଇ ପଣ୍ଡିତ ନୀଳକଣ୍ଠ କହନ୍ତି- "ଆହରଣ ଜୀବନର ଲକ୍ଷଣ । କାଠରେ ଲେପ ଓ ବନକ ଦେଲେ ତା' ମୋଟା, ସୁନ୍ଦର, ଚକ୍‌ଚକ୍ ହୁଏ । ମାତ୍ର ସେଥିରେ କାଠ ବଢ଼େ ନାହିଁ । ସେ ବୃଦ୍ଧି କାଠର ନୁହେଁ । ତାକୁ କାଠର ବିକାଶ ବା ପରିଣାମ ବୋଲି କୁହାଯାଏ ନାହିଁ । ଦେହରେ ଖାଦ୍ୟ ବୋଳିହେଲେ ଦେହ ବଢ଼େନାଇ । ଖାଦ୍ୟର ଆହରଣରେ ଦେହକୁ ବଢ଼ାଇବାକୁ ହୁଏ । ଆହରଣରେ ପୁଣି ଯା'ଇଚ୍ଛା ତାହା ଖାଆନ୍ତି ନାହିଁ । ଯାହା ହଜମ ହୋଇ ଦେହରେ ଲାଗେ, ତାକୁଇ ଖାଆନ୍ତି । ଏଇଠାରେ ଆହରଣରେ ନିର୍ବାଚନ । ଏଇ ଆହରଣ ଓ ଏଇ ନିର୍ବାଚନଇ ଜୀବନ ଓ ବ୍ୟକ୍ତିତ୍ୱର ଲକ୍ଷଣ । ଏଥିରେ ଶ୍ରୀବୃଦ୍ଧି ହୁଏ । xxxx ସଭ୍ୟତା ଓ ସାହିତ୍ୟର ପ୍ରଭାବ ଠିକ୍ ଏଇ ପରି ।" (୧)

(୨) 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' - ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ, ପୃଷ୍ଠା-୬୮ ।

Digitized by PPRACHIN, SOA

ଏଇ ଦୃଷ୍ଟିରୁ ଦେଖିଲେ ପଣ୍ଡିତ ନୀଳକଣ୍ଠ ଅନୁବାଦ କରିବା ପାଇଁ ଯେଉଁ ରଚନାଗୁଡିକ ନିର୍ବାଚନ କରିଛନ୍ତି ତାହାର ଭାବାଦର୍ଶ ଓ ପ୍ରକାଶ ଶୈଳୀରେ ଆମର ପାଠକଗଣ ମୁଗ୍ଧ ହୋଇଛନ୍ତି । ସେଗୁଡିକର ଅନୁବାଦ ଦ୍ୱାରା ସାହିତ୍ୟର ଶ୍ରୀବୃଦ୍ଧି ଘଟିଛି । ପ୍ରକାଶ କାଳ କ୍ରମ ଅନୁସାରେ ନୀଳକଣ୍ଠଙ୍କ ଅନୂଦିତ ରଚନାକୁ ନିମ୍ନୋକ୍ତ ଭାବେ ସଜାଇ ଦିଆଯାଇପାରେ ।

| କାବ୍ୟ | ରଚନାକାଳ | ମୂଳରଚନା |
|---|---|---|
| ପ୍ରଣୟିନୀ | ଫେବୃୟାରୀ, ୧୯୧୯ | The Princess by Lord Tennyson |
| ଦାସ ନାଏକ | ମାର୍ଚ୍ଚ, ୧୯୨୩ | Enoch Arden by Lord Tennyson |
| **କବିତା** | | |
| ବିଧୁ ଓ ବାସନ୍ତୀ | ୧୯୧୧ (ମୁକୁର ୬/୭) | 'Edwin and Angelina' by Oliver Gold Smith |
| ବର୍ଷର ଶେଷ ଗୋଲାପ | ୧୯୧୧ (ଉତ୍କଳ ସାହିତ୍ୟ-୧୫/୭) | 'The Last Rose of Summer' by Thomas Moore |
| ଉପାସନା | ୧୯୧୧ (ଉତ୍କଳ ସାହିତ୍ୟ-୧୫/୮) | ବୈଦିକ ଗ୍ରନ୍ଥଗୁଡ଼ିକର ଶ୍ଳୋକ |
| ଅଶ୍ରୁ | ୧୯୧୬(ମୁକୁର-୧୦/୧୦) | Tears Idle Tears (Tennyson ଙ୍କ The Princess କାବ୍ୟର ୪ର୍ଥ ସର୍ଗରେ ସଂଯୋଜିତ ୨ୟ ସଙ୍ଗୀତ |
| ପ୍ରାଣର ଧ୍ୱନି | ୧୯୧୭ (ସତ୍ୟବାଦୀ-୩/୩-୪) | The Princess କାବ୍ୟର ୪ର୍ଥ ସର୍ଗରେ ସଂଯୋଜିତ ପ୍ରଥମ ସଙ୍ଗୀତ । |
| ପ୍ରେମିକର ଉଲ୍ଲାସ | ୧୯୧୭ (ସତ୍ୟବାଦୀ-୩/୫-୬) | The Princess କାବ୍ୟର ୪ର୍ଥ ସର୍ଗରେ ସ୍ଥାନ ପାଇଥିବା ୨ୟ ସଙ୍ଗୀତ । |
| କବି ଓ କିଚକ | ୧୯୧୭ (ସତ୍ୟବାଦୀ-୩/୭-୮) | 'Poets and Critics' by Alfred Lord Tennyson |

Digitized by PPRACHIN, SOA

| | | |
|---|---|---|
| ଚଷା ପୁଅ ପ୍ରତି | ୧୯୧୧ (ସତ୍ୟବାଦୀ-୫/୩-୪) | Song to the men of England by P. B. Shelley. |

**ପ୍ରବନ୍ଧ**

| | | |
|---|---|---|
| କର୍ମ ବିବେକ ଓ ବ୍ୟବହାର ବିଚକ୍ଷଣତା | ୧୯୧୧ (ସତ୍ୟବାଦୀ-୫/୮-୯) | On Practical Wisdom by Sri Aurther Help |

**ନୀଳକଣ୍ଠଙ୍କ ଅନୁବାଦ-ସାହିତ୍ୟର ମୁଖ୍ୟ ଉତ୍ସ :**

ନୀଳକଣ୍ଠଙ୍କ ଅନୂଦିତ ରଚନାବଳୀର ପୂର୍ବୋକ୍ତ ତାଲିକାରୁ ଜଣାଯାଏ ଯେ, ତାହାର ମୁଖ୍ୟ ଉତ୍ସ ହେଉଛି ଇଂରାଜି ସାହିତ୍ୟର ଭିକ୍ଟୋରିଆ ଯୁଗର ଆଦର୍ଶବାଦୀ କବି ଆଲଫ୍ରେଡ ଲର୍ଡ଼ ଟେନିସନ୍‌ଙ୍କ କାବ୍ୟକବିତା । ପଣ୍ଡିତ ନୀଳକଣ୍ଠ ବହୁ ଇଂରାଜୀ ଗ୍ରନ୍ଥ ଅଧ୍ୟୟନ କରିଥିଲେ ହେଁ ଟେନିସନ୍‌ଙ୍କ କାବ୍ୟକୃତିକୁ ଆଦର୍ଶ ରୂପେ ଗ୍ରହଣ କରିଥିଲେ । ବିଶେଷ କରି ଟେନିସନ୍‌ଙ୍କ The Princess କାବ୍ୟର ଭାବାଦର୍ଶ ଦ୍ୱାରା ସେ ଏପରି ମୁଗ୍ଧ ହୋଇଥିଲେ ଯେ ସେ କାବ୍ୟର ଚତୁର୍ଥ ସର୍ଗରେ ଥିବା ସଙ୍ଗୀତଗୁଡ଼ିକର ଅନୁବାଦ କରି ପ୍ରଥମେ ବିଭିନ୍ନ ପତ୍ରିକାରେ ପ୍ରକାଶ କରିବା ପରେ ସମ୍ପୂର୍ଣ୍ଣ କାବ୍ୟଟିକୁ ଅନୁବାଦ କରି ଓଡ଼ିଆ ପାଠକଙ୍କ ରୁଚିକୁ ମାର୍ଜିତ କରିବା ପାଇଁ ଉଦ୍ୟମ କରିଥିଲେ ।

**ନୀଳକଣ୍ଠ ଓ ଟେନିସନ୍‌ଙ୍କ ଜୀବନଦର୍ଶନ ଓ ଚିନ୍ତାଧାରା ମଧ୍ୟରେ ସାମ୍ୟ :**

ପଣ୍ଡିତ ନୀଳକଣ୍ଠ ଇଂରାଜୀ କବି ଟେନିସନ୍‌ଙ୍କ କାବ୍ୟାଦର୍ଶକୁ ଗ୍ରହଣ କରିବାର ମୁଖ୍ୟ କାରଣ ହେଉଛି, ତାଙ୍କ ଜୀବନଦର୍ଶନ ଓ ଚିନ୍ତାଧାରା ସହ ଟେନିସନ୍‌ଙ୍କ ଜୀବନଦର୍ଶନ ଓ ଚିନ୍ତାଧାରାର ଅନେକ ମେଳ ଥିଲା । କବି ଟେନିସନ୍‌ଙ୍କ ଜନ୍ମ (ଖ୍ରୀ ୧୮୦୯ ଅଗଷ୍ଟ ୬)ର ଠିକ୍ ପଞ୍ଚସ୍ତରୀ ବର୍ଷ ପରେ କବି ନୀଳକଣ୍ଠଙ୍କ ଜନ୍ମ (ଖ୍ରୀ ୧୮୮୪, ଅଗଷ୍ଟ ୫) । କବି ଟେନିସନ୍ ତାଙ୍କ ଦେଶ ତଥା ଜାତିର ଉନ୍ନତି ପାଇଁ ଯାହାସବୁ ପରିକଳ୍ପନା କରିଥିଲେ, ପଞ୍ଚସ୍ତରୀ ବର୍ଷ ପରେ ଓଡ଼ିଶା ତଥା ଓଡ଼ିଆ ଜାତିର ଉନ୍ନତି ପାଇଁ ଅନୁରୂପ ପରିକଳ୍ପନା ନୀଳକଣ୍ଠଙ୍କ ସାହିତ୍ୟରେ ପରିଲକ୍ଷିତ ହେଲା । ଭିକ୍ଟୋରିଆ ଯୁଗର ଚିନ୍ତା ଓ ଚେତନାକୁ ସ୍ୱକୀୟ ରଚନାରେ ପ୍ରତିଫଳିତ କରି ଟେନିସନ ସେ ଯୁଗର ଶ୍ରେଷ୍ଠ ପ୍ରବକ୍ତା ରୂପେ ବିବେଚିତ ହୋଇଥିଲେ । ନୀଳକଣ୍ଠ ମଧ୍ୟ ସ୍ୱରଚନା ଓ ବକ୍ତୃତା ମାଧ୍ୟମରେ ସତ୍ୟବାଦୀ ଯୁଗର ସମସ୍ତ ଚିନ୍ତାଧାରାକୁ ବ୍ୟକ୍ତକରି ସେ ଯୁଗର ସର୍ବଶ୍ରେଷ୍ଠ ପ୍ରତିନିଧି ରୂପେ ସ୍ୱୀକୃତି ଲାଭ କଲେ ।

Digitized by PPRACHIN, SOA

ଇଂରାଜୀ ସାହିତ୍ୟର ଭିକ୍ଟୋରିଆ ଯୁଗ ଓ ଓଡ଼ିଆ ସାହିତ୍ୟର ସତ୍ୟବାଦୀ ଯୁଗର ଆଦର୍ଶ ଏକ ଥିଲା । ଉଭୟ ଯୁଗ-ସାହିତ୍ୟର ଆଭିମୁଖ୍ୟ ଥିଲା ସମାଜର କୁସଂସ୍କାର ଦୂର କରି ନୂତନ ଚିନ୍ତା ଓ ଚେତନା ଦ୍ୱାରା ସମାଜର ସର୍ବାଙ୍ଗୀନ ଉନ୍ନତି ସାଧନ । ଟେନିସନ୍‌ଙ୍କ ପରି ନୀଳକଣ୍ଠ ମଧ୍ୟ ପବିତ୍ରତା ଓ ଚରିତ୍ରବତ୍ତା ଉପରେ ଗୁରୁତ୍ୱ ଦେଉଥିଲେ । ଦୁଇଜଣଙ୍କ ଧର୍ମ ଚେତନା ଆତ୍ମଭାବ ଉପରେ ପ୍ରତିଷ୍ଠିତ ଥିଲା । Tennyson ଙ୍କ

"Self reverence, Self knowledge
Self control;
These three alone lead life to
Sovereign Power"

ଏ ଉକ୍ତି ନୀଳକଣ୍ଠଙ୍କ ପ୍ରାଣରେ ଝଂକୃତ ହେଉଥିଲା । ନାରୀଶିକ୍ଷା ଓ ନାରୀ ଜାତିର ବିକାଶ ପାଇଁ ଉଭୟ କବି ନିଜ ନିଜ କ୍ଷେତ୍ରରେ ଅଗ୍ରଣୀ ଥିଲେ । ଉଭୟ ପୁଣି ସମାନ ଭାବେ ମାନବର ସ୍ୱାଧୀନ ବିକାଶରେ ବିଶ୍ୱାସୀ ଓ ସମାନ ଭାବେ ଉଗ୍ର ଜାତୀୟତାବାଦୀ । ଦୁଇ କବିଙ୍କ ଜୀବନଦର୍ଶନ ଓ ଚିନ୍ତାଧାରା ମଧ୍ୟରେ ଏହି ସୌସାଦୃଶ୍ୟ ଯୋଗୁହିଁ ନୀଳକଣ୍ଠ ଟେନିସନ୍‌ଙ୍କ କାବ୍ୟର ଅନୁବାଦ ପାଇଁ ଅନୁପ୍ରାଣିତ ହୋଇଥିଲେ ।

**'ପ୍ରଣୟିନୀ' - ଏକ ଭାବାନୁବାଦ :**

କଟକ ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିବା ସମୟରେ ପାଠ୍ୟକ୍ରମ-ଅନ୍ତର୍ଭୁକ୍ତ ବିଶ୍ୱବିଖ୍ୟାତ କବି ଟେନିସନ୍‌ଙ୍କ 'The Princess' କାବ୍ୟ ପ୍ରତି ନୀଳକଣ୍ଠ ଆକୃଷ୍ଟ ହୋଇଥିଲେ । ଏ କାବ୍ୟରେ ସେ ନାରୀ ଜାଗରଣର ଯେଉଁ ସୂଚନା ପାଇଥିଲେ, କଲିକତାରେ ଏମ୍. ଏ. ପଢ଼ିବା ସମୟରେ ନାରୀ ଜାଗରଣ ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିବାରୁ, ସେ ବିଷୟରେ ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ଜାତ ହୋଇଥିଲା । ତେଣୁ ଓଡ଼ିଶାରେ ଅନୁରୂପ ଆନ୍ଦୋଳନର କ୍ଷେତ୍ର ପ୍ରସ୍ତୁତି ଲାଗି ଦୂରଦୃଷ୍ଟିସମ୍ପନ୍ନ ନୀଳକଣ୍ଠ ଉକ୍ତ କାବ୍ୟର ଅନୁବାଦ ଆରମ୍ଭ କଲେ । ଏହା ପୂର୍ବରୁ ସେ ନାରୀ ଜାତିର ଜାଗରଣ ଉଦ୍ଦେଶ୍ୟରେ 'ସ୍ତ୍ରୀ ଶିକ୍ଷା' ପ୍ରବନ୍ଧ (ମୁକୁର-୧/୧୦-୧୧ ସଂଖ୍ୟାରେ ପ୍ରକାଶିତ) ଲେଖି ସାରିଥିଲେ । ଏମ୍.ଏ. ପଢ଼ିବା ସମୟରେ ଆରମ୍ଭ କରିଥିବା 'ପ୍ରଣୟିନୀ'କୁ କବି ୧୯୧୯ରେ ପୂର୍ଣ୍ଣାଙ୍ଗ କରି ପ୍ରକାଶ କଲେ ।

'ପ୍ରଣୟିନୀ' 'The Princess' କାବ୍ୟର ଆକ୍ଷରିକ ଅନୁବାଦ ନୁହେଁ । ମୂଳକାବ୍ୟର ଭାବାଦର୍ଶକୁ ଅକ୍ଷୁଣ୍ଣ ରଖି ଅନୁବାଦକ ନୀଳକଣ୍ଠ ତାହାକୁ ଓଡ଼ିଶାର

Digitized by PPRACHIN, SOA

ପରିବେଶ ଓ ପରିସ୍ଥିତି ସହ ଖାପ ଖୁଆଇ ତାହାର ଏକ ଯଥାର୍ଥ ଓଡିଶୀ ସଂସ୍କରଣ 'ପ୍ରଣୟିନୀ' ସୃଷ୍ଟି କରିଛନ୍ତି ।

ଖ୍ରୀ: ୧୮୪୭ରେ ପ୍ରକାଶିତ The Princess କାବ୍ୟକୁ କବି ଟେନିସନ୍ ଏକ 'Medley' ଭାବେ ଅଭିହିତ କରିଛନ୍ତି । 'Medley'ର ଅର୍ଥ ହେଉଛି- "The title of a literary miscellany" କବି ନୀଳକଣ୍ଠ 'Medley'କୁ ''କୌତୁକ କାବ୍ୟ'' ଅର୍ଥରେ ଗ୍ରହଣ କରିଛନ୍ତି । ଏହା ହେଉଛି କାବ୍ୟ ଓ ନାଟକର ଏକ ମଧୁର ସମନ୍ୱୟ । କାବ୍ୟବର୍ଣ୍ଣିତ ବିଷୟ ଏଥିରେ ଅଭିନୟ ମାଧ୍ୟମରେ ପ୍ରକାଶ କରାଯାଇଛି ଏବଂ ମଧ୍ୟେ ମଧ୍ୟେ ସଙ୍ଗୀତ ପରିବେଷିତ ହୋଇଛି । କବିଙ୍କ ଭାଷାରେ କାବ୍ୟର ଉପକ୍ରମଣିକାଟି ଏହିପରି-

''ପରବ ଉସବେ ଏଥି ଅଭିନୟ ରସେ
କଟାଇବା ଦିନ ଆଜି ବାଗ୍‌ଦେବୀ ସେବନେ;
ଫିଟାଇବା ଅଭିନୟେ ରମଣୀ ନାଳନ୍ଦା,
ପ୍ରବେଶେ ପୁରୁଷ ହେବେ, ପ୍ରାଣଦଣ୍ଡ ଭାଗୀ,
ରସିବେ ରମଣୀ ତହିଁ ବିଜ୍ଞାନ ଗରବେ
ନର ଦାସତ୍ୱର ପାଶ ଏଡିବେ କୁମାରୀ ।
x x x x
କଉତୁକ ଅଭିନୟେ, ହେଲା ଏହିପରି
ଅଦ୍‌ଭୁତ ଏ କବିତା କାବ୍ୟ ରଙ୍ଗଛନ୍ଦେ
ବିଚିତ୍ର ଏ କଉତୁକେ, ସେ ସୁଖ ମିଳନେ ।''

(ପ୍ରାରମ୍ଭ ଭାଷଣ-ପ୍ରଣୟିନୀ)

**କାବ୍ୟବର୍ଣ୍ଣିତ ବିଷୟ :**

ବନ୍ଧୁ ପିତା Walter Vivianଙ୍କ ନିମନ୍ତ୍ରଣ କ୍ରମେ କବି ଟେନିସନ୍ ଗ୍ରୀଷ୍ମଋତୁର ଏକ ପାର୍ବଣ ଉସବରେ ବନ୍ଧୁଙ୍କ ଘରକୁ ଯାଇଥିଲେ । ସେଠାରେ ସେ ତାଙ୍କ ବନ୍ଧୁ, ବନ୍ଧୁ-ଭଗ୍ନୀ ଲିଲିଆ ଓ ନିମନ୍ତ୍ରିତ ଅନ୍ୟ ପାଞ୍ଚଜଣ ବନ୍ଧୁଙ୍କ ସହ ମିଳିତ ହୋଇ ପାର୍ବଣ ଉସବକୁ ମୁଖରିତ କରିବା ପାଇଁ ଯେଉଁ ଅଭିନୟ କରିଥିଲେ ତାହାହିଁ 'The Princess' କାବ୍ୟର ବିଷୟବସ୍ତୁ ।

Digitized by PPRACHIN, SOA

ଅଭିନୟଟି ନାରୀ ସ୍ୱାଧୀନତା ଉପରେ ପର୍ଯ୍ୟବସିତ । ପୁରାକାଳରେ ନାରୀଗଣ ଅଖଣ୍ଡ ସ୍ୱାଧୀନତା ଭୋଗ କରି ବୀରାଙ୍ଗନା ରୂପେ ପରିଚିତ ଥିଲେ ହେଁ, ସମୟକ୍ରମେ ସାମାଜିକ କୁସଂସ୍କାରର ବଶୀଭୂତ ହୋଇ ନାରୀ ଜାତି ପୂର୍ବ ସ୍ୱାଧୀନତା ହରାଇ ଥିବାରୁ କବି ଟେନିସନ୍ କ୍ଷୋଭ ପ୍ରକାଶ କରି ଲିଲିଆ ମୁଖରେ କୁହାଇଛନ୍ତି-

"There are thousands now
such women, but convention beats
them down."

(Prologue - 'The Princess')

ନୀଳକଣ୍ଠଙ୍କ ଅନୁବାଦରେ ନାରୀ ଜାତିର ଅଧୋଗତିର କାରଣ କୁମୁଦିନୀ ମୁଖରେ ପ୍ରକାଶ ପାଇଛି-

''ଅହଂକାରୀ ମାନବ ଜଗତେ,
ଅଜ୍ଞାନ ତିମିରେ ରଖି ରମଣୀ ସତତ
ଯାହାଇଚ୍ଛା ଅପଳାପ କରେ ସେ ବିଦ୍ରୁପେ
କାହାର ଏ ଦୋଷ ?''

(ପ୍ରାରମ୍ଭ ଭାଷଣ - 'ପ୍ରଣୟିନୀ')

ଇଂରାଜୀ ସାହିତ୍ୟରେ ଭିକ୍ଟୋରିଆ ଯୁଗ ନବଜାଗରଣର ଯୁଗ ହୋଇଥିବାରୁ ଏ ଯୁଗରେ ଶ୍ରେଷ୍ଠ ବିଦ୍ଧାଣୀ ଟେନିସନ ଚାହିଁଛନ୍ତି ସ୍ୱରଚିତ କାବ୍ୟ ମାଧ୍ୟମରେ ନାରୀ ଜାତିର ଅଭ୍ୟୁଦୟ ଘଟାଇ ସମାଜରେ ନବଚେତନାର ପ୍ରବର୍ତ୍ତନ କରିବାକୁ । କବିଙ୍କର ଏହି ଇଚ୍ଛା ଲିଲିଆର ଉକ୍ତି ମାଧ୍ୟମରେ ପ୍ରକାଶ ପାଇଛି-

"O' I wish,
that I were some great Princess
I would build
Far off from men, a college
like a man's,
And I would teach them all that
Men are taught."

(Prologue - 'The Princess')

ଏହି ଉକ୍ତିର ଭାଷାନ୍ତର କରି ସ୍ୱକୀୟ ଶୈଳୀରେ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି-

''ସତେ ହୋଇଥାନ୍ତି ଯେବେ ନୃପତି ନନ୍ଦିନୀ
ଥାଆନ୍ତା ଶକତି ମମ, ଥାଆନ୍ତା ବିଭବ,

Digitized by PPRACHIN, SOA

କରନ୍ତି ପରାଣ ପଣ, ନାରୀ ଶିକ୍ଷା ଲାଗି
ବସାନ୍ତି ନାଳନ୍ଦା ସମ ମହାବିଦ୍ୟାଳୟ,
ପୁରୁଷର ଛାୟା ତହିଁ ନପଡନ୍ତା ଲବେ,
ପ୍ରାଣଦଣ୍ଡ ଭୟେ ତହୁଁ ଏଡନ୍ତି ପୁରୁଷେ ।''

କବିଙ୍କର ଏ ପରିକଳ୍ପନା କୁମୁଦିନୀ ମୁଖରେ ପ୍ରକାଶ ପାଇଛି । ଏହି ସାଧୁକଳ୍ପନା ଯେ ଦିନେ ବାସ୍ତବରେ ପରିଣତ ହେବ ଏଥିରେ କବି ଆଶାୟୀ ହୋଇ କହନ୍ତି-

''ଚିନ୍ତା ନାହିଁ କୁମୁଦିନୀ ସାଧୁ ଏ କଳ୍ପନା
ହେବ ନାରୀ ରାଜ୍ୟ ବିଶ୍ୱେ, ଆସିବ ସେଦିନ ।''

ଏହା ପରେ ଆରମ୍ଭ ହୋଇଛି ଆଲୋଚ୍ୟ କାବ୍ୟର ଅଭିନୟ । କବି ନିଜେ ଉତ୍ତରାଞ୍ଚଳର ରାଜକୁମାର ଭୂମିକାରେ ଏବଂ ବନ୍ଧୁ-ଭଗ୍ନୀ କୁମୁଦିନୀ (Lilia) ଏକ ପଡୋଶୀ ରାଜ୍ୟର ରାଜକୁମାରୀ (Princess - Ida) ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ସେହି ରାଜକୁମାରଙ୍କ ବାଲ୍ୟାବସ୍ଥାରେ ରାଜକୁମାରୀ (Ida)ଙ୍କ ସହ ବିବାହ ନିର୍ବନ୍ଧ (Proxy-Marriage) ସମାପନ ହୋଇଛି । କବିଙ୍କ ଭାଷାରେ-

''ଆଠ ବରଷର ଶିଶୁ ରାଜଜେମା କେହି
ହେଲେ ସେ ବିବାହେ ମୋର ଭବିଷ୍ୟ ଦୟିତା ।''

(ପ୍ରଣୟିନୀ- ୧ମ ସର୍ଗ/୪୬-୪୭ ପଂକ୍ତି)

ରାଜଜେମାଙ୍କର ବିବାହଯୋଗ୍ୟ ବୟସ ହେବାରୁ ଉତ୍ତରାଞ୍ଚଳର ରାଜା ବୋହୂକୁ ଘରକୁ ଆଣିବା ପାଇଁ ଗୋମରାଜାଙ୍କ ପାଖକୁ ନାନାଦି ଉପହାର ସହ ଦୂତ ପଠାଇଲେ । ମାତ୍ର ରାଜକନ୍ୟା ବିବାହ ନକରିବାକୁ ସଂକଳ୍ପବଦ୍ଧା । ନାରୀସୁଲଭ ପ୍ରେମକୁ ସେ ଯୌବନର ଅବାଧ ଭାଷଣ ରୂପେ ପରିତ୍ୟାଗ କରିଛନ୍ତି । ତେଣୁ ବାଲ୍ୟକାଳର ବିବାହ-ବାକ୍ୟ-ଦାନକୁ ସେ ଅସ୍ୱୀକାର କରିଛନ୍ତି । ରାଜଜେମାନଙ୍କର ଏହି ମନୋଭାବ କବି ନୀଳକଣ୍ଠଙ୍କ ଅନୁବାଦରେ ସୁନ୍ଦର ରୂପେ ଲାଭ କରିଛି-

''କି ପ୍ରେମ ସେ ? ଯୌବନର ଅବାଧ ଭାଷଣ
ଶୈଶବର ବାକ୍ୟ-ଦାନ ସଂବଳଟି ତହିଁ
କିଅବା ସେ ବାକ୍ୟ-ଦାନ ? ଜାଣିବି କିପରି
କି ଅଛି ତହିଁରେ ? ମୁହିଁ କରିଛି କି ତାହା ?''

(ପ୍ରଣୟିନୀ- ୫ମ ସର୍ଗ/୬୩୨-୩୫ ପଂକ୍ତି)

Digitized by PPRACHIN, SOA

ରାଜଜେମା (Ida) ମତି (Lady Psyche) ଓ ମହାଶ୍ୱେତା (Lady Blanche)ଙ୍କ ସହାୟତାରେ ନାରୀଜାତିକୁ ପୁରୁଷଙ୍କ ସମକକ୍ଷ କରିବା ଉଦ୍ଦେଶ୍ୟ ନେଇ ଏକ ନାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି । ଏହି ବିଶ୍ୱବିଦ୍ୟାଳୟର ପ୍ରବେଶ ଦ୍ୱାରରେ ଉଲ୍ଲେଖ ଅଛି- "Let no man enter in on pain of death" ସେଠାରେ ପୁରୁଷଙ୍କ ପ୍ରବେଶ ନିଷେଧ ଦେଖି ରାଜକୁମାର ନିଜର ଅନ୍ତରଙ୍ଗବନ୍ଧୁ ପାରିଜାତ (Florian) ଏବଂ ରତ୍ନଧ୍ୱଜ (Cyril)ଙ୍କ ସହ ଛଦ୍ମବେଶରେ ଯାଇଛନ୍ତି ରାଜକୁମାରୀଙ୍କ ଗତିବିଧି ଲକ୍ଷ୍ୟ କରିବା ପାଇଁ । "ଉତ୍ତର ପ୍ରଦେଶବାସୀ ତିନୋଟି ମହିଳା" (Three ladies of the Northen Empire) ଭାବେ ସେମାନେ ନିଜର ପରିଚୟ ଦେଇଛନ୍ତି ଏବଂ ନାରୀ ବିଶ୍ୱବିଦ୍ୟାଳୟରେ ରହିବା ପାଇଁ ସେମାନଙ୍କୁ ନିମ୍ନୋକ୍ତ ଚୁକ୍ତିରେ ଆବଦ୍ଧ ହେବାକୁ ପଡିଛି ।

"ନ ଦେବାକୁ ତିନିବର୍ଷ ଚିଠି ପତ୍ର ଘରେ
ତିନିବର୍ଷ ନ ଯିବାକୁ ସେ ଭୂମି ବରଜି
ପୁରୁଷେ ନ କହିବାକୁ ତିନିବର୍ଷ କଥା ।"

(ପ୍ରଣୟିନୀ- ୨ୟ ସର୍ଗ/୮୧-୮୨ ପଂକ୍ତି)

ରାଜକୁମାର ଏବଂ ତାଙ୍କ ବନ୍ଧୁ ଦ୍ୱୟଙ୍କ ଛଦ୍ମବେଶ କିନ୍ତୁ ବେଶିଦିନ ଅପ୍ରକାଶ୍ୟ ରହିପାରିନାହିଁ । ଗୋମରାଜାଙ୍କନିକଟରୁ ରାଜଜେମାଙ୍କ ପାଖକୁ ଆସିଥିବା ପତ୍ରରୁ ସେହି ଛଦ୍ମ ପରିଚୟ ପ୍ରକାଶ ପାଇଛି । ରାଜକୁମାରଙ୍କ ଛଦ୍ମବେଶ କଥା ଅବଗତ ହେବା ପରେ ରାଜକୁମାରୀ ପ୍ରଚଣ୍ଡ ରାଗରେ ତାଙ୍କୁ ଭର୍ତ୍ସନା କରିଛନ୍ତି । କବି ଟେନିସ୍‌ଙ୍କ ଭାଷାରେ-

"Yours falsehood and yourself
are hateful to us !
I trample on your offers and on you !
Begone ! we will not look upon you more.
Here, push them out at gates."

(The Princess - Canto-IV)

ଏହାର ଭାଷାନ୍ତର କରି ନୀଳକଣ୍ଠ ଲେଖିଛନ୍ତି-

"ନିଜେ ତୁମ୍ଭେ ମହାଭାଗ । ପ୍ରବଞ୍ଚନା ତବ
ଜାଳଇ ଜୁଗୁପ୍‌ସା ମମ; ଦଳି ପଦତଳେ

Digitized by PPRACHIN, SOA

ପୀରତି - ସୋହାଗ ତବ, ସଂତୋଷ ଏ ପ୍ରାଣେ
ଯାଅ ଏଥୁଁ, ତବ ମୁଖ ନ ଚାହିଁବୁ ଆଉ ।
ଏହିତ; ଏହାକୁ ଧରି, ଦେଇ ଅର୍ଦ୍ଧଚନ୍ଦ୍ର
ତଡିଦିଅ ବହିର୍ଦ୍ଵାରେ ।''

(ପ୍ରଣୟିନୀ-୪ର୍ଥ ସର୍ଗ - ୯୦୫ ରୁ ୯୧୦ ପଂକ୍ତି)

ଏଠାରେ ଅନୁବାଦକ ସୋହାଗ, ପ୍ରବଞ୍ଚନା, ଅର୍ଦ୍ଧଚନ୍ଦ୍ର ଆଦି ଲୋକକଥିତ ଓଡ଼ିଆ ଶବ୍ଦ ପ୍ରୟୋଗପୂର୍ବକ ଓଡିଆ ଭାଷାର ବୈଶିଷ୍ଟ୍ୟ ରକ୍ଷା କରିଛନ୍ତି ।

ରାଜକୁମାର ତାଙ୍କ ପିତାଙ୍କୁ ଯୁଦ୍ଧରୁ ନିବୃତ୍ତ ହେବା ପାଇଁ ଅନୁରୋଧ କରିଥିଲେ ହେଁ ରାଜକୁମାରୀ ତାଙ୍କ ସଂକଳ୍ପରେ ଅଟଳ ରହିବାରୁ ନିଷତ୍ତି ଦ୍ଵନ୍ଦ୍ଵ ହୋଇଛି । ରାଜକୁମାରୀ ତାଙ୍କ ଭାଇ ଅରୁଣ (Arac) ଙ୍କୁ ନିୟମ କରାଇଛନ୍ତି ତାଙ୍କ ସପକ୍ଷରେ ଯୁଦ୍ଧ କରିବା ପାଇଁ । ଅରୁଣଙ୍କ ଚାପଲ୍ୟପୂର୍ଣ୍ଣ ଉକ୍ତି-

''ଯୋଗ୍ୟେନ ଯୁଜ୍ୟତେ ଯୋଗ୍ୟଂ;
ନାରୀ-ବେଶ ତଳେ ନାରୀ-ହୃଦରହେସିନା''-

(ପ୍ରଣୟିନୀ-୫ମ ସର୍ଗ, ୪୯୪-୯୫ ପଂକ୍ତି)

ଏହି ଚାପଲ୍ୟ ରାଜକୁମାରଙ୍କୁ ପ୍ରବୃତ୍ତ କରିଛି ଯୁଦ୍ଧ କରିବା ଲାଗି । ତାଙ୍କ ବୃଦ୍ଧ ପିତା ମଧ୍ୟ ତାଙ୍କୁ ସମର୍ଥନ ଜଣାଇ ଯୁଦ୍ଧରେ ଯୋଗଦେଇଛନ୍ତି । ଦୁଇ ପକ୍ଷର ପଚାଶ ଜଣ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟିଛି । ରାଜକୁମାରୀ ବିଜୟିନୀ ହୋଇଛନ୍ତି । ମାତ୍ର ଭାଇ ଅରୁଣ ଓ ରାଜକୁମାରଙ୍କୁ କ୍ଷତ ବିକ୍ଷତ ହେବାର ଦେଖି ତାଙ୍କର ଲୁହାପରି କଠିନ ହୃଦୟ ନାରୀସୁଲଭ କୋମଳତାରେ ପୂର୍ଣ୍ଣ ହୋଇଛି । ଟେନିସନ୍ ଏହି ପରିବର୍ତ୍ତନକୁ ରୂପଦେଇ ଲେଖିଛନ୍ତି-

"Her iron will was broken
in her mind
Her noble heart was molten
in breast."

(The Princess-Canto VI)

Digitized by PPRACHIN, SOA

ଭାଷାନ୍ତରରେ ନୀଳକଣ୍ଠ ଲେଖିଲେ-

''ଆୟାସ-ମାନସ ତା'ର ଭାଙ୍ଗି ମଡ ମଡ଼
ପଡିଲା ହୃଦପିଣ୍ଡ ପରେ, ଦୃଢ଼ ଆବରଣ
ହୃଦୟର ଗଲାତୁଟି, ତରଳ-କୋମଳ-
ଭାବ ବିକାଶିଲା ମୁଖେ, ଅନ୍ତରେ ବାହାରେ ।'

(ପ୍ରଣୟିନୀ- ୬ଷ୍ଠ ସର୍ଗ-୧୪୯-୧୫୨ ପଂକ୍ତି)

ରାଜକୁମାରୀଙ୍କ ସିଂହ-ବିକ୍ରମ ଭାଙ୍ଗି ପଡ଼ିବା ଦେଖି କବି Tennyson Cyrilଙ୍କ ମୁଖରେ ପ୍ରକୃତି ଓ ପ୍ରେମ ଯେ ସିଂହଠାରୁ ଆହୁରି ପରାକ୍ରମୀ ତାହା ସୂଚାଇଛନ୍ତି-

"But Love and Nature, these are
two more terrible and stronger."

(The Princess-Canto VI)

ନୀଳକଣ୍ଠଙ୍କ ଭାଷାରେ-

''କିନ୍ତୁ ଏ ଜଗତେ
ହର୍ଯ୍ୟକ୍ଷ - ବିକ୍ରମ ବଳି ଭୀମ ଦୃଢ଼ତର
ପ୍ରକୃତି, ପ୍ରେମର ବଳ, ଅରୋଧ୍ୟ, ଅଲଂଘ୍ୟ'' ।

(ପ୍ରଣୟିନୀ-୬ଷ୍ଠ ସର୍ଗ - ୨୨୪-୨୨୫ ପଂକ୍ତି)

ଜ୍ଞାନ ଗର୍ବରେ ରାଜକୁମାରୀ ଯେଉଁ ଭୁଲ କରିଥିଲେ ତାହା ବୁଝିପାରି ଅନୁତାପ କରିଛନ୍ତି । ତାଙ୍କ ମୁଖରେ କବି Tennyson କୁହାଇଛନ୍ତି-

"Ah ! fool and made myself a Queen of farce !
When comes another such ?
Never, I think." (The Princess-Canto-VII)

ନୀଳକଣ୍ଠଙ୍କ ଭାଷାରେ ଏହାଥିଲା ଯଥାର୍ଥରେ ଏକ ନାରୀ-ତାଣ୍ଡବ ।

''ନିର୍ବୋଧ ବାଳିକା ! ସତେ କି ନିର୍ବୋଧ ମୁହିଁ !
ପ୍ରହସନେ ରାଣୀ ସାଜିଥିଲି ଏତେ କାଳ ।
ଦେଖିବିକି ଭବେ ଆଉ ଦ୍ୱିତୀୟ ମୋହରି ?
ହେବାଯାଏ ଦିବାକର ତୁହିନ-ଶୀତଳ
ନଦେଖିବ କେହି ଏହା; ଏ ନାରୀ-ତାଣ୍ଡବ ।''

Digitized by PPRACHIN, SOA

ସଂସାରରେ ନାରୀ-ପୁରୁଷଙ୍କ ସମ୍ପର୍କ ଅବିଚ୍ଛେଦ୍ୟ । ଜଣଙ୍କର ଅବନତି ବା ଉନ୍ନତିରେ ଅପର ଭାଗୀଦାର ହେବାକୁ ବାଧ୍ୟ । ଏହି ସାଂସାରିକ ନିୟମ କବି ଟେନିସନ୍ ରାଜକୁମାରଙ୍କ ମୁଖରେ ଘୋଷଣା କରିଛନ୍ତି :

The woman's cause is man's
They rise or sink
Together, dwarfed or God like, bond or free."

(The Princess-Canto-VII)

କବି ନୀଳକଣ୍ଠଙ୍କ ଲେଖନୀରେ ଏ ଉକ୍ତି ଅଧିକ ପ୍ରାଞ୍ଜଳ ହୋଇଛି-

"ରମଣୀର ଲକ୍ଷ୍ୟ
ସାଧିବେ ପୁରୁଷେ, ଯାହା ନାରୀ ପ୍ରୟୋଜନ,
ନୁହେଁ କି ପୁରୁଷର ? ଏକ ସଙ୍ଗେ ମିଶି
ରମଣୀ ପୁରୁଷେ ଭବେ ପଡ଼ିବେ ଉଠିବେ
ଏକା ତୁଳାଦଣ୍ଡେ । ଯେବେ ଲଭିବେ ରମଣୀ
ଅବନତ ହେବ ନରେ । ରମଣୀ ମହିମା
କରିବେ ପୁରୁଷେ ବଡ ।"

(ପ୍ରଣୟିନୀ- ୭ମ ସର୍ଗ - ୩୭୫-୩୮୧ ପଂକ୍ତି)

କବି ଟେନିସନ୍‌ଙ୍କ ଯୁକ୍ତିରେ ନାରୀ ପୁରୁଷ ସମାନ ନୁହନ୍ତି, କିନ୍ତୁ ଜଣେ ଅପରର ପରିପୂରକ । ନାରୀ ପୁରୁଷଙ୍କର ଏହି ସ୍ୱାତନ୍ତ୍ର୍ୟ ତଥା ବୈଷମ୍ୟରେ ହିଁ ଜଗତର ସାମ୍ୟ ପ୍ରତିଷ୍ଠିତ । ସେ ତେଣୁ କହନ୍ତି-

"Could we make her as the man,
Sweet Love were slain,
His dearest bond is this,
Not like to like, but like in difference."

(The Princess, Canto-VII)

ନାରୀ-ପୁରୁଷଙ୍କ ସମ୍ପର୍କ ସମ୍ବନ୍ଧରେ କବି ଟେନିସନ୍‌ଙ୍କର ଏହି ଉପଯୁକ୍ତ ଧାରଣା ନୀଳକଣ୍ଠଙ୍କୁ ପ୍ରଣୋଦିତ କରିଥିଲା କାବ୍ୟଟିର ଭାଷାନ୍ତର କରିବା ପାଇଁ । ନୀଳକଣ୍ଠଙ୍କ ମତରେ ସମାଜରେ ନରନାରୀ ସମାନ ହେବା ଏକ ବିଡ଼ମ୍ବନା । କିନ୍ତୁ ଏକର ଅଭାବରେ

Digitized by PPRACHIN, SOA

ଅପରର ବିକାଶ ଅପୂର୍ଣ୍ଣ । ତାଙ୍କ ମନୋଜ୍ଞ ଭାଷାରେ-

> ''ନାରୀ ନୁହେଁ ଭବେ ଅର୍ଦ୍ଧ-ବିକଶିତ-ନର
> ବିପରୀତ ବିଭାବେ ସେ ଦୁହେଁ ଦୁହିଁଙ୍କର
> x x x
> ପ୍ରେମର ବନ୍ଧନ ନୁହେଁ ସମାନେ ସମାନେ
> ବିଷମ-ମିଳନେ ପ୍ରେମେ ଉପୁଜଇ ସମ ।''

(ପ୍ରଣୟିନୀ-୭ମ ସର୍ଗ)

ନାରୀ ଓ ପୁରୁଷଙ୍କ ସହଯୋଗରେ ହିଁ ଦୁହିଁଙ୍କର ଜୀବନ ପରିପୂର୍ଣ୍ଣ ହୋଇପାରିବ । ଏହି ଜୀବନ ଦର୍ଶନକୁ ରୂପଦେଇ କବି ନୀଳକଣ୍ଠ ଓଡିଶାରେ ନାରୀ ଜାଗରଣର ପଥ ଉନ୍ମୋଚନ କରିଛନ୍ତି ।

**ଅନୁବାଦରେ ନୀଳକଣ୍ଠଙ୍କ ସ୍ୱକୀୟତା :**

ଇଂରାଜୀ କବି ଟେନିସନ ଇଂଲଣ୍ଡର ଚଳଣି, ପରଂପରା, ଓ ଭୌଗୋଳିକ ପରିବେଶକୁ ନେଇ କାବ୍ୟ ରଚନା କରିଛନ୍ତି । ଓଡିଆ ପାଠକମାନେ ସେ ସବୁ ସହ ପରିଚିତ ନୁହଁନ୍ତି । ଏ କଥା ହୃଦୟଙ୍ଗମ କରି ପଣ୍ଡିତ ନୀଳକଣ୍ଠ 'The Princess' କାବ୍ୟର ଅନୁବାଦ ସମୟରେ ଆମ ଦେଶର ଚଳଣି, ପରଂପରା ଓ ଭୌଗୋଳିକ ପରିବେଶ ପ୍ରତି ଯଥାସମ୍ଭବ ଦୃଷ୍ଟି ଦେଇଛନ୍ତି । ଫଳରେ ତାଙ୍କ ଅନୂଦିତ କାବ୍ୟ ସ୍ୱକୀୟ ସୃଷ୍ଟି ପରି ପାଠକଙ୍କ ହୃଦୟସ୍ପର୍ଶୀ ହୋଇପାରିଛି ।

**ପରିବେଶରେ ସ୍ୱାତନ୍ତ୍ର୍ୟ :**

ଇଂଲଣ୍ଡ ଶୀତ ପ୍ରଧାନଦେଶ ହୋଇଥିବାରୁ ସେଠାରେ ଗ୍ରୀଷ୍ମଋତୁ ବର୍ଷର ଶ୍ରେଷ୍ଠ ସମୟ । ଏହି ସମୟରେ ସେଠାରେ ଶୀତ କମିଯାଇଥାଏ, ବରଫ ତରଳି ନାନା ପ୍ରକାରର ଫୁଲ ଫୁଟି ପ୍ରକୃତି ବୈଚିତ୍ର୍ୟମୟ ଦେଖାଯାଏ । ଏହି ପ୍ରକୃତିକୁ ଉପଭୋଗ କରିବା ପାଇଁ ସେ ଦେଶର ଅଧିବାସୀ ଗ୍ରୀଷ୍ମଋତୁରେ ଉତ୍ସବ ପାଳନ କରିଥାନ୍ତି । ଆମ ଦେଶରେ କିନ୍ତୁ ଶରତ ଋତୁ ହିଁ ପର୍ବପର୍ବାଣିର ଆନନ୍ଦ ଉଲ୍ଲାସର ସମୟ । ଏହି ଋତୁରେ ବର୍ଷା ଛାଡିଯାଇ ଆକାଶ ନିର୍ମଳ ଥାଏ । ବିମଳ ଚନ୍ଦ୍ର ଜ୍ୟୋସ୍ନାରେ ଧରଣୀ ରାଣୀ ପରିପ୍ଲାବିତ ହୁଏ । ଖେତଭରା ଶସ୍ୟ ଦେଖି ଲୋକମାନେ ଆଗାମୀ ସୁଖର ପରିକଳ୍ପନା କରନ୍ତି ଓ ଖୁସି ମନରେ ବହୁ ପର୍ବପର୍ବାଣିର ଆୟୋଜନ କରନ୍ତି । ତେଣୁ ଟେନିସନ୍‌ଙ୍କ 'In a Summer's day' କୁ କବି ନୀଳକଣ୍ଠ ଯୁକ୍ତିସଂଗତ ଭାବେ ''ଶାରଦ ପ୍ରଭାତେ ଦିନେ ପାର୍ବଣ ଉତ୍ସବେ''ରେ ଭାଷାନ୍ତରିତ କରିଛନ୍ତି ।

Digitized by PPRACHIN, SOA

ଇଂଲଣ୍ଡରେ ନୀଳ ଆଖି ଏବଂ ମେ' ମାସର ପ୍ରାରମ୍ଭ ସୌନ୍ଦର୍ଯ୍ୟର ପ୍ରତୀକ । ତେଣୁ ରାଜକୁମାରଙ୍କ ରୂପ ବର୍ଣ୍ଣନା ପ୍ରସଙ୍ଗରେ ଟେନିସନ୍ ଲେଖିଛନ୍ତି-

"A Prince I was, blue eyed, and fair in face
Of temper amorous, as the first of May"

(The Princess - 1st Canto)

ଆମ ଦେଶରେ କିନ୍ତୁ ଶରତ ଋତୁର ଚନ୍ଦ୍ର, ବସନ୍ତ ଋତୁ ହେଉଛି ସୌନ୍ଦର୍ଯ୍ୟର ପ୍ରତୀକ । ତେଣୁ ନୀଳକଣ୍ଠ ରାଜକୁମାରଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନା ସମୟରେ ଉପମା ଦେଇଛନ୍ତି -

''ବିମଳ ଲୋଚନ
ଶରଦିଂଦୁ-ରୁଚିତନୁ, ସ୍ୱଭାବେ କିପରି
ଥିଲା ମୋ ପରାଣ ସଦା ପ୍ରେମ-ପିପାସିତ;
ମଧୁ ସମାଗମେ ସାରା ଚରାଚର ଯଥା ।''

(ପ୍ରଣୟିନୀ- ପ୍ରଥମ ସର୍ଗ- ୩ ରୁ ୫ ପଂକ୍ତି)

**କାବ୍ୟର ନାମକରଣରେ ସ୍ୱାତନ୍ତ୍ର୍ୟ :**

କବି ନୀଳକଣ୍ଠ The Princess କାବ୍ୟ ଶେଷରେ ରାଜଜେମା Idaଙ୍କ ଚରିତ୍ରର କଠୋର ଆବରଣ ତଳେ ଏକ ପ୍ରଣୟିନୀର ସ୍ନିଗ୍ଧ, କୋମଳ, ସହାନୁଭୂତିଶୀଳ ହୃଦୟର ଅବତାରଣା କରାଯାଇଥିବା ଲକ୍ଷ୍ୟ କରି ସ୍ୱ ଅନୂଦିତ କାବ୍ୟର ନାମ 'ପ୍ରଣୟିନୀ' ରଖିଛନ୍ତି ।

The Princess କାବ୍ୟରେ ରାଜକୁମାରୀ Idaଙ୍କ ନାରୀସୁଲଭ ଉଦାର ହୃଦୟର ପରିଚୟ ପାଇବା ପରେ ରାଜକୁମାର ତାଙ୍କୁ ପତ୍ନୀରୂପେ ସମ୍ବୋଧନ କରି ଦୁହେଁ ଏକତ୍ର ଲକ୍ଷ୍ୟପଥରେ ଅଗ୍ରସର ହେବା ପାଇଁ ବିନୀତ ଆହ୍ୱାନ କରିଛନ୍ତି ।

"My bride, my wife, my life
O we will walk this world
Yoked in all exercise of nobel end."

(Canto-VII)

Digitized by PPRACHIN, SOA

ନୀଳକଣ୍ଠଙ୍କ ଭାଷାରେ :

''ପ୍ରଣୟିନୀ, ପ୍ରେୟସିରେ, ପ୍ରାଣର ଦୟିତା
ଜୀବନ୍ତୁ ଜୀବନ ମମ, ଭ୍ରମିବା ସଂସାରେ
ଏକ-ମହାଲକ୍ଷ୍ୟେ ଦୁହେଁ, ଯୁଗଳ-କରମୀ''

(ପ୍ରଣୟିନୀ- ୭ମ ସର୍ଗ- ୫୪୧-୪୩)

ପୁରୁଷ ମୁଖ ନ ଦେଖିବା ପାଇଁ ସଂକଳ୍ପବଦ୍ଧା ରାଜଜେମା ରାଜପୁତ୍ରର ପ୍ରେୟସୀ ଓ ପ୍ରଣୟିନୀ ରୂପେ ସ୍ୱୀକୃତ ହୋଇଥିବାରୁ କାବ୍ୟର ନାମ 'ପ୍ରଣୟିନୀ' ରଖିବାକୁ ନୀଳକଣ୍ଠ ଅଧିକ ଯୁକ୍ତିସଙ୍ଗତ ମନେ କରିଛନ୍ତି ।

କେବଳ କାବ୍ୟର ନାମରକଣ ନୁହେଁ, The Princes କାବ୍ୟ-ବର୍ଣ୍ଣିତ ଚରିତ୍ରମାନଙ୍କ ନାମକୁ ମଧ୍ୟ ପରିବର୍ତ୍ତିତ କରି କବି ନୀଳକଣ୍ଠ 'ପ୍ରଣୟିନୀ' କାବ୍ୟକୁ ଓଡ଼ିଆ ପାଠକଙ୍କ ନିଜସ୍ୱ କରିବାକୁ ଚାହିଁଛନ୍ତି । କବି Tennyson ସ୍ୱକୀୟ କାବ୍ୟରେ ରାଜକୁମାରଙ୍କ କୌଣସି ନାମ ନଦେଇ ରାଜକୁମାରୀଙ୍କ ନାମ Ida ରଖିଛନ୍ତି । ମାତ୍ର ନୀଳକଣ୍ଠ ଏ ଦୁଇ ଚରିତ୍ର ମଧ୍ୟରେ ନାମଗତ ସଂଗତି ରକ୍ଷା ଲାଗି ରାଜକୁମାରୀଙ୍କର ମଧ୍ୟ କୌଣସି ନାମ ରଖି ନାହାନ୍ତି । ଏହା ବ୍ୟତୀତ ଅନ୍ୟ ଚରିତ୍ରମାନଙ୍କ ନାମ ମଧ୍ୟ ନିମ୍ନୋକ୍ତ ଭାବେ ବଦଳାଇ ଦେଇ ସେମାନଙ୍କୁ ଓଡ଼ିଆ ପାଠକଙ୍କ ନିକଟବର୍ତ୍ତୀ କରି ଦେଇଛନ୍ତି । ଯେପରି-

Cyril ହୋଇଛି ରତ୍ନଧ୍ୱଜ, Florian-ପାରିଜାତ, Gama-ଗୋମରାଜା, Lady Psyche -ମତି, Lady Blanche -ମହାଶ୍ୱେତା, Melissa -ମଧୁମତି, Arac -ଅରୁଣ । ସେ ପୁଣି University for maidens କୁ 'ରମଣୀ ନାଳନ୍ଦା' କହି ଭାରତରେ ପ୍ରସିଦ୍ଧି ଲାଭ କରିଥିବା ନାଳନ୍ଦା ବିଶ୍ୱବିଦ୍ୟାଳୟ ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କବି ଯେପରି ଭାବେ ଇଂରାଜୀ ନାମ ସହ ସାମ୍ୟ ରଖି ଓଡ଼ିଆ ନାମଗୁଡ଼ିକ ବାଛିଛନ୍ତି ତାହା ତାଙ୍କ ଭାଷାଜ୍ଞାନର ପରିଚୟ ଦିଏ ।

ପଣ୍ଡିତ ନୀଳକଣ୍ଠ ରାଜକୁମାରୀଙ୍କ ମୁଖରେ ଭାରତ ଇତିହାସରେ ଖ୍ୟାତି ଅର୍ଜନ କରିଥିବା ନାରୀମାନଙ୍କୁ ଟେନିସନ୍-ବର୍ଣ୍ଣିତ ପୃଥିବୀ ପ୍ରସିଦ୍ଧ ନାରୀମାନଙ୍କ ସମକକ୍ଷ କରାଇ ସ୍ୱଜାତୀୟ ଚେତନାର ପରିଚୟ ଦେବା ସହ ଆମଦେଶରେ ନାରୀ ଜାଗରଣ ଲାଗି ପରୋକ୍ଷରେ ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି ।

''ଗାର୍ଗୀସମା ଏ ରମଣୀ, ଶିଖାଇଲେ ଯେହୁ
ସାବିନି-ନୃପତି ବରେ ଶୁଦ୍ଧ ରାଜନୀତି;

Digitized by PPRACHIN, SOA

ଅବା ସାଧ୍ୱୁ ସାମିରମା, ବସାଇ ଯେ ଥିଲେ
ସେ ନଗର ଆଦିଯୁଗେ, ବାବିଲନ୍ ନାମେ;
ଇରାଣୀ ଅରାତି ମିଶା, ରଣେ ଚଣ୍ଡୀ ରୂପା
ପୀରାମିଡ୍ କର୍ତ୍ତ୍ରୀଦେବୀ ପ୍ରାଚୀନ ମିଶରେ;
ଖନାସମ ଗୁଣବତୀ ଏହି କର୍ଣ୍ଣେଲିଆ,
ସମ୍ରାଟ ରେଜିଆ ସରି ଏହି ସେ କ୍ଲେଲିଆ'' ।

(ପ୍ରଣୟିନୀ- ୨ୟ ସର୍ଗ- ୯୬-୧୦୭ ପଂକ୍ତି)

କବି ଟେନିସନ୍ ରାଜକୁମାରୀ Idaଙ୍କ ପ୍ରତିଷ୍ଠିତ ନାରୀ ବିଶ୍ୱବିଦ୍ୟାଳୟରେ ଛ'ଶହ ନାରୀ ଥିବାର ଉଲ୍ଲେଖ କରିଛନ୍ତି ।

"Six hundred maidens clad in
purest white" (Canto-II)

କିନ୍ତୁ ଆମ ଚଳଣିରେ ଛ' ସଂଖ୍ୟାଟି ଅଶୁଭସୂଚକ ଥିବାରୁ ନୀଳକଣ୍ଠ ଭାଷାନ୍ତରରେ ଲେଖିଲେ-

''ସପ୍ତଶତ ରମଣୀ ସେ ଶୁଭ୍ରଛଦେ ତୋରା''

(୨ୟ ସର୍ଗ - ୭୧୩ ପଂକ୍ତି)

'The Princess' କାବ୍ୟରେ ରାଜକୁମାର ଛଦ୍ମନାରୀ ଭାବେ ରାଜକୁମାରୀଙ୍କ ନିକଟରୁ ପତ୍ର ଲେଖିବା ବେଳେ ତାଙ୍କ ଅକ୍ଷରର ଉପମା ଦେଇ ଟେନିସନ୍ ଲେଖିଛନ୍ତି-

"In such a hand as when a field of corn
Bows all its ears before the roaring East."

(Canto-I)

କିନ୍ତୁ ଏ ଉପମା ସୁବର୍ତ୍ତୁଳ ଓଡିଆ ଅକ୍ଷର ପ୍ରତି ପ୍ରଯୁଜ୍ୟ ନ ହେବାରୁ ନୀଳକଣ୍ଠ ସଂସ୍କୃତ ଅକ୍ଷର ନିୟମକୁ ଅନୁସରଣ କରି ଲେଖିଛନ୍ତି-

''ଲେଖିଲି ରମଣୀ ପରି ରୁଚିର ଅକ୍ଷରେ
ସମ-ସମଶୀର୍ଷ-ଘନ-ବିରଳ-ଲେଖନେ ।''

(ପ୍ରଣୟିନୀ- ୧ମ ସର୍ଗ - ୩୩୧-୩୨ ପଂକ୍ତି)

ପାଦଟୀକାରେ କବି ଏହି ଅକ୍ଷର ନିୟମ ଦର୍ଶାଇଛନ୍ତି- ''ସମାନି ସମଶୀର୍ଷାଣି ଘନାନି ବିରଳାନିଚ''- ଅର୍ଥାତ୍ ଅକ୍ଷର ମାନେ ସମାନ ହେବେ । ଏମାନଙ୍କ ଉପରେ

Digitized by PPRACHIN, SOA

ଏକ ରେଖ ହୋଇଥିବ । ଅକ୍ଷର ପାଖେ ଅକ୍ଷର ଲାଗିଥିବ । ଅଥଚ ପ୍ରତିପଦ ଯଥାବିଧି ବିରଳ ବା ପୃଥକ ହୋଇଥିବ ।

**ନୀଳକଣ୍ଠଙ୍କ ଅନୁବାଦରେ ଜାତୀୟତାବୋଧ :**

ନୀଳକଣ୍ଠ ଜାତିପ୍ରାଣ କବି । ତାଙ୍କର ସମସ୍ତ ରଚନା ଜାତୀୟ ବିଭବର ବର୍ଣ୍ଣନାରେ ଗରୀୟାନ । ଇଂରାଜୀ କାବ୍ୟାନୁବାଦ ସମୟରେ ମଧ୍ୟ ସେ ଉପଯୁକ୍ତ ସ୍ଥଳରେ ଭାରତ ତଥା ଉତ୍କଳର ଅତୀତ ବିଭବର ସୂଚନା ଦେଇ ସ୍ୱଦେଶପ୍ରୀତିର ପରିଚୟ ଦେଇଛନ୍ତି । ଟେନିସନ୍‌ଙ୍କ "Let the past be past" ଉକ୍ତିର ଅନୁବାଦ ସମୟରେ କବି ନୀଳକଣ୍ଠ ଆମ ଦେଶର ଅତୀତ ଗୌରବ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।-

"ଅତୀତ ଅତୀତ ସଦା କି ଫଳ ତହିଁରେ ?
ଭାଳି ଭାଳି କି ହେବ ହେ ସେ ମଥୁରା ଷିରୀ,
ସ୍ୱର୍ଣ୍ଣମୟ ଲଙ୍କାପୁର, ରଘୁଗରବିଣୀ
ସେ ଅଯୋଧ୍ୟା, ସରଯୂର ବିମଳ ମୁକୁରେ
ପ୍ରତିବିମ୍ବେ ନାଚୁଥିଲା ଗରବେ ସେ ପୁରୀ ।"

(ପ୍ରଣୟିନୀ- ୪ର୍ଥ ସର୍ଗ- ୧୨୭-୧୩୧ ପଂକ୍ତି)

ବିଭିନ୍ନ ପ୍ରସଙ୍ଗରେ ଉପମା ଦେବା ବେଳେ ମଧ୍ୟ ନୀଳକଣ୍ଠ ଆମ ପୁରାଣ ଓ ପରମ୍ପରାରୁ ଆଖ୍ୟାୟିକାମାନ ଉଦ୍ଧାର କରିଛନ୍ତି, ଯେପରି-

"ବାମାକୁଳ ଉତ୍ସୁକ୍ଷ-ନୟନେ
ନିମେଷ-ବିହୀନ-ନେତ୍ରେ ମର୍ମର-ଦର୍ଶନେ
ଅନାଇଲେ ପରସ୍ପରେ । ସମୁଦ୍ର ମନ୍ଥନେ
ପୀୟୁଷ ବିଭାଗ ବେଳେ ଅନାଇଲେ ଯଥା
ଦିତି-ସୁତେ ମୋହବଶେ ମୋହିନୀ-ସ୍ୱରୂପେ ।"

(ପ୍ରଣୟିନୀ- ୪ର୍ଥ ସର୍ଗ ୧୯୮ ରୁ ୨୦୨ ପଂକ୍ତି)

କିମ୍ବା-

"ଶକୁନି-ଦର୍ଶନ-ମମ, ନୀତି-ନିର୍ନିମିଷ,
ଜଗତ-ମଙ୍ଗଳ ଲାଗି ଜାଗ୍ରତ ସତତ ।"

(୪ର୍ଥ ସର୍ଗ - ୫୫୪-୫୫୫ ପଂକ୍ତି)

Digitized by PPRACHIN, SOA

**ସାମାଜିକ ସମସ୍ୟାର ଚିତ୍ର :**

'ପ୍ରଣୟିନୀ' କାବ୍ୟର 'ପ୍ରାନ୍ତ ଭାଷଣ'ରେ ସମାଜସଚେତନ କବି ନୀଳକଣ୍ଠ ଆମ ସମାଜର ବିଭିନ୍ନ ସମସ୍ୟା ବନ୍ଧୁ-ଆଳାପ ମାଧ୍ୟମରେ ଉପସ୍ଥାପନ କରିଛନ୍ତି ।

''ଗଳପିଲୁ ନାନାରଙ୍ଗେ ସମାଜର ଦଶା
ସଂସ୍କାରର ସୀମା, ପୁଣି ଦେଶ-ଦରିଦ୍ରତା
ପଲ୍ଲୀର ସୁଷମା ଚାରୁ-ସରସ ସୋହାଗ
କୃତ୍ରିମ-ନଗର-ଶୋଭା-ବିକଟ-ବିଭବ,
ଧନ-ସମ୍ପଦର ଭୋଗ, ସରଳ-ଜୀବନ ।
ପ୍ରକୃତିର ସମୀକ୍ଷଣ ପୁସ୍ତକର ପଢ଼ା
ଜ୍ଞାନର ଉନ୍ନତି ତହିଁ ଧର୍ମର ପତନ
ସମାଜର ଶିଥିଳତା ବ୍ୟକ୍ତିତ୍ୱ-ବିକାଶେ
ବିଳାସ-ସଂଯମ ଜନେ, ଯୁବକ ପରାଣେ,
ଲୋକ ଭାବ, ପ୍ରେମ ସାର ପ୍ରବୀଣ-ବୟସେ ।

**ସଙ୍ଗୀତର ପରିବେଷଣ :**

ଦର୍ଶକଙ୍କ ମନୋରଞ୍ଜନ ପାଇଁ ନାଟକର ମଧ୍ୟେ ସଙ୍ଗୀତ ପରିବେଷିତ ହୋଇଥାଏ । 'The Princess' କାବ୍ୟଟି ଅଭିନୟ ଛଟାରେ ଲେଖାଯାଇଥିବାରୁ ଏଥିରେ ମଧ୍ୟ ସଙ୍ଗୀତର ସଂଯୋଜନା କରିବାକୁ କାବ୍ୟକାର ଭୁଲି ନାହାନ୍ତି । ତେଣୁ ଏ କାବ୍ୟର ୨ୟ, ୩ୟ ସର୍ଗରେ ଗୋଟିଏ ଲେଖାଏଁ, ୪ର୍ଥ ସର୍ଗରେ ଚାରିଗୋଟି, ୬ଷ୍ଠ ସର୍ଗରେ ଦୁଇଟି ଓ ୭ମ ସର୍ଗରେ ତିନିଗୋଟି ସଙ୍ଗୀତ ସ୍ଥାନ ପାଇଛି । ସେହିପରି ନୀଳକଣ୍ଠଙ୍କ 'ପ୍ରଣୟିନୀ' କାବ୍ୟରେ ୧ମ, ୨ୟ ଓ ୩ୟ ସର୍ଗ ଶେଷରେ ଗୋଟିଏ ଲେଖାଏଁ, ୪ର୍ଥ ସର୍ଗରେ ତିନିଗୋଟି, ୫ମ ସର୍ଗରେ ଗୋଟିଏ, ୬ଷ୍ଠ ସର୍ଗରେ ଦୁଇଟି ଓ ୭ମ ସର୍ଗରେ ଗୋଟିଏ ଗୀତ ସ୍ଥାନ ପାଇଛି । ଟେନିସନ୍‌ଙ୍କ କାବ୍ୟରେ ଏଗାରଗୋଟି ସଙ୍ଗୀତ ସ୍ଥାନରେ ନୀଳକଣ୍ଠଙ୍କ କାବ୍ୟରେ ଦଶଗୋଟି ସଙ୍ଗୀତ ସ୍ଥାନ ପାଇଛି । ୭ମ ସର୍ଗର ଦ୍ୱିତୀୟ ସଙ୍ଗୀତଟି ନୀଳକଣ୍ଠ ଗୀତ ମାଧ୍ୟମରେ ଅନୁବାଦ ନକରି ରାଜକୁମାରଙ୍କ ଉକ୍ତି ମାଧମରେ ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ସେ ଅନ୍ୟ ସବୁ ସଙ୍ଗୀତର ଯଥାଯଥ ଅନୁବାଦ କରିଛନ୍ତି, କେବଳ ବିଭିନ୍ନ ସର୍ଗରେ କେତେକ ସଙ୍ଗୀତର ସ୍ଥାନ ପରିବର୍ତ୍ତନ ଘଟିଛି ।

Digitized by PPRACHIN, SOA

**ଅମିତ୍ରାକ୍ଷର ଛନ୍ଦ :**

ଇଂରାଜୀ କବି Tennysonଙ୍କ The Princess କାବ୍ୟ Blank Verseରେ ଲେଖା ଯାଇଥିବାରୁ ଏହାର ଭାଷାନ୍ତର ସମୟରେ ନୀଳକଣ୍ଠ ମଧ୍ୟ ସେହି Blank Verse ବା ଅମିତ୍ରାକ୍ଷର ଛନ୍ଦର ପ୍ରୟୋଗ କରିଛନ୍ତି ।

ମିତ୍ରାକ୍ଷର ଛନ୍ଦ ପରି ଅମିତ୍ରାକ୍ଷର ଛନ୍ଦରେ କବିଙ୍କୁ ରାଗବୃତ୍ତର ଅଧୀନ ହୋଇ ଭାବ ପ୍ରକାଶ କରିବାକୁ ପଡିନଥାଏ । ମିତ୍ରାକ୍ଷର ଛନ୍ଦରେ ଏକ ପଦର ସମାପ୍ତିରେ କବିଙ୍କୁ ଗୋଟିଏ ଭାବ ସଂପୂର୍ଣ୍ଣ କରିବାକୁ ହୁଏ । କାରଣ ପଦ ମଧ୍ୟରେ ପୂର୍ଣ୍ଣଛେଦ ବା ଦ୍ୱିତୀୟ ଛେଦ ପଡିଲେ ଯତି ଭଙ୍ଗ ଦୋଷ-ଯୁକ୍ତ ହୁଏ । ପୁଣି ଅନ୍ତ୍ୟ ବର୍ଣ୍ଣ ମିଳନ ମିତ୍ରାକ୍ଷରର ଅନ୍ୟ ଏକ ନିୟମ । ଏ ସବୁ ନିୟମ ପ୍ରତି ଦୃଷ୍ଟି ଦେଉ ଦେଉ କବିଙ୍କ ଭାବୋଲ୍ଲାସ ହ୍ରାସ ହେବାର ସମ୍ଭାବନା ଥାଏ । କିନ୍ତୁ ଅମିତ୍ରାକ୍ଷର ଛନ୍ଦରେ ଏଭଳି କୌଣସି ବିଧିବଦ୍ଧ ନିୟମ ନ ଥିବାରୁ ଏହା ଯେକୌଣସି ଭାବ ପ୍ରକାଶର ସହାୟକ ହୁଏ । ଯେପରି-

"ପରିଶେଷେ କ୍ଷେତ୍ରସୀମା ଲଂଘି-ଅଶ୍ୱଯଥା
ପକ୍ୱଶାଳୀ-ପୂର୍ଣ୍ଣ-କ୍ଷେତେ ପଶି ଅଲକ୍ଷିତେ
ପୂରାଇ ଉଦର, ରାତ୍ରିସାରା ମନ ସୁଖେ
ବାହାରନ୍ତି, ସେହିପରି ଅଯାଚିତ ସ୍ଥାନେ
ଆକଂଠ ଉଦର ଭରି ବାହାରିଲୁ ସର୍ବେ"

(ପ୍ରଣୟିନୀ- ୨ୟ ସର୍ଗ - ୫୭୬-୮୦ ପଂକ୍ତି)

ଇଂରାଜୀ Blank Verse ର ଅନୁସରଣରେ ଭାରତୀୟ ସାହିତ୍ୟରେ ପ୍ରଥମେ ବଂଗ ଦେଶର ମହାକବି ମାଇକେଲ୍ ମଧୁସୂଦନ ଦତ୍ତ ଚତୁର୍ଦ୍ଦଶାକ୍ଷରୀ ଅମିତ୍ରାକ୍ଷର ଛନ୍ଦର ପ୍ରବର୍ତ୍ତନ କରିଥିଲେ । କବିବର ରାଧାନାଥ ତାଙ୍କୁ ଅନୁସରଣ କରି 'ମହାଯାତ୍ରା' କାବ୍ୟଲେଖି ଓଡିଶାରେ ଚତୁର୍ଦ୍ଦଶାକ୍ଷରୀ ଅମିତ୍ରାକ୍ଷର ଛନ୍ଦ ପ୍ରଚଳନ କଲେ । କବି ନୀଳକଣ୍ଠଙ୍କ 'ପ୍ରଣୟିନୀ' ସେହି ଚଉଦ-ଅକ୍ଷରୀ ଅମିତ୍ରାକ୍ଷର ଛନ୍ଦରେ ରଚିତ । ଏ ଛନ୍ଦରେ ଯତିପାତର କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ । ଭାବ ଅନୁଯାୟୀ କେଉଁ ପଂକ୍ତିରେ ୬ଷ୍ଠ ଓ ୧୪ଶ ଅକ୍ଷରରେ-

"ସେ ମହତ ନାରୀ, ପଦ ଅବହେଳି ଯେହୁ", (୨ୟ ସର୍ଗ/୨୨ ପଂକ୍ତି)

Digitized by PPRACHIN, SOA

କେଉଁଥିରେ ୮ମ ଓ ୧୪ଶ ଅକ୍ଷରରେ-

''ନୁହେଁ ଛାନ ଆଉ ଭବେ, ହେ ବାଳିକାକୁଳ,

ସେତୁ ବନ୍ଧ ନିର୍ଝରିଣୀ, ଅପ୍ରାପ୍ୟ ନାରୀର,'' (୨ୟ ସର୍ଗ ୧୧୭-୧୮ ପଂକ୍ତି)

କେଉଁଠାରେ ବା ୩ୟ, ୮ମ ଓ ୧୪ଶ ଅକ୍ଷରରେ ଯତିପାତ ହୁଏ । ଯେପରି-

''ପଶିବେ, ଦୁର୍ବଳ କେହି, ମହା ଅନୁଷ୍ଠାନେ'' (୩/୩୭୦)

ଛୁଇଁଲେ, ବାରେକ ମୋତେ, ବଢ଼ାଇଲେ ହାତ ।'' (୪/୩୪)

'ପ୍ରଣୟିନୀ' କାବ୍ୟର ଜଟିଳ ତଥା ନୂତନ ଭାବକୁ ସୁଚାରୁ ରୂପେ ପରିପ୍ରକାଶ କରିବା ପାଇଁ କବି ନୀଳକଣ୍ଠ ଅମିତ୍ରାକ୍ଷର ଛନ୍ଦର ସହାୟତା ନେଇଥିଲେ ହେଁ ଆମ କାବ୍ୟ-ସାହିତ୍ୟର ଯତିପାତ ପରଂପରାକୁ ପାସୋରି ନାହାନ୍ତି । ଏହିପରି ଅନୁବାଦରେ ସ୍ୱକୀୟତା ରକ୍ଷା କରି ପଣ୍ଡିତ କବି ନୀଳକଣ୍ଠ 'ପ୍ରଣୟିନୀ'କୁ ଏକ ସର୍ଜନାତ୍ମକ ଅନୁବାଦର ପ୍ରତିଷ୍ଠା ଦେଇ ପାରିଛନ୍ତି ।

□□

Digitized by PPRACHIN, SOA

# ସମୀକ୍ଷକ ନୀଳକଣ୍ଠ

## ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ :

ଜଣେ ଆଦର୍ଶ ଶିକ୍ଷାବିତ୍‌, ରାଷ୍ଟ୍ରନୀତି ବିଶାରଦ, ସଂସ୍କୃତି ସଚେତନ ସାହିତ୍ୟିକ, ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା ଦିଗରେ ସତତ ଉଦ୍ୟମଶୀଳ ଭାଷାବିତ୍‌, ଓଡ଼ିଆ ସମାଜକୁ କୁସଂସ୍କାର ଓ ଭ୍ରଷ୍ଟାଚାର ମୁକ୍ତ କରିବାରେ ଜାଗ୍ରତ ପ୍ରହରୀ, ଭକ୍ତିକ ମିଥ୍ୟାର କଟୁ ସମାଲୋଚକ, ସର୍ବୋପରି ଓଡ଼ିଆ ସମାଜର ଚଳଣି ଓ ପରମ୍ପରା ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ବିଚାର କରିବାରେ ଜଣେ ଦିଗ୍‌ଦ୍ରଷ୍ଟା ସମୀକ୍ଷକ ଭାବେ ପଣ୍ଡିତ ନୀଳକଣ୍ଠ ଦାସ (ଖ୍ରୀ ୧୮୮୪-୧୯୬୭) ଓଡ଼ିଆ ଜାତିର ଚିର ନମସ୍ୟ ।

ବହୁମୁଖୀ ପ୍ରତିଭା ସମ୍ପନ୍ନ ପ୍ରଜ୍ଞାଦୀପ୍ତ ପଣ୍ଡିତ ନୀଳକଣ୍ଠ ଖ୍ରୀ ୧୮୮୪ ଅଗଷ୍ଟ ପାଞ୍ଚ ତାରିଖରେ ପୁରୀ ଜିଲ୍ଲାର ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ମୁକୁନ୍ଦ ଦାସଙ୍କ ଔରସରେ ଜନ୍ମ ଗ୍ରହଣ କରିଥିଲେ । ଖ୍ରୀ ୧୯୦୯ରେ ରେଭେନ୍‌ସା କଲେଜରୁ ବି.ଏ. ପାସ କରି ସେ ସ୍ନାତକୋତ୍ତର ବୃତ୍ତି ଲାଭ କରି ଏମ୍‌ ଏ ପଢ଼ିବା ପାଇଁ କଲିକତା ଗଲେ । ଖ୍ରୀ ୧୯୧୧ରେ ସ୍କଟିଶ୍‌ ଚର୍ଚ୍ଚ କଲେଜରୁ ଦର୍ଶନ ଶାସ୍ତ୍ରରେ ଏମ୍‌.ଏ ପାସ କରି ନୀଳକଣ୍ଠ ସେହିବର୍ଷ ଅକ୍ଟୋବର ମାସରେ ସତ୍ୟବାଦୀ ବନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରୂପେ ଯୋଗ ଦେଲେ । ଖ୍ରୀ ୧୯୨୦ ସେପ୍ଟେମ୍ବର ମାସରେ ସାର୍‌ ଆଶୁତୋଷ ମୁଖାର୍ଜୀଙ୍କ ଅନୁରୋଧ କ୍ରମେ ସେ କଲିକତା ବିଶ୍ୱ ବିଦ୍ୟାଳୟରେ "ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱ" (Oriya cum Comparative Philology) ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତ ହେଲେ । ମାତ୍ର ଖ୍ରୀ ୧୯୨୧ ଜାନୁଆରୀ ମାସରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନ କ୍ରମେ ପଣ୍ଡିତ ଗୋପବନ୍ଧୁଙ୍କ ପରାମର୍ଶରେ ସେ କଲିକତାରୁ ସମ୍ବଲପୁର ଯାଇ ସେଠାରେ ଏକ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରି ସ୍ୱରାଜ-ଆନ୍ଦୋଳନ ଚଳାଇଲେ । ସେହିଠାରୁ ତାଙ୍କ ରାଜନୀତିକ ଜୀବନର ଆରମ୍ଭ ।

ଖ୍ରୀ: ୧୯୨୧ ରୁ ଖ୍ରୀ ୧୯୬୨ - ଏହି ଚାଳିଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଣ୍ଡିତ ନୀଳକଣ୍ଠ ସକ୍ରିୟ ରାଜନୀତିରେ ଲିପ୍ତ ଥିଲେ ହେଁ ତାଙ୍କ ସାହିତ୍ୟିକ ପ୍ରତିଭା ନିଷ୍ପ୍ରଭ ହୋଇ ନଥିଲା । ଖ୍ରୀ ୧୯୦୪ ରେ ଏଣ୍ଟ୍ରାନ୍‌ସ ଶ୍ରେଣୀର ଛାତ୍ର ଥିବାବେଳେ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୀବନୀ ମୂଳକ ପ୍ରବନ୍ଧ ରଚନାରୁ ଆରମ୍ଭ କରି ଖ୍ରୀ ୧୯୬୩ରେ 'ଆତ୍ମଜୀବନୀ' ପ୍ରକାଶ ପାଇବା ପର୍ଯ୍ୟନ୍ତ ନୀଳକଣ୍ଠଙ୍କ ଲେଖନୀ ଅବିଶ୍ରାମ ଭାବେ

Digitized by PPRACHIN, SOA

ଗଡିକରି ତାଙ୍କୁ ଜଣେ ନିଷ୍ଠାପର ସାହିତ୍ୟ ସାଧକର ଗୌରବ୍ ଆଣି ଦେଇଥିଲା । ତାଙ୍କ ସାହିତ୍ୟ କୃତି ମଧ୍ୟରେ- 'କୋଣାର୍କେ', 'ଖାରବେଳ', 'ପ୍ରଣୟିନୀ', 'ଦାସନାଏକ'- ଏ ଚାରିଗୋଟି କାବ୍ୟ 'ଭକ୍ତିଗାଥା' କବିତା ସଂକଳନ; 'ପିଲାଙ୍କ ରାମାୟଣ', 'ପିଲାଙ୍କ ମହାଭାରତ', 'ପିଲାଙ୍କ ଭାଗବତ', 'ପ୍ରାଥମିକ ସାହିତ୍ୟ' (୧ମ, ୨ୟ ଭାଗ), 'ସାହିତ୍ୟସଖା' (୧ମ ୨ୟ ଭାଗ) ଆଦି ଶିଶୁ ସାହିତ୍ୟ; 'ଗୀତା' (ଭାଷ୍ୟ) 'ଓଡିଆ ସାହିତ୍ୟର କ୍ରମ ପରିମାଣ (୧ମ ୨ୟ ଭାଗ) ଓ ଓଡିଆ ଭାଷା ଓ ସାହିତ୍ୟ' ପରି ଉଚ୍ଚକୋଟୀର ସମାଲୋଚନାତ୍ମକ ଗ୍ରନ୍ଥ, 'ଆତ୍ମଜୀବନୀ'; 'ଆର୍ଯ୍ୟ ଜୀବନ' ଓ 'ସଂସ୍କୃତ ଓ ସଂସ୍କୃତି', ପରି ଦୀର୍ଘ ପ୍ରବନ୍ଧ, 'ନିଶ', 'ମୋ ନିଶ', 'ସାମାଜିକକୁସଂସ୍କାର', 'ଅନ୍ଧ ଓ ହେବୁଁ ପରି ସଂସ୍କାର ମୂଳକ ପ୍ରବନ୍ଧ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ 'ଉତ୍କଳ ସାହିତ୍ୟ', 'ନବଭାରତ', 'ସତ୍ୟବାଦୀ'ରେ ପ୍ରକାଶିତ ଆଉ ଅର୍ଦ୍ଧ ଶତାଧିକ ପ୍ରବନ୍ଧ ବିଭିନ୍ନ ସଭା ସମିତିରେ ପ୍ରଦତ୍ତ ବହୁ ଲିଖିତ ଅଭିଭାଷଣ ଓ ଅନେକ ଭାଷା ଓ ସାହିତ୍ୟ ଗ୍ରନ୍ଥର ମୁଖବନ୍ଧ ଓ ଉପୋଦ୍‌ଘାତ ଆଦି ମଧ ତାଙ୍କ ସାହିତ୍ୟିକ ପ୍ରତିଭାର ସ୍ୱାକ୍ଷର ବହନ କରିଛି ।

ଉଭୟ ସୃଷ୍ଟିଧର୍ମୀ ଓ ସମୀକ୍ଷାଧର୍ମୀ ସାହିତ୍ୟ କ୍ଷେତ୍ରରେ ନୀଳକଣ୍ଠ ଜଣେ ଅଦ୍ଭୁତ ଶକ୍ତି ସମ୍ପନ୍ନ ଲେଖକ । ଐତିହ୍ୟ ପ୍ରୀତି, ଜାତୀୟତା ବୋଧ, ମାନବବାଦୀ ଦୃଷ୍ଟିକୋଣ ଏବଂ ଶିକ୍ଷକ ପ୍ରାଣର ଆବେଗ ଯୋଗୁ ତାଙ୍କ ସୃଷ୍ଟି ଧର୍ମୀ ରଚନା ଯେପରି ମହାନ୍ ଓ ମର୍ଯ୍ୟାଦା ସମ୍ପନ୍ନ ହୋଇ ପାରିଛି ସେହିପରି ଅନନ୍ୟକରଣୀୟ ଅଧ୍ୟୟନ ନିଷ୍ଠା, ବଳିଷ୍ଠ ଯୁକ୍ତି, ପ୍ରଜ୍ଞାଦୀପ୍ତ ବୁଦ୍ଧି ଏବଂ ସ୍ୱାଧୀନ ମତ ପ୍ରକାଶରେ ନିର୍ଭୀକତା ଯୋଗୁ ତାଙ୍କ ସମୀକ୍ଷାଧର୍ମୀ ରଚନା ଓଡିଆ ସମାଲୋଚନା ସାହିତ୍ୟର ଇତିହାସରେ ଅଦ୍ୱିତୀୟ ରହି ଆସିଛି ।

**ନୀଳକଣ୍ଠଙ୍କ ସମାଲୋଚନା ସାହିତ୍ୟ :**

ପଣ୍ଡିତ ନୀଳକଣ୍ଠ ସତ୍ ସମାଲୋଚନାରେ ବ୍ରତୀ ଥିଲେ । ସାହିତ୍ୟର ଉଚ୍ଚ ଆଦର୍ଶ ଦୃଷ୍ଟିରୁ ସେ ସାହିତ୍ୟର ବିଚାର କରୁଥିଲେ । ତାଙ୍କ ଅଧ୍ୟୟନ ରତ ପରିପକ୍ୱ ମସ୍ତିଷ୍କରୁ ଯେତେବେଳେ ଯାହା ରୂପ ନେଇଛି ସେଥିରେ ନୂତନତ୍ୱ ତଥା ପୁରୋଦୃଷ୍ଟିର ପରିଚୟ ମିଳିଛି । ସ୍ୱର୍ଗତ କୃଷ୍ଣ ପ୍ରସାଦ ଚୌଧୁରୀ 'ସମାଲୋଚନା' ଶୀର୍ଷକ ପ୍ରବନ୍ଧରେ ସମାଲୋଚନା ପାଇଁ ଚାରୋଟି ଉପାୟ ନିର୍ଦ୍ଦେଶ କରିଛନ୍ତି- ସଭାସମିତି, ବକ୍ତୃତା, ସମ୍ବାଦପତ୍ର ଓ ପୁସ୍ତକ ପ୍ରଣୟନ । ପଣ୍ଡିତ ନୀଳକଣ୍ଠ ସମାଲୋଚକଭାବେ ଏ ସମସ୍ତ ଉପାୟ ଅବଲମ୍ବନ କରିଛନ୍ତି । ସେ ବିଭିନ୍ନ ସାହିତ୍ୟ ସଭାରେ ଉପାଦେୟ

Digitized by PPRACHIN, SOA

ଆଲୋଚନାତ୍ମକ ପ୍ରବନ୍ଧମାନ ପାଠ କରିଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟର ସ୍ୱାତନ୍ତ୍ର୍ୟ ଦର୍ଶାଇବା ପାଇଁ ସେ ବହୁ ସଭା ସମିତିରେ ଅନର୍ଗଳ ଭାଷଣ ପ୍ରଦାନ କରିଛନ୍ତି । 'ନବଭାରତ' (ମାସିକ ପତ୍ରିକା) ଓ 'ଲୋକମତ' (ସମ୍ବାଦପତ୍ର)ର ସମ୍ପାଦକ ଭାବେ ସେ ବିଭିନ୍ନ ରାଜନୀତିକ ଓ ସାହିତ୍ୟିକ ସମସ୍ୟା ଉପରେ ନିଜର ସ୍ୱାଧୀନ ମତ ପ୍ରକାଶ କରିଛନ୍ତି । ସର୍ବୋପରି 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ', 'ଓଡ଼ିଆ ଭାଷା ଓ ସାହିତ୍ୟ' ଏବଂ 'ଗୀତା' (ଭାଷ୍ୟ) ପରି ଉତ୍କୃଷ୍ଟ ସମୀକ୍ଷାଧର୍ମୀ ଗ୍ରନ୍ଥ ପ୍ରଣୟନ କରିଛନ୍ତି । ସମାଲୋଚନାର ଏ ସକଳ ଉପାୟ ଭିତରେ ସେ ଆମ ସାହିତ୍ୟକୁ ଆମ ସମାଜର ଚଳଣି ସହ ଓତଃପ୍ରୋତ ଭାବେ ଜଡିତ କରି ସେଥିରୁ ଆମ ସଭ୍ୟତାର ବିକାଶ ଭିତରେ ସାହିତ୍ୟର ଅସଲ ରୂପଟିକୁ ଉଦ୍ଧାର କରିଛନ୍ତି । ତାଙ୍କ ସମାଲୋଚନାତ୍ମକ ଗ୍ରନ୍ଥ ଗୁଡିକର ଅନୁଧାନରୁ ତାଙ୍କ ଆଲୋଚନାର ବୈଶିଷ୍ଟ୍ୟ ଦର୍ଶାଇ ଦିଆ ଯାଇପାରେ ।

ଓଡ଼ିଆ ସାହିତ୍ୟର କ୍ରମପରିଣାମ :

ପଣ୍ଡିତ ନୀଳକଣ୍ଠଙ୍କ ରଚିତ ଓଡ଼ିଆ ସାହିତ୍ୟ ତଥା ସଂସ୍କୃତିର ଆଲୋଚନା ମୂଳକ ଗ୍ରନ୍ଥ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ର ପ୍ରଥମ ଭାଗ ଖ୍ରୀ ୧୯୪୮ରେ ଓ ଦ୍ୱିତୀୟ ଭାଗ ଖ୍ରୀ ୧୯୫୩ରେ ପ୍ରକାଶ ପାଇ ଓଡ଼ିଆ ସାହିତ୍ୟର ସମାଲୋଚନା କ୍ଷେତ୍ରରେ ଏକ 'ଚମକ' ସୃଷ୍ଟି କରିଥିଲା । ଏ ଗ୍ରନ୍ଥରେ ସମୀକ୍ଷକ ନୀଳକଣ୍ଠ 'ସାହିତ୍ୟ'କୁ 'ସମାଜ-ବିକାଶର ପ୍ରକାଶ ସୂଚୀ' ଅର୍ଥରେ ଗ୍ରହଣ କରିଛନ୍ତି । ତେଣୁ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଦର୍ଶାଇବା ବେଳେ ତାଙ୍କ ଦୃଷ୍ଟି ସ୍ୱତଃ ଓଡ଼ିଆ ସମାଜର ଚଳଣି ଠାରୁ ଆରମ୍ଭ କରି ଓଡ଼ିଶାର କଳା, କବିତା, ବିଜ୍ଞାନ, ବ୍ୟବହାର, ଚିତ୍ର, ସ୍ଥାପତ୍ୟ, ଧର୍ମ, ଦର୍ଶନ ପ୍ରତ୍ୟେକ କ୍ଷେତ୍ରକୁ ପ୍ରସାରିତ ହୋଇଅଛି ।

ଆଲୋଚ୍ୟ ସମାଲୋଚକଙ୍କ ଯୁକ୍ତିରେ, ଉଭୟ ଭାଷା ଓ ସାହିତ୍ୟ ହେଉଛି ସମାଜ ଗଠନ ଓ ସମାଜ ପ୍ରଗତିର ମୂଳଭିତ୍ତି । ଏକ ନିର୍ଦ୍ଦିଷ୍ଟ ଭୂମି ଖଣ୍ଡରେ ପ୍ରଚଳିତ ଭାଷା ଓ ସାହିତ୍ୟକୁ ମୂଳକରି ମାନବ ସମାଜର ବିକାଶ ସ୍ୱାଭାବିକ ଧାରାରେ ଘଟିଥାଏ । ତେଣୁ ଓଡ଼ିଆ ସାହିତ୍ୟର କ୍ରମିକ ଗତି ଦର୍ଶାଇବା ବେଳେ ସେ ଓଡ଼ିଆ ଭାଷାର ଚର୍ଚ୍ଚା କରିବାକୁ ମଧ ଭୁଲିନାହାନ୍ତି । ସେ ପୁଣି କହନ୍ତି, ଓଡ଼ିଆ ସାହିତ୍ୟର କ୍ରମବିକାଶ କହିଲେ କେବଳ କେତେ ଗୁଡିଏ ଲେଖାର କ୍ରମ ସୂଚୀ ନୁହେଁ, ବରଂ ଏଇ ଲେଖା ଗୁଡିକ ଭିତରେ କିପରି କାଳ କ୍ରମେ ଓଡ଼ିଆର ବ୍ୟକ୍ତିତ୍ୱ ଓ ପ୍ରାଣ ଫୁଟି ଆସିଛି ତାକୁ ଖୋଜି ବାହାର କରିପାରିଲେ ଏଇ କ୍ରମ ବିକାଶ ଦେଖାଇବାର ସାର୍ଥକତା ପ୍ରତିପାଦିତ ହେବ ।

Digitized by PPRACHIN, SOA

ଓଡ଼ିଆ ସାହିତ୍ୟର ବୈଶିଷ୍ଟ୍ୟ ଦର୍ଶାଇବା ପ୍ରସଙ୍ଗରେ ନୀଳକଣ୍ଠ ପ୍ରଥମେ ଆମ ସଭ୍ୟତା, ସମାଜ ଏବଂ ଧର୍ମଧାରାର ବୈଶିଷ୍ଟ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ ଓଡ଼ିଆ ଭୂମିରେ ସଭ୍ୟତାର ତିନିଗୋଟି ଧାରା ଲକ୍ଷ୍ୟ କରିଛନ୍ତି- ଶବର, କଳିଙ୍ଗ ଓ ଆର୍ଯ୍ୟ । ତାଙ୍କ ଯୁକ୍ତିରେ ଉତ୍କଳ, ଓଡ଼, ଶବର ଓ କଳିଙ୍ଗ ମାନଙ୍କ ସଭ୍ୟତା ଆଦାନ ପ୍ରଦାନ ଫଳରେ ଏକୀଭୂତ ହୋଇ ଗୋଟିଏ ସଭ୍ୟତା ଓ ସାହିତ୍ୟରେ ପରିଣତ ହେବାରୁ ଓଡ଼ିଆ ସାହିତ୍ୟ ଓ ସଭ୍ୟତାର ମୂଳଭିତ୍ତି ସ୍ଥାପିତ ହେଲା । ଓଡ଼ିଶାରେ ଏବେ ବି ପ୍ରଚଳିତ ଲୋକକଥା, ପର୍ବ, ଅନୁଷ୍ଠାନରେ ସେମାନଙ୍କ ଚଳଣି, ସାଧନା ଓ ଧର୍ମର ସଙ୍କେତ ଲକ୍ଷ୍ୟ କରାଯାଏ । ତେଣୁ ଓଡ଼ିଆ ସାହିତ୍ୟର ବିକାଶ ଅନୁଧ୍ୟାନ କରିବାକୁ ଯାଇ ଆଲୋଚକ ଉତ୍କଳ, ଶବର, ଓଡ଼, କଳିଙ୍ଗ ମାନଙ୍କ ଭାଷା ଓ ସାହିତ୍ୟର ଅନୁସନ୍ଧାନ କରିଛନ୍ତି ।

'ଓଡ଼ିଆ ସାହତ୍ୟର କ୍ରମ ପରିଣାମ' ଗ୍ରନ୍ଥରେ କ୍ରମନ୍ୱୟରେ ଓଡ଼ିଆ ସାହିତ୍ୟର ଆଲୋଚନା ନ ଦେଖି ଅନେକ ପାଠକ ଗ୍ରନ୍ଥଟିର ନାମକରଣର ସାର୍ଥକତା ବିଷୟରେ ସନ୍ଦିହାନ ହୋଇ ଥାଆନ୍ତି । କିନ୍ତୁ ଆଲୋଚ୍ୟ ଗ୍ରନ୍ଥର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନରୁ ଜଣାଯାଏ, ଏଥିରେ ଲେଖକ ଚର୍ଯ୍ୟାପଦ ଠାରୁ ଆରମ୍ଭ କରି ଉପେନ୍ଦ୍ରଭଞ୍ଜଙ୍କ ରଚନାବଳୀ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ବିଶ୍ଳେଷଣାତ୍ମକ ଆଲୋଚନା କରି ସେଥିରୁ ତାହାର ଅସଲ ରୂପଟିକୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଏହାର ଧରାବାହିକ ଗତି ବା ପରିଣତି କିପରି ଓଡିଆ ପରମ୍ପରାକୁ ଧ୍ୱଂସ ମୁଖରୁ ରକ୍ଷା କରିବାରେ ସହାୟକ ହୋଇଛି ତାହା ଦର୍ଶାଇଛନ୍ତି ।

ଚର୍ଯ୍ୟା ସାହିତ୍ୟର ଆଲୋଚନା ପ୍ରସଙ୍ଗରେ ନୀଳକଣ୍ଠ ସହଜିଆ ଧର୍ମର ଓଡ଼ିଆ ସଂସ୍କୃତି ସହ କୌଣସି ସମ୍ପର୍କ ନ ଥିବାର ଦର୍ଶାଇଛନ୍ତି । ତାଙ୍କ ଯୁକ୍ତିରେ ସହଜିଆ ନେଡ଼ା ନେଡ଼ି ପରମ୍ପରାରୁ ଗୌଡୀୟ ଧର୍ମର ବୈଷ୍ଣବ-ବୈଷ୍ଣବୀ (ବାବାଜୀ-ମାତା) ପରମ୍ପରାର ସୃଷ୍ଟି ହୋଇଛି । ସହଜିଆ ଧର୍ମର ସ୍ୱେଚ୍ଛାଚାରିତା ଓଡ଼ିଆ ସମାଜରେ ପ୍ରବେଶ କରି ଆମ ସମାଜ ଓ ପରମ୍ପରାର ଆଦର୍ଶ ସ୍ଖଳିତ ହେବା ସମୟରେ ଯୋଗଜନ୍ମା ଶୂଦ୍ରମୁନି ସାରଳା ଦାସଙ୍କ ଆବିର୍ଭାବକୁ ସେ ସ୍ୱାଗତ ଜଣାଇଛନ୍ତି । ସ୍ଖଳନ ମୁଖୀ ଓଡ଼ିଆ ଜାତିକୁ ପୁନର୍ବାର ତା'ର ଚଳଣି ଓ ପରମ୍ପରା ପ୍ରତି ସଚେତନ କରି ସରଳା ଦାସ ଯେଉଁ ସାହିତ୍ୟ ସୃଷ୍ଟି କଲେ ତାହାର ପ୍ରଶଂସା କରି ନୀଳକଣ୍ଠ ଲେଖିଛନ୍ତି- ''ସାରଳା ମହାଭାରତ ସଂସ୍କୃତ ମହାଭାରତର ଅନୁବାଦ ତ ନୁହେଁ, ଅନୁଧାବନ ବି ନୁହେଁ । ଏହା ଓଡ଼ିଆ ସଭ୍ୟତା ଓ ସାହିତ୍ୟର ଗୋଟିଏ ଯଥାର୍ଥ ବିଶ୍ୱକୋଷ ।'' ଓଡ଼ିଆ

Digitized by PPRACHIN, SOA

ତଥା ଓଡ ରାଷ୍ଟ୍ରରେ ସାରଳା ଦାସ ତାଙ୍କ ସୃଷ୍ଟିର ସବୁ ଦେବତା, ସବୁ ତୀର୍ଥସ୍ଥାନ ଖୋଜି ପାଇଛନ୍ତି । ତାଙ୍କ ମହାଭାରତରେ ଓଡ଼ିଆ ସମାଜର ଦୈନନ୍ଦିନ ଚଳଣି ଓ ଅନୁଭବ ଜୀବନ୍ୟାସ ପାଇଥିବାରୁ ତାହାକୁ ଆଲୋଚକ ଓଡ଼ିଆ ଲୋକ ବ୍ୟବହାରର ଏକ ମୂର୍ତ୍ତିବନ୍ତ ପ୍ରତୀକ ରୂପେ ଗ୍ରହଣ କରିଛନ୍ତି । ତାଙ୍କ ଭାଷାରେ- ''ତାଙ୍କ ଲେଖାରେ ଓଡ଼ିଆର ଯେ ପ୍ରାଣ ପ୍ରକାଶ ପାଇଚି, ତା ଏକାବେଳେକେ ନାଇ ନଥିଲା ।'' ସାରଳା ଦାସ ସମଗ୍ର 'ମହାଭାରତ'କୁ 'ଦାଣ୍ଡିବୃତ୍ତି'ରେ ଲେଖିଥିଲେ । ସେଇ ଦାଣ୍ଡିବୃତ୍ତିରୁ ଓଡ଼ିଆ ଛନ୍ଦର ବିକାଶ ଦର୍ଶାଇ ନୀଳକଣ୍ଠ କହନ୍ତି- ''ବସାଦାସ ଦାଣ୍ଡିବୃତ୍ତିକୁ କଳସି ଦେଇଥିଲେ ।  ସେଇ ଅନୁକ୍ରମେ ଛାନ୍ଦର ସଙ୍ଗତ-ନିବଦ୍ଧ ସ୍ୱର ଭଙ୍ଗୀକୁ 'ରାମବିଭା'ର ରଚୟିତା ଅର୍ଜୁନ ଦାସ ପ୍ରଥମେ ଓଡ଼ିଆ ପୁରାଣ କଥାରେ ଭର୍ତ୍ତିକଲେ । ତା'ର ବହୁ ପରେ 'ଉଷାଭିଳାଷ' ପ୍ରଣେତା ଶିଶୁ ଶଙ୍କର ସେଥିରେ ମଧ୍ୟଯୁଗର କାବ୍ୟକଳା ପୂରାଇଲେ ।''

ଜଗନ୍ନାଥ ଦାସଙ୍କ 'ଭାଗବତ'ର 'ନବାକ୍ଷରୀ ବୃତ୍ତ' ସମ୍ପର୍କରେ ନୀଳକଣ୍ଠଙ୍କ ମତ ହେଉଛି, ସାହିତ୍ୟର ଘୋର ପରାଧୀନତାର ପ୍ରାକ୍‌କାଳରେ ନବାକ୍ଷରୀ ବୃତ୍ତ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ । ଏହା ଏକ ସାଧାରଣ ଜନବୃତ୍ତ ହେଲେ ହେଁ ବାଣୀ ଭଙ୍ଗୀରେ ଏହା ସର୍ବାଦୃତ ଓ ଶାଶ୍ୱତ ହୋଇ ପାରିଛି । ଏ ବୃତ୍ତ ସଙ୍ଗୀତ ଶାସ୍ତ୍ରରେ 'ଗୁଜରୀ ରାଗ' ରୂପେ ବିଦିତ । ଛାନ୍ଦ ସାହିତ୍ୟର ଆଲୋଚନା ପ୍ରସଙ୍ଗରେ ସମୀକ୍ଷକ ଛାନ୍ଦ, ଗୀତ ଓ ପ୍ରବନ୍ଧ ମଧ୍ୟରେ ଥିବା ଅର୍ଥଗତ ପାର୍ଥକ୍ୟ ଦର୍ଶାଇ ଲେଖିଛନ୍ତି- ''ଲୋକ ଗୀତକୁ ସଙ୍ଗୀତର ତାଳ ଲୟରେ ପକାଇବାରୁ ବାହାରିଛି- 'ଛାନ୍ଦ'; ଅର୍ଥଯୁକ୍ତ ପରସ୍ପର ଅନ୍ୱିତ ଶବ୍ଦାବଳୀ ବା 'ପଦାବଳୀ' ରାଗାଦିରେ ବନ୍ଧା ହେଲେ ହୁଏ 'ଗୀତ'; ଏବଂ ଏହି ଗୀତର ଆଲୋଚନାକୁ ଶାସ୍ତ୍ରୀୟ ପରିଭାଷାରେ କହନ୍ତି 'ପ୍ରବନ୍ଧ' ।''

ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ- ଏହି ପଞ୍ଚସଖା ଉତ୍କଳୀୟ ବୈଷ୍ଣବ କବି ଭାବେ ପରିଚିତ । ଏମାନଙ୍କ ଅବଦାନ ସମ୍ପର୍କରେ ନୀଳକଣ୍ଠ କହନ୍ତି, ଗୌଡୀୟମାନଙ୍କ 'ବାବାଜୀ-ମାତା, ପରମ୍ପରା ଓଡ଼ିଆ ଚଳଣିରେ ପ୍ରବେଶ କରି ଓଡ଼ିଆ ସମାଜକୁ ପଥଭ୍ରଷ୍ଟ କରିବା ସମୟରେ ସାରଳା ଦାସଙ୍କ ଉପଯୁକ୍ତ ଦାୟାଦ ପଞ୍ଚସଖା ଓଡ଼ିଆଙ୍କୁ ନିଜ ପରମ୍ପରା, ସମ୍ପର୍କରେ ସଚେତନ କରି ଦେଇଥିଲେ । ଏମାନେ ଗୌଡୀୟ 'ଦେହୀ ତତ୍ତ୍ୱ'କୁ 'ଶୂନ୍ୟତତ୍ତ୍ୱ'ର ଢାଞ୍ଚାରେ ପକାଇ 'ପିଣ୍ଡ-ବ୍ରହ୍ମଣ୍ଡ ବାଦ'ର ଉପସ୍ଥାପନା କରିଛନ୍ତି । ଜଗନ୍ନାଥ ଦାସଙ୍କ 'ତୁଳାଭିଣା', ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା', ବଳରାମଙ୍କ 'ବ୍ରହ୍ମାଣ୍ଡ ଭୁଗୋଳ' ଓ ଅନ୍ୟାନ୍ୟ ବହୁଗ୍ରନ୍ଥ ଓ ଅସଂଖ୍ୟ ଭଜନରେ ଏଉ ପିଣ୍ଡ ବ୍ରହ୍ମାଣ୍ଡ ବାଦ ରୂପାୟିତ ହୋଇଥିବାର ଆଲୋଚକ ଦର୍ଶାଇଛନ୍ତି ।

Digitized by PPRACHIN, SOA

ରୀତି ଯୁଗୀୟ ସାହିତ୍ୟର ଆଲୋଚନା ପ୍ରସଙ୍ଗରେ ଓଡ଼ିଶାର ଗାଁ ଗହଳରେ ପ୍ରଚଳିତ 'ନାଁ-ଦେବା' ରୀତିରୁ ରୀତିଯୁଗୀୟ କାବ୍ୟ ସାହିତ୍ୟରେ ଅନ୍ତର୍ଲିପି, ବହିର୍ଲିପି, ସଭଙ୍ଗ-ଅଭଙ୍ଗ ଶ୍ଳେଷ ଓ ଅନ୍ୟ ଅଳଙ୍କାରମାନ ପ୍ରବେଶ କରିଥିବାର ନୀଳକଣ୍ଠ ଦର୍ଶାଇଛନ୍ତି । ଏଥିପାଇଁ ସେ ଭକ୍ତକବି ଭକ୍ତଚରଣ, କବି ଯଦୁମଣି, କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟକୃତିରୁ ବହୁ ଦୃଷ୍ଟାନ୍ତ ଦେଇଛନ୍ତି ।

ଜଗନ୍ନାଥ ଧର୍ମୀ ଓଡ଼ିଆର ଯଥାର୍ଥ ମୌଳିକ ଓ ବିଶୁଦ୍ଧ ସାହିତ୍ୟ ପାଠ ଦେଖିବାକୁ ହେଲେ ପରମ୍ପରା ଗତ କିମ୍ବଦନ୍ତୀ, ଇତିହାସ ଓ ଚଳଣି ବିଷୟରେ ଅବଗତ ହେବା ଆବଶ୍ୟକ । ତେଣୁ ନୀଳକଣ୍ଠ ତାଙ୍କ ଆଲୋଚନାରେ ସର୍ବତ୍ର ଆମ ଚଳଣି, ପରମ୍ପରା, କିମ୍ବଦନ୍ତୀ, ତଥା ଜନଶ୍ରୁତି ବିଷୟରେ ପାଠକଙ୍କୁ ସୂଚନାଦେଇ ଓଡ଼ିଆ ଜନ ଜୀବନରେ ସେଗୁଡ଼ିକର ଯଥାର୍ଥ ମୂଲ୍ୟ ଦର୍ଶାଇଛନ୍ତି । ଉଦାହାରଣ ସ୍ୱରୂପ 'ହାତୀ ସୁନା କଳସ ଢାଳିବା' ଜନଶ୍ରୁତିରେ ସେ ରାଜ୍ୟର ଶୃଙ୍ଖଳା ଓ ଶାସନର ଚିରନ୍ତନତା ଦର୍ଶାଇଛନ୍ତି । ସେହିପରି ଜଗନ୍ନାଥଙ୍କ ମୈତ୍ରୀଧର୍ମ ପାଳନ ଦିଗରେ ସେ 'ଛେରାପହଁରା' ଚଳଣିକୁ ବ୍ୟକ୍ତିକର୍ମର ସଂକେତ ବୋଲି କହିଛନ୍ତି ।

ଏହିପରି ଭାବେ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥଟିକୁ ଅନୁଧ୍ୟାନ କଲେ ଜଣାଯାଏ, ଏଥିରେ ସାହିତ୍ୟିକ କୃତି ଗୁଡ଼ିକର କେବଳ ଭଲମନ୍ଦ ଦିଗ ବିଚାର କରାଯାଇ ନାହିଁ । ଏଗୁଡ଼ିକର ବିଚାର ପ୍ରସଙ୍ଗରେ ଆମ ସମାଜର ଅସଲ ରୂପଟି ଦେଖି ଦେଖାଇବା ପାଇଁ ଯେପରି ସଫଳ ପ୍ରୟାସ କରାଯାଇଛି ସେହିପରି ଆମ ସମାଜର ପରମ୍ପରା ପରିସ୍ଥିତି ଓ ପୁରୋଦୃଷ୍ଟି ବଳରେ ସାହିତ୍ୟର ଅସଲ ରୂପଟି ପାଠକଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଛି ।

**'ଗୀତା' ଆଲୋଚନାରେ ନୀଳକଣ୍ଠଙ୍କ ସ୍ୱାତନ୍ତ୍ର୍ୟ :**

'ଭଗବଦ୍ ଗୀତା'ରେ ଆର୍ଯ୍ୟଧର୍ମର ସାର ନିର୍ଯ୍ୟାସ ନିହିତ ଥିବାରୁ ଏହାକୁ ସର୍ବଜନ ପ୍ରସାରୀ କରିବା ପାଇଁ ବହୁ ବିଦ୍ୱାନ ଏହାର ଭାଷ୍ୟ ପ୍ରସ୍ତୁତ କରିଛନ୍ତି । ଭାରତର ନବଜାଗରଣ ଯୁଗରେ ଭାରତୀୟମାନଙ୍କ ଚିତ୍ତଜାଗୃତି ନିମନ୍ତେ ପଣ୍ଡିତ ମଦନ ମୋହନ ମାଳବ୍ୟ, ଡକ୍ଟର ରାଧାକୃଷ୍ଣନଙ୍କ ପରି ରାଷ୍ଟ୍ରନେତାମାନେ ଗୀତାତତ୍ତ୍ୱ ବିଶ୍ଳେଷଣ କରିଛନ୍ତି । ବାଳ ଗଙ୍ଗାଧର ତିଳକ 'ଗୀତା'କୁ କର୍ମଯୋଗ ଶାସ୍ତ୍ର ରୂପେ ପ୍ରତିପାଦନ କରିଛନ୍ତି । ପଣ୍ଡିତ ନୀଳକଣ୍ଠଙ୍କ 'ଗୀତା' ଭାଷ୍ୟର ସ୍ୱାତନ୍ତ୍ର୍ୟ ହେଉଛି, ସେ ଏଥିରେ ଆତ୍ମଧର୍ମର ପ୍ରାଧାନ୍ୟ ଦର୍ଶାଇଛନ୍ତି । ଆଲୋଚନାର ସୁବିଧା ନିମନ୍ତେ ସେ ତାଙ୍କ ଗୀତାଭାଷ୍ୟକୁ ତିନିଭାଗରେ ବିଭକ୍ତ କରିଛନ୍ତି- 'ଗୀତାର ପୀଠିକା', 'ଗୀତା ପ୍ରବେଶ'

Digitized by PPRACHIN, SOA

ଓ 'ଗୀତର ଟୀକା' ତାଙ୍କ ଗୀତା ଭାଷ୍ୟର ପ୍ରଥମ ସଂସ୍କରଣ ଖ୍ରୀ: ୧୯୩୬ରେ ପ୍ରକାଶ ପାଇ ଖ୍ରୀ ୧୯୮୦ ସୁଦ୍ଧା ଏହାର ଚାରିଗୋଟି ସଂସ୍କରଣ ଆତ୍ମପ୍ରକାଶ ଲାଭ କରିଛି । ଏ ଗ୍ରନ୍ଥରେ ଆଲୋଚକ ନୀଳକଣ୍ଠ ଗୀତାଧର୍ମ ଓ ତାହାର ମୂଳତତ୍ତ୍ୱ, 'ଗୀତା'ରେ ଆର୍ଯ୍ୟଧର୍ମର ପରମ୍ପରା, ମାନବଧର୍ମ, ବ୍ୟକ୍ତିର ପ୍ରାଧାନ୍ୟ, ବେଦତତ୍ତ୍ୱ, ଗୀତାର କୃଷ୍ଣ ବା ପୁରୁଷୋତ୍ତମ, ଗୀତାର ଭାଷା ପ୍ରଭୃତି ଅଭିନବ ଦୃଷ୍ଟିକୋଣରୁ ବିଚାର କରିଛନ୍ତି । 'ଗୀତା' ଆଲୋଚନାରେ ତାଙ୍କର ଆଉ କେତୋଟି ବିଶେଷତ୍ୱ ହେଉଛି- 'ଗୀତା'ରେ ଓଡ଼ିଶୀ ସଂସ୍କୃତିର ଅନୁଧ୍ୟାନ, ଏଥିରେ ଜୈନଧର୍ମ ପରମ୍ପରାର ଅନୁସନ୍ଧାନ ଏବଂ ଅସୁର ସଭ୍ୟତାର ପର୍ଯ୍ୟବେକ୍ଷଣ ।

ଗୀତା ଧର୍ମର ସାର୍ବଜନୀନତା ପ୍ରତିପାଦନ କରି ନୀଳକଣ୍ଠ କହନ୍ତି, ପୃଥିବୀରେ ବହୁ ଧର୍ମଗ୍ରନ୍ଥ ଅଛି । କିନ୍ତୁ ସେ ସବୁ ବିଶିଷ୍ଟ ଦେଶକାଳ ଓ ପରିସ୍ଥିତି ଘେନି କର୍ତ୍ତବ୍ୟ ଅନୁଯାୟୀ ତତ୍ତ୍ୱ ପ୍ରଚାର କରାଯାଏ । ସେ ସବୁରେ ଜ୍ଞାନ ଅପେକ୍ଷା ବିଶ୍ୱାସ, ଯୁକ୍ତି ଅପେକ୍ଷା ଆତ୍ମମୂଳକ ଭକ୍ତି ଉପରେ ପ୍ରାଧାନ୍ୟ ଦିଆଯାଏ । କିନ୍ତୁ ଗୀତା ଧର୍ମର ନିର୍ଯ୍ୟାସ ହେଉଛି ଏକ ଆତ୍ମିକ ପରିସ୍ଥିତି । ଏଇ ପରିସ୍ଥିତିରେ ମନୁଷ୍ୟର ବିଶ୍ୱ ସଙ୍ଗରେ ନିତ୍ୟ-ସମ୍ବନ୍ଧ । ସେଇ ପରିସ୍ଥିତି ଓ ସେଇ ସମ୍ବନ୍ଧର ଧାରଣାରେ ବ୍ୟକ୍ତି ନିଜର ସମସ୍ତ କର୍ମ ଅଭ୍ରାନ୍ତ ଭାବରେ କରିପାରେ । ତେଣୁ ଗୀତା ଧର୍ମକୁ ନୀଳକଣ୍ଠ 'ବିଶ୍ୱଧର୍ମ' ଆଖ୍ୟା ଦେଇଛନ୍ତି । ସମାଜର ବିକାଶ ସଙ୍ଗେ ଗୀତା ଧର୍ମର ଧାରା ଅବିଚ୍ଛିନ୍ନ ରହି ଆସିଥିବାରୁ ସେ ପୁଣି ଏହାକୁ 'ଶାଶ୍ୱତ ଧର୍ମ' ତଥା 'ସନାତନ ଧର୍ମ'ର ମର୍ଯ୍ୟାଦା ଦେଇଛନ୍ତି ।

'ଗୀତା'ରେ ବ୍ୟକ୍ତିର ପ୍ରାଧାନ୍ୟ ଦର୍ଶାଇ ଭାଷ୍ୟକାର ନୀଳକଣ୍ଠ କହନ୍ତି, ବ୍ୟକ୍ତିର ଚେତନା ବିନା ଜଗତରେ ଅସ୍ତିତ୍ୱ ନାହିଁ । ବ୍ୟକ୍ତି ହେଉଛି ଜ୍ଞାତା, ତାହାର ଚେତନା ଜ୍ଞାନ ଏବଂ ପରମେଶ୍ୱର ହେଉଛନ୍ତି ତା'ର ଜ୍ଞେୟ ବା ଜ୍ଞାନର ବିଷୟ । ବ୍ୟକ୍ତିର ଆତ୍ମଜ୍ଞାନ ହିଁ ବିଶ୍ୱଜ୍ଞାନର ପ୍ରକୃତ ମାଧ୍ୟମ । ସେ ପୁଣି 'ଗୀତା'ର କୃଷ୍ଣଙ୍କୁ 'ପୁରୁଷୋତ୍ତମ' ଭାବେ ପ୍ରତିଷ୍ଠା ଦେଇଛନ୍ତି । ତାଙ୍କ ଯୁକ୍ତିରେ, ସମସ୍ତ ଜଗତ ବା କ୍ଷର ପୁରୁଷ ମଧ୍ୟରେ ସେ ହେଉଛନ୍ତି ଅଧ୍ୟାତ୍ମ- କ୍ଷର ଓ ଅକ୍ଷରରୁ ଅତୀତ ଉତ୍ତର ଭଗବାନ - ସେଇ ଏକା, ସଂକେତରେ ତଥା ସାକ୍ଷାତରେ ପୁରୁଷୋତ୍ତମ । ଏଥିପାଇଁ ସେ "ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମ" ଉକ୍ତିଟିର ବ୍ୟାଖ୍ୟା କରି 'କ୍ରମ ପରିଣାମ' ଗ୍ରନ୍ଥରେ ଲେଖିଛନ୍ତି- "ଲୋକରେ ବୋଇଲେ ଜଗତ ଜନଙ୍କ ଉପାସନା ପାଇଁ ସେ ହେଉଛନ୍ତି ପୁରୁଷୋତ୍ତମ । 'ବେଦ'ରେ ବୋଇଲେ ଜ୍ଞାନରେ ବା ତତ୍ତ୍ୱ ଦର୍ଶନ ହିସାବରେ ମଧ୍ୟ ସେ ହେଉଛନ୍ତି ପୁରୁଷୋତ୍ତମ । ଏଇ ପୁରୁଷୋତ୍ତମ କୃଷ୍ଣଙ୍କୁ ଓଡ଼ିଶାର ଜଗନ୍ନାଥ ରୂପେ

Digitized by PPRACHIN, SOA

ପ୍ରତିପାଦନ କରିବା ପାଇଁ ଆଲୋଚକ ବିଭିନ୍ନ ଯୁକ୍ତି ଉପସ୍ଥାପନ କରିଛନ୍ତି । ସେ କହନ୍ତି, 'ଗୀତା'ରେ ଭାରତର ଦୁଇଟି ପ୍ରଧାନ ଧର୍ମର ସମାଧାନ କରାଯାଇଛି । ଗୋଟିଏ ନାରାୟଣୀୟ ଭକ୍ତିଧର୍ମ ଓ ତହିଁ ସଙ୍ଗେ ଅବତାରବାଦ । ଏହା 'ଗୀତା'ର ଚତୁର୍ଥ ଅଧ୍ୟାୟରେ ବର୍ଣ୍ଣିତ । ଅନ୍ୟଟି ହେଉଛି ଜଗନ୍ନାଥଙ୍କ ପୁରୁଷୋତ୍ତମ ତତ୍ତ୍ୱ ନିବନ୍ଧ ଦାର୍ଶନିକ ଧର୍ମ । ତାହା 'ଗୀତା'ର ପଞ୍ଚଦଶ ଅଧ୍ୟାୟରେ ବର୍ଣ୍ଣିତ ।

ଭାରତ ବର୍ଷରେ ମୋକ୍ଷ ଲାଭ ଲାଗି ଚାରିଗୋଟି ମାର୍ଗ- କର୍ମ, ଜ୍ଞାନ, ଧ୍ୟାନ ଓ ଭକ୍ତି - ପ୍ରଚଳିତ ଥିଲା । 'ଗୀତା'ରେ ଏଇ ଚାରିଗୋଟି ମାର୍ଗର ସମନ୍ୱୟ ଘଟିଥିବା ଦର୍ଶାଇ ଆଲୋଚକ ନୀଳକଣ୍ଠ ତାହାକୁ ସମଗ୍ର ପୃଥିବୀର ସାହିତ୍ୟରେ ଏକ ଅନନ୍ୟ ସାଧାରଣ ଗ୍ରନ୍ଥରୂପେ ପ୍ରତିଷ୍ଠା ଦେଇଛନ୍ତି ।

**"ଓଡ଼ିଆ ଭାଷା ଓ ସାହିତ୍ୟ" :**

ଓଡିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ନୀଳକଣ୍ଠଙ୍କର କେତେକ ଆଲୋଚନାତ୍ମକ ପ୍ରବନ୍ଧ 'ମୁକୁର', 'ଉତ୍କଳ ସାହିତ୍ୟ', 'ସତ୍ୟବାଦୀ' ଓ 'ନବଭାରତ' ପତ୍ରିକାରେ ପ୍ରକାଶ ପାଇଥିଲା । ତାହା ଖ୍ରୀ: ୧୯୫୪ରେ 'ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକରେ ସଂକଳିତ ହୋଇଥିଲା । ଏ ଗ୍ରନ୍ଥରେ ସ୍ଥାନ ପାଇଥିବା ପ୍ରବନ୍ଧ ଗୁଡିକ ମଧ୍ୟରୁ ପ୍ରଥମ ଦଶଗୋଟି ଓଡ଼ିଆ ବର୍ଣ୍ଣ, ଭାଷା, ଲିପି ଓ ଛନ୍ଦ ବିଷୟକ ଏବଂ ଶେଷ ଛଅଗୋଟି ସାରଳା, ଉପେନ୍ଦ୍ର, ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ସାହିତ୍ୟ ବିଷୟକ । ଏ ଗ୍ରନ୍ଥର ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣରେ ଆଉ ଦୁଇଟି ସାହିତ୍ୟ ଆଲୋଚନା- 'ନନ୍ଦକିଶୋରଙ୍କ ମୌଳିକତା' ଏବଂ 'ଫକୀର ମୋହନ ଓ ଓଡ଼ିଆ ସାହିତ୍ୟ'- ସ୍ଥାନ ପାଇଥିଲା । ଏ ଗ୍ରନ୍ଥ ଅନ୍ତର୍ଭୁକ୍ତ ପ୍ରବନ୍ଧ ଗୁଡିକରେ ଆଲୋଚକ ଏକ ଏକ ନୂତନ ଦୃଷ୍ଟି କୋଣରୁ ଯୁଗସ୍ରଷ୍ଟା ସାହିତ୍ୟିକ ମାନଙ୍କ କୃତିର ବିଚାର କରିଛନ୍ତି ।

**ସାରଳା-ସାହିତ୍ୟ ସମୀକ୍ଷକ ନୀଳକଣ୍ଠ :**

'ଓଡ଼ିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥ ଅନ୍ତର୍ଭୁକ୍ତ 'ସାରଳା ଦାସ' ଶୀର୍ଷକ ଆଲୋଚନାରେ ନୀଳକଣ୍ଠ ଓଡ଼ିଆ ସାହିତ୍ୟ ଓ ସମାଜକୁ ବଙ୍ଗ ଦେଶର ବଜ୍ରଯାନ, ସହଜଯାନ ଓ ତନ୍ତ୍ରର ଆକ୍ରମଣ ଏବଂ ଦକ୍ଷିଣର ଦେବଦାସୀ ପରମ୍ପରାର ଆକ୍ରମଣରୁ ରକ୍ଷା କରିବା ଦିଗରେ ସାରଳାଙ୍କ ଅବଦାନ ସମ୍ପର୍କରେ ଲେଖିଛନ୍ତି- "ସେ (ସାରଳାଦାସ) ଥିଲେ ଏ ଦେଶର ଯଥାର୍ଥ ଦେଶୀ- କଞ୍ଚା ଓ ଖାଣ୍ଟି ଓଡ଼ିଆ । ତାଙ୍କର ଏ ବିଦ୍ରୋହ ଅଣ ଓଡ଼ିଆ ଅଣ ଓଡ଼ିଶାଙ୍କ ତୋଟି ଚିପା ପ୍ରଭାବ ବିରୁଦ୍ଧରେ ବୀରର ଆତ୍ମରକ୍ଷାର ବିଦ୍ରୋହ ।" 'ସାରଳା ମହାଭାରତରେ ବର୍ଣ୍ଣିତ କୁବେର ଭୀମକୁ

Digitized by PPRACHIN, SOA

ଧାନଦେବା, ଲକ୍ଷ୍ମୀ ପାର୍ବତୀଙ୍କ ମଧ୍ୟରେ କଳି ଲାଗିବା, ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହେବା ଆଦି ଉପାଖ୍ୟାନର ଦୃଷ୍ଟାନ୍ତ ଦେଇ ସମୀକ୍ଷକ ସାହିତ୍ୟ ମାଧ୍ୟମରେ ଓଡ଼ିଆ ପ୍ରାଣର ବିକାଶ ଦର୍ଶାଇବାରେ ସାରଳାଙ୍କ କୃତିତ୍ୱର ଜୟଗାନ କରିଛନ୍ତି । ନାରୀ ଚରିତ୍ର ଚିତ୍ରଣରେ ଆଦିକବିଙ୍କ ଦକ୍ଷତାର ସୂଚନା ଦେଇ ସେ ଲେଖିଛନ୍ତି- ''ସାରଳାଙ୍କ ନାରୀ କେବଳ ସହଧର୍ମିଣୀ ନୁହେଁ, ସେ ଯେପରି ହେଉଛି ଏକମାତ୍ର ଧର୍ମିଣୀ । ପୁରୁଷ ହେଉଛି ତାର ସହଧର୍ମୀ । ସେଇ ନାରୀ ହେଉଚି ସମାଜର ନେତୃରୂପିଣୀ ।''

**ଭଞ୍ଜସାହିତ୍ୟ ସମୀକ୍ଷକ ନୀଳକଣ୍ଠ :**

'ଲାବଣ୍ୟବତୀ' ଶୀର୍ଷକ ଆଲୋଚନାରେ ପଣ୍ଡିତ ନୀଳକଣ୍ଠ ସମସ୍ତ ରୀତି କାବ୍ୟ ମଧ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ 'ଲାବଣ୍ୟବତୀ' କାବ୍ୟର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ଏଥିରେ କବି ସମ୍ରାଟଙ୍କ ପାଣ୍ଡିତ୍ୟ ଓ କବିତ୍ୱର ସମନ୍ୱୟ ଦର୍ଶାଇ ଲେଖିଛନ୍ତି- 'ଭାଷାର କ୍ଳିଷ୍ଟତା ସଙ୍ଗେ ବିନ୍ୟାସ କୌଶଳ, ଆଳଙ୍କାରିକ କୃତ୍ରିମତା ମଧ୍ୟରେ ସରଳ ଭାବୋନ୍ମେଷ, ବିଷୟ କଳ୍ପନାର ପୌରାଣିକତା ମଧ୍ୟରେ ବିଶ୍ୱାସର ନିଷ୍ଠା ଓ ସ୍ଥାୟୀଭାବର ବିକାଶ, ନାନାବିଧ ଘଟଣାର ଅଙ୍ଗାଙ୍ଗୀଭାବ ଓ ପ୍ରାକୃତିକ ସମନ୍ୱୟ, ପ୍ରଣାଳୀବଦ୍ଧ କଳ୍ପନାରେ ନୂତନତା, ବିଧିବଦ୍ଧ ବର୍ଣ୍ଣନାରେ ସ୍ୱାଭାବିକତା, ଅଶ୍ଳୀଳତାର ଉନ୍ମାଦ ମଧ୍ୟରେ ଭାବର ଐକାନ୍ତିକତା, ଚଳିତ ଘଟଣାର ଅନୁରୂପ ଚିତ୍ର ମଧ୍ୟରେ ଆଦର୍ଶର ବିକାଶ ପ୍ରଭୃତି 'ଲାବଣ୍ୟବତୀ'ରେ ଯେପରି ଦେଖାଯାଏ କବିଙ୍କର ଅନ୍ୟ କାବ୍ୟମାନଙ୍କରେ ସେପରି ସ୍ପଷ୍ଟ ନୁହେଁ ।''

ଦିବ୍ୟ-ଅଦିବ୍ୟ ଭାଷା ପ୍ରୟୋଗରେ ଭଞ୍ଜକବିଙ୍କ ଅପୂର୍ବ କୃତିତ୍ୱ ସମ୍ପର୍କରେ ନୀଳକଣ୍ଠ କହନ୍ତି, କବି ସମ୍ରାଟ ସଂସ୍କୃତ ଶବ୍ଦ ସହ ଓଡ଼ିଆ ଶବ୍ଦମାନଙ୍କର ସମାବେଶ ଏପରି ବିଚକ୍ଷଣଭାବେ କରିଛନ୍ତି, ଯାହା ଫଳରେ ଟିକିଏ ମାତ୍ର ମହି ଦୁଧକୁ ଦହିରେ ପରିଣତ କଲାପରି ଗୋଟିଏ ଗୋଟିଏ ଓଡ଼ିଆ ଶବ୍ଦ ପଦମଧ୍ୟସ୍ଥ ସମସ୍ତ ସଂସ୍କୃତ ଶବ୍ଦକୁ ଓଡ଼ିଆରେ ପରିଣତ କରିଅଛି । ତେଣୁ ତାଙ୍କ ଭାଷା କୃତ୍ରିମ ନ ହୋଇ ସରଳ ଓ ସ୍ୱାଭାବିକ ହୋଇପାରିଛି ।

**ରାଧାନାଥୀ ସାହିତ୍ୟ ସମୀକ୍ଷକ ନୀଳକଣ୍ଠ :**

ନୀଳକଣ୍ଠଙ୍କ ପ୍ରଥମ ସମୀକ୍ଷାଧର୍ମୀ ପ୍ରବନ୍ଧ 'ରାଧାନାଥ ଓ ଉତ୍କଳ ସାହିତ୍ୟ' ଖ୍ରୀ: ୧୯୦୪ରେ ତାଙ୍କ ଛାତ୍ରାବସ୍ଥାରେ ହିଁ ରଚିତ ହୋଇଥିଲା କବିବର ରାଧାନାଥଙ୍କ ମୃତ୍ୟୁ-ଶ୍ରାଦ୍ଧରେ ପଠିତ ହେବା ଉଦ୍ଦେଶ୍ୟରେ । ଏ ପ୍ରବନ୍ଧ ଖ୍ରୀ. ୧୯୦୮-୦୯ରେ 'ମୁକୁର' ପତ୍ରିକାରେ ଓ ଖ୍ରୀ. ୧୯୫୪ରେ 'ଓଡ଼ିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥରେ

Digitized by PPRACHIN, SOA

ସ୍ଥାନ ପାଇଥିଲା । ଏ ଆଲୋଚନାରେ ନୀଳକଣ୍ଠ କବିବରଙ୍କୁ ପ୍ରଥମ୍ ସ୍ୱଦେଶ ବତ୍ସଳ ଉତ୍କଳୀୟ କବି ରୂପେ ସ୍ୱୀକାର କରି ଲେଖିଛନ୍ତି- "ରାଧାନାଥଙ୍କ କବିତାରେ ସ୍ୱଦେଶ ପ୍ରେମ ପରିସ୍ଫୁଟ ଓ ପ୍ରାଞ୍ଜଳ । ତାଙ୍କର ସମସ୍ତ କବିତା ଅନୁଧାବନ କଲେ ସ୍ୱଦେଶ ବତ୍ସଳତା ସମସ୍ତ ବିଷୟର ଓ ବର୍ଣ୍ଣନାର ପରମ ପୀଠରୂପେ ପ୍ରତିଭାତ ହେବ ।"

କବିବର ରାଧାନାଥ ବିୟୋଗାତ୍ମକ କାବ୍ୟ ଲେଖିଥିବାରୁ ଆଲୋଚକ ତାଙ୍କର ଏ ନୂତନ ପରିକଳ୍ପନାକୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ତାଙ୍କ କାବ୍ୟରେ ଗୀତି କାବ୍ୟ (Lyric)ର ଉପାଦାନ ଲକ୍ଷ୍ୟ କରି ଲେଖିଛନ୍ତି- "ରାଧାନାଥ ପ୍ରଧାନତଃ ବର୍ଣ୍ଣନାତ୍ମକ କବି । ଲିରିକ୍ ତାଙ୍କର ନ ଥିବା ସ୍ୱାଭାବିକ; ତଥାପି ସ୍ଥଳ ବିଶେଷରେ ତାହା ଯେପରି କୃତ କାର୍ଯ୍ୟତାସହ ବିକାଶ ପାଇଅଛି ତାହା ତାଙ୍କପରି ପ୍ରକୃତି ପୁରୋଧାଙ୍କ ପକ୍ଷରେ ଅତୀବ ଗୌରବାବହ ।"

ରାଧାନାଥୀ କାବ୍ୟରେ ଅମିତ୍ରାକ୍ଷର ଛନ୍ଦ ପ୍ରୟୋଗର ବିଚାର ପ୍ରସଙ୍ଗରେ ନୀଳକଣ୍ଠ ଭାବର ସ୍ୱାଧୀନ ପରିପ୍ରକାଶ କ୍ଷେତ୍ରରେ ଅମିତ୍ରାକ୍ଷର ଛନ୍ଦର ଉପଯୋଗିତା ଦର୍ଶାଇଛନ୍ତି- "ଉନ୍ନତ ସାହିତ୍ୟିକ ଦୃଷ୍ଟିରେ ଏହା ମିତ୍ରାକ୍ଷରଠାରୁ ମହତ୍ତର ଓ ଅଧିକ ସୁଶ୍ରାବ୍ୟ । ଏଥିରେ କବିଙ୍କ ପ୍ରତିଭା ଗୋଟିଏ କୃତ୍ରିମ ବନ୍ଧନ ପରିତ୍ୟାଗ କରି ଆଉ ଗୋଟିଏ ପ୍ରାକୃତିକ ବନ୍ଧନ ଯୋଗେ ମହତ୍ତର ହୁଏ ।"

ଆଲୋଚନା ସମୟରେ ସମୀକ୍ଷକ ରାଧାନାଥଙ୍କ କାବ୍ୟର କେତେକ ତ୍ରୁଟିପ୍ରତି ମଧ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତାଙ୍କ କାବ୍ୟରେ ଅବାସ୍ତବ ପରିକଳ୍ପନା, ତୋଷାମଦାତ୍ମକ ଉପାଦାନ, ଅସ୍ୱାଭାବିକ ଭାଷା, ଗୌରବାବହ ଅତୀତର ବିକୃତ ବ୍ୟାଖ୍ୟାନ ଆଦିର ଦୃଷ୍ଟାନ୍ତ ଦେଇ ସେଥିପ୍ରତି ପାଠକଙ୍କୁ ସଚେତନ କରିଦେଇଛନ୍ତି । ପରବର୍ତ୍ତୀ କାଳରେ ପଣ୍ଡିତ ନୀଳକଣ୍ଠ ରାଧାନାଥଙ୍କ କାବ୍ୟରେ ଆଦର୍ଶବୋଧର ଅଭାବ ଲକ୍ଷ୍ୟ କରି ତାଙ୍କପ୍ରତି ଘୋର ବିରାଗ ପ୍ରଦର୍ଶନ କରିଛନ୍ତି । ଆମର ପୁରାଣ ଇତିହାସକୁ ବିଜାତୀୟ କାହାଣୀ ସହ ଯୋଡିଦେଇ କବିବର ଆମ ଜାତୀୟ ଦେବତା, ରାଜା, ରାଜକନ୍ୟା ପ୍ରଭୃତିଙ୍କ ଚରିତ୍ରକୁ କଳଙ୍କିତ କରିଥିବାରୁ ତାଙ୍କ କାବ୍ୟପାଠରୁ ମୁଖ ଫେରାଇ ନେବାପାଇଁ ପାଠକବର୍ଗଙ୍କୁ ଆହ୍ୱାନ କରି ଲେଖିଛନ୍ତି-

"କବିଙ୍କୁ ସୁମରି ବିରାଗେ ମୁଖ ଫେରାଅ ପଢେ ।"
(କୋଣାର୍କେ କାବ୍ୟ)

**ଫକୀର ମୋହନ ସାହିତ୍ୟ ସମୀକ୍ଷକ ନୀଳକଣ୍ଠ :**

ଫକୀର ମୋହନଙ୍କ ସାହିତ୍ୟର ଆଲୋଚନା ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ

Digitized by PPRACHIN, SOA

ତିନିଗୋଟି ପ୍ରବନ୍ଧ ଲେଖିଛନ୍ତି । ପ୍ରଥମ ପ୍ରବନ୍ଧଟି 'ଫକୀର ମୋହନ ଓ ଓଡ଼ିଆ ଉପନ୍ୟାସ' ଶୀର୍ଷକରେ 'ସତ୍ୟବାଦୀ' ପତ୍ରିକାର ପ୍ରଥମ ଭାଗ ଚତୁର୍ଥରୁ ସପ୍ତମ ସଂଖ୍ୟା ଗୁଡିକରେ ଧାରାବାହିକ ଭାବେ ପ୍ରକାଶ ପାଇଥିଲା । ଦ୍ୱିତୀୟଟି ଖ୍ରୀ ୧୯୫୦ରେ ପ୍ରକାଶିତ ସୁରେନ୍ଦ୍ର ମହାନ୍ତିଙ୍କ 'ଫକୀର ମୋହନ' ପୁସ୍ତକର ଉପୋଦଘାତ ରୂପେ ଲେଖା ଯାଇଥିଲା ଏବଂ ତୃତୀୟଟି ଖ୍ରୀ: ୧୯୫୬ରେ ପ୍ରକାଶିତ 'ଫକୀର ମୋହନ ଗ୍ରନ୍ଥାବଳୀ'ରେ ଉପୋଦ୍‌ଘାତ ରୂପେ ସ୍ଥାନ ପାଇଥିଲା । ଏ ତିନି ଗୋଟି ପ୍ରବନ୍ଧ ପୁଣି ନୀଳକଣ୍ଠଙ୍କ 'ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକରେ ସଂକଳିତ ହୋଇଅଛି ।

ପଣ୍ଡିତ ନୀଳକଣ୍ଠଙ୍କ ବିଚାରରେ ଫକୀର ମୋହନ ହେଉଛନ୍ତି ମୂଳତଃ କବି । ସେ 'ରାମାୟଣ' ଓ 'ମହାଭାରତ'ର ଅନୁବାଦ କରିବା ପରେ, 'ଉତ୍କଳ ଭ୍ରମଣଂ' 'ଖଣ୍ଡକାବ୍ୟ' 'ପୁଷ୍ପମାଳା' ଓ 'ଉପହାର' କବିତା ସଙ୍କଳନ ଅନ୍ତର୍ଭୁକ୍ତ କବିତା ଗୁଡିକ ଲେଖିବା ପରେ ଉପନ୍ୟାସ ରଚନାରେ ମନୋନିବେଶ କରିଛନ୍ତି । ତେଣୁ 'ଫକୀର ମୋହନ ଓ ଓଡ଼ିଆ ଉପନ୍ୟାସ' ଶୀର୍ଷକ ଆଲୋଚନାରେ ନୀଳକଣ୍ଠ ଔପନ୍ୟାସିକଭାବେ ଫକୀର ମୋହନଙ୍କ ଦକ୍ଷତା ବିଚାର କରିଥିଲେ ହେଁ ସର୍ବତ୍ର ତାଙ୍କ ନାମରେ 'କବି' ବିଶେଷଣଟି ଯୋଗ କରିଛନ୍ତି ।

ଉପନ୍ୟାସ ରଚନା କ୍ଷେତ୍ରରେ ଫକୀର ମୋହନଙ୍କ ଆଦର୍ଶଭାବେ ନୀଳକଣ୍ଠ ବଂଗୀୟ ଔପନ୍ୟାସିକ ବଂକିମ ଚନ୍ଦ୍ରଙ୍କୁ ସ୍ୱୀକାର କରିଛନ୍ତି । ତାଙ୍କ ଯୁକ୍ତିରେ, ବଙ୍ଗ ଜାତିକୁ ଜାଗ୍ରତ କରିବା ପାଇଁ ବଂକିମଚନ୍ଦ୍ର ଯେପରି ଜନସାଧାରଣଙ୍କ ବୋଧଗମ୍ୟ ଭାଷାରେ ଉପନ୍ୟାସ ରଚନା କରିଥିଲେ ଫକୀର ମୋହନ ସେହିପରି ଓଡ଼ିଆ ଜନମାନସକୁ କୁସଂସ୍କାରମୁକ୍ତ କରିବା ପାଇଁ ସେମାନଙ୍କ ନିତିଦିନିଆ କଥିତ ଭାଷାରେ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ ।

ଆଲୋଚକ ନୀଳକଣ୍ଠ ଫକୀର ମୋହନଙ୍କ ଉପନ୍ୟାସ ଗୁଡିକୁ 'ଚରିତ୍ରଧର୍ମୀ ଉପନ୍ୟାସ' ଆଖ୍ୟା ଦେଇ ସେଗୁଡିକରେ ବିଭିନ୍ନ ପ୍ରକାର ଚରିତ୍ରର ବୈଚିତ୍ର୍ୟ ଲକ୍ଷ୍ୟ କରିଛନ୍ତି । ପଂକିଳ କଳୁଷ ପୂର୍ଣ୍ଣ ମଙ୍ଗରାଜଙ୍କ ଚରିତ୍ର ଠାରୁ ଦେବଭାବମୟୀ ପବିତ୍ର ଗୃହଲକ୍ଷ୍ମୀ ସାଆନ୍ତାଣିଙ୍କ ପର୍ଯ୍ୟନ୍ତ, ଉଚ୍ଛୃଙ୍ଖଳ ନଟବର ଠାରୁ ସୁଧୀରା ସହିଷ୍ଣୁ ଚାନ୍ଦମଣିଙ୍କ ପର୍ଯ୍ୟନ୍ତ କୁଚକ୍ରୀ ବିଶ୍ୱାସ ଘାତକିନୀ ଚମ୍ପାଠାରୁ ନିରୀହା ସରଳ ସାରିଆ ପର୍ଯ୍ୟନ୍ତ, ଭିକ୍ଷାଚିତ୍ତା ଠାରୁ ପୁରୁଷ ପୋଷାକ ଧାରିଣୀ କୁଳସ୍ତ୍ରୀ ଲଛମା ପର୍ଯ୍ୟନ୍ତ ବିଭିନ୍ନ ଚରିତ୍ର ମାଧ୍ୟମରେ ମାନବ ପ୍ରକୃତିକୁ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରିବାରେ ଫକୀର ମୋହନଙ୍କ କୃତିତ୍ୱ ଆଲୋଚକ ପାଠକଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି ।

Digitized by PPRACHIN, SOA

ଫକୀର ମୋହନଙ୍କ ଉପନ୍ୟାସର ରଚନା ରୀତି ସମ୍ପର୍କରେ ନୀଳକଣ୍ଠ ଲେଖିଛନ୍ତି- ''ନିଜେ ପ୍ରଚ୍ଛନ୍ନ ଅନ୍ତରାଳରେ ରହି ରଙ୍ଗ ଭଙ୍ଗୀରେ ପାଠକଙ୍କୁ ଖେଳାଇ ଖେଳାଇ ଉପନ୍ୟାସ ପଢ଼ାଉ ଅଛନ୍ତି । ପାରିବାରିକ ବିଧି, ବ୍ୟବହାର ଓ କ୍ରିୟା ବିଶେଷ ଏବଂ ବ୍ୟକ୍ତି ବିଶେଷର ପ୍ରକୃତି ଓ କାର୍ଯ୍ୟପ୍ରତି କବି ଯଥେଷ୍ଟ ବ୍ୟଙ୍ଗ ବିଦ୍ରୂପ କରିଛନ୍ତି । କିନ୍ତୁ ପ୍ରାୟ ସବୁ ଠାରେ କବି ନିଜେ ପ୍ରଚ୍ଛନ୍ନ । ପାଠକର ମନକୁ ବ୍ୟଙ୍ଗରେ ବିଷୟରୁ ବିଷୟାନ୍ତରକୁ ଚଳାଇବାର ବିଚିତ୍ର କୌଶଳ ଫକୀର ମୋହନଙ୍କ ଫକୀରମୋହନତ୍ୱ କହିଲେ ଚଳେ ।'' (ଓଡିଆ ଭାଷା ଓ ସାହିତ୍ୟ- ପୃ-୧୯୧) ସେହିପରି ଭାଷା ପ୍ରୟୋଗ କ୍ଷେତ୍ରରେ ଫକୀର ମୋହନ ଯେଉଁ ସ୍ୱାଭାବିକତା ଫୁଟାଇଥିଲେ ତାହା ଓଡିଆ ଭାଷାରେ ଏକ ନୀବୀନ ଶକ୍ତି ସଞ୍ଚାର କରି ଓଡିଆ ସାହିତ୍ୟରେ ଏକ ନବଯୁଗ ସୃଷ୍ଟି କରି ପାରିଥିଲା ବୋଲି ମତ ଦେଇ ଆଲୋଚକ ଲେଖିଛନ୍ତି- ''ଫକୀରମୋହନଙ୍କ ଭାଷାରେ ଗାରିମା ଅଛି । ଅଥଚ ଗ୍ରାମ୍ୟତା ନାହିଁ ।'' (ଓଡ଼ିଆ ଭାଷା ଓ ସାହିତ୍ୟ-ପୃ-୧୮୦)

ଓଡ଼ିଶାର ଭୌଗୋଳିକ ପରିସ୍ଥିତି ଭିତରେ ଇତିହାସ ସଙ୍ଗେ ସାମାଜିକତାକୁ ମିଶାଇଦେଇ ଫକୀର ମୋହନ ତାଙ୍କ ଗଳ୍ପ ଗୁଡିକର ପରିକଳ୍ପନା କରିଥିବାରୁ ଆଲୋଚକ ନୀଳକଣ୍ଠ ତାଙ୍କର ଅନନ୍ୟ ସାଧାରଣ କଳ୍ପନାଶକ୍ତି ଓ ଅନନୁକରଣୀୟ ଉଦ୍ୟମର ପ୍ରଶଂସା କରିଛନ୍ତି ।

ଗଦ୍ୟ ସାହିତ୍ୟ ସୃଷ୍ଟିରେ ଫକୀରମୋହନଙ୍କର ଯେଉଁ ପ୍ରତିଭାର ପରିଚୟ ମିଳେ ପଦ୍ୟ ସାହିତ୍ୟରେ ତାହାର ଅଭାବ ଆଲୋଚକ ଲକ୍ଷ୍ୟ କରିଛନ୍ତି । ତାଙ୍କ ରଚିତ 'ବୌଦ୍ଧାବତାର' କାବ୍ୟକୁ ସେ ବଙ୍ଗୀୟ କବି ନବୀନ ଚନ୍ଦ୍ର ସେନଙ୍କ 'ଅମିତାଭ' କାବ୍ୟ-ବସ୍ତୁର ଅନୁବାଦ ବୋଲି କହିଛନ୍ତି । ଆଲୋଚକଙ୍କ ମତରେ, ଫକୀର ମୋହନଙ୍କ 'ପୁଷ୍ପମାଳା' ଓ 'ଉପହାର' ପୁସ୍ତକରେ କେତେକ ଭାବଗର୍ଭକ କବିତା ସ୍ଥାନ ପାଇଥିଲେ ହେଁ 'ଅବସରବାସରେ' ଅନ୍ତର୍ଭୁକ୍ତ କବିତାଗୁଡିକ ମଧ୍ୟରୁ 'ହାଟବାହୁଡା' କବିତା ବ୍ୟତୀତ ଅନ୍ୟଗୁଡିକ ହୃଦୟସ୍ପର୍ଶୀ ନୁହେଁ, 'ଉତ୍କଳ ଭ୍ରମଣଂ'କୁ ସେ 'କୌତୁକ କାବ୍ୟ ଆଖ୍ୟା ଦେଇଛନ୍ତି ।

**ମଧୁସୂଦନ-ସାହିତ୍ୟର ସମୀକ୍ଷକ ନୀଳକଣ୍ଠ :**

ଭକ୍ତକବି ମଧୁସୂଦନ ରାଓ ଉପଯୋଗିତା ପ୍ରତି ଦୃଷ୍ଟି ଦେଇ କବିତା ରଚନା କରିଛନ୍ତି । ତାଙ୍କ କବିତାରେ ସେ ଉପେୟର ଇଙ୍ଗିତ ମାଧ୍ୟମରେ ବିହିତ ଉପାୟର ଯେଭଳି ଅନ୍ୱେଷଣ କରିଛନ୍ତି ସମୀକ୍ଷକ ନୀଳକଣ୍ଠ ତାହାର ଭୂୟସୀ ପ୍ରଶଂସା କରି ଲେଖିଛନ୍ତି- ''କବିତାରେ ଏପରି ଉପେୟରେ ଉପାୟ ମିଶାଇବା ଉଦ୍ଦେଶ୍ୟରେ ଆଦର୍ଶ

Digitized by PPRACHIN, SOA

ଦେଖିବା ବଡ ସୁଗମ ନୁହେଁ, ଏ ବଡ କଠିନ ପନ୍ଥା, ଏ ପନ୍ଥାରେ କୃତିତ୍ୱ ଇତର ସାଧାରଣ କବିଙ୍କଠାରେ ଆଶା କରିବା ବିଡମ୍ବନା ।''

ମଧୁସୂଦନଙ୍କ ସାହିତ୍ୟରେ ପ୍ରେମ ମାନବର ବ୍ୟକ୍ତିଗତ ସ୍ତରରୁ ବିଶ୍ୱ ବିଧାତାଙ୍କ ସ୍ତରକୁ ଉନ୍ନୀତ ହୋଇଥିବାର ଲକ୍ଷ୍ୟ କରି ଆଲୋଚକ କହନ୍ତି- ''ମଧୁସୂଦନ ପ୍ରେମିକ, ବିଶ୍ୱ ପରିବାର ସଙ୍ଗେ ତାଙ୍କର ଅନନ୍ତ ପ୍ରଣୟ । ବିଶ୍ୱ ବିଧାତାଙ୍କ ପ୍ରେମ ତାଙ୍କ ଭକ୍ତିର ଜୀବନ ।'' (ଉତ୍କଳ ସାହିତ୍ୟ ୨୦/୨) ସେ ପୁଣି କହନ୍ତି, ମଧୁସୂଦନ ଓଡିଆ କ୍ଷୁଦ୍ର କବିତା ରାଜ୍ୟକୁ ନୂଆ ଭାବ ସହ ନୂଆ ଛନ୍ଦ ମଧ୍ୟ ଆମଦାନୀ କରିଛନ୍ତି । ଭାବର ସ୍ୱଚ୍ଛନ୍ଦ ପ୍ରକାଶ ପାଇଁ ଯେଉଁ ଛନ୍ଦର ଆବଶ୍ୟକତା ରହିଛି ତାକୁ ଆଦରରେ କବି ଗ୍ରହଣ କରିଛନ୍ତି । ୟୁରୋପୀୟ ସେନ୍‌ସରିଆନ ଷ୍ଟାନ୍‌ଜା ଠାରୁ ଆରମ୍ଭ କରି ଏକାକ୍ଷର ମିତ୍ରାକ୍ଷର ପରି ନୂତନ ଛନ୍ଦ ସହ କାମୋଦି, ରସକୁଲ୍ୟା, କଳହଂସ କେଦାର, ଚକ୍ରକେଳି, ଭାଗବତ ବାଣୀ ପରି ପାରମ୍ପରିକ ଛନ୍ଦ ତାଙ୍କ କବିତାରେ ସଂଯୋଜିତ ହୋଇଛି ।

ଆଲୋଚନା ସମୟରେ ମଧୁସୂଦନଙ୍କ ରଚନାର ତ୍ରୁଟି ଗୁଡିକ ପ୍ରତି ମଧ ନୀଳକଣ୍ଠ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଭକ୍ତକବିଙ୍କ ଭାଷା ଅଧିକ ସଂସ୍କୃତାନୁଗ ହୋଇଥିବାରୁ ସେଥିରେ ସେ ଓଡିଆ ଭାଷାର ପ୍ରାଣ ସ୍ପନ୍ଦନ ସଙ୍କୁଚିତ ହୋଇଥିବାର ଲକ୍ଷ୍ୟ କରିଛନ୍ତି । ତାଙ୍କ ଗଦ୍ୟ ରଚନାରେ ଅଧିକ ସମାସ ଚାତୁରୀ । କୃଦନ୍ତ ତଦ୍ଧିତର ବିଶେଷ ପ୍ରୟୋଗ ଓ ଓଡ଼ିଆ କ୍ରିୟା ପ୍ରୟୋଗର ଅଭାବ ଯୋଗୁ ତାଙ୍କ ଭାଷାର ସ୍ୱାଭାବିକତା ହ୍ରାସ ପାଇଛି ବୋଲି ସେ ମତ ଦିଅନ୍ତି ।

**ନନ୍ଦକିଶୋର-ସାହିତ୍ୟ ସମୀକ୍ଷକ ନୀଳକଣ୍ଠ :**

'ନନ୍ଦ କିଶୋର ଗ୍ରନ୍ଥାବଳୀ'ର ମୁଖବନ୍ଧରେ ପଲ୍ଲୀକବିଙ୍କ ସାହିତ୍ୟର ଆଭିମୁଖ୍ୟ ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ଯେଉଁ ଆଲୋଚନା କରିଥିଲେ ତାହା 'ଓଡିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥର ଦ୍ୱିତୀୟ ସଂସ୍କରଣରେ 'ନନ୍ଦ କିଶୋରଙ୍କ ମୌଳିକତା' ଶୀର୍ଷକ ପ୍ରବନ୍ଧଭାବେ ସ୍ଥାନ ପାଇଥିଲା । ଆଲୋଚନା ପ୍ରସଙ୍ଗରେ ନନ୍ଦ କିଶୋରଙ୍କ କବିତାରେ କିପରି ଓଡିଆର ଯଥାର୍ଥ ପ୍ରାଣଟି ଫୁଟି ପାରିଛି ତାହା ସମୀକ୍ଷକ ପାଠକଙ୍କୁ ଦର୍ଶାଇ ଦେଇଛନ୍ତି । 'କାକ ବାରତା', 'ଡାମରାକାଉ', 'ନାନାବାୟା ଗୀତ' ଆଦି କବିତାରେ କବି ନନ୍ଦକିଶୋର ଆମର ନିତି ଦେଖୁଥିବା, ନିତି ଜାଣୁଥିବା ବିଷୟକୁ ଯେଭଳି ସରସ ସୁନ୍ଦର ଭାବେ ଅପୂର୍ବ କରି ଅଭିବ୍ୟକ୍ତ କରିଛନ୍ତି ସେଥିରେ ମୁଗ୍ଧ ହୋଇ ନୀଳକଣ୍ଠ ଲେଖିଛନ୍ତି- ''ଏହିପରି ନିତିଥିଲା ଜିନିଷରେ ଯାହା ଅଧିକ ଥାଏ, ତାହାଇ ହେଉଚି ସେ ଜିନିଷର ପ୍ରାଣ । ଜୀବନ୍ତ ବସ୍ତୁରେ ପ୍ରାଣ ଥାଏ । କିନ୍ତୁ ଦିଶୁ ନଥାଏ । ବସ୍ତୁରେ

Digitized by PPRACHIN, SOA

ସେଇ ଟିକକ ଅଧିକା । ଏ କବିତା ସବୁରେ ସେହି ଅଧିକା ଜିନିଷଟି ଅଧିଗମ୍ୟ, ହୁଏତ ସ୍ପଷ୍ଟ ବର୍ଣ୍ଣନୀୟ ନୁହେଁ ।'' (ଓଡ଼ିଆ ଭାଷା ଓ ସାହିତ୍ୟ-ପୃ-୨୬୯) ।

ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟଲୋଚନା କେବଳ କେତେକ ଆଲୋଚନାତ୍ମକ ପ୍ରବନ୍ଧ ରଚନାରେ ସୀମିତ ନ ଥିଲା । ବହୁ ଗବେଷକ ଓ ସାହିତ୍ୟିକଙ୍କ ଗ୍ରନ୍ଥର ମୁଖବନ୍ଧ ଲେଖି ଓ ବହୁ ସାହିତ୍ୟିକ ସଭାସମିତିରେ ଅଭିଭାଷଣ ଦେଇ ସେ ନିଜ ସାହିତ୍ୟାଲୋଚନାର ପରିସରକୁ ଦିଗନ୍ତ ବିସ୍ତାରୀ କରି ପାରିଥିଲେ । ଲକ୍ଷ୍ମୀଧର ସାହୁଙ୍କ ''ଓଡିଶାରେ ଜୈନଧର୍ମ'ର ଗ୍ରନ୍ଥ ପ୍ରବେଶ, ଗୋଦାବରୀଶ ମହାପାତ୍ରଙ୍କ 'କଣ୍ଟା ଓ ଫୁଲ' କବିତା ସଙ୍କଳନର 'ସ୍ୱମତ' ଓ 'ନବଭାରତ' ପତ୍ରିକାର 'ପୁସ୍ତକ ପରିଚୟ' ଶୀର୍ଷକ ରଚନା ମାନ ଏହାର ଦୃଷ୍ଟାନ୍ତ । ଆଲୋଚକ ପୁଣି ବିଭିନ୍ନ ସାହିତ୍ୟିକ ସଭାରେ ଅଭିଭାଷଣ ଦେଇ ସାହିତ୍ୟର ଭିତ୍ତି, ସ୍ଥିତି ଓ ଗତି ସମ୍ପର୍କରେ ବାରମ୍ବାର ଆଲୋଚନା କରିଛନ୍ତି ।

**ଓଡ଼ିଆ ଭାଷା ଓ ବ୍ୟାକରଣ ଆଲୋଚନାରେ ନୀଳକଣ୍ଠଙ୍କ ସ୍ୱାତନ୍ତ୍ର୍ୟ :**

ଓଡିଆ ଭାଷାକୁ ସଂସ୍କୃତ ଭାଷାର ନିଗଡ଼ରୁ ରକ୍ଷା କରିବା ପାଇଁ ପଣ୍ଡିତ ନୀଳକଣ୍ଠ ବିଭିନ୍ନ ଲେଖା ଓ ବକ୍ତୃତା ମାଧମରେ ବହୁ ଆଲୋଚନା କରିଛନ୍ତି । ତାଙ୍କ ମତରେ, ସଂସ୍କୃତ ମୂଳକ ଭାଷା ବାରମ୍ବାର ଲୋକଭାଷାକୁ ଆକ୍ରମଣ କରିବା ଫଳରେ ଆମର ଭାଷା କୃତ୍ରିମ ହୋଇପଡୁଛି । ଆମ ଭାଷା ଯେତେ ଲୋକଭାଷା ଓ ଲୋକ ରୁଚିର ଅନୁସରଣ କରିବ ସେତିକି ସରଳ ଓ ସ୍ୱାଧୀନ ହେବ ଏବଂ ଏହାହିଁ ଭାଷା ବିକାଶର ମୂଳସୂତ୍ର ।

ସମୀକ୍ଷକ ନୀଳକଣ୍ଠ ଭାଷାକୁ ସାହିତ୍ୟ ଓ ସଭ୍ୟତାର ଆଧାରରୂପେ ଗ୍ରହଣ କରି ସଭ୍ୟତାର ଭୁୟୋବିକାଶ କ୍ଷେତ୍ରରେ ଭାଷାଚର୍ଚ୍ଚାର ଗୁରୁତ୍ୱ ଉପଲବ୍ଧି କରିଛନ୍ତି । ତାଙ୍କ ଯୁକ୍ତିରେ, ମଣିଷର ଭାବ, ଚିନ୍ତା ଓ ଅନୁଭୂତି ବ୍ୟକ୍ତ କରୁଥିବା ଭାଷାର ଅଭିବୃଦ୍ଧି ଉପରେ ତା'ର ଶିକ୍ଷା ଓ ସଭ୍ୟତାର ପ୍ରସାର ନିର୍ଭର କରେ । ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ 'ଶବ୍ଦତତ୍ତ୍ୱ ବୋଧ ଅଭିଧାନ' ଓ 'ଓଡ଼ିଆ ଭାଷାତତ୍ତ୍ୱ'ର ଯଥାକ୍ରମେ 'ମୁଖବନ୍ଧ' ଓ 'ଗ୍ରନ୍ଥପ୍ରବେଶ' ଲେଖି ଆଲୋଚକ ନୀଳକଣ୍ଠ ଓଡ଼ିଆ ଭାଷାକୁ ଏକ ବିଜ୍ଞାନ ସମ୍ମତ ରୂପ ଦେବାରେ ଏ ଗ୍ରନ୍ଥ ଦୁଇଟିର ଅବଦାନ ଦର୍ଶାଇଛନ୍ତି ।

ଓଡ଼ିଶାର ବିଶିଷ୍ଟ ଭାଷାବିଦ୍ ଭାବେ ପଣ୍ଡିତ ନୀଳକଣ୍ଠ ଇଂରାଜୀ ଭାଷାରେ କେତୋଟି ପାଣ୍ଡିତ୍ୟ ପୂର୍ଣ୍ଣ ଭାଷଣ ପ୍ରଦାନ କରି ଓଡିଆ ଭାଷାର ସ୍ୱରୂପ ଅଣ ଓଡ଼ିଆଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି 'Oriya Language and Culture' ପ୍ରବନ୍ଧରେ

Digitized by PPRACHIN, SOA

ସେ ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ ସମ୍ପର୍କରେ ଆଲୋଚନା କରି ଓଡିଆ ସଂସ୍କୃତି ସହ ଓଡ଼ିଆ ଭାଷାକୁ ଓତଃପ୍ରୋତ ଭାବେ ଜଡିତ କରିଛନ୍ତି । ସେ ପୁଣି 'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥ ଓ ବ୍ୟାକରଣ ସମ୍ବନ୍ଧୀୟ କେତେକ ପ୍ରବନ୍ଧ ଲେଖି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଅନୁଯାୟୀ ଓଡ଼ିଆ ବ୍ୟାକରଣକୁ ଚଳିତ ଭାଷାନୁସାରୀ କରିବାକୁ ଉଦ୍ୟମ କରିଛନ୍ତି । ମୋଟ ଉପରେ ନୀଳକଣ୍ଠଙ୍କ ବ୍ୟାକରଣ ଓ ଭାଷାତତ୍ତ୍ୱ ସଂପର୍କୀୟ ଆଲୋଚନା ଗୁଡିକ ତାଙ୍କ ମୌଳିକ ଦୃଷ୍ଟିକୋଣର ପରିଚାୟକ ହୋଇପାରିଛି ।

ନୀଳକଣ୍ଠଙ୍କ ସମାଲୋଚନା ସାହିତ୍ୟର ପ୍ରଧାନ ବୈଶିଷ୍ଟ୍ୟ ହେଉଛି, ତାଙ୍କ ଆଲୋଚନାର ଯୁଗୋପଯୋଗିତା । କେଉଁ ସମୟରେ କିପରି ଆଲୋଚନା ସ୍ୱଜାତୀୟ ସାହିତ୍ୟର ବିକାଶରେ ସହାୟକ ହେବ ସେଥିପ୍ରତି ସର୍ବଦା ଦୃଷ୍ଟି ଦେଇଛନ୍ତି । ତାଙ୍କ ଭାଷାରେ- ''ସମାଲୋଚନାର ତୀବ୍ରତାରେ ପାଣ୍ଡିତ୍ୟ ଥାଇପାରେ, କିନ୍ତୁ ଉପଯୋଗିତାର ଅଭାବ ହେଲେ ତାହା ଗୋଟିଏ ବିଡମ୍ବନା,'' ବ୍ୟକ୍ତିନିଷ୍ଠ ସମାଲୋଚନାର ସମସ୍ତ ଲକ୍ଷଣ ନୀଳକଣ୍ଠଙ୍କ ଆଲୋଚନାର ସ୍ତରେ ସ୍ତରେ ନିହିତ । ଆଲୋଚନା ସମୟରେ ବିଚାର ସ୍ୱାତନ୍ତ୍ର୍ୟ, ସ୍ୱାଧୀନ ମତ ପ୍ରଦାନ ଏବଂ ନିର୍ଭୀକ ଅଭିବ୍ୟକ୍ତି ଏହାର ଦୃଷ୍ଟାନ୍ତ । ସ୍ୱକୀୟ ଆଲୋଚନା ମାଧ୍ୟମରେ ସେ ପରବର୍ତ୍ତୀ ସମାଲୋଚକଙ୍କ ପାଇଁ ବହୁଦ୍ୱାର ଉନ୍ମୋଚନ କରିପାରିଛନ୍ତି ଏବଂ ସାହିତ୍ୟିକ କୃତିଗୁଡିକୁ ନୂତନ ଭାବରେ ଉପସ୍ଥାପନ କରିପାରିଛନ୍ତି । ତେଣୁ ତାଙ୍କ ଆଲୋଚନା ଗୁଡିକ ସୃଜନାତ୍ମକ ସମାଲୋଚନା ବା Creative Criticism ସ୍ତରକୁ ଉନ୍ନୀତ ହୋଇପାରିଛି ।

□□

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ 'ଗୀତା'

''ବେଦେଷୁ ପୌରୁଷଂ ସୂକ୍ତଂ, ପୁରାଣେଷୁ ଚ ବୈଷ୍ଣବଂ
ଭାରତେ ଭଗବଦ୍ ଗୀତା, ତ୍ରୟଂ ତ୍ରୈଲୋକ୍ୟ ଦୁର୍ଲ୍ଲଭଂ ।''

ଆର୍ଯ୍ୟଶାସ୍ତ୍ର ପୃଥିବୀର ସମସ୍ତ ଧର୍ମର ମୂଳସୂତ୍ର । ପୁଣି ଆର୍ଯ୍ୟ ଶାସ୍ତ୍ରର ସକଳ ତତ୍ତ୍ୱ ବେଦରେ ନିହିତ । କିନ୍ତୁ ମନୁଷ୍ୟର ଆୟୁଷ୍କାଳ ତୁଳନାରେ 'ବେଦ' ଏକାନ୍ତ ଦୁରୂହ ଓ ବିସ୍ତୃତ ହୋଇଥିବାରୁ ସମୁଦାୟ ପାଠ କରି ଏହାର ତତ୍ତ୍ୱ ଗ୍ରହଣ କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତେଣୁ ବେଦବ୍ୟାସ ବେଦକୁ-କର୍ମ, ଉପାସନା, ଜ୍ଞାନ ଓ ଚିକିତ୍ସା- ଏହିପରି ଚାରିଭାଗରେ ବିଭକ୍ତ କରିଥିଲେ । (୧) ଏଥି ମଧ୍ୟରୁ କର୍ମ ଉପାସନା ଓ ଜ୍ଞାନ- ଏହି ଶ୍ରେଷ୍ଠ ତିନି ଅଂଶକୁ ନେଇ ଯଥାକ୍ରମେ ଯଜୁଃ, ସାମ ଓ ଋକ୍ ବେଦ ରଚିତ ହେଲା । ସାଧାରଣରେ ଏହା ତ୍ରୟୀ ନାମରେ ବିଦିତ । ଅପେକ୍ଷାକୃତ ନିକୃଷ୍ଟ ବିଷୟ ଚିକିତ୍ସା ଶାସ୍ତ୍ରକୁ ନେଇ ଅଥର୍ବ ବେଦ ଲିଖିତ ।

ସେ ସମୟରେ କେତେକ କାରଣରୁ ଶୂଦ୍ର ଓ ସ୍ତ୍ରୀ ଜାତି ପ୍ରଭୃତି ସାଧାରଣ ଲୋକ ବେଦପାଠ ଅଧିକାରରୁ ବଞ୍ଚିତ ହେଉଥିଲେ । ତେଣୁ ବେଦର ସମସ୍ତ ଜ୍ଞାତବ୍ୟ ବିଷୟକୁ ସର୍ବଜନ ବିଦିତ କରିବା ଲାଗି ବ୍ୟାସଦେବ 'ତ୍ରିଷଟ୍' ଅର୍ଥାତ୍ ଅଷ୍ଟାଦଶ ପର୍ବ ବିଶିଷ୍ଟ 'ମହାଭାରତ' ରଚନା କଲେ । ଏହି ଅଷ୍ଟାଦଶ ଖଣ୍ଡ ମହାଭାରତ ମଧ୍ୟରେ ପୁଣି 'ଭୀଷ୍ମପର୍ବର'ର 'କୃଷ୍ଣାର୍ଜୁନ' ସମ୍ବାଦ ରୂପୀ 'ଶ୍ରୀମଦ୍ ଭଗବଦ୍ ଗୀତା' ଅତି ଉପାଦେୟ ବିଷୟ ରୂପେ ସର୍ବଜନାଦୃତ ହୋଇ ପାରିଛି ।

'ଭଗବଦ ଗୀତା' ଏକ ସ୍ୱତନ୍ତ୍ର ଗ୍ରନ୍ଥ ନୁହେଁ । 'ମହାଭାରତ' ଅନ୍ତର୍ଭୁକ୍ତ 'ଭୀଷ୍ମପର୍ବ'ର ଏକ ଉପପର୍ବ ମାତ୍ର । ଭୀଷ୍ମ ପର୍ବର ପ୍ରଥମ ବାରଟି ଅଧ୍ୟାୟ 'ଭୂମିପର୍ବ' ଏବଂ ଦ୍ୱିତୀୟ ତିରିଶ ଅଧ୍ୟାୟ 'ଭଗବଦ୍‌ଗୀତା ପର୍ବ' । ଏହି ଦ୍ୱିତୀୟ ଉପପର୍ବର ଶେଷ ଅଠର ଅଧ୍ୟାୟର ନାମ 'ଗୀତା' ମୂଳ ଗ୍ରନ୍ଥରୁ ଏହି ଅଂଶତକ ବାଦ୍ ଦେଲେ ବିଷୟ ପରଂପରାରେ କୌଣସି ଅସଂଗତି ଘଟିବ ନାହିଁ । କିନ୍ତୁ ଏହି କ୍ଷୁଦ୍ର ଅଂଶଟି ହିଁ ମନେହୁଏ ସମଗ୍ର 'ମହାଭାରତ'ର କେନ୍ଦ୍ର ବିନ୍ଦୁ । 'ମହାଭାରତ'ର 'ଭୀଷ୍ମପର୍ବ' ଓ 'ଅଶ୍ୱମେଧ ପର୍ବରେ ସମୁଦାୟ ୧୬ ଗୋଟି 'ଗୀତା'ର ନାମ କୀର୍ତ୍ତିତ ହୋଇଥିଲେ ହେଁ, କେବଳ 'ଗୀତା' କହିଲେ, ସମସ୍ତେ 'ଭଗବଦ୍ ଗୀତା'କୁ ହିଁ ବୁଝିଥାଆନ୍ତି । ସୁଖମୟ ଭଟ୍ଟାଚାର୍ଯ୍ୟ ଶାସ୍ତ୍ରୀ ସପ୍ତତୀର୍ଥ ଏହାକୁ 'ମହାଭାରତ' ରୂପୀ 'ରତ୍ନହାରର ମଧ୍ୟମଣି' ବୋଲି କହିଛନ୍ତି । (୨)

Digitized by PPRACHIN, SOA

ମହାମାନ୍ୟ ବାଲ୍‌ଗଙ୍ଗାଧର ତିଲକ ତାଙ୍କ ରଚିତ 'ଗୀତା ରହସ୍ୟ'ର ପ୍ରାକ୍ ଭାଗରେ 'ଗୀତା' ସମ୍ବନ୍ଧରେ କେତେକ ପ୍ରଖ୍ୟାତନାମା ବ୍ୟକ୍ତିଙ୍କ ମତ ଉଦ୍ଧାର କରିଛନ୍ତି । (୩)

ସଂକ୍ଷେପରେ କହିଲେ, 'ଭଗବଦ୍ ଗୀତା' ଆର୍ଯ୍ୟ ଧର୍ମର ସାର ନିର୍ଯ୍ୟାସ । ଯଜୁଃ, ସାମ ଓ ଋକ୍- ଏହି ବେଦ ତ୍ରୟରେ ଯଥାକ୍ରମେ କର୍ମ, ଉପାସନା ଓ ଜ୍ଞାନ ବର୍ଣ୍ଣିତ ହେବାପରି 'ଗୀତା'ର ପ୍ରଥମ ଷଟକରେ କର୍ମ, ଦ୍ୱିତୀୟ ଷଟକରେ ଉପାସନା ଓ ତୃତୀୟ ଷଟକରେ ଜ୍ଞାନ ପ୍ରାଧାନ୍ୟ ଲାଭ କରିଅଛି । ଟୀକାକାର ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଯଥାର୍ଥରେ କହିଛନ୍ତି— "ଯଦି କୌଣସିଠାରେ ଧର୍ମର ସଂପୂର୍ଣ୍ଣ ପ୍ରକୃତି ବ୍ୟକ୍ତ ଓ ପରିସ୍ଫୁଟ ହୋଇଥାଏ, ତେବେ ତାହା ହୋଇଛି 'ଶ୍ରୀମଦ୍ ଭଗବଦ୍ ଗୀତା'ରେ । ଗୀତୋକ୍ତ ଧର୍ମ ସମଗ୍ର ମାନବ ଜାତିର ଶ୍ରେଷ୍ଠ ଧର୍ମ । ଉଭୟ ଈଶ୍ୱରବାଦୀ ଓ ଅନୀଶ୍ୱରବାଦୀ ଯେଉଁ ଚିତ୍ତ ଶୁଦ୍ଧିରେ ବିଶ୍ୱାସ କରନ୍ତି ସେହି ଚିତ୍ତ ଶୁଦ୍ଧି ହିଁ ଗୀତାର ଉଦ୍ଦେଶ୍ୟ ।" (୪)

## 'ଗୀତା'ର ପ୍ରାଚୀନତା :

'ଗୀତା'ର ପ୍ରାଚୀନତା ଦର୍ଶାଇବା ପାଇଁ ପଣ୍ଡିତ ନୀଳକଣ୍ଠ ବାଳ ଗଙ୍ଗାଧର ତିଲକଙ୍କ ମତ ଉଦ୍ଧାର କରି ଲେଖିଛନ୍ତି— " 'ଗୀତା' ଶାକ୍ୟ ମୁନି ବୁଦ୍ଧଙ୍କ କାଳରୁ ବହୁ ପ୍ରାଚୀନ । 'ନିର୍ବାଣ' ଶବ୍ଦ ତଥା କର୍ମ ତ୍ୟାଗ-ସନ୍ନ୍ୟାସ, କର୍ମ ବିପାକ (କର୍ମର ପରିଣାମରେ ଜନ୍ମାଦି ବୌଦ୍ଧ ସାଧନା ଓ ବିଶ୍ୱାସ) ଏ ଦେଶରେ ଥିଲା । ଗୀତାର 'ବ୍ରହ୍ମ ନିର୍ବାଣ' କଥାଟି (୨/୭୨ ଓ ୫/୨୪-୨୬ ଶ୍ଲୋକ) ଛାନ୍ଦୋଗ୍ୟ ଉପନିଷଦରେ (୨/୨୩୧) ମିଳେ । 'ଗୀତା'ରେ ମଧ୍ୟ ବିଶୁଦ୍ଧ ନିର୍ବାଣ କଥାଟିର ପ୍ରୟୋଗ ଅଛି (୬/୧୫ ଶ୍ଲୋକ) । ଅତଏବ ଏହା ବୌଦ୍ଧଧର୍ମ 'ଶାକ୍ୟ-ମୁନି'ଙ୍କ ଠାରୁ ହୋଇ ନାହିଁ । ବହୁ ପୂର୍ବରୁ ସେ ଧାରଣା, ବିଶ୍ୱାସ ଓ ସାଧନା ଏ ଦେଶରେ ଥିଲା ।" (୫)

ତିଲକ ପୁଣି କହିଛନ୍ତି, ଶାକ୍ୟ ମୁନି ବୁଦ୍ଧଙ୍କର ବହୁ ପୂର୍ବରୁ 'ଜ୍ଞାନୀ' ଅର୍ଥରେ ପାରିଭାଷିକ ଶବ୍ଦ ରୂପେ 'ବୁଦ୍ଧ' ଶବ୍ଦ ଏ ଦେଶରେ ଚଳୁଥିଲା । ମହାଭାରତରେ 'ବୁଦ୍ଧ' ଓ 'ପ୍ରତିବୁଦ୍ଧ' ଶବ୍ଦ ଅନେକ ସ୍ଥାନରେ ବ୍ୟବହୃତ ହୋଇଚି (ମହାଭାରତ-ଶାନ୍ତି ପର୍ବର ୧୯୪/୫୮, ୩୦୭/୪୭ ଓ ୩୪୩/୫୨) । ସେ ସବୁଠାରେ ଏହାର ଅର୍ଥ ଜ୍ଞାନୀ, ଜ୍ଞାନବାନ ଅଥବା ସ୍ଥିତପ୍ରଜ୍ଞ ବ୍ୟକ୍ତି । ତେଣୁ 'ଗୀତା'ରେ 'ନିର୍ବାଣ' ଆଦି ଶବ୍ଦ ଦେଖି ଏହାକୁ ଶାକ୍ୟମୁନି ବୁଦ୍ଧଙ୍କ ପରବର୍ତ୍ତୀ କାଳର ରଚନା ବୋଲି ମନେ କରିବା

Digitized by PPRACHIN, SOA

ନୀଳକଣ୍ଠ କିନ୍ତୁ ତିଲକଙ୍କର ଏହି ମତକୁ ଗ୍ରହଣ କରିନାହାନ୍ତି । ତାଙ୍କ ମତରେ 'ମହାଭାରତ' ଯେତେବେଳେ 'ଜୟ' ନାମରେ ପରିଚିତ ଥିଲା ସେତେବେଳେ ସେଥିରେ 'ଗୀତା' ସ୍ଥାନ ପାଇ ନଥିଲା । ତାଙ୍କ ଭାଷାରେ— ''ମହାଭାରତ ପ୍ରଥମେ 'ଜୟ' ଓ ପରେ 'ଭାରତ' ନାମରେ ପରିଚିତ ଥିଲା । ଏହା 'ମହାଭାରତ'ନାମରେ ସମ୍ପାଦିତ ତଥା ପ୍ରକାଶିତ ହେବା ବେଳକୁ ସେ ଗ୍ରନ୍ଥରେ ବିଷ୍ଣୁ ଅର୍ଥାତ୍ ବାସୁଦେବ ବା କୃଷ୍ଣରୂପୀ ବିଷ୍ଣୁ ତଥା ବୈଷ୍ଣବ ଧର୍ମର ପ୍ରତିପତ୍ତି ପ୍ରକଟିତ ହୋଇଅଛି । ଶ୍ରୀମଦ୍ ଭଗବଦ୍ ଗୀତା ଭଳି ଅଂଶମାନ ତତକାଳୀନ ବୈଷ୍ଣବମାନଙ୍କର କୃତି । ସେ କାଳ କେବେ ? ମନେ ହେଉଚି, ତାହା 'ଜୟ' କିମ୍ବା 'ଭାରତ' ନାମରେ ବିଦିତ ଥିବା ମହାଭାରତର କାଳ ହୁଏ ତ ନୁହେଁ ।(୭)

ଗୀତାରେ କୁତ୍ରାପି ଅଦ୍ଭୁତକର୍ମ ବା ଅତିସାଧନାର ଉଲ୍ଲେଖ ନାହିଁ । ସାଧାରଣ ମାନବ ପରି ଚଳିତ ମୋକ୍ଷ ସାଧନା କରିବା ପାଇଁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି । ଭାଷ୍ୟକାର ନୀଳକଣ୍ଠ 'ଗୀତା'ର-

''ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ
ନ ଚାତି ସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବଚାର୍ଜୁନ
ଯୁକ୍ତାହାର ବିହାରସ୍ୟ ଯୁକ୍ତ ଚେଷ୍ଟସ୍ୟ କର୍ମସୁ
ଯୁକ୍ତ ସ୍ୱପ୍ନା ବୋଧସ୍ୟ ଯୋଗୋ ଭବତି ଦୁଃଖହା''

(ଗୀତା-୬/୧୬, ୧୭)

ଏହି ଶ୍ଳୋକଦ୍ୱୟ ଉଦ୍ଧାର କରି କହନ୍ତି, ''ଗୀତା ବେଳକୁ ବୁଦ୍ଧଦେବଙ୍କ ଯୋଗ ବହୁତ ନରମ ହୋଇ ଯାଇଥିଲା । ଅଶୋକଙ୍କବେଳେ କଳିଙ୍ଗ ଯୁଦ୍ଧରେ ଯେଉଁ ଯୋଗର ପ୍ରକ୍ରିୟା ପ୍ରକାଶ ପାଇଲା, ସେଥିରେ ପୁଣି ଅଶୋକ ଅତି ସାବଧାନତାର ସହିତ 'ବ୍ରାହ୍ମଣ' ଓ 'ଶ୍ରମଣ' ଏ ଦୁହିଁଙ୍କ ଭିତରେ କୌଣସି ଭେଦ ନ ରଖି ସମସ୍ତ ବିଶ୍ୱରେ ନିଜର ସାମ୍ୟଭାବ ପ୍ରଚାର କଲେ । ହେଲେ ହେଁ, ସେଇଠାରୁ କ୍ରମେ ମହାସଂଘିକମାନେ ବୁଦ୍ଧଦେବଙ୍କୁ ମୂଳତଃ ଭୁଲିଯାଇ ତାଙ୍କୁ 'ବୁଦ୍ଧ ଭଗବାନ' ରୂପେ ଭକ୍ତମାନଙ୍କ ଭିତରେ ପ୍ରଚାର କଲେ । ଏଇ ବୁଦ୍ଧଧର୍ମ ପରେ ଗୀତା ଧର୍ମ ରୂପେ ଭାରତରେ ପ୍ରଚାରିତ ହେଲା । (୮) ସେ ତେଣୁ ଗୀତାର ରଚନା କାଳ ଖ୍ରୀ. ୧ମ-୨ୟ ଶତାବ୍ଦୀ କିମ୍ବା ତା' ଠାରୁ ଆଉ ଟିକିଏ ପ୍ରାଚୀନ ବୋଲି ଦର୍ଶାଇଛନ୍ତି ।

Digitized by PPRACHIN, SOA

ବିଭିନ୍ନ ଭାଷାରେ ଗୀତାର ଅନୁବାଦ ଓ ଆଲୋଚନା:

'ଗୀତା' ସକଳ ଧର୍ମର ସାର ନିର୍ଯ୍ୟାସ । କିନ୍ତୁ ଏହା ସଂସ୍କୃତରେ ଲେଖା ଯାଇଥିବାରୁ ସର୍ବଜନ ବୋଧ୍ୟ ନୁହେଁ । ତେଣୁ ଏହି ଅମୂଲ୍ୟ ଗ୍ରନ୍ଥକୁ ପୃଥିବୀର ପ୍ରାୟ ସବୁ ଭାଷାରେ ଅନୁବାଦ କରାଯାଇ ଏହାର ଟୀକା ପ୍ରସ୍ତୁତ କରାଯାଇଛି । ଶଙ୍କରାଚାର୍ଯ୍ୟ, ରାମାନୁଜ, ଆନନ୍ଦଗିରି, ଶ୍ରୀଧର ସ୍ୱାମୀ, ମଧୁସୂଦନ ସରସ୍ୱତୀ, ନୀଳକଣ୍ଠ ଚତୁର୍ଦ୍ଧରୀ ପ୍ରମୁଖ ମହାପଣ୍ଡିତମାନେ ସଂସ୍କୃତରେ 'ଗୀତା'ର ଭାଷ୍ୟ ବା ଟୀକା ଟିପ୍ପଣୀ ଲେଖିଛନ୍ତି । ଚୌଧୁରୀ ଦ୍ୱାରକା ନାଥ ନନ୍ଦ ପୃଥିବୀରେ ବିଭିନ୍ନ ଭାଷାରେ ଗୀତାନୁବାଦର କାଳ କ୍ରମିକ ବିବରଣୀ ଦେଇଛନ୍ତି- ଖ୍ରୀ: ୧୫୮୪ରେ ଆକବର ବାଦଶାହ ଥିବା ସମୟରେ ଫୟଜୀ ପାରସ୍ୟ ଭାଷାରେ 'ମହାଭାରତ' ଅନୁବାଦ କରିଥିଲେ । ତାହାର ନାମ 'ରାଜିନାମା' । ତହିଁରେ ଗୀତାର ଅନୁବାଦ ଅଛି । ଖ୍ରୀ: ୧୭୪୪ରେ ଚାର୍ଲସ ଉଇଲ, କିଙ୍ଗସ୍ 'ଗୀତା'ର ଇଂରାଜୀ ଅନୁବାଦ କରିଥିଲେ । ଖ୍ରୀ: ୧୮୫୫ରେ ଟମସନ୍ ଓ ଖ୍ରୀ: ୧୮୮୨ରେ ଜନ୍ ଡ଼ାଭିସ୍ ଇଂରାଜୀ ଗଦ୍ୟରେ 'ଗୀତା' ଅନୁବାଦ କରିଥିଲେ । ବିଖ୍ୟାତ କବି ଏଡ୍ଉଇନ୍ ଆର୍ଣ୍ଣଲ୍ଡ ଗୀତାର ଇଂରାଜୀ ପଦ୍ୟାନୁବାଦ ପ୍ରକାଶ କରିଛନ୍ତି । ଖ୍ରୀ. ୧୮୨୩ରେ ଜର୍ମାନ୍ ପଣ୍ଡିତ ସ୍ଲେଗଲ (A. W. Schlegel) ଲାଟିନ୍ ଭାଷାରେ ଗୀତାର ଅନୁବାଦ କରିଛନ୍ତି । ଏହା ବ୍ୟତୀତ ଗାଲିନିଅସ ଡିମେଟ୍ରିଅସ୍ ଗ୍ରୀକ୍ ଭାଷାରେ, ବର୍ନୁଫ ସାହେବ ଇଟାଲି ଭାଷାରେ ଏବଂ ଗ୍ୟାଟି ସାହେବ ଇଟାଲି ଭାଷାରେ ଗୀତାନୁବାଦ କରି 'ଭଗବଦ୍ ଗୀତା'କୁ ପୃଥିବୀ ପ୍ରସାରୀ ଗ୍ରନ୍ଥ କରିବାରେ ସାହାଯ୍ୟ କରିଛନ୍ତି । (୯)

ଭାରତର ବିଭିନ୍ନ ପ୍ରାଦେଶିକ ଭାଷାରେ ମଧ 'ଗୀତା'ର ଅନୁବାଦ ଓ ଟୀକା ପ୍ରସ୍ତୁତ ହୋଇଅଛି । ଭାଷ୍ୟକାର ଓ ଟୀକାକାରମାନେ ନିଜ ନିଜ ରୁଚି ଅନୁସାରେ କେହି 'କର୍ମ'ର, କେହି 'ଭକ୍ତି'ର କେହି ବା ଜ୍ଞାନ ଯୋଗର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି । ଉନବିଂଶ ଓ ବିଂଶ ଶତାବ୍ଦୀରେ ଭାରତର ନବ ଜାଗରଣ ଯୁଗରେ ଭାରତୀୟମାନଙ୍କ ଚିତ୍ତ ଜାଗୃତି ନିମନ୍ତେ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ଦ୍ୱାରା ଗୀତାଭାଷ୍ୟ ଓ ଡକ୍ଟର ରାଧାକୃଷ୍ଣନଙ୍କ ଦ୍ୱାରା ଗୀତାର ତତ୍ତ୍ୱ ବିଶ୍ଳେଷିତ ହୋଇଅଛି । ବାଲ୍ଗଙ୍ଗାଧର ତିଲକ 'ଗୀତା'କୁ 'କର୍ମଯୋଗ ଶାସ୍ତ୍ର' ରୂପେ ପ୍ରତିପାଦନ କରିଛନ୍ତି ।

'ଭଗବଦ୍‌ଗୀତା'ର ଓଡ଼ିଆ ଅନୁବାଦ ତଥା ବ୍ୟାଖ୍ୟା ପ୍ରସ୍ତୁତ କରିବାରେ ପ୍ରଥମ ସଫଳ ପ୍ରଚେଷ୍ଟା ସ୍ୱନାମଧନ୍ୟ ସ୍ୱର୍ଗତ ବିହାରୀଲାଲ ପଣ୍ଡିତ କରିଛନ୍ତି । ତାଙ୍କ ଅନୂଦିତ ଗୀତାର ପ୍ରଥମ ସଂସ୍କରଣ ଖ୍ରୀ: ୧୮୮୫ରେ ଏବଂ ଦ୍ୱିତୀୟ ସଂସ୍କରଣ ଖ୍ରୀ: ୧୯୬୯ରେ ପ୍ରକାଶ ପାଇଅଛି । ସଂସ୍କୃତ ଟୀକା ଭାଷ୍ୟ ଏବଂ ହିନ୍ଦୀ ଓ ବଙ୍ଗଳାରେ ପ୍ରକାଶ ପାଇଥିବା

Digitized by PPRACHIN, SOA

କେତେକ ଗୀତାନୁବାଦକୁ ପର୍ଯ୍ୟାଲୋଚନା କରି ସେ ବହୁ ସମୟ ଓ ଶ୍ରମ ବ୍ୟୟରେ ଦୀର୍ଘ ୭୪୪ ପୃଷ୍ଠା ବ୍ୟାପୀ 'ଗୀତା'ର ଓଡ଼ିଆ ଅନୁବାଦ ଓ ବ୍ୟାଖ୍ୟା ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ସେ ମୁଖ୍ୟତଃ ଶ୍ରୀଧର ସ୍ୱାମୀଙ୍କ 'ସୁବୋଧିନୀ ଟୀକା' ଅନୁସରଣ କରିଥିବା ସ୍ୱୀକାର କରିଛନ୍ତି ।

ଆଚାର୍ଯ୍ୟ ହରିହରଙ୍କ 'ଗୀତା'ରେ 'ଭଗବଦ୍‌ଗୀତା'ର ଶ୍ଳୋକଗୁଡିକ ଓଡ଼ିଆ ଅନୁବାଦ 'ପଦଟୀକା'ରେ ଦିଆଯାଇଅଛି । ଏହି କ୍ଷୁଦ୍ର ଗ୍ରନ୍ଥଟି ସାଧାରଣ ପାଠକଙ୍କୁ ଗୀତାପାଠ ପାଇଁ ପ୍ରେରଣା ଯୋଗାଇଥିଲେ ହେଁ ଏଥିରେ ଗୀତାତତ୍ତ୍ୱର କୌଣସି ବ୍ୟାଖ୍ୟା ନାହିଁ ।

ବିହାରୀଲାଲଙ୍କ 'ଗୀତା' ପ୍ରକାଶ ପାଇବାର ଦୀର୍ଘ ପଚାଶ ବର୍ଷ ପରେ ପଣ୍ଡିତ ନୀଳକଣ୍ଠ ଗୀତାଭାଷ୍ୟ ରଚନା ପାଇଁ ସଚେତନ ପ୍ରୟାସ କଲେ । ଖ୍ରୀ ୧୯୩୬ ମସିହା ସେପ୍‌ଟେମ୍ବର ମାସରେ ତାଙ୍କ ଗୀତା ଭାଷ୍ୟର ପ୍ରଥମ ସଂସ୍କରଣ ଯତ୍‌କିଞ୍ଚିତ ପ୍ରାରମ୍ଭିକ ସୂଚନା ସହ ପ୍ରକାଶ ପାଇଲା । ଏହି ଗ୍ରନ୍ଥର ଲୋକପ୍ରିୟତା ଏତେ ଅଧିକ ହେଲା ଯେ ଏହାର ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ଖ୍ରୀ: ୧୯୫୨ରେ ଏବଂ ତୃତୀୟ ସଂସ୍କରଣ ଖ୍ରୀ: ୧୯୬୮ରେ ଏବଂ ଚତୁର୍ଥ ସଂସ୍କରଣ ୧୯୮୦ ମସିହାରେ ପ୍ରକାଶ ପାଇଲା ।

**ଗୀତାଲୋଚନାରେ ନୀଳକଣ୍ଠଙ୍କ ସ୍ୱାତନ୍ତ୍ର୍ୟ :**

ଭାଷ୍ୟକାର ପଣ୍ଡିତ ନୀଳକଣ୍ଠ 'ଗୀତା'କୁ ବୈଦିକ ଧର୍ମ ଧାରଣାର ବିକାଶ ରୂପେ ଗ୍ରହଣ କରିନାହାନ୍ତି । ସେ ଏଥିରେ ଆତ୍ମଧର୍ମର ପ୍ରାଧାନ୍ୟ ପ୍ରତିପାଦନ କରିଛନ୍ତି । ଆଲୋଚ୍ୟ ଗ୍ରନ୍ଥଟିକୁ ସେ ତିନି ଭାଗରେ ବିଭକ୍ତ କରିଛନ୍ତି- 'ଗୀତା'ର ପୀଠିକା', 'ଗୀତା ପ୍ରବେଶ' ଓ 'ଗୀତାର ଟୀକା' ।

ଗୀତାଧର୍ମ ଓ ତାହାର ମୂଳତତ୍ତ୍ୱ, ଗୀତାରେ ଆର୍ଯ୍ୟ ଧର୍ମର ପରମ୍ପରା, ଗୀତାରେ ମାନବ ଧର୍ମ, ଗୀତାରେ ବ୍ୟକ୍ତିର ପ୍ରାଧାନ୍ୟ, ଗୀତାରେ ବେଦତତ୍ତ୍ୱ, ଗୀତାର କୃଷ୍ଣ ବା ପୁରୁଷୋତ୍ତମ, ଗୀତାର ଭାଷା ପ୍ରଭୃତି ବିଷୟମାନ ଆଲୋଚକ ନୀଳକଣ୍ଠ ଯେପରି ଅଭିନବ ଦୃଷ୍ଟିକୋଣରୁ ବିଚାର କରିଛନ୍ତି ତାହା ବାସ୍ତବିକ ଅସାଧାରଣ । ଏହା ବ୍ୟତୀତ ତାଙ୍କ ଆଲୋଚନାର ଆଉ କେତୋଟି ବିଶେଷତ୍ୱ ହେଉଛି- 'ଗୀତା'ରେ ଓଡ଼ିଶୀ ସଂସ୍କୃତିର ଅନୁଧ୍ୟାନ, ଏଥିରେ ଜୈନଧର୍ମର ପରମ୍ପରା ଅନୁସନ୍ଧାନ, 'ଓଁ' ତତ୍ତ୍ୱରେ ଓଡ଼ିଶୀ ପ୍ରଭାବ ଏବଂ 'ଗୀତା'ରେ ଅସୁର ସଭ୍ୟତାର ଧାରାର ପର୍ଯ୍ୟବେକ୍ଷଣ । ନୀଳକଣ୍ଠଙ୍କ ଗୀତା ଭାଷ୍ୟର ଯଥାର୍ଥ ମୂଲ୍ୟାବଧାରଣ ପାଇଁ ଏହି ନୂତନ ଦିଗଗୁଡିକ ପ୍ରତି ଆଲୋକପାତ କରାଯିବା ଉଚିତ ।

Digitized by PPRACHIN, SOA

ଗୀତାଧର୍ମ :

ଗୀତାର ଧର୍ମ ସାର୍ବଜନୀନ । ଏଥିରେ ଦେଶ, କାଳ ବା ପରିସ୍ଥିତିର ଭେଦ ନାହିଁ, ବିଶ୍ୱ-ତତ୍ତ୍ୱର ପ୍ରତିଷ୍ଠା ହୋଇ ସେହି ଅନୁକ୍ରମରେ ମନୁଷ୍ୟର କର୍ତ୍ତବ୍ୟ ସମ୍ପର୍କରେ ସୂଚନା ଦିଆଯାଇଛି । 'ଗୀତା'ରେ ଯେଉଁ ଯୁଦ୍ଧର ଅବତାରଣା କରାଯାଇଛି, ତାହା କେବଳ ପୁରାଣ ପ୍ରସିଦ୍ଧ ଐତିହାସିକ ମହାଭାରତ ଯୁଦ୍ଧ ନୁହେଁ । ଏହି ଯୁଦ୍ଧକ୍ଷେତ୍ର ଯଥାର୍ଥରେ ସଂସାର ରୂପକ ଯୁଦ୍ଧକ୍ଷେତ୍ର ବା ମନୁଷ୍ୟର କର୍ମକ୍ଷେତ୍ର । ଗୀତାର ଶ୍ରୀକୃଷ୍ଣ ଓ ଅର୍ଜୁନ ମଧ କେବଳ ପୌରାଣିକ ବା ଐତିହାସିକ ବ୍ୟକ୍ତି ବିଶେଷ ନୁହନ୍ତି । 'ଗୀତା'ର ଅର୍ଜୁନ-ଜାତି ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟ ଏବଂ 'ଗୀତା'ର ଶ୍ରୀକୃଷ୍ଣ- ମାନବ ସମାଜର ଏକମାତ୍ର ଜଗଦ୍‌ଗୁରୁ । ଶ୍ରୀକୃଷ୍ଣ କେବଳ ମହାଭାରତ ଯୁଗର ଅର୍ଜୁନଙ୍କୁ ଯୁଦ୍ଧରେ ପ୍ରବୃତ୍ତ କରିବାକୁ ଅବତରୀ ହୋଇ ନଥିଲେ । ସେ ଜଗତକୁ ଆସିଥିଲେ ପ୍ରତ୍ୟେକ ମନୁଷ୍ୟକୁ ସଂସାର ରୂପ କୁରୁକ୍ଷେତ୍ରରେ କର୍ତ୍ତବ୍ୟ ସମରରେ ବ୍ୟାପୃତ କରିବା ପାଇଁ । ସେ କେବଳ ଅର୍ଜୁନଙ୍କର ଚିରସଖା ସାରଥୀ ନୁହନ୍ତି । ସେ ପ୍ରତ୍ୟେକ ମନୁଷ୍ୟର ସୁଖ ଦୁଃଖର ସାଥୀ । ଜୀବନ ଯୁଦ୍ଧରେ ଅଗ୍ରସର ହେବା ପାଇଁ ପ୍ରତ୍ୟେକଙ୍କର ଏକମାତ୍ର ସାରଥୀ, ସବୁ ସଂଶୟ ଦୂର କରିବା ପାଇଁ ପ୍ରତ୍ୟେକଙ୍କର ଏକମାତ୍ର ଗୁରୁ ଏବଂ ମୃତ୍ୟୁ- ସାଗରରୁ ଉଦ୍ଧାର କରିବା ପାଇଁ ପ୍ରତ୍ୟେକଙ୍କର ଏକମାତ୍ର ବ୍ୟକ୍ତି, ଭଗବାନ (୧୦)

ନୀଳକଣ୍ଠ ଗୀତାଧର୍ମର ସାର୍ବଜନୀନତା ପ୍ରତିପାଦନ କରିଛନ୍ତି । ତାଙ୍କ ମତରେ, ପୃଥିବୀରେ ବହୁ ଧର୍ମଗ୍ରନ୍ଥ ଅଛି ମାତ୍ର ସେ ସବୁରେ ବିଶିଷ୍ଟ ଦେଶ, କାଳ ଓ ପରିସ୍ଥିତି ଘେନି କର୍ତ୍ତବ୍ୟ ଓ ତଦନୁଯାୟୀ ତତ୍ତ୍ୱ ପ୍ରଚାର କରାଯାଏ । ପୁଣି ଜଗତ ଠାରୁ ଭିନ୍ନ ଈଶ୍ୱର ପୁରୁଷର ଆରୋପ କରାଯାଇ ତାଙ୍କରି ଉପଦେଶ ମାଧମରେ କର୍ତ୍ତବ୍ୟ ସମାପନ ହୁଏ । ଅର୍ଥାତ୍ ଏ ସବୁ ଧର୍ମରେ ଜ୍ଞାନଠାରୁ ବିଶ୍ୱାସ ଓ ଯୁକ୍ତି ଅପେକ୍ଷା ଅମୂଳକ ଭକ୍ତି ଉପରେ ପ୍ରାଧାନ୍ୟ ଦିଆଯାଏ । କିନ୍ତୁ 'ଗୀତାଧର୍ମ'ରେ ନ ବୁଝିବା ତତ୍ତ୍ୱରେ ବାଧ ହୋଇ ଭକ୍ତି କରିବାର ନାହିଁ, କିମ୍ବା କର୍ମ ବା କର୍ତ୍ତବ୍ୟ ଧାରଣାରେ ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ଧରି କ୍ଷୁଦ୍ର ଉପଯୋଗିତାର ବିଚାର ନାହିଁ । (୧୧) ସେ ପୁଣି କହନ୍ତି- ''ଗୀତା ଧର୍ମର ନିର୍ଯ୍ୟାସ ହେଉଚି, ଏକ ଆତ୍ମିକ ପରିସ୍ଥିତି । ଏଇ ପରିସ୍ଥିତିରେ ତା'ର (ମନୁଷ୍ୟର) ବିଶ୍ୱସଂଗେ ନିତ୍ୟ-ସମ୍ବନ୍ଧ । ସେଇ ପରିସ୍ଥିତି ପୁଣି ସେଇ ସମ୍ବନ୍ଧର ଧାରଣାରେ ସେ ନିଜେ ନିଜର ସମସ୍ତ କର୍ମ ଅଭ୍ରାନ୍ତ ଭାବରେ କରିପାରେ । ଏଥିପାଇଁ ଗୀତାଧର୍ମ-ବିଶ୍ୱଧର୍ମ ।'' (୧୨)

Digitized by PPRACHIN, SOA

ସମାଜର ବିକାଶ ସଙ୍ଗେ ଗୀତାଧର୍ମର ଧାରା ଅବିଚ୍ଛିନ୍ନ ରହି ଆସିଥିବାରୁ ଟୀକାକାର ନୀଳକଣ୍ଠ ଏହାକୁ 'ଶାଶ୍ୱତ ଧର୍ମ' ତଥା 'ସନାତନ ଧର୍ମ' ରୂପେ ଉପସ୍ଥାପନ କରିଛନ୍ତି- ''ଗୀତା ଧର୍ମ ନିତ୍ୟ ଓ ଏକ ରୂପ ହେଲେ ମଧ୍ୟ ନିତ୍ୟ ବିକାଶରେ ନିତ୍ୟ ନୂତନ । ସେଥିପାଇଁ ସାଧାରଣ ବୋଧ୍ୟ କଥାରେ ଶ୍ରୀକୃଷ୍ଣ କହିଛନ୍ତି-

''ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ'' (୧୩) ଅର୍ଥାତ୍, ଯେ ଯେପରି ମତେ ପାଇବାକୁ ଲୋଡ଼େ, ମୁଁ ତାକୁ ସେପରି ପ୍ରାପ୍ତ ହୁଏ । ଅସଭ୍ୟର କାଠ ପୂଜା ଠାରୁ 'ଅନୀଶ୍ୱର' ଶୂନ୍ୟବାଦୀ ପର୍ଯ୍ୟନ୍ତ କେହି ଗୀତାଧର୍ମ କକ୍ଷନାରୁ ବାହାରେ ନାହାନ୍ତି । ବିଶ୍ୱ ବିକାଶରେ ଯାହା ସମ୍ଭବ ଗୀତାଧର୍ମରେ ସେ ସବୁ ପାଇଁ ସ୍ଥାନ ଅଛି- ସ୍ଥାନ ଏକା ନୁହେଁ, ଆଦର ଅଛି ।'' (୧୪)

**'ଗୀତା'ରେ ଆର୍ଯ୍ୟଧର୍ମର ପରମ୍ପରା :**

ଆର୍ଯ୍ୟଧର୍ମ କହିଲେ କୌଣସି ଆର୍ଯ୍ୟଜାତିର ଧର୍ମ ନୁହେଁ । ଏହାର ଭିତ୍ତି ହେଉଛି କର୍ତ୍ତବ୍ୟର ଅବଧାରଣା ଓ ସାଧନା । ଏଇ ସାଧନା ଭାରତୀୟ ପରମ୍ପରାରେ ଚିର ପ୍ରତିଷ୍ଠିତ । ଏଇ ଧାରଣାରେ ଭାରତୀୟ ନିଜ ସଭ୍ୟତା ଓ ସଂସ୍କୃତି ଦୃଢ଼ ରଖିପାରିଛି । ଭାରତୀୟ 'କର୍ତ୍ତବ୍ୟବୋଧ' କହିଲେ ବୁଝେ- ସମସ୍ତେ ନିଜ ନିଜ କର୍ତ୍ତବ୍ୟ କରିଯିବେ । ଅଯଥା ଅନ୍ୟଠାରୁ ଦାବି ବା ଆହରଣ କରି ନିଜର ସମୃଦ୍ଧିରେ ମାତିବେ ନାହିଁ ।

କୁରୁକ୍ଷେତ୍ରର ଯୁଦ୍ଧ ହେଉଛି, ଏକ ଧର୍ମଯୁଦ୍ଧ । ଆର୍ଯ୍ୟଧର୍ମରେ ସଙ୍କଟ ଦେଖାଦେବାରୁ ଧର୍ମରକ୍ଷା ନିମନ୍ତେ, ଏହି ଯୁଦ୍ଧ ଅପରିହାର୍ଯ୍ୟ ଥିଲା । ଦୁର୍ଯ୍ୟୋଧନ 'ଲୋଭୋପହତ ଚେତା' (୧୫) ହୋଇ ପାଣ୍ଡବମାନଙ୍କୁ ତାଙ୍କ ନ୍ୟାଯ୍ୟଦାବିରୁ ବଞ୍ଚିତ କରିବା ଫଳରେ ଆର୍ଯ୍ୟଧର୍ମ ଲୋପ ହେବାକୁ ବସିଲା । ଧର୍ମ ରକ୍ଷା ପାଇଁ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ନେଇ ରଣାଙ୍ଗନରେ ଉପସ୍ଥିତ ହେଲେ । କିନ୍ତୁ ସେଇ ଯୁଦ୍ଧ କ୍ଷେତ୍ରରେ ସ୍ୱଜନ ମୋହବଶତଃ କ୍ଷତ୍ରିୟ ଶ୍ରେଷ୍ଠ ଅର୍ଜୁନ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲେ । 'ସ୍ୱଭାବ ନିୟତ କର୍ମ' ବା 'ସ୍ୱଧର୍ମ'ରେ ସଂଶୟ ଜାତ ହେବା ଯୋଗୁ ଅର୍ଜୁନ ମଧ୍ୟ ଧର୍ମ ସଙ୍କଟରେ ପଡ଼ିଗଲେ । ସେତିକିବେଳେ ତାଙ୍କର ସାରଥୀ ଶ୍ରୀକୃଷ୍ଣ ତାଙ୍କୁ ଆର୍ଯ୍ୟ ଧର୍ମ ସଂମ୍ପର୍କରେ ଚେତାବନୀ ଶୁଣାଇଲେ । (୧୬) ତାହାହିଁ ଗୀତାର ବିଷୟବସ୍ତୁ ।

ଗୀତାଭାଷ୍ୟକାର ନୀଳକଣ୍ଠ ଗ୍ରନ୍ଥର ବିଭିନ୍ନ ସ୍ଥାନରେ ଆର୍ଯ୍ୟଧର୍ମ ସମ୍ପର୍କରେ ସ୍ୱମତ ଉପସ୍ଥାପନ କରିଛନ୍ତି ।-

Digitized by PPRACHIN, SOA

(କ) ସମାଜର ସଂସ୍କୃତି ହିସାବରେ ଭାରତ ଧର୍ମ ହିଁ ଆର୍ଯ୍ୟ ଧର୍ମ ଓ ଅନ୍ୟାନ୍ୟ ଧର୍ମ ଅନାର୍ଯ୍ୟ ଧର୍ମ । - 'ଗୀତା ପ୍ରବେଶ' ପୃ-୧୭୬

(ଖ) ''ବିଶ୍ୱଧର୍ମରେ ନିଜକୁ ମିଶାଇ କର୍ତ୍ତବ୍ୟ କରିବାରେ ଲାଗିଲେ ଦୃଷ୍ଟି ନିଜ ଭିତରୁ ସହଜରେ ବାହାରକୁ ଯାଏ ନାହିଁ । ଏହାହିଁ ଆର୍ଯ୍ୟନୀତି ।''

- 'ଗୀତା ପ୍ରବେଶ' ପୃ-୧୭୫

(ଗ) ଫଳାଶାହୀନ ବା ନିଷ୍କାମ କର୍ମ ହିଁ ସ୍ୱଧର୍ମର ଯଥାର୍ଥ ଧାରଣା । ମନୁଷ୍ୟ ଏହିପରି କର୍ମ ବା ସ୍ୱଧର୍ମ କରିବା ହିଁ ଆର୍ଯ୍ୟ ଧର୍ମର ଆଦର୍ଶ ।

- ଗୀତା ପ୍ରବେଶ ପୃ-୧୭୪

(ଘ) ଜନ୍ମଗତ ଜାତି ଠିକ୍ ରହିଲେ ଆର୍ଯ୍ୟ ଧର୍ମ ଠିକ୍ ରହେ ନାହିଁ । ଆର୍ଯ୍ୟ ଭାବରେ ହିଁ ଆର୍ଯ୍ୟଧର୍ମ ତିଷ୍ଠି ରହିବ । - ଗୀତା ପ୍ରବେଶ ପୃ-୧୫୪

(ଙ) ସ୍ୱଜନ ମୋହ ଯୋଗୁ କର୍ତ୍ତବ୍ୟ ସଂଶୟ ବା ଧର୍ମ ସଂକଟ ଉପସ୍ଥିତ ହୁଏ । ଏହା 'ଅନାର୍ଯ୍ୟଜୁଷ୍ଟ' ବା ଅନାର୍ଯ୍ୟ ରୀତି । (୧୭) (ଗୀତା ପ୍ରବେଶ-୧୫୫)

(ଚ) ବୁଦ୍ଧି ବ୍ରହ୍ମରେ ରଖି ନିଷ୍କାମ କର୍ମ କରିଯିବା ଅର୍ଥାତ୍ 'ବ୍ରାହ୍ମୀସ୍ଥିତି'ରେ ଠିକ୍ ରହି ସ୍ୱଧର୍ମ ସାଧନ ହିଁ ଆର୍ଯ୍ୟଧର୍ମର ମୁଖ୍ୟ ପନ୍ଥା । (୧୮)

- ଗୀତା ପ୍ରବେଶ ପୃ-୧୬୦

(ଛ) ଆର୍ଯ୍ୟଧର୍ମର ପରମ୍ପରା ହେଉଛି ମାନବ ପ୍ରକୃତିର ଦୁର୍ଦ୍ଦମନୀୟ ଭୋଗସ୍ପୃହା ଜନିତ ପ୍ରତିକ୍ରିୟାର ପ୍ରଭାବରୁ ଧର୍ମକୁ ରକ୍ଷା କରିବା । କାରଣ ଏହି ପ୍ରତିକ୍ରିୟାର ପ୍ରଭାବରେ ଧର୍ମ ମଉଳିଯାଏ । ଅଧର୍ମ ମୁଣ୍ଡ ଟେକେ । ସେତିକିବେଳେ ଈଶ୍ୱର ମାନବ ରୂପ ଧରନ୍ତି । (୧୯) - ଗୀତା ପ୍ରବେଶ ପୃ-୧୮୭

(ଜ) ଆର୍ଯ୍ୟଧର୍ମ ଆତ୍ମବିକାଶର ଏକ ମହାପ୍ରବାହ । ଏହି ଆତ୍ମବିକାଶର କର୍ତ୍ତବ୍ୟ ପରମ୍ପରା ବିଶ୍ୱବିକାଶର ନିୟମରେ ପରିଚାଳିତ । ଏହି ନିୟମ ଅନୁସାରେ ସମସ୍ତେ କର୍ତ୍ତବ୍ୟ କରନ୍ତି । କିନ୍ତୁ ନିଜ ପାଇଁ ନୁହେଁ; ସମାଜର ମଙ୍ଗଳ ପାଇଁ, ତଥା ଅନ୍ୟ ପାଇଁ କର୍ମ କରିବା ହିଁ 'ଯଜ୍ଞ' । ନିତ୍ୟ ନିୟତ କର୍ତ୍ତବ୍ୟ ସାଧନରେ ତତ୍ପର ରହିବାହିଁ 'ତପ' । ଦାନ, ଯଜ୍ଞ ଓ ତପ- ଏଇ ତିନିଗୋଟି ପାଠ ଉପରେ ଆର୍ଯ୍ୟଧର୍ମର କର୍ମ ପରମ୍ପରା ପ୍ରତିଷ୍ଠିତ । ତେଣୁ ଯଜ୍ଞ, ଦାନ ଓ ତପ ତ୍ୟାଗ ନ କରିବା ପାଇଁ ଗୀତାରେ ନିର୍ଦ୍ଦେଶ ଦିଆଯାଇଛି । (୨୦)

-ଗୀତା ପ୍ରବେଶ ପୃ-୧୯୮-୧୯୯

Digitized by PPRACHIN, SOA

(ଝ) ସବୁକାଳ ପାଇଁ ପ୍ରଯୁଜ୍ୟ ହେବାରୁ ତଥା ସର୍ବଦା ନୂତନ୍ ଭାବରେ ବିକାଶ ଲାଭ କରୁଥିବାରୁ ଆର୍ଯ୍ୟଧର୍ମ ହେଉଛି 'ସନାତନ' ବା 'ସଦାଜାତ' ବା 'ନିତ୍ୟ ନୂତନ' । -ଗୀତା ପ୍ରବେଶ -୧୯୮ ପୃଷ୍ଠା ।

## 'ଗୀତାଧର୍ମ' ଯଥାର୍ଥରେ 'ମାନବଧର୍ମ' :

ପଣ୍ଡିତ ନୀଳକଣ୍ଠ କହନ୍ତି- ''ଗୀତା ଧର୍ମ ମାନବ ଧର୍ମ । ଏଥିରେ ଅପମାନୁଷ, ଅମାନୁଷ ବା ଅତି ମାନୁଷ କିଛି ନାହିଁ । ସରଳ ସାଧାରଣ ଜୀବନର କର୍ମରେ ସ୍ୱଧର୍ମ ନିରତ ହେବାହିଁ ଗୀତା ଧର୍ମ । ଏ ଧର୍ମରେ କୌଣସି କୁହୁକ ବା ହଟଚମଟ ନାହିଁ । ଏହାର ଆଦର୍ଶ ଶାନ୍ତି ।'' (୨୧) ନିଜର ଏହି ମତ ସପକ୍ଷରେ ସେ ନିମ୍ନୋକ୍ତ ଯୁକ୍ତି ଉପସ୍ଥାପନ କରିଛନ୍ତି-

(କ) ଗୀତାରେ ଅତିମାନୁଷତା ତଥା ଅଦ୍ଭୁତ କ୍ରିୟା ହେୟ ବିବେଚିତ ହୋଇଅଛି । ଅତିମାନୁଷ ସାଧନାରେ ଲୋକ ଭ୍ରଷ୍ଟ ଓ ଉଚ୍ଛନ୍ନ ହୁଏ ।

-ଗୀତା ପ୍ରବେଶ- ପୃ-୪୭୦

(ଖ) 'ଗୀତା'ରେ ଉପବାସାଦି କୃଚ୍ଛ ସାଧନାକୁ ବାରଣ କରାଯାଇଛି ।

-ଗୀତା- ୬/୧୬

(ଗ) ଯୋଗ ସାଧାରଣ ମାନବ ଦ୍ୱାରା ସାଧିତ ହୁଏ ବୋଲି 'ଗୀତା'ରେ ନିର୍ଦ୍ଦେଶ ଅଛି । -ଗୀତା-୬/୧୭

(ଘ) 'ଗୀତା'ର ଭଗବାନ ମଧ ସାଧାରଣ ମାନବ ପରି କର୍ମ କରନ୍ତି କାରଣ ସେ କର୍ମ ନ କଲେ ତାଙ୍କ ସୃଷ୍ଟିରେ ସମସ୍ତ ନିଷର୍ମା ହୋଇଯିବେ । (୨୨)

(ଙ) ଅର୍ଜୁନ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦେଖିବା ପରେ ଭୀତତ୍ରସ୍ତ ହୋଇ ତାଙ୍କୁ ଅତି ମାନୁଷ ରୂପେ ଚିନ୍ତା କରିବା ସମୟରେ କୃଷ୍ଣ ତାଙ୍କର ଭୟ ଦୂର କରି କହିଛନ୍ତି- 'ଯୋଗୀ, ଋଷି ଓ ଦେବତାମାନେ ମତେ ଅତିମାନୁଷ ରୂପେ ଚିନ୍ତା କରିଥିବାରୁ ସେମାନେ ମୋର ବିଶ୍ୱରୂପ ଦେଖିବା ପାଇଁ ସମର୍ଥ ହୋଇ ପାରିନାହାନ୍ତି । ତୁ ମତେ ତୋର ସାଥୀ ରୂପେ ବା ସାଧାରଣ ମନୁଷ୍ୟ ରୂପେ ଗ୍ରହଣ କରିଥିବାରୁ ହିଁ ମୋର ଅତି ପ୍ରିୟ ପାତ୍ର ହୋଇ ମୋର ବିଶ୍ୱରୂପ ଦେଖିବାପାଇଁ ସମର୍ଥ ହୋଇଛୁ । ଆଜି ପୁଣି ତେବେ ଏ ଭ୍ରମ କାହିଁକି ?' (୨୩)

- ଗୀତାପ୍ରବେଶ-ପୃ ୪୭

Digitized by PPRACHIN, SOA

'ଗୀତା'ରେ ବ୍ୟକ୍ତିର ପ୍ରାଧାନ୍ୟ :

ଗୀତା ତତ୍ତ୍ୱ-ବ୍ୟାଖ୍ୟାକାର ନୀଳକଣ୍ଠ କହନ୍ତି,- 'ପୁରୁଷ' ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି- 'ପୁରିଶେତେ ଅସୌ'-ଅର୍ଥାତ୍ 'ପୁର' ବା ଦେହ ଭିତରେ ଯେ ଲୁଚି କରି ଶୋଇଅଛି ସେଇ ପୁରୁଷ । ବ୍ୟକ୍ତି ଭିତରେ ପୁରୁଷର ଧାରଣା ସ୍ୱାଭାବିକ । ପୁଣି ଏଇ ପୁରୁଷ ଭିତରେ ପୁରୁଷୋତ୍ତମଙ୍କୁ ଦେଖିବା ସୁଲଭ । ଲେଖକଙ୍କ ଭାଷାରେ- ''ପୁରୁଷ' ଶବ୍ଦ ସଙ୍ଗେ ବ୍ୟକ୍ତିର ଆତ୍ମବୋଧ ଜଡିତ ରହିଛି । ମୁଁ ଯେପରି ନିଜର କର୍ମେନ୍ଦ୍ରିୟମାନ ଚାଳନ କରି କାର୍ଯ୍ୟ କରୁଚି, ଅଗ୍ନି ସୂର୍ଯ୍ୟ ବଜ୍ରାଦିରେ ସେଇପରି କେହି କାର୍ଯ୍ୟ କରୁଚି ବୋଲି ସେ ସବୁରେ ପୁରୁଷ ରୂପୀ ଦେବତାର କଳ୍ପନା । ସେଇପରି ସାରା ସୃଷ୍ଟିର କର୍ମପ୍ରବାହର ଅନ୍ତରାଳରେ ମହାଶକ୍ତିମୟ ବିରାଟ ପୁରୁଷ (୨୪)। ଏହି ବିରାଟ ପୁରୁଷ ହେଉଚନ୍ତି- ପୁରୁଷୋତ୍ତମ । ପୁରୁଷ ଓ ପୁରୁଷୋତ୍ତମ ଧାରଣାରୁ ଆତ୍ମା ଓ ପରମାତ୍ମା ଏବଂ ବ୍ରହ୍ମ ଓ ପରଂବ୍ରହ୍ମର ଧାରଣା ଆସିଲା । ନିର୍ଗୁଣ ଉପାସକମାନେ ଅବ୍ୟକ୍ତ ପରଂବ୍ରହ୍ମଙ୍କୁ ଧ୍ୟାନ କଲେ । ଅବ୍ୟକ୍ତ ଉପାସନାରେ ଦେହଧାରୀ ବ୍ୟକ୍ତି କଷ୍ଟରେ ମୁକ୍ତିପାଏ । (୨୫)

ଏହି ଜୀବ ବା ବ୍ୟକ୍ତି ହେଉଛ ପରଂବ୍ରହ୍ମଙ୍କର ଅଂଶବିଶେଷ । ସେ ନିଜେ ପୂର୍ଣ୍ଣ ପରମେଶ୍ୱରଙ୍କ ସତ୍ତାରେ ବ୍ୟକ୍ତ ହୁଏ । ପୁଣି ଏହି ବ୍ୟକ୍ତିର ଚେତନା ବିନା ଜଗତର ଅସ୍ତିତ୍ୱ ନାହିଁ । ଜ୍ଞାତା ନଥିଲେ ଜ୍ଞେୟର ସତ୍ତା ନାହିଁ । ବ୍ୟକ୍ତି ହେଉଛି 'ଜ୍ଞାତା' । ତାହାର ଚେତନା-ଜ୍ଞାନ ଓ ପରମେଶ୍ୱର ହେଉଛନ୍ତି ତାର ଜ୍ଞେୟ ବା ଜ୍ଞାନର ବିଷୟ । ଆଲୋଚକଙ୍କ ମତରେ ବ୍ୟକ୍ତିର ଉପାସନା ହିଁ ଭକ୍ତିର ପ୍ରଥମ ସୋପାନ । ବ୍ୟକ୍ତିର ଜଗତରୂପୀ ଈଶ୍ୱରଙ୍କଠାରେ ଭକ୍ତି ଆସିଲେ ବ୍ୟଷ୍ଟି ଓ ସମଷ୍ଟିର ଜଟିଳ ସମସ୍ୟା ଦୂର ହୁଏ । କାରଣ ଈଶ୍ୱର ବା ଉପାସ୍ୟ ପୁରୁଷ ବା ପୁରୁଷୋତ୍ତମ ହେଉଛନ୍ତି ବ୍ୟକ୍ତିର ସମସ୍ତ କର୍ମଚୋଦନାର ପୀଠ (୨୬) । ଯେଉଁ ଉପାସ୍ୟ ପୁରୁଷଠାରେ ଭକ୍ତି ଦୃଢ଼ ହେବ, ସେଠାରେ ଚୋଦନା ବା ପ୍ରେରଣାର ପୀଠ ଦୃଢ଼ ହେବ । ଉପାସ୍ୟ ପୁରୁଷ ପ୍ରତି ଆନ୍ତରିକ ଶ୍ରଦ୍ଧା ଯୋଗୁ ବ୍ୟକ୍ତିର ଭକ୍ତି ଦୃଢ଼ ହୁଏ ।

ବ୍ୟକ୍ତିର ଆତ୍ମଜ୍ଞାନ ହିଁ ବିଶ୍ୱଜ୍ଞାନର ପ୍ରକୃତ ମାଧ୍ୟମ । ବ୍ୟକ୍ତିର ଆତ୍ମବୋଧ ସଙ୍ଗେ ବିଶ୍ୱକ୍ରିୟା ଓ ବିଶ୍ୱ ଶକ୍ତିର ଭାବ ଜଡିତ ରହେ । ସେ ନିଜର କର୍ମ ମାଧ୍ୟମରେ ସାରା ସୃଷ୍ଟିର କର୍ମପ୍ରବାହକୁ ଲକ୍ଷ୍ୟ କରେ ଓ ତାହରି ଅନ୍ତିରାଳରେ ମହାଶକ୍ତିମୟ ବିରାଟ ପୁରୁଷକୁ ଉପଲବ୍ଧି କରେ, ଅର୍ଥାତ୍ ପିଣ୍ଡ ଭିତରେ ବ୍ରହ୍ମାଣ୍ଡ ଦର୍ଶନ କରେ । ଏହିପରି ଏକରେ ବହୁ ଓ ବହୁରେ ଏକ ଧାରଣା ବ୍ୟକ୍ତି ଓ ସମଷ୍ଟି ମଧ୍ୟରେ ସମ୍ବନ୍ଧ

Digitized by PPRACHIN, SOA

ରକ୍ଷାକରେ । ଏହି ସମ୍ବନ୍ଧରେ ଆତ୍ମବିକାଶର ପନ୍ଥା ସୁଗମ ହୁଏ । ନୀଳକଣ୍ଠଙ୍କ ଭାଷାରେ- ''ଯେ ଏକରେ ବହୁ ଓ ବହୁରେ ଏକ- ତଥା ଭୋଗରେ ତ୍ୟାଗ ଓ ତ୍ୟାଗରେ ଭୋଗ- ପୁଣି ଭୂତରେ ଆତ୍ମା ଓ ଆତ୍ମାରେ ଭୂତ-ପ୍ରକାଶରେ ଅବ୍ୟକ୍ତ ଓ ଅବ୍ୟକ୍ତରେ ପ୍ରକାଶ ଦେଖେ-ସେଇ ହେଉଚି ଦ୍ରଷ୍ଟା-ସେଇ ଦାର୍ଶନିକ ।'' (୨୭)

ଆତ୍ମ ଜ୍ଞାନହିଁ ଏ ସବୁ ତତ୍ତ୍ୱ ବିଚାର ବା 'ଦର୍ଶନ'ର ମୂଳ । ତେଣୁ ତତ୍ତ୍ୱଦର୍ଶୀ ଗୁରୁଙ୍କୁ ସେବା କରି, ପ୍ରଣିପାତ କରି ବାରମ୍ବାର ପ୍ରଶ୍ନପଚାରି ଆତ୍ମଜ୍ଞାନ ବଢ଼ାଇବା ପାଇଁ ''ଗୀତା'ରେ ବ୍ୟକ୍ତିକୁ ଉପଦେଶ ଦିଆଯାଇଛି । (୨୮)

**ଗୀତାରେ 'ବ୍ରହ୍ମ' :**

ଗୀତାଲୋଚନା କରିବା ସମୟରେ ନୀଳକଣ୍ଠଙ୍କ ଦୃଷ୍ଟି ଭକ୍ତି ତଥା ଉପାସନାର ବିବର୍ତ୍ତନବାଦ ଆଡକୁ ପ୍ରସାରିତ ହୋଇଅଛି । ସେ କହନ୍ତି, ଭକ୍ତିର ପ୍ରଥମ ସୋପାନ ରୂପେ ଯେଉଁ ବ୍ୟକ୍ତି-ଉପାସନା ଆରମ୍ଭ ହୋଇଥିଲା ତାହା କ୍ରମେ ବ୍ୟକ୍ତିର ବିକାଶରେ ଅବ୍ୟକ୍ତ ପରଂବ୍ରହ୍ମଙ୍କ ଦିଗକୁ ନିର୍ଦ୍ଦିଷ୍ଟ ହେଲା ଏବଂ ଉପାସନା କ୍ରମେ ଧ୍ୟାନରେ ପର୍ଯ୍ୟବସିତ ହେଲା । ଅବ୍ୟକ୍ତରେ ଏହି ଧ୍ୟାନର ସ୍ଥିତି ଠିକ୍ ରହିବା ସମ୍ଭବ ନୁହେଁ । ତେଣୁ ଉପାସନା ପୁଣି ଅବ୍ୟକ୍ତ ବ୍ରହ୍ମରୁ ବ୍ୟକ୍ତ ଆଡକୁ ଢଳିଲା । ଧ୍ୟାନର ସ୍ଥିତି ଠିକ୍ ରଖିବା ପାଇଁ ଅବ୍ୟକ୍ତର ପ୍ରତୀକମାନ ବାହାରିଲା । 'ବ୍ରହ୍ମ'ର ପ୍ରତୀକ ରୂପ 'ଓଁ' ବ୍ୟବହୃତ ହେଲା । 'ଓଁ'- ଏହି ଏକାକ୍ଷର ବ୍ରହ୍ମକୁ ସ୍ମରଣ କରି ଦେହ ତ୍ୟାଗ କଲେ ବ୍ୟକ୍ତି ପରମଗତି ଲାଭ କରେ । (୨୯)

ନୀଳକଣ୍ଠଙ୍କ ମତରେ 'ବ୍ରହ୍ମ'ର ମୂଳ ଅର୍ଥ- ଯାହା ବଡ ହୁଏ ବା 'ଏକ' 'ଅବ୍ୟକ୍ତ'ର 'ବହୁ' ରୂପରେ ପ୍ରକାଶ, ଅବ୍ୟକ୍ତର ବ୍ୟକ୍ତ ବିକାର, ଶୂନ୍ୟ ହେଉଛି ଅବ୍ୟକ୍ତ । ସେଥିରୁ ସୃଷ୍ଟି ପ୍ରକାଶ ପାଇଁ ତପଃ ଓ ତହିଁରୁ 'ବ୍ରହ୍ମ' । ଗୀତାରେ ବ୍ରହ୍ମ ତିନିଗୋଟି ଅର୍ଥରେ ବ୍ୟବହୃତ ହୋଇଛି ବୋଲି ଆଲୋଚକ ମତ ଦିଅନ୍ତି । ପ୍ରଥମରେ ଅକ୍ଷର ବ୍ରହ୍ମ ବା ଅବ୍ୟକ୍ତ ପରମାତ୍ମା । ଏହାଇ 'ଅଣାକାର' ବା 'ମହାଶୂନ୍ୟ', ଏହାଇ ପୁଣି, ଓଡ଼ିଆ ଅତିବଡୀ ବୈଷ୍ଣବଙ୍କ ନିତ୍ୟ କୃଷ୍ଣରୂପ । ଏହାଇ 'ଶୂନ୍ୟ ଜ୍ୟୋତି' । ଗୀତାରେ କୁହାଯାଇଛି-

''ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂଗତିମ୍
ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂମମ''

(୮/୨୧ ଶ୍ଳୋକ)

Digitized by PPRACHIN, SOA

ଅର୍ଥାତ୍ ଯେଉଁ ନିତ୍ୟ ଅବ୍ୟକ୍ତକୁ ଅକ୍ଷର ବୋଲି କୁହାଯାଏ, ତାକୁ ହିଁ ପରମଗତି କହନ୍ତି । ଯେଉଁ ଅକ୍ଷର ତତ୍ତ୍ୱ ଲାଭ କଲେ ଲୋକ ଆଉ ସଂସାରକୁ ଫେରେ ନାହିଁ, ସେହି ହେଉଛି ମୋର ନିତ୍ୟଧାମ ।

ଦ୍ୱିତୀୟରେ 'ମହତ୍‌ବ୍ରହ୍ମ' ବା ପ୍ରକୃତି ବା ଗୀତାର ଅପରାପ୍ରକୃତି । ଭଗବାନ ଶ୍ରୀକୃଷ୍ଣଙ୍କ ଅପରା ପ୍ରକୃତି ଅଷ୍ଟବିଧ । (୩୦) ଏହାହିଁ ଯୋଗମାୟା ବା ଅତିବଡୀ ବୈଷ୍ଣବଙ୍କ ନିତ୍ୟରାଧା । ତୃତୀୟରେ 'ଶବ୍ଦ ବ୍ରହ୍ମ' ବା 'ଓଁ' କାର, ଏହାହିଁ କୀର୍ତ୍ତନର ନାମ- ରାମ ନାମ । (୩୧) 'ଓଁ', ସେ; ସତ୍ୟ- ଏହି ତିନି ପ୍ରକାର ନାମରେ ବ୍ରହ୍ମଙ୍କୁ ସ୍ମରଣ କରାଯାଏ । ବ୍ୟକ୍ତି ପ୍ରକାଶରେ ମଧ୍ୟ ଆଲୋଚକ ତ୍ରିବିଧ ପ୍ରକାଶ ଲକ୍ଷ୍ୟ କରିଛନ୍ତି- ଶୂନ୍ୟରୁ 'ଠୁଳ ରୂପ' ବା ପ୍ରକୃତି; ତହିଁରୁ 'ବିନ୍ଦୁ' ବା ପ୍ରକାଶର ବ୍ରହ୍ମ; ସେଥିରୁ 'ଓଁ' କାର ବା ନାମର ପ୍ରକାଶ (ବ୍ୟକ୍ତିକୁ ଡାକିଲେ ସେ 'ଓ' କରେ) । (୩୨)

**'ଗୀତା'ର କୃଷ୍ଣ :**

'ଗୀତା'ର ଅଧିକାଂଶ ସ୍ଥଳରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କ ସମକ୍ଷରେ ନିଜକୁ ପୁରୁଷୋତ୍ତମ ରୂପେ ଅବସ୍ଥାପିତ କରିଥିଲେ ସୁଦ୍ଧା ଗବେଷକମାନଙ୍କ ଦୃଷ୍ଟିରେ କୃଷ୍ଣ ଚରିତ୍ରଟି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରହସ୍ୟାବୃତ୍ତ ହୋଇ ରହିଅଛି । ତାଙ୍କ ଚରିତ୍ରର ଏହି ରହସ୍ୟ ସେ ନିଜେ ଅର୍ଜ୍ଜୁନଙ୍କୁ ସୂଚାଇଛନ୍ତି-

''ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜ୍ଜୁନ
ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ ।''

(ଗୀତା-୭/୨୬)

ଅର୍ଥାତ୍, ମୁଁ ଯଦିଓ ଅତୀତ, ବର୍ତ୍ତମାନ ଓ ଭବିଷ୍ୟର ସମସ୍ତଙ୍କୁ ଜାଣିଛି, ମୋତେ ଏ ପର୍ଯ୍ୟନ୍ତ କେହି ଜାଣି ପାରି ନାହାନ୍ତି ।

ନୀଳକଣ୍ଠଙ୍କ ଆଲୋଚନାରୁ ଜଣାଯାଏ, କୃଷ୍ଣ ହେଉଛନ୍ତି ଜଣେ ସାଧାରଣ ମାନବ-ଦେବକୀ ବସୁଦେବଙ୍କ ପୁତ୍ର - ସେ କର୍ମରେ ବିଶ୍ୱାସୀ, ଯଜ୍ଞବିରୋଧୀ ପୁରୁଷ ଥିଲେ । ଗୋପାଳ ବାଳକଙ୍କ ସଙ୍ଗେ ଖେଳିବା, ଗୋରୁ ଚରାଇବାଠାରୁ ଆରମ୍ଭ କରି କଂସ, ଜରାସନ୍ଧ ପ୍ରଭୃତିଙ୍କୁ ମାରିବା ରୂପକ ସକଳ କର୍ମ ସେ ନିରାସକ୍ତ ଭାବେ କରିବାରେ ନିପୁଣ ଥିଲେ । ସେ ପୁଣି ନନ୍ଦ ରାଜାଙ୍କ ଦ୍ୱାରା ଅନୁଷ୍ଠିତ ହେବାକୁ ଯାଉଥିବା ଇନ୍ଦ୍ରଯଜ୍ଞ ଭଙ୍ଗ କରିଥିଲେ । (୩୩) କୃଷ୍ଣ ଅର୍ଜ୍ଜୁନଙ୍କୁ ଉପଦେଶ ଦେଇଛନ୍ତି, ଯଜ୍ଞାଦି ବେଦ କର୍ମକୁ 'ଯୋଗ' ବୋଲି ବିଚାରିବା ଉଚିତ ନୁହେଁ । ଏହି 'ବେଦବାଦ'ର ବିରୋଧ କରି ସେ କହନ୍ତି-

Digitized by PPRACHIN, SOA

"ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦ୍ୟନ୍ତ ବିପଶ୍ଚିତଃ

ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ।" - ଗୀତା-୨/୪୨

ଶ୍ରୀକୃଷ୍ଣ ଘୋର ଅଙ୍ଗିରସଙ୍କୁ ଗୁରୁ କରି ତାଙ୍କ ଠାରୁ ଯଜ୍ଞତତ୍ତ୍ୱର ସୂଚନା ପାଇଥିବା କଥା ଆଲୋଚକ ସ୍ୱୀକାର କରିଛନ୍ତି । କୃଷ୍ଣ 'ଜ୍ଞାନ ଯଜ୍ଞ'ର ଶ୍ରେୟତା ପ୍ରତିପାଦନ କରିଛନ୍ତି-

"ଶ୍ରେୟାନ୍ ଦ୍ରବ୍ୟମୟାଦଯଜ୍ଞାଜ୍ଜ୍ଞାନଯଜ୍ଞଃ ପରଂତପ

ସର୍ବଂ କର୍ମାଖିଳଂ ପାର୍ଥଜ୍ଞାନେ ପରିସମାପ୍ୟତେ ।" - ଗୀତା- ୪/୩୩

କୃଷ୍ଣଙ୍କୁ ବେଦଧର୍ମର ସଂସ୍କାରକ ରୂପେ ଉପସ୍ଥାପନ କରି ନୀଳକଣ୍ଠ ଲେଖିଛନ୍ତି- 'କୃଷ୍ଣ ଘୋର ଆଙ୍ଗିରସଙ୍କ ଠାରୁ ଜ୍ଞାନଯଜ୍ଞ ବିଦ୍ୟା ଶିଖି ବେଦବାଦର ଯଜ୍ଞ ଛାଡ଼ି କିପରି ବିରାଟ ପୁରୁଷର ବିଶ୍ୱଯୁଦ୍ଧ ତଥା ମନୁଷ୍ୟର ଜ୍ଞାନଯଜ୍ଞ-ଏହି ଦୁହିଁଙ୍କ ସମବାୟରେ ଯଥାର୍ଥ ଯଜ୍ଞ କରିବାକୁ ହୁଏ, ତା ଗୀତାରେ କହି ଅର୍ଜୁନଙ୍କୁ କର୍ତ୍ତବ୍ୟର ତପସ୍ୟାରେ ଜାଗ୍ରତ କରିଚନ୍ତି । (୩୪)*

ସାଂଖ୍ୟ ଓ ଯୋଗ ଦର୍ଶନର ପରବର୍ତ୍ତୀକାଳରେ 'ବାସୁଦେବ' ଭାବଟି ପ୍ରକାଶ ପାଇଥିଲା । ଏହା ଭକ୍ତକହିତ ଓ ଈଶ୍ୱରଙ୍କ ଅବତାର ଭାବରୁ ବାହାରି ଥିଲା ବୋଲି ନୀଳକଣ୍ଠଙ୍କ ମତ । ସେ କହନ୍ତି ଏଇ ବସୁଦେବ ଖୁବ୍ ସମ୍ଭବ ହେଉଛନ୍ତି ବୃଷ୍ଣି ବା ଯାଦବକୁଳର କୃଷ୍ଣ । ବାସୁଦେବ ଧର୍ମ ପାଣିନିଙ୍କ କାଳକୁ ପ୍ରଚାରିତ ହୋଇ ସାରିଥିଲା । ଏହା ବୈଷ୍ଣବ ଧର୍ମର ଆଦି କାଳ । ଶ୍ରୀମଦ୍ ଭଗବଦ୍ ଗୀତା ଲେଖା ହେଲା ବେଳକୁ ଏହି କୃଷ୍ଣ, ବିଷ୍ଣୁ, ଈଶ୍ୱର ଓ ପୁରୁଷୋତ୍ତମ ସମସ୍ତେ ଏକ ହୋଇ ଯାଇଥିଲେ । (୩୫)

ଡକ୍ଟର ମାୟାଧର ମାନସିଂହ କୃଷ୍ଣଙ୍କର ମାନବତ୍ୱ ପ୍ରତିପାଦନ କରି ଲେଖିଛନ୍ତି- "ସେହି ପୁରାଣମାନଙ୍କରୁ ହିଁ ଆମେ ଜାଣି ପାରିବା ଯେ, ଶ୍ରୀକୃଷ୍ଣ ନାମକ ବ୍ୟକ୍ତି ତାଙ୍କ ସମସାମୟିକ କାଳରେ ଏକାଧାରରେ ଏକ ବହୁଳ ସମ୍ମାନିତ ଓ ଘୋର ନିନ୍ଦାଭାଜନ ବ୍ୟକ୍ତି ଥିଲେ । ଦଳେ ତାଙ୍କୁ ମାନ୍ୟ ଦେଲା ବେଳକୁ ଆଉ ଦଳେ ତାହାର ପ୍ରତିବାଦ କରୁଥିଲେ । ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ସଭାରେ ଚେଦିରାଜ ଶିଶୁପାଳର ତୀବ୍ର କୃଷ୍ଣନିନ୍ଦା ଏହି ବିରୋଧୀ ମତର ଏକ ପ୍ରତୀକ ।" (୩୬)

ସ୍ୱୟଂ ଶ୍ରୀକୃଷ୍ଣ ମଧ୍ୟ ଏହି କୃଷ୍ଣ ବିରୋଧ ବିଷୟରେ କ୍ଷୋଭ ପ୍ରକାଶ କରି ଅର୍ଜୁନଙ୍କୁ କହିଛନ୍ତି, ମୁଁ ମନୁଷ୍ୟ ଶରୀରଧାରୀ ହୋଇଥିବାରୁ ମୂଢ଼ମାନେ ମୋତେ ଅବଜ୍ଞା କରୁଛନ୍ତି । (୩୭) ଗୀତାର- 'ମୋତେ ଲୋକେ ବୁଝୁ ନାହାନ୍ତି', 'ପ୍ରଚାରୁ

Digitized by PPRACHIN, SOA

ନାହାନ୍ତି’, ‘ମୋ କଥା ଶୁଣୁ ନାହାନ୍ତି’ ଆଦି ଉକ୍ତି ଅନୁଧାନ କଲେ ଜଣାଯାଏ, କୃଷ୍ଣ ଜଣେ ସାଧାରଣ ମଣିଷ । ଗବେଷକ ଡକ୍ଟର ବେଣୀମାଧବ ପାଢ଼ୀ ‘ମହାଭାରତ’ର କୃଷ୍ଣଙ୍କୁ ଜଣେ ସଂଶୋଧକ ବା ସଂସ୍କାରକ ମହାପୁରୁଷ ରୂପେ ସ୍ୱୀକାର କରିଛନ୍ତି । (୩୮) ‘ଗୀତା ରହସ୍ୟ’କାର ତିଲକ ‘ମହାଭାରତ’ର ଆଦ୍ୟ ଶ୍ଳୋକ- ‘‘ନାରାୟଣଂ ନମସ୍କ ତ୍ୟ ନରଶ୍ଚୈବ ନରୋତ୍ତମମ୍’’ର ଅର୍ଥ କରି କହନ୍ତି- ‘ନର’ ଏବଂ ‘ନାରାୟଣ’ ଏହି ଦୁଇ ଋଷି ପରମାତ୍ମାଙ୍କର ଦୁଇଟି ଅଂଶ । ଏଇ ଦୁଇ ଋଷିଙ୍କର ପରବର୍ତ୍ତୀ ରୂପ ହେଉଛି ଅର୍ଜୁନ ଓ ଶ୍ରୀକୃଷ୍ଣ । ତେଣୁ ଅର୍ଜୁନଙ୍କ ପରି କୃଷ୍ଣ ମଧ ମନୁଷ୍ୟ ।

ଆଲୋଚକ ଚିନ୍ତାମଣି ଆଚାର୍ଯ୍ୟ ଶ୍ରୀକୃଷ୍ଣ ଚରିତ୍ର ଅନୁଧାନ କରି ତାଙ୍କୁ ଜ୍ଞାନବୀର, କର୍ମବୀର, ଧର୍ମବୀର ଜଗତର ମହୋଜ୍ଜ୍ୱଳ ଆଦର୍ଶ ରୂପେ ଗ୍ରହଣ କରିଛନ୍ତି । ତାଙ୍କ ମତରେ ‘‘ଲୋକଶିକ୍ଷା ପାଇଁ କୃଷ୍ଣଙ୍କ ମାନବ ରୂପ ହୋଇଥିଲା । ମନୁଷ୍ୟ ଶରୀରରେ ମନୁଷ୍ୟର ଆଦର୍ଶ ରୂପେ ପ୍ରତିଭାତ ହୋଇ ସେ ମାନବ ସମାଜକୁ ଜଣାଇ ଦେଲେ ଯେ ମନୁଷ୍ୟ ଆତ୍ମାକୁ ବା ଆପଣାକୁ ଚିହ୍ନିଲେ ଈଶ୍ୱରଙ୍କ ପରିଚୟ ପାଏ ।’’(୩୯)

ଡକ୍ଟର ମାୟାଧର ମାନସିଂହ ଗୀତାରେ ଶ୍ରୀକୃଷ୍ଣଙ୍କୁ ‘ଯୋଗେଶ୍ୱର’ ରୂପେ ଏବଂ ଲୋକ ଚଳଣି ତଥା ପୁରାଣରେ ତାଙ୍କୁ ‘ଭୋଗେଶ୍ୱର’ ରୂପେ ଦେଖିଛନ୍ତି । ତେଣୁ ସେ କହନ୍ତି; ‘ଶ୍ରୀକୃଷ୍ଣଙ୍କ ଚରିତ୍ରରେ ଭୋଗ ଓ ତ୍ୟାଗର, କର୍ମ ଓ ପ୍ରଜ୍ଞାର ମଧୁର ମିଳନ ଘଟିଅଛି ।’ (୪୦) ନୀଳକଣ୍ଠଙ୍କ ମତରେ, ଜଗତରେ ଧର୍ମ ସଙ୍କଟ କାଳ ଉପସ୍ଥିତ ହେଲେ, ଲୋକଙ୍କୁ ମାର୍ଗ ଦେଖାଇବା ପାଇଁ ମହାପୁରୁଷମାନେ ବିଶ୍ୱଧର୍ମର ପ୍ରେରଣାରେ ‘ଯୋଗସ୍ଥ’ ହୋଇଥାଆନ୍ତି । ତେଣୁ କୁରୁକ୍ଷେତ୍ର ଯୁଦ୍ଧ ପରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଆଉଥରେ ଗୀତାର ଉପଦେଶ ବୁଝାଇଦେବାକୁ କହିବାରୁ କୃଷ୍ଣ ଉତ୍ତର ଦେଲେ- ‘‘ମୋର କଅଣ ଆଉ ସେ ସବୁ ମନେଅଛି ? ସେତେବେଳେ ମୁଁ ଯୋଗସ୍ଥ ହୋଇ କହିଥିଲି ସିନା । (ଦ୍ୱିତୀୟ ଥର ପାଇଁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାର ଯେଉଁ ତତ୍ତ୍ୱ କହିଥିଲେ, ତାକୁ ‘ଅନୁଗୀତା’ କହନ୍ତି ।)

ଏଇ କୃଷ୍ଣ ପୁଣି ବିକାଶମୟ ସୃଷ୍ଟିକୁ ରକ୍ଷା କରିବା ପାଇଁ ଲୋକକ୍ଷୟକାରୀ, ଧ୍ୱଂସକର୍ତ୍ତା, କାଳରୂପେ ‘ଗୀତା’ରେ ଦେଖା ଦେଇଛନ୍ତି । (୪୧) ପଣ୍ଡିତ ନୀଳକଣ୍ଠଙ୍କ ଭାଷାରେ- ‘‘ଭଙ୍ଗା-ଗଢ଼ା, ଧ୍ୱଂସ-ପ୍ରକାଶ, ବୃଦ୍ଧି-କ୍ଷୟ-ଏଇ ନିତ୍ୟ ପରିବର୍ତ୍ତନର ଧାରା ହିଁ ବିକାଶ- ନାଶ ବିନା ବିକାଶ ନାହିଁ ।’’ (୪୨)

Digitized by PPRACHIN, SOA

**ବେଦର କୃଷ୍ଣ ହିଁ ଗୀତାର କୃଷ୍ଣ :**

ନୀଳକଣ୍ଠଙ୍କ ବିଚାରରେ ବେଦାର କୃଷ୍ଣ ଓ ଗୀତାର କୃଷ୍ଣ ଅଭିନ୍ନ । ବେଦର କୃଷ୍ଣ ଆର୍ଯ୍ୟ ନ ଥିଲେ ବା ବର୍ଣ୍ଣରେ ଗୌର ନଥିଲେ । କିନ୍ତୁ ଏହାଙ୍କ ମତରେ ତୀବ୍ରତା, ଉଜ୍ଜ୍ୱଳତା ଓ ପ୍ରଖରତା ହେତୁ ତତ୍‌କାଳୀନ ଲୋକ ସମ୍ପ୍ରଦାୟରେ ସେ ପ୍ରତିପତ୍ତି ଲାଭ କରିଥିଲେ ଏବଂ ଇନ୍ଦ୍ର ପୂଜକ ବୈଦିକ ଆର୍ଯ୍ୟମାନେ ତାଙ୍କର ବିରୋଧ କରୁଥିଲେ ହେଁ, ବୁଝିବା ଲୋକେ ତାଙ୍କୁ ବଡ ଖାତିର କରୁଥିଲେ । ଋଗ୍ ବେଦରେ ମଧ୍ୟ ଅଛି ଅଂଶୁମତି (ଯମୁନା) ନଦୀ କୂଳରେ ଗୋଚାରଣ କରୁଥିବା କୃଷ୍ଣ ଇନ୍ଦ୍ର ପୂଜକ ନ ଥିଲେ । ଦଶ ଜଣ ଇନ୍ଦ୍ର ପୂଜକ ରାଜା ଏକତ୍ର ହୋଇ ତାଙ୍କୁ ପରାସ୍ତ କରିଥିଲେ । (୪୩) ଏହି କୃଷ୍ଣ ପରେ 'ମହାଭାରତ'ର ଗୀତାଧର୍ମର ଓ ଭାଗବତ ଧର୍ମର ନେତା ହେଲେ । ଅଷ୍ଟ ଐଶ୍ୱର୍ଯ୍ୟମୟ, ଯୋଗେଶ୍ୱର ଏହି କୃଷ୍ଣଙ୍କୁ ଜାଣିବା ସମଗ୍ର ବୈଦିକ ଜ୍ଞାନର ମୂଳ ଉଦ୍ଦେଶ୍ୟ । 'ଭାଗବତ'ର ଦଶମ ଅଧ୍ୟାୟଟି କୃଷ୍ଣ ବିଷୟକ ଜ୍ଞାନର ସଂକ୍ଷିପ୍ତସାର ।

**ଗୀତାର 'କୃଷ୍ଣ' - ପୁରୁଷୋତ୍ତମ :**

ଭାରତୀୟ ସାହିତ୍ୟରେ 'ଗୀତା'ର କୃଷ୍ଣ ଜଣେ ବିରାଟ ପୁରୁଷ ବା ପୁରୁଷୋତ୍ତମ ରୂପେ ସ୍ୱୀକୃତ । ଗୀତାତତ୍ତ୍ୱ ଆଲୋଚକ ନୀଳକଣ୍ଠ କହନ୍ତି- ''ସମସ୍ତ ଜଗତ ବା କ୍ଷର ପୁରୁଷ ମଧ୍ୟରେ ସେ ହେଉଚନ୍ତି ଅଧ୍ୟାତ୍ମ- ପୁଣି କ୍ଷର ଓ ଅକ୍ଷରରୁ ଅତୀତ ଉତ୍ତର ଭଗବାନ- ସେଇ ଏକା ସଂକେତରେ ତଥା ସାକ୍ଷାତରେ ପୁରୁଷୋତ୍ତମ ।'' (୪୪) ଗୀତାରେ ଭଗବାନ ନିଜେ ମଧ୍ୟ କହିଛନ୍ତି- ''ଯେହେତୁ ମୁଁ 'କ୍ଷର' ବା ବ୍ୟକ୍ତ ପୁରୁଷରୁ ଅତୀତ ବା ଉପରେ, ପୁଣି 'ଅକ୍ଷର' ବା ଅବ୍ୟକ୍ତ ପୁରୁଷରୁ ବି ଶ୍ରେଷ୍ଠ, ସେଥିପାଇଁ ପୁରାଣାଦି ଲୌକିକ ଶାସ୍ତ୍ରରେ ଓ ଅପୌରୁଷେୟ ନିତ୍ୟ ଜ୍ଞାନମୟ ବେଦରେ ମୁଁ ପୁରୁଷୋତ୍ତମ ବୋଲି ଖ୍ୟାତ ।'' (୪୫) 'ଲୋକରେ' ଏବଂ 'ବେଦରେ' ଏ ଦୁଇଟି ଶବ୍ଦର ଅର୍ଥ ଦର୍ଶାଇ ଆଲୋଚକ ଅନ୍ୟତ୍ର ଲେଖିଛନ୍ତି- ''ଲୋକରେ ବୋଇଲେ ଜଗତଜନଙ୍କ ଉପାସନା ପାଇଁ ସେ ହେଉଚନ୍ତି ପୁରୁଷୋତ୍ତମ; 'ବେଦରେ' ବୋଇଲେ ଜ୍ଞାନରେ ବା ତତ୍ତ୍ୱ ଦର୍ଶନ ହିସାବରେ ମଧ୍ୟ ସେ ହେଉଚନ୍ତି ପୁରୁଷୋତ୍ତମ । (୪୬) ଆଗ 'ଲୋକେ' ଏବଂ ପରେ 'ବେଦ'ଶବ୍ଦ ଦେଖି ନୀଳକଣ୍ଠ କହନ୍ତି, ଏଇ ପୁରୁଷୋତ୍ତମ ପ୍ରଥମେ ଲୋକଚଳଣିରେ କୌଣସି ଉପାସ୍ୟ ଦେବ ଥିଲେ । ପରେ ଜ୍ଞାନ ରାଜ୍ୟ ଅଧିକାର କଲେ । ଲେଖକ ଅନ୍ୟତ୍ର 'ପୁରୁଷ' ଶବ୍ଦର ବ୍ୟୁତ୍ପତ୍ତି ଦର୍ଶାଇଛନ୍ତି- ''ସେହି ଆଦି ପୁରୁଷ (ବିଶ୍ୱାତ୍ମା) ଯେହେତୁ ପୂର୍ବର ସବୁ ପାପ ଦଗ୍ଧ କରିଥିଲେ (ନିଷ୍କଳଙ୍କ

Digitized by PPRACHIN, SOA

ହୋଇଥିଲେ) ସେହି ହେତୁରୁ ତାଙ୍କ ନାମ ହେଲା 'ପୁରୁଷ'- ପୂର୍ବଂ ଔଷଦ୍-ପୂର୍ବପାପ ଦଗ୍ଧ କରିଥିଲେ-ଅତଏବ ପୁରୁଷ ।'' (୪୭) ସ୍ୱାମୀ ପ୍ରଭୁପଦ 'ପୁରୁଷୋତ୍ତମ'ଙ୍କୁ "Supreme personality of God head" ଭାବରେ ଗ୍ରହଣ କରିଛନ୍ତି । ତାଙ୍କ ଭାଷାରେ- "Purusa' means person and 'Uttam' means Supreme or Transcendental." (୪୮)

**'ଗୀତା'ର ପୁରୁଷୋତ୍ତମ ହେଉଛନ୍ତି- ଓଡ଼ିଶାର ଜଗନ୍ନାଥ :**

ଜଗନ୍ନାଥ ତତ୍ତ୍ୱ ଗବେଷକ ନୀଳକଣ୍ଠ କହନ୍ତି, ଶ୍ରୀମଦ୍ ଭଗବଦ୍ଦ ଗୀତା ରଚନା ସମୟକୁ କୃଷ୍ଣ, ବିଷ୍ଣୁ ଓ ଈଶ୍ୱର ସମସ୍ତେ ଏକ ହୋଇ ଜଗନ୍ନାଥ ଭୂମିର ପୁରୁଷୋତ୍ତମ ରୂପେ ପ୍ରତିଷ୍ଠିତ ହୋଇସାରିଥିଲେ- ''ଏଇ ଜଗନ୍ନାଥ ଭୂମିର କୌଣସି ପୁରୁଷୋତ୍ତମ ସେତେବେଳକୁ ଲୋକରେ ଉପାସ୍ୟ ରୂପେ ପ୍ରତିଷ୍ଠିତ ଥିଲେ । ସେଇ ପୁରୁଷୋତ୍ତମ ହେଉଚନ୍ତି କୃଷ୍ଣ ଓ ସମସ୍ତ ଅବତାରର ଅବତାରୀ ।'' (୪୯) ବେଦର କୃଷ୍ଣଙ୍କୁ ଓଡ଼ିଆମାନେ ପୁରୁଷୋତ୍ତମ କରିଛନ୍ତି ବୋଲି ଆଲୋଚକଙ୍କ ମତ । କାରଣ ବେଦରେ ବା ତତ୍ତ୍ୱ ଦର୍ଶନରେ ଯେଉଁ ପୁରୁଷୋତ୍ତମ, 'ଗୀତା'ରେ ପ୍ରକାଶ ପାଇବା ବେଳକୁ ସେ ଜଗତଜନଙ୍କ ହିତ ପାଇଁ ଲୋକରେ ଉପାସ୍ୟଦେବ ରୂପେ ପ୍ରତିଷ୍ଠିତ ହୋଇସାରିଥିଲେ । ଏହି ଲୋକ-ଉପାସ୍ୟ ପୁରୁଷୋତ୍ତମ ହେଉଛନ୍ତି, ଓଡ଼ିଶାର ପୁରୁଷୋତ୍ତମ ପୁରୀ ବା ପୁରୀର ଜଗନ୍ନାଥ । 'ଗୀତା' ବେଳକୁ ଆଉ କୌଣସିଠାରେ ଭକ୍ତର ଉପାସ୍ୟଦେବ ରୂପେ ପୁରୁଷୋତ୍ତମ ନାହାନ୍ତି । ଜଗନ୍ନାଥଙ୍କ ସ୍ଥାନ ହିଁ ଏପର୍ଯ୍ୟନ୍ତ ପୁରୁଷୋତ୍ତମ କ୍ଷେତ୍ର ରୂପେ ସର୍ବଜନ-ବିଦିତ । ଏହି ଜଗନ୍ନାଥ ପୁଣି 'ମହାଭାରତ'ର ଶାନ୍ତି ପର୍ବରେ ନାରାୟଣ ରୂପେ ପରିଚିତ ହୋଇଛନ୍ତି । (୫୦) ଏହା ନୀଳକଣ୍ଠ ଅନ୍ୟତ୍ର ଦର୍ଶାଇଛନ୍ତି । ତାଙ୍କ ବିଚାରରେ 'ପୁରୁଷୋତ୍ତମ' ପରି 'ଜଗନ୍ନାଥ' ଶବ୍ଦଟି ମଧ୍ୟ ପ୍ରାଚୀନ ଓଡ଼ିଆ ଶବ୍ଦ । 'ମହାଭାରତ'ର 'ନାରାୟଣ ଉପାଖ୍ୟାନ'ରେ 'ନାରାୟଣ'ଙ୍କ ନାମ ସ୍ଥାନରେ 'ଜଗନ୍ନାଥ' ଶବ୍ଦ ବ୍ୟବହାର କରାଯାଇଥିବାର ସେ ଦର୍ଶାଇଛନ୍ତି । (୫୧) ଏହିପରି ଅନୁସନ୍ଧାନରୁ ପ୍ରମାଣିତ ହୋଇଛି ଯେ, 'ଗୀତା'ର ଶ୍ରୀକୃଷ୍ଣହିଁ ଲୋକରେ ପ୍ରସିଦ୍ଧ ପୁରୁଷୋତ୍ତମ । ସେଇ ପୁଣି ପୁରୀର ଜଗନ୍ନାଥ, ଶବରଦେବତା ଦାରବ୍ରହ୍ମ ।

**ସପ୍ତଶ୍ଳୋକୀ ଗୀତାରୁ ସପ୍ତଶତୀ ଗୀତା-**

'ଓଡ଼ିଆ ସାହିତ୍ୟ କ୍ରମପରିଣାମ' ଗ୍ରନ୍ଥରେ ନୀଳକଣ୍ଠ ପ୍ରତିପାଦନ କରିଛନ୍ତି, କୁରୁ ପାଣ୍ଡବଙ୍କ ଯୁଦ୍ଧ ଘେନି ରଚିତ 'ଜୟ' ନାମକ ସାଧାରଣ ବାକ୍ୟଟି କାଳକ୍ରମେ

Digitized by PPRACHIN, SOA

ବଢ଼ି 'ମହାଭାରତ' ନାମକ ମହାକାବ୍ୟ ହେବା ପରି 'ମହାଭାରତ'ର 'ସପ୍ତଶ୍ଳୋକୀ ଗୀତା'ଟି କୃଷ୍ଣଙ୍କ ଶିଷ୍ୟମାନଙ୍କ ଦ୍ୱାରା 'ସପ୍ତଶତୀ ଗୀତା'ରେ ପରିଣତ ହୋଇଅଛି । ଅର୍ଥାତ୍ 'ମହାଭାରତ'ର ବିଭିନ୍ନ ସଂସ୍କରଣରେ ଏହା ବଢ଼ି ବଢ଼ି ସାତରୁ ଦଶ, ଦଶରୁ ଅଠାଇଶ, ଅଠାଇଶରୁ ବତିଶ, ବତିଶରୁ ଶହେ ଓ ଶେଷରେ ଶହେରୁ ସାତଶହ ଶ୍ଳୋକବିଶିଷ୍ଟ ହୋଇଅଛି । ଏହା ପ୍ରମାଣ କରିବା ପାଇଁ ସେ ବାଲଗଙ୍ଗାଧର ତିଲକଙ୍କ ରଚିତ 'ଗୀତା ରହସ୍ୟ'ରେ ଦର୍ଶାଇ ଦିଆଯାଇଥିବା ସପ୍ତଶ୍ଳୋକୀ 'ଗୀତା'ର ସାତଗୋଟି ଶ୍ଳୋକକୁ ଉଦ୍ଧାର କରିଛନ୍ତି । ସେହି ସାତଗୋଟି ଶ୍ଳୋକ ହେଉଛି ବର୍ତ୍ତମାନ ପ୍ରଚଳିତ 'ଗୀତା'ର ଅଷ୍ଟମ ଅଧ୍ୟାୟର ୯ମ ଓ ୧୩ଶ ଶ୍ଳୋକ, ଏକାଦଶ ଅଧ୍ୟାୟର ୩୬ଶ ଶ୍ଳୋକ, ତ୍ରୟୋଦଶ ଅଧ୍ୟାୟର ୧୩ଶ ଶ୍ଳୋକ, ପଞ୍ଚଦଶ ଅଧ୍ୟାୟର ୧ମ ଓ ୧୫ଶ ଶ୍ଳୋକ ଏବଂ ଅଷ୍ଟାଦଶ ଅଧ୍ୟାୟର ୬୫ତମ ଶ୍ଳୋକ । (୫୨)

## 'ଗୀତା' ହିଁ ସମଗ୍ର ବେଦତତ୍ତ୍ୱ ବା ଉପନିଷଦର ସାର ସଂଗ୍ରହ-

ଆଲୋଚନା ପ୍ରସଙ୍ଗରେ ନୀଳକଣ୍ଠ କହିଛନ୍ତି, ଭାବ ଦୃଷ୍ଟିରୁ ବିଚାର କଲେ ସକଳ ବେଦତତ୍ତ୍ୱ ବା ଉପନିଷଦର ସାରମର୍ମ 'ଗୀତା'ରେ ନିହିତ, ତେଣୁ ଗୀତାର ସ୍ତୁତି ବଚନରେ କୁହାଯାଇଛି-

"ସର୍ବୋପନିଷଦୋ ଗାବୋ ଦୋଗ୍ଧା ଗୋପାଳନନ୍ଦନଃ

ପାର୍ଥୋବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍ ।"

ଅର୍ଥାତ୍, ସବୁ ଉପନିଷଦ (ବେଦତତ୍ତ୍ୱ ବା ବେଦାନ୍ତ) ଗାଈ ପରି, ଗୋପାଳପୁତ୍ର କୃଷ୍ଣ ହେଉଛନ୍ତି ଦୋହିଁବା ବାଲା । ପାର୍ଥ-ବାଛୁରୀ ଏବଂ ଦୁଧ-ଗୀତା ରୂପକ ଅମୃତ । ସୁଧୀମଣ୍ଡଳୀ ହେଉଛନ୍ତି ଦୁଗ୍ଧ ପାନକାରୀ । ଗୀତାର ପ୍ରବକ୍ତା କୃଷ୍ଣ ନିଜେ କହିଛନ୍ତି, ବେଦଯାକରେ ଯାହା ଜାଣିବାର ଅଛି, ସେ ମୁହିଁ; ପୁଣି ବେଦାନ୍ତ ବା ବ୍ରହ୍ମବିଦ୍ୟା କରିଚି ମୁହିଁ, ବେଦ ଜାଣୁଚି ମୁହିଁ । (୫୩)

ଉପନିଷଦ, ଗୀତା ଓ ବ୍ରହ୍ମସୂତ୍ର- ବେଦାନ୍ତର ତିନିଗୋଟି ପ୍ରସ୍ଥାନ । ଉପନିଷଦ- ଶ୍ରୁତି ପ୍ରସ୍ଥାନ, ଗୀତା-ସ୍ମୃତି ପ୍ରସ୍ଥାନ ଏବଂ ବ୍ରହ୍ମସୂତ୍ର-ନ୍ୟାୟ ପ୍ରସ୍ଥାନ । କିନ୍ତୁ ଭଗବଦ୍‌ଗୀତାର ପ୍ରତ୍ୟେକ ଅଧ୍ୟାୟ ଶେଷରେ- "ଶ୍ରୀମଦ୍ ଭଗବଦ୍ ଗୀତା ସୁପନିଷତ୍ସୁ ବ୍ରହ୍ମବିଦ୍ୟାୟାମ୍ ଯୋଗଶାସ୍ତ୍ରେ"- ଆଦି ଲେଖା ଯାଇଥିବାରୁ ସେଥିରେ ଉପନିଷଦ, ବ୍ରହ୍ମବିଦ୍ୟା ଏବଂ ଯୋଗ ଶାସ୍ତ୍ରର ସମନ୍ୱୟ ଘଟିଥିବାର ଜଣାଯାଏ । ପ୍ରଭୁପଦସ୍ୱାମୀଙ୍କ ଭାଷାରେ ଏହା 'ଗୀତୋପନିଷଦ' (୫୪) ପୁଣି ଭଗବାନ ଶ୍ରୀକୃଷ୍ଣ ନିଜେ ଏହାର ବ୍ୟାଖ୍ୟାକାର ହୋଇଥିବାରୁ ଏହା 'କୃଷ୍ଣୋପନିଷଦ' ଭାବେ କଥିତ ।

Digitized by PPRACHIN, SOA

ଭାଷ୍ୟକାର ନୀଳକଣ୍ଠଙ୍କ ବିଚାରରେ 'ଗୀତା'ର ଦ୍ୱିତୀୟ ଅଧ୍ୟାୟର ଆତ୍ମାର ଅଶୋଚ୍ୟତ୍ୱ, ଅଷ୍ଟମ ଅଧ୍ୟାୟର ଅକ୍ଷର ବ୍ରହ୍ମ ସ୍ୱରୂପ ଓ ତ୍ରୟୋଦଶ ଅଧ୍ୟାୟର କ୍ଷେତ୍ରଜ୍ଞ ବିଚାର ପ୍ରଭୃତିର ଉପସ୍ଥାପନ ଉପନିଷଦମାନଙ୍କର ଅନୁରୂପ ହୋଇଅଛି । ଯଥା- ଦ୍ୱିତୀୟ ଅଧ୍ୟାୟର ୧୬ଶ ଶ୍ଳୋକ (ନାସତୋ ବିଦ୍ୟତେ ଭାବଃ ନାଽଭାବୋ ବିଦ୍ୟତେ ସତଃ), ଅଷ୍ଟମ ଅଧ୍ୟାୟର ୬ଷ୍ଠ ଶ୍ଳୋକ (ଯଂ ଯଂ ବାଽପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍) 'ଛାନ୍ଦୋଗ୍ୟୋପନିଷଦ'ରୁ ନବମ ଅଧ୍ୟାୟର ୨୧ ଶ୍ଳୋକ (କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟ ଲୋକଂ ବିଶନ୍ତି), ତ୍ରୟୋଦଶ ଅଧ୍ୟାୟର ୧୭ଶ ଶ୍ଳୋକ (ଜ୍ୟୋତିଷାମପି ତଜ୍ଜ୍ୟୋତିଃ) ଆଦି 'ବୃହଦାରଣ୍ୟକୋପନିଷଦ'ରୁ ନିଆଯାଇଛି । ମାତ୍ର ଏହି ଉପନିଷଦ ଗଦ୍ୟରେ ଲେଖାଯାଇଥିବାରୁ ଏହାର କେବଳ ଭାବ ଓ ଶବ୍ଦର ପ୍ରଭାବ 'ଗୀତା' ଉପରେ ପଡିଛି । ଯେଉଁସବୁ ଉପନିଷଦ ପଦ୍ୟ ବା ଶ୍ଳୋକରେ ଲେଖା ଯାଇଛି ସେଗୁଡିକର ଅନେକ ଶ୍ଳୋକ କେଉଁଠାରେ ପୂର୍ଣ୍ଣରୂପେ କେଉଁଠାରେ ବା ଅଳ୍ପ ଭେଦରେ 'ଗୀତା'ରେ ସ୍ଥାନ ପାଇଥିବାର ଉଲ୍ଲେଖ କରି ନୀଳକଣ୍ଠ ତାହାର ଏକ ତାଲିକା ପ୍ରସ୍ତୁତ କରିଛନ୍ତି । ସୂଚନାରେ ସେହି ତାଲିକାଟି ହେଲା-

| 'ଗୀତା' | ଉପନିଷଦ୍ |
|---|---|
| ଦ୍ୱିତୀୟ ଅଧ୍ୟାୟ ୧୯ଶ ଶ୍ଳୋକ | 'କଠ' - ୨।୧୮ |
| ଦ୍ୱିତୀୟ ଅଧ୍ୟାୟ ୨୯ଶ ଶ୍ଳୋକ | 'କଠ' - ୨।୭ |
| ଅଷ୍ଟମ ଅଧ୍ୟାୟ ୧୧ଶ ଶ୍ଳୋକ | 'କଠ' - ୨।୧୫ |
| ତୃତୀୟ ଅଧ୍ୟାୟ ୪୨ଶ ଶ୍ଳୋକ | 'କଠ' - ୩।୧୦ |
| ଅଷ୍ଟମ ଅଧ୍ୟାୟ ୯ମ ଶ୍ଳୋକ | ଶ୍ୱେତାଶ୍ୱତର - ୩।୯, ୨୦ |
| ତ୍ରୟୋଦଶ ଅଧ୍ୟାୟ ୧୩ଶ ଶ୍ଳୋକ | ଶ୍ୱେତାଶ୍ୱତର - ୩।୧* |
| ଷଷ୍ଠ ଅଧ୍ୟାୟ - ୨୯ଶ ଶ୍ଳୋକ | ଶ୍ୱେତାଶ୍ୱତର - ୨।୮ ଓ ୨।୧୦ |
| ପଞ୍ଚଦଶ ଅଧ୍ୟାୟ - ୧୫ଶ ଶ୍ଳୋକ | କୈବଲ୍ୟ ଉପନିଷଦ |

ଆଲୋଚକ ନୀଳକଣ୍ଠଙ୍କ ବିଚାରରେ, 'ଗୀତା' ଓ 'ଉପନିଷଦ'ର ପ୍ରତିପାଦ୍ୟ ଆଧ୍ୟାତ୍ମ ବିଷୟ ଏକାପରି ହେଲେହେଁ, ଗୀତାରେ ବୈଦିକ ଧର୍ମର ପୂର୍ଣ୍ଣ ଉପଯୋଗିତା ସହ ମାନବ ଚିନ୍ତାର ସଂଶ୍ଲେଷଣ ଓ ସମନ୍ୱୟ ଘଟିଥିବାରୁ ଏହାର ବିଶ୍ୱଧର୍ମ ପୂର୍ଣ୍ଣାଙ୍ଗ ହୋଇପାରିଛି । ଉପନିଷଦ ବେଦର ତତ୍ତ୍ୱଭାଗ । ଗୀତାକାର ମୌଳିକ ବେଦର ସତ୍ୟମୂଳକ ବିଶ୍ୱତତ୍ତ୍ୱ ଉପରେ ପ୍ରତିଷ୍ଠିତ ନିଷ୍କାମ କର୍ମସାଧନ ପ୍ରଚାର କରିବା ସଙ୍ଗେ ସଙ୍ଗେ ଭକ୍ତିର ପୂର୍ଣ୍ଣ ଉପଯୋଗ କରି ବିଶ୍ୱତତ୍ତ୍ୱର ଧାରଣାକୁ ସୁଗମ କରି ଦେଇଛନ୍ତି । (୪୫)

Digitized by PPRACHIN, SOA

**ଭଗବଦ୍‌ଗୀତା - ଏକ ସମନ୍ୱୟଧର୍ମୀ ସ୍ମୃତିଶାସ୍ତ୍ର :**

ନୀଳକଣ୍ଠଙ୍କ ଯୁକ୍ତିରେ ଭଗବଦ୍‌ଗୀତା ଏକ ପ୍ରଧାନ ସ୍ମୃତିଶାସ୍ତ୍ର । ପୁଣି ଏଥିରେ ଆଗମୋକ୍ତ ଭାରତର ଦୁଇଟି ପ୍ରଧାନ ଧର୍ମର ସମାଧାନ କରାଯାଇଛି । ଗୋଟିଏ 'ନାରାୟଣୀୟ' ଭକ୍ତିଧର୍ମ ଓ ତହିଁ ସଙ୍ଗେ ଅବତାରବାଦ । ଏହା 'ଗୀତା'ର ଚତୁର୍ଥ ଅଧ୍ୟାୟରେ ବର୍ଣ୍ଣିତ । ଅନ୍ୟଟି ହେଉଛି 'ଜଗନ୍ନାଥ'ଙ୍କ 'ପୁରୁଷୋତ୍ତମ' ତତ୍ତ୍ୱ ନିବନ୍ଧ-ଦାର୍ଶନିକ ଧର୍ମ । ତାହା 'ଗୀତା'ର ପଞ୍ଚଦଶ ଅଧ୍ୟାୟରେ ବର୍ଣ୍ଣିତ । (୫୬)

ପଣ୍ଡିତ ନୀଳକଣ୍ଠ ତାଙ୍କ 'ଗୀତା' ଭାଷ୍ୟରେ ଗୀତାର ପୁରୁଷୋତ୍ତମଙ୍କୁ 'ଜଗନ୍ନାଥ' ଭାବେ ଅବତାରଣା କରିଥିବାରୁ ଏବଂ 'ଜଗନ୍ନାଥଧର୍ମ'କୁ ଭକ୍ତି ଧର୍ମଠାରୁ ପୃଥକ କରି ତାହାକୁ ଏକ ଦାର୍ଶନିକ ଧର୍ମର ଗୌରବ ଦେଇଥିବାରୁ ତାଙ୍କ ଗୀତାଭାଷ୍ୟର ଭୂୟସୀ ପ୍ରଶଂସା କରି ପଣ୍ଡିତ ନରସିଂହ ମହାପାତ୍ର ଲେଖିଛନ୍ତି- ''ଏଥିରେ ମତଭେଦ ଓ ମତାନ୍ତର ଯାହା ଥାଉ ପଛକେ, ଏପରି ବଳିଷ୍ଠ ଦାର୍ଶନିକ ଲେଖା ଓଡ଼ିଆ ସାହିତ୍ୟରେ ଆଉ ନାହିଁ । ଭାଷାନ୍ତର ହେଲେ, ଏଇ ଦାର୍ଶନିକ ପ୍ରବନ୍ଧଟି ଅନ୍ୟ ଭାଷାଭାଷୀ ସୁଧୀ ସମାଜର ଆଲୋଚନାର ବିଷୟ ହୁଅନ୍ତା ଓ ଓଡ଼ିଆ ଜାତିର ମହୀୟାନ ଭାବ ସର୍ବତ୍ର ପ୍ରଚାରିତ ହେବାର ପନ୍ଥା ସୁଗମ ହୁଅନ୍ତା ।'' (୫୭)

**'ଗୀତା'ର ମୂଳତତ୍ତ୍ୱ - ପୂର୍ଣ୍ଣ ଆତ୍ମଭାବର ପ୍ରକାଶ :**

ଗୀତାଧର୍ମରେ ଆର୍ଯ୍ୟଧର୍ମର ପରମ୍ପରା ନିହିତ ଥିଲେ ହେଁ, ଏହା ମୂଳତଃ ଆର୍ଯ୍ୟମାନଙ୍କର ନୁହେଁ ବୋଲି ନୀଳକଣ୍ଠଙ୍କ ମତ । ଆର୍ଯ୍ୟମାନେ ଭାରତକୁ ଆସିବା ପୂର୍ବରୁ ଦ୍ରାବିଡମାନେ ଆଫ୍ରିକାରୁ ଦକ୍ଷିଣ ପଶ୍ଚିମ ଏସିଆ ବାଟେ ଭାରତକୁ ଆସିଥିଲେ । ଏମାନଙ୍କର ଧର୍ମ ଥିଲା 'ଜିଣାସନ' ଧର୍ମ, ଯାହା ପରବର୍ତ୍ତୀ କାଳରେ ଜୈନଧର୍ମ ନାମରେ ପରିଚିତ ହୋଇଥିଲା । ଏହି ଧର୍ମାନୁସାରେ ଦ୍ରାବିଡମାନେ ଇନ୍ଦ୍ରିୟକୁ ନିଜ ଶାସନରେ ରଖି 'ଜିତା' ବା 'ଜେତା' ହେଉଥିଲେ । 'ଜି' ଶବ୍ଦଟି ପ୍ରାଚୀନ ବାବିଲୋନ ଦେଶର । ଏହାର ଅର୍ଥ ଜୀବ ଭିତରେ ଥିବା ଆତ୍ମିକ ଶକ୍ତି । ଏଥିରୁ କ୍ରମେ 'ଜାଣିବା' କଥାଟି କଳିଙ୍ଗରେ ପ୍ରବେଶ କଲା । 'ଜିଣ' ଶବ୍ଦର ଅର୍ଥ ଜିଣିବା ଲୋକ ।

'ଜିଣଭାବ' ବା ଆତ୍ମାକୁ ଧରି ଇନ୍ଦ୍ରିୟକୁ ଜୟ କରିବା ଭାବ ହେଉଛି ପୃଥିବୀରେ ଶ୍ରେଷ୍ଠ ଧର୍ମଭାବ । ଏହା 'ଆଟେନ୍' (ଆତ୍ମନ୍) ଧର୍ମ ନାମରେ ଖ୍ରୀ.ପୂ. ୧୪ଶ ଶତାବ୍ଦୀରେ ମିଟ୍ଟାନି ଓ ଇଜିପଟ୍‌ରେ ପ୍ରଚାର ଲାଭ କରିଥିଲା । ଏ ଧର୍ମ କ୍ରମେ ଭାରତରେ ଆତ୍ମଧର୍ମ ରୂପେ ବେଦ ଓ ଉପନିଷଦରେ ସ୍ଥାନ ପାଇଲା ଏବଂ ବେଦ ଓ ଉପନିଷଦର ଏଇ ଆତ୍ମଭାବ 'ଗୀତା'ରେ ପରିସ୍ଫୁଟ ହେଲା । ଆତ୍ମଭାବରୁ ଦୁଇଟି ସତ୍ୟ ପ୍ରକାଶ

Digitized by PPRACHIN, SOA

ପାଇଥିଲା- ପୂର୍ଣ୍ଣ ଓ ଶୂନ୍ୟ । ପୂର୍ଣ୍ଣଭାବ ବା ପୁରୁଷ ଭାବଟି ପୁରୁଷୋତ୍ତମ ରୂପେ 'ଗୀତା'ରେ ଏବଂ ଶୂନ୍ୟଭାବଟି ଖ୍ରୀ ୭ମ ୮ମ ଶତାବ୍ଦୀର ଉଦ୍‌ଡୀୟାନରେ ପୂର୍ଣ୍ଣ ବିକାଶ ପାଇଥିବା ଜଗନ୍ନାଥ ଭାବରେ ସ୍ପଷ୍ଟ ଦେଖାପଡେ । (୫୮)

**'ଗୀତା'ର 'ସାଂଖ୍ୟଯୋଗ':**

'ଭଗବଦ୍ ଗୀତା'ର 'ସାଂଖ୍ୟ ଶବ୍ଦ ଦ୍ୱାରା କପିଳ ମୁନିଙ୍କ 'ସାଂଖ୍ୟ ଦର୍ଶନ' ଓ 'ଯୋଗ' ଶବ୍ଦ ଦ୍ୱାରା ପତଞ୍ଜଳିଙ୍କ 'ଯୋଗ ଦର୍ଶନ' ପ୍ରକାଶ ପାଏ ନାହିଁ । ଏଥିରେ 'ସାଂଖ୍ୟ' ଶବ୍ଦ ସନ୍ନ୍ୟାସ ମାର୍ଗକୁ ଏବଂ 'ଯୋଗ' ଶବ୍ଦ କର୍ମମାର୍ଗକୁ ବୁଝାଏ । ତେଣୁ ସାଂଖ୍ୟଯୋଗ କହିଲେ 'କର୍ମ ସନ୍ନ୍ୟାସ'କୁ ବୁଝାଇଥାଏ । 'ଗୀତା'ର ତୃତୀୟ ଅଧ୍ୟାୟ ୩ୟ ଶ୍ଳୋକରେ ଭଗବାନ ସଂସାରର ଦୁଇ ପ୍ରକାର ନିଷ୍ଠାର କଥା କହିଛନ୍ତି । (୫୯) ପ୍ରଥମଟି ସାଂଖ୍ୟ ବା ସନ୍ନ୍ୟାସମାର୍ଗୀଙ୍କର ଜ୍ଞାନଯୋଗ ଦ୍ୱାରା ଉତ୍ପନ୍ନ ନିଷ୍ଠା, ଅନ୍ୟଟି କର୍ମଯୋଗମାର୍ଗୀ ବା ଯୋଗୀମାନଙ୍କର କର୍ମଯୋଗ ଦ୍ୱାରା ଉତ୍ପନ୍ନ ନିଷ୍ଠା । ଏହି ଦୁଇଟି ମାର୍ଗରୁ ଯେକୌଣସି ଗୋଟିଏ ମାର୍ଗ ଅବଲମ୍ବନ କଲେ ଏକ ହିଁ ଫଳ (ମୁକ୍ତି) ଲାଭ ହୁଏ ବୋଲି ପୁଣି ପଞ୍ଚମ ଅଧ୍ୟାୟର ପଞ୍ଚମ ଶ୍ଳୋକରେ କୁହାଯାଇଛି । (୬୦)

ସାଂଖ୍ୟତତ୍ତ୍ୱକୁ ସରଳ ଭାବେ ବୁଝାଇ ନୀଳକଣ୍ଠ ଲେଖିଛନ୍ତି- ''ସାଂଖ୍ୟ ବୋଇଲେ ଜ୍ଞାନ । ସାଧାରଣ ଅର୍ଥରେ ବେଦାନ୍ତର ଜ୍ଞାନକୁ ସାଂଖ୍ୟ କହନ୍ତି । ପ୍ରଥମେ ଏଉ ଜ୍ଞାନକୁ କପିଳ ମୁନି ବିଧିବଦ୍ଧ ଭାବରେ ଏକ ବିନିଶ୍ଚିତ ଓ ହେତୁମତ୍ ପ୍ରବନ୍ଧରେ ପ୍ରକାଶ କରିଥିଲେ । ହୁଏତ ଜ୍ଞାନର 'ସାଂଖ୍ୟ' ନାମଟି ସେଇଠାରୁ ବିଶେଷରେ ପ୍ରଚଳିତ ହେଲା । କାରଣ କପିଳ ଏହି ଜ୍ଞାନର ବ୍ୟାଖ୍ୟା କରିବାରେ ତତ୍ତ୍ୱ ଗୁଡିକର ୨୫ଟି ସଂଖ୍ୟା କରି ଗଣିଥିଲେ । (୬୧) 'ସାଂଖ୍ୟ' ଓ 'ଯୋଗ' ମଧ୍ୟରେ ସମନ୍ୱୟ ଦର୍ଶାଇ ସେ ପୁଣି କହନ୍ତି- ''କର୍ମ ଛାଡିବା କଦାପି ଭଗବାନଙ୍କର ମତ ନୁହେଁ । ତାଙ୍କ ମତରେ, ଜ୍ଞାନରେ ପ୍ରତିଷ୍ଠିତ ରହି କର୍ମ କରିଯିବାରେ ସାଂଖ୍ୟମାର୍ଗ (ଜ୍ଞାନ ମାର୍ଗ)ର ମୋକ୍ଷ ସାଧନା । ଏଉ ସାଧନ ପ୍ରଣାଳୀ ବା ଯୋଗକୁ ଜ୍ଞାନ ଆଉ ନ ବୁଝି, କର୍ମ ଆଉ ବୁଝିବାହିଁ ଏଠାରେ 'ଯୋଗ' ବା ମୁଖ୍ୟତଃ କର୍ମଯୋଗ । ଏହିପରି ଦୁଇଟି ମାର୍ଗ- ସାଂଖ୍ୟ ଓ ଯୋଗ । ଏ ଦୁଇଟିର ଉଦ୍ଦେଶ୍ୟ ବା ଫଳରେ କିଛି ପ୍ରଭେଦ ନାହିଁ ।'' (୬୨) ଏହି ପ୍ରସଙ୍ଗରେ ବାଲଗଙ୍ଗାଧର ତିଲକ କର୍ମର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି- ''କିନ୍ତୁ ଯୋଗ (କର୍ମ) ବିନା ସାଂଖ୍ୟ (ସନ୍ନ୍ୟାସ) ପ୍ରାପ୍ତି କଠିନ । ଯେଉଁବ୍ୟକ୍ତି କର୍ମ ଯୋଗମୁକ୍ତ ହୋଇଅଛନ୍ତି ତାଙ୍କର ଅବିଳମ୍ବେ ବ୍ରହ୍ମପ୍ରାପ୍ତି ବା ମୋକ୍ଷ ଲାଭ ହୁଏ । ସନ୍ନ୍ୟାସମାର୍ଗରେ ଜ୍ଞାନକୁ ପ୍ରଧାନ ମାନିଲେ ମଧ୍ୟ କର୍ମ ନକଲେ ଜ୍ଞାନସିଦ୍ଧି ହୁଏ ନାହିଁ ।

Digitized by PPRACHIN, SOA

ଅତଏବ କର୍ତ୍ତବ୍ୟଜ୍ଞାନ କରି ଫଳକୁ ଈଶ୍ୱରଙ୍କ ଠାରେ ଅର୍ପଣ କରି ନିଷ୍କାମ ଭାବରେ କର୍ମ କରିବା କର୍ତ୍ତବ୍ୟ । ଏହା ହିଁ ଭଗବଦ ଗୀତାର ପ୍ରତିପାଦ୍ୟ ଉପଦେଶ । (୬୩) ପଣ୍ଡିତ ନୀଳକଣ୍ଠ 'ଗୀତା'ରେ ପୂର୍ଣ୍ଣବାଦୀଙ୍କର ମୁକ୍ତି ସାଧନା ଏବଂ ଶୂନ୍ୟବାଦୀଙ୍କର ନିର୍ମାଣ ସାଧନା ମଧ୍ୟରେ ସମନ୍ୱୟ ଲକ୍ଷ୍ୟ କରିଛନ୍ତି । (୬୪) ତାଙ୍କ ଭାଷାରେ- ''ଏହିପରି ଶୂନ୍ୟତା ଓ ପୂର୍ଣ୍ଣତା ଜ୍ଞାନ ମଧ୍ୟରେ ସାମଞ୍ଜସ୍ୟ ରଖି ଅନାସକ୍ତ କର୍ମରେ ରହି ଭକ୍ତିର ଆଶ୍ରୟ କରିବା ହିଁ ଗୀତାର ଯୋଗ ବା ମୁକ୍ତି ସାଧନା'' । (୬୫) ସେ ପୁଣି କହିଛନ୍ତି, ''ଗୀତାର ଯୋଗ ଗୋଟିଏ ପରିସ୍ଥିତି - ଏହା ବରଂ ନିଷ୍କାମ କର୍ମ ସାଧନା ମଧ୍ୟରେ ପୁରୁଷୋତ୍ତମ ଧାରଣା ଜନିତ ଦ୍ୱନ୍ଦ୍ୱ ସମତା, ବା ସୁଖ ଦୁଃଖାଦିରେ ସମାନୁଭୂତି ।'' (୬୬)

'ଗୀତା'ର ଭାଷା :

''ଓଡ଼ିଆ ସାହିତ୍ୟର କ୍ରମପରିଣାମ'' ପୁସ୍ତକରେ ପଣ୍ଡିତ ନୀଳକଣ୍ଠ 'ଭଗବଦ୍ ଗୀତା'ର ଭାଷାକୁ ଓଡ଼ିଆଙ୍କର ପ୍ରାଣର ଭାଷା ବୋଲି କହିଛନ୍ତି । ଏଥିପାଇଁ ସେ ଏକାଦଶ ଅଧ୍ୟାୟର ୩୬ଶ ଶ୍ଳୋକରେ ବ୍ୟବହୃତ 'ସ୍ଥାନେ' (''ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ତ୍ୟା'') ଓ ସେହି ଅଧ୍ୟାୟର ୪୧ ଶ୍ଳୋକରେ ବ୍ୟବହୃତ 'ହେ କୃଷ୍ଣ' (''ହେ କୃଷ୍ଣ ହେ ଯାଦବ ହେ ସଖେତି'') ପଦର ଉଦାହରଣ ଦେଇଛନ୍ତି । ସମ୍ବୋଧନରେ 'ହେ' ପଦ ପ୍ରାଚୀନ ଓଡ଼ିଆରେ ବ୍ୟବହୃତ । ପୁଣି 'ସ୍ଥାନେ' ପଦର ବ୍ୟବହାର ଅନ୍ୟ କୌଣସି ଭାଷାରେ ନାହିଁ । ସେଇ ଅଧ୍ୟାୟର ୨୨ଶ ଶ୍ଳୋକରେ ପୁଣି ଅସୁରଙ୍କୁ ଦେବଙ୍କ ମଧ୍ୟରେ ଗଣା ଯାଇଛି (''ଗନ୍ଧର୍ବ ଯକ୍ଷାସୁର ସିଦ୍ଧ ସଂଘା'') ଏହା ଲକ୍ଷ୍ୟକରି ଆଲୋଚକ ଋଗ୍‌ବେଦର ଆଦି କାଳରେ ଅସୁରଭକ୍ତି ଥିବାର ଦର୍ଶାଇଛନ୍ତି । ଋଗ୍‌ବେଦରେ ମଧ ଅସୁର ଓ ଦେବତାଙ୍କୁ ଏକ ବୋଲି କୁହାଯାଇଛି । (୬୭) ନୀଳକଣ୍ଠଙ୍କ ମତରେ ଏହି ଅସୁର ସଭ୍ୟତା ବେଦ ପରବର୍ତ୍ତୀକାଳରେ ଓଡିଶାରେ ପ୍ରଭାବ ବିସ୍ତାର କରିଥିଲା । ତେଣୁ ଓଡ଼ିଆଙ୍କ ଧାରଣା ଗୀତାରେ ପ୍ରକାଶ ପାଇଥିବା ସମ୍ଭବ । ପୁଣି ସେହି ଏକାଦଶ ଅଧ୍ୟାୟର ୩୨ଶ ଶ୍ଳୋକରେ 'କାଳ' ଓ ୩୭ଶ ଶ୍ଳୋକରେ 'ଅନନ୍ତ' ଓ 'ଦେବେଶ' (ବଳଭଦ୍ର ଓ ବଡଠାକୁର) ଓ 'ଜଗନ୍ନିବାସ' ପ୍ରଭୃତି ଶବ୍ଦଗୁଡିକୁ ଲେଖକ ଓଡିଆ ଶୂନ୍ୟତତ୍ତ୍ୱର ଭାଷାର ଅନୁରୂପ ବୋଲି କହିଛନ୍ତି ।

**ନୀଳକଣ୍ଠଙ୍କ ଗୀତାଲୋଚନାରେ କେତୋଟି ନୂତନ ଦିଗ :**

ପଣ୍ଡିତ ନୀଳକଣ୍ଠଙ୍କ 'ଗୀତା' ଭାଷ୍ୟରେ କେତେକ ନୂତନ ଦିଗନ୍ତ ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏଥିରେ ଲେଖକ ଓଡିଶାର ସଂସ୍କୃତି, ଜୈନଧର୍ମର

Digitized by PPRACHIN, SOA

ପରମ୍ପରା, 'ଓଁ' – ତତ୍ତ୍ୱ ଓ ଅସୁର ସଭ୍ୟତା ଉପରେ ସୁବିସ୍ତୃତ ଆଲୋଚନା କରିଛନ୍ତି । ଏହା ବ୍ୟତୀତ ତାଙ୍କର ଅନ୍ୟ କେତେକ ରଚନାରେ ମଧ୍ୟ ସେ ଗୀତାଲୋଚନା ପ୍ରସଙ୍ଗରେ ନିଜର ନୂତନ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି । ଉଦାହରଣ ସ୍ୱରୂପ 'ଗୀତା'ରେ ବର୍ଣ୍ଣିତ- ''ଆତ୍ମା ଅମର, ଏହି ଅର୍ଥରେ ଯେ, ଆମେ ଆମ ପରବର୍ତ୍ତୀ ପୁରୁଷମାନଙ୍କ ମଧ୍ୟରେ ବଞ୍ଚିରହୁ ।'' (୬୮)

**ନୀଳକଣ୍ଠଙ୍କ 'ଗୀତାଭାଷ୍ୟ'ରେ ଓଡ଼ିଶାର ସଂସ୍କୃତି :**

ଗୀତା ଆଲୋଚନା ପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ କଳିଙ୍ଗର ଶବର ସଂସ୍କୃତି କିପରି ଭେଦଧର୍ମ ଜଡ଼ିତ ଭାରତ ତଥା ପୃଥିବୀରେ ସନାତନ ସତ୍ୟର ମହାବାଣୀ ପ୍ରଚାର କରିଛି ତାହା ଦର୍ଶାଇବାକୁ ଯାଇ ଓଡ଼ିଶୀ ସଂସ୍କୃତିର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରିଛନ୍ତି । (୬୯) ତାଙ୍କ ବିଚାରରେ, ଓଡ଼ିଶାର ସଂସ୍କୃତି ତିନିଗୋଟି ସଂସ୍କୃତିର ମିଶ୍ରଣର ଫଳ । ପ୍ରଥମଟି ହେଉଛି ଉତ୍କଳର, ଦ୍ୱିତୀୟଟି କଳିଙ୍ଗର ଓ ତୃତୀୟଟି ଦକ୍ଷିଣ କୋଶଳର ସଂସ୍କୃତି । ଯାଜପୁର ଠାରୁ ଉତ୍ତରକୁ ରାଢ଼ ଦେଶ (ବଙ୍ଗ) ଯାଏ ଉତ୍କଳ, ଯାଜପୁର ଠାରୁ ଦକ୍ଷିଣକୁ ପ୍ରାୟ ବିଶାଖାପାଟଣା ପର୍ଯ୍ୟନ୍ତ କଳିଙ୍ଗ ଏବଂ ଏବର ବୌଦଠାରୁ ବିଳାସପୁର ଯାଏ ଦକ୍ଷିଣ କୋଶଳ ବିସ୍ତୃତ ।

ଦକ୍ଷିଣ କୋଶଳର ସଂସ୍କୃତି ଉତ୍କଳ ଓ କଳିଙ୍ଗ ସଂସ୍କୃତି ଠାରୁ ଭିନ୍ନ ଧରଣର । ହୁଏନସାଂ ଭାରତକୁ ଆସିବା ବେଳକୁ ଏହି ଅଞ୍ଚଳର ନାମ ଉଡ୍‌ଡୀୟାନ ହୋଇ ସାରିଥିଲା । ଏଠାକାର ସଂସ୍କୃତି ହେଉଛି ତନ୍ତ୍ରର ସଂସ୍କୃତି । ଏହା ମୂଳତଃ ଅଷ୍ଟ୍ରିକ୍ ବା ନିଷାଦମାନଙ୍କର ସଂସ୍କୃତି । ଅତି ପ୍ରାଚୀନ କାଳରୁ ଏହା ଭାରତକୁ ଆସିଥିଲା । ବସ୍ତୁତଃ ଏହା ଭାରତର ପ୍ରାଚୀନତମ ସଂସ୍କୃତି, ଏହା ପରେ ଦ୍ରାବିଡ ସଂସ୍କୃତି ଓ ଶେଷରେ ବୈଦିକ ସଂସ୍କୃତି ବା ଆର୍ଯ୍ୟ ସଂସ୍କୃତି ଭାରତରେ ପ୍ରବେଶ କରିଥିଲା ।

କଳିଙ୍ଗ ସଂସ୍କୃତି ଦ୍ରାବିଡମାନଙ୍କ ଦ୍ୱାରା ଭାରତକୁ ଆସିଥିଲା । ଏହା କେବଳ କଳିଙ୍ଗରେ ସୀମାବଦ୍ଧ ନଥିଲା । ଏହା ମୁଖ୍ୟତଃ ଏକ ଦକ୍ଷିଣୀ ସଂସ୍କୃତି । ପୃଥିବୀରେ ବିଭିନ୍ନ ଧର୍ମ ମଧ୍ୟରେ ଏଇ ଗୋଟିକ କେବଳ ବିଭୂଧର୍ମ ନୁହେଁ, ଏହା ଏକ ଅଧ୍ୟାତ୍ମିକ ଧର୍ମ । ଏଇ ଧର୍ମର ପ୍ରଧାନ ଅନୁସନ୍ଧେୟ ବସ୍ତୁ ହେଉଛି ମାନବର ଆତ୍ମା । ପରବର୍ତ୍ତୀ କାଳରେ ପ୍ରସାର ଲାଭ କରିଥିବା ଜୈନଧର୍ମର ମୂଳ ଏହିଠାରେ ।

ନୀଳକଣ୍ଠଙ୍କ ମତରେ ଉତ୍କଳର ସଂସ୍କୃତି ପ୍ରାୟତଃ ବଙ୍ଗ ସଂସ୍କୃତି ସଙ୍ଗେ ସମାନ । ଏଥିରେ ବହୁକାଳରୁ କୋଶଳ ସଂସ୍କୃତି ମିଶିକରି ରହିଥିଲା । ଓଡ଼ିଶା ଇତିହାସ ଆଲୋଚନା କଲେ ଜଣାଯାଏ, ଖ୍ରୀ: ୭ମ-୮ମ ଶତାବ୍ଦୀ ଠାରୁ ଉତ୍ତର ଓଡ଼ିଶାର

Digitized by PPRACHIN, SOA

ଭୌମମାନେ ସମଗ୍ର ଓଡିଶାକୁ ଜିଣିଥିଲେ । ସେ ସମୟରେ ବଙ୍ଗଳାର ବଜ୍ରଯାନର ପ୍ରଭାବ ଓଡିଶାରେ ପଡ଼ିଥିଲା । ଯାଜପୁର ପାଖ ପୁଷ୍ପଗିରି ବିହାରରେ ବଜ୍ରଯାନର ଖୁବ୍ ଚର୍ଚ୍ଚା ହେଉଥିଲା । ଆଲୋଚକ କହନ୍ତି, ଓଡ଼ିଆ ଅକ୍ଷରର କ୍ରମବିକାଶ ଲକ୍ଷ୍ୟ କଲେ ମଧ୍ୟ ଜଣାଯିବ ଯେ, ଏହା ବଙ୍ଗଳା ଅକ୍ଷରବାଟେ ଓଡ଼ିଶାରେ ପ୍ରଚାରିତ ହୋଇଅଛି । (୭୦) ନିଜ ମତକ ଦୃଢ଼ କରିବା ପାଇଁ ସେ ପୁଣି କହନ୍ତି- ଅତି ପୁରାକାଳରେ 'ଉତ୍କଳ-ରାଟ' ଏକ ଭୂମିଖଣ୍ଡର ନାମ ଥିଲା । କାଳକ୍ରମେ ଏହାର ଉତ୍ତର ଆଡକୁ ଥିବା ଅଞ୍ଚଳର ନାମ 'ରାଢ଼' ଓ ଦକ୍ଷିଣ ଆଡର ନାମ ହେଲା 'ଉତ୍କଳ' । ସେ ସମୟରେ ବଙ୍ଗକୁ 'ରାଢ଼ଦେଶ' କୁହାଯାଉଥିଲା । ଉତ୍କଳ ବା ଉତ୍କଳ ଗୟାଠାରୁ ଦକ୍ଷିଣ ବା ଉପକୂଳ ଆଡକୁ ବିସ୍ତୃତ ଥିଲା । (୭୧)

ଉତ୍କଳର ବଙ୍ଗୀୟ ସଂସ୍କୃତି, କଳିଙ୍ଗର ଦ୍ରାବିଡ ସଂସ୍କୃତି ଓ ଦକ୍ଷିଣ କୋଶଳର ନିଷାଦୀୟ ସଂସ୍କୃତିର ମିଶ୍ରଣରେ ଓଡିଶାର ସଂସ୍କୃତି 'ପ୍ରାଚୀନ କଳିଙ୍ଗ ସଂସ୍କୃତି' ନାମରେ ଖୁବ୍ ପ୍ରସିଦ୍ଧି ଲାଭ କରିଥିଲା । ଏବଂ ଏହି କଳିଙ୍ଗ ସଂସ୍କୃତି ଦକ୍ଷିଣ ପ୍ରଶାନ୍ତ ମହାସାଗର ଦ୍ୱୀପମାନଙ୍କରେ ଓ ସେଇବାଟେ ଆମେରିକା ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା ବୋଲି ଭାଷ୍ୟକାରଙ୍କ ମତ ।

ଧର୍ମଦୃଷ୍ଟିରୁ ବିଚାର କଲେ, କଳିଙ୍ଗର ଧର୍ମ ପୃଥିବୀର ସମସ୍ତ ଧର୍ମରେ 'ଅଧ୍ୟାତ୍ମ ଧର୍ମ' ଭାବେ ପ୍ରକାଶ ପାଇଛି । ଖ୍ରୀ: ପୂ: ତିନି ହଜାର ବର୍ଷ ତଳେ ମଧ୍ୟ-ଆଫ୍ରିକାରୁ ଦ୍ରାବିଡମାନେ ଆସି କଳିଙ୍ଗରେ ବାସ କରୁଥିଲେ । ସେମାନଙ୍କର ପ୍ରଧାନ ଉପାସ୍ୟ ଥିଲା ମାନବ ଶରୀରରେ ଥିବା ଆତ୍ମା । ସେ ସମୟରେ ଏହାକୁ ପୁରୁଷ କୁହା ଯାଉଥିଲା । ଆଲୋଚକ ନୀଳକଣ୍ଠ ଡକ୍ଟର ସୁନୀତି କୁମାର ଚାଟର୍ଜିଙ୍କ ମତକୁ ସମର୍ଥନ କରି କହନ୍ତି, 'ପୁରୁଷ' ଏକ ଦ୍ରାବିଡ ଶବ୍ଦ । ମୌଳିକ ଭାବରେ ଏହା ହେଉଛି- 'ପୁବୃଷ' । ଦ୍ରାବିଡ ଶୈଳୀରେ 'ପୁରୁଷ' ହୋଇ ଅଛି । ଏହି ପୁରୁଷ ଭାବଟି ଦକ୍ଷିଣ ଆଫ୍ରିକାରୁ ଭାରତକୁ ଆସିଥିବା ସମ୍ଭବ । ଏବଂ ଏଇ ପୁରୁଷର ପ୍ରଧାନ ପୀଠ କଳିଙ୍ଗ ଉପକୂଳର ପୁରୁଷ କ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ର- ଏବର ପୁରୀ । (୭୨)

ନିଷାଦ ସଂସ୍କୃତି ମଧ୍ୟ ଦ୍ରାବିଡମାନେ ଆସିବା ପୂର୍ବରୁ ମଧ୍ୟଆଫ୍ରିକାରୁ ଭାରତକୁ ଆସି ପୂର୍ବ ଭାରତ ଓ ଦକ୍ଷିଣ-ପୂର୍ବ ମହାସାଗର ଆଡକୁ ବିସ୍ତୃତ ହୋଇ ଥିବାର ଅନୁମାନ ହୁଏ । କିନ୍ତୁ ନିଷାଦୀୟଧର୍ମ ଓ ଦ୍ରାବିଡ ଧର୍ମ ମଧ୍ୟରେ ମୌଳିକ ସମ୍ପର୍କ ରହିଅଛି । ଏହି ଦୁଇ ଧର୍ମ ମଧ୍ୟରେ ଥିବା ସମ୍ପର୍କ ନିର୍ଣ୍ଣୟ କରି ଆଲୋଚକ କହନ୍ତି, ପ୍ରଥମତଃ ନିଷାଦ ଧର୍ମ ଅନୁସାରେ ପିତାର ବିନା ସମ୍ପର୍କରେ ମାତା ସନ୍ତାନଙ୍କୁ ଶୂନ୍ୟରୁ ପ୍ରସବ

Digitized by PPRACHIN, SOA

କଲାପରି ବିଶ୍ୱର ସୃଷ୍ଟି ରୂପ କଳ୍ପନାରେ ପ୍ରଯୁକ୍ତ ହେଲା । ଅର୍ଥାତ୍ ପୃଥିବୀ ଶୂନ୍ୟରୁ ସୃଷ୍ଟି ହେଲା । ପୁଣି ଦ୍ରାବିଡ ଧର୍ମାନୁସାରେ ମାତା ସନ୍ତାନ ଜନ୍ମ କରି ଯେପରି ଆତ୍ମ-ବିସ୍ମୃତ ହୁଏ, ସେହିପରି ଏକ ଧାରଣାରୁ ବିଶ୍ୱପରିବାର-ଭାବ ମାନବ-ସମାଜରେ ଫୁଟି କ୍ରମେ ପରିବ୍ୟାପ୍ତ ହେଲା । (୭୩)

ନିଷାଦମାନଙ୍କ ପୀଠ ଓଡ଼ିଶାର ଉଡ଼ଡୀୟାନ ଭାଗରେ ଥିଲା । କାଳକ୍ରମେ ଏହା 'ସଉରୀ ନାରାୟଣ' ସ୍ଥାନରେ (ମହାନଦୀ ଓ ଏହାର ଉପନଦୀ ଜୋଂକ୍‌ର ସଂଗମ ସ୍ଥଳ) ପ୍ରତିଷ୍ଠିତ ହେଲା । ଉଡଡୀୟାନର ଏହା ଏକ ପ୍ରଧାନ ମାତୃଧର୍ମର ସ୍ଥାନ । ଏଠାରେ ନିମକାଠର ମୂର୍ତ୍ତି ପୂଜା କରାଯାଉଥିଲା । ଏଣେ ପୁରୀ ଉପକୂଳରେ ଦ୍ରାବିଡମାନଙ୍କ 'ପୁରୁଷପୀଠ'ର ପ୍ରତିଷ୍ଠା ହେଲା ।

କଳିଙ୍ଗର ପୁରୁଷ ପୀଠ ଓ ଉଡ୍‌ଡୀୟାନର ସଉରୀ ନାରାୟଣ ମଧ୍ୟରେ ବିବାଦ କ୍ରମଶଃ ପ୍ରକାଶ୍ୟଭାବେ ବଢ଼ିବାକୁ ଲାଗିଲା । ଖ୍ରୀ: ଏକାଦଶ ଶତାବ୍ଦୀରେ ଚୋଡଗଙ୍ଗ ଦେବ କଳିଙ୍ଗର ରାଜା ହେଲେ । ଉଡ୍‌ଡୀୟାନ (ଦକ୍ଷିଣ କୋଶଳ) ଓ ଉତ୍କଳ (ଉତ୍କଳ) ତାଙ୍କ ଅଧୀନରେ ରହିଲା । ସେ ରାମାନୁଜାଚାର୍ଯ୍ୟଙ୍କ ପରାମର୍ଶକ୍ରମେ ସଉରୀ ନରାୟଣରୁ ନିମକାଠର ମୂର୍ତ୍ତି ମହାନଦୀରେ ପୁରୀକୁ ଅଣାଇ ପୁରୀର 'ପୁରୁଷ' ପୀଠରେ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା କଲେ । ଫଳରେ ପୁରୁଷ ରୂପରେ ପୃଥିବୀର ମୌଳିକ ଅଧ୍ୟାତ୍ମବାଦ ସହ ନିମକାଠ ଦେବ ମୂର୍ତ୍ତିର ଶୂନ୍ୟ ରୂପ ମିଶି ସମନ୍ୱୟଧର୍ମୀ ଜଗନ୍ନାଥଙ୍କର ସୃଷ୍ଟି ହେଲା । (୭୪) ସ୍କନ୍ଦ ପୁରାଣରେ ଏହି କିମ୍ବଦନ୍ତୀକୁ କେନ୍ଦ୍ର କରି ଜଗନ୍ନାଥ ମନ୍ଦିର ଓ ମୂର୍ତ୍ତି ନିର୍ମାଣର ପୌରାଣିକ ଆଖ୍ୟାୟିକା ସୃଷ୍ଟି ହେଲା । ଏହି ଜଗନ୍ନାଥ କ୍ରମେ ଓଡିଶା ସଂସ୍କୃତିର କେନ୍ଦ୍ରବିନ୍ଦୁ ହୋଇଗଲେ ।

ଖ୍ରୀଷ୍ଟୀୟ ୮ମ ଶତାବ୍ଦୀରେ ସମ୍ବଲପୁରର ରାଜା ଇନ୍ଦ୍ରଭୂତି ଉଡଡୀୟାନମାନଙ୍କ ଜଗନ୍ନାଥଙ୍କୁ ପ୍ରଣିପାତ କରି 'ଜ୍ଞାନସିଦ୍ଧି' ପୁସ୍ତକର ପ୍ରଥମ ଶ୍ଳୋକରେ ଲେଖିଲେ-

''ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀନ ବରାର୍ଚ୍ଚିତଂ
ସର୍ବ ବୁଦ୍ଧମୟଂ ସିଦ୍ଧି ବ୍ୟାପିନୋ ଗଗନୋପମମ୍ ।''

ନୀଳକଣ୍ଠ କହନ୍ତି, ଜଗନ୍ନାଥଙ୍କୁ ଶୂନ୍ୟ ବୋଲି କଳ୍ପନା କରାଯାଇଥିଲେ ମଧ୍ୟ ଏବଂ ଉଡ୍‌ଡୀୟାନର ଜଗନ୍ନାଥ ଖ୍ରୀ ୧୦୭୬ ପୂର୍ବରୁ ଓଡିଶାର ଜୀନାସନ ପୀଠକୁ ଆସି ନଥିଲେ ମଧ୍ୟ ସେଇ ଶୂନ୍ୟରୂପ ଜଗନ୍ନାଥ 'ସର୍ବଜୀନ ବରାଚିର୍ତ' ଓ 'ସର୍ବ ବୁଦ୍ଧମୟ' ବୋଲି ବୌଦ୍ଧ ଓ ଜୈନ-ପ୍ରତିଷ୍ଠା ପାଇଛନ୍ତି । (୭୫) ଏଇ ଜୀନ ଓ ବୁଦ୍ଧ ପରମ୍ପରାର ସମନ୍ୱୟ ଦର୍ଶାଇ ଲେଖକ ଅନ୍ୟତ୍ର ଲେଖିଛନ୍ତି- ''ଭାରତର ସଂସ୍କୃତିରେ ଜୀନ ବା

Digitized by PPRACHIN, SOA

ବୁଦ୍ଧ ଏକା କଥା । ଶାକ୍ୟମୁନି ଯେପରି ନିଜକୁ ବୁଦ୍ଧ ବୋଲି କହୁଥିଲେ, ତୀର୍ଥଙ୍କର ମହାବୀର ମଧ୍ୟ ସେହିପରି ନିଜକୁ ବୁଦ୍ଧ ବୋଲି କହୁଥିଲେ । ଶଙ୍କରାଚାର୍ଯ୍ୟ ମଧ୍ୟ ବୁଦ୍ଧଙ୍କୁ ବସ୍ତୁାନ୍ତର ଜୀନ ବୋଲି କହିଛନ୍ତି ।'' (୭୬)

ଆଲୋଚକ ନୀଳକଣ୍ଠ ପୁଣି ଓଡିଶାର ଜଗନ୍ନାଥଙ୍କଠାରରେ ଅସୁର ଓ ବୈଦିକ ସଭ୍ୟତାର ସମାବେଶ କରାଇଛନ୍ତି । ତାଙ୍କ ଭାଷାରେ- ''ଅସୁର ସଭ୍ୟତା ଓ ବୈଦିକ ସଭ୍ୟତାର ଆଦାନପ୍ରଦାନ ଫଳରେ 'ଅଣାକାର' ମହାଶୂନ୍ୟରୁ 'ପରମାତ୍ମା' ବା ପୁରୁଷୋତ୍ତମ ବାହାରିଥିଲେ । (୭୭) କଳିଙ୍ଗରେ ଏଇ ପୁରୁଷୋତ୍ତମ ହେଉଚନ୍ତି ଉପାସ୍ୟଦେବ ଜଗନ୍ନାଥ । ଜଗନ୍ନାଥଙ୍କ ସ୍ଥାନ ପୁରୁଷୋତ୍ତମ ପୁରୀ- ସମସ୍ତ ଆର୍ଯ୍ୟ ଜଗତର ଅତି ପ୍ରସିଦ୍ଧ ଉପାସ୍ୟଦେବସ୍ଥାନ ବା ଶ୍ରେଷ୍ଠଧାମ ରୂପେ ପ୍ରତିଷ୍ଠା ପାଇଅଛି ।'' (୭୮) ଗବେଷକଙ୍କ ମତରେ, ଏହା ହିଁ ହେଉଛି ଓଡିଶାର ସମନ୍ୱୟଧର୍ମୀ ସଂସ୍କୃତି ।

**ନୀଳକଣ୍ଠଙ୍କ 'ଗୀତା'ରେ ଜୈନଧର୍ମର ପରମ୍ପରା**

'ଗୀତାଧର୍ମ'କୁ ଆଧ୍ୟାତ୍ମଧର୍ମ ବୋଲି ସୂଚାଇବାକୁ ଗଲାବେଳେ ପଣ୍ଡିତ ନୀଳକଣ୍ଠ ଜୈନଧର୍ମକୁ ପ୍ରାଚୀନତମ ଅଧ୍ୟାତ୍ମଧର୍ମ ରୂପେ ପ୍ରତିପାଦନ କରି ଏଇ ଧର୍ମର ପରମ୍ପରା ଉପରେ ଆଲୋକପାତ କରିଛନ୍ତି ।*

ଜୈନଧର୍ମର ପ୍ରଥମ ନାମ ଥିଲା 'ଜିଣ' ବା ବିଜେତାର ଧର୍ମ । ଆଲୋଚକଙ୍କ ବିଚାରରେ ଏହା ହିଁ ପୃଥିବୀର ପ୍ରାଚୀନତମ ଅଧ୍ୟାତ୍ମଧର୍ମ । ଜଗତରେ ଧର୍ମ ମୂଳତଃ ଦୁଇପ୍ରକାରର- ଗୋଟିଏ ବାହାରୁ ନିର୍ଦ୍ଦେଶିତ ଧର୍ମ ବା 'ଭୌତିକ ଧର୍ମ' ଓ ଅନ୍ୟଟି 'ଅଧ୍ୟାତ୍ମ ଧର୍ମ'; ଯେଉଁଥିରେ ମନୁଷ୍ୟ ନିଜ ଭିତରୁ ନିର୍ଦ୍ଦେଶ ଲାଭ କରେ । ଭୌତିକ ଧର୍ମରେ ଦେବତା ବା ଈଶ୍ୱର ମନୁଷ୍ୟକୁ ନିର୍ଦ୍ଦେଶ ଦିଅନ୍ତି । ମନୁଷ୍ୟ ଈଶ୍ୱରଙ୍କ ଭୟରେ ନିର୍ଦ୍ଦେଶିତ ହେବାପରି କାମ କରେ । କିନ୍ତୁ ଅଧ୍ୟାତ୍ମଧର୍ମରେ ମନୁଷ୍ୟ ନିଜ ଭିତରେ ଯେଉଁ ଆତ୍ମା ବା ପୁରୁଷ ଅଛି, ତାହାରି ଉପାସନା କରେ । (୭୯)

ଜୀବାଜୀବ ସମ୍ପର୍କ ହେଉଛି, ଜୈନ ଦର୍ଶନର ମୂଳଭିତ୍ତି । ଅଧ୍ୟାତ୍ମବାଦୀ ଜୈନ ଦାର୍ଶନିକମାନେ ଜାଣିଥିଲେ, ଜୀବ ଏବଂ ଅଜୀବ - ଏଇ ଦୁଇପ୍ରକାର ବସ୍ତୁକୁ ନେଇ ଜଗତର ସୃଷ୍ଟି । ଅଜୀବ ସମ୍ପର୍କରେ ଥିବାରୁ ହିଁ ଜୀବ ଘାଣ୍ଟି ହେଉଛି, କଷ୍ଟ ପାଉଛି, କାମନାର ବଶବର୍ତ୍ତୀ ହେଉଛି । ତେଣୁ ଜୈନମାନେ ସମସ୍ତ ପ୍ରକାର ତୃଷ୍ଣା ପରିତ୍ୟାଗ କରିଥିଲେ । ଅହିଂସା, ଅମିଥ୍ୟା, ଅଚୌର୍ଯ୍ୟ ଓ ଅପରିଗ୍ରହ ନିଷ୍ଠାର ସହିତ ପାଳନ କରୁଥିଲେ । ଏଇ ଜୀବ-ଅଜୀବ ସମ୍ପର୍କରୁ 'ଦ୍ୱୈତସାଂଖ୍ୟ' ବାହାରିଥିଲା ।ସେଥିରେ ଜୀବ ବହୁତ - ତା'ର ନାମ 'ପୁରୁଷ' । କିନ୍ତୁ ଅଜୀବ ହେଉଛି ଏକ - ତାହା 'ପ୍ରକୃତି' ।

Digitized by PPRACHIN, SOA

(୮୦) ଦ୍ୱୈତସାଂଖ୍ୟରୁ 'ଯୋଗ' ପ୍ରକାଶ ପାଇଲା । ସେଥିରେ ସବୁ ପୁରୁଷ ପରେ ପ୍ରଧାନ ହେଲେ ପୁରୁଷୋତ୍ତମ । ଫଳରେ ସମଗ୍ର ଜଗତ ଏକ ପୁରୁଷ ଓ ଏକ ପ୍ରକୃତିରେ ପର୍ଯ୍ୟବସିତ ହେଲା । ଏଇ ଧାରଣାରୁ ପୁଣି ଆସିଲା 'ବେଦାନ୍ତ' । ସେଥିରେ 'ଅଜୀବ' ହେଲା ଅନିତ୍ୟ ବା ମିଥ୍ୟା ବା ମାୟା । ଜୀବ ହେଲା ନିତ୍ୟ ।

ଗବେଷକ ନୀଳକଣ୍ଠଙ୍କ ଯୁକ୍ତିରେ 'ଜୀବ' ଶବ୍ଦ ସୁମେରୀୟ 'ଜି' ରୁ ଆସିଛି । ଏହାର ଅର୍ଥ ବସ୍ତୁର ଜୀବନ୍ତତା । (୮୧) 'ଜି' ବା 'ଜୀ' ହେଉଛନ୍ତି ସମସ୍ତ ଭୌତିକ-ରାଜକୁ ଜୀବନରେ ପ୍ରଭାବିତ କରୁଥିବା ଶକ୍ତି ବା ବସ୍ତୁ । ଆଲୋଚକ କହନ୍ତି, ଜୈନଭାବ ହିଁ ହେଉଛି ସମସ୍ତ ଦର୍ଶନର ମୂଳ । କାରଣ ଜୈନ ଦର୍ଶନ ଅନୁସାରେ ଜୀବ ଓ ଅଜୀବର ନିତ୍ୟ ସମ୍ପର୍କରେ ନାମ-ରୂପ-ମୟ ଜଗତ ତିଷ୍ଠି ରହିଛି । ଅର୍ଥାତ୍, ଜୀବ ଓ ଅଜୀବ ସମ୍ପର୍କରେ ଆସିବାରୁ ସବୁ ନାମ-ରୂପ ସମ୍ଭବ ହୋଇଛି । ଏଠାରେ ଜୀବ ହେଉଛି-ଜୀବନର ହେତୁ । ଏହାକୁ ଜୈନମାନେ ପୁରୁଷ ବୋଲି କହୁଥିଲେ । ଏହି 'ଜୀବ' ବା ପୁରୁଷ ଅଜୀବରୁ ସମ୍ପର୍କ ତୁଟାଇଦେଲେ ସ୍ୱାଧୀନ ହୁଏ । (ଗୀତାପୀଠିକା-ପୃଷ୍ଠା-୯୯ ଦ୍ରଷ୍ଟବ୍ୟ) । ଏହା ହିଁ ହେଉଛି ଅସଲ ଜୈନତତ୍ତ୍ୱ ।

କେବଳ ଜୀବର ଯେ ଅଧିକାରୀ, ତାକୁଇ କହନ୍ତି 'କେବଳୀ' । ଏଇ କେବଳୀର ଅବସ୍ଥାକୁ କୁହାଯାଏ କୈବଲ୍ୟ ଏବଂ କୈବଲ୍ୟରେ ହିଁ ସାଧକର ସିଦ୍ଧି ହୁଏ । ଏହି ଜୀବ-ଅଜୀବ ବା ପୁରୁଷ-ପ୍ରକୃତି ଭାବରୁ ପରେ ବେଦାନ୍ତର ଆତ୍ମା-ପରମାତ୍ମା ଭାବର ସୃଷ୍ଟି ହେଲା । ଏଥିରୁ ଜଣାଯାଏ ଯେ ଜୀବ, ଆତ୍ମା, ପୁରୁଷ, ଅଜୀବ, ପ୍ରକୃତି ଆଦି ଯାବତୀୟ ତତ୍ତ୍ୱର ମୂଳ ଜୈନଧର୍ମରେ ନିହିତ । ଆଲୋଚକଙ୍କ ବିଚାରରେ ଜୈନଧର୍ମ ଏକମାତ୍ର ଈଶ୍ୱର ବିହୀନ ଧର୍ମ ବା ଅଧ୍ୟାତ୍ମଧର୍ମ (୮୨) ଜୈନଶାସ୍ତ୍ରରେ କୁହାଯାଇଛି-

''ଇକ୍କୋ ସଞ୍ଚଦି ପୁଣଂ ଇକ୍କୋ
ଭୁଞ୍ଜେଦି ବିବିହ ସୁର ସୋକ୍ଖଂ
ଇକ୍କୋ ଖବେଦି କମ୍ମଂ ଇକ୍କୋ ବିୟ ପାବନୟା ମୋକ୍ଖଂ'' ।

(ଅନପ୍ରେକ୍ଷା-୭୬)

ଏହାର ବ୍ୟାଖ୍ୟା କରି ଜଗମନ୍ଦ୍ରଲାଲ ଜୈନୀ କହନ୍ତି - ମନୁଷ୍ୟ ନିଜେ ଏକା ଜୀବନର ଭଲ ମନ୍ଦ ପାଇଁ ଦାୟୀ । (୮୩)

ଖ୍ରୀଷ୍ଟଧର୍ମ, ମୁସଲମାନଧର୍ମ ଓ ହିନ୍ଦୁଧର୍ମ ପରି ଜୈନଧର୍ମରେ ଈଶ୍ୱର ବା ତାଙ୍କ ଅବତାର କିମ୍ବା ତାଙ୍କର ପ୍ରିୟପୁତ୍ର (ପୟଗମ୍ବର) ମନୁଷ୍ୟ ଉପରେ ହସ୍ତକ୍ଷେପ କରନ୍ତି ନାହିଁ । ପଣ୍ଡିତ ନୀଳକଣ୍ଠ ଜୈନ ପଣ୍ଡିତ ଜଗମନ୍ଦ୍ରଲାଲ ଜୈନୀଙ୍କ ମତ ଉଦ୍ଧାର କରି

Digitized by PPRACHIN, SOA

ଲେଖିଛନ୍ତି - 'ଜୈନଧର୍ମ ମନୁଷ୍ୟକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛି । ଏହା ଅନ୍ୟ କୌଣସି ଧର୍ମରେ ନାଇ । ଆମେ ଯେଉଁ କର୍ମ କରୁ ଓ ସେଇ କର୍ମର ଫଳ - ଏ ଦୁହିଁଙ୍କ ମଧ୍ୟରେ ଆଉ କିଛି ନାଇ । ଥରେ କରାହେଲେ ସେଇ କର୍ମମାନେ ହୁଅନ୍ତି ଆମର ନିୟନ୍ତା । (୮୪)

**ଜୈନଧର୍ମ ହିଁ ଏକମାତ୍ର ମୈତ୍ରୀଧର୍ମ :**

ପୃଥିବୀର ସମସ୍ତ ଅନାତ୍ମଧର୍ମ ବା ଈଶ୍ୱରଧର୍ମ କରୁଣା ଉପରେ ପ୍ରତିଷ୍ଠିତ । ବୌଦ୍ଧଧର୍ମରୁ ଏହି କରୁଣା ଭାବର ଉତ୍ପତ୍ତି । ବୁଦ୍ଧଙ୍କୁ ମହାକରୁଣାମୟ ରୂପେ କଳ୍ପନା କରାଯାଇଛି । ପରବର୍ତ୍ତୀ କାଳରେ ଈଶ୍ୱର ମଧ୍ୟ କରୁଣାମୟ ରୂପେ ପରିଚିତ ହେଲେ । (୮୫)

କିନ୍ତୁ ଲେଖକଙ୍କ ବିଚାରରେ, ଆତ୍ମଧର୍ମ ବା ଜୈନଧର୍ମଟି ହେଉଛି ଯଥାର୍ଥରେ ମୈତ୍ରୀଧର୍ମ । ଏଥିରେ ପ୍ରତ୍ୟେକ ମନୁଷ୍ୟ ସ୍ୱରାଟ ବା ଆତ୍ମବାନ । ଜୈନଧର୍ମାବଲମ୍ବୀମାନେ ପତିତପାବନଙ୍କ ଅନୁକରଣରେ ନିଜକୁ ବଡ ମନେକରି ଦରିଦ୍ରର ସେବା କରନ୍ତି ନାହିଁ । ଅନୁଭବରେ ସାମ୍ୟ ପ୍ରତିଷ୍ଠା କରି ମୈତ୍ରୀର ଆଚରଣରେ ଆତ୍ମଲାଭର ପ୍ରଚେଷ୍ଟା କରନ୍ତି ।

ଈଶ୍ୱର ଧର୍ମ ବା ଭକ୍ତିମାର୍ଗର ଧର୍ମରେ ମାନବକୁ ଜିଣିବା ଓ ନିଜ ମତର ଅନୁକୂଳ କରିବା ପ୍ରଭୃତି ଆଚରଣ ପ୍ରକାଶ ପାଇଥିଲା । କିନ୍ତୁ ଜୈନଧର୍ମରେ ପ୍ରଥମ କରି ମନୁଷ୍ୟ ନିଜ ଅନ୍ତରକୁ ବିଶ୍ଳେଷଣ କରିବାକୁ ଶିଖିଲା । ଇନ୍ଦ୍ରିୟକୁ ଜିଣିଥିବା ଲୋକ 'ଜିଣ' ନାମରେ ଖ୍ୟାତହେଲା । ଲେଖକଙ୍କ ଭାଷାରେ - ''ଜୈନଧର୍ମ ଆତ୍ମାକୁ ଜିଣିବା ଲୋକର ଧର୍ମ । ଯେ ଆତ୍ମାକୁ ଜିଣେ ବା ବାହାର ସମ୍ପର୍କକୁ ଛାଡି ସଂପୂର୍ଣ୍ଣ ଆତ୍ମସ୍ଥ ହୁଏ, ସେଇ ହେଉଚି ଯଥାର୍ଥ ଆତ୍ମବିଜେତା ବା ଜିଣ; ତାହାରି ଧର୍ମ ହେଉଛି ଜୈନଧର୍ମ ।'' (୮୬)

**ଜୈନଧର୍ମର ପ୍ରାଚୀନତା**

ମାକ୍ସ ମୁଲରଙ୍କ ସଂପାଦିତ ଓ ହରମନ ଜାକୋବି (Hermann Jacobi)ଙ୍କ ଲିଖିତ 'Sacred Books of the East' ଗ୍ରନ୍ଥର ମୁଖବନ୍ଧ ଅନୁସାରେ ଜୈନଧର୍ମ ବୌଦ୍ଧଧର୍ମ ଠାରୁ ପ୍ରାଚୀନତର; ଏପରିକି ଜୈନଙ୍କର ଶେଷ ତୀର୍ଥଙ୍କର ମହାବୀର, ଶାକ୍ୟମୁନି ବୁଦ୍ଧଙ୍କ ଠାରୁ ଅଳ୍ପ କେତେଦିନ ବଡ ଥିଲେ । ସେତିକି ନୁହେଁ, ମହାବୀରଙ୍କର ଅଢ଼େଇଶହ ବର୍ଷ ପୂର୍ବରୁ ଅର୍ଥାତ୍ ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ସମୟକୁ ଭାରତରେ ଜୈନଧର୍ମ ପ୍ରତିଷ୍ଠିତ ହୋଇ ସାରିଥିଲା । (୮୭)

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ମଧ୍ୟ ବୌଦ୍ଧଧର୍ମ ଠାରୁ ଜୈନଧର୍ମର ପ୍ରାଚୀନତା ତାଙ୍କର ବିଭିନ୍ନ ରଚନା ମଧ୍ୟରେ ଦର୍ଶାଇଛନ୍ତି । ସେ କହନ୍ତି - "ବହୁ ପ୍ରାଚୀନ କାଳରୁ 'ଜୀନାସନ' ବା ଜୈନ ସାଧନାର ପୀଠର କୌଣସି ସ୍ମାରକ ବା ସଙ୍କେତ ଥିଲା । ପରେ ସିଂହଳର ବୌଦ୍ଧଧର୍ମରେ ଗୋଟିଏ ପରମ୍ପରା ପ୍ରକାଶ ପାଇଲା । ସେ ପରମ୍ପରା ଅନୁସାରେ ଏହି ପ୍ରାଚୀନ ଜୀନାସନର ସ୍ମାରକଟିକୁ କରିଦିଆ ହେଲା- ଶାକ୍ୟମୁନି ବୁଦ୍ଧଙ୍କ ବାଁପଟ ବିଶିଦାନ୍ତ ।" (୮୮)

ଲେଖକ ବୈଦିକଧର୍ମ ଠାରୁ ମଧ୍ୟ ଜୈନଧର୍ମର ପ୍ରାଚୀନତା ପ୍ରମାଣ କରିଛନ୍ତି । ବୈଦିକ ଯାଗଯଜ୍ଞ ଓ ଜାତିଭେଦ ବିରୋଧରେ ଜୈନଧର୍ମ ପ୍ରକାଶ ପାଇଥିଲା ବୋଲି ଯେଉଁ ଧାରଣା ଅନେକ ପ୍ରାଚ୍ୟତତ୍ତ୍ୱ-ବିଦ୍‌ଙ୍କ ଭିତରେ ରହିଛି, ତାହା ଖଣ୍ଡନ କରି ସେ ଲେଖିଛନ୍ତି - "ଅତି ପ୍ରାଚୀନ ଉପନିଷଦର୍ ପୁରୁଷ - ପ୍ରକୃତି ଭାବ ଜୈନର ଜୀବାଜୀବ ଭାବରୁ ନିଆଯାଇଛି" । (୮୯) ତାଙ୍କ ମତରେ ଜୈନଧର୍ମ ଭାରତର ମୌଳିକ ଧର୍ମ । ସେ ତେଣୁ ସାଂଖ୍ୟଦର୍ଶନକୁ ମଧ୍ୟ ଜୈନ ଦର୍ଶନ ଠାରୁ ଅର୍ବାଚୀନ ବୋଲି ଦର୍ଶାଇଛନ୍ତି - "ଦାର୍ଶନିକ ଭାବରେ ଜୀବକୁ ପୁରୁଷ ଓ ଅଜୀବକୁ ପ୍ରକୃତି କରି ପ୍ରକାଶ କରିବାର ପ୍ରଥମ ଉଦ୍ୟମ ହୋଇଚି, ସାଂଖ୍ୟାଦର୍ଶନରେ । ଏଇ ପୁରୁଷ ପ୍ରକୃତିର ମୂଳତତ୍ତ୍ୱ ପ୍ରକାଶ ପାଇଥିଲା ଜୈନ ଦର୍ଶନରେ । x x x ଜୈନ ଦର୍ଶନର ଜୀବ-ଅଜୀବ ଭେଦମୂଳକ ଦ୍ୱୈତବାଦରୁ ବିକାଶ ପାଇଥିଲା ସାଂଖ୍ୟ ଦର୍ଶନ x x ପ୍ରକୃତିର ଅସଂଖ୍ୟ ପ୍ରକାଶକୁ ତତ୍ତ୍ୱ ହିସାବରେ ବହୁ ବୋଲି ନଧରି ସାଂଖ୍ୟରେ ପ୍ରଥମେ ଏ ସମସ୍ତ ପ୍ରକୃତିକୁ ଏକ ବୋଲି ଧରା ଯାଇଥିଲା । ପୁରୁଷ ଠିକ୍ ଜୈନ ଦର୍ଶନର ଜୀବ ପରି ଅସଂଖ୍ୟ ଥିଲା । x x x ସାଂଖ୍ୟର ପୂରା ଅଧ୍ୟାତ୍ମ ପୁରୁଷଭାବ ଜୈନର ଜୀବଭାବରୁ ଗୃହୀତ ହୋଇଥିଲା ।" (୯୦)

ପୁଣି ଐତିହାସିକ ଦୃଷ୍ଟିରୁ ବିଚାର କଲେ ଜଣାଯାଏ, ବୈଦିକ ଆର୍ଯ୍ୟମାନେ ଭାରତକୁ ଆସିବା ପୂର୍ବରୁ ଏ ଦେଶରେ ଜୈନଙ୍କର ପ୍ରତିଷ୍ଠା ଦୃଢ଼ ହୋଇ ସାରିଥିଲା । (୯୧) ବୈଦିକ ଆର୍ଯ୍ୟମାନେ ଏ ଦେଶକୁ ଆସି ଯାଗଯଜ୍ଞର ଘନଘଟା ଖେଳାଇ ଦେଲେ । ଯାଗଯଜ୍ଞରେ ମଦ୍ୟମାଂସର ସୁଅ ଛୁଟିଲା । ଜୈନଙ୍କର ସଂଯମ ଓ ସାଧନା ଭ୍ରଷ୍ଟ ହେଲା । ଏଇ ଆର୍ଯ୍ୟମାନେ ଶାରୀରିକ ବଳଦ୍ୱାରା ଦ୍ରାବିଡ଼ମାନଙ୍କୁ ଜିଣି ତାଙ୍କ ରାଜ୍ୟ ସବୁ ଅଧିକାର କରି ନେଲେ ସତ, କିନ୍ତୁ ସେମାନେ ଦ୍ରାବିଡ଼ମାନଙ୍କ ଆଧ୍ୟାତ୍ମିକ ତଥା ସାମାଜିକ ପ୍ରଭାବରେ ପଡିଗଲେ । ଋକ୍ଷଣଶୀଳ ଜୈନମାନଙ୍କର କଠୋର ଧର୍ମାଚରଣ, ଆର୍ଯ୍ୟମାନଙ୍କ ପ୍ରଭାବରେ ପଡି କ୍ରମେ ଶିଥିଳ ହୋଇ ଆସିଲା

Digitized by PPRACHIN, SOA

ଏବଂ ସେଥିରେ ଦୁଇଟି ଦିଗ ସୃଷ୍ଟି ହେଲା । ଗୋଟିଏ କୃଚ୍ଛ୍ର ସାଧନା ଓ ଅନ୍ୟଟି ଭୋଗରେ ମାତି ସିଦ୍ଧ ହେବା । ଏହି ସମୟ ଥିଲା ଜୈନମାନଙ୍କର ଶେଷ ସମୟ । ଏତିକି ବେଳେ ମହାମାନ୍ୟ ବୁଦ୍ଧ ନିଜର ମଧ୍ୟମ ପନ୍ଥା ଧର୍ମ ପ୍ରଚାର କରିବାକୁ ଆରମ୍ଭ କଲେ । ତାଙ୍କ ଭାଷାରେ ଏହି ମଧ୍ୟପନ୍ଥାର ନାମ ହେଲା - 'ଆର୍ୟ୍ୟ-ପନ୍ଥା' । ପ୍ରାଚୀନ ଦ୍ରାବିଡରେ 'ଆର୍ୟ୍ୟ' ଶବ୍ଦର ଅର୍ଥ - 'ଅରିଅ' ବା 'Rare' ବା ଲକ୍ଷକେ ଜଣକର ପନ୍ଥା । (୯୨)

ନୀଳକଣ୍ଠଙ୍କ ମତରେ, ବୁଦ୍ଧଙ୍କର ଏହି ମଧ୍ୟମ ପନ୍ଥା ଧରି ସମ୍ଭବତଃ ହୀନଯାନ ନାମରେ କଳିଙ୍ଗର ସଂସ୍କୃତି ଉତ୍ତର ଭାରତ ପାଖ ଦକ୍ଷିଣ ଭାରତରେ ବରାବର ପ୍ରତିଷ୍ଠିତ ଥିଲା । * ତେଣୁ ସେ କହନ୍ତି - 'ବୌଦ୍ଧ ନାମରେ ହେଉ ବା ଜୈନ ନାମରେ ହେଉ, ଏଇ ଉତ୍କଳ ବା କଳିଙ୍ଗର ସଂସ୍କୃତି ବରାବର ପରମ୍ପରାକ୍ରମେ ଜୈନ ସଂସ୍କୃତି ଥିଲ । (୯୩)

'ଓଁ' ତତ୍ତ୍ୱ

ଗବେଷକ ପଣ୍ଡିତ ନୀଳକଣ୍ଠ କହନ୍ତି, 'ମୁଁ' ବା 'ମୁଁତ୍ୱ' ର ବସ୍ତୁରୁ ଜୈନମାନଙ୍କର ଯେଉଁ ପୁରୁଷ ଧାରଣାଟି ଆସିଥିଲା, ତାହା ବେଦରେ 'ଓଁ' ଭାବରେ ବ୍ୟବହୃତ ହୋଇଅଛି । ଉପନିଷଦ ସମୟକୁ ଏହି 'ଓଁ'ର ବିଭିନ୍ନ ପ୍ରକାର କୃତ୍ରିମ ଅର୍ଥ ପ୍ରକାଶ ପାଇଛି, ତଥାପି ସେଥିରୁ 'ଓଁ'ର ପୁରୁଷ ଧାରଣାଟି ସ୍ପଷ୍ଟ ଅନୁମିତ ହୁଏ । ଉଦାହରଣ ସ୍ୱରୂପ 'ପ୍ରଶ୍ନୋପନିଷଦ'ର ପଞ୍ଚମ ପ୍ରଶ୍ନରେ 'ଓଁ' କୁ ଅ, ଉ, ମ- ତିନିଭାଗରେ ବିଭକ୍ତ କରାଯାଇଛି । ମାଣ୍ଡୁକ୍ୟ ଉପନିଷଦରେ ଏହି ଅ, ଉ, ମ କୁ ଭିନ୍ନ କରି ବୁଝାଇ ଦିଆଯାଇଛି - 'ଅ' ହେଉଛି ଆତ୍ମାର ଜାଗ୍ରତ ଅବସ୍ଥା, 'ଉ' ହେଉଛି ସ୍ୱପ୍ନ ଅବସ୍ଥା ଏବଂ 'ମ' ହେଉଛି ସୁଷୁପ୍ତି ଅବସ୍ଥା । 'ଓଁ' ହେଉଛି ଆତ୍ମାର ପ୍ରତୀକ ନାମ - ଏହା ଚତୁର୍ଥ ଅବସ୍ଥା ଅର୍ଥାତ୍ ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି - ଏଇ ତିନି ଅବସ୍ଥାରୁ ଅତୀତ, ଅଥଚ ତିନି ଅବସ୍ଥାଯାକ ଏଥିରେ ଅଙ୍ଗୀଭୂତ । କଠୋପନିଷଦର ପ୍ରଥମ ଅଧ୍ୟାୟ ୨ୟ ବଲ୍ଲୀର ୧୫, ୧୬ ଓ ୧୭ ମନ୍ତ୍ରରେ କୁହାଯାଇଛି, ସମସ୍ତ ବେଦ ଓ ସମସ୍ତ ତପସ୍ୟା ଯାହାକୁ ଘେନି କରାଯାଏ ଓ ଯାହାକୁ ଇଚ୍ଛା କରି ଲୋକେ ବ୍ରହ୍ମଚର୍ଯ୍ୟ ଆଚରଣ କରନ୍ତି, ସେଇ ପଦଟି ହେଉଚି, 'ଓଁ' । ଏହା ହିଁ ଅକ୍ଷର ବ୍ରହ୍ମ । ଏହାକୁ ଜାଣିଲେ ବ୍ରହ୍ମତ୍ୱ ପ୍ରାପ୍ତି ହୁଏ । (୯୪)

'ଗୀତା'ରେ ଭଗବାନ କୃଷ୍ଣ ନିଜକୁ 'ଓଁ' ଅକ୍ଷର ରୂପେ ପରିଚିତ କରାଇଛନ୍ତି- ''ମହର୍ଷିଣାଂ ଭୃଗୁରହଂ ଗିରାମସ୍ମୈକମକ୍ଷରଂ'' (୯୫) ଅର୍ଥାତ୍, ମୁଁ ମହର୍ଷିମାନଙ୍କ

Digitized by PPRACHIN, SOA

ଭିତରେ ଶ୍ରେଷ୍ଠ ଭୃଗୁ, ପୁଣି ବଚନ ଯାଙ୍କରେ ମୁଁ ହେଉଛି ଏକାକ୍ଷର ବା 'ଓଁ' କାର । ଏଥିରେ ମଧ୍ୟ 'ଓଁ'ରୁ ପୁରୁଷ ଧାରଣାଟି ପ୍ରକାଶ ପାଉଅଛି ।

ନୀଳକଣ୍ଠଙ୍କ ଯୁକ୍ତିରେ, 'ଓଁ' ଏକ ମୂଳବର୍ଣ୍ଣ । ଏହା ଅତ୍ମାର ନାମ । ମନୁଷ୍ୟକୁ ନାମ ଧରି ଡାକିଲେ ସେ 'ଓ' କରେ ଅର୍ଥାତ୍ 'ଓଁ' ବୋଲି କହି ନିଜ ଆତ୍ମା ବା ପୁରୁଷର ପରିଚୟ ଦିଏ । (୯୬) 'ଓଁ' ସ୍ଥାନରେ 'ହଂ' ମଧ୍ୟ ବ୍ୟବହାର କରାଯାଏ । ସଂସ୍କୃତରେ କୌଣସି ଆଦେଶ ପାଇଲେ "ଓମିତି ବ୍ରୂମଃ" (ମୁଁ କହୁଛି ଓଁ ବା ହଂ) ବୋଲି କହିଥାଆନ୍ତି । ଓଡିଆରେ 'ଓ' କରିବା 'ହଁ' କରିବା ଏକାକଥା । (୯୭)

ଆଲୋଚକ ଜୀବ, ଆତ୍ମା ଓ ପୁରୁଷର କଥା ବିଚାର କରିବା ସମୟରେ ମାନବାତ୍ମା ସଙ୍ଗେ ବିଶ୍ୱାତ୍ମାର ସମ୍ବନ୍ଧ ଦର୍ଶାଇଛନ୍ତି । ଜୀବ, ଆତ୍ମା ଓ ପୁରୁଷ ସମ୍ବନ୍ଧୀୟ ଭାରତୀୟ ଦର୍ଶନ ଉପରେ ସେ ପୁଣି ଜୈନମାନଙ୍କର ପ୍ରଭାବ ଲକ୍ଷ୍ୟ କରିଛନ୍ତି । ତାଙ୍କ ମତରେ 'ଓଁ'ର ସାଧନା ଅଭ୍ୟାସ କରିବା ମୂଳତଃ ଜୀବସେବୀ, ଆତ୍ମସେବୀ ତଥା ପୁରୁଷସେବୀ ଜୈନମାନଙ୍କର କାର୍ଯ୍ୟ ଥିଲା । ନୀଳକଣ୍ଠ କେତେକ ଦର୍ଶନ ମୂଳକ ପ୍ରବନ୍ଧରେ ଏହି 'ଓଁ' ତତ୍ତ୍ୱ ଉପରେ ବିଶେଷଭାବେ ଆଲୋଚନା କରିଛନ୍ତି । ତାଙ୍କ ଭାଷାରେ - "ଏକରେ ବହୁ" ହିଁ ବିକାଶ, ପୁଣି ବହୁ ଭିତରେ ଏକ ଦେଖି ବୈଷମ୍ୟର ସମାଧାନ କରିବା ହିଁ ତତ୍ତ୍ୱ । ସେଥିପାଇଁ ବେଦରେ ମଧ୍ୟ ପରେ ଏଇ ବିଷୟଟି ଧରି ବିଶ୍ୱ-ବିକାଶ ବ୍ୟାଖ୍ୟାରେ କୁହାଗଲା - ବ୍ରହ୍ମର ଶବ୍ଦ ଓ ସେଇ ନାମ ହେଉଛି ଓଁ ।" (୯୮)

## 'ଗୀତା'ରେ ଅସୁର ସଭ୍ୟତାର ପ୍ରଭାବ :

ପଣ୍ଡିତ୍ ନୀଳକଣ୍ଠ ତାଙ୍କ ରଚିତ 'ଗୀତାଭାଷ୍ୟ'ରେ ଅନାର୍ଯ୍ୟ ସଭ୍ୟତାକୁ ଦ୍ରାବିଡ ସଭ୍ୟତା ନ କହି 'ଅସୁର ସଭ୍ୟତା' କହିବାକୁ ଅଧିକ ଯୁକ୍ତିସଙ୍ଗତ ମନେ କରିଛନ୍ତି । ସେ କହନ୍ତି, ବେଦରେ ପ୍ରଥମେ 'ଅସୁର' ଶବ୍ଦ 'ଦେବତା' ଅର୍ଥରେ ବ୍ୟବହୃତ ହେଉଥିଲା । ଋଗ୍‌ବେଦର ୩/୫୫/୧, ୧/୩୫/୭ ଆଦି ମନ୍ତ୍ରରେ ଅସୁର ଓ ଦେବ ଏକା ବୋଲି କୁହାଯାଇଛି । (୯୯) ଅସୁର ଗୁରୁ ଶୁକ୍ରାଚାର୍ଯ୍ୟ ଦେବତା ରୂପେ ପୂଜା ପାଉଥିଲେ । 'ବେଦ'ରେ ତାଙ୍କ ନାମ 'ଉଶନା-କବି' । 'ଗୀତା'ରେ ଭଗବାନ ନିଜକୁ କବିମାନଙ୍କ ମଧ୍ୟରେ ଉଶନା କବି ବା ଶୁକ୍ରାଚାର୍ଯ୍ୟ ବୋଲି କହିଛନ୍ତି -

"ବୃଷ୍ଣିନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଃ
ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନାଃ କବିଃ ।"
('ଗୀତା' - ୧୦/୩୭)

Digitized by PPRACHIN, SOA

ଆର୍ଯ୍ୟମାନେ ସମ୍ପୂର୍ଣ୍ଣ ସଂସ୍କୃତିହୀନ ଥିଲେ । ସେମାନେ ଅସୁରମାନଙ୍କୁ ପରାଜିତ କରି ତାଙ୍କଠାରୁ ସଭ୍ୟତା ଶିଖିଥିଲେ । (୧୦୦) ଆଲୋଚକ ନୀଳକଣ୍ଠ ମଧ୍ୟ ସୂଚନାରେ କହନ୍ତି, ପାରସ୍ୟ ଉପସାଗର କୂଳରେ ଅସୁରଙ୍କ ଦେଶ ଥିଲା । ଏହି ଭୂଖଣ୍ଡର ଆଦି ନାମ ଥିଲା ସୁମେର ଦେଶ । ଏହି ସୁମେରର ଉତ୍ତର ପୂର୍ବରେ ସୁମେରକୁ ଲାଗି ଆଉ ଏକ ଅସୁର ଦେଶର ନାମ ଥିଲା ଇଲଂ । ଏମାନଙ୍କ ଦେବତା ଥିଲେ ଅସୁର । ପରେ ଏମାନେ ଏକ ଦେଶ ବସାଇ ତା'ର ରାଜଧାନୀର ନାମ ନିଜ ଉପାସ୍ୟ ଦେବତାଙ୍କ ନାମାନୁସାରେ 'ଅସୁର' ରଖିଲେ । ସେହି ଦେଶର ନାମ ମଧ୍ୟ କ୍ରମେ ହେଲା 'ଅସୁର-ଭୂମି' Assyria. (୧୦୧)

ଓଡ଼ିଶାରେ ଶବର ବଂଶଧରଙ୍କର ଜଗନ୍ନାଥଙ୍କ ସେବାୟତ ଭାବେ 'ଦଇତା' ବା 'ଦୈତ୍ୟ' ନାମ ଦେଖି ନୀଳକଣ୍ଠ ସେମାନଙ୍କୁ ଅସୁରବଂଶଜ ବୋଲି ଦର୍ଶାଇଛନ୍ତି । ତାଙ୍କ ଯୁକ୍ତିରେ ବିଧର୍ମୀମାନଙ୍କୁ ମାଦଳା ପାଞ୍ଜିରେ ଦୈତ୍ୟ, ମ୍ଳେଛ, ଯବନ ପ୍ରଭୃତି ନାମ ଦିଆଯାଇଛି । ପ୍ରାଚୀନ ଭାରତ-ସାହିତ୍ୟରେ ଅସୁରମାନଙ୍କୁ ତାହା ହିଁ କୁହାଯାଇଛି । (୧୦୨) ଏହି ଅସୁରବଂଶଜ ଶବରମାନଙ୍କ ଦେବତା ଓଡିଶାର ଉପାସ୍ୟ ଜଗନ୍ନାଥ ରୂପେ ପରିଚିତ ହେଲେ । ସେଇ ଜଗନ୍ନାଥ ପୁଣି 'ଗୀତା'ରେ ପୁରୁଷୋତ୍ତମ ରୂପେ ସ୍ୱୀକୃତ ହେଲେ ।

ବେଦର ଆଦିମ କାଳରେ ଅସୁର ଦେବତା ବରୁଣ ଓ ବୈଦିକ ଦେବତା ସୂର୍ଯ୍ୟ ଏକାସନ ପାଉଥିଲେ- 'ମିତ୍ରା ବରୁଣୌ' ପୁଣି ଅସୁର ବା ଅନାର୍ଯ୍ୟ ଦେବତା 'ପଶୁପତି', 'ରୁଦ୍ର' ଶିବ ହୋଇଥିଲେ । ଅସୁରଙ୍କ ଧର୍ମ ଥିଲା ଶୂନ୍ୟବାଦ । ଋଗ୍‌ବେଦର ଶେଷ କାଳକୁ ବିଶ୍ୱ ଧାରଣା ପୂର୍ଣ୍ଣରୁ ଶୂନ୍ୟ ଆଡକୁ ଆସିଥିଲା । ପରବର୍ତ୍ତୀ କାଳରେ ବୌଦ୍ଧ ଭାବରେ ଶୂନ୍ୟରୁ ସୃଷ୍ଟିର ଧାରଣାଟି ସ୍ପଷ୍ଟ ହୋଇଗଲା । ଏହି ଶୂନ୍ୟତତ୍ତ୍ୱ ଧାରଣାରେ ସମାଜର ଆଚାରକୁ ଲକ୍ଷ୍ୟ କରି 'ଗୀତା'ର ଷୋଡଶ ଅଧ୍ୟାୟରେ ଭଗବାନ ଅସୁରୀ-ସଂପଦ୍‌ର ବର୍ଣ୍ଣନା କରିଛନ୍ତି ବୋଲି ପ୍ରବୀଣ ତତ୍ତ୍ୱଦର୍ଶୀ ନୀଳକଣ୍ଠଙ୍କ ମତ । ସେ କହନ୍ତି, ଷୋଡଶ ଅଧ୍ୟାୟର ୮ମ. ଶ୍ଳୋକଟି (୧୦୩) ଶୂନ୍ୟବାଦ ଓ କାମରୁ ଜଗତର ବିକାଶ ରୂପକ ଅସୁର ସଭ୍ୟତାର ଅତି ପ୍ରାଚୀନ ଓ ସୁପ୍ରତିଷ୍ଠିତ ମହାଦାର୍ଶନିକ ତତ୍ତ୍ୱ ଉପରେ ଆଧାରିତ ।

ଭାରତରେ ଆର୍ଯ୍ୟ ଓ ଅନାର୍ଯ୍ୟ ତଥା ଅସୁର ସଭ୍ୟତାର ସମନ୍ୱୟ ଦର୍ଶାଇ ନୀଳକଣ୍ଠ ଲେଖିଛନ୍ତି- ''ଭାରତ ଚିରକାଳ ସଂସ୍କୃତିର ସମାଧାନ ଓ ସାମ୍ୟବାଦ ଭୂମି । ଅସୁରମାନେ ପରାସ୍ତ ହୋଇ ମଧ୍ୟ ଆର୍ଯ୍ୟନାମ ଆଦରି ନିଜ ସଭ୍ୟତାକୁ କ୍ରମେ ଆଗନ୍ତୁକ

Digitized by PPRACHIN, SOA

ସଭ୍ୟତାର ସମାଧାନରେ ଗଢ଼ି ସୁବିସ୍ତୀର୍ଣ୍ଣ ବିଶାଳ ବିଶ୍ୱଧର୍ମ ପ୍ରକାଶ କରିଥିଲେ । ବିଜେତାଙ୍କ ନାମରେ ସମସ୍ତେ ଆର୍ଯ୍ୟ ହେଲେ ଓ ସଭ୍ୟତାର ନାମ ହେଲା- 'ଆର୍ଯ୍ୟ ସଭ୍ୟତା' ।'' (୧୦୪)

**ନୀଳକଣ୍ଠଙ୍କ 'ଗୀତା' ବିଚାରରେ ନୂତନ ଦୃଷ୍ଟିକୋଣ :**

ବିଭିନ୍ନ ଭାଷାରେ 'ଭଗବଦ ଗୀତା'ର ଆଲୋଚକଗଣ ଗୀତାରେ 'କର୍ମଯୋଗ', 'ଜ୍ଞାନଯୋଗ' ଓ 'ଭକ୍ତିଯୋଗ'ର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ସୁଖମୟ ଭଟ୍ଟାଚାର୍ଯ୍ୟଙ୍କ ମତରେ, ସାତ୍ତ୍ୱିକ କର୍ମଯୋଗର ବିଶୁଦ୍ଧିରୁ ଜ୍ଞାନଯୋଗର ଉତ୍ପତ୍ତି, ଜ୍ଞାନଯୋଗର ପରିଣତି ଆତ୍ମଜ୍ଞାନ ଏବଂ ଆତ୍ମତତ୍ତ୍ୱ ପ୍ରତିଷ୍ଠିତ ହେଲେ ଭକ୍ତି ଆପେ ଆପେ ଆସେ । ଏହା ହେଉଛି, ଶୁଦ୍ଧା ବା ପରାଭକ୍ତି । ଏହି ଭକ୍ତିଯୋଗରେ ହିଁ ମୁକ୍ତି । (୧୦୫)

ବାଳଗଙ୍ଗାଧର ତିଳକ 'ଗୀତା'ରେ କର୍ମଯୋଗର ମହତ୍ତ୍ୱ ପ୍ରତିପାଦନ କରି ତାହାକୁ କର୍ମଯୋଗ ଶାସ୍ତ୍ରରୂପେ ଅଭିହିତ କରିଛନ୍ତି । ସେ 'ଗୀତା'ର ୩।୮, ୪।୧୫ ଓ ୪।୨ ଶ୍ଳୋକର ଉଦାହରଣ ଦେଇ 'କର୍ମ-ସନ୍ନ୍ୟାସ' (Renunciation of Action) ଅପେକ୍ଷା 'କର୍ମଯୋଗ' (Adherence to Action)ର ଶ୍ରେଷ୍ଠତା ଦର୍ଶାଇଛନ୍ତି । (୧୦୬)

ତୁଳନାତ୍ମକ ଭାବେ ବିଚାର କଲେ ନୀଳକଣ୍ଠଙ୍କ ଆଲୋଚନାରେ ଗୀତା ପ୍ରଚାର ଯୁଗରେ ଭାରତ ବର୍ଷରେ ମୋକ୍ଷ ଲାଭ ଲାଗି ଯେଉଁ ଚାରିଗୋଟି ମାର୍ଗ-କର୍ମ, ଜ୍ଞାନ, ଧ୍ୟାନ ଓ ଭକ୍ତି - ପ୍ରଚଳିତ ଥିଲା ତାହାରି ସମନ୍ୱୟ କିପରି 'ଗୀତା'ରେ ହୋଇଅଛି, ସେଥିପ୍ରତି ସତର୍କ ଦୃଷ୍ଟି ଦିଆଯାଇଛି । 'ଗୀତା'ରେ ଲୋକ-ପ୍ରଚଳିତ ଧର୍ମ, ସାଂଖ୍ୟ ତଥା ବେଦାନ୍ତର ଦାର୍ଶନିକ ତତ୍ତ୍ୱ ଓ ଯୋଗ ସାଧନାର ଧ୍ୟାନ ଧାରଣା ଆଦିର ସମନ୍ୱୟ ଘଟିଥିବା 'ଗୀତା ଭୂମିକା'ରେ ପ୍ରତିପାଦନ କରି ତାହାକୁ ସମଗ୍ର ପୃଥିବୀର ସାହିତ୍ୟରେ ଏକ ଅନନ୍ୟ ସାଧାରଣ ଗ୍ରନ୍ଥ ରୂପେ ପ୍ରତିଷ୍ଠା ଦେଇଛନ୍ତି । ତାଙ୍କ ଭାଷାରେ- ''ମାନବର ଜ୍ଞାନରେ ଗମ୍ୟ, ଭକ୍ତିରେ ଲଭ୍ୟ ଓ କର୍ମରେ ସାଧ୍ୟ - ସମସ୍ତ ତତ୍ତ୍ୱ, ଉପାସ୍ୟ ଓ ଆଦର୍ଶ ଏଥିରେ (ଗୀତାରେ) ଏକାକାର । (୧୦୭)

---

**ପାଦଟୀକା :**

(୧) ବେଦବ୍ୟାସ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମ ନୁହେଁ । ବେଦ ସଂଗ୍ରହ ଓ ବିଭାଗକାରୀ ୨୮ ଜଣ ଋଷିଙ୍କୁ ବେଦବ୍ୟାସ କୁହାଯାଏ । ପ୍ରତ୍ୟେକ ଯୁଗରେ

Digitized by PPRACHIN, SOA

ଯେଉଁ ପଣ୍ଡିତ ଋଷିଗଣ ବେଦର ବିଷୟ ଲୋକରେ ପ୍ରଚାର କରୁଥିଲେ ସେମାନଙ୍କୁ ବେଦବ୍ୟାସ କୁହାଯାଉଥିଲା ବୋଲି 'ଭଗବତ'ରୁ ଜଣାଯାଏ-

"ଯେ ଯୁଗେ ଯେଉଁ ଋଷିଗଣ
ବେଦ ବିସ୍ତାର କଲେ ପୁଣ
ସେହି ବେଦବ୍ୟାସ ବୋଲାନ୍ତି
ତା ଦେହେ ବିଷ୍ଣୁ ପ୍ରବେଶନ୍ତି ।"

('ଭଗବତ' - ଜଗନ୍ନାଥ ଦାସ)

(୨) 'ମହାଭାରତତେର୍ ସମାଜ' — ପୃ-୫୦୧ ।

(୩) "Gita is a bouquet composed of the beautiful flowers of spiritual truths collected from the Upanishads."

— Swami Vivekananda

"There is no book so full of truth and knowledge, and yet so handy as the "Bhagavad Gita."

— Pt. Madan Mohan Malaviya

"The 'Gita' is the Universal Mother. She turns away nobody. Her door is open to any one who knocks."

— Mohatma Gandhi

(୪) ବଙ୍କିମଚନ୍ଦ୍ରଙ୍କ ଅସମ୍ପୂର୍ଣ୍ଣ 'ଶ୍ରୀମଦ୍ ଭଗବଦ୍‌ଗୀତା' ତାଙ୍କର ମୃତ୍ୟୁପରେ ଖ୍ରୀ.୧୯୦୨ରେ ପ୍ରକାଶ ପାଇଥିଲା । ଏହି ଗ୍ରନ୍ଥରେ ସେ ବହୁ ଐତିହାସିକ ଯୁକ୍ତି ଉପସ୍ଥାପନ କରି ମହାଭାରତରେ ବର୍ଣ୍ଣିତ କୁରୁକ୍ଷେତ୍ର ଯୁଦ୍ଧର ସମୟ ଖ୍ରୀ.ପୂ. ୧୪୩୦ ବୋଲି ନିର୍ଣ୍ଣୟ କରିଛନ୍ତି ।

(୫) 'ଗୀତା ପ୍ରବେଶ' - ପୃ ୪୧୧ (ପଦଟୀକାରେ ସର୍ବତ୍ର ନୀଳକଣ୍ଠଙ୍କ 'ଗୀତା'ର ୪ର୍ଥ ସଂସ୍କରଣର ପୃଷ୍ଠା ସଂଖ୍ୟା ସୂଚୀତ)

(୬) ତିଲକଙ୍କ 'ଗୀତା ରହସ୍ୟ' - ('ବର୍ତ୍ତମାନ ଗୀତାର କାଳ' ପ୍ରସଙ୍ଗ) ବଙ୍ଗୀୟ ସଂସ୍କରଣ - ୫୬୯ ପୃଷ୍ଠା ଦ୍ରଷ୍ଟବ୍ୟ ।

(୭) ଭାରତୀୟ ସଂସ୍କୃତିକୁ ଓଡିଶାର ଦାନ - ଝଙ୍କାର, ୧୦ମ ବର୍ଷ/୨ୟ ସଂଖ୍ୟା ।

(୮) ଶ୍ରୀମଦ୍ ଭଗବଦ୍ ଗୀତା — ପାଠିକା (୪ର୍ଥ ସଂସ୍କରଣ) ପୃ-୫୬ ।
ଭାରତୀୟ ସଂସ୍କୃତିକୁ ଓଡିଶାର ଦାନ - ଝଙ୍କାର, ୧୦ମ ବର୍ଷ/୨ୟ ସଂଖ୍ୟା ।

Digitized by PPRACHIN, SOA

(୯) ''ଆର୍ଯ୍ୟ ସଂସ୍କୃତିର ଶ୍ରେଷ୍ଠଗ୍ରନ୍ଥ''-''ଶ୍ରୀମଦ୍ ଭଗବଦ୍ ଗୀତା'' ପ୍ରବନ୍ଧ ଦ୍ରଷ୍ଟବ୍ୟ - ଝଙ୍କାର, ୧୩ ବର୍ଷ/୬ଷ୍ଠ ସଂଖ୍ୟାରେ ପ୍ରକାଶିତ ।

(୧୦) ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁ ସଂସାର ସାଗରାଦ୍
ଭବାମି ନ ଚିରାଦ୍ ପାର୍ଥ ମର୍ଯ୍ୟାବେଶିତ ଚେତସାମ୍'' (ଗୀତା-୧୨/୭)

(୧୧) 'ଗୀତା ପ୍ରବେଶ' — ସୂଚନା - 'ଗୀତା' - ୪ର୍ଥ ସଂସ୍କରଣ, ପୃ-୧୪୯ ଦ୍ରଷ୍ଟବ୍ୟ ।

(୧୨) ତତ୍ରୈବ— ପୃଷ୍ଠା-୧୫୦

(୧୩) ଗୀତା— ୪/୧୧

(୧୪) ଗୀତା ପ୍ରବେଶ ସୂଚନା, ଗୀତା ୪ର୍ଥ ସଂସ୍କରଣ— ପୃ ୧୫୦ ।

(୧୫) ''ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତ ଚେତସଃ''— ଗୀତା-୧/୩୮ ।

(୧୬) ''କ୍ଷୁଦ୍ରଂ ହୃଦୟ ଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ''— ଗୀତା-୨/୩

(୧୭) ''କୁତସ୍ତ୍ୱା କଶ୍ମଳମିଦଂ ବିଷମେ ସମୁପସ୍ଥିତମ୍
ଅନାର୍ଯ୍ୟଜୁଷ୍ଟମସ୍ୱର୍ଗ୍ୟମକୀର୍ତ୍ତି କରମର୍ଜୁନ ।''— (ଗୀତା-୨/୨)

(୧୮) ''ଏଷା ବ୍ରାହ୍ମୀସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି,
ସ୍ଥିତ୍ୱାସ୍ୟାମନ୍ତକାଳେଽପି ବ୍ରହ୍ମ ନିର୍ବାଣମୃଚ୍ଛତି ।'' (ଗୀତା—୨/୭୨)

(୧୯) ''ଯଦା ଯାଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।'' (ଗୀତା—୪/୭)

(୨୦) ''ଯଜ୍ଞ ଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍
ଯଜ୍ଞୋ ଦାନଂ ତପଶ୍ଚୈବ ପାବନିନ ମନୀଷିଣାମ୍ ।'' (ଗୀତା—୧୮/୫)

(୨୧) 'ଗୀତା ପ୍ରବେଶ' - ପୃଷ୍ଠା ୪୬୯

(୨୨) ''ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟ ତନ୍ଦ୍ରିତଃ
ମମ ବର୍ତ୍ମାନୁବର୍ତ୍ତନ୍ତେ ମାନୁଷ୍ୟାଃ ପାର୍ଥ ସର୍ବଶଃ । (ଗୀତା—୩/୨୩)

(୨୩) 'ନ ବେଦ ଯଜ୍ଞାଧ୍ୟୟନୈର୍ନ ଦାନୈ ର୍ନଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ
ଏବଂ ରୂପଃ ଶକ୍ୟ ଅହଂନୃଲୋକେ ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁ ପ୍ରବୀର ।'
(ଗୀତା—୧୧/୪୮)

Digitized by PPRACHIN, SOA

(୨୪) ଗୀତା ପ୍ରବେଶ—୩୫୭ ପୃଷ୍ଠା

(୨୫) "ଅବ୍ୟକ୍ତାହି ଗତିର୍ଦୁଃଖଂ ଦେହବଦ୍‌ଭିରବାପ୍ୟତେ ।" (ଗୀତା—୧୨/୫)

(୨୬) 'ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚୋଦନା' (ଗୀତା—୧୮/୧୮)

(୨୭) ଗୀତା ପ୍ରବେଶ— ପୃ ୪୭୮

(୨୮) 'ତଦବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱ ଦର୍ଶିନଃ' (ଗୀତା—୪/୩୪)

(୨୯) ଗୀତାରେ ଭଗବାନ କହିଛନ୍ତି—
'ଓଁ ମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁ ସ୍ମରନ
ଯଃ ପ୍ରୟାତି ତ୍ୟଜନ ଦେହଂ ସ ଯାତି ପରମାଂ ଗତିମ୍"
(ଗୀତା—୮/୧୩)

(୩୦) "ଭୂମିରୋପୋଽନଳୋ ବାୟୁଃ ଖଂ ମନୋ ବୁଦ୍ଧିରେବଚ
ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିଃଅଷ୍ଟଧା ।" (ଗୀତା—୭/୪)

(୩୧) 'ଓଁ ତତ୍‌ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃସ୍ମୃତଃ' (ଗୀତା—୧୭/୨୩)

(୩୨) ଓଡ଼ିଆ ସାହିତ୍ୟର କ୍ରମପରିଣାମ— ନୀଳକଣ୍ଠ ଗ୍ରନ୍ଥାବଳୀ (୩ୟ ଖଣ୍ଡ)— ୯୩ ପୃଷ୍ଠା ଦ୍ରଷ୍ଟବ୍ୟ ।

(୩୩) 'ଗୀତା ପ୍ରବେଶ'— ୨୭୯ ପୃଷ୍ଠା ।

(୩୪) ଗୀତା ପ୍ରବେଶ— ୨୮୧ ପୃଷ୍ଠା ।
* 'ଗୀତା'ର ଚତୁର୍ଥ ଅଧ୍ୟାୟରେ ଯେଉଁ ଯଜ୍ଞତତ୍ତ୍ୱ ଅଛି ସେଉଡ଼ି ଯଜ୍ଞ କୃଷ୍ଣ ଘୋର ଅଙ୍ଗିରସଙ୍କଠାରୁ ଶିକ୍ଷା କରିଥିବା ଅନୁମେୟ ।

(୩୫) 'ଭାରତୀୟ ସଂସ୍କୃତିକୁ ଓଡିଶାର ଦାନ'— 'ଝଙ୍କାର'—୧୦/୨

(୩୬) 'ଗୀତା ମାହାତ୍ମ୍ୟ'— ପୃଷ୍ଠା ୧୬ ।

(୩୭) "ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍" (ଗୀତା—୯/୧୧)

(୩୮) 'ଦାରୁ ଦେବତା'— ୧୩୫ ପୃଷ୍ଠା ଦ୍ରଷ୍ଟବ୍ୟ ।

(୩୯) 'ଶ୍ରୀକୃଷ୍ଣ'— 'ଉତ୍କଳ ସାହିତ୍ୟ' — ୨୪/୧୧ ସଂଖ୍ୟା-ଫାଲ୍‌ଗୁନ- ୧୩୨୮ ସାଲ୍

Digitized by PPRACHIN, SOA

(୪୦) 'ଗୀତା ମାହାତ୍ମ୍ୟ'— ୨୭ ପୃଷ୍ଠା ।

(୪୧) "କାଳୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ ।" (ଗୀତା—୧୧/୩୨)

(୪୨) ଗୀତା ପ୍ରବେଶ—ପୃ-୩୦୧

(୪୩) ଗୀତା ପାଠିକା—ପୃ-୪/୫ ଦ୍ରଷ୍ଟବ୍ୟ ।

(୪୪) ଗୀତା ପ୍ରବେଶ—୪୩୧ ପୃଷ୍ଠା ।

(୪୫) "ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ
ଅତୋଽସ୍ମି ଲୋକେ ବେଦେଚ ପ୍ରଥିତଃ ପୁରୁଷୋତ୍ତମଃ ।"
(ଗୀତା-୧୫/୧୮)

(୪୬) ଓଡିଆ ସାହିତ୍ୟର କ୍ରମପରିଣାମ— ନୀଳକଣ୍ଠ ଗ୍ରନ୍ଥାବଳୀ (୩ୟ ଖଣ୍ଡ) ପୃଷ୍ଠା—୯୯ ।

(୪୭) ଆର୍ଯ୍ୟଜୀବନ—ସତ୍ୟବାଦୀ— ୧/୩-୪ ସଂଖ୍ୟା ପୃ-୧୦୬

(୪୮) 'Krisna, the Supreme Personality of God-head'
- By Bhakti Vedanta Swami Prabhupad—Page-271

(୪୯) 'ଭାରତୀୟ ସଂସ୍କୃତିକୁ ଓଡିଶାର ଦାନ' — ଝଙ୍କାର—୧୦/୨

(୫୦) "ଏଷଧର୍ମୋ ଜଗନ୍ନାଥାତ୍ ସାକ୍ଷାତ୍ ନାରାୟଣାନ୍ନୃପ
ନାରଦେନତୁ ସଂପ୍ରାପ୍ତଃ ସରହସ୍ୟ ସ ସଂଗ୍ରହଃ"
- ଶାନ୍ତିପର୍ବ-ମହାଭାରତ-ବଂଗଭାଷୀ ସଂସ୍କରଣ-୩୪୭/୧୦ ଶ୍ଳୋକ

(୫୧) 'Oriya Language and Culture'— 'The Orissa Historical Research Journal' — Vol-VIII No. 1, April-1959

(୫୨) 'ଓଡ଼ିଆ ସାହିତ୍ୟର କ୍ରମପରିଣାମ—ନୀଳକଣ୍ଠ ଗ୍ରନ୍ଥାବଳୀ-୩ୟ ଖଣ୍ଡ, ୧୦୧ ପୃଷ୍ଠା ଦ୍ରଷ୍ଟବ୍ୟ ।

(୫୩) "ବେଦେଶ୍ଚ ସର୍ବୈ ରହମେବ ବେଦ୍ୟୋ
ବେଦାନ୍ତକୃଦ୍ ବେଦବିଦେବ ଚାହମ୍ ।" (ଗୀତା—୧୫/୧୫)

(୫୪) "Bhagavad Gita is known as "Gitoponishad'. It is the essence of vedic knowledge and one of the most

Digitized by PPRACHIN, SOA

important Upanishads in Vedic literature."
— Introduction to 'Bhagavad Gita— As it is— By Bhakti Vedanta Swami Prabhupad.

* ଶ୍ୱେତାଶ୍ୱେତରୋପନିଷଦର ୩/୧ ଶ୍ଲୋକରେ ପରମାତ୍ମାଙ୍କୁ 'ଜାଲବାନ' ବା 'ମାୟାବୀ' ରୂପେ ପରିକଳ୍ପନା କରାଯାଇଛି । 'ଗୀତା'ର ଭଗବାନ୍ ମଧ ମାୟାବୀ ରୂପେ ପରିକଳ୍ପିତ ।

(୫୫) ଗୀତାଭାଷ୍ୟ— ୩୨୫ ପୃଷ୍ଠା ଦ୍ରଷ୍ଟବ୍ୟ ।

(୫୬) 'ସଂସ୍କୃତ ଓ ସଂସ୍କୃତି'—ନୀଳକଣ୍ଠ ଗ୍ରନ୍ଥାବଳୀ (୨ୟ ଖଣ୍ଡ) ପୃ—୪୫୦-୪୫୧ ଦ୍ରଷ୍ଟବ୍ୟ ।

(୫୭) ମନୀଷୀ ନୀଳକଣ୍ଠ— ୫୫-୫୬ ପୃଷ୍ଠା ।

(୫୮) ଗୀତା-ପାଠିକା-ପୃ ୭

(୫୯) "ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ ।
ଜ୍ଞାନ ଯୋଗେନ ସାଂଖ୍ୟାନାଂ କର୍ମଯୋଗେନ ଯୋଗିନାମ୍ ।"
(ଗୀତା - ୩/୩)

(୬୦) 'ଯତ ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍ ଯୋଗୈରପି ଗମ୍ୟତେ
ଏକଂ ସାଂଖ୍ୟଂ ଚ ଯୋଗଂ ଚ ଯଃ ପଶ୍ୟତି ସ ପଶ୍ୟତି ।"
(ଗୀତା-୫/୫)

(୬୧) ଗୀତା ପ୍ରବେଶ — ପୃ ୩୩୪ ।

(୬୨) ଗୀତାର ଟୀକା — ପୃ ୫୪୫ ।

(୬୩) 'ଗୀତା ରହସ୍ୟ'

(୬୪) "ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତ ମାନସଃ
ଶାନ୍ତିଂ ନିର୍ବାଣ ପରମାଂ ମତ୍ ସଂସ୍ଥାମଧିଗଚ୍ଛତି ।" (ଗୀତା - ୬/୧୫)

(୬୫) 'ଭାରତର ଧର୍ମ ବିକାଶ' (୨) ନବ ଭାରତ ୧/୮ ସଂଖ୍ୟା ପୃ-୫୮୮ ।

(୬୬) ତତ୍ରୈବ— ପୃଷ୍ଠା - ୫୮୯ ।

(୬୭) ଋଗ୍‌ବେଦ — ୧/୩୫/୭, ୧/୨୪/୧୪, ୧/୨୫/୮ ମନ୍ତ୍ର ଦ୍ରଷ୍ଟବ୍ୟ ।

(୬୮) 'ପ୍ରଜାତନ୍ତ୍ର' — ତା ୧୫/୧୧/୬୭ ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

(୬୯) ଗୀତା ପ୍ରବେଶ— ପୃଷ୍ଠା ୪୩୪ ଦ୍ରଷ୍ଟବ୍ୟ, ଓ ଗୀତା ପାଠିକା— (ଦ୍ୱିତୀୟ ସଂସ୍କରଣର ମୁଖବନ୍ଧ) ପୃ-୭୧, ୬୪ ଦ୍ରଷ୍ଟବ୍ୟ ।

(୭୦) ଗୀତା-ପାଠିକା — ପୃଷ୍ଠା ୬୭ ।

(୭୧) ତତ୍ରୈବ — ପୃଷ୍ଠା - ୭୧ ।

(୭୨) ଗୀତା-ପାଠିକା —ପୃଷ୍ଠା ୭୨ ଦ୍ରଷ୍ଟବ୍ୟ ।

(୭୩) ତତ୍ରୈବ — ପୃଷ୍ଠା - ୭୨-୭୩ ଦ୍ରଷ୍ଟବ୍ୟ ।

(୭୪) ଗୀତା-ପାଠିକା - ପୃଷ୍ଠା ୭୪ ।

(୭୫) ତତ୍ରୈବ — ପୃଷ୍ଠା ୧୪୦ ।

(୭୬) 'ରଥଯାତ୍ରା' — 'ଉତ୍କଳ ସାହିତ୍ୟ' — ନୂଆପ୍ରସ୍ଥ — ୧/୪ ସଂଖ୍ୟା ପୃ - ୧୫୭ ।

(୭୭) 'ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ' (ଗୀତା— ୧୫/୧୭)

(୭୮) ଓଡ଼ିଆ ସାହିତ୍ୟର କ୍ରମପରିଣାମ-ନୀଳକଣ୍ଠ ଗ୍ରନ୍ଥାବଳୀ (୩ୟ ଖଣ୍ଡ) ପୃ-୯୩ ।

* ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁଙ୍କ 'ଓଡ଼ିଶାରେ ଜୈନଧର୍ମ' ପୁସ୍ତକର ମୁଖବନ୍ଧ ଉଦ୍ଦେଶ୍ୟରେ ରଚିତ ହୋଇଥିବା 'ଜୈନଧର୍ମ ପରମ୍ପରା'ଟି କିଞ୍ଚିତ ପରିବର୍ତ୍ତିତ ହୋଇ ଗୀତା-ପାଠିକା (୭୪-୧୪୬ ପୃଷ୍ଠା)ରେ ସ୍ଥାନ ପାଇଛି ।

(୭୯) ଗୀତା-ପାଠିକା — ପୃ ୮୨

(୮୦) ତତ୍ରୈବ୍ୟ ପୃ-୮୩ ।

(୮୧) ତତ୍ରୈବ — ପୃ ୭ ଓ ୮୩ ।

(୮୨) "Jaina religion was the only rationalistic religion, the world ever thought of." — "Oriya Language and Culture" — Pt. Nilakantha Das — 'The Orissa Historical Journal — Vol. VIII, April—1959 - No. 1.

(୮୩) "Alone he accumulates merit, alone he enjoys the various happiness of heaven; alone he destroys Karma,

Digitized by PPRACHIN, SOA

alone also he attains to moksha." — 'Out Lines of Jainism' — By Jagamander Lal Jaini - Page 80.

(୮୪) 'ଗ୍ରନ୍ଥ ପ୍ରବେଶ' — ନୀଳକଣ୍ଠ ଦାସ — 'ଓଡ଼ିଶାରେ ଜୈନଧର୍ମ' — ଲକ୍ଷ୍ମୀନାରାୟଣ ସାହୁ ।

(୮୫) ଗୀତା-ପାଠିକା — ପୃ - ୯୭ ।

(୮୬) ତତ୍ରୈବ — ପୃ - ୯୯ ।

(୮୭) Introduction to 'Out Lines of Jainsim' - By Jagamanderlal Jaini - Page XXXIII.

(୮୮) 'ଜଗନ୍ନାଥ ଧର୍ମ' — 'ଉତ୍କଳ ସାହିତ୍ୟ' — ନୂଆପ୍ରସ୍ଥ — ୧ମ ଭାଗ/ ୯ମ ସଂଖ୍ୟା — ପୃ - ୩୯୮ ।

(୮୯) 'ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ'— 'ଝଙ୍କାର' - ୧୦/୨ ସଂଖ୍ୟା ।

(୯୦) ତତ୍ରୈବ ।

(୯୧) 'ସଂସ୍କୃତିସମ୍ପନ୍ନ ଦ୍ରାବିଡମାନଙ୍କ ମତରେ ଜୈନଧର୍ମର ପ୍ରସାର ଓ ପ୍ରତିଷ୍ଠା ଅତ୍ୟନ୍ତ ଦୃଢ଼ ଥିଲା' — ଗୀତା-ପାଠିକା - ପୃ-୧୩୬ ।

(୯୨) ଗୀତା-ପାଠିକା — ପୃ - ୧୩୬ ରୁ ୧୩୯ ଦ୍ରଷ୍ଟବ୍ୟ ।

* କଳିଙ୍ଗଟି ଥିଲା ଯାଜପୁରଠାରୁ ପୂର୍ବ ପାରଳାଖେମୁଣ୍ଡିର ବଂଶଧାରା ନଦୀ କୂଳର ମୁଖଲିଙ୍ଗ ସହିତ । ଦକ୍ଷିଣାତ୍ୟର ଜୈନ ସଂସ୍କୃତି ସଙ୍ଗେ ଏହା ସାମିଲ ଥିଲା ।

(୯୩) ଗୀତା-ପାଠିକା — ପୃ - ୧୩୯

(୯୪) ଗୀତା-ପାଠିକା — ପୃ - ୮୫ ।

(୯୫) ଗୀତା — ୧୦/୨୫ ଶ୍ଳୋକ ।

(୯୬) ଗୀତା-ପାଠିକା — ପୃ - ୪୩ ।

(୯୭) ତତ୍ରୈବ — ପୃ - ୮୭ ।

(୯୮) ଗୀତା ପ୍ରବେଶ — ପୃ - ୪୩୬ ।

(୯୯) ଗୀତା ପ୍ରବେଶ — ପୃ - ୩୭୫ ।

Digitized by PPRACHIN, SOA

(୧୦୦) Ancient History of the Near East — H.R. Hall - ୨୦୨ ପୃଷ୍ଠା ।

(୧୦୧) ଗୀତା ପ୍ରବେଶ — ପୃ - ୩୮୧ ।

(୧୦୨) ଗୀତା ପ୍ରବେଶ — ପୃ - ୩୭୫ ।

(୧୦୩) "ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍
ଅପରସ୍ପର ସମ୍ଭୂତଂ କିମନ୍ୟତ୍ କାମହୈତୁକମ୍" (ଗୀତା - ୧୬/୮)

(୧୦୪) ଗୀତା ପ୍ରବେଶ — ପୃ - ୩୯୩ ।

(୧୦୫) 'ମହାଭାରତେର ସମାଜ' — ପୃ - ୫୦୩ ରୁ ୫୦୭ ଦ୍ରଷ୍ଟବ୍ୟ ।

(୧୦୬) 'ଶ୍ରୀ ଭଗବଦ୍ ଗୀତା ରହସ୍ୟ' — (କର୍ମଯୋଗ ଶାସ୍ତ୍ର)ର ଇଂରାଜୀ ଅନୁବାଦ ପୃ - ୪୨୫-୪୨୬ ଦ୍ରଷ୍ଟବ୍ୟ ।

(୧୦୭) 'ସଂସ୍କୃତ ଓ ସଂସ୍କୃତି' — ନୀଳକଣ୍ଠ ଗ୍ରନ୍ଥାବଳୀ (୨ୟ ଖଣ୍ଡ) ୪୫୧ ପୃଷ୍ଠା ।

□□

Digitized by PPRACHIN, SOA

# ଭଞ୍ଜ ସାହିତ୍ୟର ପ୍ରସାର ଓ ପ୍ରଚାର କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା

ଇଂରାଜୀ ସାହିତ୍ୟରେ ସେକ୍‌ସପିୟର, ସଂସ୍କୃତ ସାହିତ୍ୟରେ କାଳିଦାସଙ୍କ ପରି ଓଡ଼ିଆ ସାହିତ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ବହୁ ଆଲୋଚିତ କବି । ଅନେକ ସମୀକ୍ଷକ ଭଞ୍ଜକବିଙ୍କ କାବ୍ୟ-ପ୍ରତିଭାର ବିଭିନ୍ନ ଦିଗ ଆଲୋଚନା କରିଥିଲେ ହେଁ, ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା ଭଞ୍ଜ ସାହିତ୍ୟର ଅର୍ଥ ବ୍ୟାଖ୍ୟାନ, ତତ୍ତ୍ୱ ବ୍ୟାଖ୍ୟାନ ଓ ପ୍ରସାର କ୍ଷେତ୍ରରେ ଟୀକାକାର ପଣ୍ଡିତ ଲୋକନାଥ ଦାସ, ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି, ପଣ୍ଡିତ ନୀଳକଣ୍ଠ ଦାସ, ବିନ୍ଦ୍ରାବନ ଚରଣ ପଟ୍ଟନାୟକ ଓ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା- ଏହି ପାଞ୍ଚଜଣଙ୍କ ଅବଦାନକୁ ସ୍ୱୀକାର କରିଛନ୍ତି । (୧) ଏମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିକୋଣ ସଂପୂର୍ଣ୍ଣ ସ୍ୱତନ୍ତ୍ର ଥିଲା ।

ପଣ୍ଡିତ ଲୋକନାଥ ଦାସ ଭଞ୍ଜଙ୍କ କୃତ 'ବୈଦେହୀଶ ବିଳାସ' ଓ 'ଲାବଣ୍ୟବତୀ' ଉପରେ ଟୀକା ଲେଖିଛନ୍ତି । କିନ୍ତୁ ତାହାର ଲିଖନ ଭଙ୍ଗୀ ପରିମାର୍ଜିତ ନୁହେଁ । ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା 'ଲାବଣ୍ୟବତୀ'ର ସମାଲୋଚନା ନକରି ସଂସ୍କୃତ ଭାଷାରେ ଅନୁବାଦ ମାତ୍ର କରିଛନ୍ତି । ସେହିପରି ବିନ୍ଦ୍ରାବନ ଚରଣ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ କବିତାର ଅଂଶ ବିଶେଷ ଇଂରାଜୀରେ ଅନୁବାଦ କରି 'Kabi Samrat Upendra Bhanja Souvenir' ଶୀର୍ଷକ ଗ୍ରନ୍ଥ ଖ୍ରୀ: ୧୯୫୦ରେ ପ୍ରକାଶ କରିଥିଲେ । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରାଚୀ ସମିତି ଆନୁକୂଲ୍ୟରେ 'ଲାବଣ୍ୟବତୀ' କାବ୍ୟର ସମ୍ପାଦନା ତଥା ଟୀକା ପ୍ରସ୍ତୁତ କରି ସେଥିରେ ଏକ ବିସ୍ତୃତ ପାଣ୍ଡିତ୍ୟପୂର୍ଣ୍ଣ ମୁଖବନ୍ଧ ଲେଖିଛନ୍ତି । କିନ୍ତୁ ସେ ମୁଖବନ୍ଧରେ ଅଳଙ୍କାର ଶାସ୍ତ୍ରର ଲକ୍ଷଣ ଓ ଉତ୍କର୍ଷ ଅନୁଶୀଳନରେ ଆଲୋଚକଙ୍କର ଯେଉଁ ପ୍ରବଣତା ପରିଲକ୍ଷିତ ହୁଏ, ବିଭିନ୍ନ ଦୃଷ୍ଟିକୋଣରୁ ଭଂଜୀୟ କାବ୍ୟ ବିଚାରରେ ସେଭଳି ନୈପୁଣ୍ୟ ଦୃଷ୍ଟିଗୋଚର ହୁଏନାହିଁ । ମାତ୍ର ପଣ୍ଡିତ ନୀଳକଣ୍ଠ ସ୍ୱ ଆଲୋଚନାରେ ଭଂଜଙ୍କ କାବ୍ୟ ପ୍ରତିଭାର ଦିଗନ୍ତ ବିସ୍ତାରୀ ଆଲୋଚନା କରି ସ୍ୱକୀୟ ଦୂରଦୃଷ୍ଟିର ପରିଚୟ ଦେଇଛନ୍ତି ।

ପଣ୍ଡିତ ନୀଳକଣ୍ଠ ଭଂଜ କବିଙ୍କ 'ଲାବଣ୍ୟବତୀ' କାବ୍ୟକୁ ବିଭିନ୍ନ ଦିଗରୁ ବିଶ୍ଳେଷଣ କରି ଖ୍ରୀ: ୧୯୧୫-୧୬ରେ ଏକ ଦୀର୍ଘ ସମାଲୋଚନାତ୍ମକ ପ୍ରବନ୍ଧ ଲେଖିଥିଲେ । ତାହା 'ସତ୍ୟବାଦୀ' ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ ଲାଭ

Digitized by PPRACHIN, SOA

କରିଥିଲା । (୨) ନୀଳକଣ୍ଠଙ୍କ ପୂର୍ବରୁ ଭଂଜ ସାହିତ୍ୟର ଆଲୋଚନା 'ଇନ୍ଦ୍ରଧନୁ' ଓ 'ବିଜୁଳି' ପତ୍ରିକା ମାଧ୍ୟମରେ ହୋଇଥିଲେ ହେଁ, ସେଥିରେ ଦଳଗତ ଭାବୋଚ୍ଛ୍ୱାସ ପ୍ରକାଶ ପାଇଥିବାରୁ ତାହା ଯଥାର୍ଥ ସମାଲୋଚନା ପର୍ଯ୍ୟାୟଭୁକ୍ତ ହୋଇ ପାରିନାହିଁ । ଭାବ, ଭାଷା ଓ ଭଙ୍ଗୀ ଦୃଷ୍ଟିରୁ ନୀଳକଣ୍ଠ ଭଂଜ ସାହିତ୍ୟର ଯେଉଁ ତାତ୍ତ୍ୱିକ ଆଲୋଚନା କରିଛନ୍ତି, ତାହା ରାମ ନାରାୟଣ ଲାଲା, ବିଜୟ ଚନ୍ଦ୍ର ମଜୁମଦାର, ବିଶ୍ୱନାଥ କର, ଲୋକନାଥ ଦାସ, ଆର୍ତ୍ତବଲ୍ଲଭ ମହାନ୍ତି, ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଓ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମାଙ୍କ ଭଳି ଭଂଜ-ସାହିତ୍ୟ ସମୀକ୍ଷକମାନଙ୍କ ଆଲୋଚନା ଠାରୁ ଅଧିକ ଉଚ୍ଚକୋଟୀର ହୋଇଛି । 'ଲାବଣ୍ୟବତୀ' ଶୀର୍ଷକ ଆଲୋଚନା ପ୍ରକାଶ ପାଇବାର ଦୀର୍ଘ ଚାଳିଶ ବର୍ଷ ପରେ ଖ୍ରୀ: ୧୯୫୬ରେ ଭଂଜ ଜୟନ୍ତୀ ଉପଲକ୍ଷେ ନୀଳକଣ୍ଠଙ୍କ ଲିଖିତ ଅଭିଭାଷଣଟିରୁ ଭଂଜଙ୍କ କାବ୍ୟପ୍ରତିଭା ସମ୍ପର୍କରେ ତାଙ୍କର ଗଭୀର ଜ୍ଞାନର ପରିଚୟ ମିଳିଥାଏ । 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥରେ ମଧ୍ୟ ସେ ଭଂଜ ସାହିତ୍ୟର ବିଷଦ ଆଲୋଚନା କରିଛନ୍ତି ।

**କବିସମ୍ରାଟଙ୍କ ଶ୍ରେଷ୍ଠ କୃତି - ଲାବଣ୍ୟବତୀ :**

ସମୀକ୍ଷକ ନୀଳକଣ୍ଠ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟାବଳୀ ମଧ୍ୟରେ 'ଲାବଣ୍ୟବତୀ'ର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । କାରଣ ଏ କାବ୍ୟରେ 'ବୈଦେହୀଶ ବିଳାସ' ପରି ପୌରାଣିକ ଭିତ୍ତି ନାହିଁ; କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ପରି ଭାଷାର କ୍ଲିଷ୍ଟତା ଓ ବର୍ଣ୍ଣନାର କୃତ୍ରିମତା ନାହିଁ; ପୁଣି 'ପ୍ରେମ ସୁଧାନିଧି' ଓ 'ସୁବର୍ଣ୍ଣରେଖା' କ୍ଷୁଦ୍ରକାବ୍ୟ ହୋଇଥିବାରୁ ତାହା ଲାବଣ୍ୟବତୀ ସହ ତୁଳନୀୟ ନୁହେଁ ବୋଲି ଆଲୋଚକ ମତ ଦିଅନ୍ତି । ଗୋଟିଏ ମାତ୍ର ଦୀର୍ଘ ବାକ୍ୟରେ ସେ ଲାବଣ୍ୟବତୀର ସମଗ୍ର କାବ୍ୟିକ ବୈଶିଷ୍ଟ୍ୟ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ କବିଙ୍କ ପାଣ୍ଡିତ୍ୟ ଓ କବିତ୍ୱର ସମନ୍ୱୟ ଦର୍ଶାଇଛନ୍ତି ।

''ଭାଷାର କ୍ଲିଷ୍ଟତା ସଙ୍ଗେ ବିନ୍ୟାସ କୌଶଳ, ଆଳଙ୍କାରିକ କୃତ୍ରିମତା ମଧ୍ୟରେ ସରଳ ଭାବୋନ୍ମେଷ, ବିଷୟ କଳ୍ପନାର ପୌରାଣିକତା ମଧ୍ୟରେ ବିଶ୍ୱାସର ନିଷ୍ଠା ଓ ସ୍ଥାୟୀ ଭାବର ବିକାଶ, ନାନାବିଧ ଘଟଣାର ଅଙ୍ଗାଙ୍ଗୀ ଭାବ ଓ ପ୍ରାକୃତିକ ସମନ୍ୱୟ, ପ୍ରଣାଳୀବଦ୍ଧ କଳ୍ପନାରେ ନୂତନତା, ବିଧିବଦ୍ଧ ବର୍ଣ୍ଣନାରେ ସ୍ୱାଭାବିକତା, ଅଶ୍ଳୀଳତାର ଉନ୍ମାଦ ମଧ୍ୟରେ ଭାବର ଐକାନ୍ତିକତା, ଚଳିତ ଘଟଣାର ଅନୁରୂପ ଚିତ୍ର ମଧ୍ୟରେ ଆଦର୍ଶର ବିକାଶ ପ୍ରଭୃତି 'ଲାବଣ୍ୟବତୀ'ରେ ଯେପରି ଦେଖାଯାଏ, କବିଙ୍କର ଅନ୍ୟ କାବ୍ୟମାନଙ୍କରେ ସେପରି ସ୍ପଷ୍ଟ ନୁହେଁ । (୩)

Digitized by PPRACHIN, SOA

## ଉପେନ୍ଦ୍ର ଭଞ୍ଜ ଅଶ୍ଳୀଳ ବା ରୁଚିହୀନ ନୁହନ୍ତି

କେତେକ ସମାଲୋଚକ ଭଞ୍ଜ-କାବ୍ୟରେ ନଗ୍ନ ବର୍ଣ୍ଣନା ଦେଖି ତାଙ୍କୁ ଅଶ୍ଳୀଳ ଓ ରୁଚିହୀନ କବି ବୋଲି ମନେ କରନ୍ତି । ଏହି ମତ ବିରୁଦ୍ଧରେ ପଣ୍ଡିତ ନୀଳକଣ୍ଠ ନିମ୍ନୋକ୍ତ ଯୁକ୍ତିମାନ ଉପସ୍ଥାପନ କରିଛନ୍ତି-

(କ) କାବ୍ୟ ଗୋଟିଏ ଶିଳ୍ପ । ପ୍ରକୃତିକୁ ଯଥାର୍ଥ ଭାବରେ ଚିତ୍ରଣ କରିବାହିଁ ଶିଳ୍ପର ପୂର୍ଣ୍ଣତା । ତେଣୁ ସେଥିରେ ଶ୍ଳୀଳ-ଅଶ୍ଳୀଳର ବିଚାର ଉଚିତ ନୁହେଁ (୪)

(ଖ) ବ୍ୟବହାରର ରୁଚି, ଶିଳ୍ପର ରୁଚି ଏକ ନୁହେଁ । ଅଶ୍ଳୀଳତା ସାମାଜିକ ବ୍ୟବହାରର କଥା । କାବ୍ୟ ଶିଳ୍ପର ସେଥିରେ କ୍ଷତି-ବୃଦ୍ଧି ନାହିଁ । (୫)

(ଗ) "ଅଶ୍ଳୀଳ କଥାଟିର ଯଥାର୍ଥ ଅର୍ଥ ହେଉଛି, ଅ-ଶ୍ଳୀଳ ଅର୍ଥାତ୍ ଯାହା 'ଶ୍ରୀ' ଯୁକ୍ତ ବା ସୁନ୍ଦର ନୁହେଁ । ସମାଜରେ ସଂଭୋଗ କଦାପି ହେୟ ନୁହେଁ । x x x ସଂଯମରେ ସଂଭୋଗ କରିବା ହିଁ ସମାଜ । ତାହାହିଁ ମାନବର ସ୍ପୃହଣୀୟ ଚରିତ୍ର । ଏହା ସମସ୍ତେ ସ୍ୱୀକାର କରିବେ । ସେ ହିସାବରେ ଦେଖିଲେ ଭଞ୍ଜ ସାହିତ୍ୟରେ ଆଦର୍ଶର ଆଦୌ ଅପଳାପ ନାହିଁ । ଲାବଣ୍ୟବତୀର ମଧୁଶଯ୍ୟା ଅଶ୍ଳୀଳ ନୁହେଁ । (ଚତୁର୍ଦ୍ଦଶ ବାର୍ଷିକ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀ ସପ୍ତାହାର ଉପଦେଷ୍ଟା ସମିତି ଅଧ୍ୟକ୍ଷ ଭାବେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଭିଭାଷଣ - ୧୬/୫/୧୮୫୭ ପୃଷ୍ଠା - ୨୭)

### ଭଞ୍ଜକବିଙ୍କ ଭାଷା କ୍ଳିଷ୍ଟ ହେଲେ ହେଁ କୃତ୍ରିମ ନୁହେଁ :

କବି ସମ୍ରାଟଙ୍କ ଭାଷା ସମ୍ପର୍କରେ ସମୀକ୍ଷକ ନୀଳକଣ୍ଠ କହନ୍ତି- "ସରଳ ସୁବୋଧ୍ୟ ଓଡିଆରେ ଚିନ୍ତା କରିବା କବିଙ୍କର ପ୍ରକୃତି; କିନ୍ତୁ ସେ ଯେଉଁ 'କୋବିଦ ପାଠକ' ମାନଙ୍କ ଉଦ୍ଦେଶ୍ୟରେ କାବ୍ୟ ଲେଖୁଥିଲେ ସେମାନଙ୍କ ମର୍ଯ୍ୟାଦା ଓ ପାଣ୍ଡିତ୍ୟର ଉପଯୋଗୀ କରିବା ନିମନ୍ତେ ବାଧ୍ୟ ହୋଇ କବି ତାକୁ 'ନାରୀକେଳ ଫଳର ସଦୃଶ' କରି ଅଛନ୍ତି ।' (୬)

ଉପେନ୍ଦ୍ରଙ୍କ ଭାଷାର ସ୍ୱାତନ୍ତ୍ର୍ୟ, ଶକ୍ତି ଓ ଗଠନ ପ୍ରବଣତା ଦର୍ଶାଇବା ପାଇଁ ଆଲୋଚକ 'ଲାବଣ୍ୟବତୀ' କାବ୍ୟରୁ 'ହସିଲା ହସିଲା ହୋଇ' 'ଏମନ୍ତରେ ଗଲା', 'ଅରିଲା ହେଲା', 'କେକୀ ଷଣ୍ଢ ମତ', 'ଏକାଳେ ତଗର' 'ଦିଅର ନାଗର', 'ବାଜି ବରତନ', 'ଝାଳିକରି', 'ଯଥା କଥା' ଆଦି ବହୁ ଶବ୍ଦ ବିନ୍ୟାସର ଉଦାହରଣ ଦେଇଛନ୍ତି ।

Digitized by PPRACHIN, SOA

ଭଞ୍ଜ-କାବ୍ୟକୁ ଭାଷାଗତ କ୍ଳିଷ୍ଟତା ଦୋଷରୁ ମୁକ୍ତ କରିବା ପାଇଁ ଆଲୋଚକଙ୍କ ନିମ୍ନୋକ୍ତ ଯୁକ୍ତି ଗୁଡିକ ପ୍ରଣିଧାନ ଯୋଗ୍ୟ ।

(କ) ଉପେନ୍ଦ୍ର ଭଞ୍ଜଙ୍କ ସମୟରେ ସଂସ୍କୃତର ହିଁ ଆଦର ଥିଲା । ଓଡିଆ ଏକ ବିକୃତ ପ୍ରାକୃତ ଭାଷା ରୂପେ ପାଠକ ସମାଜରେ ଅନାଦୃତ ଥିଲା ।

(ଖ) ଭାଷା, ଭାବ ଓ ଅଳଙ୍କାରାଦିରେ ସଂସ୍କୃତ ଭାଷାର ଅନୁବର୍ତ୍ତନ ନକଲେ ଉପେନ୍ଦ୍ରଙ୍କ କାବ୍ୟ ପ୍ରତିଭାର ହୀନତା ପ୍ରତିପାଦିତ ହେବାର ଆଶଙ୍କା ଥିଲା ।

(ଗ) ସେ ସମୟରେ ଭାରତର ସମସ୍ତ ପ୍ରାଦେଶିକ ସାହିତ୍ୟରେ ସାହିତ୍ୟ ଅନୁଶୀଳନ ବୋଇଲେ ଭାଷାର କସରତ ହିଁ ପ୍ରତିପାଦିତ ହେଉଥିଲା ।

(ଘ) ତାଙ୍କ ସମୟରେ ପଣ୍ଡିତ, କୋବିଦ, ଜ୍ଞ, ସୁଜାଣ ମାନଙ୍କୁ ସମ୍ବୋଧନ କରାଯାଇ ଥିବାରୁ ଲୋକ ପ୍ରଚଳିତ ଭାଷାରେ କାବ୍ୟ ରଚନା କରିବାର ଆବଶ୍ୟକତା ସେ ଉପଲବ୍ଧି କରିନଥିଲେ ।

(ଙ) କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କବିତା ପଢ଼ିଛନ୍ତି, ଗାଇ ନାହାନ୍ତି । ତେଣୁ ତାଙ୍କ ଭାଷା, ସ୍ରୋତ ପରି ବହି ଯାଇନାହିଁ । ତାହା ବିଚିତ୍ର ଅଳଙ୍କାର ଯୁକ୍ତ ହୋଇ ମନ୍ଥର ଗତି କରିଛି । (୭)

**ଯଥାର୍ଥ ଓଡିଆ କବି :**

ତତ୍ସମ ଶବ୍ଦ ବହୁଳତା ଉପେନ୍ଦ୍ରଙ୍କ କାବ୍ୟକୁ ଭାରାକ୍ରାନ୍ତ କରିଥିଲେ ହେଁ, ନୀଳକଣ୍ଠଙ୍କ ଯୁକ୍ତିରେ ଭଂଜ ହେଉଛନ୍ତି ଯଥାର୍ଥ ଓଡିଆ କବି । ସେ କହନ୍ତି, କବି ସମ୍ରାଟ ସଂସ୍କୃତ ଶବ୍ଦ ସହ ଓଡ଼ିଆ ଶବ୍ଦମାନଙ୍କର ସମାବେଶ ଏପରି ବିଚକ୍ଷଣ ଭାବରେ କରିଛନ୍ତି, ଯାହା ଫଳରେ ଟିକିଏ ମାତ୍ର ମହି ଦୁଧକୁ ଦହିରେ ପରିଣତ କଲାପରି ଗୋଟିଏ ଗୋଟିଏ ଓଡ଼ିଆ ଶବ୍ଦ ପଦ ମଧ୍ୟସ୍ଥ ସମସ୍ତ ସଂସ୍କୃତ ଶବ୍ଦକୁ ସରଳ ଓଡ଼ିଆରେ ପରିଣତ କରିଛି । ତେଣୁ ତାଙ୍କ ଭାଷା କୃତ୍ରିମ ନହୋଇ ସରଳ ଓ ସ୍ୱାଭାବିକ ହୋଇ ପାଇଛି । ଭଞ୍ଜୀୟ ଲେଖନୀରେ ସଂସ୍କୃତ ଶବ୍ଦାବଳୀ ଦାସାନୁଦାସ ରୂପେ ଓଡିଆ ଭାଷାର ଶୋଭାବର୍ଦ୍ଧନ କରିଥିବାର ଆଲୋଚକ ଦର୍ଶାଇଛନ୍ତି ।

**ଭାବ ଅନୁରୂପ ଛନ୍ଦ :**

ଛନ୍ଦ ପ୍ରୟୋଗରେ ଉପେନ୍ଦ୍ର ଭଞ୍ଜଙ୍କ ମୌଳିକ ଶକ୍ତି ଦର୍ଶାଇ ସମୀକ୍ଷକ ତାଙ୍କୁ ଉତ୍କଳରେ ଛନ୍ଦର ପ୍ରବର୍ତ୍ତକ ଭାବେ ସମ୍ମାନ ଦେଇଛନ୍ତି । ଭାବ ଅନୁରୂପ ଛନ୍ଦ ଯୋଗୁ ହିଁ ପାଠକ ତଥା ଶ୍ରୋତାବୃନ୍ଦ ଭଞ୍ଜ କବିଙ୍କ ଭାଷାଗତ ଦୁର୍ବୋଧ୍ୟତାକୁ ଭେଦକରି

Digitized by PPRACHIN, SOA

ରସୋପଲବ୍‌ଧି କରିବା ପାଇଁ ସମର୍ଥ ହୋଇଥାଆନ୍ତି । ଆଲୋଚକଙ୍କ ଭାଷାରେ- 'କାବ୍ୟରେ ଏହି ଛନ୍ଦ ସବୁ ଉପେନ୍ଦ୍ର ନିଜେ ସୃଷ୍ଟି କରିଅଛନ୍ତି ଓ ଏହି ସୂତ୍ରରେ ସେ ଏକ କାଳରେ ପଣ୍ଡିତ ଓ ଜନସାଧାରଣଙ୍କୁ ଜାତୀୟ ଭାଷା ଓ ଜାତୀୟ ସାହିତ୍ୟ ପ୍ରତି ଟାଣି ଆଣିବାକୁ ସମର୍ଥ ହୋଇଛନ୍ତି । (୮)

ଓଡ଼ିଆ ଛାନ୍ଦ ସାହିତ୍ୟ ଏକ ଚାରୁ ଶିଳ୍ପ । ତାହାକୁ ଆଳଙ୍କାରିକ ରୀତିର ପ୍ରୟୋଗରେ ଭଞ୍ଜ କବି ଚାରୁତର କରି ଗଢ଼ିଛନ୍ତି । ଭଞ୍ଜଙ୍କ କାବ୍ୟ କବତାରେ ଓଡ଼ିଶୀ ସଙ୍ଗୀତର ସକଳ ବୈଶିଷ୍ଟ୍ୟ ଲକ୍ଷ୍ୟକରି ନୀଳକଣ୍ଠ ଲେଖିଛନ୍ତି- ଓଡ଼ିଶୀ ସଙ୍ଗୀତ ବୋଲି ଯାହା ଲୋକରେ ପ୍ରଚାରିତ, ତାହା ଏହି ସବୁ ଗୀତ ମଧ୍ୟରେ ବହୁ ପରିମାଣରେ ଦେଖାଯାଏ । ତେଣୁ ଏସବୁ ସହଜିଆ ସାହିତ୍ୟ ହୋଇ ପାରିନାହିଁ । ଏବେ ମଧ୍ୟ ଏଇସବୁ ଗୀତରେ ସ୍ୱତନ୍ତ୍ର ଓଡ଼ିଶୀ ସଂଗୀତର ପ୍ରଭାବ ଦେଖିବାକୁ ମିଳେ ।'' (୯)

'ଲାବଣ୍ୟବତୀ'ର କାବ୍ୟାଦର୍ଶ :

'ଲାବଣ୍ୟବତୀ'ରେ ସମୀକ୍ଷକ ନୀଳକଣ୍ଠ ଦୁଇ ପ୍ରକାର କାବ୍ୟାଦର୍ଶ ଲକ୍ଷ୍ୟ କରିଛନ୍ତି । ଗୋଟିଏ ପ୍ରାସଙ୍ଗିକ ସୂକ୍ତି, ପ୍ରବଚନ ଓ ଅର୍ଥାନ୍ତର ନ୍ୟାସାଦିରେ ଏବଂ ଅନ୍ୟଟି ଚରିତ୍ର ଚିତ୍ରଣ ଇଂଗିତରେ । ଏହି ଦୁଇଟି କାବ୍ୟାଦର୍ଶ ମଧ୍ୟରୁ ସେ କାବ୍ୟର ଉତ୍କର୍ଷ ସମ୍ପାଦନରେ ଦ୍ୱିତୀୟଟିର ଉପାଦେୟତା ଦର୍ଶାଇଛନ୍ତି । ତାଙ୍କ ମତରେ ସୂକ୍ତିର ଉପଦେଶ ସ୍ପଷ୍ଟ ଓ ପ୍ରତ୍ୟକ୍ଷ ହୋଇଥିବାରୁ ପାଠକ ତାହା ଗ୍ରହଣ କରିବାକୁ ଅନିଚ୍ଛୁକ ହୁଏ । କିନ୍ତୁ ଚରିତ୍ର ଚିତ୍ରଣ ମାଧ୍ୟମରେ ଯେଉଁ ଅଜ୍ଞାତ ବ୍ୟକ୍ତିତ୍ୱ ଥାଏ ତାହାର ଆଦର୍ଶ ଆଡକୁ ଅଲକ୍ଷିତ ଭାବେ ପାଠକ ଟାଣି ହୋଇଯାଏ ।

'ଲାବଣ୍ୟବତୀ'ରେ ଭଞ୍ଜକବି ନାୟକ ଚନ୍ଦ୍ରଭାନୁ ଠାରେ ଏକ ପତ୍ନୀବ୍ରତ ଓ ନାୟିକା ଲାବଣ୍ୟବତୀଠାରେ ଅକାଟ୍ୟ ପତିପ୍ରାଣତା ରୂପକ ଆଦର୍ଶ ଦେଖାଇବାକୁ ଚେଷ୍ଟା କରିଛନ୍ତି । ସେଥିପାଇଁ ସେ ଯେଉଁ ରୂପଜ ମୋହ ଜନିତ ବିଳାସର ବର୍ଣ୍ଣନା କରିଛନ୍ତି ତାହା କେତେକ ପାଠକଙ୍କ ରୁଚି ବିରୁଦ୍ଧ ହୁଏ । କିନ୍ତୁ ସମୀକ୍ଷକ ନୀଳକଣ୍ଠ ତତ୍‌କାଳୀନ ଉତ୍କଳର ରାଜ ପରିବାରର ଆଦର୍ଶର ଉଦାହରଣ ଦେଇ କବିଙ୍କ ବର୍ଣ୍ଣନାର ଯଥାର୍ଥତା ପ୍ରତିପାଦନ କରିଛନ୍ତି । କବିଙ୍କ ଚନ୍ଦ୍ରଭାନୁ ଉତ୍କଳର କଳ୍ପିତ ରାଜକୁମାର । ସେ ସମୟରେ ଉତ୍କଳର ରାଜାମାନଙ୍କ ପ୍ରାଣକୁ ପ୍ରଜାରଞ୍ଜନ ବ୍ରତ ଓ ରାଜ କର୍ତ୍ତବ୍ୟର ନିଷ୍ଠା ଅଧିକାର କରି ନଥିଲା । ରାଜାମାନେ ପାର୍ଶ୍ୱଚର ମାନଙ୍କ ଗହଣରେ କାମିନୀ ବିଳାସକୁ ଶ୍ରେଷ୍ଠ ସମ୍ପଦ ରୂପେ ବିବେଚନା କରୁଥିଲେ । ବେଶ ରଚନା ଓ ବିଳାସ ଭଙ୍ଗୀ ଦ୍ୱାରା ସ୍ୱାମୀମାନଙ୍କ ମନ ନେବା ହିଁ ରାଜପତ୍ନୀମାନଙ୍କ ନିତ୍ୟ ଚିନ୍ତା ଥିଲା ।

Digitized by PPRACHIN, SOA

ନଚେତ ସେମାନଙ୍କ ପତିମାନେ ପରଦାରା ଗ୍ରହଣ ପୂର୍ବକ ଭ୍ରଷ୍ଟ ହେବାର ଆଶଙ୍କା ଥିଲା । ଭଞ୍ଜଙ୍କ ସପକ୍ଷରେ ଯୁକ୍ତି ଦର୍ଶାଇ ନୀଳକଣ୍ଠ କହନ୍ତି- 'ରୂପଜ ମୋହରେ ପ୍ରାଣର ପ୍ରଣୟ ବନ୍ଧନ କବି ବରାବର ଦେଖାଇ ଅଛନ୍ତି ଏବଂ ସେଥିରେ ପ୍ରେମର ଦୃଢ଼ତା ଆଣିବା ପାଇଁ ବେଳେବେଳେ ଆଦିରସ ବିଳାସର ଅତି ରଞ୍ଜନ କରିବାକୁ ସେ ବାଧ୍ୟ ହୋଇଛନ୍ତି ।'' (୧୦) ତାଙ୍କ ମତରେ ଅତୀତର ଘଟଣା ପ୍ରବାହ ମଧ୍ୟରେ ନିଜକୁ ମିଶାଇ ନପାରିଲେ ସମୀକ୍ଷକଙ୍କ ପକ୍ଷରେ ଅତୀତର କାବ୍ୟାଲୋଚନା ସମ୍ଭବ ହେବ ନାହିଁ । ତେଣୁ ଲାବଣ୍ୟବତୀ କାବ୍ୟାଲୋଚନା ଅବସରରେ ସେ କହନ୍ତି - 'ଚଳିତ ଘଟଣା ପ୍ରବାହର ଗତି ଲକ୍ଷ୍ୟ କରି ଭବିଷ୍ୟତ ଅନୁମାନ କରିବା ଯେପରି ଦ୍ରଷ୍ଟା ଚିନ୍ତାବୀର ପକ୍ଷରେ ଦୁରୂହ, ବର୍ତ୍ତମାନର ନିତ୍ୟ ଅନୁଭୂତ ଘଟଣା ରାଶିର ବେଷ୍ଟନୀ ମଧ୍ୟରେ ରହି ଇତିହାସ ବା ପରମ୍ପରା ଲବ୍ଧ ଘଟଣାମାନଙ୍କର ଅନୁମାନରେ ଅତୀତର ଅବସ୍ଥା ଓ ପ୍ରକୃତିକୁ ଅନୁଭବରେ ଆଣି ସେସବୁର ବାସ୍ତବତା ନିର୍ଦ୍ଦେଶ କରିବା କାଳଜ୍ଞ ଓ ବ୍ୟବହାର ପ୍ରବୀଣ ମନୀଷୀ ପକ୍ଷରେ ସେହିପରି ସୁକଠିନ ।' (୧୧)

ଏହିପରି ଏକ ସୁକଠିନ ଦାୟିତ୍ୱ ବହନ କରି ନୀଳକଣ୍ଠ ଭଞ୍ଜ କବିଙ୍କ ସମକାଳୀନ ପରିସ୍ଥିତି ଓ ପରିବେଶ ମଧ୍ୟରେ ନିଜକୁ ଅବସ୍ଥାପିତ କରି 'ଲାବଣ୍ୟବତୀ' କାବ୍ୟର ବିଚାର କରିଛନ୍ତି । ଫଳରେ ତାଙ୍କ ଆଲୋଚନା ଅଧିକ ଶାଣିତ ଓ ନିରପେକ୍ଷ ହୋଇ ପାରିଛି । ଅଧ୍ୟାପକ ଗୌରୀ କୁମାର ବ୍ରହ୍ମାଙ୍କ ଭାଷାରେ- 'ନୀଳକଣ୍ଠଙ୍କ ଅନ୍ତରରେ ଭଞ୍ଜଙ୍କର ପ୍ରତିଭା-ପ୍ରତିମା ମହାମୂଲ୍ୟ ରତ୍ନ ବେଦୀକା ଉପରେ ପ୍ରତିଷ୍ଠିତ ଥିଲ । (୧୨)

**'ଲାବଣ୍ୟବତୀ' - ସର୍ବାପେକ୍ଷା ଲୋକପ୍ରିୟ କାବ୍ୟ :**

'ଲାବଣ୍ୟବତୀ'ରେ ଆମ ସମାଜର ଚଳଣି ଓ ପବିତ୍ର ସାମାଜିକ ବିଧି ସବୁ ନିଖୁଣ ଭାବରେ ବର୍ଣ୍ଣିତ ହୋଇଥିବାରୁ ତାହା ପାଠକଙ୍କ ପ୍ରାଣକୁ ସହଜରେ ଆକର୍ଷଣ କରିଥାଏ । ଏ ସମ୍ପର୍କରେ ନୀଳକଣ୍ଠ କହନ୍ତି- ''ଆମ୍ଭର ଭାଷା, ଆମ୍ଭର ଆଶା, ଆମ୍ଭର ପ୍ରକୃତି, ଆମ୍ଭର ପକ୍ରିୟା, ଆମ୍ଭର ଆତ୍ମୀୟତା ପ୍ରକାଶ କରି ପାରିଅଛି ବୋଲି ସେ ସବୁର ଆମ୍ଭ ପ୍ରାଣରେ ଏତେ ଅଧିକାର ।'' (୧୩)

**ଭଞ୍ଜଙ୍କ ସାଧନା ସମ୍ପର୍କରେ ଆଲୋଚକଙ୍କ କ୍ରମ ବିସ୍ତାରିତ ଦୃଷ୍ଟିକୋଣ**

ଲାବଣ୍ୟବତୀ ଶୀର୍ଷକ ସମାଲୋଚନାରେ ଭାଷା, ଭାବ ଭଙ୍ଗୀ ଓ ଛନ୍ଦ ଦୃଷ୍ଟିରୁ ନୀଳକଣ୍ଠ ଭଞ୍ଜ ସାହିତ୍ୟର ଆଲୋଚନା କରିଛନ୍ତି । କିନ୍ତୁ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥରେ ଭଞ୍ଜ ସାହିତ୍ୟ ଆଲୋଚନାରେ ତାଙ୍କ ସାଂସ୍କୃତିକ ଦୃଷ୍ଟିକୋଣ ପ୍ରକାଶ ପାଇଛି । ଗୌଡୀୟମାନଙ୍କ ସହଜ ସମ୍ଭୋଗଜନିତ ପରକୀୟା ପ୍ରୀତି ପ୍ରଭାବିତ

Digitized by PPRACHIN, SOA

ଓଡିଆ ସମାଜକୁ ରକ୍ଷା କରିବା ପାଇଁ ଉପେନ୍ଦ୍ର ଭଞ୍ଜଙ୍କ ଉଦ୍ୟମ ସମ୍ପର୍କରେ ସେ ଲେଖିଛନ୍ତି- "ଉପେନ୍ଦ୍ର ଯେପରି ନିଜ ସାହିତ୍ୟ ସାଧନାରେ ଜାତିକି କହିଦେଲେ- ଆରେ ଓଡିଆଏ ! ଧର୍ମ ନାମରେ ପରତାଟି ଫିଟାଅ ନାହିଁ - ପରଘର ଭାଙ୍ଗ ନାହିଁ - ନିଜ ଘରେ ବିଭ୍ରାଟ, ବିପ୍ଳାତ ସୃଷ୍ଟି କର ନାହିଁ । ଏହା ଓଡିଆ ଧର୍ମ ନୁହେଁ । ଯୌନ ଚର୍ଯ୍ୟାର ବିଳାସ ଯେବେ ଚାହିଁ, ତେବେ ଧର୍ମ ନାମରେ କୃଷ୍ଣଙ୍କ ନାମରେ ଏ କଥା କାହିଁକି ? ପୂର୍ଣ୍ଣ ସାମାଜିକ ଗାର୍ହସ୍ଥ୍ୟ ସଂଯମରେ ରହି ମଧ୍ୟ ସେ ସୁବିଧା କରାଯାଇପାରେ ।" (୧୪) ଆଲୋଚକ ପୁଣି ଭଞ୍ଜ ସାହିତ୍ୟକୁ 'ଜାତୀୟ ସାହିତ୍ୟ'ର ଗୌରବ ଦେଇ ସେଥିରେ କବିଙ୍କ ପୁରୋଦୃଷ୍ଟିର ପରିଚୟ ଦେଇଛନ୍ତି- "ଏ ସବୁ ଭିତରେ ଅଛି ପରଂପରା ପ୍ରଚୋଦିତ ପରିସ୍ଥିତିରେ ଆମ ଉପେନ୍ଦ୍ର ଭଞ୍ଜଙ୍କ ନିର୍ମଳ ଓ ସ୍ପୃହଣୀୟ ପୁରୋଦୃଷ୍ଟି । ଏଇଥିରେ କବି ହୁଏ ଦ୍ରଷ୍ଟା । ସମସ୍ତ ରାଜନୀତିକ ସାମାଜିକ ଓ ସାଂସ୍କୃତିକ ଆକ୍ରମଣ ଭିତରେ ଆମ ଘୋର ଗର୍ବିତ ଦୈନ୍ୟ ଓ ଜୀବନ୍ୟାସ ମନ୍ତ୍ରର ପ୍ରତୀକ । ଏଇ ହେଉଛନ୍ତି ଆମ ଉପେନ୍ଦ୍ର ଭଞ୍ଜ । ଏହାହିଁ ଆମର ଭଞ୍ଜୀୟ ଜାତୀୟ ସାହିତ୍ୟ ।" (୧୫)

ବିଶିଷ୍ଟ କବି ଓ ସମାଲୋଚକ ଡକ୍ଟର ମାୟାଧର ମାନସିଂହ ପଣ୍ଡିତ ନୀଳକଣ୍ଠଙ୍କ 'ଓଡିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥାଲୋଚନା କରି ଉକ୍ତ ଗ୍ରନ୍ଥରେ ଲେଖକଙ୍କ ଓଡିଆ ଜାତୀୟତା ଓ ବୈଶିଷ୍ଟ୍ୟ ପ୍ରତି ମର୍ଯ୍ୟାଦାସ୍ଥାପନ; ତର୍କବାଗୀଶତା, ସ୍ୱଚ୍ଛ ଓ ବଳିଷ୍ଠ ଭାଷାର ସୂଚନା ଦେବାପରେ 'ଲାବଣ୍ୟବତୀ' ଆଲୋଚନାର ଶ୍ରେଷ୍ଠତା ଦର୍ଶାଇଛନ୍ତି । "ପଣ୍ଡିତଜୀଙ୍କ 'ଲାବଣ୍ୟବତୀ'ର ଆଲୋଚନା 'ଲାବଣ୍ୟବତୀ' କାବ୍ୟର ନୁହେଁ, ପ୍ରକୃତରେ ଉପେନ୍ଦ୍ର ପ୍ରତିଭାର । ଉପେନ୍ଦ୍ରଙ୍କ ସପକ୍ଷରେ ଯା'ଠୁ ବଳି ଅଧିକ କଥା କହିବାର ନାହିଁ, କି ଅନ୍ୟ କେହି ଏପରି ଏପର୍ଯ୍ୟନ୍ତ କହି ପାରିନାହାନ୍ତି । ଯଦି କେବେ ଭବିଷ୍ୟତରେ ଉପେନ୍ଦ୍ର ଗ୍ରନ୍ଥାବଳୀ ପ୍ରକାଶିତ ହୁଏ, ତେବେ ତାହାର ପାଖରେ ପଣ୍ଡିତ ନୀଳକଣ୍ଠଙ୍କ 'ଲାବଣ୍ୟବତୀ' ପ୍ରବନ୍ଧ, ଆଉ ପାଖରେ ସ୍ୱର୍ଗତ ବିଶ୍ୱନାଥ କରଙ୍କ 'ଉପେନ୍ଦ୍ର ଭଞ୍ଜ' ପ୍ରବନ୍ଧ ଯୋଡି ଦିଆ ନ ଗଲେ ସେ ସଂସ୍କରଣ ଅପୂର୍ଣ୍ଣ ରହିବ ବୋଲି ଆମର ଦୃଢ଼ ଆଶଙ୍କା । ଉପେନ୍ଦ୍ର ସୃଷ୍ଟି ଉପରେ ଏ ଦୁଇଟି ପ୍ରବନ୍ଧ ଶେଷ କଥା ବୋଲି ଆମର ବିଶ୍ୱାସ ।" (୧୬) ଶେଷରେ, ନୀଳକଣ୍ଠଙ୍କ ଭଞ୍ଜ ସାହିତ୍ୟ ଆଲୋଚନା ସମ୍ପର୍କରେ ସମାଲୋଚକ ଡକ୍ଟର ଶ୍ରୀନିବାସ ମିଶ୍ରଙ୍କ ସହ ଏକମତ ହୋଇ କୁହାଯାଇପାରେ - "କବିଙ୍କ ପ୍ରତି ମମତା ଓ ସହାନୁଭୂତି, ଏକ କଥାରେ ସମ ପ୍ରାଣତାର ଯୋଗ ସ୍ଥାପନ କରି ନୀଳକଣ୍ଠ ସମାଲୋଚନାରେ ଅଗ୍ରସର ।" (୧୭)

Digitized by PPRACHIN, SOA

## 'ଲାବଣ୍ୟବତୀ' କାବ୍ୟର ଟୀକାକାର ନୀଳକଣ୍ଠ :

ପଣ୍ଡିତ ନୀଳକଣ୍ଠ ଜେଲରେ ଥିବା ସମୟରେ 'ଲାବଣ୍ୟବତୀ'ର ଏକ ଟୀକା ପ୍ରସ୍ତୁତ କରିଥିଲେ, ମାତ୍ର କେତେକ ଅନିବାର୍ଯ୍ୟ କାରଣ ବଶତଃ ତାହା ପ୍ରକାଶ ପାଇ ପାରି ନଥିଲା । ସେହି ଟୀକାର ପାଣ୍ଡୁଲିପି ସଂଗ୍ରହ କରି ତାକୁ ଲେଖକଙ୍କ ଲାବଣ୍ୟବତୀ ସମାଲୋଚନା ସହ ତାଙ୍କ କନ୍ୟା ଶ୍ରୀମତୀ ଇନ୍ଦିରା ଦେବୀ ଖ୍ରୀ. ୧୯୮୩ରେ ପ୍ରକାଶ କରିଛନ୍ତି । ନୀଳକଣ୍ଠଙ୍କ ଟୀକାକୁ ପ୍ରାଚୀ ସମିତି ଆନୁକୂଲ୍ୟରେ ପ୍ରକାଶିତ ପଣ୍ଡିତ ଆର୍ତ୍ତବଲ୍ଲଭଙ୍କ ସଂପାଦିତ 'ଲାବଣ୍ୟବତୀ' କାବ୍ୟର ଟୀକା ସହ ମିଳାଇ ଦେଖିଲେ ନୀଳକଣ୍ଠଙ୍କ କାବ୍ୟପାଠ ଓ ଅର୍ଥ ପ୍ରସ୍ତୁତିର ନିମ୍ନୋକ୍ତ ବୈଶିଷ୍ଟ୍ୟ ପ୍ରତିପାଦିତ ହୁଏ ।

ନୀଳକଣ୍ଠ ଭିଡି ଓଟାରି କାବ୍ୟର ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରିବାର ପକ୍ଷପାତି ନ ଥିଲେ । ତେଣୁ ପ୍ରଥମ ଛାନ୍ଦର ବନ୍ଦନାପଦଗୁଡିକର ସେ ତିନି ପ୍ରକାର (ଯଥାକ୍ରମେ ରାମ, ପର୍ଶୁରାମ ଓ ବଳରାମଙ୍କ ଉଦ୍ଦେଶ୍ୟରେ) ଅର୍ଥ ନକରି କେବଳ ରାମଙ୍କ ପ୍ରତି ପ୍ରଯୁଜ୍ୟ ଅର୍ଥ ପ୍ରକାଶ କରିଛନ୍ତି । ତାଙ୍କ ବିଚାରରେ - 'ଏହି ନମସ୍କ୍ରିୟାକୁ ଟଣାଟଣି କରି ରାମ ପର୍ଶୁରାମ ଓ ବଳରାମ- ଏହିପରି ତିନି ପକ୍ଷରେ ଲୋକେ ଅର୍ଥ କରି ଥାଆନ୍ତି । ମାତ୍ର ଉପେନ୍ଦ୍ର ଭଞ୍ଜ ସର୍ବତୋ ଭାବେ ରାମ ଭକ୍ତ ଥିବାରୁ ରାମ ପକ୍ଷର ଅର୍ଥ ଏଠାରେ ସୁଗମ ଓ ସୁଖକର ।' (୧୮) ପ୍ରାଚୀ ପ୍ରକାଶିତ ଲାବଣ୍ୟବତୀ ଟୀକାରେ ଏହିପରି ତିନି ପ୍ରକାର ଅର୍ଥ ଦିଆଯାଇ ଥିବାରୁ ମନେହୁଏ ନୀଳକଣ୍ଠ ସେହି ଟୀକାକୁ ଆପେକ୍ଷ କରିଛନ୍ତି । କିନ୍ତୁ ପ୍ରାଚୀ ପ୍ରକାଶିତ ଲାବଣ୍ୟବତୀ କାବ୍ୟର ମୁଖବନ୍ଧରୁ ଜଣାଯାଏ ଏହାର ପ୍ରକାଶନ କାଳ ୧୯୪୪ ଖ୍ରୀଷ୍ଟାବ୍ଦ ଏବଂ ଏହାର ବହୁପୂର୍ବରୁ ପଣ୍ଡିତ ନୀଳକଣ୍ଠ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଖ୍ରୀ: ୧୯୩୦ରେ ୬ ମାସ ପାଇଁ ଜେଲ୍‌ରେ ଥିବା ସମୟରେ ଲାବଣ୍ୟବତୀର ଟୀକା ପ୍ରସ୍ତୁତ କରିଥିଲେ । ଅବଶ୍ୟ ପ୍ରାଚୀ ସମିତି ଖ୍ରୀ: ୧୯୨୫ ରୁ ୧୯୩୪ ମଧ୍ୟରେ ତା'ର ଅଧିକାଂଶ ପୋଥି ଉଦ୍ଧାର ଓ ସମ୍ପାଦନା କାର୍ଯ୍ୟ ଶେଷ କରିଥିଲେ । ତେବେ ଲାବଣ୍ୟବତୀ କାବ୍ୟର ମୁଖବନ୍ଧ ଲେଖାଯାଇ ତାହା ପ୍ରକାଶ ପାଇବାର ବହୁ ପୂର୍ବରୁ ଉକ୍ତ ଗ୍ରନ୍ଥର ସଂପାଦନା ତଥା ଟୀକା ପ୍ରସ୍ତୁତି ସରିଥିବା ସମ୍ଭବ ହୋଇଥାଇପାରେ ।

ପ୍ରାଚୀ ସମିତି ସମ୍ପାଦିତ ଲବଣ୍ୟବତୀର ପ୍ରଥମ ଛାନ୍ଦରେ ଥିବା ପଦ ସଂଖ୍ୟା- ଏକସ୍ତରି । ନୀଳକଣ୍ଠଙ୍କ ସଂଗୃହୀତ ଏହି ଛାନ୍ଦର ପଦ ସଂଖ୍ୟା - ବାସ୍ତରି, ଅଧିକ ପଦଟି ହେଉଛି-

'ଦୋଷଥିଲେ ରସବଶୁଁ କରିବେ ଆଦର
ଏଣୁ ଅତିଶୟ ସଂଶୟକୁ କରି ଦୂର ।' (୧୨ଶ ପଦ)

Digitized by PPRACHIN, SOA

ସେହିପରି ପ୍ରାଚୀ ସମିତି ସମ୍ପାଦିତ ଲାବଣ୍ୟବତୀର ୪୮ଶ ଛନ୍ଦାରେ ୫୯ଟି ପଦ ଥିବାବେଳେ ନୀଳକଣ୍ଠଙ୍କ ସଂଗୃହୀତ ଗ୍ରନ୍ଥରେ ୪୮ଶ ଛାନ୍ଦରେ ୬୮ଟି ପଦ ଅଛି । ପଣ୍ଡିତ ନୀଳକଣ୍ଠ ଏକାଧିକ ପୋଥି ମିଳାଇ ଯେଉଁ ପଦ ଅଧିକ ଗ୍ରହଣ ଯୋଗ୍ୟ ତାକୁହିଁ ଗ୍ରହଣ କରିଛନ୍ତି । ପ୍ରାଚୀ ସମିତି ସମ୍ପାଦିତ ଲାବଣ୍ୟବତୀ ସହ ନୀଳକଣ୍ଠଙ୍କ ସଂଗୃହୀତ ଗ୍ରନ୍ଥର ପଦଗୁଡ଼ିକ ମିଳାଇ ଦେଖିଲେ ଶେଷୋକ୍ତ ଗ୍ରନ୍ଥର ପଦାନ୍ତର୍ଭୁକ୍ତ ଶବ୍ଦମାନ ଅଧିକ ଅର୍ଥବୋଧକ ମନେ ହୁଏ । ଦୁଇ ଗ୍ରନ୍ଥରୁ ନିମ୍ନୋକ୍ତ ଦୃଷ୍ଟାନ୍ତମାନ ଉଦ୍ଧାର କରାଯାଇପାରେ ।

**ପ୍ରାଚୀ ସଙ୍କଳନ-**

ହର ନେତ୍ର ଗତ ଯେବେ ହେବ ଏ ଶୋଭାଙ୍ଗୀ (୧ମ ଛାନ୍ଦ, ୧୯ଶ ପଦ)
କର୍ଣ୍ଣେ ଶୁଣାଅଛି ସେମାନଙ୍କୁ ଏକା ଦାନେ
(୨ୟ ଛାନ୍ଦ, ୩ୟ ପଦ)
କରି ଗମନରେ ପୁଣି ମହି ଶୋଭାକରି, (୨/୫୮)
ଫେଡ଼ିଲେ କୋମଳ ବାଳ (୪/୬)
କଞ୍ଜ ଖଞ୍ଜନ ଗଞ୍ଜନ ନେତ୍ରାକି କିଧକ ସୁହାଇ ସଧାଇଛି । (୫/୧୮)
ବାଜେ ନୂପୁର ନାଦେ କି ନାଚୁଛନ୍ତି ନର୍ତ୍ତକୀ ଗୁଣେ ଅହଙ୍କାର । (୫/୨୭)

**ନୀଳକଣ୍ଠଙ୍କ ସଙ୍କଳନ-**

ହରନେତ୍ର ପଥ ଗତ ହେଲେ ଏ ଶୋଭାଙ୍ଗୀ (୧ମ ଛାନ୍ଦ, ୨୦ଶ ପଦ)
କର୍ଣ୍ଣେ ଶୁଣାଅଛି ସେମାନଙ୍କୁ ଏକାଦୀନେ (୨/୩)
କରିଜିତ ଗମନରେ ମହି ଶୋଭାକରି (୨/୫୮)
ଫେଡ଼ିଲେ କୁଟିଳ ବାଳ (୪/୬)
କଞ୍ଜନ ଖଞ୍ଜନ ଗଞ୍ଜନ ନେତ୍ରିକୀ ଧକ ସୁହାଇ ସଧାଉଛି । (୫/୧୮)
ବାଦ୍ୟେ ନୂପୁର ନାଦେ କି ନାଚୁଛନ୍ତି ଗୁଣେ ଅଳଙ୍କାର । (୫/୨୭)

ଲାବଣ୍ୟବତୀ କାବ୍ୟର ୨ୟ ଛାନ୍ଦ, ୩ୟ ପଦ —

'ଅଛନ୍ତି ଧନଦ ସମ ଧନବନ୍ତମାନ
କର୍ଣ୍ଣେ ଶୁଣାଅଛି ସେମାନଙ୍କୁ ଏକାଦୀନେ ।'

ଏହାର ଅର୍ଥ କରି ଟୀକାକାର ନୀଳକଣ୍ଠ ଲେଖିଛନ୍ତି- "ଏଠାରେ (ସିଂହଳ ଦ୍ୱୀପରେ) କୁବେରଙ୍କ ପରି ଧନବନ୍ତମାନେ ଅଛନ୍ତି । ସେମାନଙ୍କୁ 'ଦୀନ' ଶବ୍ଦ କେବଳ

Digitized by PPRACHIN, SOA

କାନରେ ଶୁଣାଅଛି ।'' କିନ୍ତୁ 'ପ୍ରାଚୀ ସମିତି' ପ୍ରକାଶିତ ଗ୍ରନ୍ଥରେ 'ସେମାନଙ୍କୁ ଏକା ଦୀନେ' ସ୍ଥାନରେ 'ସମାନକୁ ଏକା ଦାନେ' ପଂକ୍ତିଟି ଗ୍ରହଣ କରାଯାଇ ଥିବାରୁ ଅର୍ଥ ପ୍ରକାଶରେ ବିଭ୍ରାଟ ସୃଷ୍ଟି ହୋଇଛି । ସେହି ଦ୍ୱିତୀୟ ଛାନ୍ଦର ୩୨ଶ ପଦରେ ସିଂହଳର ରାଣୀ ବିଦ୍ୟୁଲତାଙ୍କ ରୂପ ବର୍ଣ୍ଣନା ପ୍ରସଙ୍ଗରେ 'ଦର୍ଭ-ହାସୀ ଶୁଭ୍ରକେଶୀ' ସ୍ଥାନରେ 'ଦର୍ଭହାସୀ ପୀକଭାଷୀ' ଓ ୫୮ତମ ପଦରେ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ବର୍ଣ୍ଣନା ପ୍ରସଙ୍ଗରେ 'କରି ଗମନରେ ପୁଣି' ସ୍ଥାନରେ 'କରି ଜିତ ଗମନରେ' ପାଠାନ୍ତର ଦେଇଥିବାରୁ ନୀଳକଣ୍ଠଙ୍କ ଟୀକାରେ ଅର୍ଥର ଚମତ୍କାରିତା ଅଧିକ ପରିସ୍ଫୁଟ ହୋଇ ପାରିଛି । ସେ ପୁଣି ୫ମ ଛାନ୍ଦ/୧୦ମ ପଦରେ 'ମହାବିବେକୀ' ସ୍ଥାନରେ 'ମହାବିବେକିନୀ' ପାଠାନ୍ତର ଗ୍ରହଣ କରି ବ୍ୟାକରଣଗତ କରି ତ୍ରୁଟି ପରିହାର କରି ପାରିଛନ୍ତି । 'ଲାବଣ୍ୟବତୀ' ୫ମ ଛାନ୍ଦ/୧୮ଶ ପଦରେ ଅଧ୍ୟାପକ ଆର୍ତ୍ତବଲ୍ଲଭ 'କଞ୍ଜ ଖଞ୍ଜନ ଗଞ୍ଜନ ନେତ୍ରୀକି କି ଧକ ସୁହାଇ ସଧାଉଛି' - ଏହି ପାଠ ଗ୍ରହଣ କରି ତାହାର ଅର୍ଥ କରିଛନ୍ତି - 'ପଦ୍ମ ଓ ଖଞ୍ଜନ ପକ୍ଷୀକୁ ଚଞ୍ଚଳତାରେ ତରିସ୍କାର କରୁଛି ଯାହାର ନେତ୍ର ତାକୁ (ଲାବଣ୍ୟବତୀକୁ) ଆୟାସ ସହିବାକୁ କହି ଲୀଳା ଖେଳାରେ ଲଗା ହୋଉଛି । ଟୀକାକାର ଲୋକନାଥ ଦାସ 'କଞ୍ଜନ ଖଞ୍ଜନ ଗଞ୍ଜନ ନେତ୍ରୀକି' ପାଠ ଗ୍ରହଣ କରି ତାହାର ଅର୍ଥ କରିଛନ୍ତି - କାମଦେବ ଓ ଖଞ୍ଜନ ପକ୍ଷୀକୁ ଶୋଭାରେ ଓ ଚଞ୍ଚଳତାରେ ତିରସ୍କାର କରୁଛି ଯେଉଁ ନେତ୍ର ତାକୁ ଲୀଳା ଖେଳାରେ ଲଗା ଯାଉଛି । ପୂର୍ବୋକ୍ତ ଦୁଇ ଅର୍ଥଠାରୁ ନୀଳକଣ୍ଠଙ୍କ ଅର୍ଥ ଅଧିକ ଯୁକ୍ତିଯୁକ୍ତ ମନେ ହୁଏ । ସେ ଲେଖିଛନ୍ତି- କଞ୍ଜନ (କାମଦେବ) ଖଞ୍ଜନ ଗଞ୍ଜନ ନେତ୍ରୀ (କଜ୍ଜଳ ପାତି ଆଖିଠାରୁ ଅଧିକ ସୁନ୍ଦର ଯାହାର ଆଖି)କୁ ଧକ (କ୍ଲାନ୍ତି) ସୁହାଇ ସଧାଉଛି (ସହିବାକୁ ଶିଖାଉଛି) । ମନେ ବିଚାରୁଛି, ଏ କ୍ଲାନ୍ତି ସହି ନାନା ଶୋଭା ଦେଖାଇ ପାରିଲେ ଆଉ ଅସାଧ୍ୟ କଅଣ ଅଛି ?'' (୧୯)

ଏହିପରି ଲାବଣ୍ୟବତୀ କାବ୍ୟର ସମସ୍ତ ୪୮ଗୋଟି ଛାନ୍ଦର ଟୀକାକୁ ତୁଳନାତ୍ମକ ଭାବେ ଅନୁଧ୍ୟାନ କଲେ ପଣ୍ଡିତ ନୀଳକଣ୍ଠଙ୍କ ଟୀକାର ଉତ୍କର୍ଷ ପ୍ରମାଣିତ ହୋଇ ପାରିବ । କିନ୍ତୁ ଟୀକା ପ୍ରସ୍ତୁତିକୁ ଉଚ୍ଚକୋଟୀର ସାହିତ୍ୟିକ ସାଧନା ଭାବେ ବିଚାର କରି ନ ଥିବାରୁ ସେ ତାଙ୍କ ଟୀକା ଗ୍ରନ୍ଥଟିର ପ୍ରକାଶନ କରି ନଥିଲେ । ଗାନ୍ଧିଜୀଙ୍କ 'ଗୀତା'ର ଟୀକା ପାଠକରି ସେ ରାଜେନ୍ଦ୍ର ପ୍ରସାଦକୁ କହିଥିଲେ- ''ଏ 'ଗୀତା' ପରେ ଆଉ କ'ଣ 'ବ୍ରହ୍ମସୂତ୍ର' ଓ 'ଉପନିଷଦ'ର ଟୀକା କରି ଗାନ୍ଧି 'ପ୍ରସ୍ଥାନ ତ୍ରୈ' ଧରି ନୂଆମତ ପ୍ରଚାର କରିବେ କି ? ତାଙ୍କୁ ମନାକର, ସେ ଏପରି ନକରନ୍ତୁ ।'' (୨୦)

Digitized by PPRACHIN, SOA

ନୀଳକଣ୍ଠଙ୍କ ପରି ଅସାଧାରଣ ପଣ୍ଡିତ 'ଟୀକାକାର' ଆଖ୍ୟାକୁ ନ୍ୟୁନ ବୋଧ କରିବା ସ୍ୱାଭାବିକ ଏବଂ ତାହାହିଁ ତାଙ୍କ ଜୀବଦ୍ଦଶାରେ 'ଲାବଣ୍ୟବତୀ' ଟୀକାଗ୍ରନ୍ଥ ଅପ୍ରକାଶନର ମୁଖ୍ୟ କାରଣ ଥିଲା । କିନ୍ତୁ ଯେଉଁ ସମୟରେ ଓଡ଼ିଆ ସାହିତ୍ୟଲୋଚନାର ପ୍ରସାର ଘଟିନଥିଲା; 'ପ୍ରାଚୀ' ସଂପାଦିତ 'ଲାବଣ୍ୟବତୀ' ପ୍ରକାଶିତ ହୋଇନଥିଲା, ସେ ସମୟରେ ନୀଳକଣ୍ଠଙ୍କ ଦ୍ୱାରା ପ୍ରସ୍ତୁତ ଟୀକା ଓ ବ୍ୟାଖ୍ୟା ପ୍ରକାଶ ପାଇଥିଲେ ତାହା ନିଶ୍ଚିତ ଭାବେ ସୁଧୀ ପାଠକ ସମାଜ ଦ୍ୱାରା ଆଦୃତ ହୋଇଥାଆନ୍ତା ।

ବ୍ୟାଖ୍ୟାକାର ଭାବରେ ହେଉ ବା କାବ୍ୟାଲୋଚକ ଭାବରେ ହେଉ, ପଣ୍ଡିତ ନୀଳକଣ୍ଠ ଯେ ଭଞ୍ଜ କବିଙ୍କ ସାହିତ୍ୟର ଜଣେ ନିଷ୍ଠାପର ପ୍ରଚାରକ ଏଥିରେ ସନ୍ଦେହ ନାହିଁ । ଭଞ୍ଜ କବିଙ୍କ ରଚନାରେ ଜାତୀୟ ଚରିତ୍ର ଗଠନ ମୂଳକ ପ୍ରୟାସକୁ ଦେଖି ଦେଖାଇବାରେ ସେ ହେଉଛନ୍ତି ପ୍ରଥମ ଦିବ୍ୟ ଦ୍ରଷ୍ଟା ସମାଲୋଚକ । କବି ସମ୍ରାଟଙ୍କ କାବ୍ୟ ପ୍ରତିଭାର ବିଶ୍ଳେଷଣାତ୍ମକ ଆଲୋଚନା କରିବା ପାଇଁ ନୀଳକଣ୍ଠହିଁ ଥିଲେ ଉପଯୁକ୍ତ ପ୍ରତିଭାବାନ୍ ସମାଲୋଚକ ।

---

**ପାଦଟୀକା :**

(୧) ଭଞ୍ଜ ଭୂମିକା — ପୃଷ୍ଠା ୫୫୯ ଦ୍ରଷ୍ଟବ୍ୟ ।

(୨) ନୀଳକଣ୍ଠଙ୍କ ରଚିତ 'ଲାବଣ୍ୟବତୀ' ଶୀର୍ଷକ ସମାଲୋଚନାଟି ସତ୍ୟବାଦୀ ୧ମ ଭାଗ/୮ମ-୯ମ ସଂଖ୍ୟା, ୧୦ମ-୧୧ଶ ସଂଖ୍ୟା, ୧୨ଶ ସଂଖ୍ୟା ଏବଂ ୨ୟ ଭାଗ/୧ମ-୨ୟ ଓ ୩ୟ-୪ର୍ଥ ସଂଖ୍ୟାରେ ପ୍ରକାଶିତ ପାଇଥିଲା ।

(୩) 'ଲାବଣ୍ୟବତୀ' — ସତ୍ୟବାଦୀ - ୧ମ ଭାଗ/୧୦ମ-୧୧ଶ ସଂଖ୍ୟା - ପୃଷ୍ଠା - ୩୪୧ ଦ୍ରଷ୍ଟବ୍ୟ ।

(୪) ସତ୍ୟବାଦୀ — ୧ମ ଭାଗ/୧୦ମ-୧୧ଶ ସଂଖ୍ୟା - ପୃଷ୍ଠା - ୩୪୧ ଦ୍ରଷ୍ଟବ୍ୟ ।

(୫) ତତ୍ରୈବ ।

(୬) ସତ୍ୟବାଦୀ - ୨ୟ ଭାଗ/୩ୟ-୪ର୍ଥ ସଂଖ୍ୟା - ପୃଷ୍ଠା-୧୧୨

(୭) ଏ ସମସ୍ତ ଯୁକ୍ତି 'ସତ୍ୟବାଦୀ' - ୨ୟ ଭାଗ/୩ୟ-୪ର୍ଥ ସଂଖ୍ୟାରେ ଦ୍ରଷ୍ଟବ୍ୟ ।

(୮) ସତ୍ୟବାଦୀ - ୧ମ ଭାଗ/୧୦ମ-୧୧ଶ ସଂଖ୍ୟା - ୩୪୩ ପୃଷ୍ଠା
ଆଲୋଚକଙ୍କ ଏହି ମତ ସହ ପଣ୍ଡିତ ଗୋପବନ୍ଧୁଙ୍କ 'ଉପେନ୍ଦ୍ର ଭଞ୍ଜ' କବିତାର
''ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା

Digitized by PPRACHIN, SOA

ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା

ନୃତ୍ୟ ରଙ୍ଗେ ବରାଙ୍ଗନା''

- ଏ ପଦଟି ମିଳାଇ ଦେଖିଲେ ଭଞ୍ଜ କବିଙ୍କ ରଚନାରେ ଛାନ୍ଦ ଉପଯୋଗିତା ସହଜରେ ଅନୁମିତ ହୁଏ ।

(୯) ଚତୁର୍ଦ୍ଦଶ ବାର୍ଷିକ ଭଞ୍ଜ ଜୟନ୍ତୀ ସପ୍ତାହ-ଉପଦେଷ୍ଟା ସମିତିର ଅଧ୍ୟକ୍ଷ ପଣ୍ଡିତ ନୀଳକଣ୍ଠଙ୍କ ଅଭିଭାଷଣ - ପୃ - ୨୯

(୧୦) ସତ୍ୟବାଦୀ - ୨ୟ ବର୍ଷ/୧ମ-୨ୟ ସଂଖ୍ୟା - ପୃଷ୍ଠା ୨୭

(୧୧) ସତ୍ୟବାଦୀ - ୧ମ ବର୍ଷ/୮ମ ୯ମ ସଂଖ୍ୟା - ପୃଷ୍ଠା ୨୭୪

(୧୨) ଭଞ୍ଜ ଭୂମିକା - ପୃଷ୍ଠା ୫୬୬

(୧୩) ସତ୍ୟବାଦୀ - ୨ୟ ବର୍ଷ/୧ମ - ୨ୟ ସଂଖ୍ୟା - ପୃଷ୍ଠା - ୩୦

(୧୪) ଓଡିଆ ସାହିତ୍ୟର କ୍ରମପରିଣାମ - ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ ପୃଷ୍ଠା - ୩୯୫

(୧୫) ଚତୁର୍ଦ୍ଦଶ ବାର୍ଷିକ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀ ସପ୍ତାହରେ ଉପଦେଷ୍ଟା ସମିତି ଅଧ୍ୟକ୍ଷ ନୀଳକଣ୍ଠଙ୍କ ଅଭିଭାଷଣ ତା ୧୬-୫ - ୧୯୫୭

(୧୬) 'ଓଡିଆ ଭାଷା ଓ ସାହିତ୍ୟ' - ଡକ୍ଟର ମାୟାଧର ମାନସିଂହ - ଝଙ୍କାର - ୧୧ଶ ବର୍ଷ/୩ୟ ସଂଖ୍ୟା, ମିଥୁନ ୧୩୬୬ ସାଲ - ପୃଷ୍ଠା- ୩୫୯-୬୦ ।

(୧୭) ନୀଳକଣ୍ଠଙ୍କ ପ୍ରାରମ୍ଭିକ ଗଦ୍ୟ ରଚନା - 'ନୀଳକଣ୍ଠ ସ୍ମରଣିକା' - ପୃ-୯୨

(୧୮) ଲାବଣ୍ୟବତୀ - ନୀଳକଣ୍ଠ ଦାସଙ୍କ ପାଦଟୀକା - ୧ମ ଛାନ୍ଦ/୧ମ ପଦ

(୧୯) ନୀଳକଣ୍ଠଙ୍କ ଲାବଣ୍ୟବତୀ ଟୀକା - ୫ମ ଛାନ୍ଦ/୧୮ ପଦ ଦ୍ରଷ୍ଟବ୍ୟ

(୨୦) ଆତ୍ମ ଜୀବନୀ - ନୀଳକଣ୍ଠ ଦାସ - ପୃଷ୍ଠା ୧୭୬

Digitized by PPRACHIN, SOA

# 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' : ଏକ ଅଧ୍ୟୟନ

ଭାରତର ସ୍ୱାଧୀନତା ପ୍ରାପ୍ତିପରେ ଦେଶର ବଳିଷ୍ଠ ନେତୃତ୍ୱ ନେବାପାଇଁ ସମସ୍ତ ଅବଦାନ ଥାଇ ମଧ୍ୟ ପଣ୍ଡିତ ନୀଳକଣ୍ଠଙ୍କ ରାଜନୀତିକ ଜୀବନରେ ଶିଥିଳତା ଦେଖା ଦେଲାବେଳେ ତାଙ୍କ ଅମର ଲେଖନୀରୁ ପ୍ରକାଶ ଲାଭ କରିଥିଲା- ''ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ ।'' (୧) ଓଡ଼ିଆ ସାହିତ୍ୟ ତଥା ସଂସ୍କୃତିର ଆଲୋଚନାମୂଳକ ଏହି ଗ୍ରନ୍ଥ ପ୍ରକାଶ ପାଇବା ମାତ୍ରେ ଓଡ଼ିଆ ସାହିତ୍ୟର ସମାଲୋଚନା କ୍ଷେତ୍ରରେ ଏକ 'ଚମକ' ସୃଷ୍ଟି ହୋଇଥିଲା । ନୀଳକଣ୍ଠଙ୍କ ଉକ୍ତି ଅନୁଯାୟୀ, ଏହି 'ଚମକ' ଯଦି ସାହିତ୍ୟର ପ୍ରାଣ ହୁଏ, ତେବେ ସ୍ୱୀକାର କରିବାକୁ ହେବ ଯେ, ଆଲୋଚ୍ୟ ଗ୍ରନ୍ଥଟି ତାଙ୍କ ସାହିତ୍ୟିକ ଜୀବନର ଶ୍ରେଷ୍ଠ ନିର୍ଯ୍ୟାସ । ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁ ଏହି ଗ୍ରନ୍ଥର ପ୍ରଥମ ଭାଗ ପାଠ କରିବା ପରେ ଅପୂର୍ବ ଭାବୋଲ୍ଲାସର ତାଡନାରେ ଲେଖକ ନୀଳକଣ୍ଠଙ୍କୁ କବିତା ମାଧ୍ୟମରେ ଏକ ଚିଠି ଲେଖିଥିଲେ । ତତ୍‌କାଳୀନ ପାଠକ ଗୋଷ୍ଠୀଙ୍କ ଚିତ୍ତରେ 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' କିଭଳି ଆଲୋଡନ ସୃଷ୍ଟି କରିଥିଲା ତାହା ଉକ୍ତ କବିତାରୁ ଅନୁମିତ ହେବ -

''ଦେବ ! ଋଷି ! ଦୁର୍ବାସା ! ତପସ୍ୱୀ
ସାଧକ ! ଦମ୍ଭୀ ! ବୀର ! ଜ୍ଞାନୀ !
ନମସ୍କାର ।
ଆପଣଙ୍କୁ ସ୍ତୁତି କରିବା ପାଇଁ ନୁହେଁ
ଏ କବିତାର ଆବିଷ୍କାର ।
ମର୍ମରୁ ଉଚ୍ଛ୍ୱାସି ଉଠିଲା ଏହା ଆପଣା ଛାଏଁ ।
'ପତିତପାବନ' କହିବି ନାହିଁ ଆପଣଙ୍କୁ ।
ମନା କରିଛନ୍ତି କହିବାକୁ ଏପରିକି ଜଗନ୍ନାଥଙ୍କୁ ।
ଓଡ଼ିଆର ସରଣି ଧରି ଦେଖାଇଛନ୍ତି ଆମକୁ
କେତେ କଥା ।
'ଆପଣ ପତିତପାବନ' - ନା, ନା, କହିବି ନାହିଁ ସେ କଥା ।
ଓଡ଼ିଆ ଜାତିର ମହତ୍ତ୍ୱ ହଜାଇ ଦେଇଛୁଁ ଆମ୍ଭେ

Digitized by PPRACHIN, SOA

ମୂର୍ଖତାରେ ଭରି ।
ଓଡ଼ିଆର ଏତେ ଗୌରବ ଏତେ ବଳ
ଏତେ ବିକାଶ ସୌରଭ
କିଛି କି ଆମ ପ୍ରାଣେ ନଥିଲା ଭରି ?
ସବୁ ଭୁଲୁଥିଲୁ ଭୁଲାଉଥିଲେ ଅନ୍ୟେ ଯେପରି ।
ମେଣ୍ଢା ଆମେ, ଗୌରବ ନାଇ, ନ ଥିଲା କିଛି ଆମର ସେପରି ।
ଆଜି 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ପୁସ୍ତକେ ଆପଣ
ଦେଖାଇଲେ ଯେଉଁ ଜ୍ଞାନ
ଅଜ୍ଞାନ ତିମିର ଗଲା ଆମର
ତାହା ଆହୁରି ଯାଉ ଆମର ଚାଲି ।
ନୀଳକଣ୍ଠ । ବିଷକଣ୍ଠ ।
ବିଷ ଉଦ୍‌ଗାରିଛନ୍ତି ଜାତିର ହିତ ପାଇଁ
ଏ ଜାତିକୁ ଚେତନାଦୀପ୍ତ କରିବା ପାଇଁ ।'' ଇତ୍ୟାଦି..... (୨)

'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥ ରଚନାରେ ନୀଳକଣ୍ଠଙ୍କ ଉଦ୍ଦେଶ୍ୟ ଥିଲା, ବିଶ୍ୱ ସମାଜର ପ୍ରଗତିରେ ଓଡ଼ିଆ ବ୍ୟକ୍ତିତ୍ୱର ବିକାଶ ଦର୍ଶାଇବା । ତେଣୁ ଗ୍ରନ୍ଥର ବିଷୟ ନିର୍ଦ୍ଦେଶ କରି ସେ ଲେଖିଛନ୍ତି- ''ସାହିତ୍ୟକୁ ଧରି ଗୋଷ୍ଠୀର ଯେଉଁ ବିକାଶ ସେଇ ଏକା ମାନବ ସମାଜର ଶ୍ରେଷ୍ଠ ବିକାଶ । 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ'ରେ ଆମକୁ ଭାରତୀୟ ତଥା ବିଶ୍ୱସମାଜର ପ୍ରଗତିରେ ଓଡ଼ିଆର ସେଇ ଗୋଷ୍ଠୀ ବିକାଶ ବା ବ୍ୟକ୍ତିତ୍ୱ ପ୍ରତିଷ୍ଠା ଓ ଗତି ଫେଡି ଦେଖାଇବାକୁ ହେବ ।'' (୩)

### ଭାଷା ଓ ସାହିତ୍ୟ ହିଁ ସମାଜ-ପ୍ରଗତିର ମୂଳଭିତ୍ତି :

ପଣ୍ଡିତ ନୀଳକଣ୍ଠ ପ୍ରଥମ କରି ଆମ ସମାଜର ଚଳଣି ସହ ସାହିତ୍ୟକୁ ଓତଃପ୍ରୋତ ଭାବେ ଜଡିତ କରି ସେଇଥିରୁ ଓଡିଆ ସଭ୍ୟତାର ବିକାଶ ଭିତରେ ସାହିତ୍ୟର ଅସଲ ରୂପଟିକୁ ପାଠକଙ୍କ ସମ୍ମୁଖରେ ଉପସ୍ଥାପନ କରିବାରେ ସମର୍ଥ ହେଲେ । ଏ ଦୃଷ୍ଟିରୁ ସେ ଯଥାର୍ଥରେ ଓଡିଆ ସାହିତ୍ୟର ଆଦି-ସମୀକ୍ଷକ । ତାଙ୍କ ଯୁକ୍ତିରେ ''ସମାଜ-ବିକାଶର ପ୍ରକାଶ ହେଉଚି ସାହିତ୍ୟ ।'' (୪) ସାହିତ୍ୟର ଏହି ସଂଜ୍ଞାକୁ ଅନ୍ୟତ୍ର ଆଉ ଟିକିଏ ବିଶ୍ଳେଷଣ କରି ଲେଖକ କହିଛନ୍ତି- ''ମାନବର ଅନ୍ୟ ସହିତ ସମ୍ପର୍କରେ ସମାଜର ବିକାଶ । ଏହି ସମାଜ ବା 'ସାହିତ୍ୟର ବିକାଶ ଯହିଁରେ

Digitized by PPRACHIN, SOA

ପ୍ରତିଫଳିତ ହୁଏ, ଅନ୍ୟ ସହ ବ୍ୟବହାରାଦିରେ ମାନବର ଇତି ବା ଗତି ଯହିଁରେ ପ୍ରକାଶ ପାଏ, ତାହା 'ସାହିତ୍ୟ' ।'' (୫)

ଭାଷାରେ ଭାବ ପ୍ରକାଶ ପାଇ ସାହିତ୍ୟର ସୃଷ୍ଟି ହୁଏ । ସାହିତ୍ୟରେ ସମାଜର ପ୍ରତିଚ୍ଛବି ନିହିତ । ତେଣୁ ସାହିତ୍ୟ ପରି ଭାଷା ମଧ୍ୟ ସମାଜ ପ୍ରଗତିର ମୂଳଭିତ୍ତି । ନିର୍ଦ୍ଦିଷ୍ଟ ଭୂମିଖଣ୍ଡରେ ପ୍ରଚଳିତ ଭାଷା ଓ ସାହିତ୍ୟକୁ ମୂଳକରି ମାନବ ସମାଜର ବିକାଶ ସ୍ୱାଭାବିକ ଧାରାରେ ଘଟିଥାଏ । ତେଣୁ ସାହିତ୍ୟର କ୍ରମିକ ଗତି ଦର୍ଶାଇବା ସମୟରେ 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥରେ ଓଡ଼ିଆ ଭାଷାର ଆଲୋଚନା କରିବାକୁ ନୀଳକଣ୍ଠ ଭୁଲି ନାହାନ୍ତି ।

ବିଶ୍ୱପ୍ରକାଶର ଶୃଙ୍ଖଳା ହେଉଛି, ଏକରେ ବହୁ ଓ ବହୁରେ ଏକ । ଅର୍ଥାତ୍ ସମସ୍ତେ ସମଷ୍ଟିରେ ଏକ ପୁଣି ବ୍ୟଷ୍ଟିରେ ଅଲଗା । ଆମ ସାହିତ୍ୟର ବିକାଶ ଦର୍ଶାଇବା ଅନ୍ତରାଳରେ ଏହି ବ୍ୟକ୍ତି ସଂହତିର ବିକାଶ ମଧ୍ୟ ଲେଖକଙ୍କ ଆଲୋଚନା ପରିସରର ଅନ୍ତର୍ଭୁକ୍ତ ହୋଇଅଛି ।

**ଚାହାଣି,ଚଳଣି ଓ ଚମକ :**

ନୀଳକଣ୍ଠ ବିଚାରରେ-ଚାହାଣି - ଚଳଣି ଓ ଚମକ - ଏଇ ତିନିଗୋଟିରେ ସମାଜର ସଂସ୍କୃତି ପ୍ରକାଶ ପାଏ । ଚାହାଣିରେ ସମାଜର ଦର୍ଶନ ଓ ଦୃଷ୍ଟି ଭଙ୍ଗୀ ଏବଂ ଚଳଣିରେ ସମାଜର ଆଦାନ-ପ୍ରଦାନ ତଥା ସମସ୍ତ ବ୍ୟବହାର ପ୍ରକାଶିତ ହୁଏ । ଚାହାଣି ଓ ଚଳଣି ହେଉଛି ସାହିତ୍ୟର ଶରୀର ତଥା ଆଙ୍ଗିକ ବ୍ୟବହାର । କିନ୍ତୁ ଚମକ-ସଂକେତର ଆକସ୍ମିକତା ତଥା ଭାବସ୍ଫୁରଣ ହେଇଥିବାରୁ ଏହା ସାହିତ୍ୟର ପ୍ରାଣ ବୋଲି ଆଲୋଚକ ନୀଳକଣ୍ଠ ମତ ଦିଅନ୍ତି । ଏହି ଚାହାଣି, ଚଳଣି ଓ ଚମକକୁ ସେ ଅନ୍ୟତ୍ର ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି ନାମରେ ଅଭିହିତ କରିଛନ୍ତି-''ସାହିତ୍ୟରେ ସମାଜର ଯେଉଁ ବ୍ୟକ୍ତିତ୍ୱଟି ପ୍ରକାଶିତ ହୁଏ,ତାକୁ ସାଧାରଣ କଥାରେ କହନ୍ତି-'ବିଦ୍ୟା' । ବିଦ୍ୟାବନ୍ତ ଲୋକ ସମାଜର ପରିଚାୟକ ତଥା ନିୟାମକ । ଏଇ.ବିଦ୍ୟାରେ ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି କ୍ରିୟାରେ ପ୍ରକାଶ ପାଏ । ପ୍ରକାଶରେ ପରମ୍ପରାର ଭିତ୍ତି ସଙ୍ଗେ ପରିସ୍ଥିତିର ସଙ୍ଗତି । ପରମ୍ପରା ହିଁ ପୁଣି ପରିସ୍ଥିତିକୁ ପ୍ରଭାବିତ କରେ ଓ ଆଦର୍ଶ ବା ଯଥାର୍ଥ ବିଦ୍ୟାର ପୁରୋଦୃଷ୍ଟିରେ ସେହି ପରିସ୍ଥିତି ନିୟମିତ ହୁଏ ।''(୬)

**ଓଡ଼ିଆ ସାହିତ୍ୟର ଅନ୍ତରାଳରେ ଓଡିଆ ବ୍ୟକ୍ତିତ୍ୱର ଅନୁସନ୍ଧାନ :**

ସମାଲୋଚକ ନୀଳକଣ୍ଠ କହନ୍ତି, ଓଡ଼ିଆ ସାହିତ୍ୟର କ୍ରମ-ବିକାଶ କହିଲେ କେବଳ କେତେଗୁଡିଏ ଲେଖାର କ୍ରମସୂଚୀ ନୁହେଁ । ତେଣୁ ଏହି ଲେଖା ମଧ୍ୟରେ

Digitized by PPRACHIN, SOA

କିପରି ଆଦିମ କାଳରୁ ଓଡ଼ିଆର ବ୍ୟକ୍ତିତ୍ୱ ଓ ପ୍ରାଣ ଫୁଟି ଆସିଛି, ତାକୁ ଖୋଜି ବାହାର କରିବା ପାଇଁ ଆଲୋଚ୍ୟ ଗ୍ରନ୍ଥରେ ସେ ଚେଷ୍ଟା କରିଛନ୍ତି । ପୁଣି ଧାରାବାହିକ ସଭ୍ୟତାର ବିକାଶ ଭିତରେ ଓଡ଼ିଆ ସାହିତ୍ୟର ସ୍ୱରୂପ ଏବଂ ନାନା ଆଘାତ ଓ ସଂଘର୍ଷ ଭିତରେ ସେଇ ସ୍ୱରୂପର ବିକାଶ ତାଙ୍କ ଆଲୋଚନାର ପରିସରଭୁକ୍ତ ହୋଇଅଛି ।

ଆଲୋଚନା ସଂପୂର୍ଣ୍ଣ ହୋଇପାରି ନାହିଁ:

'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥର ପ୍ରଥମ ଭାଗର 'ଭୂମିକା'ରେ ଆଲୋଚକ ନୀଳକଣ୍ଠ ସୂଚନା ଦେଇଥିଲେ, ଦ୍ୱିତୀୟଭାଗ ପରିଣାମରେ ଗତି ନାମରେ ପ୍ରକାଶ ପାଇବ । କିନ୍ତୁ ଏହି ଗତି ଦର୍ଶାଇବା ଲାଗି ସେ ଓଡ଼ିଆ ସାହିତ୍ୟରେ ବିଶେଷ କିଛି ଉପାଦାନ ପାଇ ନ ଥିଲେ । ଫଳରେ ଓଡ଼ିଆ ସଂସ୍କୃତିର ମୂଳ ଇତିହାସ ଦର୍ଶାଇ ତା'ର ପରିଣାମରେ ଗତି ବିଚାର କରିବା ତାଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । (୭)

ନୀଳକଣ୍ଠଙ୍କ ବିଚାରରେ ପରିଣାମରେ ଗତି ଦେଖିବା ପାଇଁ ସଂସ୍କୃତିର ପୀଠ ସଙ୍ଗେ ସଙ୍ଗତିକୁ କଳ୍ପନାରେ ଆଣିବାକୁ ହେବ । ସେଥିପାଇଁ ଆଲୋଚ୍ୟ ଗ୍ରନ୍ଥର ଦ୍ୱିତୀୟ ଭାଗରେ ଲେଖକ ଓଡ଼ିଆ ସଂସ୍କୃତିର ପୀଠ ଓ ସାହିତ୍ୟରେ ତାହାର ପ୍ରକାଶ ଦର୍ଶାଇବା ଲାଗି ଯଥୋଚିତ ଉଦ୍ୟମ କରିଛନ୍ତି ଏବଂ ପରବର୍ତ୍ତୀ ସାହିତ୍ୟସାଧକମାନଙ୍କୁ ସେହି ରୀତି ଅନୁସରଣ ଲାଗି ପ୍ରେରଣା ଯୋଗାଇଛନ୍ତି । (୮)

ଆଲୋଚକ ନୀଳକଣ୍ଠ କହନ୍ତି, ଆଗ ଓଡ଼ିଆ ସାହିତ୍ୟର ମୂଳ ପ୍ରକୃତି ଓ ପରିଣାମ ଧାରା ଠିକ୍ ନ କରି 'ବଜାର ବୋଲି' ଉପେନ୍ଦ୍ର ଭଞ୍ଜଙ୍କର କି ନୁହେଁ, 'ଅନ୍ଧକାର ବୋଲି' ଦୀନକୃଷ୍ଣଙ୍କର କି ନୁହେଁ ଆଦି ବାକ୍-ବିତଣ୍ଡା ନିଷ୍ଫଳ ହେବ । ଜୀବ-ଅଜୀବର ତତ୍ତ୍ୱ ସମାଧାନର ଯେଉଁ ଦର୍ଶନ ମାନବ-ଚଳଣିକୁ ପ୍ରଭାବିତ କରେ ତାହା ହିଁ ଓଡିଆ ସାହିତ୍ୟ ଓ ସଂସ୍କୃତିର ଅସ୍ଥିମଜ୍ଜା । ସେଇ ଦର୍ଶନ ସାହାଯ୍ୟରେ ଆମ ସାହିତ୍ୟର ପରିଣାମର ଗତି ଫିଟାଇ ପାରିଲେ ହିଁ ଆଲୋଚନା ପ୍ରାଣବନ୍ତ ହୋଇପାରିବ ଏବଂ ପୃଥିବୀର ସଂଘର୍ଷର ସମାଧାନରେ ଓଡିଆ ବାଟ ଦେଖାଇ ପାରିବ - ଏଇ ବିଶ୍ୱାସ ନେଇ ନୀଳକଣ୍ଠ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ଗ୍ରନ୍ଥର ଚାରିଗୋଟି ଭାଗ ଲେଖିବା ପାଇଁ କଳ୍ପନା କରିଥିଲେ । "ଏ ଦୁଇଟି ପାଇଁ ଆଉ ଦୁଇଟି ଭାଗ ଲେଖିବାର କଳ୍ପନା ଅଛି । ଏହା ପରଭାଗଟି ସେଥିପାଇଁ ହେବ "ପୃଥିବୀର ଧର୍ମ ଓ ତହିଁରେ ଜଗନ୍ନାଥ ଧର୍ମର ଗତି ଓ ପରିଣତି । ତା'ପରେ ସେଇ ଦୃଷ୍ଟିରେ ଲିଖିତ ଶିଳ୍ପାଦିର ସ୍ତରମାନଙ୍କର ଆଲୋଚନା ।" (୯)

Digitized by PPRACHIN, SOA

ମାତ୍ର ଲେଖକଙ୍କର ଏହି କଳ୍ପନା ବାସ୍ତବରେ ପରିଣତ ହୋଇ ପାରିଲା ନାହିଁ । ବହୁମୁଖୀ କାର୍ଯ୍ୟ ପରିସର ମଧ୍ୟରେ ଆଲୋଚ୍ୟ ଗ୍ରନ୍ଥର ଆଉ ଦୁଇଟି ଭାଗ ଲେଖିବା ପାଇଁ ତାଙ୍କୁ ଅବସର ମିଳିଲା ନାହିଁ ।

**ଓଡ଼ିଆ ସାହିତ୍ୟ-ସୌଧର ମୂଳଦୁଆ:**

ସୁସଭ୍ୟ କଳିଙ୍ଗଜାତିର ପ୍ରଭାବରେ ଆଦି ଉତ୍କଳ (ଉକ୍‌କଳ) ଓ ଶବରମାନେ ଉପକୂଳବର୍ତ୍ତୀ ଅଞ୍ଚଳ ଛାଡ଼ି ଦୂର ବଣ ଜଙ୍ଗଲରେ ଆଶ୍ରୟ ନେଲେ । ଯେଉଁମାନେ ରହିଲେ ସେମାନେ କଳିଙ୍ଗ ସଙ୍ଗେ ମିଶି ଯାଇଥିଲେ । ତେଣୁ ବୁଦ୍ଧଙ୍କ ସମୟକୁ କଳିଙ୍ଗ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଉକ୍‌କଳମାନେ ଛୋଟନାଗପୁର ଓ ପଶ୍ଚିମ ବଙ୍ଗର ଆସେନ୍‌ସୋଲ, ବୀରଭୂମି ପ୍ରଭୃତି ଅଞ୍ଚଳକୁ ଚାଲି ଯାଇଥିଲେ ଏବଂ ଶବରମାନେ ଝାଡ଼ଖଣ୍ଡ ଓ ଦକ୍ଷିଣ କୋଶଳରେ ବସତି ସ୍ଥାପନ କଲେ । ଓଡ଼୍ରମାନେ ଶବରଭୂମି ବାଟେ କଳିଙ୍ଗକୁ ଆସି ଉଭୟ ଶବର ଓ କଳିଙ୍ଗ ସଭ୍ୟତାକୁ ନିଜର କରିନେଲେ । 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥରେ ଆଲୋଚକ ନୀଳକଣ୍ଠ କହନ୍ତି- ଏଇ ଉକ୍‌କଳ, ଓଡ଼୍ର, ଶବର ଓ କଳିଙ୍ଗମାନଙ୍କ ସଭ୍ୟତା, ଆଦାନ-ପ୍ରଦାନ ଫଳରେ ଏକୀଭୂତ ହୋଇ, ଗୋଟିଏ ସଭ୍ୟତା ଓ ସାହିତ୍ୟରେ ପରିଣତ ହେବାରୁ ଓଡ଼ିଆ ସାହିତ୍ୟ ଓ ସଭ୍ୟତାର ମୂଳଭିତ୍ତି ସ୍ଥାପିତ ହେଲା । (୧୦)

**ଓଡ଼ିଆ ସଭ୍ୟତାରେ ଆହରଣ:**

ମଧ୍ୟ-କଳିଙ୍ଗ ସଭ୍ୟତାର ବିଶାଳତା, ବଳିଷ୍ଠତା ଓ ଆହରଣ ପଟୁତା ହିଁ ଓଡ଼ିଆ ସଭ୍ୟତା ତଥା ସାହିତ୍ୟର ମେରୁଦଣ୍ଡ । ପୃଥିବୀର ଅନ୍ୟ କୌଣସି ସଭ୍ୟତାରେ ଏପରି ସମନ୍ୱୟ, ଧର୍ମ ଓ ଆହରଣରେ ଏପରି ଉଦାରଭାବ ପରିଲକ୍ଷିତ ହୁଏ ନାହିଁ - ଏହି ମତବ୍ୟକ୍ତ କରି ନୀଳକଣ୍ଠ କହନ୍ତି, ଆହରଣ ହିଁ ଜୀବନର ଲକ୍ଷଣ, ତେଣୁ ଯେଉଁ ସଭ୍ୟତା ଯେତିକି ଆହରଣପଟୁ ସେ ସଭ୍ୟତା ସେତିକି ଜୀବନ୍ତ ଓ ବିକାଶମୁଖୀ । କିନ୍ତୁ ଏଇ ଆହରଣ ଓ ନର୍ବାଚନ ବିଷୟରେ ପାଠକଙ୍କୁ ସଚେତନ କରାଇ ସେ ଲେଖିଛନ୍ତି - "ଦେହରେ ଖାଦ୍ୟ ବୋଳିହେଲେ ଦେହ ବଢ଼େ ନାଇ । ଖାଦ୍ୟର ଆହରଣରେ ଦେହକୁ ବଢ଼ାଇବାକୁ ହୁଏ । ଆହରଣରେ ପୁଣି ଯା'ଛାତା ଖାଆନ୍ତି ନାଇ । ଯାହା ହଜମ ହୋଇ ଦେହରେ ଲାଗେ ତାକୁଇ ଖାଆନ୍ତି । ଏଇଠାରେ ଆହରଣରେ ନିର୍ବାଚନ । ଏଇ ଆହରଣ ଓ ଏଇ ନିର୍ବାଚନ ଇ ଜୀବନ ଓ ବ୍ୟକ୍ତିତ୍ୱର ଲକ୍ଷଣ, ଏଥିରେ ଶ୍ରୀବୃଦ୍ଧି ହୁଏ ।" (୧୧) ସଭ୍ୟତା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ । ଯେଉଁ ଚଳଣି ସଭ୍ୟତା ତଥା ସାହିତ୍ୟକୁ ରୁଚିବନ୍ତ ଓ ବିକାଶୋନ୍ମୁଖ କରେ ତାହାହିଁ ଆହରଣଯୋଗ୍ୟ ।

Digitized by PPRACHIN, SOA

**ଓଡ଼ିଆ ଭାଷା ଓ ସାହିତ୍ୟର ଆହରଣରେ ସ୍ୱକୀୟତା:**

ଅନ୍ୟାନ୍ୟ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ପରି ଓଡ଼ିଆ ଭାଷାର ଉତ୍ସ ସଂସ୍କୃତ ହେଲେ ହେଁ, ଆଦିବାସୀ ଶବର ଓ ଅସୁରମାନଙ୍କ ଭାଷାର ପ୍ରଭାବକୁ ଓଡ଼ିଆ ଅସ୍ୱୀକାର କରିନାହିଁ । ବରଂ ସଂସ୍କୃତ ଶବ୍ଦ ସହ ଶାବର ଓ ଅସୁର ଶବ୍ଦ କ୍ଷୀର ନୀର ପରି ମିଶାଇ ଦେଇ ଓଡ଼ିଆ ନିଜ ଭାଷାର ସ୍ୱକୀୟତା ରକ୍ଷାକରି ପାରିଛି । ଏହାର ଉଦାହରଣ ସ୍ୱରୂପ ଆଲୋଚକ ଦର୍ଶାଇଛନ୍ତି 'ରଇରୁଦ୍ରଖରା' - ଏଇ ପଦରେ ଶାବର ଶବ୍ଦ 'ରଇ' ଅର୍ଥାତ୍ ଚିତାଗ୍ନିସହ ସଂସ୍କୃତ ତଥା ଆସୁର ଶବ୍ଦ 'ରୁଦ୍ର' ମିଶି ଖରାର ଭୀଷଣତା ପ୍ରକାଶ କରାଯାଇଛି । ସେ ପୁଣି କହନ୍ତି, ତାମିଲ କୋ-ଇଲି ସହ ସଂସ୍କୃତ 'ବୈକୁଣ୍ଠ' ଶବ୍ଦର ମିଶ୍ରଣରେ କୋଇଲି ବୈକୁଣ୍ଠ ପଦର ସୃଷ୍ଟି ହୋଇଛି । 'କୋଇଲି'ର ତାମିଲ ଅର୍ଥ - ଦେହ ବା ଗୃହ ବା ଦେଉଳ ଏବଂ 'ବୈକୁଣ୍ଠ'ର ଅର୍ଥ- ଯେଉଁଠି କୁଣ୍ଠା ବା ଘୃଣା ବା ନାକଟେକା ନାହିଁ । (୧୨)

କେବଳ ଭାଷା କ୍ଷେତ୍ରରେ ନୁହେଁ, ଓଡ଼ିଆ ଚଳଣିରେ ମଧ୍ୟ ନୀଳକଣ୍ଠ ଶବର ଓ ଅସୁର ସଭ୍ୟତାର ପ୍ରଭାବ ଦର୍ଶାଉଛନ୍ତି । ମୁଣ୍ଡା ପ୍ରଭୃତି ଜାତିଙ୍କ ଭିତରେ ଯେପରି ଧାରଣା ରହିଛି— ଆଙ୍ଗୁଠିରେ ଗଛର ଫଳ ଦେଖାଇଲେ ଫଳଟି ଅକାଳରେ ଶୁଖି ଝଡିଯାଏ, ଇରୁଣ୍ଡିରେ ବସିଲେ ଧନ ନାଶ ହୁଏ, ନିଆଁରେ ଛେପ ପକାଇଲେ ମୁହଁରେ ଘା' ହୁଏ, ଘର ଉପରେ ଶାଗୁଣା ବସିଲେ ଜ୍ୱର ବା ମୃତ୍ୟୁର ସମ୍ଭାବନା ଥାଏ, ଆମ ଚଳଣିରେ ମଧ୍ୟ ସେହିପରି ଧାରଣା ଥିବାର ଲେଖକ ଦର୍ଶାଇଛନ୍ତି । ପୁଣି ଶବର ଜାତିଙ୍କ ମଧ୍ୟରେ ପ୍ରଚଳିତ ମାରଣ, ବଶୀକରଣ ପ୍ରଭୃତି ହିନ୍ଦୁମାନଙ୍କ ତନ୍ତ୍ର ସାଧନାରେ ପ୍ରତିବିମ୍ବିତ କରିଥିବା ବିଷୟ ଲେଖକ ଉଲ୍ଲେଖ କରିଛନ୍ତି ।

**'ସମସ୍ତ ସଙ୍ଗେ ପ୍ରୀତି ହେବ, ନିଜ ଭାବରେ ଦୃଢ଼ ଥିବ' :**

'ଜଗନ୍ନାଥ ଚରିତାମୃତ'ରେ କବି ଦିବାକର ଦାସଙ୍କ ଏହି ଉକ୍ତି ଓଡ଼ିଆ ସଂସ୍କୃତି ତଥା ଚଳଣି ପାଇଁ ପ୍ରଯୁଜ୍ୟ । ଓଡିଆ ସଂସ୍କୃତିର ବୈଶିଷ୍ଟ୍ୟ ହେଉଛି, ତାହା ସମସ୍ତ ସଂସ୍କୃତିକୁ ଆତ୍ମସ୍ଥ କରି ମଧ୍ୟ ନିଜ ଭାବରେ ଦୃଢ଼ ରହି ପାରିଛି । ସେ ପୁଣି ନିଜ ଧାରଣାରେ ଅଟଳ ରହି ମଧ୍ୟ କାହାରିକୁ ଫିଙ୍ଗି ଦେଇ ନାହିଁ; ରାଧାକୃଷ୍ଣଙ୍କୁ ନିତ୍ୟଯୁଗଳ ରୂପଦେଇ ପୁରୁଷୋତ୍ତମ ଜଗନ୍ନାଥଙ୍କ ସାର୍ବଜନୀନତାରେ ସମାଧାନ କରିଛି । ଓଡ଼ିଆଙ୍କର ଏହି ଉଦାର ଚେତନା ସମ୍ପର୍କରେ ନୀଳକଣ୍ଠ ଆଲୋଚ୍ୟ ଗ୍ରନ୍ଥରେ ଲେଖିଛନ୍ତି, "ଓଡ଼ିଆ ସାହିତ୍ୟର ପ୍ରକୃତି ଓ ପ୍ରକାଶ ଜଗତରେ ଅତୁଳନୀୟ । ଓଡ଼ିଆର ଏ ବଳିଷ୍ଠତା ଓ ସାହିତ୍ୟ-ବିଭବ ସ୍ୱଚ୍ଛେ ଦ୍ୱୈତବାଦୀ ଭକ୍ତର ମତାନ୍ଧତା ନାଇ, ଅଦ୍ୱୈତବାଦୀର ଅହଂକାର ନାଇ, କାହାକୁ ଘୃଣା କରିବାର ନାଇ, ନିଜର ବଡେଇ କରିବାର ନାଇ ।" (୧୩)

Digitized by PPRACHIN, SOA

ଓଡ଼ିଆ ଚଳଣିରେ ମୈତ୍ରୀଧର୍ମର ସାଧନା :

ଓଡ଼ିଆ ଚଳଣିରେ ରାଜା-ପ୍ରଜା, ଧନୀ-ଦରିଦ୍ର, ଉଚ୍ଚ-ନୀଚ ପ୍ରଭୃତି ଭେଦ ସମାଜକୁ କଳଙ୍କିତ କରି ନଥିଲା । ରାଜା ଥିଲେ ଯୁଦ୍ଧରେ ନେତା, ରାଜ୍ୟ ଥିଲା ମୈତ୍ରୀ ଧର୍ମର ରାଜ୍ୟ । ପ୍ରଜାମାନେ ସ୍ୱାଧୀନ ଥିଲେ । ଏହା ଦର୍ଶାଇବା ପାଇଁ ପଣ୍ଡିତ ନୀଳକଣ୍ଠ ସାରଳା ଦାସଙ୍କ ନିମ୍ନୋକ୍ତ ପଦଟି ଉଦ୍ଧାର କରିଛନ୍ତି-

"ଯେ ଯାହା ଅର୍ଜଇ ସେ ତହିଁର ଦୁଇଭାଗ

ସୈନ୍ୟ ପାଳିବାକୁ ନେଇ ଥୋଏ ରାଜା ଆଗ ।" (ଭୀଷ୍ମ ପର୍ବ)

ଜାତି-ଭେଦ ଯେ ଓଡ଼ିଆ ପ୍ରାଣକୁ ସ୍ପର୍ଶ କରି ନଥିଲା, ତାହାର ଉଦାହାରଣ ଦେଇ ଲେଖକ କହନ୍ତି, ଏ ଭୂମିରେ ଯେ କେହି ରାଜା ହେଲେ କ୍ଷତ୍ରିୟ ଭାବେ ପରିଚିତ ହୋଇଛନ୍ତି । ଭୋଇ, ବିଦ୍ୟାଧର, ଭୌମ ବଂଶ ସୃଷ୍ଟି କରିଛନ୍ତି- ଗଉଡ଼ କପିଳେନ୍ଦ୍ର ସୂର୍ଯ୍ୟବଂଶୀ ହୋଇଛନ୍ତି । ଓଡ଼ିଶାର ଆଦି କବି ହେଉଛନ୍ତି ଶୂଦ୍ର ସାରଳା ଦାସ, ସିଦ୍ଧ ସାଧକ- ଭୀମା ଭୋଇ, ପରମ ଭକ୍ତ - ଯବନ ସାଲବେଗ । ତେଣୁ ଗଉଡ଼ କବି ଅଚ୍ୟୁତାନନ୍ଦ ଲେଖିଛନ୍ତି -

"ସର୍ବେ ହୋଇବେ ଏକାକାର ନ ଥିବ ବେଦର ବିଚାର ।" (୧୪)

ଜଗନ୍ନାଥ 'ପତିତପାବନ' ନୁହନ୍ତି:

ଗବେଷକ ନୀଳକଣ୍ଠଙ୍କ ମତରେ, ଜଗନ୍ନାଥଙ୍କୁ 'ପତିତପାବନ' ମନେ କରିବାରେ ଓଡ଼ିଆ ସାହିତ୍ୟ ତଥା ସଂସ୍କୃତିରେ ଆଞ୍ଚ ଆସିବା ସ୍ୱାଭାବିକ । କାରଣ ଜଗନ୍ନାଥ ହେଉଛନ୍ତି ମୈତ୍ରୀ ଦେବ । ତାଙ୍କ ନିକଟରେ କେହି ପତିତ ନୁହନ୍ତି ବା କେହି ଉନ୍ନତ ନୁହନ୍ତି । ଲେଖକଙ୍କ ଯୁକ୍ତିରେ - "ବିଶ୍ୱ ଦରବାର ଥିଲା ବ୍ୟକ୍ତିର ନିର୍ବାଣ ପାଇଁ ବା ବ୍ୟକ୍ତି ପାଇଁ, ଏହାଇ ହେଉଛି ମୈତ୍ରୀ । ଜଗନ୍ନାଥ ଏଁଇ ମୈତ୍ରୀର ପ୍ରତୀକ ।" (୧୫) ସେ ପୁଣି ଅନ୍ୟତ୍ର ଲେଖିଛନ୍ତି, "ଜଗନ୍ନାଥ ପତିତପାବନ ନୁହନ୍ତି । ସେ ହେଉଚନ୍ତି ଅନନ୍ତ ବିଶ୍ୱ ପ୍ରକାଶର ବହୁରେ ଏକ, ପୁଣି ବିଶ୍ୱତତ୍ତ୍ୱର ଏକରେ ପ୍ରକାଶ ରୂପ ବହୁ । ସେ ବିଶ୍ୱ ମୈତ୍ରୀର ପ୍ରତୀକ, ମୈତ୍ରୀଦେବ - ପୁରୁଷୋତ୍ତମ । ସେ ହେଉଛନ୍ତି - ଶୁଦ୍ଧ, ବୁଦ୍ଧ, ଜଗନ୍ନାଥ ।" (୧୬)

ଆଲୋଚକ ନୀଳକଣ୍ଠଙ୍କ ଭାଷାରେ ବିଶ୍ୱ ମୈତ୍ରୀର ସଂଜ୍ଞା ହେଉଛି - "କାହାର କଅଣ ଦରକାର ଅଛି, ମୋର କାହା ପ୍ରତି କଅଣ କରିବାର ଅଛି, ତାହାଇ ହେଉଚି ମୋର ପ୍ରକାଶ - ଏହାଇ ହେଲା ବଶ୍ୱ ମୈତ୍ରୀ ।" (୧୭) । ଏଇ ଦୃଷ୍ଟିରୁ ଓଡିଆଙ୍କ

Digitized by PPRACHIN, SOA

ଆରାଧ୍ୟ ଦେବତା ଜଗନ୍ନାଥ ବିଶ୍ୱ ମୈତ୍ରୀର ଶ୍ରେଷ୍ଠ ପ୍ରତୀକ । ସେ କୌଣସି ବ୍ୟକ୍ତି ବା ସ୍ଥାନର ନୁହନ୍ତି, ସେଇ ଏକା ସବୁ ସ୍ତରର ମାନବ ପାଇଁ ଜଗତର ନାଥ, ବିଷ୍ଣୁଙ୍କର ବୁଦ୍ଧ ଅବତାର ।

**ଗ୍ରନ୍ଥର ନାମକରଣ:**

'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥରେ କ୍ରମାନ୍ୱୟରେ ଓଡ଼ିଆ ସାହିତ୍ୟର ଆଲୋଚନା ନ ଦେଖି ଅନେକ ସମାଲୋଚକ ଗ୍ରନ୍ଥଟିର ନାମକରଣର ସାର୍ଥକତା ବିଷୟରେ ସନ୍ଦିହାନ ହୋଇଥାଆନ୍ତି । ମାତ୍ର ଅସଂପୂର୍ଣ୍ଣ ଗ୍ରନ୍ଥଟିର ଦୁଇଟି ଭାଗ ପୁଙ୍ଖାନୁପୁଙ୍ଖ ଭାବେ ଅଧ୍ୟୟନ କଲେ ଜଣାଯାଏ, ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷକ ନୀଳକଣ୍ଠ ଚର୍ଯ୍ୟାପଦଠାରୁ ଆରମ୍ଭ କରି ଉଞ୍ଜ କବିଙ୍କ ରଚନାବଳୀ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରି ସେଥିରୁ ସାହିତ୍ୟର ଅସଲ ରୂପଟିକୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଏହାର ଧାରାବାହିକ ଗତି ବା ପରିଣତି କିପରି ଓଡ଼ିଆ ପରମ୍ପରାକୁ ଧ୍ୱଂସମୁଖରୁ ରକ୍ଷା କରିବାରେ ସହାୟକ ହୋଇଛି, ତାହା ଦର୍ଶାଇଛନ୍ତି । ଏହି ଗ୍ରନ୍ଥରେ ଲେଖକ ସାହିତ୍ୟକୁ 'ସମାଜ ବିକାଶର ଅଭିବ୍ୟକ୍ତି' ଅର୍ଥରେ ଗ୍ରହଣ କରି ଆମ ସାମାଜିକ ଚଳଣିଗୁଡିକର ବିକାଶ ମାଧ୍ୟମରେ ଓଡ଼ିଆ ସାହିତ୍ୟର କ୍ରମିକ ବିକାଶ ଦର୍ଶାଇଛନ୍ତି, କିନ୍ତୁ ସେ ଗ୍ରନ୍ଥଟିକୁ ସଂପୂର୍ଣ୍ଣ କରିପାରି ନ ଥିବାରୁ ଓଡ଼ିଆ ସାହିତ୍ୟରେ ସୁପରିଚିତ ବହୁ ବିଶିଷ୍ଟ ଲେଖକଙ୍କ କୃତି ଏଥିରେ ଅନାଲୋଚିତ ରହିଯାଇଛି । ତଥାପି ଯେକୌଣସି ସମ୍ବେଦନଶୀଳ ପାଠକ ଅବଶ୍ୟ ସ୍ୱୀକାର କରିବେ ଯେ ଲେଖକ ଏହି ଗ୍ରନ୍ଥ ମାଧ୍ୟମରେ ପରବର୍ତ୍ତୀ ସମାଲୋଚକଙ୍କ ପାଇଁ ଏକ ନିର୍ଘଣ୍ଟ ପ୍ରସ୍ତୁତ କରିଛନ୍ତି । ଓଡ଼ିଆ ସାହିତ୍ୟର କ୍ରମଗତି ସମ୍ପର୍କରେ ନୀଳକଣ୍ଠଙ୍କ ବିକ୍ଷିପ୍ତ ଆଲୋଚନା ନିମ୍ନୋକ୍ତଭାବେ ଦର୍ଶାଇ ଦିଆଯାଇପାରେ ।

**ସହଜିଆ ଧର୍ମ - ଓଡ଼ିଆଙ୍କର ନୁହେ:**

'ଓଡ଼ିଆଣ' ନାମରେ ବଜ୍ରତନ୍ତ୍ରର ଏକ ଆଦିମ ପୀଠ ଥିବାର ଦେଖି କେତେକ ଓଡ଼ିଆ ସହଜିଆ ଧର୍ମକୁ ଓଡିଆଙ୍କର ବୋଲି ଦାବି କରି ଚର୍ଯ୍ୟାଗୀତଗୁଡ଼ିକୁ ଓଡ଼ିଆ ସାହିତ୍ୟର ପ୍ରଥମ ନମୁନା ଭାବେ ଦର୍ଶାଇ ଥାଆନ୍ତି । କିନ୍ତୁ ସମାଲୋଚକ ନୀଳକଣ୍ଠ 'ଓଡିଆ ସାହିତ୍ୟର କ୍ରମ ପରିଣାମ ଗ୍ରନ୍ଥରେ ଏହି ମତର ଦୃଢ଼ ପ୍ରତିବାଦ କରିଛନ୍ତି । ତାଙ୍କ ଯୁକ୍ତି ଅନୁସାରେ, ସହଜିଆଙ୍କ 'ମହାସୁଖ'ରୁ ଗୌଡୀୟ ବୈଷ୍ଣବମାନଙ୍କର ରାଧାକୃଷ୍ଣ ପରକୀୟା ପ୍ରେମର ପ୍ରତିଷ୍ଠା ଘଟିଅଛି । ରାଧାକୃଷ୍ଣଙ୍କ ବାସ୍ତବ ରତି-ସୁଖ-ସାର-ଅଭିସାର' ଓ ପରକୀୟା ଗୌଡ଼ୀୟ ବୈଷ୍ଣବଙ୍କ ପଞ୍ଚମ ଓ ଶ୍ରେଷ୍ଠ ପୁରୁଷାର୍ଥ-

Digitized by PPRACHIN, SOA

ଧର୍ମ, ଅର୍ଥ, କାମ, ମୋକ୍ଷ - ଏହି ଚାରି ପୁରୁଷାର୍ଥଠାରୁ ବଡ । ବହୁ ଉଦାହରଣ ଓ ଯୁକ୍ତି ଦର୍ଶାଇ ଲେଖକ ବଙ୍ଗଦେଶରେ ସହଜିଆ ଧର୍ମର ପ୍ରାଧାନ୍ୟ ପ୍ରତିପାଦନ କରିଛନ୍ତି । ସେ କହନ୍ତି, ସହଜିଆମାର୍ଗ ମୂଳତଃ ବଙ୍ଗାଳୀଙ୍କର ଏବଂ ବଙ୍ଗାଳୀମାନଙ୍କ ପ୍ରଭାବରେ ଏହା ଓଡ଼ିଶାରେ ପ୍ରବେଶ କରିଥିଲା । (୧୮) ଆଲୋଚନା ପ୍ରସଙ୍ଗରେ ଲେଖକ ଚର୍ଯ୍ୟାର ଛନ୍ଦ ଓ ଭାଷା ଉପରେ ମଧ୍ୟ ଆଲୋକପାତ କରିବାକୁ ଭୁଲି ନାହାନ୍ତି ।

**ସାରଳା ସାହିତ୍ୟ - ଓଡ଼ିଆର ଆତ୍ମସଚେତକ ସାହିତ୍ୟ :**

ସହଜିଆ ଧର୍ମର ସ୍ୱେଚ୍ଛାଚାରିତା ଓଡ଼ିଆ ସମାଜରେ ପ୍ରବେଶ କରି ଆମ ସମାଜ ଓ ପରମ୍ପରାର ଆଦର୍ଶ ସ୍ଖଳିତ ହେବା ସମୟରେ ଯୋଗଜନ୍ମା ଶୁଦ୍ରମୁନି ସାରଳା ଦାସଙ୍କ ଆବିର୍ଭାବ । ସ୍ଖଳନମୁଖୀ ଓଡ଼ିଆ ଜାତିକୁ ପୁନର୍ବାର ତା'ର ଚଳଣି ଓ ପରମ୍ପରା ସମ୍ପର୍କରେ ସଚେତନ କରାଇ ଦେବାରେ ସାରଳାଙ୍କ ସାଫଲ୍ୟ ଦର୍ଶାଇବା ପାଇଁ ଆଲୋଚକ ନୀଳକଣ୍ଠ 'ସାରଳା ମହାଭାରତ'ରୁ ନିମ୍ନୋକ୍ତ ପଦଟି ଉଦ୍ଧାର କରିଛନ୍ତି-

"କଳହେ ଆୟୁ ତୁଟଇ କଲେ ବେନି ଭାର୍ଯ୍ୟା
(ସ) ଶତକାଳି ରହଇଟି କଲେ ଏକ ଭାର୍ଯ୍ୟା ।

**ସାରଳାଙ୍କ ସ୍ୱଦେଶ ପ୍ରୀତି :**

ଓଡ଼ିଶାରେ ହିଁ ସାରଳା ଦାସ ତାଙ୍କ ସୃଷ୍ଟିର ସବୁ ଦେବତା, ସବୁ ତୀର୍ଥସ୍ଥାନ ଖୋଜି ପାଇଛନ୍ତି । ତାଙ୍କର ଏହି ସ୍ୱଦେଶ ପ୍ରୀତିର ମହତ୍ତ୍ୱ ଦର୍ଶାଇ ଆଲୋଚକ ନୀଳକଣ୍ଠ କହନ୍ତି "ଯତ୍ର ତତ୍ର ସ୍ୱଦେଶ, ସ୍ୱଦେଶ ସ୍ଥାନ, ସ୍ୱଦେଶର ଲୋକ ଓ ଲୋକଚଳଣି, ପ୍ରଚୁର ପ୍ରାଣର ପୁଣ୍ୟ ସଂକେତରେ ପ୍ରକାଶ କରିବା ସାରଳା ଦାସଙ୍କ ମହାଭାରତରେ ସର୍ବତ୍ର ମିଳେ । ଏଇ ସ୍ୱଦେଶ ଇ ତାଙ୍କର ସେଇ ଓଡ଼ ଦେଶ, ସେଇ ଶବର ଦେଶ, ସେଇ ଓଡ଼ ଈଶ ଓ ଶବର ଦେବତା - ସ୍ୱାଧୀନ ବିଶ୍ୱମୈତ୍ରୀର ଜୀବନ୍ତ ଦେବତା ଜଗନ୍ନାଥଙ୍କ ଦେଶ ।" (୧୯)

ନୀଳକଣ୍ଠଙ୍କ ଯୁକ୍ତିରେ, ଗଙ୍ଗବଂଶୀମାନଙ୍କ ପ୍ରବର୍ତ୍ତିତ ଦେବଦାସୀ ସେବାରୁ ଆସିଥିବା ଜୟଦେବଙ୍କ ରାଧାକୃଷ୍ଣ ଲୀଳା ଓଡ଼ିଶାର ସଭ୍ୟତାକୁ ନିଶ୍ଚିହ୍ନ କରି ଦେବା ପାଇଁ ଚାହିଁବାବେଳେ ତା' ବିରୁଦ୍ଧରେ ଓଡ଼ିଆ ସାହିତ୍ୟ ଓ ସମାଜ କେତେ ମହାପୁରୁଷଙ୍କ ଲେଖନୀ ମାଧ୍ୟମରେ ବାରମ୍ବାର ସ୍ପଷ୍ଟ-ଅସ୍ପଷ୍ଟ ବିଦ୍ରୋହ କରିଛି, ଫଳରେ ଜଗନ୍ନାଥଙ୍କ ମୈତ୍ରୀଧର୍ମ ଓ ଓଡ଼ିଆ ସଭ୍ୟତା ମରିନାହିଁ । "ସାରଳା ଦାସ ଏଇ ବିଦ୍ରୋହର ଗୋଟିଏ ପୁଷ୍କଳ ପ୍ରଚଣ୍ଡ ସ୍ଫୁରଣର ସ୍ପଷ୍ଟ ପ୍ରତୀକ । x x x ତାଙ୍କ ଲେଖାରେ ଓଡ଼ିଆର ଯେ

Digitized by PPRACHIN, SOA

ପ୍ରାଣ ପ୍ରକାଶ ପାଇଚି, ତା' ଏକାବେଳକେ ନାଇ ନଥିଲା ।'' (୨୦) ଏ ଦୃଷ୍ଟିରୁ ସାରଳା ଦାସ ଯଥାର୍ଥରେ ଥିଲେ ବିପ୍ଲବୀ କବି ।

ସମାଲୋଚକ ନୀଳକଣ୍ଠ ପୁଣି ପ୍ରମାଣ କରିବାକୁ ଚାହିଁଛନ୍ତି, ସାରଳା ଦାସ ଓଡ଼ିଆ ପରମ୍ପରାକୁ ଅନୁସରଣ କରି ନାରୀକୁ ଉପଯୁକ୍ତ ସମ୍ମାନ ଦେଇଛନ୍ତି । ଯୌନଚର୍ଯ୍ୟାରେ ସ୍ୱଭାବ ଦୁର୍ବଳ ଓ ଅତି ପ୍ରମାଦମୟ ପୁରୁଷକୁ ସେ ଦାୟିତ୍ୱବତୀ ନାରୀ ଦ୍ୱାରା ହିଁ ସଂଯତ କରି ରଖି ପାରିଛନ୍ତି । ସମାଜର ପ୍ରଗତିରେ ଏହା ଏକ ପ୍ରଧାନ ଉପାଦାନ । (୨୧)

**ଓଡ଼ିଆ ଛନ୍ଦ ବୃତ୍ତର ବିକାଶ କ୍ରମରେ ଦାଣ୍ଡିବୃତ୍ତ :**

ଶୂଦ୍ରମୁନି ସାରଳା ଦାସ ସମଗ୍ର ମହାଭାରତକୁ ଦାଣ୍ଡିବୃତ୍ତିରେ ଲେଖିଛନ୍ତି । ନୀଳକଣ୍ଠ ଏହି ବୃତ୍ତର ପରିଚୟ ଦେଇ କହନ୍ତି, ଦାଣ୍ଡିବୃତ୍ତରେ ଗାଇବାର ନିୟମ ଓ ମାପ ସବୁ ଗାୟକର ସ୍ୱର ଯନ୍ତ୍ରରେ ନିୟନ୍ତ୍ରିତ ହୁଏ । ଦାଣ୍ଡି ଧରି ବୋଲିଯିବା ଛନ୍ଦ ବୃତ୍ତଟିର ନାମ ହେଉଛି, ଦାଣ୍ଡିବୃତ୍ତ । ସଂସ୍କୃତରେ ଛବିଶ ଅକ୍ଷର ବିଶିଷ୍ଟ 'ଦଣ୍ଡକ' ନାମକ ଏକ ବୃତ୍ତ ଅଛି, ଯେଉଁଥିରେ ମଝିରେ ଯତି ବା ବିରାମ ନ ଥାଇ ଶେଷ ଅକ୍ଷରରେ ବିରାମ ଥାଏ । ଏହି ବୃତ୍ତର ବୋଲିବା ପ୍ରଣାଳୀ ମଧ ଆମର ଦାଣ୍ଡିବୃତ୍ତି ପରି । ତେଣୁ ଏହି 'ଦଣ୍ଡକ'ରୁ 'ଦାଣ୍ଡି' କଥାଟି ଆସି ଥାଇପାରେ । ଆଲୋଚକ ଅନୁମାନ କରନ୍ତି ଯାହା 'ଦଣ୍ଡ' ବା ରଜ୍ଜୁ ଯଷ୍ଟିପରି ଏକା ଟାଣରେ ବୋଲି ଯିବାକୁ ହୁଏ, ତାହା ଦାଣ୍ଡିବୃତ୍ତ । 'ବୃତ୍ତ'ର ଅର୍ଥ 'ବର୍ଣ୍ଣ' ବା ଅକ୍ଷରମିତ ଛନ୍ଦ । ମାତ୍ର 'ଦାଣ୍ଡିବୃତ୍ତ'ରେ ସ୍ୱାଭାବିକ ଶବ୍ଦ ବନ୍ଧନ ଧରି ଗୀତର ଛନ୍ଦ ଗତି କରେନାହିଁ । ଭାବର ତରଙ୍ଗରେ ଶବ୍ଦଗତ ସ୍ୱରକୁ ଦୀର୍ଘ, ହ୍ରସ୍ୱ, ଲମ୍ୱ, ଛୋଟ କରିବାରେ ଶବ୍ଦ ସବୁକୁ ଯଥେଚ୍ଛା ଭାଙ୍ଗି ଦେବାକୁ ପଡ଼େ । (୨୨) ଏହି କାରଣରୁ ଜନସାଧାରଣଙ୍କ ପକ୍ଷରେ ଦାଣ୍ଡିବୃତ୍ତ ଏକ ସ୍ୱାଭାବିକ, ରୁଚିକର ଓ ସୁବୋଧ ବୃତ୍ତ ଥିଲା ।

**ଦାଣ୍ଡିବୃତ୍ତିର ମାର୍ଜିତ ରୂପ- 'କଳସାବାଣୀ' :**

ଅନ୍ୟ ଆଲୋଚକମାନଙ୍କ ପରି ନୀଳକଣ୍ଠ 'କଳସା'କୁ କେବଳ 'ବିବାହଗୀତ' ବା 'ମଙ୍ଗଳ ଗୀତ' ଅର୍ଥରେ ଗ୍ରହଣ କରି ନାହାନ୍ତି । ତାଙ୍କ ଯୁକ୍ତିରେ 'କଳସା' ଅର୍ଥ--'ମାର୍ଜିତ'; ''କଣ୍ଠା ଓଡ଼ିଆରେ 'କଳସା' ବୋଇଲେ ମାର୍ଜିତ । ଏବେ ମଧ ଦୁଇଖଣ୍ଡ ପଟାକୁ ଯୋଡ଼ି ଦେବାରେ କିମ୍ୱା ରନ୍ଧାମାରି କାଠପଟା ପରିଷ୍କାର କରିବାରେ 'କଳସା' ଶବ୍ଦ ବ୍ୟବହାର କରାଯାଏ ।'' (୨୩) ତେଣୁ 'କଳସା ଗୀତ' କହିଲେ ସଙ୍ଗୀତ ସମ୍ପର୍କରେ ମାର୍ଜିତ ହୋଇଥିବା ଗୀତ । 'କଳସା ଚଉତିଶା'ର ରଚୟିତା ବତ୍ସାଦାସ

Digitized by PPRACHIN, SOA

ପ୍ରଥମ କରି ଦାଣ୍ଡିବୃତ୍ତକୁ ଭଙ୍ଗସି ଦେଇ ବା ଅକ୍ଷର ନିୟମରେ ପକାଇ 'ଭଙ୍ଗସାବାଣୀ' ସୃଷ୍ଟି କଲେ ।

ଦାଣ୍ଡୀବୃତ୍ତକୁ ଭଙ୍ଗସି ବା ମାର୍ଜିତ କରି ବାଣୀରେ ପକାଇବାର ଆଉ ଏକ ବିଚକ୍ଷଣତାର ଉଦାହରଣ ରୂପେ ପଣ୍ଡିତ ନୀଳକଣ୍ଠ ମାର୍କଣ୍ଡ ଦାସଙ୍କ ରଚିତ ''କେଶବ କୋଇଲି''କୁ ଗ୍ରହଣ କରିଛନ୍ତି । 'କେଶବ କୋଇଲି' ଚତୁର୍ଦ୍ଦଶାକ୍ଷରୀ ପଦ ନିବନ୍ଧ ରଚନା, ଶେଷରେ ଥିବା ସ୍ୱରଭଙ୍ଗୀ ବିସ୍ତାରରେ ''ଲୋ କୋଇଲି'' - ଏଇ ଚାରି ଅକ୍ଷରକୁ ପଦର ଆଦ୍ୟ ଭାଗରୁ ଆବୃତ୍ତି କରି (କୋଇଲି-ଲୋ) କବି ବିଚକ୍ଷଣ ଭାବେ ଦୁଇପଦୀକୁ ଚଉପଦୀରେ ପରିଣତ କରିଛନ୍ତି ବୋଲି ମତ ଦେଇ ଆଲୋଚକ କହନ୍ତି, ଦାଣ୍ଡି ବୃତ୍ତିର ଭଙ୍ଗସାରେ ବା ମାର୍ଜିତ ରୂପରେ ଏହିଠାରେ ସଙ୍ଗୀତ କଳା ପଶିଅଛି । ସଙ୍ଗୀତ ଶାସ୍ତ୍ରରେ ଏହି ବୃତ୍ତକୁ 'ମଙ୍ଗଳ ରାଗ' କହନ୍ତି ।

'ନବାକ୍ଷରୀବୃତ୍ତ' - ଏକ ଅପୂର୍ବ ସୃଷ୍ଟି:

ସ୍ୱାଭାବିକ ବୃତ୍ତକୁ ଯେ ବାଣୀର ବିବିଧ ଭଙ୍ଗୀରେ ବୋଲାଯାଇପାରେ ତାହାର ଉଦାହରଣ ସ୍ୱରୂପ ଜଗନ୍ନାଥ ଦାସଙ୍କ ଭାଗବତର 'ନାରୀକ୍ଷରୀ ବୃତ୍ତ'କୁ ନୀଳକଣ୍ଠ ଗ୍ରହଣ କରିଛନ୍ତି । ତାଙ୍କ ବିଚାରରେ, ସାହିତ୍ୟର ଘୋର ପରାଧୀନତାର ପ୍ରାକ୍‌କାଳରେ ଏହା ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ । ଏହା ଏକ ସାଧାରଣ ଜନବୃତ୍ତ ହେଲେ ହେଁ, ବାଣୀଭଙ୍ଗୀରେ ଏହା ସର୍ବାଦୃତ ଓ ଶାଶ୍ୱତ ହୋଇ ପାରିଛି । ପୁଣି ଦାଣ୍ଡିବୃତ୍ତ ପରି ସରଳ ସ୍ୱଚ୍ଛନ୍ଦ ହେଲେହେଁ, ଏହା ବ୍ୟକ୍ତି-କଣ୍ଠ ଉପରେ ନିର୍ଭରଶୀଳ ନୁହେଁ । ସଙ୍ଗୀତ ଶାସ୍ତ୍ରରେ ଏହି ବୃତ୍ତ 'ଗୁଜ୍ଜରୀ ରାଗ' ରୂପେ ବିଦିତ ।

**ଛାନ୍ଦ, ଗୀତ ଓ ପ୍ରବନ୍ଧ:**

'ଓଡିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥରେ ସମାଲୋଚକ ନୀଳକଣ୍ଠ ଓଡିଆ ଛନ୍ଦ-ସାହିତ୍ୟର ବିକାଶ-କ୍ରମ ବର୍ଣ୍ଣାଇବା ପ୍ରସଙ୍ଗରେ ଓଡିଶାରେ ସଙ୍ଗୀତର ପରଂପରା ସମ୍ପର୍କରେ ପାଠକଙ୍କୁ ସୂଚାଇ ଦେଇଛନ୍ତି । ଏଇ ଅନୁକ୍ରମେ ଛାନ୍ଦ, ଗୀତ ଓ ସଙ୍ଗୀତର ସଜ୍ଞା ନିରୂପଣ କରି ସେ ଲେଖିଛନ୍ତି- ''ଲୋକଗୀତକୁ ସଙ୍ଗୀତର ତାଳ, ଲୟରେ ପକାଇବାରୁ ବାହାରିଛି - 'ଛାନ୍ଦ'; 'ପଦାବଳୀ' ବା ଅର୍ଥଯୁକ୍ତ ପରସ୍ପର ଅନ୍ୱିତ ଶବ୍ଦାବଳୀ ରାଗାଦିରେ ବନ୍ଧା ହେଲେ ହୁଏ - 'ଗୀତ' ଏବଂ ଏହି ଗୀତର ଆଲୋଚନାକୁ ଶାସ୍ତ୍ରୀୟ ପରିଭାଷାରେ କୁହନ୍ତି - 'ପ୍ରବନ୍ଧ' । (୨୪) ସେ ପୁଣି କହନ୍ତି, ପଦରେ ବନ୍ଧା ନ ହୋଇ ଖାଲି ସ୍ୱରମାତ୍ରାର ଆଳାପରେ ଯେଉଁ ଗୀତ ହୁଏ ସଙ୍ଗୀତ ଶାସ୍ତ୍ରରେ ତାହାକୁ 'ଅନିବନ୍ଧ ଗୀତ' କୁହାଯାଏ ଏବଂ ସେହି ଗୀତର ଆଲୋଚନାକୁ 'ଅନିବନ୍ଧ ପ୍ରବନ୍ଧ' କୁହାଯାଏ ।

Digitized by PPRACHIN, SOA

**ପଞ୍ଚସଖା ଓ ଶୂନ୍ୟ ସାଧନା:**

ବାହ୍ୟଧର୍ମର ସଙ୍କଟ କ୍ଷୟକାରୀ ପ୍ରଭାବ ସତ୍ତ୍ୱେ ଅତୀତରେ ଓଡ଼ିଆ ତା'ର ଧର୍ମ କ୍ଷେତ୍ରରେ ଯେଉଁ ବିଶାଳତା, ବଳିଷ୍ଠତା ଓ ସ୍ୱାତନ୍ତ୍ର୍ୟ ରଖି ପାରିଥିଲା, ନୀଳକଣ୍ଠ ତାହାର ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି । ଏ ଦିଗରେ ପଞ୍ଚସଖାଙ୍କ ଅବଦାନ ଦର୍ଶାଇ ସେ କହନ୍ତି, ସାରଳା ସାହିତ୍ୟର ନବଜାଗରଣ ପରେ ପଚାଶ ବର୍ଷ ଯାଇଛି କି ନାହିଁ, ଚୈତନ୍ୟ ଆସି ସମଗ୍ର ସାମ୍ରାଜ୍ୟ ଓ ସାହିତ୍ୟକୁ ଗୌଡୀୟ ବୈଷ୍ଣବର 'ଅନୁରାଗ ରସ'ରେ ଭସାଇ ଦେଲେ । ଏତିକି ବେଳେ ଓଡିଆ ପଞ୍ଚସଖା ଓ ତାଙ୍କ ସହଚରଗଣ ବିବ୍ରତ ହୋଇ ଓଡିଆଙ୍କ ନିଜ ଧର୍ମ ଚୈତନ୍ୟ ଧର୍ମର ଯଥାର୍ଥ ଆତ୍ମ-ପ୍ରକାଶ ବୋଲି ଅର୍ଥ କଲେ । ଗୌଡ଼ୀୟମାନଙ୍କର 'ବାବାଜୀ-ମାତା' ପରଂପରା ଓଡିଆ ଚଳଣିରେ ପ୍ରବେଶ କରି ଓଡିଆ ସମାଜକୁ ପଥଭ୍ରଷ୍ଟ କରିବା ସମୟରେ ସାରଳା ଦାସଙ୍କ ଉପଯୁକ୍ତ ଦାୟାଦ ପଞ୍ଚସଖା ଓଡିଆଙ୍କୁ ନିଜ ପରମ୍ପରା ସମ୍ପର୍କରେ ସଚେତନ କରିଦେଇଥିଲେ । ଏମାନେ ଗୌଡ଼ୀୟଙ୍କ 'ଦେହୀତତ୍ତ୍ୱ'କୁ 'ଶୂନ୍ୟତତ୍ତ୍ୱ'ର ଢାଞ୍ଚାରେ ପକାଇ ପିଣ୍ଡ-ବ୍ରହ୍ମାଣ୍ଡବାଦର ଉପସ୍ଥାପନା କରିଛନ୍ତି । ଗୌଡ଼ୀୟମାନଙ୍କ କାମୋତ୍ତର ଦ୍ୱୈତମୁଖୀ ବୈଷ୍ଣବ ଧର୍ମରୁ ଅତିବଡି ପ୍ରଭାବିତ ଓଡ଼ିଆ ବୈଷ୍ଣବ ଧର୍ମର ପ୍ରଭେଦ ସୂଚାଇବା ପାଇଁ ଆଲୋଚକ ନୀଳକଣ୍ଠ ଓଡ଼ିଆ ବୈଷ୍ଣବ ଧର୍ମକୁ 'ଯୋଗୋତ୍ତର ଅଦ୍ୱୈତମୁଖୀ ବୈଷ୍ଣବ ଧର୍ମ' ବୋଲି କହିଛନ୍ତି । ଉତ୍କଳୀୟଙ୍କ ଯୁଗଳ ଗାୟତ୍ରୀ ମନ୍ତ୍ରରେ ରାଧାକୃଷ୍ଣଙ୍କୁ ଦ୍ୱିବଚନ ନ କରି ଏକ-ବଚନ ଭାବରେ ପ୍ରୟୋଗ କରାଯାଇଥିବାର ସେ ଦର୍ଶାଇଛନ୍ତି ।

**ନାଁ-ଦେବା ରୀତିର ବିକାଶ କ୍ରମ ଓ ରୀତି-ସାହିତ୍ୟ:**

'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥରେ ସମୀକ୍ଷକ ନୀଳକଣ୍ଠ ଓଡିଶାର ଗାଁ ଗହଳରେ ପ୍ରଚଳିତ ନାଁ-ଦେବା ରୀତିରୁ ରୀତି ସାହିତ୍ୟର ବିକାଶ ଘଟିଥିବାର ଦର୍ଶାଇଛନ୍ତି । ଆମ ଲୋକ-ସାହିତ୍ୟରେ ନାଁ-ଦେବା ଏକ ସାଧାରଣ କଥା, ବୁଦ୍ଧି ଶିଖିବାର ଏକ ସୁନ୍ଦର ଖେଳ । ଆମ ଚଳଣିରେ ବୁଢ଼ୀମାନେ ଏହି ଖେଳ ଖେଳି ଶିଶୁ ଶିକ୍ଷାର ଉନ୍ନତିରେ ସହାୟକ ହୁଅନ୍ତି । ଦୃଷ୍ଟାନ୍ତ ସ୍ୱରୂପ— ଜଣେ ନାଁ ଦିଏ - "ଏଇଠି ଅଛି, ଏଇଠି ନାଇ" ଅନ୍ୟଜଣଙ୍କ ଉତ୍ତର ଦିଏ - "ପବନ" । ଏଇ ନାଁ ଦେବାକୁ ଭିତ୍ତି କରି ରୀତିଯୁଗୀୟ କାବ୍ୟ-ସାହିତ୍ୟରେ ଅନ୍ତର୍ଲିପି, ବହିର୍ଲିପି, ସଭଙ୍ଗ, ଅଭଙ୍ଗ, ଶ୍ଳେଷ ଓ ଅନ୍ୟ ଅଳଙ୍କାରମାନ ପ୍ରବେଶ କରିଛି ବୋଲି ନୀଳକଣ୍ଠ ମତ ଦିଅନ୍ତି । ଏହି ପ୍ରସଙ୍ଗରେ ସେ ଭକ୍ତ ଚରଣ, ଯଦୁମଣି, ଉପେନ୍ଦ୍ର ଭଞ୍ଜ ଆଦି କବିମାନଙ୍କ କାବ୍ୟ କୃତିର ଆଲୋଚନା କରିଛନ୍ତି । (୨୫)

Digitized by PPRACHIN, SOA

**ରୀତି ସାହିତ୍ୟରେ ଓଡ଼ିଆ ଚଳଣି :**

ସଂସ୍କୃତ କାବ୍ୟାଦର୍ଶର ଅନୁସରଣରେ ଲେଖନୀ ଚାଳନା କରିଥିଲେ ହେଁ ରୀତିଯୁଗୀୟ କବିମାନେ ପାଣ୍ଡିତ୍ୟର ପରାକାଷ୍ଠା ମଧ୍ୟରେ ଲୋକ-ଚଳଣିକୁ ଭୁଲି ନ ଥିଲେ । ଏହାର ଉଦାହରଣ ଦେବାପାଇଁ ସମୀକ୍ଷକ ନୀଳକଣ୍ଠ ଭକ୍ତଚରଣଙ୍କ 'ମନବୋଧ ଚଉତିଶା'ରୁ ନିମ୍ନୋକ୍ତ ପଂକ୍ତି ଉଦ୍ଧାର କରିଛନ୍ତି-

"ଚର୍ମ ବେଢ଼ିଛି ସିନା ଚଉରାଶିକି
ଚିତ୍ତକୁ ଦିଅ ନୀଳଗିରିବାସୀକି - "

ଏହାର ଅର୍ଥ ହେଉଛି, ଏଇ ଚଉରାଅଶୀ ଆଙ୍ଗୁଳି ପରିମିତ ଶରୀର ପୁରାଣ ପରମ୍ପରାର ଚଉରାଅଶୀ ନରକ । ଏହାକୁ ଚମ ବେଢ଼ିକରି ରହିଅଛି । ନୀଳମାଧବ ବା କଳାପଥର ସଂକେତରେ ପ୍ରତିଷ୍ଠିତ ଜଗତରୂପୀ ପୁରୁଷଙ୍କୁ ଧ୍ୟାନରେ ସ୍ଥିରରଖି ବିଶ୍ୱ-ମୈତ୍ରୀରେ ତନ୍ମୟ ହୋଇପାରିଲେ ଜୀବର ଅଜୀବ ସହ ଥିବା ବନ୍ଧନ ଗ୍ରନ୍ଥି ଛିନ୍ନ ହୋଇ ପୁରୁଷ ନିର୍ଗ୍ରନ୍ଥ ହୋଇଯିବ ଓ ମୁକ୍ତି ପାଇବ । (୨୬) ଆଲୋଚକଙ୍କ ବିଚାରରେ, ଏହି ଚଉରାଅଶୀ କଥାଟି ପୂରାପୂରି ଜୈନ; ଜୈନ ଶାସ୍ତ୍ରର ସଂଖ୍ୟା ହେଉଛି - ଚଉରାଅଶୀ-୪୧ ସୂତ୍ର, ୩୦ ପୈନ୍ନ ପକୀର୍ଣ୍ଣ, ୧୨ ନିଯୁକ୍ତି, ୧ ମହାଭାଷ୍ୟ । ତେଣୁ ଜୈନମାନଙ୍କ ଠାରୁ ଏହି ଚଉରାଅଶୀ ସଂଖ୍ୟାଟି ଆସି ପୂର୍ବ ଭାରତର ଧର୍ମମାନଙ୍କରେ ଗୋଟିଏ ରହସ୍ୟମୟ ସଂଖ୍ୟାରେ ପରିଣତ ହୋଇଛି । 'ଜୀବ-ଅଜୀବ-ତତ୍ତ୍ୱ ଧର୍ମ ଜୀଣମାନଙ୍କର ବୋଲି ସେ ଅନ୍ୟତ୍ର ଦର୍ଶାଇଛନ୍ତି- "ସେମାନଙ୍କର (ଜିଣମାନଙ୍କ) ଦର୍ଶନ ଥିଲା - ଜୀବ, ଅଜୀବର ସମବାୟରେ ବ୍ୟକ୍ତି ବା ସୃଷ୍ଟି । ଜୀବ ହେଉଚି ଜୀବନର ଭିତ୍ତି ଓ ଅଜୀବର ନିୟାମକ । ଅଜୀବରୁ ଜୀବକୁ ଅଲଗା କଲେ ବ୍ୟକ୍ତି ହେବ କେବଳ ଜୀବ ମାତ୍ର ବା 'କେବଳୀ' । ଏହି କେବଳୀଭାବ, କେବଳୀତ୍ୱ ବା କୈବଲ୍ୟ ଆସିଗଲେ ତା'ପରେ ନିର୍ବାଣ ।" (୨୭)

**ଜନଶ୍ରୁତିଉପରେ ଆଧାରିତ ଓଡ଼ିଆ ଚଳଣିର କେତୋଟି କଥା:**

ଜଗନ୍ନାଥଧର୍ମୀ ଯର୍ଥାର୍ଥ ମୌଳିକ ଓ ବିଶୁଦ୍ଧ ସାହିତ୍ୟ ପାଠ ଦେଖିବାକୁ ହେଲେ ପରମ୍ପରାଗତ କିମ୍ବଦନ୍ତୀ, ଇତିହାସ ଓ ଚଳଣି ବିଷୟରେ ଅବଗତ ହେବା ଆବଶ୍ୟକ । ତେଣୁ ସମୀକ୍ଷକ ନୀଳକଣ୍ଠ ତାଙ୍କ ଆଲୋଚନାରେ ସର୍ବତ୍ର ଆମ ଚଳଣି, ପରମ୍ପରା ଓ କିମ୍ବଦନ୍ତୀ ବିଷୟରେ ପାଠକମାନଙ୍କୁ ସୂଚନା ଦେଇ ଓଡିଆ ଜନଜୀବନରେ ସେଗୁଡିକର ଯଥାର୍ଥ ମୂଲ୍ୟ ଦର୍ଶାଇଛନ୍ତି ।

Digitized by PPRACHIN, SOA

'ହାତୀ ସୁନାକଳସ ଢାଳିବା' ଜନଶ୍ରୁତିର ପ୍ରକୃତ ଅର୍ଥ ବୁଝାଇ ଗବେଷକ କହନ୍ତି, ରାଜା ଏକ ବ୍ୟକ୍ତିବିଶେଷ ନୁହନ୍ତି । ସେ ରାଜ୍ୟର ଏକ ସଙ୍କେତ, ବ୍ୟକ୍ତି ହିସାବରେ ରାଜା ମରିଯାଇ ପାରନ୍ତି; କିନ୍ତୁ ରାଜ୍ୟର ଶୃଙ୍ଖଳା ଓ ଶାସନ ସଙ୍କେତ ମରିବାର ନୁହେଁ । ସେ ଚିରନ୍ତନ, ତେଣୁ ରାଜାଙ୍କର ମୃତ୍ୟୁ ହେଲେ ତାଙ୍କ ମନ୍ତ୍ରୀ ପରିଷଦ ବା 'ମହାସାମନ୍ତଚକ୍ର' ବସି କିଏ ରାଜା ବା ସମ୍ରାଟ ହେବ ଠିକ୍ କରୁଥିଲେ । ସେମାନେ ଯାହାକୁ ବାଛୁଥିଲେ, ଅଭିଷେକ ବେଳେ ପାଟହାତୀ ତା'ରି ମୁଣ୍ଡରେ ସୁନାକଳସରୁ ପାଣି ଢାଳୁଥିଲା ।

'ଛେରାପହଁରା' ଚଳଣି ମଧ୍ୟରେ ନୀଳକଣ୍ଠ ଯେଉଁ ବିଶ୍ୱମୈତ୍ରୀ ଭାବର ସଙ୍କେତ ଉପଲବ୍ଧି କରିଛନ୍ତି, ତାହା ତାଙ୍କ ପୁରୋଦୃଷ୍ଟିର ପରିଚାୟକ । ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ପୁରୀର ଗଜପତି ରାଜା ରଥରେ ଛେରାପହଁରା ବା ଝିଣ୍ଟା ଓଳିଆ କାମ କରନ୍ତି । ସମୀକ୍ଷକଙ୍କ ଯୁକ୍ତିରେ, ଏହି ଚଳଣିର ଅସଲ ମର୍ମ ହେଲା, ବିଶ୍ୱରୂପୀ ପୁରୁଷର ସେବାରେ କୌଣସି କର୍ମ ହେୟ ବା ଉପାଦେୟ ନୁହେଁ । ସବୁ କାମ ସମାନ । ଜଗନ୍ନାଥଙ୍କ ମୈତ୍ରୀଧର୍ମରେ ଛେରାପହଁରା କାର୍ଯ୍ୟଟି ବ୍ୟକ୍ତି କର୍ମର ସଙ୍କେତ । ଏହି ମୈତ୍ରୀଧର୍ମ ପାଳନରେ ଅପଳାପ ହେବାରୁ ପୁରୁଷୋତ୍ତମଦେବ କାଞ୍ଚି-ଅଭିଯାନ ଚଳାଇଥିଲେ । ଜଗନ୍ନାଥଙ୍କ ସେବାରେ ଘୃଣା ଓ ଅବଜ୍ଞା ତୁଟାଇବାକୁ ହେବ - ଏହାଇ କାଞ୍ଚି ଅଭିଯାନର ମୂଳ ଲକ୍ଷ୍ୟ । (୨୮)

ଜଗନ୍ନାଥଙ୍କ ପାଖରେ, ନାଚିବା ଖଟଣି (ନିଯୋଗ)ରେ ଥିବା ଅପ୍‌ସରୀ ବା ବେଶ୍ୟାର ନାମ - 'ମାହାରୀ' । ନୀଳକଣ୍ଠଙ୍କ ଯୁକ୍ତି ଅନୁସାରେ କଳିଙ୍ଗ ବିଜେତା ଗଙ୍ଗ ସମ୍ରାଟ ଦ୍ରାବିଡ଼ମାନଙ୍କ ଦେବଦାସୀଙ୍କୁ ପୁରୀ ମନ୍ଦିରରେ ପ୍ରବେଶ କରାଇଥିଲେ । ଦ୍ରାବିଡ଼ମାନଙ୍କର ଦେବଦାସୀ ଏକ ପ୍ରତିଷ୍ଠିତ ଅନୁଷ୍ଠାନ, ଏହା ଅସୁର ଚଳଣିରୁ ଆସିଥିଲା । କିନ୍ତୁ ଜଗନ୍ନାଥଙ୍କ ମାହାରୀ ଏହି ଦେବଦାସୀମାନଙ୍କ ପରି ସ୍ୱାଧୀନ ନୁହେଁ, ଆଦର୍ଶରେ ସେ ଚିରକୁମାରୀ ।ଜଗନ୍ନାଥଙ୍କୁ ଧରି ସେ ସନାଥା ଓ ସଧବା, ପୁରୁଷସଙ୍ଗ କରିବା ଧରା ପଡିଗଲେ ତା'ର ହେତା, ବର୍ତ୍ତନ, କ୍ଷୟୀ ଖଟଣି ସବୁ କଟିଯାଏ । ମାହାରୀ କାର୍ଯ୍ୟ ଛେରାପହଁରା ପରି ଜଗନ୍ନାଥଙ୍କର ଏକ ସେବାମୂଳକ କାର୍ଯ୍ୟ ହେଲେ ହେଁ ମାହାରୀ ପ୍ରଥାରେ ନୈତିକ ବିକାଶ ଘଟି ନ ଥିବାରୁ ତାହା ଆମ ଚଳଣିରେ ଉଚ୍ଚ ସ୍ଥାନ ପାଇପାରି ନାହିଁ ବୋଲି ଆଲୋଚକ ମତ ଦିଅନ୍ତି ।

ପୁରୀ ରାଜାଙ୍କୁ ଲୋକେ 'ଚଳନ୍ତିବିଷ୍ଣୁ' କହିଥାଆନ୍ତି । ନୀଳକଣ୍ଠ ଏହାକୁ ପ୍ରାଚୀନ ବାବିଲୋନ୍ ଚଳଣିର୍ ପ୍ରଭାବ ରୂପେ ସ୍ୱୀକାର କରିଛନ୍ତି । କୌଣସି ରାଜାଙ୍କୁ ଉପାସ୍ୟ

Digitized by PPRACHIN, SOA

ଦେବଙ୍କ ଶ୍ରେଷ୍ଠ ସେବକ କହି ତାଙ୍କୁଇ ସେଇ ଦେବଙ୍କର ଚଳନ୍ତି ସ୍ୱରୂପ ମନେ କରିବା କେବଳ ବାବିଲୋନ୍, ଇଜିପ୍ଟ ପ୍ରଭୃତି ଦେଶରେ ବିଶେଷ କରି ଅସୁର ଚଳଣିରେ ଦେଖାଯାଏ ବୋଲି ସେ ଦର୍ଶାଇଛନ୍ତି ।

**ଭକ୍ତିଚର୍ଯ୍ୟା - ଏକ ମିଥ୍ୟା ଦର୍ଶନ ଶଲ୍ୟ :**

ଆମ ସମାଜରେ ପ୍ରଚଳିତ ଭାକ୍ତିକ ମିଥ୍ୟା ବିରୁଦ୍ଧରେ ନୀଳକଣ୍ଠ ଲେଖିଛନ୍ତି - ''ମାନବ ସମାଜରେ ତଥା ବ୍ୟକ୍ତିବୋଧରେ ଭକ୍ତି ଏକ ବିଚିତ୍ର ବସ୍ତୁ । ଚିନ୍ତାରେ, ଦର୍ଶନରେ, ଯୁକ୍ତିରେ, ଆଲୋଚନାରେ ଏହାର ସ୍ଥାନ ନାଇ । ଜଗତରେ ଏକମାତ୍ର ଦାର୍ଶନିକ ଧର୍ମ - ଜୈନଧର୍ମରେ ଏଇ ଭକ୍ତି ଓ ଭକ୍ତିଚର୍ଯା ଅର୍ଥାତ୍ ଭକ୍ତି ଜନିତ ଆଚରଣକୁ ଅଷ୍ଟାଦଶ ପାପ ମଧ୍ୟରେ ଗୋଟିଏ ବଡ ପାପ ବୋଲି ନିର୍ଦ୍ଦେଶ ଓ ବର୍ଣ୍ଣନା କରାଯାଇଛି । ସେମାନେ ଏହାକୁ ନାମ ଦେଇଚନ୍ତି- ''ମିଥ୍ୟା ଦର୍ଶନ ଶଲ୍ୟ ।'' (୨୯)

ସମୀକ୍ଷକଙ୍କ ଯୁକ୍ତିରେ, ଆତ୍ମଭାବରେ ଦୀକ୍ଷିତ ହେବାହିଁ ଭାରତର ମୌଳିକ ଧର୍ମ । ଆତ୍ମଭାବରେ ଜାତି-ଭେଦ, ଭାଷା-ଭେଦ ପ୍ରଭୃତି ରହିପାରେ ନାହିଁ । ଏହି ମୌଳିକ ଧର୍ମରେ ଭକ୍ତିଭାବ ପଶିଲେ ମନୁଷ୍ୟ କ୍ରମେ କ୍ଷୁଦ୍ର ହୁଏ ଓ ପୃଥିବୀରେ ସାମ୍ୟ-ମୈତ୍ରୀ ଭାବର ପ୍ରତିଷ୍ଠା ବ୍ୟାହତ ହୁଏ । ତେଣୁ ସେ ଲେଖିଛନ୍ତି- ''ଭାରତର ମୌଳିକ ଆତ୍ମଭାବ ସହିତ ଏ ସବୁ ତୁଳନା କରି ଦେଖି ମୁଁ ଏଇ ଭାକ୍ତିକ ଧର୍ମଠାରୁ ଯଥାସମ୍ଭବ ଦୂରେଇ ରହି ଆସିଛି ।'' (୩୦)

'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥରେ ନୀଳକଣ୍ଠ ଭକ୍ତିମୁଖ୍ୟ ସାହିତ୍ୟ ସ୍ରଷ୍ଟାମାନଙ୍କୁ କଠୋର ସମାଲୋଚନା କରିଛନ୍ତି । ବଳରାମ ଦାସଙ୍କ 'ବଟ ଅବକାଶ' ଓ 'ଭାବ-ସମୁଦ୍ର' ଗ୍ରନ୍ଥରେ ବର୍ଣ୍ଣିତ ଲଙ୍କାରେ ବିଭୀଷଣଙ୍କୁ ଦେଖିବା, ବାଲିରଥରେ ଜଗନ୍ନାଥଙ୍କୁ ବସାଇବା ଆଦି ଆଖ୍ୟାୟିକାକୁ ସେ ଭକ୍ତିଜନିତ ଭାବାତିଶଯ୍ୟ ବୋଲି କହିଛନ୍ତି । ପୁଣି 'ରସକଲ୍ଲୋଳ'କାର ଦୀନକୃଷ୍ଣ ଓ 'ମଥୁରାମଙ୍ଗଳ' ରଚୟିତା ଭକ୍ତଚରଣଙ୍କ ଭକ୍ତି-ଜନିତ ମୋହକୁ ଓଡିଆମାନଙ୍କ ନୈତିକ ସ୍ଖଳନର କାରଣ ରୂପେ ପ୍ରତିପାଦନ କରିଛନ୍ତି । ଭାକ୍ତିକ ମିଥ୍ୟାକୁ ମୂଳ କରି ଲେଖା ଯାଇଥିବା 'ଦାର୍ଢ୍ୟତାଭକ୍ତି ରସାମୃତ' ଆମ ସାମାଜିକ ଉନ୍ନତିରେ କିପରି ଘୋର ପ୍ରତିବନ୍ଧକ ସୃଷ୍ଟି କରିଥିଲା ତାହାର ସୂଚନା ଦେଇ ସେ ଲେଖିଛନ୍ତି - ''ଏ ଭଳି ଗ୍ରନ୍ଥ ଯଦି ଓଡ଼ିଶାରେ ଓଡ଼ିଆଙ୍କ ଭିତରେ ଏଇପରି ଚଳିଯାଏ ଓ ଚିରନ୍ତନ ଆଦର ପାଇବା ଅବସ୍ଥାକୁ ଚାଲିଯାଏ, ତେବେ ଓଡିଆର ବିଦ୍ୟା, ପରମ୍ପରା, ସାହିତ୍ୟ, ସାମାଜିକ ବ୍ୟକ୍ତିତ୍ୱ, ଧର୍ମ, ଜଗନ୍ନାଥ - ସବୁ ଲୋପ ପାଇଯିବ ।'' (୩୧)

Digitized by PPRACHIN, SOA

ଯୁକ୍ତିହୀନ ଭକ୍ତି ଉପରେ ନୀଳକଣ୍ଠଙ୍କର ଆଦୌ ଆସ୍ଥା ନଥିଲା । ତାଙ୍କ ଭାଷାରେ- ''ଜ୍ଞାନର ଆଲୋଚନା ବା ଯୁକ୍ତି ସେଠି ନାଇ । ଏଇ ଯୁକ୍ତି ପ୍ରତି ଭୟ ଜ୍ଞାତ ଭାବରେ ହେଉ, ଅଜ୍ଞାତ ଭାବରେ ହେଉ ଭକ୍ତଙ୍କ ଧାରଣା ଥାଏ । ବୈଷ୍ଣବଙ୍କର ବଡ କଥାଟି ହେଉଚି, 'ବିଶ୍ୱାସେ ନିକଟେ ହରି ତର୍କେ ବହୁଦୂର' ସବୁ ଭକ୍ତିଧର୍ମର ଏହାଇ ହେଲା ମୂଳମନ୍ତ୍ର ।'' (୩୨)

ପଣ୍ଡିତ ନୀଳକଣ୍ଠ ଗୌଡ଼ୀୟ ବୈଷ୍ଣବଙ୍କ ପ୍ରଚାରିତ ଭକ୍ତିଧର୍ମର ନିଷ୍ଠୁର ସମାଲୋଚକ ଥିଲେ । ତାଙ୍କର ଏହି ଗୌଡ଼ୀୟ ବୈଷ୍ଣବ ଧର୍ମ ବିରୋଧୀ ମନୋବୃତ୍ତିର ଉଦ୍ରେକ ପାଇଁ କେତୋଟି ପାରିପାର୍ଶ୍ୱିକ ପରିସ୍ଥିତି ହିଁ ମୁଖ୍ୟତଃ ଦାୟୀ । ପ୍ରଥମତଃ ଓଡିଶାର ବ୍ରାହ୍ମଣ ଶାସନଗୁଡିକରେ ଭକ୍ତିମାର୍ଗ ଅପେକ୍ଷା ଯୋଗମାର୍ଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଏପରିକି ଭକ୍ତିଧର୍ମ ଉପରେ ଆଧାରିତ ଜଗନ୍ନାଥ ଦାସଙ୍କ ଭାଗବତକୁ ବ୍ରାହ୍ମଣମାନେ 'ତେଲି ଭାଗବତ' ବୋଲି କହୁଥିଲେ । ନୀଳକଣ୍ଠ ଏହିପରି ଏକ ବ୍ରାହ୍ମଣ ଶାସନରେ ଜନ୍ମଲାଭ କରିଥିବାରୁ ଭକ୍ତିମାର୍ଗର ଅଯୌକ୍ତିକ ଓ ଅଲୌକିକ ଉପଦେଶାବଳୀ ମାନିବାକୁ ପ୍ରସ୍ତୁତ ନଥିଲେ ।

ପୁଣି କଲିକତାରେ ଏମ୍.ଏ. ପଢ଼ିବା ସମୟରେ ନୀଳକଣ୍ଠ ବ୍ରାହ୍ମ ସମାଜ ଦ୍ୱାରା ବହୁ ଭାବରେ ପ୍ରଭାବିତ ହୋଇଥିଲେ । ବ୍ରାହ୍ମ ସମାଜରେ ପରକୀୟା ପ୍ରୀତିକୁ ବହୁ ନିନ୍ଦା କରାଯାଇଛି । ମନେହୁଏ, ନୀଳକଣ୍ଠ ବ୍ରାହ୍ମ ସମାଜର ଏହି ବୈପ୍ଳବିକ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ଗୌଡ଼ୀୟଙ୍କ ପରକୀୟା ପ୍ରୀତି ଆଧାରିତ ଭକ୍ତିଧର୍ମ ବିରୁଦ୍ଧରେ ବିଦ୍ରୋହୀ ହୋଇ ଉଠିଥିଲେ ।

ନୀଳକଣ୍ଠ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାସ୍ କରିଥିଲେ । ସେତେବେଳେ ନବ୍ୟ ଶିକ୍ଷିତ ଯୁବକ ଗୋଷ୍ଠୀଙ୍କ ପ୍ରାଣରେ ସରଳ ବିଶ୍ୱାସ ଅପେକ୍ଷା ହେତୁବାଦ ବା rational ଦୃଷ୍ଟିଭଙ୍ଗୀ ଅଧିକ ପ୍ରକାଶିତ ହେଉଥିଲା । କୌଣସି ବିଷୟକୁ କେବଳ ପାରମ୍ପରିକ ଧାରା ଅନୁସରଣରେ ସ୍ୱୀକାର ନ କରି ଯୁକ୍ତି ଓ ମନୀଷାର ନିକଷରେ ପରୀକ୍ଷା ପୂର୍ବକ ଗ୍ରହଣ କରିବା ଶିକ୍ଷିତ ଯୁବସମାଜର ମାନସିକ ଅଭିରୁଚି ଓ ଆଭିମୁଖ୍ୟରେ ପରିଣତ ହୋଇଥିଲା । ମାତ୍ର ଭକ୍ତିଧର୍ମର ଯୁକ୍ତି ଓ ମନୀଷା ସହ କୌଣସି ସମ୍ପର୍କ ନ ଥିଲା ।

ଶେଷତଃ, ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ଓଡ଼ିଆ ଜାତି ତଥା ସମାଜକୁ ନୈତିକ ଆଦର୍ଶରେ ଗଢ଼ିବା ପାଇଁ ସଂକଳ୍ପବଦ୍ଧ ଥିଲେ । ତେଣୁ ଗୌଡ଼ୀୟମାନଙ୍କ ଭକ୍ତିଧର୍ମର ଭ୍ରଷ୍ଟାଚାର ଆମ ସମାଜକୁ କଳଙ୍କିତ ତଥା ପଥଭ୍ରଷ୍ଟ କରିବା ଦେଖି ସେ ପୂର୍ଣ୍ଣପ୍ରାଣରେ ତାହାର ବିରୋଧ କରିବା ପାଇଁ ବିଭିନ୍ନ ପ୍ରବନ୍ଧ ଓ ଅଭିଭାଷଣ ମାଧ୍ୟମରେ ଭକ୍ତିଧର୍ମ ବିରୁଦ୍ଧରେ ପ୍ରଚାର ଚଳାଇଥିଲେ ।

Digitized by PPRACHIN, SOA

## ଆଲୋଚନାରେ କେତୋଟି ତ୍ରୁଟି :

'ଓଡିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥର ଆଲୋଚନା ସମୟରେ ନିମ୍ନୋକ୍ତ କେତେଗୋଟି ତ୍ରୁଟି ଦୃଷ୍ଟିକୁ ଆସିଥାଏ ।

### ପୁନରୁକ୍ତି

ଆଲୋଚ୍ୟ ଗ୍ରନ୍ଥର ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗର ପ୍ରକାଶ କାଳ ମଧ୍ୟରେ ପାଞ୍ଚବର୍ଷ ବ୍ୟବଧାନ । ଦ୍ୱିତୀୟ ଭାଗରେ ଲେଖକ 'ପରିଣାମରେ ଗତି' ଦର୍ଶାଇବା ଲାଗି କଳ୍ପନା କରିଥିଲେ ହେଁ ଉପାଦାନର ଅଭାବରୁ ତାହା କରି ନ ପାରି ଦ୍ୱିତୀୟ ଭାଗଟି ମଧ୍ୟ ପ୍ରଥମ ଭାଗର ନାମାନୁସାରେ ପ୍ରକାଶ କଲେ । ସେହି ନାମକରଣର ସାର୍ଥକତା ପାଇଁ ପ୍ରଥମ ଭାଗରେ କହିଥିବା କେତୋଟି କଥା ଦ୍ୱିତୀୟ ଭାଗରେ ଅଧିକ ବିସ୍ତୃତ କରି ଲେଖିଲେ । ଫଳରେ ଗ୍ରନ୍ଥର କେତେକ ସ୍ଥାନରେ ଦ୍ୱିରୁକ୍ତି ଓ ପୁନରୁକ୍ତି ଦେଖାଯାଏ । ଦୃଷ୍ଟାନ୍ତ ସ୍ୱରୂପ ପ୍ରଥମ ଭାଗରେ ଲେଖକ ଦେବଦାସୀ ପ୍ରଥା, ଶୂନ୍ୟରୁ ସୃଷ୍ଟିତତ୍ତ୍ୱ, ପୁରୁଷୋତ୍ତମ, ଓଡିଆର ମୈତ୍ରୀଧର୍ମ ସାଧନା ଆଦି ବିଷୟରେ ସୂଚନା ଦେଇଥିଲେହେଁ ଦ୍ୱିତୀୟ ଭାଗରେ ସେସବୁକୁ ଆଉ ଟିକିଏ ଅଧିକ ବିଶ୍ଳେଷଣ କରି ଲେଖିଛନ୍ତି ।

### କ୍ରମରକ୍ଷା ବ୍ୟାହତ

'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ରେ ଲେଖକ କ୍ରମାନୁସାରେ ବିଷୟଗୁଡ଼ିକର ଆଲୋଚନା କରି ନାହାନ୍ତି । ଗ୍ରନ୍ଥଟି ପାଠକଲେ ମନେହୁଏ ଲେଖକଙ୍କ ବିଭିନ୍ନ ସମୟର ବିକ୍ଷିପ୍ତ ଚିନ୍ତାରାଶି ଲିପିବଦ୍ଧ ହୋଇ ଏଥିରେ ସଂକଳିତ ହୋଇଅଛି । ଭାବାନୁସାରେ ଲେଖାଗୁଡିକର ସଜ୍ଜୀକରଣ ହୋଇଥିଲେ ଏ ଗ୍ରନ୍ଥ କେବଳ ସୁଧୀ ସମାଜରେ ସୀମାବଦ୍ଧ ନ ରହି ସାଧାରଣ ପାଠକ ସମାଜରେ ମଧ୍ୟ ଆଦୃତ ହୋଇ ଥାଆନ୍ତା ।

### ଜାତି ପ୍ରତି ମୋହ ଯୋଗୁ ଭ୍ରମ

ଓଡିଆ ଜାତି ଏବଂ ଓଡିଆ ଭାଷା ପ୍ରତି ଅତ୍ୟଧିକ ମୋହବଶତଃ ଲେଖକ କେତେକ ସ୍ଥଳରେ ଅଗ୍ରାହ୍ୟ ଯୁକ୍ତି ଉପସ୍ଥାପନ କରିଛନ୍ତି । ଉଦାହରଣ ସ୍ୱରୂପ 'ହଂସ' ଶବ୍ଦଟିକୁ ନିଆଯାଇପାରେ । ପଣ୍ଡିତ ନୀଳକଣ୍ଠ କହନ୍ତି, ଓଡିଆଙ୍କ ଯୋଗ ସାଧନାରୁ 'ହଂସ' ଶବ୍ଦ ବୈଦିକ ସାହିତ୍ୟରେ ପ୍ରବେଶ କରିଅଛି । ''ପୁରୁଷୋତ୍ତମ' ଓ ଓଁ କାର ପରି 'ହଂସ' କଥାଟି ମଧ୍ୟ ଓଡ଼ିଆର ବୈଦିକ ସାହିତ୍ୟକୁ ଦାନ ।'' (୩୩) ଆଲୋଚକଙ୍କ ଏ ମତ ଗ୍ରହଣୀୟ ନୁହେଁ । କାରଣ ଓଡ଼ିଆ ଭାଷାର ପ୍ରାଚୀନତାର କଥା ବିଚାର କଲେ ଜଣାଯାଏ, ଖ୍ରୀ:ପୂ: ୨ୟ ଶତକରେ ଭରତମୁନି ତାଙ୍କ 'ନାଟ୍ୟ ଶାସ୍ତ୍ର'ରେ ପ୍ରଥମେ

Digitized by PPRACHIN, SOA

'ଓଡ୍ର ବିଭାଷା' ଶବ୍ଦଟି ଉଦ୍ଧାର କରିଛନ୍ତି । ବୈଦିକ ସାହିତ୍ୟର ସୃଷ୍ଟି ଏହାର ବହୁ ପୂର୍ବରୁ ଘଟିଥିଲା । ସେତେବେଳେ ଓଡିଆ ବା ଓଡ୍‌ଡ ବା ଉଡ୍ର ବା ଓଡ୍ର ନାମରେ କୌଣସି ଜାତି ବା ଭାଷାର ସତ୍ତା ନଥିଲା ।

ଅତିମାତ୍ରାରେ ଜାତି-ପ୍ରୀତି ଆଲୋଚକ କେତେକ ସ୍ଥଳରେ ସଭ୍ୟତାକୁ ଘୋଡାଇବା ପାଇଁ ଚେଷ୍ଟା କରିଛନ୍ତି । ଏହାର ଦୃଷ୍ଟାନ୍ତ ହେଉଛି, ଆମର ବହୁ ବିଶିଷ୍ଟ ଭାଷାବିଦ୍ 'ଚର୍ଯ୍ୟାପଦ'ଗୁଡିକୁ ଓଡିଆ ସାହିତ୍ୟର ଆଦିମ ରୂପ ବୋଲି ପ୍ରମାଣ କରିଥିଲେ ହେଁ, ନୀଳକଣ୍ଠ ଏହି ଗୀତଗୁଡିକୁ ବଙ୍ଗାଳୀମାନଙ୍କ କୃତି ଭାବରେ ଗ୍ରହଣ କରିଛନ୍ତି । ତାଙ୍କ ଯୁକ୍ତିରେ ଯେଉଁ ସଂସ୍କୃତି, ଯେଉଁ ଧର୍ମ, ଯେଉଁ ସାହିତ୍ୟ ସ୍ଥଳନମୁଖୀ ତାହା ଓଡ଼ିଆଙ୍କର ହୋଇ ନପାରେ । ହୁଏତ ଓଡ଼ିଆ ଜାତିକୁ ଅଧୋଗତିର ପଥରୁ ରକ୍ଷା କରିବା ପାଇଁ ଏହି ଯୁକ୍ତି ତାଙ୍କ ପୁରୋଦୃଷ୍ଟିର ପରିଚାୟକ ।

### ସମାଲୋଚନାରେ ଉଦାରତାର ଅଭାବ

ପଣ୍ଡିତ ନୀଳକଣ୍ଠ ଗୌଡ଼ୀୟ ବୈଷ୍ଣବଙ୍କ ପ୍ରଚାରିତ ପ୍ରେମ-ଭକ୍ତି ପ୍ରତି ଏତେଦୂର ବୀତସ୍ପୃହ ହୋଇ ପଡ଼ିଛନ୍ତି ଯେ ତାଙ୍କ ଆଲୋଚନାରେ ରଗାନୁଗା ଭକ୍ତି ଆଧାରିତ ସାହିତ୍ୟ ଖୁବ୍ କ୍ୱଚିତ୍ ସ୍ଥାନ ପାଇଛି । ଏପରିକି ଓଡ଼ିଶାର ଅତି ଲୋକପ୍ରିୟ ଗ୍ରନ୍ଥ ଦେବ ଦୁର୍ଲ୍ଲଭଙ୍କ 'ରହସ୍ୟ ମଞ୍ଜରୀ'କୁ ସେ ଆଦୌ ବିଚାରକୁ ନେଇ ନାହାନ୍ତି । ଅଭିମନ୍ୟୁ ସାମନ୍ତ ସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି'କୁ କେବଳ ଛନ୍ଦ ଦୃଷ୍ଟିରୁ ଆଲୋଚନା କରିଛନ୍ତି । ନୀଳକଣ୍ଠଙ୍କ ପରି ଜଣେ ନିଷ୍ଠାପର ସମାଲୋଚକଙ୍କଠାରେ ଏହି ଉଦାର ଭାବର ଅଭାବ ପାଠକଙ୍କୁ ନିରାଶ କରେ ।

### ଆଲୋଚନାରେ ପୁରୋଦୃଷ୍ଟି

ଉପରୋକ୍ତ ତ୍ରୁଟିଗୁଡିକ ସତ୍ତ୍ୱେ 'ଓଡିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥରେ ସମୀକ୍ଷକ ନୀଳକଣ୍ଠ ଓଡ଼ିଆ ସମାଜର ଚଳଣି ଉପରେ ଓଡିଆ ସାହିତ୍ୟକୁ ପ୍ରତିଷ୍ଠିତ କରିବାରେ ଯେଉଁ ନୂତନ ମାର୍ଗ ପ୍ରଦର୍ଶନ କରିଛନ୍ତି ତାହରି ଅନୁସରଣରେ ପରବର୍ତ୍ତୀ ସମାଲୋଚକଗଣ ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିବାରେ ସମର୍ଥ ହୋଇ ପାରିଛନ୍ତି । ତାଙ୍କ ମତରେ, ଜାତୀୟ ସାହିତ୍ୟରେ ଜାତୀୟ ଜୀବନ କେବଳ ପ୍ରତିଫଳିତ ହୁଏନାହିଁ, ବିକଶିତ ମଧ୍ୟ ହୁଏ । ତେଣୁ ସେ କହନ୍ତି, ''ଏହି ବିକାଶର ଧାରା ଜାତୀୟ ଜୀନର ଭିତ୍ତି, ପରମ୍ପରା ଓ ବେଷ୍ଟନୀ ମଧ୍ୟରେ ଖୋଜିବା ଛଡା ଅନ୍ୟ ଉପାୟ ନାଇ । କିନ୍ତୁ ଏଇ ବିକାଶର ଗଠନରେ ଚତୁରତା ହିଁ ସାହିତ୍ୟରେ ମନୀଷା ଓ ପ୍ରତିଭାର ପରିଚୟ ।'' (୩୪) ଓଡ଼ିଆ ସାହିତ୍ୟରେ ଏହି ମନୀଷା ଓ ପ୍ରତିଭାର ପ୍ରତିଷ୍ଠା

Digitized by PPRACHIN, SOA

ଜେତେଦୂର ପରିଲକ୍ଷିତ, ତାହାର ସମୀକ୍ଷା ଲେଖକ ଆଲୋଚ୍ୟ ଗ୍ରନ୍ଥରେ କରିଛନ୍ତି । ସାହିତ୍ୟକୁ ସଂସ୍କୃତିର ଏକ ଅବିଚ୍ଛିନ୍ନ ଅଂଶ ରୂପେ ଗ୍ରହଣ କରି ପଣ୍ଡିତ ନୀଳକଣ୍ଠ ଜାତୀୟ ସଂସ୍କୃତିର ପରିବର୍ତ୍ତନ ସଙ୍ଗେ ସାହିତ୍ୟର ଯେଉଁ ବିବର୍ତ୍ତନ ଦର୍ଶାଇଛନ୍ତି ତାହାହିଁ ତାଙ୍କ ପୁରୋଦୃଷ୍ଟିର ଯଥାର୍ଥ ପରିଚାୟକ । ଏହି ପୁରୋଦୃଷ୍ଟିର ସଙ୍କେତ ବହନ କରିଥିବାରୁ 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ପଣ୍ଡିତ ନୀଳକଣ୍ଠଙ୍କର ଏକ ଉଲ୍ଲେଖଯୋଗ୍ୟ କୃତି ।

**ପାଦଟୀକା :**

(୧) ଏହି ଗ୍ରନ୍ଥର ପ୍ରଥମ ଭାଗ ଖ୍ରୀ : ୧୯୪୮ ଓ ଦ୍ୱିତୀୟ ଭାଗ ଖ୍ରୀ: ୧୯୫୩ରେ ପ୍ରକାଶ ପାଇଥିଲା ।

(୨) ଏହି କବିତା "ପଣ୍ଡିତ ନୀଳକଣ୍ଠ ଦାସ ମହୋଦୟ ସମୀପେଷୁ" ଶୀର୍ଷକରେ 'ନବଭାରତ' - ନୂତନ ପ୍ରସ୍ଥ - ୨ୟ ବର୍ଷ ୬ଷ୍ଠ-୭ମ ସଂଖ୍ୟାରେ ପ୍ରକାଶ ପାଇଥିଲା ।

(୩) ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ - (ଓଡିଆ ସାହିତ୍ୟର କ୍ରମ-ପରିଣାମ) ପୃଷ୍ଠା ୭

(୪) ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ - ପୃଷ୍ଠା ୧

(୫) ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀରେ ସଭାପତି ନୀଳକଣ୍ଠଙ୍କ ଅଭିଭାଷଣ— ଏହା ୧୯୩୮ ମସିହାରେ 'ନବଭାରତ'-ପ୍ରେସରୁ ପ୍ରକାଶ ପାଇଥିଲା ।

(୬) ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀରେ ସଭାପତି (ନୀଳକଣ୍ଠ)ଙ୍କ ଅଭିଭାଷଣ — ପୃଷ୍ଠା ୫୪ ।

(୭) "ମାତ୍ର ପରିଣାମରେ ସମୟର ସ୍ତର ଭେଦରେ ଗତି ଦେଖାଇ ଓଡ଼ିଆ ସାହିତ୍ୟ ଆଲୋଚନା କରିବାର ସାମଗ୍ରୀ ନାଇ । ତା' ସବୁ ଖୋଜି କାଢ଼ିବା ପାଇଁ ମଧ୍ୟ ବାୟୁମଣ୍ଡଳ ତିଆରି ହୋଇନାଇ" — ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ - ୨ୟ ଭାଗ, ଆଦ୍ୟ କଥନୀ

(୮) "ଆଶା ହୁଏ, ଆମ ସାହିତ୍ୟ ସାଧକମାନେ ଏଇ ସଂକେତର ଧାରା ଧରି ସତ୍ୟାସତ୍ୟ ନିରୂପଣ କରି ସାହିତ୍ୟ ଆଲୋଚନା କରିବେ ।" — ଓଡ଼ିଆ ସାହିତ୍ୟର କ୍ରମପରିଣାମ — ୨ୟ ଭାଗ ଆଦ୍ୟ କଥନୀ

(୯) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ — ୨ୟ ଭାଗ - ଆଦ୍ୟକଥନୀ

Digitized by PPRACHIN, SOA

(୧୦) ନୀଳକଣ୍ଠ ଗ୍ରନ୍ଥାବଳୀ — ୩ୟ ଖଣ୍ଡ - ୧୨ ପୃଷ୍ଠା ଦ୍ରଷ୍ଟବ୍ୟ

(୧୧) ତତ୍ରୈବ — ପୃଷ୍ଠା - ୬୮

(୧୨) ନୀଳକଣ୍ଠ ଗ୍ରନ୍ଥାବଳୀ ୩ୟ ଖଣ୍ଡ (ଓଡିଆ ସାହିତ୍ୟର କ୍ରମ-ପରିଣାମ) ୧୩୨-୧୩୩ ପୃଷ୍ଠା ଦ୍ରଷ୍ଟବ୍ୟ

(୧୩) ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ ୧୦୯ ପୃଷ୍ଠା ।

(୧୪) ଏଠାରେ ବେଦର ବର୍ଣ୍ଣଭେଦକୁ ବୁଝାଉଛି ।

(୧୫) ନୀଳକଣ୍ଠ ଗ୍ରନ୍ଥାବଳୀ — ୩ୟ ଖଣ୍ଡ ୧୨୦ ପୃଷ୍ଠା

(୧୬) ସଂସ୍କୃତ ଓ ସଂସ୍କୃତି — ନୀଳକଣ୍ଠ ଗ୍ରନ୍ଥାବଳୀ (୨ୟ ଖଣ୍ଡ) ପୃଷ୍ଠା-୪୯୧

(୧୭) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ — ନୀଳକଣ୍ଠ ଗ୍ରନ୍ଥାବଳୀ (୩ୟ ଖଣ୍ଡ) ୧୩୦ ପୃଷ୍ଠା ।

(୧୮) 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' — ନୀଳକଣ୍ଠ ଗ୍ରନ୍ଥାବଳୀ (୩ୟ ଖଣ୍ଡ) ପୃଷ୍ଠା ୮୦ ରୁ ୮୪ ଦ୍ରଷ୍ଟବ୍ୟ ।

(୧୯) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ — ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ, ପୃ-୩୪୬ ।

(୨୦) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ — ନୀଳକଣ୍ଠ ଗ୍ରନ୍ଥାବଳୀ — ତୃତୀୟ ଖଣ୍ଡ, ପୃ-୩୪୫ ।

(୨୧) ତତ୍ରୈବ — ୨୬୩ ପୃଷ୍ଠା ଦ୍ରଷ୍ଟବ୍ୟ ।

(୨୨) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ — ନୀଳକଣ୍ଠ ଗ୍ରନ୍ଥାବଳୀ - ତୃତୀୟ ଖଣ୍ଡ — ୨୯୪ ପୃଷ୍ଠା ଦ୍ରଷ୍ଟବ୍ୟ ।

(୨୩) ତତ୍ରୈବ— ପୃଷ୍ଠା ୨୯୩ ।

(୨୪) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ — ନୀଳକଣ୍ଠ ଗ୍ରନ୍ଥାବଳୀ — ୩ୟ ଖଣ୍ଡ - ୩୦୦ ପୃଷ୍ଠା ।

(୨୫) ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ — ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ - ୪୭ ପୃଷ୍ଠା ଦ୍ରଷ୍ଟବ୍ୟ ।

(୨୬) ଓଡିଆ ସାହିତ୍ୟର କ୍ରମ ପରିଣାମ ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ, ୩୯୨ ପୃଷ୍ଠା ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

(୨୭) ସଂସ୍କୃତ ଓ ସଂସ୍କୃତି — ନୀଳକଣ୍ଠ ଗ୍ରନ୍ଥାବଳୀ (୨ୟ ଖଣ୍ଡ) ପୃଷ୍ଠା-୧୦

(୨୮) ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ - ୨୦୭ ପୃଷ୍ଠା ଦ୍ରଷ୍ଟବ୍ୟ ।

(୩୦) ଆତ୍ମଜୀବନୀ — ନୀଳକଣ୍ଠ ଦାସ - ପୃଷ୍ଠା ୧୬୪ ।

(୩୧) ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ - ପୃଷ୍ଠା ୩୫୪ ।

(୩୨) ଡଣ୍ଡ୍ରେବ — ପୃଷ୍ଠା ୨୨୫ ।

(୩୩) ନୀଳକଣ୍ଠ ଗ୍ରନ୍ଥାବଳୀ — ୩ୟ ଖଣ୍ଡ - ୧୦୭ ।

(୩୪) ଓଡ଼ିଆ ସାହିତ୍ୟରେ ଗଠନ କଳା-ଆଲୋଚନା-ନବଭାରତ — ୨ୟ ବର୍ଷ ୬ଷ୍ଠ ସଂଖ୍ୟା ।

❑❑

Digitized by PPRACHIN, SOA

# ଓଡ଼ିଆ ଭାଷା ଓ ବ୍ୟାକରଣର ସ୍ୱାତନ୍ତ୍ର୍ୟ ରକ୍ଷାଦିଗରେ ପଣ୍ଡିତ ନୀଳକଣ୍ଠଙ୍କ ଉଦ୍ୟମ

"ଭାଷା ହିଁ ସାହିତ୍ୟ ତଥା ସଭ୍ୟତାର ଆଧାର, ଭାଷା ଚର୍ଚ୍ଚା ବିନା ଆଜିଠାରୁ ତିନିଶହ ବର୍ଷ ପରେ ଲୋକେ ବର୍ତ୍ତମାନର ସାହିତ୍ୟ ବୁଝିବେ ନାହିଁ । ସଭ୍ୟତାର ଭୂୟୋବିକାଶ ପକ୍ଷରେ ଏହା ଏକ ଘୋର ଅନ୍ତରାୟ ।" (୧)

"ସମାଜର ଗତି ସଂଗେ ଓଡ଼ିଆ ଭାଷାର ବିକାଶ ହୋଇ ନାହିଁ । ଲିଖିତ ଭାଷାରେ ତ ହୋଇ ନାହିଁ, କଥିତ ଭାଷାରେ ବି ତାହା ହୋଇପାରିନାହିଁ । କେବଳ ଓଡିଆରେ ନୁହେଁ, ଭାରତର ଅନ୍ୟାନ୍ୟ ଅନେକ ଭାଷା ବିଶେଷରେ ସଂସ୍କୃତ ମୂଳକ ଭାଷାର ଏଇ ଅବସ୍ଥା ।" (୨)

ଭାଷାତତ୍ତ୍ୱବିଦ୍ ପଣ୍ଡିତ ନୀଳକଣ୍ଠଙ୍କ ଉପରୋକ୍ତ ଉକ୍ତି ଦୁଇଟିରୁ ଜଣାଯାଏ, ସେ ଭାଷାକୁ ସଭ୍ୟତାର ଆଧାର ରୂପେ ଗ୍ରହଣ କରି ସଭ୍ୟତାର ଭୂୟୋବିକାଶ ପାଇଁ ଭାଷାଚର୍ଚ୍ଚା ଉପରେ ବିଶେଷ ଗୁରୁତ୍ୱ ଆରୋପ କରୁଥିଲେ ଓ ତା' ସଙ୍ଗେ ସଙ୍ଗେ ସମାଜର ଗତି ସଂଗେ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାଗୁଡିକର ବିକାଶ ଘଟୁ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ସଂସ୍କୃତ ଭାଷାର ନିଗଡ଼ରୁ ମୁକ୍ତ ନ ହେଲେ ଏହି ଭାଷା ଗୁଡ଼ିକର ସ୍ୱାଭାବିକ ବିକାଶ ଘଟିବ ନାହିଁ । ଏ କଥା ହୃଦୟଙ୍ଗମ କରି ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାକୁ ସଂସ୍କୃତ-ବନ୍ଧନ-ମୁକ୍ତ କରି ତାହାର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ପାଇଁ ବିଭିନ୍ନ ଲେଖା ଓ ବକ୍ତୃତା ମାଧ୍ୟମରେ ଉଦ୍ୟମ କରିଥିଲେ ।

ପଣ୍ଡିତ ନୀଳକଣ୍ଠଙ୍କ ଯୁକ୍ତିରେ, ସଂସ୍କୃତ ମୂଳକ ଭାଷା ବାରମ୍ବାର ଲୋକ ଭାଷାକୁ ଆକ୍ରମଣ କରିବା ଫଳରେ ଆମର ଭାଷା କୃତ୍ରିମ ହୋଇ ପଡୁଛି ଏବଂ ଆମ ଭାଷା ଯେତିକି ଲୋକଭାଷା ଓ ଲୋକରୁଚିର ଅନୁସରଣ କରିବ ତାହା ସେତିକି ସରଳ ଓ ସ୍ୱାଧୀନ ହେବ । ଏହାହିଁ ଭାଷା ବିକାଶରେ ମୂଳସୂତ୍ର ବୋଲି ସେ ବୁଝିଥିଲେ । ଏ ଦିଗରେ ପାଦ୍ରୀମାନଙ୍କର ଉଦ୍ୟମର ପ୍ରଶଂସା କରି ସେ ଲେଖିଛନ୍ତି - "ହେଲେ ହେଁ, ସବା ଆଗେ ପାଦ୍ରୀମାନେ ଓଡିଆକୁ ସଂସ୍କୃତ କରି ନଦେଖି କିମ୍ବା ବଙ୍ଗଳାର ଭ୍ରାତୃଷ୍ପୁତ୍ର ଭାବେ କଳ୍ପନା ନ କରି ଓଡିଆରେ ନିଜ ସ୍ୱାତନ୍ତ୍ର୍ୟ ପ୍ରତି ଦୃଷ୍ଟି ଦେଇ ଲେଖା ଆରମ୍ଭ କରିଥିଲେ । x x x ଭାଷା ଠିକ୍ କରିବା ଦରକାର ହେଲେ ସେମାନେ ବଢ଼େଇ, ମୂଲିଆକୁ ପଚାରି ତା' କରୁଥିଲେ । ଓଡ଼ିଆ ତାଙ୍କ ମାତୃଭାଷା ନଥିବାରୁ

Digitized by PPRACHIN, SOA

ଅବଶ୍ୟ ଭାଷାକୁ ରୁଚିସଂପନ୍ନ କରିବାରେ ଦକ୍ଷତା ତାଙ୍କର ନ ହେବାର କଥା - ହେଉ ନଥିଲା । ତଥାପି ଲିଖିତ ଭାଷା ତିଆରି କରିବାରେ ସେ ଯେଉଁ ସୂତ୍ର ଧରିଥିଲେ ତାହାହିଁ ଠିକ୍ ।'' (୩)

### ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ପ୍ରତିପାଦନ ଲାଗି ନୀଳକଣ୍ଠଙ୍କ ଉଦ୍ୟମ

'ସତ୍ୟବାଦୀ'ର ବିଭିନ୍ନ ସଂଖ୍ୟାରେ, 'ନବଭାରତ'ର ଆଲୋଚନା ପର୍ଯ୍ୟାୟମାନଙ୍କରେ ଓ ଗୋପୀନାଥ ନନ୍ଦ ଶର୍ମାଙ୍କ ରଚିତ 'ଓଡ଼ିଆ ଭାଷାତତ୍ତ୍ୱ'ର 'ଗ୍ରନ୍ଥ ପ୍ରବେଶ'ରେ ଓଡ଼ିଆ ଭାଷା ସମ୍ବନ୍ଧରେ ବହୁ ଆଲୋଚନା କରି ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ଦର୍ଶାଇବା ଦିଗରେ ଉଦ୍ୟମ କରିଛନ୍ତି । ସେ ପୁଣି ଓଡ଼ିଆ ଭାଷାର ସ୍ୱରୂପ ସମ୍ପର୍କରେ ଇଂରାଜୀ ଭାଷାରେ କେତୋଟି ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଦେଇ ଓଡ଼ିଶା ବାହାରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରାଇବାରେ ସଫଳ ହୋଇଥିଲେ । ସେଥି ମଧ୍ୟରେ All India Oriental Conferenceର ବିଂଶତମ ଅଧିବେଶନରେ ସଭାପତିତ୍ୱ କରି ଖ୍ରୀ: ୧୯୫୯ ଅକ୍ଟୋବର ୩ ତାରିଖରେ ଓଡ଼ିଆ ଭାଷା ଉପରେ ସେ ଯେଉଁ ଭାଷଣଟି ଦେଇଥିଲେ ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହି ଭାଷଣଟି 'ପ୍ରଜାତନ୍ତ୍ର' ପ୍ରେସ ଦ୍ୱାରା 'Presidential Address on Regional language (Oriya Language) ଶୀର୍ଷକରେ ମୁଦ୍ରିତ ହୋଇଥିଲା । ଏହା ବ୍ୟତୀତ ତାଙ୍କ ଲିଖିତ 'Oriya Language and culture (୪) ପ୍ରବନ୍ଧରୁ ମଧ୍ୟ ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ ସମ୍ପର୍କରେ ସ୍ପଷ୍ଟ ଧାରଣା ଜନ୍ମେ ।

### ସମାଜର ଗତି ସଙ୍ଗେ ଭାଷା ପରିବର୍ତ୍ତିତ ହେବା ଉଚିତ

ସମାଜର ଗତି ସଂଗେ ଭାଷାର ପରିବର୍ତ୍ତନ ନ ଘଟିଲେ ଲୋକ ସାହିତ୍ୟ ଫିଟିବ ନାହିଁ । ଏଥିପାଇଁ ସାରଳା ସାହିତ୍ୟରେ ଲୋକଭାଷା, ଲୋକରୁଚି ଓ ଲୋକ ପରଂପରା ଫୁଟି ଥିବାରୁ ତାହାକୁ ନୀଳକଣ୍ଠ ଆମ ଜାତିର ଯଥାର୍ଥ ସାହିତ୍ୟ ରୂପେ ପ୍ରତିଷ୍ଠା ଦେଇଛନ୍ତି । ପୁଣି ସାରଳା ସାହିତ୍ୟର ଏହି ବୈଶିଷ୍ଟ୍ୟ ବୈଷ୍ଣବ ଯୁଗରେ ଆଂଶିକ ଭାବେ ଏବଂ ଭଞ୍ଜଯୁଗରେ ବହୁ ଭାବରେ ବାଧାପ୍ରାପ୍ତ ହୋଇ ସଂସ୍କୃତମୂଳକ ହୋଇ ପଡ଼ିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି ।

### ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା ଦିଗରେ ନୀଳକଣ୍ଠଙ୍କର ପୂର୍ବସୂରୀଙ୍କ ଉଦ୍ୟମକୁ ପ୍ରଶଂସା

ଓଡିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା ଦିଗରେ ପ୍ରଥମେ ପାରଳାର ସୁପଣ୍ଡିତ ଶ୍ୟାମସୁନ୍ଦର ରାଜଗୁରୁ ଉଦ୍ୟମ ଚଳାଇଥିଲେ । ତାଙ୍କର ସେହି ଉଦ୍ୟମକୁ ଫଳପ୍ରଦ

Digitized by PPRACHIN, SOA

କରିବାରେ ପାରଳାଖେମୁଣ୍ଡିରେ ଅନ୍ୟତମ ଭାଷାତତ୍ତ୍ୱବିଦ୍ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ସଫଳ ହେଲେ । ତେଣୁ ଏହି ପଣ୍ଡିତ ଦ୍ୱୟଙ୍କ ଉଦ୍ୟମକୁ ତଥା ସେମାନଙ୍କ ପୁରୋଦୃଷ୍ଟି ଏବଂ ସତ୍‌ସାହାସକୁ ନୀଳକଣ୍ଠ ଶତ ମୁଖରେ ପ୍ରଶଂସା କରିଛନ୍ତି । ବିଶେଷତଃ 'ଓଡିଆ ଭାଷାତତ୍ତ୍ୱ' ଗ୍ରନ୍ଥରେ ପଣ୍ଡିତ ଗୋପୀନାଥ ସଂସ୍କୃତକୁ ସାଧୁଭାଷା ନ କହି ଓଡିଆ ସାଧୁ, ଗ୍ରାମ୍ୟ ଓ ଆଞ୍ଚଳିକ ଭାଷାର ସୀମା ପରିସର ଓ ବ୍ୟାପ୍ତି ନିର୍ଦ୍ଦେଶ କରିଥିବାରୁ, ପଦ, କାରକ, ବିଭକ୍ତି ପ୍ରଭୃତି ଆଲୋଚନାରେ ମୌଳିକ ଓ ସ୍ୱାଧୀନ ପନ୍ଥା ଫୁଟାଇ ଓଡିଆ ଭାଷାର ବିଶିଷ୍ଟ ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥିବାରୁ, ଓଡ଼ିଆ ଲେଖା ଓ ଅଭିଧାନଗତ ଶବ୍ଦମାନଙ୍କର ତାତ୍ତ୍ୱିକ ଉଚ୍ଚାରଣ ଓ ଲିଖନ ପ୍ରଣାଳୀରେ ସଂଗତ ସୂଚନା ଦେଇଥିବାରୁ ଭାଷାତତ୍ତ୍ୱବିଦ୍ ନୀଳକଣ୍ଠ ତାଙ୍କୁ ଉଚ୍ଚ ସମ୍ମାନ ଜ୍ଞାପନ କରିଛନ୍ତି । ହେଲେହେଁ ଆଲୋଚ୍ୟ ଗ୍ରନ୍ଥର ଆଲୋଚନା ସମୟରେ ସେ ଗ୍ରନ୍ଥଟିର ଯେଉଁଠାରେ ଅଭାବ ଲକ୍ଷ୍ୟ କରିଛନ୍ତି ସେଠାରେ ପ୍ରତିକୂଳ ମନ୍ତବ୍ୟ ଦେଇ ପାଠକମାନଙ୍କୁ ସେ ବିଷୟରେ ସଚେତନ କରାଇବାକୁ ନିଜର କର୍ତ୍ତବ୍ୟ ମନେ କରିଛନ୍ତି ।

### ଭାଷାର ସ୍ୱାତନ୍ତ୍ର୍ୟ ଓ ସାର୍ବଜନୀନତା

'ଓଡ଼ିଆ ଭାଷାତତ୍ତ୍ୱ'ର ଆଲୋଚନା ସମୟରେ ସମୀକ୍ଷକ ନୀଳକଣ୍ଠ ଭାଷାର ଦୁଇଟି ବିଭବ ଉପରେ ଆଲୋକପାତ କରିଛନ୍ତି । ପ୍ରଥମଟି ଭାଷାର ସ୍ୱାତନ୍ତ୍ର୍ୟ ଓ ଅନ୍ୟଟି ତାହାର ସାର୍ବଜନୀନତା । ଭାଷାର ସ୍ୱାତନ୍ତ୍ର୍ୟ ଦର୍ଶାଇବା କ୍ରିୟାକୁ 'ବିଶ୍ଳେଷଣ କ୍ରିୟା' ଓ ସାର୍ବଜନୀନତା ଦର୍ଶାଇବା କ୍ରିୟାକୁ 'ସଂଶ୍ଳେଷଣ କ୍ରିୟା' ଅର୍ଥରେ ଗ୍ରହଣ କରି ସେ କହନ୍ତି ଯେ, ବିଶ୍ଳେଷଣ ସୂତ୍ରରେ ସାଧାରଣ ନୀତି ଦେଖାଇବା ପାଇଁ ବେଳେ ବେଳେ ସଂଶ୍ଳେଷଣ ଦରକାର ହୋଇଥାଏ । କିନ୍ତୁ ସ୍ୱାତନ୍ତ୍ର୍ୟକୁ ସାର୍ବଜନୀନତା ଉପରେ ପ୍ରତିଷ୍ଠିତ କରାଇବାର ସେ ବିରୋଧୀ ଥିଲେ । ପଣ୍ଡିତ ଗୋପୀନାଥ ନନ୍ଦ ଓଡ଼ିଆ କବିତାର ସ୍ୱର ନିୟମ ତଥା ଛନ୍ଦରେ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟକରି କବିତାର ଛନ୍ଦକୁ ଓଡ଼ିଆରେ ଭର୍ତ୍ତି କରିବାର ଯେଉଁ ପ୍ରୟାସ କରିଥିଲେ ନୀଳକଣ୍ଠ ତାଙ୍କୁ ସମାଲୋଚନା କରିଛନ୍ତି ।

### ଭାଷାର ପ୍ରାଣ ଓ ପିଣ୍ଡ

ଭାଷର ପ୍ରକୃତି ସମ୍ବନ୍ଧରେ ଆଲୋଚନା କରି ସମୀକ୍ଷକ ନୀଳକଣ୍ଠ କହନ୍ତି, ବିଦେଶୀ ଶବ୍ଦର ଆଦାନ ପ୍ରଦାନରେ ଭାଷାର ପ୍ରକୃତି ବଦଳିଯାଏ ନାହିଁ, କାରଣ ଯେଉଁ ସବୁ ବାହାର ଶବ୍ଦ କୌଣସି ଏକ ଭାଷକୁ ଆସେ ତାହା ଅବିକଳ ସେହିପରି ରହେ ନାହିଁ । ଭାଷାର ସ୍ୱତନ୍ତ୍ର ପ୍ରକୃତିରେ ପଡ଼ି ତାହା ପରିବର୍ତ୍ତିତ ହୁଏ । ସେ ଗୁଡ଼ିକର ସ୍ୱର ବ୍ୟଞ୍ଜନ ବିନ୍ୟାସରେ ଆକୁଞ୍ଚନ, ପ୍ରସାରଣ ଓ ବିବର୍ତ୍ତନ ଘଟିଥାଏ । ଆଲୋଚକଙ୍କ

Digitized by PPRACHIN, SOA

ଭାଷାରେ - "ଏହି ସ୍ୱର ବା ବର୍ଣ୍ଣନିୟମର ପରିଣତି, ପ୍ରକ୍ରିୟା ଓ ପ୍ରଣାଳୀ ଭାଷାର ପ୍ରାଣ ଓ ବ୍ୟାକରଣ ନିୟମ ତାହାର ସ୍ଥୂଳ ଶରୀର ।" (୫)

ଭାଷା ଦୃଷ୍ଟିରୁ ଓଡ଼ିଶାର ବିଭାଗୀକରଣ

ପଣ୍ଡିତ ନୀଳକଣ୍ଠ ଉଭୟ ସଭ୍ୟତା ଓ ଭାଷା ଦୃଷ୍ଟିରୁ ଓଡ଼ିଶାକୁ ତିନି ଭାଗରେ ବିଭକ୍ତ କରିଛନ୍ତି । ସଭ୍ୟତା ତଥା ସଂସ୍କୃତି ଦୃଷ୍ଟିରୁ ଓଡ଼ିଶା କିପରି କଳିଙ୍ଗ କୋଶଳ ଓ ଉତ୍କଳ - ଏହି ତିନିଖଣ୍ଡରେ ବିଭକ୍ତ ହୋଇଛି, ତାହା ସେ 'ଗୀତାଭାଷ୍ୟ'ରେ ଦର୍ଶାଇଛନ୍ତି । ଭାଷାର ଉଚ୍ଚାରଣ ଦୃଷ୍ଟିରୁ କଳିଙ୍ଗ, କୋଶଳ ଓ ଉତ୍କଳ ଅଞ୍ଚଳର ଭିନ୍ନତା ପ୍ରତିପାଦନ କରି ନୀଳକଣ୍ଠ କହନ୍ତି - ଦ୍ରାବିଡ ପ୍ରଭାବିତ 'କଳିଙ୍ଗ' ଖଣ୍ଡରେ ଶ, ଷ, ସ ର ଉଚ୍ଚାରଣ କେବଳ 'ସ' (ଦନ୍ତ୍ୟ) ହୁଏ - ସଂସ୍କୃତର 'କୃଷି' ଶବ୍ଦ ଏଠାରେ 'ଚାସ' ହୁଏ । କିନ୍ତୁ ବଂଗ ପ୍ରଭାବିତ 'ଉତ୍କଳ' ଖଣ୍ଡରେ ଏବଂ ପୂର୍ବ କୋଶଳର କେତେକ ସ୍ଥାନରେ ଏହି 'କୃଷି' ଶବ୍ଦ 'ଚାଶ' ହୁଏ । ଅର୍ଥାତ୍, କଳିଙ୍ଗର 'ସ' (ଦନ୍ତ୍ୟ) ଉତ୍କଳ ଏ ପୂର୍ବ କୋଶଳରେ 'ଶ' (ତାଲବ୍ୟ) ରୂପେ ଉଚ୍ଚାରିତ ହୁଏ । (୬) ଏହି ଉଚ୍ଚାରଣର ଭିନ୍ନତା ଆଲୋଚକଙ୍କୁ ଚାରିହଜାର ବର୍ଷ ପୂର୍ବେ ୟୁରୋପୀୟ ଭାଷା ପରିବାରର 'ଶତମ୍' ଓ 'କେନ୍ତୁମ୍' ବର୍ଗର ବିଭାଗକୁ ସ୍ମରଣ କରାଇ ଦେଇଛି । ମାଗଧୀ ଅପଭ୍ରଂଶରୁ ତାଲବ୍ୟ 'ଶ' ଆସିଥିବାରୁ ନୀଳକଣ୍ଠ ଏହି ଅପଭ୍ରଂଶକୁ ଆସାମ, ବଙ୍ଗଳା, ବିହାରୀ ଓ 'ଉତ୍କଳଖଣ୍ଡ'ରେ କଥିତ ଓଡ଼ିଆର ଉତ୍ପତ୍ତି ଉତ୍ସ ବୋଲି ଦର୍ଶାଇଛନ୍ତି । ପୁଣି ଦନ୍ତ୍ୟ 'ସ' ପଶ୍ଚିମ ଗାଙ୍ଗେୟ ବା ପଞ୍ଜାବ ଅଞ୍ଚଳରେ ବ୍ୟବହୃତ ସୌରସେନୀ ଅପଭ୍ରଂଶରୁ ଆସିଥିବାରୁ ଏହି ଅପଭ୍ରଂଶକୁ ସେ ପଞ୍ଜାବୀ, ରାଜସ୍ଥାନୀ, ମହାରାଷ୍ଟ୍ରୀ, ଗୁଜୁରାଟୀ ଓ 'କଳିଙ୍ଗଖଣ୍ଡ'ରେ କଥିତ ଓଡ଼ିଆର ଉତ୍ପତ୍ତି ଉତ୍ସ ରୂପେ ସ୍ୱୀକାର କରିଛନ୍ତି । (୭)

ପଣ୍ଡିତ ନୀଳକଣ୍ଠ ପୁଣି Encyclopedia Britanica (14th Edition-vol-XIIର Indo Aryan Language Dialectic variation ପୃଷ୍ଠା-୨୫୭-୨୫୮)ର ଉକ୍ତିକୁ ସମର୍ଥନ କରି କହନ୍ତି, ବନାରସ ଅଞ୍ଚଳର ଜୈନମାନଙ୍କ ଦ୍ୱାରା କଥିତ ଅର୍ଦ୍ଧମାଗଧୀରେ ମାଗଧୀ ପ୍ରାକୃତର ବହୁ ଲକ୍ଷଣ ପରିଲକ୍ଷିତ ହୁଏ । କିନ୍ତୁ ମାଗଧୀଠାରୁ ଏହାର ପାର୍ଥକ୍ୟ ହେଉଛି, ଏହି ଅର୍ଦ୍ଧମାଗଧୀରେ ଶ, ଷ, ସ - (ଦନ୍ତ୍ୟ) 'ସ' ପରି ଉଚ୍ଚାରିତ ହୁଏ, ଏହି ଉଚ୍ଚାରଣଗତ ପାର୍ଥକ୍ୟ 'ଶ', 'ଷ', 'ଷ', 'ଓ', 'ସ',ର) ନ ବୁଝି ଡକ୍ଟର ସୁନୀତି କୁମାର ଚାଟାର୍ଯୀ ଓଡ଼ିଆକୁ ମାଗଧୀ ପ୍ରାକୃତର ଏକ ଶାଖା କହିଥିବାରୁ ନୀଳକଣ୍ଠ ତାହାର ପ୍ରତିବାଦ କରି ଲେଖିଛନ୍ତି- "But inspite of this dental and palatal 'Sa' difference in pronunciation which is not observed by our linguistic scholars, Dr. Suniti Kumar

Digitized by PPRACHIN, SOA

Chatterjee includes Oriya as a branch of the purely Magadhi Prakrit or Magadhi Apavransa. Such a division may be generally apparent but is not a fact in actual pronunciation." (୮) ଅର୍ଦ୍ଧ ମାଗଧୀ ପ୍ରାକୃତରୁ ଓଡିଆ ଭାଷା ସୃଷ୍ଟି ସମ୍ଭାବନାକୁ ସେ ସମର୍ଥନ କରିଛନ୍ତି । ନୀଳକଣ୍ଠଙ୍କ ଯୁକ୍ତିରେ ଓଡିଆ ଭାଷା ମୂଳତଃ ଆର୍ଯ୍ୟ ଭାଷା ପରିବାରର ଅନ୍ତର୍ଭୁକ୍ତ ହେଲେ ହେଁ ଏହା କଳିଙ୍ଗ, କୋଶଳ ଓ ଉତ୍କଳ - ଏହି ତିନି ଗୋଟି ମୁଖ୍ୟ ଅଞ୍ଚଳର ଭାଷାକୁ ନେଇ ସୃଷ୍ଟି । ଲେଖକଙ୍କ ଭାଷାରେ- 'The present Oriya speaking land used a Language which is now called Oriya. This is undoubtedly a branch of the Aryan family. But it consists today of three main elements - the Langnage of Kalinga region, the South Koshala region and the Utkala region." (୯)

କଳିଙ୍ଗ ଖଣ୍ଡରେ ଦ୍ରାବିଡ ଭାଷାର ପ୍ରଭାବ, ଦକ୍ଷିଣ କୋଶଳ ଖଣ୍ଡରେ ଶବର ଭାଷାର ପ୍ରଭାବ ଓ ପୂର୍ବ କୋଶଳ ଓ ଉତ୍କଳ ଖଣ୍ଡରେ ସଂସ୍କୃତ ଭାଷାର ପ୍ରଭାବ ଭାଷାବିଦ୍ ନୀଳକଣ୍ଠ ଲକ୍ଷ୍ୟ କରିଛନ୍ତି । ଏହି ତିନି ଭାଷାଖଣ୍ଡର ସମନ୍ୱୟରେ ଓଡ଼ିଆ ଭାଷାର ସୃଷ୍ଟି ହୋଇଥିବାରୁ ଓଡ଼ିଆ ଭାଷାରେ ଦ୍ରାବିଡ, ନିଷାଦ ବା ଶବର ଏବଂ ଆର୍ଯ୍ୟ ଭାଷାର ସମ୍ମିଶ୍ରଣ ଘଟିଅଛି ।

## ଓଡ଼ିଆ ଭାଷା ତତ୍ସମ ଶବ୍ଦ ବହୁଳ ହେବାର କାରଣ

ଓଡ଼ିଆ ଭାଷା ତତ୍ସମ ଶବ୍ଦ ବହୁଳ ହେବା ପାଇଁ ପଣ୍ଡିତ ନୀଳକଣ୍ଠ ଗଙ୍ଗବଂଶୀ ରାଜାମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଛାନ୍ଦ ସାହିତ୍ୟର ଅନୁକରଣରେ ଓଡ଼ିଶାରେ ସଙ୍ଗୀତର ପ୍ରସାର ଘଟାଇବା ସଙ୍ଗେ ସଙ୍ଗେ ଓଡ଼ିଆ ଛାନ୍ଦ ସାହିତ୍ୟର ମଧ୍ୟ ପ୍ରଭୂତ ଉନ୍ନତି ସାଧନ କରିଥିଲେ । ଛାନ୍ଦ ସାହିତ୍ୟ ପାଇଁ ଉଚ୍ଚକୋଟୀର ଭାଷା ଆବଶ୍ୟକ ହେବାରୁ ସଂସ୍କୃତ ଭାଷାରୁ ବହୁ ଶବ୍ଦ ଓଡିଆରେ ପ୍ରବେଶ କଲା । ତାଙ୍କ ଭାଷାରେ- "This Chhanda Literature required a very copious and rich vocabulary and consequently the Oriya literature became burdened with Sanskrit and Tatsama words." (୧୦) ପୁଣି ଖ୍ରୀ: ୧୩ଶ ୧୪ଶ ଶତାବ୍ଦୀରେ ବିଶ୍ୱନାଥ କବିରାଜ ସଂସ୍କୃତର 'ନୈଷଦୀୟ ଚରିତ'ର ଶୈଳୀ ଦ୍ୱାରା ପ୍ରଭାବିତ ହୋଇ 'ସାହିତ୍ୟ ଦର୍ପଣ' ରଚନା କଲେ । କ୍ରମେ ଏଇ ସଂସ୍କୃତ ଭାଷାର ପ୍ରଭାବ ଫଳରେ ଓଡ଼ିଆ ତାହାର ସ୍ୱାତନ୍ତ୍ର୍ୟ ହରାଇବାକୁ ବସିଲା ।

## ଓଡ଼ିଆ ଭାଷାର ନବ ଯୁଗର ପ୍ରବର୍ତ୍ତନ

ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାର ନବଯୁଗର ପ୍ରବର୍ତ୍ତକ ରୂପେ ଗଜପତି

Digitized by PPRACHIN, SOA

କପିଳେନ୍ଦ୍ର ଦେବ ଓ ଶୂଦ୍ରମୁନି ସାରଳା ଦାସଙ୍କୁ ପ୍ରତିଷ୍ଠା ଦେଇଛନ୍ତି । ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ' ରଚିତ ହେବା ପରେ ଓଡ଼ିଆ ଭାଷା ତାହାର ସ୍ୱାତନ୍ତ୍ର୍ୟ ହରାଇ ବସିବା ବେଳକୁ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରେ ଓଡ଼ିଆ ଲିପି ବଙ୍ଗଳା ଓ ସଂସ୍କୃତଠାରୁ ସ୍ୱତନ୍ତ୍ର ହୋଇ ବର୍ତ୍ତୁଳାକାର ହେଲା । ପୁଣି ସାରଳାଙ୍କ ଲେଖନୀ ମାଧ୍ୟମରେ ଓଡିଆ ଭାଷା ତାହାର ପ୍ରକୃତ ସ୍ୱରୂପ ଫେରିପାଇଲା । ତେଣୁ ନୀଳକଣ୍ଠ ଯଥାର୍ଥରେ କହିଛନ୍ତି - "The Poet Sarala Das is the symbol of this renaissance. It was during his time and the time of the Emperor Kapilendra that, Oriya 'lipi' which is derived from the lipi called proto Bengali and proto Devanagari, became fixed in the loop form of the palm leaf writing and took on the shape and form in which it is practically written at present." (୧୧) ସାରଳାଙ୍କ ପରେ ଜଗନ୍ନାଥ ଦାସଙ୍କ ଭାଗବତରେ ଯେଉଁ ଓଡ଼ିଆ ଭାଷା ବ୍ୟବହୃତ ହୋଇଛି ତାହା ଏ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି ବୋଲି ଆଲୋଚକ ଦୃଢ଼ମତ ପୋଷଣ କରିଛନ୍ତି । ମାତ୍ର ରାଧାନାଥଙ୍କ ଦ୍ୱାରା ପ୍ରଚଳିତ ଓଡ଼ିଆ ଛାନ୍ଦରେ ଉପଧାମିଳନର ସେ ଘୋର ବିରୋଧ କରି ଏହା ଓଡ଼ିଆ ଛନ୍ଦର ନିତ୍ୟ ଅଂଶ ନୁହେଁ ବୋଲି ଦର୍ଶାଇଛନ୍ତି ।

### ଓଡ଼ିଆ ବ୍ୟାକରଣର ସ୍ୱତନ୍ତ୍ର୍ୟ ରକ୍ଷା ଦିଗରେ ନୀଳକଣ୍ଠଙ୍କ ଉଦ୍ୟମ

'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥ ଓ ବ୍ୟାକରଣ ସମ୍ବନ୍ଧୀୟ କେତେକ ପ୍ରବନ୍ଧ ଲେଖି ପଣ୍ଡିତ ନୀଳକଣ୍ଠ ଓଡ଼ିଶାରେ ଜଣେ ବିଶିଷ୍ଟ ବୈୟାକରଣ ରୂପେ ସୁପରିଚିତ । ବ୍ୟାକରଣ କ୍ଷେତ୍ରରେ ଗତାନୁଗତିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ସେ 'ଓଡିଆ ବ୍ୟାକରଣ' ରଚନା କରିଛନ୍ତି । ସଂସ୍କୃତ ବ୍ୟାକରଣ ଛାଞ୍ଚରେ ଓଡ଼ିଆ ବ୍ୟାକରଣ ଲେଖାଯିବାର ପ୍ରଚଳିତ ପ୍ରଥାର ବିରୁଦ୍ଧାଚରଣ କରି ସେ କହନ୍ତି, ଓଡ଼ିଆ ଶବ୍ଦର ଉଚ୍ଚାରଣ ନିୟମକୁ ଆଖି ଆଗରେ ରଖି ଓଡ଼ିଆ ବ୍ୟାକରଣ ତିଆରି କରିବାକୁ ହେବ (୧୨) ଏଥିପାଇଁ ସେ କେତେକ ଶବ୍ଦର ଉଦାହରଣ ଦେଇଛନ୍ତି - ''ଓଡ଼ିଆ ଉଚ୍ଚାରଣ ନିୟମରେ 'ଭୋଗମଣ୍ଡପ' ହୁଏ ଭଅଣ୍ଡ, 'ପୁରୁଷୋତ୍ତମ' ହୁଏ 'ପୁରସ୍ତମ', 'ବର୍ତ୍ତମାନ', ବ୍ରତମାନ, ହୁଏ 'ସ୍ନାନ' ହୁଏ 'ସ୍ନାହାନ', 'ପୁଷକାଳ' ହୁଏ 'ପୁଷକାହାଳ', 'ବେଶ' ହୁଏ 'ବେହେଶ' ବା 'ଭେଶ' ।'' (୧୩) ନୀଳକଣ୍ଠଙ୍କ ସମୟ ପର୍ଯ୍ୟନ୍ତ ଓଡ଼ିଆ ଭାଷାର ବ୍ୟାକରଣରେ ବର୍ଣ୍ଣର ଉଚ୍ଚାରଣକୁ ସ୍ୱତନ୍ତ୍ର ଭାବେ ବିଚାରକୁ ନିଆଯାଇ ନଥିଲା । ଏହାରି ଉପରେ ଗୁରୁତ୍ୱ ଦେଇ ସେ 'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥ ଲେଖିଛନ୍ତି । ଗ୍ରନ୍ଥଟିକୁ 'ଛ' ଭାଗରେ ବିଭକ୍ତ କରିବା ପାଇଁ ସେ ପରିକଳ୍ପନା କରିଥିଲେ - 'ବାକ୍ୟ ବିଚାର',

Digitized by PPRACHIN, SOA

'ପଦ ବିଚାର', 'ଶବ୍ଦବିଚାର', 'ବର୍ଣ୍ଣବିଚାର', 'ଛନ୍ଦ ବିଚାର' ଓ ତତ୍ତ୍ୱ ବିଚାର । ମାତ୍ର କେବଳ ପ୍ରଥମ ଦୁଇଟି ଭାଗ ଏକତ୍ର ହୋଇ 'ଓଡିଆ ବ୍ୟାକରଣ' ଗ୍ରନ୍ଥ ପ୍ରକାଶ ପାଇଛି । ଏ ଗ୍ରନ୍ଥର ଭୂମିକାରେ ଶେଷୋକ୍ତ ଚାରିଗୋଟି ବିଭାଗ ପ୍ରକାଶ କରିବାର ପ୍ରସ୍ତାବ ଦେଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇନାହିଁ । 'ଶବ୍ଦ ବିଚାର', 'ବର୍ଣ୍ଣ ବିଚାର' ଓ 'ତତ୍ତ୍ୱ ବିଚାର'ର ପାଣ୍ଡୁଲିପି ପ୍ରସ୍ତୁତ ହୋଇଥିବାର ଲେଖକ ସ୍ୱୀକାର କରିଥବଲେ ହେଁ ତାହା ଅପ୍ରକାଶିତ ରହିବାର କାରଣ ଏପର୍ଯ୍ୟନ୍ତ ଅଗୋଚର ।

ପଣ୍ଡିତ ନୀଳକଣ୍ଠଙ୍କ ପୂର୍ବରୁ 'ଓଡ଼ିଆ ଭାଷାରେ ବ୍ୟାକରଣ' ରଚନାରେ ନିମ୍ନୋକ୍ତ ଭାଷାବିତ୍‌ମାନେ ଉଦ୍ୟମ କରିଥିଲେ-

ପଣ୍ଡିତ ଗଦାଧର ବିଦ୍ୟାବାଗୀଶ - 'ଓଡିଆ ଭାଷାର ବ୍ୟାକରଣ' ରଚନା ସମୟ- ଖ୍ରୀ : ୧୮୦୬

An Introductory Grammar of Oriya Language - ଓଡ଼ିଆ ବ୍ୟାକରଣ - Amos Sutton - ସମୟ ଖ୍ରୀ: ୧୮୩୧

OOriyah Grammar - ବିଶ୍ୱମ୍ଭର ବିଦ୍ୟାଭୂଷଣ - ଖ୍ରୀ: ୧୮୪୩

OOriyah Grammar - ଓଡ଼ିଆ ବ୍ୟାକରଣ ସାର - ରଚୟିତା - W C. Lecey - ସମୟ - ଖ୍ରୀ: ୧୮୫୫

ପଣ୍ଡିତ ରଘୁନାଥ ମିଶ୍ର - ପ୍ରବେଶିକା ବ୍ୟାକରଣ - ରଚନା ସମୟ ଖ୍ରୀ: ୧୮୫୮

ଫକୀର ମୋହନ ସେନାପତି - ସରଳ ବ୍ୟାକରଣ - ରଚନା ସମୟ - ଖ୍ରୀ: ୧୮୬୬

ବିଚ୍ଛନ୍ଦ ପଟ୍ଟନାୟକ - ଉତ୍କଳ ବ୍ୟାକରଣ ସଂକ୍ଷେପ - ରଚନା ସମୟ - ଖ୍ରୀ: ୧୮୬୯

A Practical Grammar of the Odhra Language ଲେଖକ - Lingam Lakshmiji Pandit - ସମୟ ୧୮୬୯

ବ୍ୟାକରଣ କୌମୁଦୀ - ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଖ୍ରୀ: ୧୮୭୦

ଓଡ଼ିଆ ବ୍ୟାକରଣ - କୈଳାଶ ଚନ୍ଦ୍ର ଶର୍ମା ଓ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ସମୟ - ଖ୍ରୀ: ୧୮୭୧

Digitized by PPRACHIN, SOA

ମାତ୍ର ଓଡ଼ିଆ ଭାଷାକୁ ଗତାନୁଗତିକତାର ନିଗଡ଼ରୁ ମୁକ୍ତ କରି ଚଳିତ ଭାଷାନୁସାରୀ କରିବା ପାଇଁ 'ଓଡିଆ ବ୍ୟାକରଣ' ଗ୍ରନ୍ଥରେ ପଣ୍ଡିତ ନୀଳକଣ୍ଠ ଯେଉଁ ଉଦ୍ୟମ କରିଛନ୍ତି ତାହା ଅନ୍ୟତ୍ର ଦୁର୍ଲ୍ଲଭ । ସେ ଦୃଷ୍ଟିରୁ ଏହି ବ୍ୟାକରଣ ଗ୍ରନ୍ଥର ଆଲୋଚନା ବିଚାର୍ଯ୍ୟ ।

**ବ୍ୟାକରଣ ଶାସ୍ତ୍ରର ସଂଜ୍ଞା ଓ ଉଦ୍ଦେଶ୍ୟ**

ପଣ୍ଡିତ ନୀଳକଣ୍ଠ ବ୍ୟାକରଣର ସଜ୍ଞା ନିରୂପଣ କରି ଲେଖିଛନ୍ତି - "ଆମେ କଥାରେ କହୁଥିବା ଶବ୍ଦ ସମଷ୍ଟିର ପରସ୍ପର ସ୍ଥିତି ଓ ସମ୍ବନ୍ଧ ଯେଉଁ ଶାସ୍ତ୍ରରେ ଯଥାଯଥ ଓ ବିଶେଷ ଭାବରେ ଜଣାଯାଏ ତାକୁ ବ୍ୟାକରଣ ଶାସ୍ତ୍ର ବା ବ୍ୟାକରଣ କହନ୍ତି ।" ପୁଣି ବ୍ୟାକରଣ ରଚନାର ଉଦ୍ଦେଶ୍ୟ ସମ୍ପର୍କରେ ତାଙ୍କ ମତ ହେଉଛି, "କୌଣସି ଭାଷାର ବ୍ୟାକରଣରେ ବୈଜ୍ଞାନିକ ଭାବରେ ସେଇ ଭାଷାର ଆଲୋଚନା ଥାଏ । କୌଣସି ଭାଷାର ବ୍ୟାକରଣ ଲେଖିଲେ, ତାହାର ଯଥାର୍ଥ ପରୀକ୍ଷା ହେଉଛି, ବିଦେଶୀ ସେହି ବ୍ୟାକରଣ, ସେହି ଭାଷାକୁ ଆୟତ୍ତ କରିପାରିବ ।" (୧୪)

**ବ୍ୟାକରଣ ଚଳିତ ଭାଷାନୁସାରୀ ହେବା ଉଚିତ**

ପ୍ରୟୋଗାତ୍ମକ ଭାଷାର ସମର୍ଥକ ନୀଳକଣ୍ଠ 'ଓଡ଼ିଆ ଭାଷା ଓ ବ୍ୟାକରଣ' ପ୍ରବନ୍ଧରେ ଚଳିତ ଭାଷାନୁସାରୀ ବ୍ୟାକରଣ ଲେଖିବା ପାଇଁ ଆଧୁନିକ ବୈୟାକରଣମାନଙ୍କୁ ପରାମର୍ଶ ଦେଇ ଲେଖିଛନ୍ତି - "ଭାଷାରୁ ବ୍ୟାକରଣ, ବ୍ୟାକରଣରୁ ଭାଷା ହୁଏ ନାହିଁ । ବ୍ୟାକରଣରୁ ଯେଉଁ ଭାଷା ହୁଏ ତାହା ଚଳିତ ଭାଷା ନୁହେଁ ତାକୁ କହନ୍ତି ମୃତ * ଭାଷା । (ଏହା 'ମାତୃ' ଭାଷା ବୋଲି ମୁଦ୍ରଣ ଦୋଷରୁ ପ୍ରକାଶ ପାଇଚି ।) ଓଡ଼ିଆ ଭାଷାକୁ ଅତିଶୀଘ୍ର ଜୀବନ୍ତ ଓ ସ୍ୱାଧୀନ କରିବା ଉଚିତ । ସେ ଦୃଷ୍ଟିରେ ବ୍ୟାକରଣ ଲେଖିବା ଆଦୌ କର୍ତ୍ତବ୍ୟ ।" (୧୫) ସେ ପୁଣି ଅନ୍ୟତ୍ର କହିଛନ୍ତି - ବ୍ୟାକରଣ ଭାଷା ପାଇଁ, ଭାଷାରେ ପ୍ରକାଶିତ ଭାବକୁ କାଳରେ ଓ ଦେଶରେ ଜୀବନ୍ତ ଓ ସ୍ଥାୟୀ କରିବା ପାଇଁ; ଭାଷା ବ୍ୟାକରଣ ପାଇଁ ନୁହେଁ ।" ଆଲୋଚନା - ନବଭାରତ (୨/୧୦ ସଂଖ୍ୟା)

**ସଂସ୍କୃତ ବ୍ୟାକରଣର ନିଗଡ଼ରୁ ଓଡ଼ିଆ ବ୍ୟାକରଣ ରକ୍ଷା କରିବାରେ ନୀଳକଣ୍ଠଙ୍କ ଉଦ୍ୟମ**

ସଂସ୍କୃତ ବ୍ୟାକରଣ ଛାଞ୍ଚରେ ଓଡ଼ିଆ ବ୍ୟାକରଣ ସୃଷ୍ଟି ହେଉଥିବାର ଦେଖି ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ନବଯୁଗର ପ୍ରବର୍ତ୍ତକ ନୀଳକଣ୍ଠଙ୍କ ପ୍ରାଣ ବିଦ୍ରୋହ କରି ଉଠିଛି । ତାଙ୍କ ମତରେ, ଓଡ଼ିଆ ଭାଷାର ସଂସ୍କୃତ ଭାଷା ସଙ୍ଗେ ସମ୍ବନ୍ଧ ରହିଛି

Digitized by PPRACHIN, SOA

ସତ, କିନ୍ତୁ ବ୍ୟବହାରରେ, ପଦ ବିନ୍ୟାସରେ ତଥା ଉଚ୍ଚାରଣରେ ଓଡ଼ିଆ କାହିଁରେ ସଂସ୍କୃତ ନୁହେଁ । ତେଣୁ ଦୃଢ଼ତାର ସହ ଚେତାବନୀ ଶୁଣାଇ ସେ କହିଛନ୍ତି - ''ଯେଉଁମାନେ ଉଚ୍ଚାରଣ, ବର୍ଣ୍ଣ ବିନ୍ୟାସ, ତଥା ବାକ୍ୟ ଗଠନ ପ୍ରଭୃତି ପ୍ରକ୍ରିୟାରେ ସଂସ୍କୃତର ଅନୁକରଣ କରିବେ, ସେମାନଙ୍କର କେବଳ ପୂରୋଦୃଷ୍ଟିର ଅଭାବ ବୁଝିବାକୁ ହେବ । x x x ବ୍ୟାକରଣ ନିବଦ୍ଧ ସଂସ୍କୃତ ଯେତେଦିନ ଭାରତୀୟ ଭାଷାଥିଲା, ତେତେଦିନ ଜାତୀୟ ଜୀବନରେ କେବଳ ନିୟମ ଓ ବିଧିବଦ୍ଧ ଅନୁଷ୍ଠାନ ପ୍ରବଣତାହିଁ ପରମ ଲକ୍ଷଣ ରୂପେ ପ୍ରତିଭାତ ହେଉଥିଲା । x x x ଆଜି ଲୋକେ କଥିତ ଭାଷାକୁ ହିଁ ଜାତୀୟ ସାହିତ୍ୟର ଏକମାତ୍ର ଆଧାର ବୋଲି ବୁଝୁଛନ୍ତି ଏବଂ ତାହାକୁ ହିଁ ଲୋକ ସାଧାରଣର ଶକ୍ତି ଉଦ୍‌ବୋଧନରେ ଲଗାଉଛନ୍ତି । ତାହା ନ କଲେ ଜୀବନ ସଂଘର୍ଷରେ ତିଷ୍ଠିବା ଅସମ୍ଭବ ହୋଇ ପଡିବ ।'' (୧୬) ସଂସ୍କୃତ ଭାଷାରେ ନିଜ ପ୍ରଗାଢ଼ ପାଣ୍ଡିତ୍ୟ ସତ୍ତ୍ୱେ, ଓଡିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା ଉଦ୍ଦେଶ୍ୟରେ ନୀଳକଣ୍ଠ 'ଓଡିଆ ବ୍ୟାକରଣ' ଏବଂ ଭାଷା ଓ ବ୍ୟାକରଣ ବିଷୟକ ଅନେକ ପ୍ରବନ୍ଧ ରଚନା କରିଛନ୍ତି ।

### 'ଓଡ଼ିଆ ବ୍ୟାକରଣ'ରେ କେତୋଟି ନୂତନ ତଥ୍ୟ

ଉଚ୍ଚାରଣରେ : - ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ଗୁରୁତ୍ୱ ଦେଇ ପଣ୍ଡିତ ନୀଳକଣ୍ଠ 'ଓଡ଼ିଆ ବ୍ୟାକରଣ'ରେ କେତେକ ନୂତନ ତଥ୍ୟ ଫିଟାଇଛନ୍ତି । ଏହି ଗ୍ରନ୍ଥରେ ଉଚ୍ଚାରଣକୁ ଅକ୍ଷରର ପ୍ରାଣ ରୂପେ ସ୍ୱୀକାର କରି ସେ କହନ୍ତି, ବର୍ଣ୍ଣ ବିଚାରରେ ଉଚ୍ଚାରଣ ହିଁ ଆଦୌ ବିଚାର୍ଯ୍ୟ ।

(କ) 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'କାର ଗୋପାଳଚନ୍ଦ୍ର କହନ୍ତି, ବଙ୍ଗଳା ପ୍ରଭୃତି ପରି ଓଡ଼ିଆ 'ଅ' କାରାନ୍ତ ବର୍ଣ୍ଣର ହଳନ୍ତ ଉଚ୍ଚାରଣ ନାହିଁ । କିନ୍ତୁ ନୀଳକଣ୍ଠଙ୍କ ମତରେ ବାସ୍ତବିକ୍, ଉଚିତ୍, ବର୍ତ୍ତମାନ୍ ପ୍ରଭୃତି ଉଚ୍ଚାରଣରେ ଠିକ୍ ।

(ଖ) ଅକ୍ଷର ଉଚ୍ଚାରଣ ସଂଘଟିରେ ସ୍ୱର ଓ ବ୍ୟଞ୍ଜନମାନଙ୍କର ଓଡିଆରେ ଯେଭଳି ବିପରିଣତି ହୁଏ ତାହାର ଉଦାହରଣ ନେଇ ନୀଳକଣ୍ଠ ଲେଖିଛନ୍ତି - ''ଗୋଟିଏ ଶବ୍ଦ ହେଉଚି ସଂସ୍କୃତରେ 'ଲିପ୍ତ' । ସେଥିରୁ ଓଡିଆରେ କେତେପ୍ରକାର ପରିବର୍ତ୍ତନ ହୁଏ । ଏହା ହୁଏ ଭିନ୍ନ ଭିନ୍ନ ପ୍ରକାର ଘୃଣା ଓ ତାଚ୍ଛଲ୍ୟ ପ୍ରଭାବରେ ଯଥା - ଲେଭେଡା, ଲେହେବର, ହୁଏତ ଲଟପଟ ହେବା, ଲଡବଡ ହେବା ଇତ୍ୟାଦି ।'' (୧୭)

(ଗ) ଡ, ଢ଼, ଢ, ଢ଼ - ର ଉଚ୍ଚାରଣ ଭେଦ ନିର୍ଦ୍ଦେଶ କରି ଭାଷାବିଦ୍ ନୀଳକଣ୍ଠ କହନ୍ତି - ''ଶବ୍ଦର ପ୍ରଥମରେ ଥିବା ଓ ଅନୁସ୍ୱାର ଛଡା ଅନ୍ୟ ବର୍ଣ୍ଣରେ

Digitized by PPRACHIN, SOA

ଯୁକ୍ତଥିବା 'ଡ' ମୂର୍ଦ୍ଧନ୍ୟ, ଅନ୍ୟତ୍ର ଟିକିଏ ତାଲବ୍ୟ (ଡ଼) 'ଢ଼' ସମ୍ବନ୍ଧରେ ମଧ୍ୟ ସେଇୟା ।'' (୧୮)

(ଘ) ବୈୟାକରଣ ନୀଳକଣ୍ଠଙ୍କ ମତରେ 'ବାହ୍ୟ', 'ସହ୍ୟ' ପ୍ରଭୃତି ଶବ୍ଦକୁ 'ବାଜ୍‌ହ୍ୟ' 'ସଜ୍‌ହ୍ୟ' ପରି ଉଚ୍ଚାରଣ କରିବା ହେଉଛି ବଙ୍ଗଳାର ଅଯଥା ଅନୁକରଣ । ଓଡ଼ିଆରେ ବ୍ୟଞ୍ଜନ ବର୍ଣ୍ଣରେ ଯୁକ୍ତ 'ଯ' ର (କ୍ୟ, ଖ୍ୟ, ଗ୍ୟ) ସର୍ବତ୍ର 'ୟ' ଉଚ୍ଚାରଣ ହୁଏ । 'ଜ' ବା 'ଜ୍ୟ' ହୁଏ ନାହିଁ ।

(ଙ) ଓଡ଼ିଆରେ 'ରେଫ୍' (ର୍ଁ) ଓ 'ହ' (ଃ) ପରେ ଥିବା ବ୍ୟଞ୍ଜନ ଦ୍ୱିତ୍ୱ ଉଚ୍ଚାରଣ ହୁଏ ନାଇ । ତେଣୁ ଲିପି ସଂକେତରେ ମଧ୍ୟ 'ମୂର୍ଖ' 'ବର୍ତମାନ' 'ସୂର୍ଯ', ଲେଖିବା ଠିକ୍ । 'ମୂର୍କ୍ଖ', 'ବର୍ତ୍ତମାନ', 'ସୂର୍ଯ୍ୟ', ଲେଖିବା ଠିକ୍ ନୁହେଁ । (୧୯)

ପଣ୍ଡିତ ନୀଳକଣ୍ଠ ନିଜ ଲେଖାରେ 'ରେଫ୍' (ର୍ଁ) ଓ 'ହ' (ଃ) ପରେ ଦ୍ୱିତ୍ୱ ବ୍ୟଞ୍ଜନ ପରିହାର କରିଛନ୍ତି । ତାଙ୍କ ମତରେ, ଏହା ବ୍ୟାକରଣ ନିୟମ ସିଦ୍ଧ । ସଂସ୍କୃତ ଉଚ୍ଚାରଣ ନିୟମରେ ଅଛି, ଏଇ 'ରେଫ୍' ଓ 'ହ' ପରେ ଯେଉଁ ବ୍ୟଞ୍ଜନ ଥାଏ, ଇଚ୍ଛାକଲେ ସେହି ବ୍ୟଞ୍ଜନର ଦ୍ୱିତ୍ୱ ବ୍ୟଞ୍ଜନ ହୋଇପାରେ । ଯଥା - ମୂର୍ଖ > ମୂର୍କ୍ଖ, କର୍ମ > କର୍ମ୍ମ, ବର୍ତମାନ > ବର୍ତ୍ତମାନ, ସୂର୍ଯ > ସୂର୍ଯ୍ୟ ଇତ୍ୟାଦି । ଏ ସମ୍ପର୍କରେ ଡକ୍ଟର ଖଗେଶ୍ୱର ମହାପାତ୍ର ଲେଖିଛନ୍ତି- ରେଫ୍ ପରେ ବର୍ଣ୍ଣର (ଉଚ୍ଚାରଣରେ) ଦ୍ୱିତ୍ୱ ହେବା ନିୟମ ପାଳନ କଲେ ଓଡ଼ିଆ ଲିପିରେ ଏକ ବିଶେଷ ଲାଭ ହେବ ଯେ, କେତେକ ଯୁକ୍ତାକ୍ଷର ସହଜରେ ବର୍ଜନ କରାଯାଇ ପାରିବ ।'' (୨୦)

**ଓଡ଼ିଆ ଭାଷାର ଅନ୍ୟ କେତେକ ବୈଶିଷ୍ଟ୍ୟ**

ଉଚ୍ଚାରଣ ପଦ୍ଧତି ବ୍ୟତୀତ ପଣ୍ଡିତ ନୀଳକଣ୍ଠ ତାଙ୍କ ବ୍ୟାକରଣରେ ଓଡ଼ିଆ ଭାଷାର ଆଉ କୋଡ଼ିଏଟି ବୈଶିଷ୍ଟ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି—

(କ) ଓଡ଼ିଆ ଭାଷାରେ ଭାବରେ ବିକଳ୍ପେ ଷଷ୍ଠୀ ବିଭକ୍ତି ହୁଏ ଯଥା :- 'ରାମ ମୁଁ ଦିହେଁ ଯିବୁ' - 'ରାମର ମୋର ଦିହେଁ ଯିବୁ' - ଉଭୟ ପ୍ରୟୋଗ ସାଧୁ । (୨୧)

(ଖ) ଓଡ଼ିଆରେ କେତେକ ବିଶେଷ୍ୟ ପଦରେ ଷଷ୍ଠୀ ବିଭକ୍ତି ଚିହ୍ନ ଲାଗି ବିଶେଷଣ ପଦ ହୁଏ : - 'ଗୁଣ', 'ସୁଧା' - ଗୁଣର ପିଲା, ସୁଧାର ପିଲା । (୨୨) ନୀଳକଣ୍ଠ କହନ୍ତି, ଷଷ୍ଠୀ ଚିହ୍ନର ପ୍ରକୃତି ହେଉଛି ବିଶେଷ୍ୟକୁ ସମ୍ବନ୍ଧୀ ପଦର ବିଶେଷଣ କରିଦେବା । ଯେପରି - ଆମ (ର) ଘର, ରାମ (ର) ଘର, ବାବୁ (ଙ୍କ) ଘର - ଏ ସବୁଥିରେ ପୂର୍ବ ପଦଗୁଡ଼ିକ ପର ପଦର ବିଶେଷଣ ।

Digitized by PPRACHIN, SOA

(ଗ) ଓଡ଼ିଆରେ କ୍ଲୀବଲିଙ୍ଗକୁ ବ୍ୟାକରଣରେ ସ୍ଥାନ ନ ଦେବା ପାଇଁ ସେ ଯୁକ୍ତି ବାଢ଼ିଛନ୍ତି । ତାଙ୍କ ଭାଷାରେ - ''ଏହା ଅନ୍ଧପରି ସଂସ୍କୃତକୁ ଅନୁକରଣ କରିବାରୁ ହୋଇଛି ।(୨୩)

**ଓଡ଼ିଆ ବ୍ୟାକରଣ ଇଂରାଜୀ ଭାଷାର ବ୍ୟାକରଣ ଅନୁସାରୀ ହେବା ବିଧେୟ**

ନୀଳକଣ୍ଠ କହନ୍ତି, ସଂସ୍କୃତ ଏକ ପ୍ରାଚୀନ ଆର୍ଯ୍ୟଭାଷା; ମାତ୍ର ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଗୁଜରାଟୀ, ମରହଟ୍ଟି, ସିନ୍ଧି, ପଞ୍ଜାବୀ ପ୍ରଭୃତି ଇଂରାଜୀ ପରି ଗୋଟିଏ ଗୋଟିଏ ପ୍ରାଚନୀ ଆର୍ଯ୍ୟଭାଷାର ବଂଶଧର ବା ସେଥିରୁ ଜାତ ଚଳିତ ଭାଷା । ସେଥିପାଇଁ ଇଂରେଜୀ ଭାଷା ସଙ୍ଗେ ଓଡିଆ ପ୍ରଭୃତିର ସାମ୍ୟ ରହିବାର କଥା । ତେଣୁ ତାଙ୍କ ରଚିତ ବ୍ୟାକରଣରେ ପଦର ବିଭାଗ ଓ ବ୍ୟାଖ୍ୟା ବହୁ ପରିମାଣରେ ଇଂରେଜୀ ବ୍ୟାକରଣର ଆଦର୍ଶରେ ତିଆରି ହୋଇଛି । ପ୍ରସଙ୍ଗକ୍ରମେ ବାକ୍ୟରେ ପ୍ରଥମଛେଦ ବା କମା (,), ଦ୍ୱିତୀୟଛେଦ ବା ସେମି କୋଲନ (;), ତୃତୀୟଛେଦ ବା କୋଲନ (:) ପ୍ରଶ୍ନ ଚିହ୍ନ (?) ବିସ୍ମୟ ସୂଚକ ଚିହ୍ନ (।) ଉଦ୍ଧୃତ ଚିହ୍ନ ('' '') ସଂଯୋଜକ ଚିହ୍ନ ବା ସମାସ ଚିହ୍ନ ବା ହାଇଫେନ୍ (-) ଆଦିର ଉଦାହରଣ ଦେଇ ସେ ଲେଖିଛନ୍ତି- ''ଏ ସବୁର ବ୍ୟବହାର ଓଡ଼ିଆରେ ବଡ ନୂତନ । ଇଂରାଜୀରୁ ଏହା ଅନୁକରଣ, ତେଣୁ କ୍ରମେ କ୍ରମେ ଏହା ପ୍ରସାର ଲାଭ କରୁଛି ଓ ପୂର୍ଣ୍ଣ ହେଉଛି ।'' (୨୪)

**ବାକ୍ୟ ବିଚାର - ଉଦ୍ଦେଶ୍ୟ ଓ ବିଧେୟ :** ଓଡ଼ିଆ ବ୍ୟାକରଣର ପ୍ରଥମ ଭାଗ ବାକ୍ୟ ବିଚାରରେ ନୀଳକଣ୍ଠ ବାକ୍ୟକୁ ଦୁଇଭାଗରେ ବିଭକ୍ତ କରିଛନ୍ତି- ଉଦ୍ଦେଶ୍ୟ ଓ ବିଧେୟ । ତାଙ୍କ ଭାଷାରେ - ''ବାକ୍ୟ ଯେତେବଡ ହେଲେ ମଧ୍ୟ ସେଥିରେ ଉଦ୍ଦେଶ୍ୟ ଓ ବିଧେୟ ଛଡା ଆଉ କିଛି ରହି ନପାରେ ।'' ଯାହା ବିଷୟରେ ବା ଯାହାକୁ ଉଦ୍ଦେଶ୍ୟ କରି କୁହାଯାଏ ତାହାକୁ ଉଦ୍ଦେଶ୍ୟ ବା ବିଷୟ; ଏବଂ ସେହି ଉଦ୍ଦେଶ୍ୟ ବିଷୟରେ ଯାହା କୁହାଯାଏ ତାହାକୁ ବିଧେୟ ବା ବାଚ୍ୟ କହନ୍ତି । ଉଦାହରଣ ସ୍ୱରୂପ ସେ - 'ଦଶରଥଙ୍କ ପୁତ୍ର ବୀର ରାମ ବନବାସ ସମୟରେ ରାବଣ ସୀତାଙ୍କୁ ଅପହରଣ କରିବାରୁ ତାକୁ ବଧ କରି ବିଭୀଷଣକୁ ଲଙ୍କାରେ ରାଜା କଲେ ।' - ଏହି ଜଟିଳ ବାକ୍ୟକୁ ଖଣ୍ଡ ଖଣ୍ଡ କରି ବାକ୍ୟ ମଧ୍ୟରେ ଥିବା ବିଭିନ୍ନ ପଦ କିପରି ସମ୍ପର୍କରେ ରହି ଉଦ୍ଦେଶ୍ୟ ଓ ବିଧେୟର ଅଙ୍ଗ ହୁଅନ୍ତି ତାହା ନିମ୍ନୋକ୍ତ ଭାବେ ଦର୍ଶାଇଛନ୍ତି-

Digitized by PPRACHIN, SOA

| କର୍ତ୍ତା | ବିଶେଷକ | କି ପ୍ରକାର ବିଶେଷକ | ସମାପିକା କ୍ରିୟା | ବିଶେଷକ | କି ପ୍ରକାର ବିଶେଷକ |
|---|---|---|---|---|---|
| ରାମ | | | | ବଧ କରି | ଅସମାପିକା କ୍ରିୟା ('କରି'କୁ ଅସମାପିକା ଅସଂପୂର୍ଣ୍ଣକ୍ରିୟା ଓ 'ବଧ'କୁ ବିକୃତ କର୍ମ କୁହାଯାଇପାରେ) |
| | ପୁତ୍ର- | ବ୍ୟାଖ୍ୟାନ ବିଶେଷ୍ୟ | କଲେ | | |
| | ଦଶରଥଙ୍କ | ପୁତ୍ରର ବିଶେଷକ | | | |
| | | | | ବନବାସ ସମୟରେ ଅପହରଣ କରିବାରୁ ବିଭୀଷଣକୁ | କାରକ |
| | | | | ରାବଣ - | ଅପହରଣ କରିବାର କର୍ତ୍ତା |
| | | | | ସୀତାଙ୍କୁ - | ଅପହରଣ କରିବାର କର୍ମ |
| | | | | ରାଜା - | ବିକୃତ କର୍ମ |
| | | | | ଲଙ୍କାର - | 'ରାଜା'ର ବିଶେଷକ |

## କ୍ରିୟାର କାଳଭଙ୍ଗୀ ବିଚାର

ନୀଳକଣ୍ଠଙ୍କ ବିଚାରରେ ଓଡ଼ିଆ ଭାଷାର କାଳ ବିଚାର ଅତି ସରଳ ଓ ବିଜ୍ଞାନ ସମ୍ମତ । ସେ ସଂସ୍କୃତ ଓ ଇଂରାଜୀ ଦୁଇଭାଷାର ବ୍ୟାକରଣର ସଂକେତକୁ କଳନାରେ ମିଶାଇ ଓଡ଼ିଆରେ କାଳ ନିରୂପଣ କରିଛନ୍ତି । କାଳ ରୂପ ଦର୍ଶାଇବା ପାଇଁ ସଂସ୍କୃତରେ ଯେଉଁ ଦଶଗୋଟି 'ଲ'କାର ରୂପ ରହିଛି ତାହାକୁ ସେ ବିଜ୍ଞାନ ସମ୍ମତ ମନେକରି ନାହାନ୍ତି । କାରଣ ଲଙ୍, ଲୁଙ୍, ଲିଟ୍ ପ୍ରଭୃତି ଅତୀତ କାଳର ରୂପ ଦେଖାଇଲେ ମଧ୍ୟ ତାହା କେଉଁ ଅତୀତ ଜାଣିହୁଏ ନାହିଁ । ଇଂରାଜୀରେ ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ - ଏହି ତିନି କାଳର ରୂପ ପ୍ରତ୍ୟେକଟି ଯେପରି ଚାରି ଗୋଟି ଭଙ୍ଗୀରେ ପ୍ରକାଶ ପାଆନ୍ତି ତାହାକୁ ନୀଳକଣ୍ଠ ସମର୍ଥନ ଜଣାଇଛନ୍ତି । ଯଥା:-

(କ) - ସାଧାରଣ ବର୍ତ୍ତମାନ - ସେ କରେ ।

(ଖ) - ଚାଲୁଥିବା ବର୍ତ୍ତମାନ - ସେ କରୁଛି ।

Digitized by PPRACHIN, SOA

(ଗ) - ସରି ଯାଇଥିବା ବର୍ତ୍ତମାନ - ସେ କରିଚି ।

(ଘ) - ଚାଲି ଆସୁଥିବା ବର୍ତ୍ତମାନ - ସେ କରି ଆସୁଚି ।

ଅତୀତ ଓ ଭବିଷ୍ୟତ ପାଇଁ ମଧ ଏହି ଚାରିଗୋଟି ଭଙ୍ଗୀ ପ୍ରଯୁଜ୍ୟ । ଅତୀତରେ- ସେ କଲା, ସେ କରୁଥିଲା, ସେ କରିଥିଲା, ସେ କରି ଆସୁଥିଲା । ଭବିଷ୍ୟତରେ- ସେ କରିବ, ସେ କରୁଥିବ, ସେ କରିଥିବ, ସେ କରିଆସୁଥିବ । (୨୫)

ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ - ଏଇ ତିନିଗୋଟି ମୁଖ୍ୟକାଳ ବ୍ୟତୀତ ଅନୁଜ୍ଞା ସମ୍ଭାବନାରେ ମଧ ନୀଳକଣ୍ଠ କ୍ରିୟାର ଭିନ୍ନ ଭିନ୍ନ ରୂପ ଦର୍ଶାଇଛନ୍ତି । ପୁଣି ପ୍ରତ୍ୟେକ କାଳ ରୂପରେ ସେ ଦୁଇଟି ଲେଖାଏଁ ପ୍ରକାର ନିର୍ଦ୍ଦେଶ କରିଛନ୍ତି । ପ୍ରଥମଟି କାର୍ଯ୍ୟ ଚଳୁଥିବା ପ୍ରକାର ଏବଂ ଦ୍ୱିତୀୟଟି କାର୍ଯ୍ୟ ସରି ଯାଇଥିବା ବା ନିଷ୍ପନ୍ନ ହୋଇଥିବା ପ୍ରକାର । ଉଦାହରଣ ସ୍ୱରୂପ 'ମୁଁ କରେ' - ଏହାର କାର୍ଯ୍ୟଟି ଚାଲୁଥିବା ପ୍ରକାର ହେଉଚି 'ମୁଁ କରୁଚି', ଏବଂ କାର୍ଯ୍ୟଟି ନିଷ୍ପନ୍ନ ହୋଇଥିବା ପ୍ରକାର ହେଉଛି - ମୁଁ କରିଚି ।

ସେହିପରି ଅନୁଜ୍ଞାରେ - 'ତୁ କର'

ଏହାର ଚଳୁଥିବା ପ୍ରକାରଟି - 'ତୁ କରୁଥା'

ଏବଂ ନିଷ୍ପନ୍ନ ହୋଇଥିବା ପ୍ରକାରଟି - 'ତୁ କରିଥା' ।

ପୁଣି 'ସମ୍ଭାବନା'ରେ - 'ତୁ କରନ୍ତୁ' । 'ତୁ କରୁଥାନ୍ତୁ' ଏବଂ

'ତୁ କରିଥାନ୍ତୁ' । (୨୬)

ଅତୀତ, ବର୍ତ୍ତମାନ, ଭବିଷ୍ୟତ, ଅନୁଜ୍ଞା ଓ ସମ୍ଭାବନା - ଏହି ପାଞ୍ଚଟି କାଳ ସହ ପ୍ରତ୍ୟେକର ଅତୀତ ଭଙ୍ଗୀ ଓ ବର୍ତ୍ତମାନ ଭଙ୍ଗୀକୁ ନେଇ ନୀଳକଣ୍ଠ ଓଡ଼ିଆରେ ସର୍ବମୋଟ ପନ୍ଦର ଗୋଟି କାଳ ଭଙ୍ଗୀକୁ ସ୍ୱୀକାର କରିଛନ୍ତି । ବର୍ତ୍ତମାନ କାଳ ପାଇଁ ଯେପରି - ମୁଁ କରେ,

ମୁଁ କରୁଚି

ମୁଁ କରିଚି

ସେହିପରି ଅତୀତ, ଭବିଷ୍ୟତ, ଅନୁଜ୍ଞା ଓ ସମ୍ଭାବନା ପାଇଁ ପ୍ରଯୁଜ୍ୟ । ତାଙ୍କ ଯୁକ୍ତିରେ, ଏହି ପନ୍ଦରଟି କାଳଭଙ୍ଗୀ ବ୍ୟତୀତ ଓଡ଼ିଆରେ ଆଉ ଅଧିକ ବା ଭଣା କାଳ ରୂପର ପ୍ରକାର ନାହିଁ । କାଳ ଭଙ୍ଗୀରେ ନିତ୍ୟ, ପ୍ରବୃତ୍ତ, ଅନଦ୍ୟତନ, ପ୍ରାଗ୍- ଭବିଷ୍ୟତ ପ୍ରଭୃତି ବିଭାଗୀକରଣକୁ ନୀଳକଣ୍ଠ ସ୍ୱୀକାର କରିନାହାନ୍ତି ।*

Digitized by PPRACHIN, SOA

‘ଦ୍ୟୋତକ କ୍ରିୟା’ ବା Auxiliary Verb-

ଇଂରାଜୀରେ ହୋଇ ଆସିଥିବା କ୍ରିୟାଦି ଚଳି ଆସିଥିବା ଅର୍ଥରେ ଆଉ ଗୋଟିଏ ରୂପ ବା ପ୍ରକାର ହୁଏ । ଓଡ଼ିଆରେ ତାହା ସାହାଯ୍ୟକାରୀ କ୍ରିୟା ଦ୍ୱାରା ପ୍ରକାଶିତ ହୁଏ । ଯଥା - ‘କରି ଆସୁଅଛି’, ‘କରି ଯାଉଅଛି’ ‘ପାଣି ଆଣି ଯାଇଥିଲା’ ଇତ୍ୟାଦି । ଏହି ସାହାଯ୍ୟକାରୀ କ୍ରିୟାକୁ ‘ଦ୍ୟୋତିକ କ୍ରିୟା’ କୁହାଯିବା ସପକ୍ଷରେ ନୀଳକଣ୍ଠ ଲେଖିଛନ୍ତି - ‘‘ଇଂରାଜୀରେ Auxiliary Verb (has, have, can, shall, may, might ଇତ୍ୟାଦି) ଅଛି । ଓଡ଼ିଆରେ ତାହାର ନାମ ସାହାଯ୍ୟକାରୀ କ୍ରିୟା । କିନ୍ତୁ କ୍ରିୟାର ଯଥାର୍ଥ ଅର୍ଥଟି ଦ୍ୟୋତକ ବା ପ୍ରକାଶ କରୁଥିବାରୁ ଏହାକୁ ‘ଦ୍ୟୋତକ କ୍ରିୟା’ କୁହାଯାଏ । ପ୍ରକୃତରେ ଏଇ ଦ୍ୟୋତକ କ୍ରିୟାଟି କାର୍ଯ୍ୟଟିର ଅର୍ଥ ବୁଝାଏ ’’ (୨୭)

‘କ୍ରିୟା ବିଭକ୍ତି’ର ପ୍ରୟୋଗ

‘ବିଭକ୍ତି’ର ଅର୍ଥ ବୁଝାଇବାକୁ ଯାଇ ନୀଳକଣ୍ଠ କହନ୍ତି - ‘ଯେ ଭଙ୍ଗୀ ଚିହ୍ନାଇ ଦିଏ ତାହା ‘ବିଭକ୍ତି’ । ବିଭକ୍ତିର ପ୍ରୟୋଗରେ ପଦ ମଧ୍ୟରେ ଥିବା ଶବ୍ଦଗୁଡ଼ିକର ରୂପ ବଦଳି ଯାଏ । ଏଇ ବିଭକ୍ତି ଦୁଇ ପ୍ରକାରର - କାରକ ବିଭକ୍ତି ଓ କ୍ରିୟା ବିଭକ୍ତି । ଅନ୍ୟାନ୍ୟ ବ୍ୟାକରଣ ଗ୍ରନ୍ଥରେ କେବଳ କାରକ ବିଭକ୍ତି ସମ୍ପର୍କରେ ଉଲ୍ଲେଖ ଅଛି । ଯଥା:- ‘‘ଯେଉଁ ଚିହ୍ନ ବାକ୍ୟରେ ଥିବା ପଦର ସଂଖ୍ୟା ଓ କାରକ ସୂଚାଇଦିଏ, ତାହା ବିଭକ୍ତି ।’’ (୨୮) କିମ୍ବା - ‘ଯାହାଦ୍ୱାରା ସଂଖ୍ୟା ଓ କାରକର ପ୍ରତୀତି ଜନ୍ମେ ତାହାକୁ ‘ବିଭକ୍ତି’ ବୋଲାଯାଏ । (୨୯)

ଓଡିଆରେ ‘କ୍ରିୟା ବିଭକ୍ତି’ର ପ୍ରୟୋଗ ହେଉଛି ନୀଳକଣ୍ଠଙ୍କ ସ୍ୱାତନ୍ତ୍ର୍ୟ । ତାଙ୍କ ବିଚାରରେ - ‘ସେ କରିବ’, ‘ମୁଁ ଠେଲିଲି’ - ଏଠାରେ ‘କର୍’ ଓ ‘ଠେଲ୍’ ଧାତୁ ରୂପରେ ‘ଇବ’ ଓ ‘ଇଲି’ କ୍ରିୟା ବିଭକ୍ତିମାନ ଲଗାଇ ତାକୁ ପଦ କରାଯାଇଛି । ଏହି ‘କ୍ରିୟା ବିଭକ୍ତି’ର ସଂଜ୍ଞା ନିରୂପଣ କରି ସେ ଲେଖିଛନ୍ତି - ମୂଳ ଧାତୁ ସଙ୍ଗେ ଲିଙ୍ଗ, ବଚନ, ପୁରୁଷରେ କ୍ରିୟାର ରୂପ ଭେଦ ନିମନ୍ତେ ଯେଉଁ ସବୁ ପଦଭାଗ ଯୋଗ କରାଯାଏ, ତାହାକୁ କ୍ରିୟା ବିଭକ୍ତି କହନ୍ତି ।’’ (୩୦) ବଚନ ଓ ପୁରୁଷର ଭେଦ ଦର୍ଶାଇବା ପାଇଁ ‘କହ୍’ ମୂଳ ଧାତୁର ଏ, ଅନ୍ତି, ଉଚ, ଉଚି, ଉଚନ୍ତି ଆଦି କ୍ରିୟା ବିଭକ୍ତି ଯୁକ୍ତ ହୋଇ ଯଥାକ୍ରମେ କହେ, କହନ୍ତି, କହୁଚ, କହୁଚି, କହୁଚନ୍ତି ଆଦି କ୍ରିୟାପଦ ଗଠିତ ହୋଇଥିବାର ସେ ସୂଚନା ଦେଇଛନ୍ତି ।

Digitized by PPRACHIN, SOA

ବର୍ଣ୍ଣବିଚାର :- 'ଓଡ଼ିଆ ବ୍ୟାକରଣ'ର 'ବର୍ଣ୍ଣବିଚାର' ପର୍ଯ୍ୟାୟରେ ନୀଳକଣ୍ଠ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣର ଉଚ୍ଚାରଣ ସ୍ଥଳ, ଉଚ୍ଚାରଣ ନିୟମ, ଲିଖନ ନିୟମ ଆଦି ଆଲୋଚନା କରିଛନ୍ତି । ସେ ସଂସ୍କୃତର ଉଚ୍ଚାରଣ ନିୟମଠାରୁ ଓଡ଼ିଆ ଉଚ୍ଚାରଣ ନିୟମର ପାର୍ଥକ୍ୟ ଦର୍ଶାଇ ଓଡ଼ିଆରେ ଯୁକ୍ତାକ୍ଷର ଥିବା ବର୍ଗର ପଞ୍ଚମ ବର୍ଣ୍ଣ ସ୍ଥାନରେ ଅନୁସ୍ୱାରର ପ୍ରୟୋଗକୁ ଉଚିତ ମନେ କରିଛନ୍ତି । ତାଙ୍କ ଭାଷାରେ - ''ଓଡ଼ିଆରେ ସବୁବର୍ଣ୍ଣର ସଂସ୍କୃତରେ ନିର୍ଦ୍ଦିଷ୍ଟ ରହିଥିବା ଉଚ୍ଚାରଣ ନାହିଁ । ଯଥା - ଓଡ଼ିଆରେ 'ବଂଚିବା'ର ଉଚ୍ଚାରଣ ଠିକ୍ । 'ବଞ୍ଚିବା' ନୁହେଁ ବରଂ ଏହା 'ବିନ୍‌ଚିବା'; 'ବାଂଛା' - 'ବାଞ୍ ଛା'ନୁହେଁ - 'ବାନ୍‌ଛା' । ଏଣୁ ଅନୁସ୍ୱାର ଦେଇ ଲେଖିବା ସାଧୁ । 'ଞ', 'ଙ'ର ଯେଉଁ ଉଚ୍ଚାରଣ ନିର୍ଦ୍ଦିଷ୍ଟ ହୋଇ ଆସିଚି, ତା' ଏସବୁ ଠାରେ ନାହିଁ । କିନ୍ତୁ 'ବାଙ୍‌ମୟ', 'ମୃଣ୍ମୟ' ପ୍ରଭୃତିକୁ ବାଂମୟ, ମୃଂମୟ - ଏପରି ଲେଖିବା ଠିକ୍ ନୁହେଁ । ତା' ହେଲେ ଅନୁସ୍ୱାରରେ 'ମ' ଉଚ୍ଚାରଣହିଁ ହେବ ଓ ଶବ୍ଦଟିମାନ 'ବାମ୍ମୟ' 'ମୃମ୍ମୟ' - ଏଇପରି ହୋଇଯିବ ।'' (୩୧) ଏଠାରେ ନୀଳକଣ୍ଠ କହିବାକୁ ଚାହିଁଛନ୍ତି - ଯେଉଁଠାରେ ଯୁକ୍ତାକ୍ଷରରେ ଦୁଇଟି ବର୍ଗର ପଞ୍ଚମ ବର୍ଣ୍ଣ ରହିବ ସେଠାରେ ଗୋଟିଏ ପଞ୍ଚମ ବର୍ଗ ସ୍ଥାନରେ ଅନୁସ୍ୱାର ପ୍ରୟୋଗ କଲେ ଉଚ୍ଚାରଣ ଠିକ୍ ହେବନାହିଁ ।

### ବର୍ଣ୍ଣ, ଲିପି ଓ ଅକ୍ଷର

ପଣ୍ଡିତ ନୀଳକଣ୍ଠ ସ୍ୱରଚିତ ବ୍ୟାକରଣରେ ଲିପି ଓ ବର୍ଣ୍ଣ ମଧ୍ୟରେ ପ୍ରଭେଦ ଦର୍ଶାଇଛ ଲେଖିଛନ୍ତି - ''ବର୍ଣ୍ଣ କହିବା ଲୋକର ମୁହଁରେ ଅଛି । ତାହାର ଉଚ୍ଚାରଣ ଅଛି । ଲିପି ବା ଲେଖରେ ସେ ସବୁ କିଛି ନାହିଁ । ଲିପି - ବର୍ଣ୍ଣର ସଙ୍କେତ ମାତ୍ର ।'' (୩୨) ସାହିତ୍ୟ ଓ ଭାଷାକୁ ଆପେକ୍ଷିକ ସ୍ଥାୟିତ୍ୱ ଦେବା ଉଦ୍ଦେଶ୍ୟରେ ପ୍ରତୀକ ବା ଚିହ୍ନ ଦ୍ୱାରା ଲିପିର ସୃଷ୍ଟି । ଅନ୍ୟ ଓଡ଼ିଆ ବୈୟାକରଣମାନେ ସଂସ୍କୃତ ବ୍ୟାକରଣକୁ ଅନୁସରଣ କରି ଥିବାରୁ ବର୍ଣ୍ଣ ଓ ଅକ୍ଷର ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ନାହାନ୍ତି । ଉଦାହରଣ ସ୍ୱରୂପ ପଣ୍ଡିତ ନାରାୟଣ ମହାପାତ୍ର ଓ ଶ୍ରୀଧର ଦାସ କହନ୍ତି - ''ଲିଖିତ ପ୍ରକ୍ରିୟା ଦ୍ୱାରା ଭାଷାକୁ ବ୍ୟକ୍ତ କରିବା ପାଇଁ ଯେଉଁସବୁ ସଂକେତର ସୃଷ୍ଟି ହୋଇଅଛି, ସେ ସବୁକୁ ବର୍ଣ୍ଣ ବା ଅକ୍ଷର ବୋଲଯାଏ ।'' (୩୩) କିନ୍ତୁ ନୀଳକଣ୍ଠ ବର୍ଣ୍ଣ ଓ ଅକ୍ଷର ମଧ୍ୟରେ ପ୍ରଭେଦ ଦର୍ଶାଇ ଲେଖିଛନ୍ତି - ''ସଂସ୍କୃତରେ ବର୍ଣ୍ଣ ଓ ଅକ୍ଷର ଦୁହିଁଙ୍କର ଅର୍ଥ ସମାନ । ମାତ୍ର ଓଡ଼ିଆରେ ସାଧାରଣତଃ ଅକ୍ଷର ବୋଇଲେ, ଯାହା ଏକ ସ୍ୱରକେ ଉଚ୍ଚାରିତ ହୁଏ । 'କ' ଗୋଟିଏ ଅକ୍ଷର । ମାତ୍ର ଏଥିରେ ବର୍ଣ୍ଣ ଦୁଇଟି - 'କ୍' ଓ 'ଅ' । ସେଇପରି 'କା'=କ୍+ଆ । ଓଡ଼ିଆରେ 'ନ୍ତ', 'ଣ୍ଡ' ପ୍ରଭୃତିକୁ ଗୋଟିଏ ଗୋଟିଏ

Digitized by PPRACHIN, SOA

ଯୁକ୍ତାକ୍ଷର କହନ୍ତି । ମାତ୍ର ଏଥିରେ ତିନୋଟି ଲେଖାଏଁ ବର୍ଣ୍ଣ ଅଛି- ଷ୍ଟ=ଷ୍+ଟ୍+ଅ, ଣ୍ଡ=ଣ୍+ଡ୍+ଅ ।'' (୩୪) ସେ ପୁଣି ଲିପି ଓ ବର୍ଣ୍ଣ ମଧ୍ୟରେ ପ୍ରଭେଦ ନିର୍ଣ୍ଣୟ କରିଛନ୍ତି- ''ଲିପି ସବୁବେଳେ ଗୋଟିଏ କୃତ୍ରିମ ବସ୍ତୁ । ମାଇଲ ପଥରଟା ଯେପରି ମାଇଲ୍ ନୁହେଁ, ଲିପିଟା ସେଇପରି ବର୍ଣ୍ଣ ନୁହେଁ । ବର୍ଣ୍ଣ ସ୍ୱର ଯନ୍ତ୍ରରେ, ଲିପିଟା ଲେଖାରେ ।'' (୩୫) କିନ୍ତୁ ବର୍ଣ୍ଣର ଉଚ୍ଚାରଣ ସଠିକ୍ ପ୍ରକାଶ କରିବାରେ ଲିପିର ଆବଶ୍ୟକତା ଦର୍ଶାଇ ସେ ଲେଖିଛନ୍ତି- ''ଲିପି ବର୍ଣ୍ଣର ଉଚ୍ଚାରଣ ପ୍ରକାଶ କରିବା ପାଇଁ । ଠିକ୍ କରି ତାହା କରି ପାରିଲେ ଭାଷାରେ ସାର୍ବକାଳିକ ଓ ସାର୍ବଜନୀନ ଦୃଷ୍ଟି ଫିଟେ ।'' (୩୬)

ଗୁରୁସ୍ୱର ଓ ଦୀର୍ଘସ୍ୱର :- 'ଓଡ଼ିଆ ବ୍ୟାକରଣ'କାର ନୀଳକଣ୍ଠ ସ୍ୱର ବର୍ଣ୍ଣର ଉଚ୍ଚାରଣରେ ଗୁରୁତା ଓ ଦୀର୍ଘତା ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତାଙ୍କ ବିଚାରରେ ସ୍ୱରଟି ଉଚ୍ଚାରଣରେ ଲମ୍ବାହେଲେ ହୁଏ ଦୀର୍ଘ । ସ୍ୱର ଉପରେ ଜୋର ପଡ଼ିଲେ ଗୁରୁ ହୁଏ । ଯୁକ୍ତ ବର୍ଣ୍ଣ ପୂର୍ବର ସ୍ୱର ଗୁରୁ । ଅନୁସ୍ୱାର, ବିସର୍ଗ ପୂର୍ବରେ ଥିବା ସ୍ୱର ମଧ୍ୟ ଗୁରୁ । ଗୁରୁସ୍ୱର, ଦୀର୍ଘସ୍ୱର ଏକା କଥା ନୁହେଁ । ଦୀର୍ଘ ଓ ହ୍ରସ୍ୱ ଦୁଇସ୍ୱର ଗୁରୁ ହୁଅନ୍ତି ।

ନୀଳକଣ୍ଠ ପୁଣି କହନ୍ତି, ଗୁରୁସ୍ୱର ଓ ଦୀର୍ଘସ୍ୱର ଏକା ପ୍ରକାର ନ ହେଲେ ବି ଏକା ଜାତିର । ଓଡ଼ିଆ ଉଚ୍ଚାରଣରେ ବହୁ ଗୁରୁସ୍ୱର କାଳକ୍ରମେ ଦୀର୍ଘ ହୋଇଥିବାର ସେ ଦର୍ଶାଇଛନ୍ତି । ଯଥା- ଶର୍କର > ସାକର, ପତ୍ତନ > ପାଟଣା, ମକ୍ଷି > ମାଛି, କର୍ଦ୍ଦମ > କାଦୁଅ, ଅଙ୍ଗୁଳି > ଆଙ୍ଗୁଠି ଇତ୍ୟାଦି । ଏଇ ଦୀର୍ଘ ଉଚ୍ଚାରଣ କ୍ରମେ ଘଷି ହୋଇ ହ୍ରସ୍ୱ ମଧ୍ୟ ହୋଇଛି । ବିଦ୍ୟୁତ୍ > ବିଜୁଳି, କର୍କଟ > କକଡ଼ା, କୁବ୍ଜ > କୁଜ, କୁକ୍କୁଟ > କୁକୁଡ଼ା, ନିଦ୍ରା > ନିଦ ପ୍ରଭୃତି ଶବ୍ଦରେ ଲିପିରେ ମଧ୍ୟ ଦୀର୍ଘତା ଲୋପ ପାଇଛି ।

ଶବ୍ଦ ବିଚାର : ସ୍ୱରଚିତ 'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥରେ ପଣ୍ଡିତ ନୀଳକଣ୍ଠ 'ଶବ୍ଦ ବିଚାର' ପର୍ଯ୍ୟାୟରେ ବ୍ୟାକରଣରେ ଶବ୍ଦର ବ୍ୟବହାର ସମ୍ପର୍କରେ କହନ୍ତି - ''ଶବ୍ଦ ଖାଲି ଥିବାତକ ସେମାନେ ଅଭିଧାନର ସାମଗ୍ରୀ । ବ୍ୟାକରଣ କିନ୍ତୁ ଖାଲି ଶବ୍ଦ ଓ ତା' ଅର୍ଥର ବିଚାର କରେ ନାଇ । ବାକ୍ୟରେ ପ୍ରୟୋଗ ଲାଗି ବ୍ୟାକରଣ ଶବ୍ଦର ବିଚାର କରେ । ସେଇ ସୂତ୍ରରେ ଶବ୍ଦର ଅର୍ଥ ଦେଖିବା ମଧ୍ୟ ବ୍ୟାକରଣର କାର୍ଯ୍ୟ ।'' ଏହାର ଉଦାହାରଣ ସ୍ୱରୂପ ସେ 'କରିବା' ଶବ୍ଦଟିକୁ ନେଇ ତାହାର ବିବିଧ ଅର୍ଥ ଦର୍ଶାଇଛନ୍ତି-

Digitized by PPRACHIN, SOA

(୧) - 'କରିବା' (ସାଧବା ଅର୍ଥରେ) - ଆମେ ଏ କର୍ମ କରିବା ।

(୨) - (କରଣୀୟ ଅର୍ଥରେ) - ଏ ଆମର କରିବା କର୍ମ ।

(୩) - (କରାଯାଇଥିବା ଅର୍ଥରେ) - ଏ ମୋର ହାତରେ କରିବା କାମ ।

(୪) - (ସାଧନ ଅର୍ଥରେ) ତୋର ଏ କାର୍ଯ୍ୟ କରିବାଟା ମୁଁ ପସନ୍ଦ କରୁନାଇ ।

- ଏହି ଚାରିଗୋଟି ବାକ୍ୟର ଅର୍ଥ ପ୍ରକରଣରୁ ଜଣାଯାଏ-

ପ୍ରଥମ ବାକ୍ୟରେ 'କରିବା' ଶବ୍ଦ କ୍ରିୟାପଦ, ଦ୍ୱିତୀୟ ବାକ୍ୟରେ ଏହା ବିଶେଷଣ ମାତ୍ର ଭବିଷ୍ୟତ ସୂଚକ, ତୃତୀୟ ବାକ୍ୟରେ ଏହା ବିଶେଷଣ ମାତ୍ର ଅତୀତ ସୂଚକ ଏବଂ ଚତୁର୍ଥ ବାକ୍ୟରେ ଏହା ବିଶେଷ୍ୟ ପଦ ରୂପେ ବ୍ୟବହୃତ ।

ଏହି ଶବ୍ଦ ବିଚାର ପର୍ଯ୍ୟାୟରେ ନୀଳକଣ୍ଠ ଶବ୍ଦମୂଳ, ଧାତୁରୂପ, ଉପସର୍ଗ, ପ୍ରତ୍ୟୟ, ପ୍ରଯୋଜକ ଧାତୁ, ନାମଧାତୁ ଆଦିର ତାତ୍ତ୍ୱିକ ଆଲୋଚନା କରି ବାକ୍ୟରେ ପରିଣତ ହେବାବେଳେ ଶବ୍ଦଗୁଡିକ କିପରି ପ୍ରୟୋଜନ ଅନୁସାରେ ଭିନ୍ନ ଭିନ୍ନ ରୂପ ଗ୍ରହଣ କରନ୍ତି ତାହାର ସୂଚନା ଦେଇଛନ୍ତି । ଅବ୍ୟୟ ବ୍ୟତୀତ ଅନ୍ୟ ସମସ୍ତ ପଦର ବାକ୍ୟରେ ଏଇପରି ଭିନ୍ନ ଭିନ୍ନ ରୂପ ଦେଖାଯାଏ । କାରଣ 'ଅବ୍ୟୟ' କଥାଟିର ଅର୍ଥ ହେଉଛି ଯାହାର ବ୍ୟୟ ବା ଭିନ୍ନ ରୂପ ନାଇ ।

**ବୁଝାଇ କହିବାର ଶୈଳୀ ନୀଳକଣ୍ଠଙ୍କର ବିଶେଷତ୍ୱ :**

ନୀଳକଣ୍ଠଙ୍କ 'ବ୍ୟାକରଣ'ର ସବୁଠାରୁ ବଡ଼ ବିଶେଷତ୍ୱ ବା ସ୍ୱାତନ୍ତ୍ର୍ୟ ହେଉଛି, ତାଙ୍କର ବୁଝାଇ କହିବା ଶୈଳୀ । ସେ ଯେତେବେଳେ ଯେଉଁ ତତ୍ତ୍ୱ ଉପସ୍ଥାପନ କରିବାକୁ ଚାହିଁଛନ୍ତି ତାକୁ ଅତି ପ୍ରାଞ୍ଜଳ ଭାବରେ ଆମେ ନିତିଦିନ ବ୍ୟବହାର କରୁଥିବା ବାକ୍ୟମାନଙ୍କରୁ ଉଦାହରଣ ଦେଇ ବୁଝାଇଛନ୍ତି । ଯେପରି 'ସନ୍ଧି କଅଣ' ? - ଏହାର ବାଖ୍ୟା କରି ସେ କହନ୍ତି - "ଶବ୍ଦର ଉଚ୍ଚାରଣରେ ଭିନ୍ନ ଭିନ୍ନ ଅକ୍ଷରର ସ୍ୱର ଉପରେ ଜୋର୍ ପଡେ । ଏଇ ଜୋର୍ ଅମୁକ ଅକ୍ଷରରେ ପଡ଼ିଲା ବୋଲି ଚିହ୍ନାଇ ଦିଆଯାଏ । ବାକ୍ୟରେ ଏଇ ଶବ୍ଦ ସବୁ ବ୍ୟବହାର ହେଲେ କହିବାର ଭଙ୍ଗୀ ଓ ଆଶ୍ରୟ ଅନୁସାରେ ଭିନ୍ନ ଭିନ୍ନ ଶବ୍ଦରେ ମଧ୍ୟ ଜୋର୍ ପଡେ । ପୁଣି ସମସ୍ତ ଶବ୍ଦରେ ଜୋର୍‌ଟି ନ ବସି ସେଇ ଶବ୍ଦର ଅକ୍ଷରରେ ବସେ । ସେଇ ହେତୁ ଶବ୍ଦମାନଙ୍କର ଅକ୍ଷର ତଥା ବର୍ଣ୍ଣର ନାନା ପ୍ରକାର ପରିବର୍ତ୍ତନ ହୁଏ । ଏଇପରି ବର୍ଣ୍ଣ ପରିବର୍ତ୍ତନକୁ ସନ୍ଧି କହନ୍ତି ।" (୩୭)

**ଉପସଂହାର :-** ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାକୁ ସର୍ବଦା 'ଚଳିତ ଭାଷା' ରୂପେ ଗ୍ରହଣ କରିଥିବାରୁ ବ୍ୟାକରଣର ନିର୍ଦ୍ଦେଶ ଅନୁଯାୟୀ ଭାଷାକୁ ଆବଦ୍ଧ ରଖିବାକୁ

Digitized by PPRACHIN, SOA

ସେ ପସନ୍ଦ କରିନାହାନ୍ତି । କାରଣ ଚଳିତ ଭାଷା ସର୍ବଦା ପରିବର୍ତ୍ତନଶୀଳ । ତେଣୁ ସେ ଭାଷାରୁ ବ୍ୟାକରଣର ନିୟମ ଆଲୋଚନା କରିବା ପାଇଁ ବୈୟାକରଣମାନଙ୍କୁ ଆହ୍ୱାନ ଜଣାଇଛନ୍ତି । କଥାରେ ଓ ବର୍ଣ୍ଣ ଆଦିରେ କିପରି ପରିବର୍ତ୍ତନ ହୋଇଆସିଛି ଓ ହୋଇଯାଉଛି ତାହା ଦେଖିବା ପାଇଁ ପରାମର୍ଶ ଦେଇଛନ୍ତି । ପୁଣି 'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥରେ ନିଜେ ଏ ଦିଗରେ ଉଦ୍ୟମ କରି ଓଡ଼ିଆ ଭାଷା ଓ ବ୍ୟାକରଣର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଦିଗରେ ସଫଳ ହୋଇଛନ୍ତି ବୋଲି ନିଃସଂଦେହରେ କୁହାଯାଇପାରେ ।

---

**ପାଦଟୀକା:**

(୧) ଗୋପୀନାଥ ନନ୍ଦଶର୍ମାଙ୍କ ରଚିତ 'ଓଡ଼ିଆ ଭାଷାତତ୍ତ୍ୱ' ଗ୍ରନ୍ଥର 'ଗ୍ରନ୍ଥ ପ୍ରବେଶ' ପର୍ଯ୍ୟାୟରେ ନୀଳକଣ୍ଠଙ୍କ ଉକ୍ତି ।

(୨) ଓଡିଆ ଭାଷା ଓ ବ୍ୟାକରଣ — 'ଆଲୋଚନା' - ନବଭାରତ ୬/୮ ସଂଖ୍ୟା

(୩) ଆତ୍ମ ଜୀବନୀ - ନୀଳକଣ୍ଠ ଦାସ ପୃ - ୫୩

(୪) ଏ ପ୍ରବନ୍ଧ 'The Orissa Historical Journal-Vol VII NO. I April 1959ରେ ପ୍ରକାଶ ପାଇଥିଲା ।

(୫) ଗ୍ରନ୍ଥ ପ୍ରବେଶ - 'ଓଡିଆ ଭାଷାତତ୍ତ୍ୱ'

(୬) Presidential Address on Regional Language (Oriya Language) - By Nilakantha Das

(୭) Oriya Language & Culture - O.H.R.J. - Vol-VIII No. I ଦ୍ରଷ୍ଟବ୍ୟ ।

(୮) Oriya Language and Culture - O.H.R.J. Vol - VIII No. I ଦ୍ରଷ୍ଟବ୍ୟ ।

(୯) Presidential Address on Regional Language ଦ୍ରଷ୍ଟବ୍ୟ ।

(୧୦) Presidential Address on 'Regional Language' Page-19

(୧୧) Presidential Address on 'Regional Language' Page -18

Digitized by PPRACHIN, SOA

(୧୨) ଓଡ଼ିଆ ଭାଷା ଓ ବ୍ୟାକରଣ - 'ଓଡିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥର ପୃ-୯୯ ଦ୍ରଷ୍ଟବ୍ୟ ।

(୧୩) ଓଡ଼ିଆ ଭାଷା ଓ ସାହିତ୍ୟ - ପୃ-୯୯

(୧୪) ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟ - ଝଙ୍କାର ମାର୍ଚ୍ଚ ୧୯୮୬ ଆଲୋଚନା - ନବଭାରତ - ୬/୧୦ ସଂଖ୍ୟା ।

* ୧୯୮୫ରେ ଓଡିଆ ଭାଷା ଓ ସାହିତ୍ୟ ପୁସ୍ତକରେ 'ମାତୃଭାଷା' ମୁଦ୍ରଣ ପ୍ରମାଦ ହୋଇଥିବାରୁ ନୀଳକଣ୍ଠ ନିଜେ ସ୍ୱ ହସ୍ତରେ ତାକୁ 'ମୃତ' ଭାଷା ସହ ସଂଶୋଧନ କରିଛନ୍ତି ।

(୧୫) ଓଡ଼ିଆ ଭାଷା ଓ ସାହିତ୍ୟ - ପୃଷ୍ଠା ୧୦୦

(୧୬) ଓଡ଼ିଆ ବର୍ଣ୍ଣ ବିଚାରର ସଂକ୍ଷିପ୍ତ ସୂଚନା - ଓଡିଆ ଭାଷା ଓ ସାହିତ୍ୟ ପୃଷ୍ଠା-୮

(୧୭) ଓଡ଼ିଆ ବର୍ଣ୍ଣ ଓ ଲିପି — ଓଡିଆ ବ୍ୟାକରଣ ।

(୧୮) ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା - ନବଭାରତ ୬/୧୦ ସଂଖ୍ୟା

(୧୯) ରେଫ୍ - ବର୍ଣ୍ଣବିଚାର - ଓଡିଆ ବ୍ୟାକରଣ - ୩ୟ ଭାଗ

(୨୦) ଓଡ଼ିଆ ଲିପି ଓ ବନାନ୍ - ଝଙ୍କାର ୨୦ଶ ବର୍ଷ - ବିଷୁବ ସଂଖ୍ୟା ମେଷ, ୧୩୭୫ ସାଲ୍ ।

(୨୧) ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା — ଓଡିଆ ଭାଷା ଓ ସାହିତ୍ୟ ପୃଷ୍ଠା - ୧୦୩ ।

(୨୨) ତତ୍ରୈବ । ପୃଷ୍ଠା - ୧୦୩

(୨୩) ଓଡ଼ିଆ ଭାଷା ଓ ସାହିତ୍ୟ - ପୃଷ୍ଠା ୧୦୩

(୨୪) ଓଡ଼ିଆ ବ୍ୟାକରଣ - ୧ମ ଭାଗ ଦ୍ରଷ୍ଟବ୍ୟ

(୨୫) ଓଡ଼ିଆ ବ୍ୟାକରଣ - ୨ୟ ଭାଗ - ପଦବିଚାର

(୨୬) 'ଓଡ଼ିଆ ବ୍ୟାକରଣ' — ୨ୟ ଭାଗ - ପଦ ବିଚାର ।

* ତୁଳନାତ୍ମକ ଭାବେ ପଣ୍ଡିତ ନାରାୟଣ ମହାପାତ୍ର ଓ ଶ୍ରୀଧର ଦାସଙ୍କ ରଚିତ 'ସର୍ବସାର ବ୍ୟାକରଣ'ର କ୍ରିୟାର କାଳ' ବିଚାର ଦେଖିଲେ ଜଣାଯିବ ତାହା ନୀଳକଣ୍ଠଙ୍କ 'ଓଡିଆ ବ୍ୟାକରଣ'ରେ ଦିଆଯାଇଥିବା 'କାଳ ବିଚାର' ତୁଳନାରେ କେତେ ଜଟିଳ ।

Digitized by PPRACHIN, SOA

(୨୭) ଓଡ଼ିଆ ବ୍ୟାକରଣ — ୨ୟ ଭାଗ - ପଦ ବିଚାର ।

(୨୮) 'ମାଧମିକ ଓଡ଼ିଆ ବ୍ୟାକରଣ' — ମାଧମିକ ଶିକ୍ଷାବୋର୍ଡ ଦ୍ୱାରା ପ୍ରକାଶିତ ଗ୍ରନ୍ଥ ପୃ-୪୬ ।

(୨୯) 'ସର୍ବସାର ବ୍ୟାକରଣ' — ପଣ୍ଡିତ ନାରାୟଣ ମହାପାତ୍ର ଓ ଅଧ୍ୟାପକ ଶ୍ରୀଧର ଦାସ — ପୃଷ୍ଠା ୫୫

(୩୦) ବର୍ଣ୍ଣବିଚାର — 'ଓଡ଼ିଆ ବ୍ୟାକରଣ'

(୩୧) ବର୍ଣ୍ଣ ବିଚାର - ଓଡ଼ିଆ ବ୍ୟାକରଣ

(୩୨) ବର୍ଣ୍ଣ ବିଚାର - ଓଡ଼ିଆ ବ୍ୟାକରଣ

(୩୩) ସର୍ବସାର ବ୍ୟାକରଣ - ପୃଷ୍ଠା - ୧

(୩୪) ବର୍ଣ୍ଣ ବିଚାର - ଓଡ଼ିଆ ବ୍ୟାକରଣ

(୩୫) ଓଡ଼ିଆ ବର୍ଣ୍ଣ ଓ ଲିପି - (ତ୍ରୁଟ)

(୩୬) ବର୍ଣ୍ଣ ବିଚାର - ଓଡ଼ିଆ ବ୍ୟାକରଣ

(୩୭) ବର୍ଣ୍ଣ ବିଚାର — ଓଡ଼ିଆ ବ୍ୟାକରଣ

❑❑

Digitized by PPRACHIN, SOA

# ନୀଳକଣ୍ଠଙ୍କ ସଂସ୍କାର ଚେତନା

''ସଂସ୍କାର ସର୍ବବିଧ ଉନ୍ନତିର ପ୍ରଧାନ ଉପାଦାନ । ମାନବୋନ୍ନତିର ପ୍ରତ୍ୟେକ ବିଭାଗରେ ସଂସ୍କାର ଓ ପରିବର୍ତ୍ତନ ସଂଘଟିତ ହୋଇଅଛି । ଏହି ସଂସ୍କାର ଓ ପରିବର୍ତ୍ତନ ହିଁ ମାନବ ଜାତିକୁ ଏତେ ଉନ୍ନତ କରିଅଛି ଏବଂ କ୍ରମେ କ୍ରମେ ଅସୀମ ଉନ୍ନତି ଆଡ଼କୁ ଘେନି ଯାଉଅଛି । ମନୁଷ୍ୟ ଯେତିକି ପରିମାଣରେ ସତ୍ୟର ଆଲୋକ ପ୍ରାପ୍ତ ହୁଏ, ସେତିକି ପରିମାଣରେ ସେ ସଂସ୍କାର ପ୍ରିୟ ହୋଇ ଉଠେ । ସୂର୍ଯ୍ୟୋଦୟ ହେଲେ ଯେପରି ଅନ୍ଧକାର ପୃଥିବୀ ଛାଡ଼ି ପଳାୟନ କରେ, ସେହିପରି ସତ୍ୟ ପ୍ରକାଶିତ ହେଲେ ଅସତ୍ୟ ଆଉ ଦଣ୍ଡେ ମାତ୍ର ତିଷ୍ଠି ପାରେ ନାହିଁ ।''(୧)

**ଓଡ଼ିଶାରେ ସଂସ୍କାର ଚେତନା :** ଓଡ଼ିଶାରେ ପାଶ୍ଚାତ୍ୟ ଶିକ୍ଷାର ପ୍ରବର୍ତ୍ତନ ଫଳରେ ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଏକ ଶିକ୍ଷିତ ଯୁବଗୋଷ୍ଠୀର ଅଭ୍ୟୁଦୟ ଘଟିଥିଲା । ସେଇ ଯୁବକମାନେ ତାଙ୍କର ଯୁକ୍ତିପ୍ରବଣ ମନ ନେଇ ଆମ ସମାଜରେ ପ୍ରଚଳିତ ପରଂପରା ଓ ଚଳଣି ଅନୁଧ୍ୟାନ କରି ଅନୁଭବ କଲେ, କେତେକ ଅହେତୁକ ବିଶ୍ୱାସ ଓ ରକ୍ଷଣଶୀଳ ମନୋବୃତ୍ତି ହିଁ ଆମ ସମାଜର ଉନ୍ନତିରେ ପ୍ରଧାନ ଅନ୍ତରାୟ ସୃଷ୍ଟି କରିଅଛି । ଏହାହିଁ ଆମର ସାମାଜିକ କୁସଂସ୍କାର ।

ମଧ୍ୟଯୁଗୀୟ ସମାଜ ଥିଲା ସ୍ଥିତିଶୀଳ । ଏ ସମାଜରେ କେତେଗୁଡ଼ିଏ ଅହେତୁକ, ନିରର୍ଥକ ଆଚାର ଓ ମତାନ୍ଧତା ଅଲଂଘନୀୟ ସାମାଜିକ ଚଳଣି ରୂପେ ବିବେଚିତ ହେଉଥିଲା । ଆଧୁନିକ ଶିକ୍ଷାର ପ୍ରବର୍ତ୍ତନ ଫଳରେ ଯୁବ ସଂପ୍ରଦାୟ ପ୍ରାଣରେ ହେତୁବାଦର ବିକାଶ ଘଟିଲା । ଯୁଗ ଯୁଗର କୁସଂସ୍କାର, ଅନାଚାରର କୁହେଳୀକୁ ଜାତିମାନସରୁ ଅପସାରଣ କରି ଜ୍ଞାନ, ବିଚାର ଓ ଯୁକ୍ତିର ଆଲୋକରେ ତାହାକୁ ଦୀପ୍ତ କରିବା ହେଲା ନବଯୁଗର ଧର୍ମ । ଏହି କୁସଂସ୍କାର ପରିହାର ପୂର୍ବକ ନବଯୁଗର ବାଣୀ ପ୍ରଚାର ପାଇଁ ଫକୀର ମୋହନ ସେନାପତି, ଶ୍ରୀବତ୍ସ ପଣ୍ଡା, କୃଷ୍ଣ ପ୍ରସାଦ ଚୌଧୁରୀ, ସାଧୁଚରଣ ରାୟ, ଗୋପାଳଚନ୍ଦ୍ର ପ୍ରହରାଜ, ରାମଶଙ୍କର ରାୟ ପ୍ରମୁଖ ଲେଖକମାନେ ତତ୍କାଳୀନ ପତ୍ର ପତ୍ରିକାରେ ପରଂପରା ବିରୋଧୀ ଭାବଧାରା ପ୍ରକାଶ କରି ସେମାନଙ୍କ ସଂସ୍କାରଶୀଳ ମନୋବୃତ୍ତିର ପରିଚୟ ଦେଇଥିଲେ ।

ସଂସ୍କାରକାମୀ କୃଷ୍ଣ ପ୍ରସାଦ 'କଳ୍ପବଟ ହିନ୍ଦୁଧର୍ମ' ଶୀର୍ଷକ ଲେଖାରେ ରକ୍ଷଣଶୀଳମାନଙ୍କୁ ଉତ୍ତର ଦେଇ ଲେଖିଥିଲେ - ''ଶାସ୍ତ୍ରକୁ ଆମ୍ଭେମାନେ ନିନ୍ଦା

Digitized by PPRACHIN, SOA

କରୁନାହୁଁ । କିନ୍ତୁ ତାହା ବୋଲି ଶାସ୍ତ୍ରରେ ଯାହା କିଛି ଲେଖାଅଛି, ତାହାସବୁ ଆଖି ବୁଜି ମାନି ନେବାକୁ ହେବ, ଏପରି ହୋଇ ନପାରେ । ଯଥାର୍ଥ ଧର୍ମ, ଯଥାର୍ଥ ଜ୍ଞାନ, ଶିକ୍ଷା ହେଉ ଅଛି କି ନା, ଏହାହିଁ ଦେଖିବା ଆବଶ୍ୟକ ।'' (୨)

ଏହାର ଅନୁରୂପ ମତ ଦେଇ ଗୋପାଳ ଚନ୍ଦ୍ର ପ୍ରହରାଜ ମଧ୍ୟ ଲେଖିଥିଲେ- ''ଶାସ୍ତ୍ରକୁ କେବଳ ଆଶ୍ରୟ କରି ସମାଜରେ ଚଳିବା ଉଚିତ ନୁହେଁ । ଯୁକ୍ତି, ବିବେକ, ଲୋକଚାର, ସଦାଚାର ଇତ୍ୟାଦି ସମାଜରେ ଖଟାଇବାକୁ ହେବ ଓ ବ୍ୟକ୍ତିଗତ ଉଦାହରଣ ଓ ଚେଷ୍ଟା ଦ୍ୱାରା ଅବଶ୍ୟମ୍ଭାବୀ ସଂସ୍କାରର ସହାୟତା କରିବାକୁ ହେବ । ହିନ୍ଦୁ ସମାଜ ପ୍ରତ୍ୟେକ ଶିକ୍ଷିତ ହିନ୍ଦୁଙ୍କ ଠାରୁ ଏତିକି ମାତ୍ର ଆଶାକରେ । ଏହା ନ କଲେ, ଅବଶ୍ୟମ୍ଭାବୀ ପରିବର୍ତ୍ତନ ଆଜି ନଘଟି କାଲି ଘଟିବ । ଏହା ନିଶ୍ଚିତ । କିନ୍ତୁ ବ୍ୟକ୍ତିଗତ ସହାୟତା ନ ପାଇ ହିନ୍ଦୁ ସମାଜ ଅନ୍ୟାନ୍ୟ ସଭ୍ୟ ସମାଜର ପଛରେ ପଡି ରହିବ ।'' (୩)

ଖ୍ରୀ: ୧୮୯୭ରେ 'ଉତ୍କଳ ସାହିତ୍ୟ' ପ୍ରକାଶ ପାଇବା ଫଳରେ ତାହା ସଂସ୍କାରକାମୀ ଲେଖକ ମାନଙ୍କ ମସୀଚାଳନା ପାଇଁ ଏକ ଉପଯୁକ୍ତ କ୍ଷେତ୍ରରେ ପରିଣତ ହୋଇଥିଲା । ଏଥିରେ ପ୍ରକାଶିତ କୃଷ୍ଣ ପ୍ରସାଦ ଚୌଧୁରୀଙ୍କ 'ହିନ୍ଦୁ ଧର୍ମର ପୁନରୁତ୍ଥାନ' (୪) 'ମହାପୂଜା ଓ ସ୍ତ୍ରୀ ଶିକ୍ଷା' (୫) ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର 'ହିନ୍ଦୁ ସମାଜର ଆଧୁନିକ ଗତି', ଶ୍ରୀବସ ପଣ୍ଡାଙ୍କ 'ହିନ୍ଦୁ ମାନଙ୍କର ବ୍ରାହ୍ମଣ ପ୍ରିୟତା' (୬) ଗୋଦାବରୀଶଙ୍କ 'ହିନ୍ଦୁର ବେଦ ମନ୍ଦିର' (ଉତ୍କଳ ସାହିତ୍ୟ - ୧୫/୧) ନୀଳକଣ୍ଠଙ୍କ 'ଅଛୁଁ ଓ ହେବୁଁ', 'ସାମାଜିକ କୁସଂସ୍କାର' ଆଦି ପ୍ରବନ୍ଧ ଏବଂ ଫକୀର ମୋହନଙ୍କ 'ଲୌକିକ ଧର୍ମ' ଓ ହରିହର ଦାସଙ୍କ 'ସାମାଜିକ ଉଦ୍‌ବୋଧ' କବିତାଦ୍ୱୟ (ଯଥାକ୍ରମେ ଉତ୍କଳ ସାହିତ୍ୟ - ୧୬/୮ ଓ ୧୬/୪ ସଂଖ୍ୟାରେ ପ୍ରକାଶିତ) ସେ ସମୟରେ ପ୍ରଚଳିତ କେତେକ ସାମାଜିକ ଚଳଣି ବିରୁଦ୍ଧରେ ପାଠକ ମାନଙ୍କ ମନରେ ପ୍ରତିକ୍ରିୟା ସଞ୍ଚାର କରିବାରେ ସମର୍ଥ ହୋଇଥିଲା ।

ସମାଜ ସଂସ୍କାର, ବିଶେଷତଃ ଜାତିଭେଦ ଦୂରୀକରଣ ଦିଗରେ ସେ ସମୟରେ 'ସମ୍ବଲପୁର ହିତୈଷିଣୀ ପତ୍ରିକା ମଧ୍ୟ ବିଶେଷ ସହାୟକ ହୋଇଥିଲା । ସଂସ୍କରକାମୀ ଯୁବକମାନଙ୍କର ପ୍ରେରିତ ପତ୍ର ଏବଂ ନିଜର ସୁଚିନ୍ତିତ୍ ଲେଖାମାନ ପ୍ରକାଶ କରି ଏହି ପତ୍ରିକାର ପରିଚାଳକ ଆମ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଥିଲେ । 'ହିନ୍ଦୁର ହିନ୍ଦୁତ୍ୱ କେଉଁଠାରେ' ଓ 'ହିନ୍ଦୁମତେ ବିଲାତ ଯାତ୍ରା' (ହିତୈଷିଣୀ- ୪ର୍ଥ ଭାଗ/୧୮ଶ ସଂଖ୍ୟା), 'ବ୍ରାହ୍ମଣ ଜାତିର ବର୍ତ୍ତମାନ ଅବସ୍ଥା' (୪/

Digitized by PPRACHIN, SOA

୪୯ଶ ସଂଖ୍ୟା), ଜାତି ଭେଦ (୪/୫୨ ସଂଖ୍ୟା) ଏବଂ 'ବିଧବାର ଏକାଦଶୀ' (୪/୯ ସଂଖ୍ୟା) ରଚନାଗୁଡ଼ିକ ଏହାର ପ୍ରମାଣ । ବିଶ୍ୱନାଥ କର ସଂସ୍କାରକାମୀ ଯୁବକଙ୍କ ନିଷ୍କ୍ରିୟତା ପାଇଁ ଜାତିଭେଦ ପ୍ରଥାକୁ ଦାୟୀ କରି ଲେଖିଥିଲେ - "ଜାତି ଭେଦ ହିନ୍ଦୁର ହସ୍ତପଦକୁ ଶୃଙ୍ଖଳବଦ୍ଧ କରି ତାହାକୁ ଅଚେତନ ଜଡ଼ ଅବସ୍ଥା ପ୍ରାପ୍ତ କରାଉଅଛି । ଏହା ସକଳ ପ୍ରକାର ପରିବର୍ତ୍ତନ ଓ ସଂସ୍କାରର ବିରୋଧୀ । ଆମ୍ଭେମାନେ ଜାଣୁ ଶିକ୍ଷିତ ହିନ୍ଦୁ ସଂସ୍କାର ପ୍ରାର୍ଥୀ, କିନ୍ତୁ କଅଣ ହେବ ? ତେଣିକି ଗୋଡ ବଢ଼ାଇଲେ ଜାତି ଯିବ । ସଂସ୍କାର ପ୍ରାର୍ଥୀ ଉଦାର ନୈତିକ ଶିକ୍ଷିତ ହିନ୍ଦୁ ସନ୍ତାନଙ୍କୁ ଏହି ଜାତିଭେଦ ପ୍ରଥା ଘୋର କପଟାଚାରୀ ଓ ମିଥ୍ୟାବାଦୀ କରିଅଛି । ଅନେକେ ଆଜିକାଲି ଗୋପନରେ ହିନ୍ଦୁର ଅଖାଦ୍ୟ ଭକ୍ଷଣ କରି କେବଳ ଜାତି ଯିବା ଭୟରେ ପ୍ରକାଶ୍ୟରେ ମିଥ୍ୟା କହି ଜୀବନକୁ କଳଙ୍କିତ କରୁଅଛନ୍ତି ।" (୭)

'ମୁକର' ପତ୍ରିକାରେ ସେ ସମୟର ସଂସ୍କାରକାମୀ ଯୁବଗୋଷ୍ଠୀ ଚିନ୍ତାପ୍ରସୂତ ଲେଖାମାନ ପ୍ରକାଶ କଲେ । କୁସଂସ୍କାରର ଉଦ୍ଭବ ସମ୍ପର୍କରେ ଭଗବାନ ମହାପାତ୍ର ଲେଖିଲେ - "ଅନେକ ସମୟରେ ପ୍ରଚଳିତ ରୀତିସବୁ ସଂସ୍କାରର ପ୍ରତିବନ୍ଧକ ହୁଅନ୍ତି । ଅଭ୍ୟାସର ବଳ ଊଣା ନୁହେଁ । ଆମ୍ଭମାନଙ୍କ ପୂର୍ବ ପୁରୁଷଗଣ ଏପରି କରୁଥିଲେ, ସୁତରାଂ ଏହା କର୍ତ୍ତବ୍ୟ । ଏହି କଥାଟି ଅନେକ ସମୟରେ ଯୁକ୍ତିସଂଗତ ନୁହେଁ ବୋଲି ପ୍ରତୀୟମାନ ହୁଏ ସତ୍ୟ, କିନ୍ତୁ ଏହା ବୋଲି ଏହାର ଶକ୍ତି ଊଣା ନୁହେଁ । ଭଲ ହେଉ ମନ୍ଦ ହେଉ ଅଭ୍ୟାସର ବଳ ଦୁର୍ଦ୍ଦମନୀୟ । ଏପରି ମଧ୍ୟ ଦେଖାଯାଏ ଯେ, କୌଣସି କୌଣସି ମଙ୍ଗଳକର ବିଧାନ କାଳକ୍ରମେ ଅନ୍ତଃସାର ଶୂନ୍ୟ ହୋଇ କେବଳ ବହିରାକୃତି ବିଶିଷ୍ଟ ରହିଥାଏ । ଅଥବା କବିଙ୍କ ଭାଷାରେ କହିଲେ କର୍ପୂର ଯାଇ କନା ମାତ୍ର ଅବଶିଷ୍ଟ ରହିଥାଏ । ଯାହାସବୁ କୁସଂସ୍କାର ନାମରେ ଅଭିହିତ ହୁଏ ତନ୍ମଧ୍ୟରୁ ଅଧିକାଂଶ ଏହି ଶ୍ରେଣୀର" (୮)

ସଂସ୍କାର ଦିଗରେ 'ସତ୍ୟବାଦୀ' ପତ୍ରିକାର ଅବଦାନ ମଧ୍ୟ କମ୍ ନଥିଲା । ଏଥିରେ ଜଣେ ଶାସନୀଙ୍କ ରଚିତ - 'ଉତ୍କଳ ବ୍ରାହ୍ମଣର କୌଳୀନ୍ୟ' (୯) ପଣ୍ଡିତନୀଳମଣି ମିଶ୍ରଙ୍କ 'ଯାଜପୁର ବ୍ରାହ୍ମଣମାନଙ୍କ ଅବସ୍ଥା' (୧୦) ପଣ୍ଡିତ ବାସୁଦେବ ମହାପାତ୍ରଙ୍କ 'ହିନ୍ଦୁତ୍ୱ କଅଣ' (୧୧) ରୁଦ୍ର ନାରାୟଣ ଷଡଙ୍ଗୀଙ୍କ 'ଉତ୍କଳ ବ୍ରାହ୍ମଣର କୁଳ ସଂଜ୍ଞା' (୧୨) ଲେଖାମାନ ପ୍ରକାଶ ପାଇ ଆମ ସମାଜରେ ପ୍ରଚଳିତ କୁସଂସ୍କାର ବିରୁଦ୍ଧରେ ଜନମତ ସୃଷ୍ଟି କରିବା ପାଇଁ ଉପାଦାନ ଯୋଗାଇଥିଲା ।

ସ୍ୱାଧୀନ ଚେତା, ବିପ୍ଳବୀ ନୀଳକଣ୍ଠ 'ମୋ ନିଶ' ଓ 'ନିଶ' ପ୍ରବନ୍ଧ ମାଧ୍ୟମରେ ପୂର୍ବ ସୂଚିତ ଲେଖାଗୁଡ଼ିକର ଆଭିମୁଖ୍ୟକୁ ଫଳପ୍ରଦ କଲେ । ଏ ଦୁଇଟି ପ୍ରବନ୍ଧ

Digitized by PPRACHIN, SOA

ଯଥାକ୍ରମେ ମୁକୁର ପତ୍ରିକାର ୬ଷ୍ଠ ଭାଗ/୫ମ-୬ଷ୍ଠ ଓ ୬ଷ୍ଠ ଭାଗ/୮ମ-୯ମ ସଂଖ୍ୟାରେ ପ୍ରକାଶ ପାଇବା ପରେ ପାଠକମାନଙ୍କର ରକ୍ଷଣ ଶୀଳତା ଓ ପରିବର୍ତ୍ତନଶୀଳତା ମଧ୍ୟରେ ଦୋଳାୟିତ ଚିତ୍ତରେ ସ୍ପନ୍ଦନ ସୃଷ୍ଟି ହେଲା । ଆମ ସମାଜରେ ପ୍ରଚଳିତ କୁସଂସ୍କାରଗୁଡ଼ିକ ଦୂର କରିବା ଉଦ୍ଦେଶ୍ୟରେ ସେମାନଙ୍କ ବିଦ୍ରୋହୀ ମନ ବିପ୍ଲବ ସୃଷ୍ଟି କଲା । ଏହି ବିପ୍ଲବ ''ନିଶ ଆନ୍ଦୋଳନ'' ନାମରେ ପରିଚିତ ହେଲା ।

**ନୀଳକଣ୍ଠଙ୍କ ସଂସ୍କାରଧର୍ମୀ ପ୍ରବନ୍ଧ**

*Speeches and Remarks of Pandit Nilakantha Das"* ଗ୍ରନ୍ଥରେ ନୀଳକଣ୍ଠଙ୍କ ଜୀବନୀ ଲେଖିବାକୁ ଯାଇ ରାଜବଲ୍ଲଭ ମିଶ୍ର ଲେଖିଛନ୍ତି- "From the beginning Pandit Nilakantha had a remarkable zeal for social reform and he had no love for any distinction of caste or creed. he actually joined the school in 1911 and since then he openly revolted against 'Untouchability' and similar other undesirable social relations." - ନୀଳକଣ୍ଠଙ୍କର ଏହି ସଂସ୍କାର ଚେତନା ତାଙ୍କ ତୀକ୍ଷ୍ଣ ବୁଦ୍ଧି ଦ୍ୱାରା ପରିଚାଳିତ, ପ୍ରଖର ଓ ବଳିଷ୍ଠ ଯୁକ୍ତି ଦ୍ୱାରା ବିଶ୍ଳେଷିତ ହୋଇ ଯାଦୁକରୀ ଭାଷାର ସ୍ପର୍ଶରେ ପ୍ରବନ୍ଧ ରୂପ ଲାଭ କରି ପାଠକମାନଙ୍କ ଚିତ୍ତରେ ଗଭୀର ରେଖାପାତ କରିବା ସଙ୍ଗେ ରକ୍ଷଣଶୀଳ ପ୍ରୌଢ଼ ବ୍ୟକ୍ତିଙ୍କ ମନରେ ମଧ୍ୟ ବିସ୍ମୟ ସୃଷ୍ଟି କରିଥିଲା । ସଂସ୍କାର ଯେ ଗଭୀର ଚିନ୍ତା ଓ ନିରୁଦ୍‌ବେଗ ଗବେଷଣା ସାପେକ୍ଷ, ତାହା ନୀଳକଣ୍ଠଙ୍କ ସଂସ୍କାର ଚେତନା ମୂଳକ ପ୍ରବନ୍ଧ ଅନୁଧ୍ୟାନ କଲେ ଜଣାଯାଏ ।

ସଂସ୍କାରର ସଂଜ୍ଞା ନିରୂପଣ କରି ନୀଳକଣ୍ଠ ଲେଖିଥିଲେ - ''ସଂସ୍କାର ହେଉଚି, ପ୍ରଗତି, ପରଂପରାର ଲକ୍ଷଣ, ଚିହ୍ନ ବା ଛାପା, ଇଂରାଜୀ 'Culture' କଥାଟି ଏବେ ସଂସ୍କୃତି ବୋଲି ଅନୁବାଦ କରା ହେଉଚି । ଏହାକୁ ଆଗେ ବୌଦ୍ଧ ଯୁଗରେ 'ବିନୟ' ବୋଲି କହୁଥିଲେ । x x ସଂସ୍କାର ହେଉଚି ଏହି 'ସଂସ୍କୃତି' ବା 'ବିନୟ'ର ଲକ୍ଷଣ । ସଭ୍ୟତା ବା ସମାଜର ପ୍ରଗତିରେ ଏଇ ସଂସ୍କାର ପ୍ରକାଶ ପାଏ । ତେଣୁ ଏଇ ସଂସ୍କାରରେ ହିଁ ସଭ୍ୟତା ମପା ହୁଏ ।'' (୧୩)

**କୁସଂସ୍କାର କଅଣ ?**

ସଭ୍ୟତା ବା ସମାଜର ପ୍ରଗତିର ଆବଶ୍ୟକତା ଦୃଷ୍ଟିରୁ କେତେକ ପୁରୁଣା ସଂସ୍କାର କୁସଂସ୍କାର ରୂପେ ପ୍ରତୀୟମାନ ହୁଏ । ନୀଳକଣ୍ଠଙ୍କ ଭାଷାରେ - ''ପୁରୋଦୃଷ୍ଟିରେ ପ୍ରଗତିର ଧାରା ଦେଖି ଏହି ସଂସ୍କାର ନିୟମିତ କରାଯାଏ । ସେଥିରେ ହିଁ ଧରାଯାଏ ଏହି ସଂସ୍କାର ମଧ୍ୟରୁ କୁସଂସ୍କାର କିଏ ?'' (୧୪)

Digitized by PPRACHIN, SOA

କାରଣ ନଥିବା ଜାତୀୟ କୁସଂସ୍କାରକୁ ନୀଳକଣ୍ଠ ଧିକ୍କାର କରିଛନ୍ତି । କିନ୍ତୁ କୁସଂସ୍କାର ଲୋପ ପାଇବାକୁ ପ୍ରୟାସ କଲାବେଳେ ସେ ସଂସ୍କାର ଲୋପର ଆଶଙ୍କା ପ୍ରତି ସର୍ବଦା ସଜାଗ ଥିଲେ । ତେଣୁ ସେ କହନ୍ତି - "ସବୁ ସଂସ୍କାର କୁସଂସ୍କାର ନୁହେଁ କୁସଂସ୍କାର କାମନାରେ ପୁଣି ପରଂପରା ପ୍ରତି ବରାବର ଦୃଷ୍ଟିହୀନ ହେଲେ ମତାନ୍ଧତା ଆସେ ।" (୧୫)

**କେତୋଟି ବଳିଷ୍ଠ ଯୁକ୍ତି**

ନୀଳକଣ୍ଠଙ୍କ ସଂସ୍କାରମୂଳକ ପ୍ରବନ୍ଧଗୁଡ଼ିକୁ ଭିତ୍ତିକରି ଲେଖକଙ୍କ ସଂସ୍କାର ଚେତନାର ଭିତ୍ତିଭୂମି ରୂପେ ତାଙ୍କର କେତେଗୋଟି ପ୍ରକୃତିଗତ ବୈଶିଷ୍ଟ୍ୟ ସୂଚିତ ହୋଇପାରେ ।

**କାରଣ ବୁଝି କାର୍ଯ୍ୟ କରିବା**

ଯେଉଁ ପ୍ରଥା ଚଳଣି ମାନବାତ୍ମାର ଉନ୍ନତି ବିଧାୟକ, ଯୁକ୍ତିବାଦୀ ନୀଳକଣ୍ଠ ସେଥିରେ ବିଶ୍ୱାସୀ ଥିଲେ । ନ ବୁଝି ନ ବିଚାରି କାର୍ଯ୍ୟ କରିବା ତାଙ୍କର ପ୍ରକୃତି ବିରୁଦ୍ଧ । ସେ କହନ୍ତି - "ଯେ ନ ବିଚାରି, କାରଣ ନ ବୁଝି କାର୍ଯ୍ୟ କରେ, ସେ ଦେହରେ ମନୁଷ୍ୟ ହେଲେ ହେଁ, କାର୍ଯ୍ୟରେ ପଶୁ । ଗୋଟିଏ କଥାରେ କହିଲେ ତାକୁ 'ଦ୍ୱିପଦ ପଶୁ' ବୋଲାଯାଇପାରେ । ତେଣୁ ନ ବିଚାରି ସାଧ୍ୟାନୁସାରେ ଭୂତ ଭବିଷ୍ୟତ ବର୍ତ୍ତମାନ ତୁଳନା ନ କରି କାରଣ ନ ବୁଝି କାର୍ଯ୍ୟ କିରବାକୁ ମୋତେ ସୁଖ ଲାଗେ ନାହିଁ ।" (୧୬)

**ପ୍ରକୃତ ତତ୍ତ୍ୱ ଜାଣି ଶାସ୍ତ୍ରକୁ ବିଶ୍ୱାସ କରିବା**

ପ୍ରକୃତ ଶାସ୍ତ୍ର କଅଣ ନଜାଣି କେବଳ ପୂର୍ବ ପୁରୁଷଙ୍କ ଚଳଣିକୁ ଅନୁସରଣ କରି ସେ ସମୟରେ ଯେଉଁ ବ୍ରାହ୍ମଣମାନେ ନିଜକୁ ଶାସ୍ତ୍ରଜ୍ଞ ପଣ୍ଡିତ ବୋଲି ପରିଚିତ କରାଇ ସମାଜସ୍ଥ ଅପର ଲୋକଙ୍କର ଭାଗ୍ୟ ନିୟନ୍ତ୍ରଣ କରୁଥିଲେ  ସେମାନଙ୍କ ପ୍ରତି ନୀଳକଣ୍ଠଙ୍କର ଗଭୀର ଅନାସ୍ଥାଭାବ ଥିଲା । ତେଣୁ ସେମାନଙ୍କ ତଥା କଥିତ ଶାସ୍ତ୍ର ଜ୍ଞାନକୁ ତାଚ୍ଛଲ୍ୟ କରି ସେ ଲେଖିଛନ୍ତି - "ଏଭଳି ଶାସ୍ତ୍ରଜ୍ଞ ବହୁତ ପଣ୍ଡିତଙ୍କଠାରୁ ମୁଁ ଶୁଣିଅଛି ଶାସ୍ତ୍ର ଆଉ କିଛି ନୁହେଁ । କେବଳ ବାପେ, ବଡବାପେ ଯାହା କରୁଅଛନ୍ତି ତାହାହିଁ ଶାସ୍ତ୍ର; ତାହାହିଁ ସବୁ ।" (୧୭) ସମାଜସ୍ଥ ଲୋକଙ୍କର - "ଏହି ଭାବର ନୀଳକଣ୍ଠ ଘୋର ବିରୋଧୀ ଥିଲେ । କାରଣ ସେ ଠିକ୍ ବୁଝିଥିଲେ ଯେ, ମାନବର ଅଭ୍ୟାସ ଓ ନବୀନତା ବିରୋଧୀ ପ୍ରକୃତି ଯୋଗୁ କୁସଂସ୍କାର ଦୃଢ଼ୀଭୂତ ହୁଏ ।

Digitized by PPRACHIN, SOA

ଏହି ଶାସ୍ତ୍ର ଜ୍ଞାନହୀନ ଅହଂମନ୍ୟ ବ୍ରାହ୍ମଣମାନଙ୍କୁ 'ତାସଲ୍ୟ କରି ହରିହର ଦାଶ ଲେଖିଥିଲେ -

''ତୁମ୍ଭେ ପୁଣି ସମାଜର ଉଜ୍ଜ୍ୱଳ ଆଦର୍ଶ
କୁଳଚାର ଲୋକାଚାର ଶିଖାଅ ଜଗତେ
ମୂର୍ଖ କେବେ କରେ କି ହେ ଜ୍ଞାନର ପ୍ରଚାର
ଅନ୍ଧ କେବେ ହୁଏ କି ହେ ଚାଳକ ବିପଥେ ?'' (୧୮)

ସଂସ୍କାରକ ଶ୍ରୀବତ୍ସ ପଣ୍ଡା ମଧ୍ୟ କହନ୍ତି - ''ଏହି ପୁରୋହିତ ବ୍ରାହ୍ମଣ ଓ ପଣ୍ଡିତ ବ୍ରାହ୍ମଣମାନଙ୍କ ଦ୍ୱାରା ସମାଜ କଳୁଷିତ ହୋଇ ପଡିଅଛି । ଏମାନଙ୍କୁ ଘେନି ସମାଜର ସଂସ୍କାର କରିବା ଯେପରି ଅସମ୍ଭବ, ସଂସ୍କୃତ ଶିକ୍ଷା ତଦ୍ରୂପ ନିଷ୍ଫଳ । ବରଂ ଏହା ଦ୍ୱାରା କୁସଂସ୍କାରଗୁଡିକ ଦୃଢ଼ୀଭୂତ ହୁଏ ।'' (୧୯)

**ପରିହାପଣ :**

'ପରିହାପଣ' କରି କଥା କହିବାରେ ଅପୂର୍ବ ଦକ୍ଷତା ହିଁ ନୀଳକଣ୍ଠଙ୍କ ସଂସ୍କାର ଚେତନାକୁ ପ୍ରତିଷ୍ଠିତ କରିବାରେ ସହାୟକ ହୋଇଥିଲା । କୁସଂସ୍କାର ଜନିତ ଚଳଣିକୁ ବ୍ୟଙ୍ଗ କରିବାକୁ ଯାଇ ସେ ବିଭିନ୍ନ ସଂସ୍କାରମୂଳକ ପ୍ରବନ୍ଧରେ ବହୁ କଥା ଉପକଥାର ସୃଷ୍ଟି କରି ପାଠକଙ୍କ ମନ ଟାଣିବାରେ ସାଫଲ୍ୟ ଅର୍ଜନ କରିଛନ୍ତି । ନିଜର ଏହି ପରିହାପଣ ପ୍ରକୃତିର ସୂଚନା ଦେଇ ସେ ଲେଖିଛନ୍ତି - ''ପାଠକ ମହାଶୟମାନେ କ୍ଷମା କରିବେ, କାହିଁକି ଆପଣଙ୍କର ଏତେ ସମୟ ବୃଥା ନଷ୍ଟ କଲି ଏହା କହୁ କହୁ ଫେର୍ ବୁହେ ପରିହାପଣ କରିସାରିଲାଣି ।'' (୨୦)

ବିଭିନ୍ନ ପ୍ରବନ୍ଧରେ ଲେଖକ- ଗଦାଧର ବାହାନପତିଙ୍କୁ ରାଜା କୁଡୁଆଏ ଚୂନ ପାଣି ପିଆଇବା ('ନିଶ') ମୁସଲମାନ ହାକିମଙ୍କ ଘରେ ଲେଖକଙ୍କ ପାନ ଖାଇବା ('ସାମାଜିକ କୁସଂସ୍କାର'), ସୁମତି ମିଶ୍ରଙ୍କ ଝିଅ ବାହାଘର ସମୟରେ ଜାତିଆଣ ବିଚାର ଚାଲୁ ଚାଲୁ ଭୋଜି ସାମଗ୍ରୀ ପଚିଯିବା ଆଦି ବହୁ ଉପକଥାର ସୃଷ୍ଟି କରିଛନ୍ତି ।

**ପ୍ରତ୍ୟେକ ବିଷୟକୁ ସମାଲୋଚନାମୂଳକ ଦୃଷ୍ଟିରେ ଦେଖିବା -**

ନୀଳକଣ୍ଠ ପିଲାଦିନରୁ ପାଠ ପଢ଼ିବାର ଯେଉଁ ରୀତି ଅନୁସରଣ କରିଥିଲେ ତାହା ତାଙ୍କୁ ପରବର୍ତ୍ତୀ କାଳରେ ସାହିତ୍ୟ, ସମାଜ ଓ ରାଜନୀତି - ପ୍ରତ୍ୟେକ କ୍ଷେତ୍ରରେ ଜଣେ ଶ୍ରେଷ୍ଠ ସମାଲୋଚକ ଓ ସଂସ୍କାରକ ଭାବେ ପ୍ରତିଷ୍ଠା ଆଣି ଦେଇଥିଲା । ସେହି ପଢ଼ିବା ରୀତି ସମ୍ପର୍କରେ ସେ କହିଛନ୍ତି - ''ପାଠ ପଢ଼ିବାର ପ୍ରାୟ ଦିଓଟି ପ୍ରକାର

Digitized by PPRACHIN, SOA

ଥାଏ । ଗୋଟିଏ ବହିକୁ ଚାହିଁ ତହିଁରେ ଲେଖାଥିବା କଥା ଉତ୍ତମ ରୂପେ ମନେରଖି ପରୀକ୍ଷା ଇତ୍ୟାଦି ପାଇଁ ପ୍ରସ୍ତୁତ ହେବା; ଆଉ ଗୋଟିଏ କେବଳ ପରୀକ୍ଷା ପ୍ରତି ଦୃଷ୍ଟି ନ ରଖି ବିଷୟଗୁଡିକୁ ସମାଲୋଚନା ଦୃଷ୍ଟିରେ ହୃଦୟଙ୍ଗମ କରି ଜୀବନରେ ସେ ସବୁ ଅନୁଭବ କରିବା । କେଉଁ କାରଣରୁ ମୁଁ ଜାଣେ ନାଇ, ମୋର ଦ୍ୱିତୀୟ ପ୍ରଣାଳୀରେ ପଢ଼ିବାର ରୀତି ପିଲାଦିନରୁ ଅଙ୍କୁରିତ ହୋଇଥିଲା ।'' (୨୧)

**ପ୍ରତ୍ୟେକ କଥାର ମୂଳନୀତି ଖୋଜି ବାହାର କରିବାର ଅଭ୍ୟାସ**

ଜୀବନ କାଳରେ ବିଭିନ୍ନ ଉଦ୍ଦେଶ୍ୟରେ ନାନା ସ୍ଥାନରେ ବୁଲି ବୁଲି ନୀଳକଣ୍ଠ ବହୁଲୋକଙ୍କ ସଂସ୍ପର୍ଶରେ ଆସିଥିଲେ, ବହୁ ଲୋକ ଚଳଣିକୁ ଅନୁଧ୍ୟାନ କରିଥିଲେ, କିନ୍ତୁ ପ୍ରକୃତ କାରଣ ନ ବୁଝି କାହାଦ୍ୱାରା ପ୍ରଭାବିତ ହେବା ତାଙ୍କ ଜନ୍ମଗତ ପ୍ରକୃତି ବିରୁଦ୍ଧ ଥିଲା । ବ୍ୟାବହାରିକ ଜୀବନରେ ମଧ୍ୟ ସେ ଯାହା ଅନୁସରଣ କରୁଥିଲେ ତାହାର ମୂଳନୀତିଟି ଖୋଜି ସେଥିରୁ ସାର ନିର୍ଯ୍ୟାସ ଗ୍ରହଣ କରୁଥିଲେ । ଏହି ଅଭ୍ୟାସ ଯୋଗୁ ହିଁ ସେ ଆମ ଚଳଣିରେ ପ୍ରଚ୍ଛନ୍ନ ଭାବେ ଥିବା କୁସଂସ୍କାରଗୁଡିକର ମୂଳ କାରଣ ଉଦ୍ଧାର କରି ତାକୁ ସମୂଳେ ଉତ୍ପାଟିତ କରିବାରେ ପ୍ରୟାସୀ ହୋଇଥିଲେ । ତାଙ୍କ ଭାଷାରେ - ''କୌଣସି ପାପ ଅନୀତି ବା କୁସଂସ୍କାରାଦିର ଉଚ୍ଛେଦ ସାଧନ କରିବାକୁ ହେଲେ ସେସବୁ ଗୋଟି ଗୋଟି କରି ନ ଖୋଜି ତାହା ମଧ୍ୟରେ ଥିବା ନୀତି ଅର୍ଥାତ୍ ଯେଉଁ ମୂଳ ପିଣ୍ଡରୁ ସେସବୁ ଜାତ ହେଉଛି ତାହାର ଅନୁସନ୍ଧାନ କରିବା ଉଚିତ ଓ ସେଇ ନୀତିର ଉଚ୍ଛେଦ ସାଧନ କଲେ କାର୍ଯ୍ୟଟି ପ୍ରକୃତ ବିଧି ସଂଗତ ହେଲା ବୋଲି ବୁଝିବାକୁ ହେବ ।'' (୨୨)

ସଂସ୍କାରକଙ୍କ କର୍ତ୍ତବ୍ୟ ସମ୍ପର୍କରେ ନୀଳକଣ୍ଠଙ୍କ ପୂର୍ବରୁ ଭଗବାନ ମହାପାତ୍ର ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଥିଲେ - ''ଏହି ଜାତୀୟ କୁସଂସ୍କାରର ନିରାକରଣ ନିମିତ୍ତ ପ୍ରଥମେ ଏ ଗୁଡିକର ଆଦିମ ଉଦ୍ଦେଶ୍ୟ ଓ ତାହାର କି ବିପର୍ଯ୍ୟୟ ଘଟିଅଛି, ଏହା ଉତ୍ତମ ରୂପେ ଉପଲବ୍ଧି କରି ଜନ ସମାଜରେ ଉପସ୍ଥାପିତ କରିବା ସଂସ୍କାରକର କର୍ତ୍ତବ୍ୟ ।'' (୨୩)

## ଧର୍ମ ନାମରେ ଭ୍ରଷ୍ଟାଚାର ନୀତିର ନିଷ୍ଠୁର ନିନ୍ଦା -

ଧର୍ମ ନାମରେ ଆମ ସମାଜରେ ଯେଉଁ କୁସଂସ୍କାର ଦେଖା ଦେଇଥିଲା, ନୀଳକଣ୍ଠ ପ୍ରତି କ୍ଷେତ୍ରରେ ତାର କଠୋର ସମାଲୋଚନା କରିଛନ୍ତି । 'ତନ୍ତ୍ର ଉପାସନା ସମ୍ବନ୍ଧରେ ଦୁଇ ଏକ କଥା' ପ୍ରବନ୍ଧରେ ତନ୍ତ୍ର ଉପାସନା ନାମରେ ପ୍ରସାର ଲାଭ କରିଥିବା ଅସାମାଜିକତାର ନିନ୍ଦା କରି ସେ ଲେଖିଛନ୍ତି - ''ଧର୍ମ ନାମରେ ଯଦି ମଦ୍ୟପାନ,

Digitized by PPRACHIN, SOA

ମାଂସ ଭୋଜନ ଓ ଅଗମ୍ୟାଗମନ କରି ପରମପଦର ଆଶା କରାଯାଏ, ତେବେ ସଂଯମ ପନ୍ଥା କେତେଦିନ ତିଷ୍ଠିପାରେ ?'' (୨୪)

**ନୀଳକଣ୍ଠଙ୍କ ସଂସ୍କାରମୂଳକ ପ୍ରବନ୍ଧରେ ବ୍ୟଙ୍ଗ**

ପ୍ରତିଷ୍ଠିତ ସାହିତ୍ୟିକମାନେ ସମାଜର କୁସଂସ୍କାର ଦୂର କିରବା ପାଇଁ ବ୍ୟଙ୍ଗାତ୍ମକ ପ୍ରକାଶ ଭଙ୍ଗୀକୁ ଅସ୍ତ୍ର ରୂପେ ବ୍ୟବହାର କରିଥାଆନ୍ତି । Colley Cibber ଯଥାର୍ଥରେ କହିଛନ୍ତି - How terrible a weapon is satire in the hands of a great genius." (୨୫) ତେଣୁ ବିଦ୍ରୁପକାରୀ (Satirist)ଙ୍କୁ ସମାଜର ଜାଗ୍ରତପ୍ରହରୀ କୁହାଯାଏ ।

ସମାଲୋଚକ ଶ୍ରୀଯୁକ୍ତ ସର୍ବେଶ୍ୱର ଦାଶ ହାସ୍ୟ ଓ ବ୍ୟଙ୍ଗ ମଧ୍ୟରେ ପ୍ରଭେଦ ସୂଚାଇ ସମାଜ ସଂସ୍କାର ପାଇଁ ବ୍ୟଙ୍ଗର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି - ''ମନୁଷ୍ୟର କର୍ମକ୍ଳାନ୍ତ ଜୀବନରେ ହାସ୍ୟ, ଆମୋଦ ଓ କୌତୁକର ଖୋରାକ ଯୋଗାଇ ଅନ୍ତରରେ ବିମଳ ଆନନ୍ଦର ଏକ ସ୍ନିଗ୍ଧ ପ୍ରଲେପ ବୋଳିଦେଇଯାଏ । କିନ୍ତୁ ବ୍ୟଙ୍ଗ ସମାଲୋଚନାର ସୂଚୀକ୍ଷ୍ଣ ଅଙ୍କୁଶାଘାତରେ ଅନ୍ତରକୁ ବିଦ୍ଧ କରି ମନୁଷ୍ୟର ସୁପ୍ତ ବିବେକ ଶକ୍ତି ଓ ପରାର୍ଥ ଚେତନା ଜାଗ୍ରତ କରାଏ । ହାସ୍ୟର ଅବଲମ୍ବନ ବ୍ୟକ୍ତିଗତ ଜୀବନର ସହସ୍ର ଅସଂଗତି ଓ ଅନନ୍ତ ନିର୍ବୋଧତା, କିନ୍ତୁ ବ୍ୟଙ୍ଗର ପ୍ରଧାନ ଶରବ୍ୟ ହେଉଛି, ସମାଜର ଦୋଷ ଦୁର୍ବଳତା, ଅନ୍ୟାୟ ଅନାଚାର, ଅଜ୍ଞତା ଓ କୁସଂସ୍କାର । ଏହାର ଲକ୍ଷ୍ୟ ସମାଜ ସଂସ୍କାର ।'' (୨୬)

ଏହି ବ୍ୟଙ୍ଗ ବିଦ୍ରୁପ ବା 'Satire' ର ଅସ୍ତ୍ର ଧାରଣ କରି କବିବର ରାଧାନାଥ 'ଦରବାର' ଖଣ୍ଡ କାବ୍ୟରେ ଆମର ଶାସନ ନୀତି ତଥା ସମାଜ ନୀତିରେ ଥିବା ତ୍ରୁଟିସବୁ ସୂଚାରୁ ରୂପେ ଦର୍ଶାଇଥିଲେ । (୨୭) ସାମାଜିକ ବ୍ୟଙ୍ଗ ହିଁ ଫକୀର ମୋହନଙ୍କ ସମସ୍ତ ଗଳ୍ପ ଓ ଉପନ୍ୟାସର ଲୋକପ୍ରିୟତାର ପ୍ରଧାନ କାରଣ । ତତ୍‌କାଳୀନ ପୁରୋହିତ ମାନଙ୍କର ତଥାକଥିତ ଶାସ୍ତ୍ରଜ୍ଞାନକୁ ବିଦ୍ରୁପ କରି ଫକୀର ମୋହନ 'କୌଳିକ ଧର୍ମ' ଶୀର୍ଷକ କବିତା ଲେଖିଥିଲେ । (୨୮) କବିତାଟିର ବିଷୟବସ୍ତୁ ହେଉଛି, ରାମା ତନ୍ତୀ ଶ୍ରାଦ୍ଧ କରିବା ସମୟରେ ତା'ର ପୋଷା ବିରାଡି ପିଣ୍ଡ ସାମଗ୍ରୀ ଅଇଁଠା କରିଦେବାରୁ ସେ ପରବର୍ତ୍ତୀ ବର୍ଷମାନଙ୍କରେ ଅଗଣାରେ ବିରାଡ଼ିକୁ ବାନ୍ଧି ଶ୍ରାଦ୍ଧ କରୁଥିଲା । ଏହା କ୍ରମେ ବିଧିରେ ପରିଣତ ହେଲା । ରାମା ତନ୍ତୀ ଅନ୍ତେ ତା'ର ପୁଅ ଏହି ବିରାଡ଼ି ବାନ୍ଧିବା ବ୍ୟବସ୍ଥାର କାରଣ ପୁରୋହିତଙ୍କୁ ପଚାରିବାରୁ ସେ ଉତ୍ତର ଦେଲେ-

Digitized by PPRACHIN, SOA

''ମେଣ୍ଟିତ ପାରିବୁ ନାହିଁ କୁଳଧର୍ମ ଧାଡ଼ି
ନ ଥିଲେ ତୋ ଘରେ ଲୋଡି ଆଣିବୁ ବିରାଡ଼ି
ବିରାଡ଼ି ନଗଲେ ବନ୍ଧା - ହେବ ନାହିଁ ଶ୍ରାଦ୍ଧ
ଯେଉଁଠାରୁ ହେଲେ ଖୋଜି ବିରାଡ଼ିଟା ବାନ୍ଧ ।''

ଏ ଭଳି ଶାସ୍ତ୍ରଜ୍ଞାନାନ୍ଧ ପୁରୋହିତମାନଙ୍କୁ ବିଦ୍ରୂପ କରି ବ୍ୟାସକବି ଫକୀର ମୋହନ ଲେଖିଲେ -

''ଧନ୍ୟ ଧନ୍ୟ ପୁରୋହିତ ଧନ୍ୟ ତୁମ୍ଭ ଜ୍ଞାନ
ସମ୍ଭାଳି ରଖିଛ ହିନ୍ଦୁ ଧର୍ମର ସମ୍ମାନ
ଯେଦିନ ଆପଣମାନେ ବାନ୍ଧିବେ ବୁକୁଚା
ଲଣ୍ଡ ଭଣ୍ଡ ହୋଇଯିବ ସ୍ମୃତିଶାସ୍ତ୍ର ଲୁଚା ।''

ଫକୀର ମୋହନ ନୀଳକଣ୍ଠଙ୍କ ପୂର୍ବବର୍ତ୍ତୀ ସାହିତି୍ୟକ ହୋଇଥିବାରୁ କେହି କେହି ମନେ କରି ପାରନ୍ତି ଯେ, ଏହି କବିତାର ପ୍ରଭାବ ନୀଳକଣ୍ଠଙ୍କ ସଂସ୍କାରଧର୍ମୀ ପ୍ରବନ୍ଧ ଗୁଡ଼ିକରେ ପଡିଅଛି । କିନ୍ତୁ ଏ କବିତାର ପ୍ରକାଶ ସମୟ (ନଭେମ୍ବର, ୧୯୧୨) ଦେଖିଲେ ଜଣାଯିବ, ନୀଳକଣ୍ଠଙ୍କର ସମସ୍ତ ସଂସ୍କାର ମୂଳକ ପ୍ରବନ୍ଧ ଏହା ପୂର୍ବରୁ ପ୍ରକାଶିତ ହୋଇଥିଲା । ଅବଶ୍ୟ ଖ୍ରୀ: ୧୯୦୯ରେ ପ୍ରକାଶିତ ଫକୀର ମୋହନଙ୍କ 'ବୌଦ୍ଧାବତାର' କାବ୍ୟର 'ମୁଖବନ୍ଧ'ରେ ପ୍ରକାଶ ପାଇଥିବା ଲେଖକଙ୍କ ସଂସ୍କାର ଚେତନା ନୀଳକଣ୍ଠଙ୍କୁ ପ୍ରେରଣା ଯୋଗାଇଥିବା ଅସମ୍ଭବ ନୁହେଁ, ଏଥିରେ ବ୍ୟାସକବି ବ୍ରାହ୍ମଣମାନଙ୍କ ଧର୍ମମତ ଓ ଜାତି ପ୍ରଥାକୁ ତାଚ୍ଛଲ୍ୟ କରି ଲେଖିଛନ୍ତି -

''ହେ ବ୍ରାହ୍ମଣଗଣ ! ବୌଦ୍ଧ ନିରୀଶ୍ୱରର୍ ଏକ ପ୍ରକାର ଅଳୀକ ଦୋଷାରୋପ କରି ବୌଦ୍ଧଙ୍କୁ ତଡିଲ । ଅବଶ୍ୟ ତୁମ୍ଭମାନଙ୍କ ଈଶ୍ୱର ତେତ୍ରିଶ କୋଟି, ତେତେ ହୋଇ ମଧ୍ୟ ଅଣ୍ଟିଲା ନାହିଁ ; ସତ୍ୟପୀର ମର୍ଦଗାଜୀ, ବଡଗାଜୀ, ଈଶ୍ୱରମାନଙ୍କୁ ଧାର ଆଣି ମୋଟରେ ଚଉତ୍ରିଶ କୋଟି କଲ । ତୁମ୍ଭମାନଙ୍କ ଜାତି ବିଭାଗ ପଇଁତ୍ରିଶ କୋଟି, ଧର୍ମ ମତ ଛତିଶ କୋଟି । ଏ ଜାତିକୁ ଯଦି ସଭ୍ୟ ସମାଜରେ ଆସନ ଦିଆଯାଏ, ତେବେ ପ୍ରକୃତ ଜ୍ଞାନକୁ ନିତାନ୍ତ ଅସମ୍ମାନ କରିବାକୁ ହୁଏ । ହେ ବ୍ରାହ୍ମଣମାନେ ! ଏବେ ହେଲେ କୁସଂସ୍କାର ଓ ସ୍ୱାର୍ଥ ତ୍ୟାଗ କରି ଜାତିଟାକୁ ରକ୍ଷା କର ।''

କିନ୍ତୁ ଏହାର ତୁଳନାରେ 'ମୋ ନିଶ', 'ନିଶ' ଓ 'ସାମାଜିକ କୁସଂସ୍କାର' ପ୍ରବନ୍ଧରେ ନୀଳକଣ୍ଠ ଯେଉଁ ବ୍ୟଙ୍ଗର ଅବତାରଣା କରିଛନ୍ତି, ସାହିତି୍ୟକ ଉତ୍କର୍ଷରେ

Digitized by PPRACHIN, SOA

ତାହା ଅଧିକ ମର୍ଯ୍ୟାଦା ସଂପନ୍ନ । ତାଙ୍କର ଦାଢ଼ି କାଟି କେବଳ ନିଶ ରଖିବା ରୂପକ ଏକ ବ୍ୟକ୍ତିଗତ ରୁଚିରୁ 'ନିଶ ଆନ୍ଦୋଳନ' ରୂପକ ଏକ ଜାତୀୟ ଆନ୍ଦୋଳନର ସୂତ୍ରପାତ ଘଟିଥିବାରୁ ଆତ୍ମବଡିମା ଛଳରେ କୁଳାଚାର ପ୍ରତି ବିଦ୍ରୂପ କରି ସେ ଲେଖିଛନ୍ତି - ''ହେ ନିଶ, ହେ ଆର୍ଯ୍ୟଲକ୍ଷଣ, ହେ ପୌରୁଷ, ହେ ଘନଶ୍ୟାମ, ତୁମେ ଅଯଥା ମୋତେ ମହାନ୍ କରୁଛ । କି ଶୁଭ ମୁହୂର୍ତ୍ତରେ ମୁଁ ତୁମର ଆରାଧନା କରିଥିଲି, ତୁମ ଯୋଗେ ଧନ୍ୟ ହୋଇଅଛି । ତୁମ ହେତୁରୁ ଆଜି ଶତ ଶତ ଲୋକେ ଦୂର ଦେଶରୁ ମୋର ଦର୍ଶନାଭିଳାଷୀ ହୋଇ ଆସୁଅଛନ୍ତି ।'' ('ମୋ ନିଶ' - ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ - ୪୭୨ ପୃଷ୍ଠା) ଜାତୀୟ କୁସଂସ୍କାରକୁ ବିଦ୍ରୂପ କରିବାକୁ ଯାଇ ନୀଳକଣ୍ଠ 'ମୋ ନିଶ' ପ୍ରବନ୍ଧର ଆରମ୍ଭରେ ବାଲୁକେଶ୍ୱର ମିଶ୍ରଙ୍କ ନିମ୍ନୋକ୍ତ ପଦଟି ଉଦ୍ଧାର କରିଛନ୍ତି -

''ଜାତୀୟ କୁସଂସ୍କାର ! ତାହାକୁ ନମସ୍କାର
ନାହିଁ ଚହିଁରେ କିଛି କାରଣ ହୋ ।''

ଲେଖକ ପୁଣି ବ୍ୟାଜସ୍ତୁତି ଅଳଙ୍କାର ମାଧ୍ୟମରେ 'ଆମର ଥିଲା ଓ କାରଣ ଥାଇପାରେ' ପ୍ରବନ୍ଧରେ ପୂର୍ବ ପୁରୁଷମାନଙ୍କ କୁସଂସ୍କାର ପ୍ରଧାନ ଅନୁଷ୍ଠାନ ସମ୍ପର୍କୀୟ ଯୁକ୍ତିଗୁଡିକୁ ଯେଭଳି ବ୍ୟଙ୍ଗ କରିଛନ୍ତି ତାହା ଓଡିଆ ଗଦ୍ୟ ସାହିତ୍ୟରେ ଅନ୍ୟତ୍ର ଦୁର୍ଲ୍ଲଭ- ''ପ୍ରଥମ ବ୍ୟାଖ୍ୟା - ଏହା ନିଶ୍ଚୟ ଶାସ୍ତ୍ରରେ ଥିବ, ଦ୍ୱିତୀୟ କଥା - ଏତେ ଲୋକ ଯାହାର ଅନୁବର୍ତ୍ତନ କରନ୍ତି, ତାହା କିପରି ହୀନ ହୋଇପାରେ ? ତୃତୀୟ କଥା - କାରଣ ଖୋଜିବା ପୂର୍ବରୁ, ଆମର ଜାଣିବା ଉଚିତ ଯେ, ପ୍ରାଚୀନ ପୁରୁଷମାନେ ତ ଓଲୁ ନଥିଲେ, ସେମାନେ ଯାହା କରିଯାଇଅଛନ୍ତି, ତାହା ଆମମାନଙ୍କ ପରି ମୂଢ଼ ନ ବୁଝି କରିଯିବା ଉଚିତ ।'' (୨୯)

ସମାଲୋଚକ ଡଃ ନଟବର ସାମନ୍ତରାୟ ନୀଳକଣ୍ଠଙ୍କ ସାଟାୟାର ବା ବିଦ୍ରୂପର ଉତ୍କର୍ଷ ଦର୍ଶାଇଛନ୍ତି - ''ସମାଜ ସଂସ୍କାର ଯୁଗରେ ଯେଉଁମାନେ ସାହିତ୍ୟର ଏଇ ବିଭାଗରେ ହାତ ଦେଇଥିଲେ, ସେମାନଙ୍କ ଭିତରୁ ଫକୀର ମୋହନ ବର୍ତ୍ତମାନ ଜଣେ ଅଦ୍ୱିତୀୟ ସ୍ରଷ୍ଟା ରୂପେ ଗୃହୀତ ହୋଇଛନ୍ତି । କିନ୍ତୁ ସଂସ୍କାରକ ନୀଳକଣ୍ଠଙ୍କର ଏଇ ଦୁଇ ପ୍ରବନ୍ଧରେ ('ମୋ ନିଶ', 'ସାମାଜିକ କୁସଂସ୍କାର') ସାଟାୟାରର ଯେଉଁ ରୂପ ଦେଖିବାକୁ ମିଳେ ତାହା ସେନାପତିଙ୍କ ଲେଖାରେ ନାହିଁ । ସମଗ୍ର ଓଡ଼ିଆ ସାହିତ୍ୟରେ ଏହାର ତୁଳନା ମିଳିବା ମଧ୍ୟ ସମ୍ଭବପର ନୁହେଁ ।'' (୩୦)

Digitized by PPRACHIN, SOA

## ନାଟକୀୟ ଛଟାର ଅନୁବର୍ତ୍ତନ

ଏକାଧିକ ଚରିତ୍ରର କଥୋପକଥନ ମାଧ୍ୟମରେ ନାଟକୀୟ ଶୈଳୀର ଅନୁବର୍ତ୍ତନ ବଳେ ବ୍ୟକ୍ତିନିଷ୍ଠ ସଂସ୍କାରମୂଳକ ପ୍ରବନ୍ଧ ଅଧିକ ହୃଦ୍ୟ ଓ ସୁଖପାଠ୍ୟ ହୁଏ । ସଂସ୍କାରକ ସାଧୁଚରଣ ରାୟଙ୍କ "ଗୁରୁନାନକ ଓ ଦୁଇଜଣ ବ୍ରାହ୍ମଣ" ଶୀର୍ଷକ ରଚନାରେ (୩୧) ଏହି ଶୈଳୀ ପରିଲକ୍ଷିତ ହୁଏ - (ଗୁରୁନାନକଙ୍କୁ ଅଞ୍ଜଳି ଅଞ୍ଜଳି ଜଳ ନେଇ ନଦୀକୂଳେ ଭୂମି ଉପରେ ଢାଳୁଥିବାର ଦେଖି)

ବ୍ରାହ୍ମଣମାନେ ପଚାରିଲେ - "କିରେ ବିଧର୍ମୀ ! ଆଜି ଏ ତୋର କଅଣ ? ଏତେ ପରିଶ୍ରମ କରି ଏଠାରେ କାହିଁକି ବୃଥାରେ ପାଣିଗୁଡାଏ ଢ଼ାଳୁଛୁ ?

ନାନକ - ମୋହାର ବାଇଗଣ କିଆରିକୁ ପାଣି ଦେଉଛି ।

ବ୍ରାହ୍ମଣ - ତୋର ବାଇଗଣ କିଆରି କାହିଁ ?

ନାନକ - ଏଠାକୁ ପ୍ରାୟ ଅର୍ଦ୍ଧକୋଶ ହେବ ।

ବ୍ରାହ୍ମଣ - ତୁ ଉଚ୍ଚଧର୍ମ ପ୍ରଚାର କରି ଉଚ୍ଚ ଉଚ୍ଚ ସତ୍ୟକଥା କହିବୁଲୁ ସତ୍ୟ, ମାତ୍ର ତୋହାର ବୁଦ୍ଧି ବିବେକ ଅତି ଅଳ୍ପ । ବାଇଗଣ କିଆରି ଯାଉ କାହିଁ; ଆଞ୍ଜୁଳାଏ, ଆଞ୍ଜୁଳାଏ ପାଣି ଏଠାରେ ଢାଳିଲେ ତୋହର ବାଇଗଣ କିଆରିକୁ ଯିବ ? ତୋ ପରି ଦ୍ୱିତୀୟ ମୂର୍ଖ ନାହିଁ ।

ନାନକ - ସ୍ୱର୍ଗ କେତେଦୂରରେ - ପୂର୍ବ ପୁରୁଷ ଯାଇ ରହାନ୍ତି । ସେମାନେ ତୁମମାନଙ୍କ ପ୍ରଦତ୍ତ ଜଳାଞ୍ଜଳି ପାଇ ପାରନ୍ତି । ମୋର ବାଇଗଣ କିଆରି ତ ଅର୍ଦ୍ଧକୋଶ ଦୂରରେ ଅଛି । ସେଠାକୁ ମୋର ଜଳାଞ୍ଜଳି ଯାଇ ପାରିବନି କାହିଁକି ? ତୁମେ ଯେପରି ମନ୍ତ୍ରପାଠ କରି ପାଣି ଦିଅ ମୁଁ ମଧ୍ୟ ସେହିପରି କରୁଅଛି । ତୁମ୍ଭେମାନେ ମୂର୍ଖ ହୋଇଥିଲେ, ମୁଁ ମୂର୍ଖ ହେବି ।"

ସ୍ୱପ୍ରବନ୍ଧରେ ଏହି ନାଟକୀୟ ଶୈଳୀ ଅନୁବର୍ତ୍ତନରେ ନୀଳକଣ୍ଠ ଅଧିକ ସଫଳ ହୋଇଛନ୍ତି । ଉଦାହରଣ ସ୍ୱରୂପ ସେ ପଣ୍ଡିତ ବ୍ରାହ୍ମଣଙ୍କ ସହ ନିଜର ବାକ୍ୟାଳାପ ଉଲ୍ଲେଖ କରିବା ବେଳେ ଯେଉଁ ପାତ୍ରୋପଯୋଗୀ ଭାଷାର ବ୍ୟବହାର କରିଛନ୍ତି ତାହା ତାଙ୍କ ପ୍ରବନ୍ଧକୁ ଅଧିକ ଚିତ୍ତାକର୍ଷକ କରିପାରିଛି-

ମୁଁ - "ଆମର ଯାହା ବିଚାର ପଡିଥିଲା, ତା ନ ପଡ଼ି ଏଥିରୁ ଗୁଡାଏ ବାଜେ କଥାରେ ବୃଥା ସମୟ ଗଲା । ଆମର କୁ ବିଷୟ ପଡିଥିଲା ପଣ୍ଡିତ ମହାଶୟ ।

Digitized by PPRACHIN, SOA

ପଣ୍ଡିତେ - କୁଁ ବିଷୟ ? କ'ଣ ପାସୋରି ଗଲକି ? ସେଇ ନିଶ ବିଷୟତ, ଆଉ କୁଁ ବିଷୟ ? (ଥଟାରେ) ତମେ ଛାଡ଼ିଲେ ତମକୁ କିଏ ଛାଡୁଚି ? ଏତେ ବେଗେ ପାସୋରି ଯାଉଚ କିଆଁ ?'' (୩୨)

ସେହି 'ମୋ ନିଶ' ପ୍ରବନ୍ଧରେ ବାଳକ ଓ ପଣ୍ଡିତଙ୍କ କଥୋପକଥନ ସମୟରେ ବାଳକଙ୍କ ଚିଡ଼ାଇବା ପଣ ଓ ପଣ୍ଡିତଙ୍କର ଚିଡ଼ିଯିବା ଗୁଣ ସଂଳାପ ମାଧ୍ୟମରେ ଦର୍ଶାଇ ଲେଖକ ପ୍ରବନ୍ଧଟିର ନାଟକୀୟ ଛଟା ଦ୍ୱିଗୁଣିତ କରିଛନ୍ତି-

ପଣ୍ଡିତେ - ''ତେବେତ ତୁମ୍ଭେ ବେଦରେ ବିଶ୍ୱାସ କର ନାହିଁ ?

ବାଳକମାନେ - ବେଦ ନାମ ଶୁଣିଲା ମାତ୍ରକେ ବିଶ୍ୱାସ କିପରି କରିବୁଁ ? ବିଚାର କରି ଦେଖିବୁ । ଯାହା ଉଚିତ ତା' ବିଶ୍ୱାସ କରିବୁଁ ।

ପଣ୍ଡିତେ - କଅଣ କହିଲ ? ତୁମ୍ଭେ ତାହାହେଲେ ନାସ୍ତିକ ।

ବାଳକେ - କାହିଁକି ?

ପଣ୍ଡିତେ - କ'ଣ ବେଦରେ ତ ବିଶ୍ୱାସ କରୁନାହଁ, ଆଉ ନାସ୍ତିକ ନୁହ କ'ଣ ?

ବାଳକେ - ତେବେ ପଣ୍ଡିତ ମହାଶୟ ଆପଣ ବି ନାସ୍ତିକ । ଆପଣ ଆମକଥା ବିଶ୍ୱାସ କରୁନାହାନ୍ତି । ବେଦତ ଏହିପରି କୌଣସି ମନୁଷ୍ୟର କଥା ବା ଲେଖା ।'' (୩୩)

ଏହି ନାଟକୀୟ ବ୍ୟଙ୍ଗ ଯୋଗୁ ନୀଳକଣ୍ଠଙ୍କ ସଂସ୍କାର ଚେତନା ଅଧିକ ଶାଣିତ ହୋଇପାରିଛି ।

**ଲାଳିକା ପ୍ରୟୋଗ**

ବ୍ୟାସକବି ଫକୀର ମୋହନ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସରେ ଲାଳିକାର ସଂଯୋଜନା କରି ଅର୍ଥାତ୍ ପ୍ରତିଷ୍ଠିତ ରଚନାକୁ କଦାକାର ବା ବିକୃତ କରି ତାହାରି ମାଧ୍ୟମରେ ଆମ ସମାଜରେ ପ୍ରଚଳିତ କେତେକ କୁସଂସ୍କାର ପ୍ରତି ପାଠକଙ୍କୁ ସଚେତନ କରିଥିଲେ । ଉଦାହରଣ ସ୍ୱରୂପ 'ବୃକ୍ଷ ମୂଳସ୍ଥ ଦେବୀଙ୍କୁ ସନ୍ତୁଷ୍ଟ କଲେ ଗ୍ରାମବାସୀ ହଇଜା ବସନ୍ତ ଆଦି ମହାମାରୀରୁ ରକ୍ଷା ପାଇବେ ଏବଂ କୁଳସ୍ତ୍ରୀମାନେ ବନ୍ଧ୍ୟାଦୋଷ-ମୁକ୍ତ ହେବେ' - ଏଇ ରକ୍ଷଣଶୀଳ ବିଶ୍ୱାସ ମୂଳରେ କୁଠାରାଘାତ କରିବା ପାଇଁ ସେ ଦେବୀ ଦୁର୍ଗାଙ୍କର ପ୍ରସିଦ୍ଧ ସ୍ତୋତ୍ର - ''ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା'' କୁ ବିକୃତ କରି ଲେଖିଥିଲେ -

Digitized by PPRACHIN, SOA

"ଯା ଦେବୀ ବୃକ୍ଷମୂଳେଷୁ ଶିଳା ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନାମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।
ମୂର୍ତ୍ତିକାଶ୍ଚ ଗଳାରୂଢା ବନ୍ଧ୍ୟାୟୈଃ ପୁତ୍ରଦାୟିନୀ
ବାଡି ସଂହାରିଣୀ ଦେବୀ ନାରାୟଣୀ ନମୋସ୍ତୁତେ ।"

ନୀଳକଣ୍ଠ ମଧ୍ୟ ତତ୍‌କାଳୀନ ଶାସନୀ ବ୍ରାହ୍ମଣ-ସମାଜରେ ପ୍ରଚଳିତ କୁସଂସ୍କାର ପ୍ରତି ଲୋକଙ୍କୁ ସଚେତନ କରିବା ପାଇଁ ଲାଳିକା ପ୍ରୟୋଗକୁ ଅସ୍ତ୍ର ରୂପେ ଗ୍ରହଣ କରିଥିଲେ । ତାଙ୍କ ନିଶରୁ ତାଙ୍କର ମୁଁଦ୍ବ ବା ବ୍ୟକ୍ତିଗତ ଅଧିକାର ଚାଲିଯାଇ ତାହା ଉପରେ ବ୍ରାହ୍ମଣମାନଙ୍କ କୁଳାଚାରର ପ୍ରାଦୁର୍ଭାବ ପଡିବାରୁ ସେ 'ନିଶ' ନାମକ ପ୍ରବନ୍ଧ ଲେଖି ତା'ର ଆରମ୍ଭରେ ବ୍ରାହ୍ମଣମାନଙ୍କ କରନ୍ୟାସ, ଅଙ୍ଗନ୍ୟାସ, ଧ୍ୟାନ ଇତ୍ୟାଦିର ଲାଳିକା ପ୍ରୟୋଗ କରି ପାଠକମାନଙ୍କୁ ଜଣାଇ ଦେଇଛନ୍ତି ଯେ, ବ୍ରାହ୍ମଣମାନଙ୍କ ଦୈନନ୍ଦିନ କୌଳିକ କାର୍ଯ୍ୟ - କରନ୍ୟାସ, ଅଙ୍ଗନ୍ୟାସ, ଧାନ ଇତ୍ୟାଦିରେ ନୀଳକଣ୍ଠଙ୍କ ନିଶର ମାହାତ୍ମ୍ୟ ହିଁ ସ୍ଥାନ ପାଇଛି -

"ଓଁ ଗଲାବୁଡି ସବୁ
କଟା ଦାଢ଼ି ନିଶେ ସିନା
ବ୍ରାହ୍ମଣ ଧର୍ମ ସଂପଦଃ
କୁଳାଚାର କୁଳ କ୍ରିୟାଃ । ଓଁ
ଇତି । (ଗାୟତ୍ରୀଛନ୍ଦାସୀ)
ଶତମଷ୍ଟୋତ୍ତର ଜପେତ୍ ।"

ଏ ଲାଳିକାରେ ପ୍ରାବନ୍ଧିକ ନୀଳକଣ୍ଠ ଫକୀର ମୋହନଙ୍କ ପରି ଲୋକଚଳଣିର କୌଣସି ଦେବଦେବୀଙ୍କୁ ବିଦ୍ରୂପ କରିନାହାନ୍ତି । ବରଂ 'ନିଶ' ରୂପକ ଏକ ଅପାଂକ୍ତେୟ ବସ୍ତୁକୁ ମହାନ୍ କରିଛନ୍ତି । ଏଇଠାରେ ହିଁ ତାଙ୍କ ଲାଳିକାର ବିଶେଷତ୍ୱ ।

ନୀଳକଣ୍ଠଙ୍କ 'ମୋ ନିଶ' ଓ 'ନିଶ' ପ୍ରବନ୍ଧରେ ବ୍ରାହ୍ମଣ ସମାଜର ଜାତିଆଣ ପ୍ରଥା, ରକ୍ଷଣଶୀଳତା, ବିଚାର ହୀନତା, ଅହେତୁକ ସ୍ଥିତିଶୀଳତାର ପ୍ରତ୍ୟକ୍ଷ ନିନ୍ଦା କରାଯିବା ଫଳରେ ଓଡ଼ିଶାର ସମାଜ-ଜୀବନରେ ଘୋର ପ୍ରତିକ୍ରିୟା ସୃଷ୍ଟି ହେଲା । ଲେଖକଙ୍କର ଏହି ନିଶ ରଖିବା ବ୍ୟାପାର ନେଇ ପୁରୀର ବ୍ରାହ୍ମଣ ସମାଜରେ ଯେଉଁ ଚହଳ ପଡ଼ିଥିଲା ତାହାକୁ ବ୍ୟଙ୍ଗ କରି ସଂସ୍କାରକ ଗୋପାଳ ଚନ୍ଦ୍ର ପ୍ରହରାଜ ଲେଖିଥିଲେ- "ଏହି କାରଣୁ ପୁରୀର ବ୍ରାହ୍ମଣ ସମାଜରେ ଭାରି ଏକ ଆନ୍ଦୋଳନ ଉପସ୍ଥିତ । ଏ

Digitized by PPRACHIN, SOA

ଆନ୍ଦୋଳନର Immediate Cause - ମୁଖ୍ୟ କାରଣ ଶ୍ରୀବାବୁ ନୀଳକଣ୍ଠ ଦାଶ M.A. ପ୍ରମୁଖ କେତେଗୁଡିଏ ଯୁବକଙ୍କର 'ନିଶ' । ଏହି ଯୁବକମାନେ ସମାଜର ପ୍ରଥାକୁ ଲଂଘନ କରି ପଟାଏ ଲେଖାଏଁ ନିଶ ରଖିଥିଛନ୍ତି । କେହି କେହି ପଚାରିଲେ କହୁଥିଛନ୍ତି, "ଆମେ ରଖିଲୁଁ ଆଚ୍ଛା କଲୁଁ । କିଏ କଅଣ କରିବ କର ।" ଭୋଧର୍ମ ! କାଳ ଆସି ଲଟାରେ ପଶିଲା । ଏଣିକି ଏହି ଦୁଇପଟା ନିଶ ଯୋଗୁଁ ବ୍ରାହ୍ମଣ ସମାଜ (ଅର୍ଥାତ୍ ପୁରୀର ବ୍ରାହ୍ମଣ ସମାଜଟା) ଟୁବ୍ କିନି ସମୁଦ୍ର ଭିତରେ ବୁଡିଯିବ ।" (୩୪) ସେ ପୁଣି ନିଶଧାରୀ ଯୁବ ସଂସ୍କାରକଙ୍କୁ ଧୀର ସ୍ଥିର ଭାବରେ ସଂସ୍କାର କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ - "ଭାଇ ! ଟିକିଏ ଥୟ ଧର; କାମ ବନ୍ଦ କରନା; କିନ୍ତୁ ଆଗ ପଛକୁ ଚାହିଁ ସମସ୍ତ କାର୍ଯ୍ୟ ଧୀର ଭାବରେ କର । ସମସ୍ତଙ୍କୁ ପଦେ କଅଁଳେଇ ସଅଁଳେଇ କହିଲେ କାହାର କ୍ଷତି ନାହିଁ । ସମାଜକୁ ସାଙ୍ଗେ ସାଙ୍ଗେ ଟାଣି ନେବା ହିଁ ବାହାଦୁରୀ ।" (୩୫)

## ହାସ୍ୟରସର ଅବତାରଣା

ସାମାଜିକ ସଂସ୍କାର ଆଡକୁ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନୀଳକଣ୍ଠ ତାଙ୍କ ସଂସ୍କାରମୂଳକ ରଚନାଗୁଡିକରେ ବକ୍ରୋକ୍ତି, ବିକୃତ ବ୍ୟଖ୍ୟା, ବଚନ ବୈଦଗ୍ଧ୍ୟ, ଭାଷା ବୈଚିତ୍ର୍ୟ, ଛଦ୍ମ ଗାମ୍ଭୀର୍ଯ୍ୟ ଓ ଲାକ୍ଷିକା ଇତ୍ୟାଦି ବ୍ୟବହାର କରି ହାସ୍ୟରସର ଅବତାରଣାରେ କୃତକାର୍ଯ୍ୟ ହୋଇଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟ, ଧର୍ମ ସଂସ୍କୃତିର ଗବେଷକ ନୀଳକଣ୍ଠଙ୍କ ଗଦ୍ୟରଚନାର ସମ୍ଭାର ବିପୁଳ ହେଲେ ହେଁ ଏହି ହାସ୍ୟରସର ପରିବେଷଣର ଯୋଗୁ ତାଙ୍କର ସଂସ୍କାରଧର୍ମୀ ପ୍ରବନ୍ଧ କେତୋଟି ଅଧିକ ଲୋକପ୍ରିୟତା ଅର୍ଜନ କରିଛି । ଏହି ପ୍ରବନ୍ଧଗୁଡିକର ମୂଲ୍ୟାଙ୍କନ କରି ଡକ୍ଟର ଶ୍ରୀନିବାସ ମିଶ୍ର ଲେଖିଛନ୍ତି- "ନୀଳକଣ୍ଠଙ୍କ ସଂସ୍କାରମୂଳକ ଗଦ୍ୟରଚନା ରୀତି ଯୁକ୍ତିତର୍କ ସିଦ୍ଧ । ଏଥିରେ ଲେଖକଙ୍କ ବୁଦ୍ଧିବାଦୀ ଦୃଷ୍ଟିକୋଣ ସ୍ପଷ୍ଟ ପ୍ରକାଶିତ । ରଚନାଗୁଡିକରେ ଯୌକ୍ତିକତା, ସ୍ୱାଧୀନ ଚିନ୍ତା, ଜୀବନଦର୍ଶନର ପ୍ରକାଶ ନୀଳକଣ୍ଠଙ୍କ ଗଦ୍ୟର ଶକ୍ତିମତ୍ତା ଓ ବୈଗଶୀଳତାର ଲକ୍ଷ୍ୟଣ । ଏହି ତାର୍କିକ ଦୃଷ୍ଟି ପ୍ରବନ୍ଧଗୁଡିକର ନାମକରଣରେ ନିହିତ ।"(୩୬)

## ନୀଳକଣ୍ଠଙ୍କ କବିତାରେ ସଂସ୍କାର ଚେତନା

ନୀଳକଣ୍ଠଙ୍କ ସଂସ୍କାର ଚେତନା କେବଳ ପ୍ରବନ୍ଧ ମାଧ୍ୟମରେ ନୁହେଁ, କେତୋଟି କବିତାରେ ମଧ୍ୟ ପ୍ରକାଶ ପାଇଥିଲା । 'ଶ୍ରୀପଞ୍ଚମୀ' କବିତାର ନିମ୍ନୋକ୍ତ କେତୋଟି ପଂକ୍ତିରେ କବି ନୀଳକଣ୍ଠ ନିଜ ସଂସ୍କାର ମନୋବୃତ୍ତିର ପରିଚୟ ଦେଇଛନ୍ତି-

Digitized by PPRACHIN, SOA

"ଭାରତ ପତିତ ଆଜି, ହୀନ ଆର୍ଯ୍ୟ ହିନ୍ଦୁ
ହରାଇଛି ଜ୍ଞାନର ସେ ସ୍ନେହ,
ଦୂଜିରେ ପ୍ରତିମା ରଚି ନାରିକେଳ ପରେ
ଗଢ଼େ ତେଣୁ ଭୌତିକ ବିଗ୍ରହ ।
ସୁସ୍ୱାଦୁ ମିଷ୍ଟାନ୍ନ ଖାଇ ଉପବାସ ପରେ
ଅର୍ଚ୍ଚନା ସେ କରଇ ଜ୍ଞାନର,
ଭୂତ ଅତି-ଭୂତ ଭେଦ ଭୁଲିଣ ସତତ
ହେଉଅଛି ଅଜ୍ଞାନ ବର୍ବର ।
x x x
x x x
'ଥିଲା ଥିଲା' ବୋଲି ପଡି କୁସଂସ୍କାର ଜାଲେ
ଦେଶ ସାରା ଜଡ ପିଣ୍ଡ ମୟ,
ନାହିଁ ଆଜି ବିଜ୍ଞାନର ସେ ପୂଣ୍ୟ ବିଭବ
କର୍ମ ଯୋଗେ ଶକ୍ତିର ସଞ୍ଚୟ ।
ଭାରତୀୟ ପୂଜା ବୋଲି ଯେ ପବିତ୍ର ନାମ
ଥିଲା ବେଦ ପୁରାଣ ପ୍ରସିଦ୍ଧ,
ଆଜି ତାର ଅପବିତ୍ର ହୀନ ପରିଣାମ
ହୋଇଅଛି କୁସଂସ୍କାରେ ବଦ୍ଧ ।" (୩୭)

ଏହି କବିତାରେ କବିଙ୍କ ସଂସ୍କାର ଚେତନା କେବଳ ପୁରୀ ଜିଲ୍ଲାର ବ୍ରାହ୍ମଣ ସମାଜ ବା ଓଡ଼ିଆ ଜାତି ମଧ୍ୟରେ ଆବଦ୍ଧ ନୁହେଁ । ସମଗ୍ର ହିନ୍ଦୁ ଜାତିର ଅନ୍ଧବିଶ୍ୱାସ ତଥା କୁସଂସ୍କାରର ଭୌତିକ ବନ୍ଧନ ଛିନ୍ନ କରିବା ପାଇଁ ଭାରତୀଙ୍କୁ ନିବେଦନ କରିଛନ୍ତି-

"ଛାଡି କୁସଂସ୍କାର ଜାଲ ଭୌତିକ ବନ୍ଧନ
ବେଦମାତା ହୁଅନ୍ତୁ ସ୍ୱାଧୀନ ।" (୩୮)

ସେହିପରି କବି 'ବକ ଓ କର୍କଟ କଥା' କବିତାରେ (୩୯) ଅଗଭୀର ପୁଷ୍କରିଣୀକୁ ସଂସାର, ବକକୁ କୁସଂସ୍କାର, କଣା ରୋହି ମାଛକୁ ପୁରୋହିତ ଏବଂ

Digitized by PPRACHIN, SOA

କର୍କଟକୁ ଜ୍ଞାନୀ ନର ଓ ଗଭୀର ପୁଷ୍କରିଣୀକୁ ମୋକ୍ଷ ସର ରୂପେ ଚିତ୍ରଣ କରି ଲେଖିଛନ୍ତି-

''ଦେଖ ହେ ଜଗତେ ମାନବ, ଏ ବକ-କର୍କଟ ତାଣ୍ଡବ,
ସଂସାର ଅଗଭୀର ସର, ବକ ନୁହେଁ ସେ କୁସଂସ୍କାର ।
(ତା' ନାମ ଅନ୍ଧ ପରଂପରା, କରଇ ଲୋକେ ବୁଦ୍ଧି ହରା
ହୁଏ ବିବେକ ଲୋପ ତାର, ନଥାଏ କାରଣ-ବିଚାର ।
ଦେଖିଲା କଥା ଯାଏ କରି, ସ୍ରୋତରେ ଯଥା ବହେ ତରୀ ।
ଯେଉଁ ପୋଖରୀ ଜନ୍ତୁ ପାଇଁ, ଦେଖ ତା ପ୍ରାଣ ଥିଲା ରହି ।
ତାଙ୍କରି ଅପକାର ସାଧେ, ଭୁଲାଇ ଟାଣେ ପରମାଦେ ।)
ରୋହିଟି ପୁରୋହିତ ଜାଣ, ଜ୍ଞାନ ଚକ୍ଷୁରେ ଅଟେ କାଣ ।
ନାହିଁ ସତ୍ୟତା ଅବିଶ୍ୱାସ, କିନ୍ତୁ ସେ କୁସଂସ୍କାର ଦାସ ।
କୁଭାବ ତାର ନାହିଁ ସତ, ବିବେକେ କିନ୍ତୁ ଅଶକତ ।
ଅଜ୍ଞାନେ ସଂସାର ମାନବେ, ନିଅଇ ମୃତ୍ୟୁ ପଥେ ଭବେ ।
କର୍କଟ ଅଟେ ଜ୍ଞାନୀବର, ଆଣ୍ଡ ଧରା ତା ସତ୍ୟସାର,
ଜ୍ଞାନେ ବିମୁକ୍ତ ତାର ପ୍ରାଣ, ସତ୍ୟ ଧାରଣା ତାର ଟାଣ ।
ସତ୍ୟେ କାଟିଲା କୁସଂସ୍କାର, ଭବସାଗରୁ ହେଲା ପାର ।
ନିରାପଦରେ ମୋକ୍ଷ ସରେ, ରହିଲା ସୁଗଭୀର ଜଳେ ।''

ନୀଳକଣ୍ଠଙ୍କ ସଂସ୍କାର ଚେତନା କେବଳ କେତକ ସାମାଜିକ ଚଳଣି ମଧ୍ୟରେ ଆବଦ୍ଧ ନଥିଲା । ଭାଷା, ବ୍ୟାକରଣ, ଛନ୍ଦ, ଲିପି ସକଳ କ୍ଷେତ୍ରରେ ସେ ଚାହୁଁଥିଲେ ପରିବର୍ତ୍ତନ । ଉଦାହରଣ ସ୍ୱରୂପ ଭାଷାକୁ ବ୍ୟାକରଣର ବନ୍ଧନରେ ବାନ୍ଧି ତା'ର ଗତିରୋଧ କରିବାର ପ୍ରତିବାଦ କରି ସେ ଲେଖିଥିଲେ- ''ବ୍ୟାକରଣ ଭାଷା ପାଇଁ, ଭାଷାରେ ପ୍ରକାଶିତ ଭାବକୁ କାଳରେ ଓ ଦେଶରେ ଜୀବନ୍ତ ଓ ସ୍ଥାୟୀ କରିବା ପାଇଁ; ଭାଷା ବ୍ୟାକରଣ ପାଇଁ ନୁହେଁ ।'' (୪୦) ପ୍ରାଚୀନ ବ୍ୟାକରଣର ନିୟମ ବା ଛାଞ୍ଚରେ ଓଡିଆ ଭାଷାକୁ ପକାଇବାର ଶିକ୍ଷାବିଦ୍‌ମାନଙ୍କ ପ୍ରୟାସ ବିରୁଦ୍ଧରେ ସ୍ୱର ଉଠାଇ ସେ ପୁଣି ଲେଖିଛନ୍ତି - ''ଅତିଶୀଘ୍ର ଏହାର ପରିବର୍ତ୍ତନ ହେବା ଉଚିତ । ମାତ୍ର ଶଂକାର କଥା, ଏ ପରିବର୍ତ୍ତନକୁ ଧାରଣାରେ ଆଣିବା ଭଳି ଓଡ଼ିଆ ପଣ୍ଡିତ ଓଡିଶାରେ ବେଶି

Digitized by PPRACHIN, SOA

ନାହାନ୍ତି ।'' (୪୧) ରାଧାନାଥଙ୍କ ଦ୍ୱାରା ପ୍ରଚଳିତ ଓଡିଆ ଛନ୍ଦରେ ଉପଧା ମିଳନର ବିରୋଧ କରି ସେ ଦୃଢ଼ ଭାବେ କହିଛନ୍ତି, ଉପଧା ମିଳନ ଓଡିଆ ଛନ୍ଦରେ କର୍ତ୍ତବ୍ୟ ନୁହେଁ, ତାଙ୍କ ଭାଷାରେ - ''ଉପଧା ମିଳନ ଓଡିଆ ଛନ୍ଦର ନିତ୍ୟ ଅଂଗ ନୁହେଁ ଓ ଯୁକ୍ତାକ୍ଷର ପୂର୍ବ ବର୍ଣ୍ଣର ଗୁରୁତ୍ୱ ବ୍ୟବହାର କରିବାରେ ଲୋକଙ୍କର ଉଚ୍ଚାରଣ ପ୍ରତି ଲକ୍ଷ୍ୟ ରଖି ସେହି ସାମଞ୍ଜସ୍ୟରେ ତାହା ପ୍ରବେଶ କରାଇ ନ ପାରିଲେ ତାହା ଏ ଜଳବାୟୁରେ ବଢ଼ିବ ନାହିଁ, ଲୋକସାହିତ୍ୟର ଅଙ୍ଗ ହେବା କଠିନ ହେବ ।'' (୪୨) - ଏ ସବୁ ପରିବର୍ତ୍ତନ - କାମନା ମଧ୍ୟରେ 'ଲିପି ସଂସ୍କାର' ପାଇଁ ପଣ୍ଡିତ ନୀଳକଣ୍ଠଙ୍କ ପ୍ରୟାସ ପ୍ରଶଂସନୀୟ ।

**ଲିପି ସଂସ୍କାର -**

ପାଲି ଓ ପ୍ରାକୃତ ଭାଷାରେ ସୁପଣ୍ଡିତ ଜଣେ ଖ୍ୟାତନାମା ବୈୟାକରଣ ଥରେ ନୀଳକଣ୍ଠଙ୍କୁ କହିଲେ, ବର୍ଗର ପଞ୍ଚମ ବର୍ଣ୍ଣ ପୂର୍ବରେ ଥାଇ ବର୍ଗ୍ୟ ବର୍ଣ୍ଣମାନଙ୍କ ଯୋଗରେ ଯେଉଁସବୁ ଯୁକ୍ତାକ୍ଷର ହୁଏ, ସେ ସବୁ 'ଅନୁସ୍ୱାର'ରେ ମଧ୍ୟ ବ୍ୟକ୍ତ କରାଯାଇ ପାରିବ ବୋଲି ସେ ପ୍ରବନ୍ଧ ଲେଖି ପ୍ରମାଣ କରିଛନ୍ତି । ଏହା ସଂସ୍କୃତ ବ୍ୟାକରଣ ସିଦ୍ଧ । (୪୩) କିନ୍ତୁ ଉକ୍ତ ପଣ୍ଡିତ ଜାଣି ନଥିଲେ ଯେ, ତାଙ୍କର ବହୁ ପୂର୍ବରୁ ସଂସ୍କାରକ ନୀଳକଣ୍ଠ ଖ୍ରୀ: ୧୯୧୩ରେ ସତ୍ୟବାଦୀ ସ୍କୁଲରେ ଅଧକ୍ଷ ଥିବା ସମୟରେ ଲିପିର ଏହି ନୂତନ ଦିଗ ପ୍ରତି ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଫଳରେ ଗୋପାଳଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ କର, ମୃତ୍ୟୁଞ୍ଜୟ ରଥ ପ୍ରମୁଖ ସାହିତ୍ୟିକମାନେ ଲିପି କ୍ଷେତ୍ରରେ ଏହି ନୂତନତ୍ୱ ସ୍ୱୀକାର ନ କରି ବିବାଦ ଆରମ୍ଭ କରିଥିଲେ । ମାତ୍ର ଲିପି ସଂସ୍କାର ଦିଗରେ ନୀଳକଣ୍ଠଙ୍କ ଦୃଢ଼ ମତ ସବୁ ଦେଖି ପରବର୍ତ୍ତୀ କାଳରେ ବିହାର-ଓଡିଶା ପ୍ରଦେଶର ଶିକ୍ଷା ବିଭାଗ କର୍ତ୍ତୃପକ୍ଷ - ପଞ୍ଚମ ବର୍ଣ୍ଣ ଅନୁସ୍ୱାରରେ ମଧ୍ୟ ଲିପିବଦ୍ଧ ହୋଇପାରେ-ଏହି ସିଦ୍ଧାନ୍ତ ଗ୍ରହଣ କରି ସ୍କୁଲ କଲେଜଗୁଡିକୁ ତଦନୁସାରେ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଆ ଭାଷାରେ ବର୍ଣ୍ଣର ଶୁଦ୍ଧାଶୁଦ୍ଧତ୍ୱ ବିଚାର ଓ ପାରିଭାଷିକ ଶବ୍ଦ ତିଆରି କରି ପ୍ରଚାର କରିବା ପାଇଁ ଖ୍ରୀ: ୧୯୩୯ରେ ସରକାର ଗୋଟିଏ କମିଟି ଗଢ଼ିଥିଲେ । ଏଥିରେ ଆନନ୍ଦ ପ୍ରକାଶ କରି ଭାଷାବିଦ୍ ନୀଳକଣ୍ଠ ଲେଖିଥିଲେ - ''ସତ୍ୟବାଦୀ ସ୍କୁଲର ପ୍ରାରମ୍ଭିକ କାଳରେ ଲିପିସଂସ୍କାର ଘେନି ସତ୍ୟବାଦୀରୁ ବାହାରି ଓଡିଶାରେ ଗୋଟିଏ ତୁମୁଳ ଆନ୍ଦୋଳନ ଖେଳି ଯାଇଥିଲା । ଲୋକେ ସ୍ୱଭାବତଃ ଗତାନୁଗତିକ । ଚିରାଭ୍ୟସ୍ତ ବସ୍ତୁକୁ ଆଲୋଚନାରେ ସଂଶୋଧିତ କରିବା ଶକ୍ତି ଲୋକର ପ୍ରାୟ ଥାଏ । ପ୍ରାଣର ପ୍ରତିଷ୍ଠିତ ଭାବରେ ଟିକିଏ ଆଘାତ ହେଲେ, ଭକ୍ତ ପରି ଲୋକ ଅସହିଷ୍ଣୁ ହୁଏ । ଏ ସବୁ ସତ୍ତ୍ୱେ

Digitized by PPRACHIN, SOA

ସତ୍ୟବାଦୀର ସେଇ ଆନ୍ଦୋଳନ ଫଳରେ ଆଜି ଏତେଦିନ ପରେ ଲିପି ସଂସ୍କାର ନିତାନ୍ତ ଦରକାର ବୋଲି ଓଡିଶାର ଶିକ୍ଷିତ ମାନଙ୍କ ଭିତରେ ସାଧାରଣ ମତ ହୋଇଛି । ପାଟନା ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ କେବଳ ଅନୁସ୍ୱାର ବ୍ୟବହାର ଘେନି ଏହା ସଂଗତ ବୋଲି ମତ ଦେଇଥିଲେ । ଏବେ ସର୍ବମତେ ଏହାର ସଂସ୍କାର ପାଇଁ ନାନା ଉଦ୍ୟମ ହେଉଚି, ସୁଖର କଥା ।'' (୪୪) ପୂର୍ବୋକ୍ତ ଭାଷା-କମିଟିର ସଭାପତି ଥିଲେ ପଣ୍ଡିତ ନୀଳକଣ୍ଠ; ଗୋପାଳ ଚନ୍ଦ୍ର ପ୍ରହରାଜ, ଗୋଦାବରୀଶ ମିଶ୍ର, ପ୍ରାଣକୃଷ୍ଣ ପରିଜା, ଆର୍ତ୍ତବଲ୍ଲଭ ମହାନ୍ତି, ଗିରିଜା ଶଙ୍କର ରାୟ ପ୍ରମୁଖ ଏଥିରେ ସଭ୍ୟ ରହିଥିଲେ । (୪୫)

ଏହି କମିଟି ପ୍ରାରମ୍ଭିକ ଭାବରେ କେତୋଟି ନିର୍ଦ୍ଦିଷ୍ଟ ମତ ଦେଇଥିଲେ । ତନ୍ମଧ୍ୟରୁ ତଦ୍ଭବ ଦେଶୀ ଓ ବିଦେଶୀ ଶବ୍ଦରେ ଗୋଟିଏ 'ଇ' କାର ଓ ଗୋଟିଏ 'ଉ'କାର (ହ୍ରସ୍ୱ) ରହିବା, ବର୍ଗର ପଞ୍ଚମ ବର୍ଣ୍ଣ ସ୍ଥାନରେ ଅନୁସ୍ୱାରର ପ୍ରଚଳନ କରିବା (ପ, ଫ, ଠ - ରେ ଅନୁସ୍ୱାର ଦେବା ଅସୁବିଧାଜନକ ହୋଇଥିବାରୁ ସେଠାରେ ବ୍ୟତିକ୍ରମ ହୋଇପାରେ) ଶ, ଷ, ସ, ସ୍ଥାନରେ କେବଳ 'ସ'ର  ଓ ଯ, ଜ ସ୍ଥାନରେ କେବଳ 'ଜ'ର ବ୍ୟବହାର କରିବା, 'କ୍ଷ' ସ୍ଥାନରେ 'ଖ୍ୟ' ଓ 'ଜ୍ଞ' ସ୍ଥାନରେ 'ଗ୍ୟ' ଲେଖିବା ଆଦି ମତଗୁଡିକ ଉଲ୍ଲେଖଯୋଗ୍ୟ ।

ଓଡିଆରେ ଶ-ଷ-ସ, ଯ-ଜ, ଇ-ଈ, ଉ-ଊ ଆଦିର ଉଚ୍ଚାରଣ ଭିନ୍ନତା ନାହିଁ । ସେହିପରି - ଗୀତ, ଶୀତ, ଶୀତଳ ପ୍ରଭୃତିର ଉଚ୍ଚାରଣ ଠାରୁ ଲେଖା ପୂରାପୂରି ଭିନ୍ନ । 'କ୍ଷ' ଓ 'ଜ୍ଞ'ର ଉଚ୍ଚାରଣ ଆଦୌ ନାହିଁ । ଏ ସବୁରେ ବନାନ୍ ସମାଧାନ କରିବାକୁ ହେବ । ନୀଳକଣ୍ଠଙ୍କ ମତରେ ସଂସ୍କୃତ ପରି ଓଡିଆକୁ ମୁଖର ଉଚ୍ଚାରଣ ପରି ଲେଖିବାକୁ ହେଲେ 'ଶକଟ' ସ୍ଥାନରେ 'ସଗଡ', 'ଗୀତନାଟ' ଓ 'ଅନ୍ଧକୂପ' ସ୍ଥାନରେ ଯଥାକ୍ରମେ 'ଗିତନାଟ' ଓ 'ଅନ୍ଧକୂପ' ଲେଖିବାକୁ ହେବ ।

**ଲିପି ସଂସ୍କାର ମାଧ୍ୟମରେ ଜାତିରଭେଦ ଦୂର କରିବାର ପ୍ରୟାସ-**

ସଂସ୍କାରକ ନୀଳକଣ୍ଠ ନିଜ ନାମକୁ 'ନୀଳକଣ୍ଠ ଦାଶ' ନ ଲେଖି ସର୍ବଦା 'ନୀଳକଂଠ ଦାସ' ଲେଖିବା ଅନ୍ତରାଳରେ ଦୁଇଗୋଟି ଉଦ୍ଦେଶ୍ୟ ନିହିତ ଥିବାର ଜଣାଯାଏ । ଗୋଟିଏ ହେଉଛି, ଉଚ୍ଚାରଣ ପଦ୍ଧତି ଓ ଲିଖନ ପଦ୍ଧତି ମଧ୍ୟରେ ସମତା ଆଣିବା ଏବଂ ଅନ୍ୟଟି ହେଉଛି ଜାତି ଜାତି ମଧ୍ୟରେ ଭେଦଭାବ ଦୂର କରିବା । ଏ ବିଷୟରେ ସେ 'ଆତ୍ମଜୀବନୀ'ରେ ଲେଖିଛନ୍ତି- ଆମେ ଉଚ୍ଚାରଣ କଲାବେଳେ 'ନୀଳକଂଠ' କହି ଲେଖିଲା ବେଳେ 'ନୀଳକଣ୍ଠ' ଲେଖିବାର ତାତ୍ପର୍ଯ୍ୟ କେଉଁଠି ? ସବୁ ଓଡ଼ିଆ ଯୁକ୍ତାକ୍ଷର ସଂବନ୍ଧରେ ମୋର ଏଇ ମତ । ପୁଣି ଉଚ୍ଚାରଣରେ 'ସ',

Digitized by PPRACHIN, SOA

'ଶ' ଓ 'ଷ'ର ପାର୍ଥକ୍ୟ ବାରି ନ ପାରି ମୁଁ ବହୁତ ଦିନୁ 'ନୀଳକଂଠ ଦାସ' ବୋଲି ଲେଖି ଆସୁଚି । ମତେ ଜାଣି ନଥିବା ଲୋକେ ମତେ କରଣ ବୋଲି ଏଥିରୁ ଠଉରଉଥିବେ; କିନ୍ତୁ ଲିପି ସଂସ୍କାର ଅନ୍ତରାଳରେ ମୁଁ ଜାତି ଜାତିର ଅଯଥା ବିଭେଦକୁ ଏଥିରେ ଲୋପ କରିବାର ପ୍ରୟାସ କରିଚି । ବ୍ରାହ୍ମଣମାନେ କି ଧାରଣାରେ କେଜାଣି ବହୁକାଳରୁ 'ଦାସ' ନ ଲେଖି 'ଦାଶ' ଲେଖୁଚନ୍ତି । ଇଂରାଜୀରେ ପୁଣି ଉଚ୍ଚାରଣ କୌଶଳ ସଂପୂର୍ଣ୍ଣ ଅଲଗା ଥିଲାବେଳେ ଏଇ ପ୍ରତିଷ୍ଠିତ ଧାରଣାକୁ ଏଥିରେ ରୂପେ ଦେଇ 'Das' ସ୍ଥାନରେ 'Dash' ଲେଖି ବସୁଚନ୍ତି । ମୋ ମତରେ ଏ ଗୋଟାଏ ସାମାଜିକ ବ୍ୟାଧି ।'' (୪୯)

ଲିପି ସଂସ୍କାର ଦିଗରେ ସତ୍ୟବାଦୀ ଗୋଷ୍ଠୀଙ୍କ ଉଦ୍ୟମର ସୂଚନା ଦେଇ ପଣ୍ଡିତ ନରସିଂହ ମହାପାତ୍ର ଲେଖିଛନ୍ତି - ''ସତ୍ୟବାଦୀ ଯୁଗର ସାହିତ୍ୟରେ ୧୯୧୩ ମସିହାରେ ଲିପି ବିପ୍ଳବ ଆରମ୍ଭ କଲେ ସତ୍ୟବାଦୀ ବିହାରର ଶିକ୍ଷକମାନେ । ଏଥିରେ ଅଗ୍ରଣୀ ଥିଲେ, ପଣ୍ଡିତ ନୀଳକଣ୍ଠ । ସେ ସମୟରେ ନିଷ୍ଠାପର ସାହିତ୍ୟସେବୀ ସ୍ୱର୍ଗତ ଗୋପାଳଚନ୍ଦ୍ର, ସ୍ୱର୍ଗତ ବିଶ୍ୱନାଥ ଓ ପଣ୍ଡିତ ମୃତ୍ୟୁଞ୍ଜୟ ପ୍ରଭୃତି ଏହି ଲିପି ପରିବର୍ତ୍ତନରେ ତୀବ୍ର ପ୍ରତିବାଦ କଲେ ମାସିକ 'ଉତ୍କଳ ସାହିତ୍ୟ'ର ମାଧ୍ୟମରେ । ଏ ବିଷୟରେ ସ୍ୱର୍ଗତ ପ୍ରହରାଜ ବ୍ୟଙ୍ଗ ବିଦ୍ରୁପ କରି ଧାରାବାହିକ ଭାବେ ପ୍ରବନ୍ଧ ଲେଖିଥିଲେ । କିନ୍ତୁ ଏଇ ସତ୍ୟବାଦୀର ଲିପି ସଂସ୍କାରକମାନେ ଏଥିରେ ବିଚଳିତ ନ ହୋଇ ଏ ବିଷୟରେ ଦୃଢ଼ପ୍ରତିଜ୍ଞ ହେଲେ । ସ୍ୱର୍ଗତ ଗୋଦାବରୀଶ ପାଟନା ବିଶ୍ୱବିଦ୍ୟାଳୟ ସିନେଟ୍‌ରେ ଲିପି ସଂସ୍କାର ବିଷୟରେ ଗୋଟିଏ ପ୍ରବନ୍ଧରେ ଲିପି ସଂସ୍କାରର ଆବଶ୍ୟକତା ବୈଜ୍ଞାନିକ ରୀତିରେ ଉପସ୍ଥାପନ କଲେ । ସିନେଟ୍ ଏହାର ଯୁକ୍ତିଯୁକ୍ତ ସିଦ୍ଧାନ୍ତକୁ ଗ୍ରହଣ କଲେ । ଫଳରେ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଏ ସଂସ୍କାରକୁ ସ୍ୱାଗତ କରି ବିଦ୍ୟାଳୟମାନଙ୍କୁ ଜଣାଇଦେଲେ ଯେ, ପଞ୍ଚମବର୍ଣ୍ଣ ଅନୁସ୍ୱାରରେ ମଧ୍ୟ ଲିପିବଦ୍ଧ ହୋଇପାରେ ।'' (୫୦)

**ସଂସ୍କାର ଲୋକମତ ଉପରେ ପର୍ଯ୍ୟବସିତ ହେବା ଉଚିତ**

ଶିଶୁ ଶିକ୍ଷାର ସୁଗମତା, ମୁଦ୍ରାକର ଓ ଲେଖକଙ୍କ ସୁବିଧା ଲାଗି ଲିପି ସଂସ୍କାରର ଆବଶ୍ୟକତା ଉପଲବ୍ଧ କରିଥିଲେ ହେଁ ଲୋକଙ୍କ ଉପରେ ଜୋର କରି ସଂସ୍କାର ଚେତନା ଚାପିଦେବା ପାଇଁ ନୀଳକଣ୍ଠ ଇଚ୍ଛା ପ୍ରକାଶ କରି ନଥିଲେ । ଏଥିପାଇଁ ସେ ଲୋକମତର ଅପେକ୍ଷା ରଖିଥିଲେ । ତାଙ୍କ ଭାଷାରେ ''ଲିପିର ଆଜି ସଂସ୍କାର କରିବାକୁ ହେଲେ ସାରା ଓଡ଼ିଆ ଭାଷୀ ମୁଲକର ସାକ୍ଷର ସାଧାରଣ ବୁଝି ମତ ଦେବା ଉଚିତ । ଅନ୍ତତଃ

Digitized by PPRACHIN, SOA

ବିଶେଷଜ୍ଞମାନଙ୍କ ନବ ଲିପି ଗଠନ କ୍ରିୟାରେ ଲୋକେ ସର୍ବତୋଭାବରେ ପ୍ରଭାବିତ ହେବା ଉଚିତ । କାରଣ, ହଠାତ୍ ଲିପିର ଘୋର ସଂସ୍କାର ଆରମ୍ଭ କରିଦେଲେ ଭାଷାର ପ୍ରକାଶ ରାଜ୍ୟରେ ଏହା ଗୋଟିଏ ଘୋର ବିପ୍ଳବ ସୃଷ୍ଟି କରିବ ।'' (୫୧)

ଜଣେ ଦୂରଦର୍ଶୀ ପ୍ରବୀଣ ସଂସ୍କାରକ ଭାବେ ନୀଳକଣ୍ଠ ନିଶ୍ଚିତ ରୂପେ ଜାଣିଥିଲେ ଯେ, କୌଣସି ସଂସ୍କାର ପଛରେ ଜନସାଧାରଣଙ୍କ ସମର୍ଥନ ନ ରହିଲେ ତାହା ଫଳପ୍ରସୂ ହେବ ନାହିଁ । ତେଣୁ ସମାଜ ସଂସ୍କାର ହେଉ ବା ଶିକ୍ଷା ସଂସ୍କାର ହେଉ, ଭାଷା ସଂସ୍କାର ହେଉ ବା ଲିପି ସଂସ୍କାର ହେଉ, ସେ ତାଙ୍କ ସଂସ୍କାରମୁଖୀ ଭାବଧାରାକୁ ଲୋକ ସାଧାରଣରେ ପ୍ରଚାର କରିବା ଲାଗି ଯଥାସମ୍ଭବ ଚେଷ୍ଟା ଚଳାଇଥିଲେ ।

ନୀଳକଣ୍ଠଙ୍କ ଲିପି ସଂସ୍କାରର ଉଦ୍ଦେଶ୍ୟ ଦର୍ଶାଇ ଡକ୍ଟର କୁଞ୍ଜବିହାରୀ ଦାଶ ଲେଖିଛନ୍ତି - ''ମୁଦ୍ରଣକୁ ସହଜ ଓ ସୁଗମ କରିବା ଉଦ୍ଦେଶ୍ୟରେ ସେ (ନୀଳକଣ୍ଠ) ଲିପି ସଂସ୍କାର କରିଥିଲେ । ମୁଂଡ, ଅଛଂତି, ଭ୍ରାଂତି ପ୍ରଭୃତି ମୁଣ୍ଡ, ଅଛନ୍ତି, ଭ୍ରାନ୍ତି ସ୍ଥାନରେ 'ନବଭାରତ'ରେ ପ୍ରକାଶିତ ହେଉଥିଲା । କିନ୍ତୁ ଏହି ଲିପି ସଂସ୍କାର ଏ ପର୍ଯ୍ୟନ୍ତ ଗୃହୀତ ହୋଇ ନାହିଁ । ଚ, ଛ, ଜ, ଣ, ତ, ଦ, ଧ, ନ, ମ, ଯ ପ୍ରଭୃତି ବର୍ଣ୍ଣରେ ରେଫ୍ ଯୁକ୍ତ ହେଲେ ବିକଳ୍ପରେ ଦ୍ୱିତ୍ୱ ହୁଏ । ସେ ଦ୍ୱିତ୍ୱବାଦ ଦେଇଥିଲେ । ଦ୍ୱିତ୍ୱ ବ୍ୟବହାର ନ ହେବାରୁ ମୁଦ୍ରଣ, ଶ୍ରମ ଓ ଭ୍ରମ ଊଣା ହୋଇ ଯାଇଅଛି ।'' (୨)

ଓଡିଶାର ପୂର୍ବତନ ମନ୍ତ୍ରୀ ରାଜବଲ୍ଲଭ ମିଶ୍ର ନୀଳକଣ୍ଠଙ୍କ କର୍ତ୍ତୃକ ଲିପି ଆନ୍ଦୋଳନ ସମ୍ପର୍କରେ ଲେଖିଛନ୍ତି - "From about 1912, he (Nilakantha) began a movement for the scientific remodelling of the Oriya Script called 'Lipi Sanskara', which created a literary commotion through out Orissa. In the beginning, orthodox Oriya literary men were vehemently against it in their criticism in papers and magazines. It is to be regretted that, since then no reform has been taken up by the Education Department of Orissa, though the Pandit as the speaker of the Legislative Assembly is now out to seriouslly take up the subject and specially to make Oriya type writer quite in line with the reform." (୫୩)

'ଉତ୍କଳ ସାହିତ୍ୟ' (୬ଷ୍ଠ ଭାଗ/୬ଷ୍ଠ ସଂଖ୍ୟା)ରେ ପ୍ରକାଶ ପାଇଥିବା 'ସାମାଜିକ ଯତ୍ କିଞ୍ଚିତ୍' ପ୍ରବନ୍ଧରେ ପଲ୍ଲୀକବି ନନ୍ଦକିଶୋର ଉଦୀୟମାନ ସଂସ୍କରକମାନଙ୍କୁ ପ୍ରକୃତ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବା ପାଇଁ ଆହ୍ୱାନ ଜଣାଇଥିଲେ - ''ହେ

Digitized by PPRACHIN, SOA

ସଂସ୍କାରକ ଭ୍ରାତଃ ! ବସ୍ତୁତଃ ଯେବେ ପ୍ରାଣରେ ଉଚ୍ଚତର ସତ୍ୟ ପାଇଥାଅ, ବିଷାଦମୟ ଘନ ମୋହାନ୍ଧକାର ମଧ୍ୟରେ ପ୍ରକୃତରେ ଯେବେ ଉଜ୍ଜ୍ୱଳତାର ଆଲୋକ ତୁମ୍ଭ ନେତ୍ର ପଥରେ ପଡିଥାଏ, ସତ୍ୟ ସତ୍ୟ ଯେବେ ହାହାକାର ପୂର୍ଣ୍ଣ ଜୀବନ ଦେଖି ନୀରବରେ ଲୋତକପାତ କରିଥାଅ, ତେବେ ପ୍ରକୃତ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହୁଅ ।'' (୫୪) ଉଦୀୟମାନ ଯୁବକ ନୀଳକଣ୍ଠ ଏ ଆହ୍ୱାନରେ ଅନୁପ୍ରାଣିତ ହୋଇ କେବଳ ସମାଜ ସଂସ୍କାର ପାଇଁ ନୁହେଁ; ଭାଷା, ବ୍ୟାକରଣ, ଛନ୍ଦ ଓ ଲିପି କ୍ଷେତ୍ରରେ ମଧ୍ୟ ସଂସ୍କାର ଆଣିବା ପାଇଁ ସଂକଳ୍ପବଦ୍ଧ ହୋଇ ଛାତ୍ରାବସ୍ଥାରୁ ହିଁ ଏ ଦିଗରେ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ ।

---

**ପାଦଟୀକା :**

୧ 'କଳ୍ପବଟ - ହିନ୍ଦୁ ଧର୍ମ' - କୃଷ୍ଣ ପ୍ରସାଦ ଚୌଧୁରୀ - ଉତ୍କଳ ସାହିତ୍ୟ - ୧/୧୦ମ ସଂଖ୍ୟା ଉତ୍କଳ ସାହିତ୍ୟ - ୧/୯ ସଂଖ୍ୟାରେ ପ୍ରକାଶିତ କୃଷ୍ଣପ୍ରସାଦଙ୍କ 'ମହାପୂଜା ଓ ସ୍ତ୍ରୀ ଶିକ୍ଷା' ପ୍ରବନ୍ଧ ପାଠ କରି ଜନୈକ ପାଠକ ଲେଖିଥିଲେ - ''ଆପଣଙ୍କ ପରି ସହସ୍ର କୋଟି ଲୋକଙ୍କର ଏପରି ପ୍ରଳାପ ବାକ୍ୟରେ ମହାନ୍ କଳ୍ପବଟ ସଦୃଶ ହିନ୍ଦୁଧର୍ମର କିଛିମାତ୍ର, ଅନିଷ୍ଟ ହେବ ନାହିଁ ।'' - ଏହାର ଉତ୍ତର ଦେଇ ପରବର୍ତ୍ତୀ ସଂଖ୍ୟାରେ କୃଷ୍ଣପ୍ରସାଦ 'କଳ୍ପବଟ ହିନ୍ଦୁଧର୍ମ' ଶୀର୍ଷକ ଲେଖାଟି ପ୍ରକାଶ କରିଥିଲେ ।

୨. ଉତ୍କଳ ସାହିତ୍ୟ - ୧/୧୦ମ ସଂଖ୍ୟା ।

୩. 'ହିନ୍ଦୁ ସମାଜର ଆଧୁନିକ ଗତି' - ଉତ୍କଳ ସାହିତ୍ୟ - ୧୧/୧ମ ସଂଖ୍ୟା ।

୪. ଉତ୍କଳ ସାହିତ୍ୟ - ୧/୧ମ ସଂଖ୍ୟା

୫. ତତ୍ରୈବ - ୧/୯ମ ସଂଖ୍ୟା

୬. ତତ୍ରୈବ - ୧୫/୩ୟ ସଂଖ୍ୟା

୭. ସମ୍ବଲପୁର ହିତୈଷିଣୀ - ୪/୫୦ - ତା.୧୬.୫.୧୮୯୩

୮. 'ସଂସ୍କାର' - ମୁକୁର - ୧/୮ମ ସଂଖ୍ୟା, ମାର୍ଗଶୀର - ୧୩୧୪ ସାଲ ।

୯. ସତ୍ୟବାଦୀ - ୬/୨ୟ ସଂଖ୍ୟା

୧୦. ସତ୍ୟବାଦୀ - ୬/୩ୟ ସଂଖ୍ୟା

୧୧. ସତ୍ୟବାଦୀ - ୨/୮-୧୨

୧୨. ସତ୍ୟବାଦୀ - ୪/୧-୩ ଓ ୪/୮-୧୨

୧୩. କୁସଂସ୍କାର କଅଣ - ଆଲୋଚନା - ନବଭାରତ - ୫ମବର୍ଷ/୪ର୍ଥ ସଂଖ୍ୟା କନ୍ୟା - ୧୩୪୬ ।

Digitized by PPRACHIN, SOA

୧୪. ତତ୍ରୈବ ।

୧୫. ତତ୍ରୈବ ।

୧୬. 'ମୋ ନିଶ' - ମୁକୁର - ୬/୫-୬ ସଂଖ୍ୟା ୧୧୧-୧୧୨ ପୃଷ୍ଠା

୧୭. 'ନିଶ' — ମୁକୁର - ୬/୮-୯ ସଂଖ୍ୟା ।

୧୮. 'ସାମାଜିକ ଉଦ୍‌ବୋଧନ' — ଉତ୍କଳ ସାହିତ୍ୟ - ୧୬ଶ ଭାଗ / ୪ର୍ଥ ସଂଖ୍ୟା ।

୧୯. 'ସମାଜ ସଂସ୍କାର' — ଉତ୍କଳ ସାହିତ୍ୟ - ୧୬/୪ ସଂଖ୍ୟା

୨୦. 'ନିଶ' — ମୁକୁର - ୬ଷ୍ଠ ଭାଗ/୮ମ-୯ମ ସଂଖ୍ୟା ।

୨୧. ଆମର ଥିଲା ଓ କାରଣ ଥାଇପାରେ - ଉତ୍କଳ ସାହିତ୍ୟ - ୧୫/୬ଷ୍ଠ ସଂଖ୍ୟା ପୃଷ୍ଠା - ୧୬୨ ।

୨୨. 'ଆମର ଥିଲା ଓ କାରଣ ଥାଇପାରେ' — ଉତ୍କଳ ସାହିତ୍ୟ - ୧୫/୬, ପୃଷ୍ଠା-୧୬୫ ।

୨୩. 'ସଂସ୍କାର' — ମୁକୁର - ୧ମ ଭାଗ/୮ମ ସଂଖ୍ୟା, ମାର୍ଗଶୀର - ୧୩୧୪ ।

୨୪. ମୁକୁର — ୩/୧୨-୧୨ ସଂଖ୍ୟା - ପୃଷ୍ଠା - ୨୩୬ ।

୨୫. Literary Essay - W. R. Goodman.

୨୬. 'ଯୁଗସ୍ରଷ୍ଟା ଫକୀର ମୋହନ' — ପୃଷ୍ଠା - ୮୧ ।

୨୭. 'ଦରବାର' କାବ୍ୟଟି ପ୍ରଥମେ ଉତ୍କଳ ସାହିତ୍ୟ - ୧ମ ଭାଗ/୩-୪ ସଂଖ୍ୟାରେ ପ୍ରକାଶ ପାଇଥିଲା ।

୨୮. ଏହି କବିତା 'ଉତ୍କଳ ସାହିତ୍ୟ' — ୧୬/୮ ସଂଖ୍ୟାରେ ପ୍ରକାଶ ପାଇଥିଲା ।

୨୯. ଉତ୍କଳ ସାହିତ୍ୟ — ୧୫/୬ - ପୃଷ୍ଠା - ୧୬୬ ।

୩୦. 'ସଂସ୍କାରକ ନୀଳକଣ୍ଠ ଦାସ' — ନୀଳକଣ୍ଠ ସ୍ମାରକୀ - ପୃଷ୍ଠା - ୧୫୧ ।

୩୧. ଉତ୍କଳ ସାହିତ୍ୟ — ୧ମ ଭାଗ/୬ଷ୍ଠ ସଂଖ୍ୟା, ଆଷାଢ଼ ୧୩୦୪ରେ ପ୍ରକାଶିତ ।

୩୨. 'ମୋ ନିଶ' — ମୁକୁର - ୬/୫-୬, ପୃଷ୍ଠା - ୧୧୫ ।

୩୩. ମୁକୁର — ୬/୫-୬ ସଂଖ୍ୟା - ପୃଷ୍ଠା-୧୧୪ ।

୩୪. 'ଦୁନିଆର ହାଲଚାଲ' — ଉତ୍କଳ ସାହିତ୍ୟ - ୧୫ଶ ଭାଗ/୭ମ ସଂଖ୍ୟା ପୃଷ୍ଠା - ୨୦୬ ।

Digitized by PPRACHIN, SOA

୩୫. ତତ୍ରୈବ - ପୃଷ୍ଠା - ୨୦୮ ।
୩୬. 'ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ' — ପୃଷ୍ଠା - ୩୯୨ ।
୩୭. ଉତ୍କଳ ସାହିତ୍ୟ - ୧୫ଶ ଭାଗ / ୧୦ମ ସଂଖ୍ୟା - ପୃଷ୍ଠା - ୩୦୨
୩୮. ତତ୍ରୈବ ।
୩୯. ମୁକୁର — ୬ଷ୍ଠ ଭାଗ/୧ମ ସଂଖ୍ୟା, ବୈଶାଖ, ୧୩୧୮ରେ ପ୍ରକାଶିତ ।
୪୦. ଭାଷାରେ ବ୍ୟାକରଣ — ଆଲୋଚନା - ନବଭାରତ - ନୂଆ ପ୍ରସ୍ଥ - ୨ୟ ବର୍ଷ ୧୦ମ ସଂଖ୍ୟା ଅଗଷ୍ଟ, ୧୯୫୦ ।
୪୧. ତତ୍ରୈବ ।
୪୨. 'ଓଡ଼ିଆ ଛନ୍ଦରେ ଯୁକ୍ତାକ୍ଷର ଓ ଉପଧା' — ଆଲୋଚନା - ନବଭାରତ- ୨ୟ ଖଣ୍ଡ / ୬ଷ୍ଠ ସଂଖ୍ୟା, ବୃଷ, ୧୩୪୨ ।
୪୩. 'ଫକୀର ମୋହନ ଓ ଓଡ଼ିଆ ସାହିତ୍ୟ' — 'ଓଡ଼ିଆ ଭାଷା ଓ ସାହିତ୍ୟ'- ପୃଷ୍ଠା - ୧୮୭, ଦ୍ରଷ୍ଟବ୍ୟ ।
୪୪. 'ଓଡ଼ିଆ ବର୍ଣ୍ଣ ଓ ଲିପି' (ଦୁଇ) — ପାଣ୍ଡୁଲିପିରୁ ଗୃହୀତ ।
୪୫. 'ଓଡ଼ିଆ ବର୍ଣ୍ଣ ଓ ଲିପି' — ଆଲୋଚନା - ନବଭାରତ - ୬ଷ୍ଠ ବର୍ଷ/ ୧ମ ସଂଖ୍ୟା - ଏହି ଲେଖାଟି ପରବର୍ତ୍ତୀ କାଳରେ 'ଓଡ଼ିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥରେ ସ୍ଥାନ ପାଇଛି ।
୪୬. 'ବର୍ଣ୍ଣ ବିଚାର' — ଓଡ଼ିଆ ବ୍ୟାକରଣ - ୩ୟ ଭାଗ - ପାଣ୍ଡୁଲିପିରୁ ଗୃହୀତ ।
୪୭. ଓଡ଼ିଆ ବର୍ଣ୍ଣ ଓ ଲିପି (ଦୁଇ) — ପାଣ୍ଡୁଲିପିରୁ ଗୃହୀତ ।
୪୮. 'ବର୍ଣ୍ଣ ବିଚାର' — ଓଡ଼ିଆ ବ୍ୟାକରଣ - ୩ୟ ଭାଗ - ପାଣ୍ଡୁଲିପିରୁ ଗୃହୀତ ।
୪୯. ଆତ୍ମଜୀବନୀ - ପୃଷ୍ଠା - ୧୫୯ ।
୫୦. ମନୀଷୀ ନୀଳକଣ୍ଠ - ପୃଷ୍ଠା - ୬୦ ।
୫୧. 'ଓଡ଼ିଆ ବର୍ଣ୍ଣ ଓ ଲିପି' — ଓଡ଼ିଆ ଭାଷା ଓ ସାହିତ୍ୟ - ପୃଷ୍ଠା - ୯୩ ।
୫୨. 'ଜୀବନୀ ଓ ଜୀବନ' — ପୃଷ୍ଠା - ୧୯୭ ।
୫୩. 'Life Sketch of Pandit Nilakantha Das' — Speeches and Remarks of Pandit Nilakantha Das.
୫୪. 'ନନ୍ଦ କିଶୋର ଗ୍ରନ୍ଥାବଳୀ' — ପୃଷ୍ଠା - ୧୦୪୫ ।

□□

Digitized by PPRACHIN, SOA

# ଭାଲ୍ତିକ ମିଥ୍ୟା ଓ ପଣ୍ଡିତ ନୀଳକଣ୍ଠ

ଆତ୍ମପ୍ରତ୍ୟୟ ଥିଲା ନୀଳକଣ୍ଠଙ୍କ ଜୀବନର ଚିରସମ୍ବଳ । ସେ ନିଜେ ଯାହା ଠିକ୍ ବୁଝୁଥିଲେ, ଯେଉଁ କାମ କରିବା ଉଚିତ ବୋଲି ମନେ କରୁଥିଲେ, ସେଥିରୁ କେହି ତାଙ୍କୁ ନିବର୍ତ୍ତାଇ ପାରୁ ନଥିଲେ । ନିବର୍ତ୍ତାଇବା ଲାଗି ସାହସ ମଧ କାରୁ ନଥିଲେ । ଏପରି କି ତାଙ୍କର ପଥପ୍ରଦର୍ଶକ ଗୋପବନ୍ଧୁଙ୍କ ସହ ମତ ଅମେଳ ହେଲେ ମଧ୍ୟ ସେ ସ୍ୱମତ ଉପରେ ଅଟଳ ରହୁଥିଲେ । ଥରେ ସତ୍ୟବାଦୀର ସଂସ୍କୃତ ପଣ୍ଡିତ ସତ୍ୟବାଦୀ ରଥ ସଂସ୍କୃତ ମହାଭାରତ ପଢ଼ି ଗୋପବନ୍ଧୁ ଓ ନୀଳକଣ୍ଠଙ୍କୁ ଶୁଣାଇବା ସମୟରେ ଗୋପବନ୍ଧୁ ପଚାରିଲେ - ''କିଓ ନୀଳକଣ୍ଠ, କିପିର ଲାଗୁଚି ?'' ନୀଳକଣ୍ଠ କହିଲେ ''ମହାଭାରତରୁ ସମଗ୍ର କୃଷ୍ଣ ବିଷୟଟି କାଢ଼ି ଦେଲେ ମହାଭାରତର ଯେଉଁ 'ଜୟ' ନାମଟି ଅଛି, ତାହା ଖଣ୍ଡିତ ହେବ ନାଇଁ ।'' ଗୋପବନ୍ଧୁ ଥିଲେ ଅତିମାତ୍ରାରେ କୃଷ୍ଣଭକ୍ତ । ନୀଳକଣ୍ଠଙ୍କଠାରୁ ଏହି ନାସ୍ତିକବାଦୀ ଉତ୍ତର ଶୁଣି ସେ ସଙ୍ଗେ ସଙ୍ଗେ କହିଲେ - ''ଏପରି ଚିନ୍ତା କରିବ ନାହିଁ, ଏଥିରେ ପାପ ହେବ ।''

ଗୋପବନ୍ଧୁଙ୍କର ଏଭଳି ଭକ୍ତିଜନିତ ମୋହ ନୀଳକଣ୍ଠଙ୍କ ବିପ୍ଳବୀ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଥିଲା, ତାର ପରିପ୍ରକାଶ ଘଟିଲା 'ନବଭାରତ'ର ୨ୟ ଭାଗ ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ 'ବିଧାତାଙ୍କ ସୃଷ୍ଟି' ପ୍ରବନ୍ଧରେ । ଏହି ପ୍ରବନ୍ଧରେ ନୀଳକଣ୍ଠ ବିଧାତାଙ୍କ ସମ୍ପର୍କରେ ସ୍ୱମତ ଉତ୍‌ଥାପନ କରି ଲେଖିଛନ୍ତି - ''ଲୋକେ ସାଧାରଣତଃ କହନ୍ତି, ବିଧାତା ଏ ସୃଷ୍ଟି କରିଛନ୍ତି । କିନ୍ତୁ ବାସ୍ତବିକ ନିଃସଙ୍ଗ ଭାବରେ କଥାଟି ଭାବି ଦେଖିଲେ ସ୍ପଷ୍ଟ ବୁଝାଯାଏ, ମାନବ ନିଜର ସୁବିଧା ପାଇଁ ଜଗତରେ ନିଜ ସ୍ଥିତିର ପ୍ରତିଷ୍ଠା ଓ ଦୃଢ଼ତାକଳ୍ପେ ବହୁ କାଳରୁ ଗୋଟିଏ ବିଧାତାର ସୃଷ୍ଟି କରି ତା'ରିଠାରେ ସମସ୍ତ ମାନବୀୟ ଗୁଣର ଆରୋପ କରି ତାକୁ ହିଁ ପୂଜା କରି ଆସୁଛନ୍ତି ।''

ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟରେ ମନୁଷ୍ୟ ଯାହା ସୁନ୍ଦର ଓ ସୁଖକର ବୋଧ କରେ ତାହାକୁ ସତ୍ୟ ରୂପେ ଉପସ୍ଥାପନ କରେ । ସେ ଦେଖେ ବାସ୍ତବ ଜଗତରେ ତାର ସମସ୍ତ କଳନା, କଳ୍ପନା, ତୁଳନା, ପରିମାଣରେ ପଦେ ପଦେ ବ୍ୟର୍ଥ ହୁଏ । ତେଣୁ ସେ ପରଲୋକର ପରିକଳ୍ପନା କରି ବସେ । ନୀଳକଣ୍ଠ ଯଥାର୍ଥରେ ଲେଖିଛନ୍ତି- ''ଏହି ସବୁ କଳ୍ପନାରେ ମାନବ କେବଳ ନିଜକୁ ଗୋଟାଏ ବଡ 'ମୁଁ' କରି ଈଶ୍ୱର କରି ଥୋଇବା ଛଡା ଏଥିରେ ଆଉ କ'ଣ ଅଛି ? ଏହିଠାରେ ହିଁ ମାନବର ବିଧାତା ସୃଷ୍ଟି ସ୍ପଷ୍ଟ ।''

Digitized by PPRACHIN, SOA

କିନ୍ତୁ ଅନେକ ସମୟରେ ମହାପୁରୁଷମାନେ ମଧ୍ୟ ବିଧାତା ବା ଈଶ୍ୱର ନାମରେ ସତ୍ୟ, ଧର୍ମ, ନ୍ୟାୟ ପ୍ରଭୃତିର ଦ୍ୱାହି ଦେଇ ମାନବ ସମାଜକୁ ଭକ୍ତି ଓ ବିଶ୍ୱାସରେ ଅନ୍ଧ କରି ସମାଜକୁ ଭୁଲ ବାଟରେ ପରିଚାଳିତ କରନ୍ତି । ନୀଳକଣ୍ଠଙ୍କ ମତରେ ଏହା ହିଁ 'ଭାକ୍ତିକ ମିଥ୍ୟା' ।

ଆମ ସମାଜରେ ପ୍ରଚଳିତ ଭକ୍ତିକ ମିଥ୍ୟା ବିରୁଦ୍ଧରେ ନୀଳକଣ୍ଠ ସ୍ୱରଚିତ ''ଓଡ଼ିଆ ସାହିତ୍ୟର କ୍ରମପରିଣାମ'' ପୁସ୍ତକର ଦ୍ୱିତୀୟ ଭାଗରେ ଲେଖିଛନ୍ତି - ''ମାନବ ସମାଜରେ ତଥା ବ୍ୟକ୍ତିବୋଧରେ ଭକ୍ତି ଏକ ବିଚିତ୍ରବସ୍ତୁ । ଚିନ୍ତାରେ, ଦର୍ଶନରେ, ଯୁକ୍ତିରେ ବା ଆଲୋଚନାରେ ଏହାର ସ୍ଥାନ ନାହିଁ । ଜଗତରେ ଏକମାତ୍ର ଦାର୍ଶନିକ ଧର୍ମ ଜୈନଧର୍ମରେ ଏଇ ଭକ୍ତି ଓ ଭକ୍ତି ଚର୍ଯ୍ୟା, ଅର୍ଥାତ୍ ଭକ୍ତିଜନିତ ଆଚରଣକୁ ଅଷ୍ଟାଦଶ ପାପ ମଧ୍ୟରେ ଗୋଟିଏ ବଡ଼ ପାପ ବୋଲି ନିର୍ଦ୍ଦେଶ ଓ ବର୍ଣ୍ଣନା କରାଯାଇଛି । ସେମାନେ ଏହାର ନାମ ଦେଇଛନ୍ତି ''ମିଥ୍ୟା ଦର୍ଶନ ଶଲ୍ୟ ।''

ପୁରାଣରେ ମଧ୍ୟ ଜନସାଧାରଣଙ୍କ ଚିତ୍ତରେ ଧର୍ମବିଶ୍ୱାସ ଜନ୍ମାଇବା ପାଇଁ ବହୁ କାଳ୍ପନିକ ଘଟଣାବଳି ବର୍ଣ୍ଣିତ ହୋଇଥାଏ । ନୀଳକଣ୍ଠଙ୍କ ମତରେ ଭାକ୍ତିକ ମିଥ୍ୟା ଅପେକ୍ଷା ପୌରାଣିକ ମିଥ୍ୟା ଶ୍ରେୟସ୍କର । କାରଣ ଭକ୍ତିଧର୍ମ ହେଉଛି ଦର୍ଶନହୀନ ମାନବର ଆଦିଧର୍ମ । ଭକ୍ତର ମୋହକର ମିଥ୍ୟାର ବ୍ୟାପ୍ତିରେ ସତ୍ୟର ସ୍ଥାନ ନାହିଁ । ତାହା ମାନବ ସମାଜରେ ଏକ କ୍ଷୟରୋଗ ପରି କାର୍ଯ୍ୟ କରେ, କିନ୍ତୁ ପୁରାଣର ଅତିକାୟ କଳ୍ପନା ଭକ୍ତର ମିଥ୍ୟା ପରି ନୁହେଁ । ପୁରାଣର ମିଥ୍ୟା ସତ୍ୟର ଖୋଳ ପରି ରହେ । ଏଥିରେ ଅସହିଷ୍ଣୁତା ଜାଗ୍ରତ ହୁଏ ନାହିଁ । ଲୋକଚଳଣିରେ ଏହାର ପ୍ରଭାବ ଯୋଗୁଁ ପ୍ରଗତି ଅବରୁଦ୍ଧ ହୁଏ ନାହିଁ ।

ଦର୍ଶନହୀନ ମାନବ ସମାଜର ପ୍ରଗତିରେ ପୁରାଣ ଓ ପୌରାଣିକ ମିଥ୍ୟା ବହୁ ଭାବରେ ସାହାଯ୍ୟ ମଧ୍ୟ କରେ । ମାନବର ପ୍ରଗତି ପରମ୍ପରାରେ ପୁରାଣ ହେଉଛି ଯଥାର୍ଥରେ ଏକ ଅଜ୍ଞାତ ଅଲକ୍ଷିତ ଲିପିବଦ୍ଧ ଗ୍ରନ୍ଥ । ପୌରାଣିକ ଉପାଖ୍ୟାନଗୁଡ଼ିକରେ ଭକ୍ତିଧର୍ମର ମିଥ୍ୟା ଓ ଅଦ୍ଭୁତ କ୍ରିୟା ପରି କାହାକୁ ଭଜେଇ ମନେଇବା ଉଦ୍ଦେଶ୍ୟରେ ତିଆରି କରାଯାଇ ନଥିଲା । ଉଦାହରଣସ୍ୱରୂପ ସାରଳା ମହାଭାରତରେ ବର୍ଣ୍ଣିତ ଗୌତମଙ୍କଦ୍ୱାରା ଅଭିଶପ୍ତ ହୋଇ ଇନ୍ଦ୍ର ସହସ୍ରାକ୍ଷ ହେବା, ଷଟ୍‌କୃତ୍ତିକାଙ୍କ ଗର୍ଭରୁ କାର୍ତ୍ତିକେୟ ଜନ୍ମ ହେବା, କୁବେରଙ୍କ ଧାନ ଦେବା ପ୍ରଭୃତି ଉପାଖ୍ୟାନଗୁଡ଼ିକରେ ଭକ୍ତର ଅଯଥା ମିଥ୍ୟା, ସାହସିକ ମିଥ୍ୟା, କେବଳ ମିଥ୍ୟା ପାଇଁ ମିଥ୍ୟା, ପୁଣି ଅପାଟକ ମିଥ୍ୟା ନାହିଁ । ସମାଜକୁ ନୀତିଭ୍ରଷ୍ଟ କରି ନାଶ କରିବା ପାଇଁ କୌଣସି ମିଥ୍ୟା ନାହିଁ ।

Digitized by PPRACHIN, SOA

ଏସବୁଥିବରେ କର୍ମଫଳର ମହତ୍ତ୍ୱ କିପରି ବୁଝାଇ ଦିଆଯାଇଛି, ସେ ସମ୍ବନ୍ଧରେ ନୀଳକଣ୍ଠ 'ଶ୍ୱେତକଳ୍ପ' ଉପାଖ୍ୟାନଟିର କଥା କହିଛନ୍ତି - ଏ ଉପାଖ୍ୟାନଟି ଆମର ସମାଜ ଯେତେବେଳେ ବାଳୁତ ଥିଲା ସେତିକିବେଳର କଥା । କୁରୁରବା ବଂଶରେ ଶ୍ୱେତକଳ୍ପ ନାମରେ ଜଣେ ବଡ ବିଚକ୍ଷଣ ଓ ଦାନୀ ରାଜା ଥିଲେ । ସେ ସବୁ ଦାନ କରୁଥିଲେ କିନ୍ତୁ କ୍ଷୁଧାତୁରକୁ ଚିହ୍ନି ଅନ୍ନଦାନ କରୁ ନଥିଲେ । ତାଙ୍କ ମୃତ୍ୟୁ ପରେ ଯମ ତାଙ୍କୁ ନିଜ ଆସନରେ ବସାଇ ବହୁ ଧନ ଦେଲେ । ମାତ୍ର ଖାଇବାକୁ ଅନ୍ନ ଦେଲେ ନାହିଁ । ରାଜା କ୍ଷୁଧାର୍ତ୍ତ ହୋଇ ଅନ୍ନ ପାଣି ମାଗିବାରୁ 'ବିହଂତା' କହିଲେ - ''ତୁ ଅନ୍ନଦାନ କରି ନାହୁଁ, ଏଠି ପାଇବୁ କୁଆଡୁ ?'' ଏବେ ଯା' ଯେଉ ଶ୍ମଶାନରେ ତୁ ପୋଡା ହୋଇଚୁ, ସେଇଠି ପଡିଥିବା ତୋ ପିତୁଳାର ପାଉଁଶ ଓ ମାଟି ଶହେ ବରଷ କାଳ ଖାଉଥା ।'' - ଆଲୋଚକ ନୀଳକଣ୍ଠ କହନ୍ତି - ଏଠାରେ 'ଅନ୍ନ' ଅର୍ଥ ବିଷୟଭୋଗ ବା ଇନ୍ଦ୍ରିୟର ଭୋଗ । ମନୁଷ୍ୟ ପକ୍ଷରେ ଅନ୍ନଦାନ ହେଉଛି ଶ୍ରେଷ୍ଠ ଦାନ ।

ଏହିପରି ସାରଳା ମହାଭାରତରେ ଉଲ୍ଲେଖ ଥିବା ବହୁ ଉପାଖ୍ୟାନରେ କର୍ମଫଳ ଭୋଗ ସ୍ପଷ୍ଟ । ସେଥିରେ କୃଷ୍ଣ ନାହାନ୍ତି ବା ବିଷ୍ଣୁ ନାହାନ୍ତି । ବିଧାତା କେବଳ କର୍ମ ସଙ୍ଗେ କର୍ମଫଳକୁ ଯୋଡୁଥାଆନ୍ତି । ଏହି ଉପାଖ୍ୟାନଗୁଡ଼ିକ ପୌରାଣିକ ମିଥ୍ୟାରେ ଅନ୍ତର୍ଭୁକ୍ତ ଯାହା କି ମାନବ ସମାଜର ବାଲ୍ୟାବସ୍ଥାରେ ଶିକ୍ଷଣୀୟ ହୋଇପାରିଥିଲା ।

କିନ୍ତୁ ଭାକ୍ତିକ ମିଥ୍ୟା ମାନବ ସମାଜ ପାଇଁ ଶିକ୍ଷଣୀୟ ନୁହେଁ । ଏହା କେବଳ ପ୍ରଚାରମୂଳକ । ଏ ମିଥ୍ୟାରେ ପାଠକଙ୍କୁ ଭୁଲାଇବା ପାଇଁ ଅଦ୍ଭୁତ କ୍ରିୟାରେ ମନାଇବା ପାଇଁ ଅତିରୋମାଞ୍ଚନ ଘଟିଥାଏ । ଏଭଳି ଭାକ୍ତିକ ମିଥ୍ୟାକୁ ନୀଳକଣ୍ଠ କଠୋର ଭାବେ ସମାଲୋଚନା କରିଛନ୍ତି । ବୈଷ୍ଣବ ଭକ୍ତ ରାମଦାସଙ୍କ 'ଦାର୍ଢ୍ୟତାଭକ୍ତି ରସାମୃତ' ଗ୍ରନ୍ଥକୁ ଜନସାଧାରଣ ଅପୂର୍ବ ରଚନା କହି ଆଗ୍ରହର ସହ ପଢ଼ିବା ଦେଖି ସେ ଲେଖିଛନ୍ତି ''ଏ'ଦାର୍ଢ୍ୟତା' ଭକ୍ତି ପୁଣି କେତେ ସୁନ୍ଦର । ସବୁ ଦୁଷ୍କୃତ କରି ମଧ୍ୟ 'କୃଷ୍ଣ'ବୋଲି ନାମଟି ଉଚ୍ଚାରଣ କଲେ ଭକ୍ତ-ଲୋଲୁପ କୃଷ୍ଣ ଆସି ହାଜର ହୋଇଯିବେ ଓ ଯାହା ଦରକାର ତାହା ଦେବେ ଓ କରିଦେବେ । ଏଥିରେ କିଏ ନ ଭଜିବ ? ଏଇ ପଛାରେ ଚିନ୍ତା ଚଳାଇବାର ଲୋକ ବି ବହୁତ ବାହାରିଲେ । ଭକ୍ତ ସାଜି ରାମଦାସଙ୍କ 'ଧର୍ମ କଥା' ବା ରସାମୃତ ତିଆରି କରି ବାଣ୍ଟିବାରେ ଲାଗିଲେ । ଓଡିଆ ସମାଜ ଓ ସାହିତ୍ୟର ମେରୁଦଣ୍ଡରେ କ୍ରମେ ଏଇ କ୍ଷୟ ରୋଗ ବ୍ୟାପିଲା ।''

ଭକ୍ତଙ୍କ ମିଥ୍ୟା ଖୁବ୍ ଶୀଘ୍ର ଲୋକଙ୍କୁ ଜନ୍ମାନ୍ଧ କଲା ପରି କରି ଦେଇ ଲୋକରେ ପ୍ରତିଷ୍ଠା ପାଏ । ଭକ୍ତଙ୍କ ମନଗଢ଼ା ମିଥ୍ୟାରେ ଜନସମାଜ ଭ୍ରାନ୍ତିରୁ ଭ୍ରାନ୍ତି ଆଡକୁ ଅଗ୍ରସର

Digitized by PPRACHIN, SOA

ହୁଏ । ଏପରି ମୂଢ଼ ଭକ୍ତମାନଙ୍କୁ ଲକ୍ଷ୍ୟ କରି ଉପନିଷଦ୍ କହେ-

"ଅବିଦ୍ୟାୟାମନ୍ତରେ ବର୍ତ୍ତମାନାଃ
ସ୍ୱୟଂ ଧୀରାଃ ପଣ୍ଡିତଂ ମନ୍ୟମାନାଃ
ତନ୍ଦ୍ରମ୍ୟମାଣାଃ ପରିୟନ୍ତି ମୂଢ଼ା
ଅନ୍ଧେନୈବ ନୀୟମାନା ଯଥାନ୍ଧାଃ ।"

ଗୌଡ଼ୀୟ ବୈଷ୍ଣବମାନଙ୍କର କୃଷ୍ଣଙ୍କ ନାମକୀର୍ତ୍ତନ ନାମରେ ଆମ ସମାଜରେ କିପରି ଭ୍ରଷ୍ଟାଚାର ପ୍ରବେଶ କରିଥିଲା, ଗୋଟିଏ ସତ୍ୟ ଘଟଣା ମାଧ୍ୟମରେ ନୀଳକଣ୍ଠ ତାହା 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ଗ୍ରନ୍ଥରେ ଦର୍ଶାଇ ଦେଇଛନ୍ତି । ଥରେ ଗଞ୍ଜାମ ଜିଲା ଚିକିଟି ଗ୍ରାମର ଦିବାକର ପଟ୍ଟନାୟକ, ସେଇ ଗ୍ରାମର ଗୌଡ଼ୀୟ ବୈଷ୍ଣବ ହୋଇ ଗୃହତ୍ୟାଗ କରିଥିବା ରାଧାକାନ୍ତ ପାଢ଼ୀଙ୍କୁ ଖୋଜିବାକୁ ଯାଇ ବୃନ୍ଦାବନରେ ଜଣେ 'କୁଞ୍ଜବାସୀ' ବାବାଜୀଙ୍କ ପାଖରେ ରହିଲେ । ସେହି ବାବାଜୀ ଜଣକ ପ୍ରତିଦିନ ନୂଆ ମାତା ସଙ୍ଗେ ରାତ୍ରିଯାପନ କରୁଥିବାର ଦେଖି ଦିବାକର ବାବୁ ବାବାଜୀଙ୍କୁ ଏପରି ପାପ କାର୍ଯ୍ୟରେ କାହିଁକି ଲିପ୍ତ ରହିଛନ୍ତି ବୋଲି ପଚାରିବାରୁ ତାର ଉତ୍ତରରେ ବାବାଜୀ କହିଲେ "ଏ ଗୋଟାଏ କି ପାପ ? ଆପଣ 'ନାମ'ର ମହିମା ଜାଣନ୍ତି ନାହିଁ । ପାହାଡ଼ ପରି ପାପ ଜମା ହୋଇଥିବା ଜାଣିକରି ହେଉ, ଭୁଲରେ ହେଉ, ଥରେ ମାତ୍ର କୃଷ୍ଣନାମ ଉଚ୍ଚରଣ କରିଦେବ । ପାହାଡ଼ପରି ଜମା ହୋଇଥିବା ତୂଳାରେ ଗୋଟିଏ ନିଆଁ ଗୁଣ୍ଡ ବା ଝୁଲ ପଡିଲେ ଯେପରି ସେ ତୁଳା ପାହାଡଟି ପୋଡି ପାଉଁଶ ହୋଇଯାଏ ଏ ଗୋଟିଏ 'ନାମ'ରେ ସେ ପାପ ପାହାଡଟି ସେହିପରି ପୋଡି ଧ୍ୱଂସ ହୋଇଯିବ । ଆମେମାନେ ସକାଳୁ ଶୋଇବା ଯାଏ ଯାହା କରୁ ପଛକେ 'ନାମ' ନ କରି ଶୋଉ ନାହିଁ । ତେବେ ଆଉ ପାପ କଥା କହୁଛନ୍ତି କଅଣ ?" ଆମରି ଲୋକପ୍ରିୟ କବିଙ୍କ ଭାଷାରେ-

"କୃଷ୍ଣ ନାମରେ ପାପ କ୍ଷୟ ଯେତେ
କରି ନ ପାରେ ପାପୀ ପାପ ତେତେ ।"

ଭକ୍ତିଧର୍ମର ଉପାସକ ଗୌଡୀୟ ବୈଷ୍ଣବମାନଙ୍କର ଏହି 'ନାମ' ଜପକୁ ନୀଳକଣ୍ଠ ଏକ ପ୍ରକାଣ୍ଡ ଭାକ୍ତିକ ମିଥ୍ୟା ବୋଲି କହିଛନ୍ତି । ବ୍ୟାସକବି ଫକୀରମୋହନଙ୍କ ଭାଷାରେ 'ସଦାଶିବ ନୀଳକଣ୍ଠ' ଥିଲେ 'ସତତ ସନ୍ନ୍ୟାସୀ' । ଆମ ସମାଜର ମଙ୍ଗଳ ଲାଗି, ଆମ ସମାଜରୁ କୁସଂସ୍କାର ଦୂର କରିବା ଲାଗି ସେ ଆପ୍ରାଣ ଉଦ୍ୟମ

Digitized by PPRACHIN, SOA

ଚଳାଇଥିଲେ । ତେଣୁ ଭକ୍ତି ନାମରେ ବ୍ୟଭିଚାରକୁ, ଧର୍ମ ନାମରେ ଭ୍ରଷ୍ଟାଚାରକୁ ସେ ପଦେ ପଦେ ତାଚ୍ଛଲ୍ୟ କରିଛନ୍ତି ।

କେବଳ ସେତିକି ନୁହେଁ, ବିଷ୍ଣୁଙ୍କର ମତ୍ସ୍ୟ ଅବତାରରେ ମହାସମୁଦ୍ରର ସାତତାଳ ପାଣି ତଳେ ବୁଡ଼ି ଶଙ୍ଖାସୁରକୁ ମାରି ବେଦ ଉଦ୍ଧାର କରିବା, ବିଷ୍ଣୁଙ୍କ ଗୋଡ ନଖ କୋଣରୁ ଗଙ୍ଗା ବାହାରିବା, ହନୁମାନ ଗନ୍ଧମାର୍ଦ୍ଦନ ପର୍ବତ ଉପାଡି ମୁଣ୍ଡାଇ ଆଣିବା, କୃଷ୍ଣ କାଣି ଆଙ୍ଗୁଠି ଅଗରେ ଗୋବର୍ଦ୍ଧନ ପର୍ବତ ଟେକିବା ଆଦି ବହୁ ଆଖ୍ୟାୟିକାର ଅବତାରଣା କରି ସ୍ୱାଧୀନଚେତା ନୀଳକଣ୍ଠ ଓଡ଼ିଆ ସାହିତ୍ୟରେ କିପରି ଭାକ୍ତିକ ମିଥ୍ୟା ପ୍ରବେଶ କରିଛି, ତାହା ଉଲ୍ଲେଖ କରିଛନ୍ତି ।

ଭକ୍ତିମୁଖ୍ୟ ସାହିତ୍ୟ ସ୍ରଷ୍ଟାମାନଙ୍କୁ ମଧ୍ୟ କଠୋର ସମାଲୋଚନା କରିବାକୁ ସେ ଭୁଲି ନାହାନ୍ତି । ଏପରି କି ଭକ୍ତିଭାବସମ୍ପନ୍ନ ତାଙ୍କର କର୍ମଗୁରୁ ପଣ୍ଡିତ ଗୋପବନ୍ଧୁଙ୍କୁ ନିର୍ଭୀକ ଭାବେ ଆକ୍ଷେପ କରି ସେ କହିଛନ୍ତି - ''ସ୍ୱୟଂ ଗୋପବନ୍ଧୁ ଦାସ ମଧ୍ୟ 'ସତ୍ୟବାଦୀ' ବା 'ସାକ୍ଷୀଗୋପାଳଙ୍କ ଇତିହାସ' ('ସତ୍ୟବାଦୀ ପତ୍ରିକାର ୧ମ ରୁ ୩ୟ ଭାଗରେ ପ୍ରକାଶିତ) ଲେଖିବାରେ ପ୍ରମାଣ ସଂଗ୍ରହ ପାଇଁ ପୂରାପୂରି ଭକ୍ତଙ୍କ ଅତି ସାହସିକ ମିଥ୍ୟା ଉପରେ ନିର୍ଭର କରି ନିଜର ଅନ୍ୟଥା ପବିତ୍ର ସାହିତ୍ୟକୁ କୁତ୍ସିତ ଓ କଳଙ୍କିତ କରିଛନ୍ତି ।''

❑❑

Digitized by PPRACHIN, SOA

# ନୀଳକଣ୍ଠଙ୍କ ସାହିତ୍ୟରେ ସ୍ୱଦେଶିକତା

ନିଜ ଦେଶର ସର୍ବବିଧ ଉନ୍ନତିକଳ୍ପେ ବ୍ୟକ୍ତିର ପ୍ରୟାସକୁ ସ୍ୱଦେଶିକତା କୁହାଯାଏ । ତେଣୁ କୌଣସି ପ୍ରତିଷ୍ଠିତ ଲେଖକଙ୍କ ସୃଷ୍ଟିରେ ସ୍ୱଦେଶିକତା ଦର୍ଶାଇବାବେଳେ ଆମେ ତାଙ୍କ ରଚନାରେ ସ୍ୱଦେଶ ସମ୍ପର୍କିତ ଦୃଷ୍ଟିକୋଣର ବିଚାର କରିଥାଉ । ତାଙ୍କର ଏହି ଦୃଷ୍ଟିକୋଣ ଦେଶକୁ ବିଭିନ୍ନ ଦିଗରେ ଆଗେଇ ନେବା ପାଇଁ ଭିନ୍ନ ଭିନ୍ନ ଦିଗକୁ ପ୍ରସାରିତ ହୋଇଥାଏ । ସ୍ୱୀକୟ ସୃଷ୍ଟିରେ ଜାତିପ୍ରାଣ ଲେଖକ କେବେ ଦେଶର ଶିକ୍ଷାଗତ ଉନ୍ନତି ପାଇଁ ତ କେବେ ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ, କେବେ ଦେଶକୁ କୁ-ସଂସ୍କାରମୁକ୍ତ କରିବା ପାଇଁ ତ କେବେ ସ୍ୱଦେଶୀୟ ସଂସ୍କୃତିର ପ୍ରତିଷ୍ଠା ପାଇଁ ପ୍ରୟାସ କରିଥାଆନ୍ତି । ଦେଶ ଯଦି ବିଦେଶୀ ଶାସନାଧୀନ ଥାଏ ତେବେ ଦେଶବାସୀଙ୍କୁ ଜାତୀୟତାର ମନ୍ତ୍ରରେ ଉଦ୍‌ବୋଧିତ କରିବା ଜାତିପ୍ରାଣ ଲେଖକଙ୍କ ପ୍ରଧାନ କର୍ତ୍ତବ୍ୟ ହୋଇପଡ଼େ । ଦେଶର ଅତୀତ ଗୌରବ ସ୍ମୃତିଚାରଣ ମାଧ୍ୟମରେ କିମ୍ବା ଅନ୍ୟ ଦେଶର ସ୍ୱାଧୀନତା ସଂଗ୍ରାମର ଉଦାହରଣ ମାଧ୍ୟମରେ ସେ ଦେଶବାସୀଙ୍କୁ ଉଚିତ ପଥ ଦର୍ଶାଇଥାଆନ୍ତି ।

ଓଡ଼ିଆ ସାହିତ୍ୟରେ ସତ୍ୟବାଦୀଯୁଗ ହେଉଛି ଜାତୀୟ ଭାବ ଚେତନାର ଯୁଗ ଏବଂ ପଣ୍ଡିତ ନୀଳକଣ୍ଠ (ଖ୍ରୀ. ୧୮୮୪ - ଖ୍ରୀ ୧୯୬୭) ହେଉଛନ୍ତି ଏ ଯୁଗ-ଚେତନାର ମୁଖ୍ୟ ବାର୍ତ୍ତାବହ । ଏ ଯୁଗର ସମସ୍ତ ଚିନ୍ତା ଓ ଚେତନା ଆଦର୍ଶ ଓ ଅନୁଭୂତିକୁ ସାହିତ୍ୟିକ ରୂପ ଦେବାରେ ସେ ଥିଲେ ଅଧିକ ପାରଦର୍ଶୀ । ଓଡ଼ିଶାର ଶିକ୍ଷା ଓ ସଂସ୍କୃତି, ରାଜନୀତି ଓ ଧର୍ମନୀତି, ସମାଜନୀତି ଓ ଅର୍ଥନୀତିର ଉନ୍ନତିକଳ୍ପେ ଅବିରତ ଲେଖନୀ ଚାଳନା କରି ଏବଂ ଓଡ଼ିଆ ଭାଷା ଓ ସାହିତ୍ୟର ବୈଶିଷ୍ଟ୍ୟ ରକ୍ଷାକରିବା ଲାଗି ଉଦ୍ୟମ କରି ସେ ଅନନ୍ୟସାଧାରଣ ଜାତୀୟବାଦୀ ଲେଖକ ରୂପେ ପ୍ରତିଷ୍ଠା ଅର୍ଜନ କରିଛନ୍ତି ।

ସ୍ୱଜାତି, ସ୍ୱଦେଶ ଓ ସ୍ୱସମାଜର ଉନ୍ନତି କଳ୍ପେ ନୀଳକଣ୍ଠଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା । ତେଣୁ ତାଙ୍କ ଚିନ୍ତା ଓ ଚେତନାରେ, ସ୍ୱପ୍ନ ଓ କଳ୍ପନାରେ ସ୍ୱଜାତି ସ୍ୱଦେଶ ହିଁ ସର୍ବଦା ମୂର୍ତ୍ତିମନ୍ତ ଥିଲା । ସ୍ୱଦେଶର ଉନ୍ନତି ପାଇଁ କୈଶୋରାବସ୍ଥାରୁ କରିଥିବା ପ୍ରତିଜ୍ଞାକୁ ସେ ସାରାଜୀବନ ଭୁଲି ନଥିଲେ । 'ଜନ୍ମବେଳେ ଦେଶକୁ, ଯେପରି ଦେଖିଥାଇଁ ମୃତ୍ୟୁବେଳେ ତା'ଠାରୁ ଉନ୍ନତତର ଦେଖିବା' - ଏହାହିଁ ଥିଲା ତାଙ୍କର ପ୍ରତିଜ୍ଞା ।

'କଳା ପାଇଁ କଳାର ସୃଷ୍ଟି' - ଏଥିରେ ନୀଳକଣ୍ଠଙ୍କ ବିଶ୍ୱାସ ନଥିଲା । ତେଣୁ ତାଙ୍କ ଲେଖନୀ ସମାଜ ପାଇଁ, ଜାତି ପାଇଁ ଓ ଦେଶ ପାଇଁ କଳା ସୃଷ୍ଟି କରିଥିଲା ।

Digitized by PPRACHIN, SOA

କାବ୍ୟ-କବିତାରେ ହେଉ ବା ଗଦ୍ୟରଚନାରେ ହେଉ, ସର୍ବତ୍ର ସ୍ୱଦେଶର ମହତ୍ତ୍ୱ ପ୍ରତିପାଦନ କରିବା ତାଙ୍କ ସାରସ୍ୱତ-ସୃଷ୍ଟିର ମୂଳ ଉଦ୍ଦେଶ୍ୟ ଥିଲା ।

ନୀଳକଣ୍ଠଙ୍କ ଜାତୀୟଭାବ-ଚେତନା ଦ୍ୱିଧା-ବିଭକ୍ତ । କେତେବେଳେ ଉତ୍କଳୀୟମାନଙ୍କ ବୀରତ୍ୱ ଓ ଉଦାରମାନବିକତାବୋଧ ଓ କେତେବେଳେ ଭାରତୀୟ ଆର୍ଯ୍ୟ ମହାଜାତିର ଗର୍ବ ଓ ଗୌରବ ତାଙ୍କ ଚିନ୍ତାରାଶିକୁ ଉଦ୍‌ବେଳିତ କରିଛି ଏବଂ ଏହା ପ୍ରତିଫଳିତ ହୋଇଛି ତାଙ୍କ ରଚନାବଳୀରେ ।

ଓଡିଶାର ଗୌରବମୟ ଇତିହାସ, ଉତ୍କଳୀୟ ରାଜାଙ୍କ ବୀରତ୍ୱ ଓ ଦେଶପ୍ରୀତି ଏବଂ ଓଡିଆ ଜାତିର ଉଦାରଧର୍ମ ଚେତନା ସହ ଦେଶବାସୀଙ୍କୁ ପରିଚିତ କରାଇବା ଲକ୍ଷ୍ୟରେ ନୀଳକଣ୍ଠ ଲେଖିଛନ୍ତି 'କୋଣାର୍କେ' ଓ 'ଖାରବେଳ' କାବ୍ୟ । ବିଶ୍ୱ ସମାଜର ପ୍ରଗତିରେ ଓଡିଆ ବ୍ୟକ୍ତିତ୍ୱର ବିକାଶ ଦର୍ଶାଇବା ପାଇଁ ସେ "ଓଡିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥ ରଚନା କରିଛନ୍ତି । ଓଡିଆ ସଂସ୍କୃତି ତଥା ଜଗନ୍ନାଥ ସଂସ୍କୃତିର ମୌଳିକତା ପ୍ରତିପାଦନ କରି ଏହାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଲକ୍ଷ୍ୟ ନେଇ ସେ 'ବିଶ୍ୱ ସଂସ୍କୃତିକୁ ଓଡିଶାର ଦାନ' ଏବଂ 'Cult of Jagannath' ପ୍ରବନ୍ଧ ଲେଖିଛନ୍ତି ।

ପଣ୍ଡିତ ନୀଳକଣ୍ଠ ପୁଣି ଭାରତୀୟ ଆର୍ଯ୍ୟମାନଙ୍କ ସଭ୍ୟତା ସହ ପୃଥିବୀର ଅନ୍ୟାନ୍ୟ ସଭ୍ୟତାକୁ ତୁଳନାକରି ଆର୍ଯ୍ୟ ମହାଜାତିର ଜୀବନ-ଦର୍ଶନ, ଧର୍ମମତ ଓ କର୍ମ ପରମ୍ପରାର ମହତ୍ତ୍ୱ ପ୍ରତିପାଦନ ପୂର୍ବକ 'ଆର୍ଯ୍ୟଜୀବନ' ଗ୍ରନ୍ଥ ରଚନା କରିଛନ୍ତି । 'ସଂସ୍କୃତ ଓ ସଂସ୍କୃତି' ଶୀର୍ଷକ ଲିଖିତ ଭାଷଣରେ ସେ ଭାରତୀୟ ଆର୍ଯ୍ୟ ଭାଷା ଓ ସାହିତ୍ୟର ଉପଯୋଗିତା ଦର୍ଶାଇଛନ୍ତି । ବହୁ ଗବେଷଣା ସାପେକ୍ଷ 'ଗୀତା ଭାଷ୍ୟ' ଗ୍ରନ୍ଥରେ ସେ ମହାଭାରତୀୟ ଚେତନା ସହ ଉତ୍କଳୀୟ ଚେତନାର ସମନ୍ୱୟ ଘଟାଇଛନ୍ତି । 'ଗୀତା'ର ପୁରୁଷୋତ୍ତମ କୃଷ୍ଣଙ୍କଠାରେ ସେ ଜଗନ୍ନାଥଙ୍କୁ ହିଁ ଦେଖିଛନ୍ତି । ନାରାୟଣୀୟ ଭକ୍ତି ଧର୍ମ ସହ ସେ ଜଗନ୍ନାଥଙ୍କ ପୁରୁଷୋତ୍ତମ ତତ୍ତ୍ୱସମ୍ବଳିତ ଦାର୍ଶନିକ ଧର୍ମର ସମନ୍ୱୟ ସାଧନ କରିଛନ୍ତି । ସେ ପୁଣି ଗୀତାଧର୍ମରେ ଆର୍ଯ୍ୟ ପରମ୍ପରା ଲକ୍ଷ୍ୟ କରିଥିଲେ ହେଁ ତନ୍ମଧ୍ୟରେ ଓଡ଼ିଶୀ ସଂସ୍କୃତିର ଅନୁଧ୍ୟାନ କରିଛନ୍ତି ।

ଆମ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରି ଜାତୀୟସ୍ତରରେ ଏକ ସୁସ୍ଥ ବାତାବରଣ ଫେରାଇ ଆଣିବା ପାଇଁ ବ୍ୟଙ୍ଗାତ୍ମକ, ଲେଖାମାନ ପ୍ରକାଶ କରି ନୀଳକଣ୍ଠ ଓଡିଶାରେ 'ନିଶ ଆନ୍ଦୋଳନ'ର ପ୍ରବର୍ତ୍ତକ ତଥା ନିଷ୍ଠାପର ସମାଜ ସଂସ୍କାରକ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ପୁନଶ୍ଚ ସେ ଓଡିଆ ଭାଷା ଓ ବ୍ୟାକରଣର ବୈଶିଷ୍ଟ୍ୟ

Digitized by PPRACHIN, SOA

ଦର୍ଶାଇଲାବେଳେ ସେଥିରେ ଓଡ଼ିଆ ପରମ୍ପରା ଓ ଓଡ଼ିଆ ସଂସ୍କୃତିର ସ୍ୱାତନ୍ତ୍ର୍ୟକୁ ବିଚାରକୁ ଆଣି ଭାଷାସୂତ୍ରରେ ପ୍ରଦେଶଗଠନ ଧାରଣାକୁ ଦୃଢ଼ କରିଛନ୍ତି ।

ନୀଳକଣ୍ଠଙ୍କ ଜୀବନୀ ଓ ସାରସ୍ୱତ ସାଧନାକୁ ଅନୁଧ୍ୟାନ କଲେ ଜଣାଯାଏ, ସେ କେବଳ ଆମ ରାଜ୍ୟ ତଥା ଦେଶର ଜଣେ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ ରହି ଦେଶ ଓ ଜାତିର କଥା ଚିନ୍ତା କରୁ ନଥିଲେ ଅଧିକନ୍ତୁ ସେହି ଚିନ୍ତାରାଶିକୁ ବିଭିନ୍ନ ରଚନା ମାଧ୍ୟମରେ ଉପସ୍ଥାପନ କରି ପାଠକଙ୍କ ଚିତ୍ତରେ ଆଦର୍ଶ ଜାତୀୟବାଦୀ ଚିନ୍ତାଧାରା ଉଦ୍ରେକ କରି ପାରିଥିଲେ ।

## ଓଡ଼ିଆ ଜାତିର ଅତୀତ ଗୌରବବୋଧରୁ କାବ୍ୟ ସୃଷ୍ଟି -

ପ୍ରଥମ ବିଶ୍ୱଯୁଦ୍ଧର ବିଭୀଷିକାମୟ ପରିସ୍ଥିତି ମଧ୍ୟରେ ଆତ୍ମସଚେତନ କବି ନୀଳକଣ୍ଠ ଚିନ୍ତାରେ ଓ ଅନୁଭବରେ ସ୍ୱଜାତୀୟ ଜୀବନର ଯେଉଁ ପ୍ରାଚୀନ ଆଦର୍ଶବୋଧ ଆବିଷ୍କାର କରିଥିଲେ ତାହାର କାବ୍ୟିକ ପରିପ୍ରକାଶ ହେଉଛି 'କୋଣାର୍କେ' ଓ 'ଖାରବେଳ' କାବ୍ୟ । ଏ କାବ୍ୟଦ୍ୱୟରେ କବି ଓଡ଼ିଆ ଜାତି ସମ୍ମୁଖରେ ଇତିହାସ ପ୍ରସିଦ୍ଧ ଘଟଣାବଳି ଏବଂ ଜାତୀୟ ବୀରଙ୍କ କୃତିତ୍ୱ ଉପସ୍ଥାପନ କରି ଦେଶବାସୀଙ୍କୁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିଛନ୍ତି ।

ଜାତିପ୍ରାଣ କବି ନୀଳକଣ୍ଠଙ୍କ ପାଇଁ କାବ୍ୟରଚନା ଏକ ସୌଖୀନ ବିଳାସ ନଥିଲା । କବିତ୍ୱ ସହ ଶିକ୍ଷକତାର ମିଳନ ଘଟାଇ, ପରାଧୀନ ଜାତିକୁ ଆତ୍ମପ୍ରତିଷ୍ଠ କରିବା ଲକ୍ଷ୍ୟରେ ସେ 'କୋଣାର୍କେ' ଓ 'ଖାରବେଳ' କାବ୍ୟ ସୃଷ୍ଟି କରିଛନ୍ତି । ଏ କାବ୍ୟଦ୍ୱୟ ପାଠକଲେ ପାଠକର ସୀମିତ ବ୍ୟକ୍ତିଚେତନା ଜାତୀୟ ଚେତନାର ଉଦାରସ୍ତରକୁ ଉନ୍ନୀତ ହୁଏ, ଅତୀତର ଗୌରାବାବହ ଘଟଣାବଳିର ସ୍ମରଣରେ ତା'ର ଶୌର୍ଯ୍ୟ-ବୀର୍ଯ୍ୟ ଉଦ୍ଦୀପ୍ତ ହୁଏ ଏବଂ ଜାତୀୟ ଗୌରବର ପୁନରୁଦ୍ଧାର ପାଇଁ ତା'ର ସୁପ୍ତ ଶକ୍ତି ଜାଗ୍ରତ ହୁଏ । ନୀଳକଣ୍ଠଙ୍କ କାବ୍ୟ ରଚନାର ଉଦ୍ଦେଶ୍ୟ ସମ୍ପର୍କରେ ମତଦେଇ ଡକ୍ଟର ହରେକୃଷ୍ଣ ମହତାବ ଯଥାର୍ଥରେ କହିଛନ୍ତି - ''ଦାର୍ଶନିକ ନୀଳକଣ୍ଠ କବି ହେବା ପାଇଁ ମନ ବଳାଇଲେ । କାରଣ, ଓଡିଆ ସମାଜ ଆଗରେ ଅତୀତର ଇତିହାସ ପାଇଁ ଗର୍ବ ଅନୁଭବ କରିବାକୁ ଓ ପ୍ରଖ୍ୟାତନାମା ଐତିହାସିକ ପୁରୁଷମାନଙ୍କୁ ସ୍ଥାନ ଦେବାକୁ ହେବ ।''

ଓଡ଼ିଆ ଜାତିର ଗୌରବସ୍ତମ୍ଭ, ଓଡ଼ିଆ ଶିଳ୍ପ ପ୍ରତିଭାର ଅକ୍ଷୟ ପ୍ରମାଣ, ଓଡିଆ ମାନସିକ ଉନ୍ନତି ଓ ଜାତୀୟ ଗରିମାର ଉଜ୍ଜ୍ୱଳ ନିଦର୍ଶନ କୋଣାର୍କଠାରେ ଜାତୀୟବାଦୀ କବି ନୀଳକଣ୍ଠଙ୍କ ସ୍ମୃତିପଟ୍ଟରେ ସ୍ୱଦେଶର ଅତୀତ ବିଭବରାଜିର ଯେଉଁ ପ୍ରତିଫଳନ

Digitized by PPRACHIN, SOA

ଘଟିଥିଲା, ତାହାର କାବ୍ୟିକ ପରିପ୍ରକାଶ ହେଉଛି - 'କୋଣାର୍କେ' ଅର୍ଥାତ୍ କୋଣାର୍କଠାରେ କବି ସ୍ମୃତି । ଏହି ଜାତୀୟ ଇତିହାସର ସ୍ମୃତିପୀଠରେ ଭାବ-ବିହ୍ୱଳ ହୋଇ କବି ଲେଖିଛନ୍ତି-

''ଐତିହାସିକ ଭୂମି ଏ ଏଥି ବାଳକକୁଳ
ଇତିହାସ ସ୍ମୃତି-ପୁଲକେ ଲଭେ ହେବେ ବିହ୍ୱଳ ।''

(ରାମଚଣ୍ଡୀଠାରେ ରାତି - ୧୩୦-୩୧ ପଙ୍କ୍ତି)

ସେହିପରି କଳିଙ୍ଗର ଚନ୍ଦ୍ରବଂଶୀ ରାଜା ତଥା ରାଜଚକ୍ରବର୍ତ୍ତୀ ସମ୍ରାଟ ଖାରବେଳଙ୍କ ରାଜତ୍ୱର ଗୌରବାବହ ଇତିହାସକୁ କବି ହାତୀଗୁମ୍ଫା ଶିଳାଲେଖାରୁ ଉଦ୍ଧାର କରି 'ଖାରବେଳ' କାବ୍ୟ ରୂପରେ ପାଠକଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି ।

କାବ୍ୟନାୟକ ଖାରବେଳ ଓ ନରସିଂହ ଉଭୟ ଜାତୀୟ ପୁରୁଷ । ଖାରବେଳଙ୍କ ବିଜୟ-ବୈଜୟନ୍ତୀ ଦକ୍ଷିଣରେ କୃଷ୍ଣାନଦୀ, ଦକ୍ଷିଣ-ପଶ୍ଚିମରେ ବିନ୍ଧ୍ୟ ପାର୍ବତ୍ୟାଞ୍ଚଳ, ଉତ୍ତରରେ ମଧ୍ୟଭାରତ, ଉତ୍ତର-ପୂର୍ବରେ ମଗଧ ସାମ୍ରାଜ୍ୟ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା । ମଗଧ ସମ୍ରାଟ ଦିଗ୍‌ବିଜୟୀ ଅଶୋକ ଖ୍ରୀ.ପୂ. ୨୬୧ରେ କଳିଙ୍ଗ ଆକ୍ରମଣ କରିବା ଫଳରେ କଳିଙ୍ଗବାସୀ ଯେଉଁ ଜାତୀୟ ଅପମାନର ଶିକାର ହୋଇଥିଲେ କଳିଙ୍ଗ ସମ୍ରାଟ ଖାରବେଳ ଖ୍ରୀ.ପୂ. ୧୪୭ରେ ମୌର୍ଯ୍ୟବଂଶୀ ବୃହସ୍ପତିମିତ୍ରଙ୍କୁ ପରାସ୍ତ କରିବା ପୂର୍ବକ ମଗଧ ରାଜ୍ୟକୁ ପଦାନତ କରି ଓଡ଼ିଆମାନଙ୍କ ସେହି ଅପମାନର ଉପଯୁକ୍ତ ପ୍ରତିଶୋଧ ନେଇ ଆମ ଜାତୀୟ ମର୍ଯ୍ୟାଦାକୁ ପୁନଃ ପ୍ରତିଷ୍ଠିତ କଲେ । ବୃଦ୍ଧ ଗ୍ରାମପତିଙ୍କ ମୁଖରେ ଖାରବେଳଙ୍କ ବୀର ଜନୋଚିତ ଗୁଣାବଳି ବର୍ଣ୍ଣନାକରି ପଣ୍ଡିତ ନୀଳକଣ୍ଠ ପରାଧୀନ ଦେଶବାସୀଙ୍କ ଚିତ୍ତରେ ନୂତନ ବଳ, ସାହସ ଓ ଉଦ୍ଦୀପନା ସୃଷ୍ଟି କରିବା ପାଇଁ ସମର୍ଥ ହୋଇଛନ୍ତି । କଳିଙ୍ଗ ବୀର ଖାରବେଳ ଯେ ସାମାନ୍ୟ ଯୁବକ ନଥିଲେ ତାହାର ପ୍ରମାଣ ନିମ୍ନୋକ୍ତ ପଙ୍କ୍ତିଗୁଡ଼ିକରୁ ମିଳେ-

''ଖାରବେଳେ ମୁହିଁ କହି ଅଛି କଥା,
ବିଜୟେ ତା'ର ମୁଁ କଳିଛି କ୍ଷମତା,
ଗଣିଛି ତୁରଙ୍ଗେ ତା କଦମ୍ୱ ପାଦ
କଉଶଳେ ତା'ରେ ରଚିଛି ମୁଁ ବାଦ ।
ଅନୁଭବେ ତା'ର ଜାଣେ ବାହୁବଳ
ଆଖେଟେ ବୁଝିଛି ରଣ କଉଶଳ

Digitized by PPRACHIN, SOA

ବିଶ୍ୱାସେ ଦେଖୁଛି ଚିହ୍ନିବାର ଜନ
ଗରବେ କହିଛି ତୁଙ୍ଗ ସଭାଜନ
ନ ମଣ ତାହାରେ ସାମାନ୍ୟ ଯୁବା । (ଖାରବେଳ-୫ମ ଛାନ୍ଦ)

ତୃତୀୟ ଅନଙ୍ଗଭୀମ ଦେବଙ୍କ ପୁତ୍ର ପ୍ରଥମ ନରସିଂହଦେବଙ୍କ ସମୟରେ ଗଙ୍ଗବଂଶର ଗୌରବ ଚରମ ସୀମାରେ ଉପନୀତ ହୋଇଥିଲା । ତେଣୁ 'କୋଣାର୍କେ' କାବ୍ୟରେ ପଣ୍ଡିତ ନୀଳକଣ୍ଠ ତାଙ୍କୁ 'ଗଙ୍ଗବଂଶର ତପନ' ଭାବେ ଅଭିହତ କରିଛନ୍ତି-

''ନରସିଂହ ଦେବେ ଦେଖିବ ଗଙ୍ଗବଂଶ-ତପନ''
(ରାମଚଣ୍ଡୀଠାରେ ରାତି)

କିମ୍ବା -

''ନରସିଂହ ପୁଣି ତପନ-ବିଭବ
ମହତ-ଅନଙ୍ଗ-ନୃପତି-ସୁତ
ପାଇଛନ୍ତି ରାଏ ପାଟରାଣୀ ତୁଲେ
ବାହୁକାଳ ପାଳି ତପନ ବ୍ରତ ।''
(ମାୟାଦେବୀ ୨ୟ ସର୍ଗ)

ତେଣୁ 'କୋଣାର୍କେ' କାବ୍ୟର ନାୟକ ପାଇଁ କବିଦୃଷ୍ଟିରେ ଜ୍ଞାନୀ, ବିଜୟୀ, କାମକ୍ରୋଧହୀନ ନରସିଂହ ହିଁ ଥିଲେ ଉପଯୁକ୍ତ ବ୍ୟକ୍ତି । ତାଙ୍କ ବୀରତ୍ୱର ପ୍ରଭାବରେ ସାମନ୍ତମାନେ ତାଙ୍କର ମିତ୍ର ହୋଇଥିଲେ ଏବଂ ଦସ୍ୟୁମାନେ ଉତ୍କଳଭୂମି ପରିତ୍ୟାଗ କରିଥିଲେ । ଓଡ଼ିଶା ଇତିହାସରେ ନରସିଂହଙ୍କ ରାଜତ୍ୱ କାଳକୁ 'ସୁବର୍ଣ୍ଣ ଯୁଗ' ଭାବେ ସ୍ୱୀକୃତି ମିଳିଛି । ତାଙ୍କର ଆଦର୍ଶ ରାଜଧର୍ମ ବର୍ଣ୍ଣନା କରି ପଣ୍ଡିତ ନୀଳକଣ୍ଠ ପାଠକମାନଙ୍କ ହୃଦୟରେ ନୈତିକ ଜ୍ଞାନ ସଂଚାର କରିଛନ୍ତି -

ରାଜତ୍ୱ ନୁହଇଁ ବିଳାସ ଜଗତେ
ସିଂହାସନେ ନାହିଁ ତଳପ ସୁଖ
ଆଖେଟ ନୁହଇ ଆମିଷ-ବ୍ୟସନ
ସାମନ୍ତ ନୁହଁନ୍ତି ଚାକର-ଲୋକ
କର ଦେଇ ପ୍ରଜା ବରନ୍ତି ରାଜନେ

Digitized by PPRACHIN, SOA

ଆମରଣ-କର୍ମ-ଜାଗର-ତପେ

ପ୍ରକୃତି-ରଞ୍ଜନ ରାଜନ-ବିଭୂତି

ଆଦେଶଟି ମହାବନ୍ଧନ ନୃପେ ।

(ମାୟାଦେବୀ - ୩ୟ ସର୍ଗ)

'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି' ଏହି ଚେତନା-ଉଦ୍‌ବୁଦ୍ଧ କବି ନୀଳକଣ୍ଠ ସ୍ୱକୀୟ କାବ୍ୟର ବିଭିନ୍ନ ସ୍ଥଳରେ ଦେଶମାତୃକାର ଯଶଗାନ କରିଛନ୍ତି । 'କୋଣାର୍କେ' କାବ୍ୟରେ କାଶ୍ମୀର ରାଜକୁମାରଙ୍କ ମୁଖରେ ଉତ୍କଳର ମହତ୍ତ୍ୱ ବର୍ଣ୍ଣନା କରି ସେ ଲେଖିଛନ୍ତି -

ମହତ ସେ ଦେଶ ପୁଣ୍ୟ ଦେବ ଭୂମି

ଶୁଣିଛି ମୁଁ ନରେ ଦେବତା ତହିଁ

ତାରକା ପାନ୍ତିଟି ସୁରଲୋକେ ସୁର

ସେ ପୁଣ୍ୟ ଧରଣୀ ଥାଆନ୍ତି ଚାହିଁ ।

(ମାୟାଦେବୀ - ୧ମ ସର୍ଗ)

ବିଦ୍ୟା ଓ ବିଭବରେ ପ୍ରାଚୀନ ଉତ୍କଳ କିପରି ପରିପୂର୍ଣ୍ଣ ଥିଲା ତାହା କବି 'କୋଣାର୍କେ' କାବ୍ୟରେ ଭାଟମୁଖରେ ପ୍ରକାଶ କରିଛନ୍ତି ।

"ଦେବ-ଭୂମି ଏହି ଉତ୍କଳ-ଭୁବନ

ବିଷ୍ଣୁକଳା ଘେନି ରାଜନ ଥିଲେ

କମଳା-ବିଳାସେ ହସୁଥିଲା ଦେଶ

ବନ୍ଦୀ-ସରସ୍ୱତୀ ବିପିନ ବିଲେ । (ପ୍ରାନ୍ତଭାଷଣ - ମାୟାଦେବୀ)

ନୀଳକଣ୍ଠଙ୍କ ଯୁକ୍ତିରେ ଜନନୀ ଜନ୍ମଭୂମିର ସେବା କରିବା ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ । ପରାଧୀନତା ଓ ପରାଜୟର ଚରମ ପତନ ମୁହୂର୍ତ୍ତରେ ମଧ୍ୟ ମାନବ ଜନ୍ମଭୂମି ପରିତ୍ୟାଗ କରିବା ଉଚିତ ନୁହେଁ । ନରକ ଯନ୍ତ୍ରଣା ସତ୍ତ୍ୱେ ସ୍ୱଦେଶରେ ବାସକରିବା ମନୁଷ୍ୟ ପାଇଁ ଗୌରବର ବିଷୟ । 'କୋଣାର୍କେ' କାବ୍ୟର ପ୍ରତିନାୟକ ବ୍ୟାଘ୍ରନରପତିଙ୍କ ସାମନ୍ତଦାୟାଦ ଟଙ୍କ ହୃଦୟରେ ମଧ କବି ଏଭଳି ଜାତୀୟ ଚେତନା ସୃଷ୍ଟି କରିଛନ୍ତି । ତେଣୁ ସେ ଜନ୍ମଭୂମିକୁ ସମ୍ବୋଧନ କରି କହିଛନ୍ତି -

Digitized by PPRACHIN, SOA

ଜନନୀ ଜନନୀ ବୋଲୁଥିଲି ତୋତେ
ରଖି ନ ପାରିଲି ଗରିମା ତବ
x x x x
ତୋତେ ଛାଡି କେଉଁ ସ୍ୱରଗେ ରହିବି
ଅନନ୍ତ-ବିରହ-ଅନଳେ ଜଳି ?
ନାହିଁ କି ନରକ ଏ ବନେ କୁମାର
ଦିଅ ମୋତେ ସେହି ନରକେ ପେଲି ।

(ମାୟାଦେବୀ - ୩ୟ ସର୍ଗ)

## ନୀଳକଣ୍ଠଙ୍କ କାବ୍ୟରେ ଜାତି-ଇତିହାସ

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ-

"ଜାତି ଇତିହାସ ଜାତିର ନିର୍ଝର
ତହିଁ ବହେ ସଦା ଜାତି ପ୍ରାଣ ଧାର,
ସେ ଧାରରୁ ନୀର ପିଉଛି ଯେ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର ।"

ଏହି ଉକ୍ତିକୁ ନୀଳକଣ୍ଠ ମର୍ମେ ମର୍ମେ ଅନୁଭବ କରିଥିଲେ ଏବଂ ଏଥିରୁ ପ୍ରେରଣା ଲାଭ କରି ସେ ତାଙ୍କ କାବ୍ୟଦ୍ୱୟକୁ ଇତିହାସ ସମ୍ବଳିତ କରିଥିଲେ । ସତ୍ୟବାଦୀର ଛାତ୍ରଗଣଙ୍କୁ ଜାତି-କର୍ମବୀର କରି ଗଢ଼ିତୋଳିବା ଲକ୍ଷ୍ୟରେ କବି ସେମାନଙ୍କ ସ୍ୱପ୍ନ ମାଧମରେ ପୁରାଣ ଯୁଗରୁ ଆରମ୍ଭ କରି ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ସମୟ ପର୍ଯ୍ୟନ୍ତ ବହୁ ଜାତୀୟ ଗର୍ବ ଗୌରବର କଥା ଉପସ୍ଥାପନ କରିଛନ୍ତି । କବିଙ୍କ ଭାଷାରେ- "ଅଭିନୟ ପରି ଦେଖିବ ସବୁ ତରଳ ନିଦେ
ପୁଲକ-ବିସ୍ମୟ-ଚମକେ କେତେ ରସ ଉଦ୍ଧାଦେ ।"

(ରାମଚଣ୍ଡୀଠାରେ ରାତି)

'ଖାରବେଳ' କାବ୍ୟରେ ବିଷୟ ନିର୍ବାଚନ ପ୍ରସଙ୍ଗରେ କବି ମାନବର ଆତ୍ମ-ପ୍ରସାରଣରେ ଇତିହାସର ଅବଦାନ ସୂଚାଇ ଲେଖିଛନ୍ତି-

"ବ୍ୟାପକ ମହାକାଳ-କାୟା ଅନନ୍ତ ପ୍ରସରେ
ଇତିହାସ ମାନଦଣ୍ଡେ ଶୋହେ ।"

Digitized by PPRACHIN, SOA

ତାଙ୍କ ଯୁକ୍ତିରେ ଅତୀତର ପରଂପରା ଅନୁଯାୟୀ ବର୍ତ୍ତମାନ୍‌କୁ ନିୟନ୍ତ୍ରଣ କରି ଭବିଷ୍ୟତର ପଥ ଉନ୍ମୋଚନ କରିବା ପାଇଁ ମନୁଷ୍ୟ ଇତିହାସର ଆଶ୍ରୟ ଲୋଡ଼େ । କବିଙ୍କ ଭାଷାରେ - 'ପରମ୍ପରା ଗଣି ନର ଆତ୍ମ ପ୍ରସାରଣେ କରଦୀପେ ପଢ଼େ ଇତିହାସ''

ଏହି ଉକ୍ତିରୁ ଜଣାଯାଏ, ଓଡ଼ିଆ ଜାତିର ଆତ୍ମ-ପ୍ରସାରଣ ଘଟାଇବା ଉଦ୍ଦେଶ୍ୟରେ ଜାତୀୟବାଦୀ କବି ନୀଳକଣ୍ଠ ଓଡ଼ିଶା ଇତିହାସର ଗୌରବମୟ ଅଧ୍ୟାୟମାନଙ୍କୁ ସ୍ୱରଚିତ କାବ୍ୟଦ୍ୱୟରେ ରୂପାୟିତ କରିଛନ୍ତି । ଏ ଦୁଇକାବ୍ୟରେ କବି ଅତୀତ ଓଡିଶାର ବାଣିଜ୍ୟ-ବିଭବ, ଅନିନ୍ଦ୍ୟ ଶିଳ୍ପ-ଚାତୁରୀ, ନରପତିଙ୍କ ଔଦାର୍ଯ୍ୟ, ସୈନିକଙ୍କ ବୀର୍ଯ୍ୟଶାଳିତା, ଅବଳାଙ୍କ ସବଳ ମନୋବୃତ୍ତି, ଓଡିଆଙ୍କ ଅତିଥି ସେବା, ଉଦାର ଧର୍ମଚେତନା ଆଦି ଗୌରବମୟ ପରମ୍ପରାକୁ ସ୍ମରଣ କରି ଓଡିଶାବାସୀଙ୍କୁ ଜାତିପ୍ରୀତି ଓ ଦେଶାତ୍ମବୋଧର ମହାପ୍ଲାବନରେ ଭାସିଯିବା ପାଇଁ ଅନୁପ୍ରାଣିତ କରିଛନ୍ତି ।

**ବିଶ୍ୱସମାଜର ପ୍ରଗତିରେ ଓଡ଼ିଆ ବ୍ୟକ୍ତିତ୍ୱର ବିକାଶ ଦର୍ଶାଇବା 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥର ଉଦ୍ଦେଶ୍ୟ-**

ପଣ୍ଡିତ ନୀଳକଣ୍ଠ ସାହିତ୍ୟକୁ-ସମାଜ ବିକାଶର ପ୍ରକାଶସୂଚୀ ରୂପେ ଗ୍ରହଣ କରି 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ଗ୍ରନ୍ଥରେ ବିଶ୍ୱସମାଜ ପ୍ରଗତିରେ ଓଡ଼ିଆ ବ୍ୟକ୍ତିତ୍ୱର ବିକାଶ ଦର୍ଶାଇବା ପାଇଁ ଉଦ୍ୟମ କରିଛନ୍ତି । ତାଙ୍କ ଯୁକ୍ତିରେ ଅନ୍ୟ ସହ ବ୍ୟବହାରାଦିରେ ମାନବର ଇତି ବା ଗତି ଯହିଁରେ ପ୍ରକାଶ ପାଏ ତାହା ହେଉଛି ସାହିତ୍ୟ, ତେଣୁ 'ଓଡ଼ିଆ ସାହିତ୍ୟର କ୍ରମବିକାଶ'ରେ ସେ କେବଳ କେତେଗୁଡିଏ ସାହିତ୍ୟ-ସୃଷ୍ଟିର କ୍ରମସୂଚୀ ଦର୍ଶାଇ ନାହାନ୍ତି, ଏହି ସୃଷ୍ଟି ମଧ୍ୟରେ ଆଦିମ କାଳରୁ ଓଡିଆର ବ୍ୟକ୍ତିତ୍ୱ ଓ ପ୍ରାଣ କିଭଳି ପ୍ରସ୍ଫୁଟିତ ହୋଇ ଆସିଛି ତାହାର ଅନୁସନ୍ଧାନ କରିଛନ୍ତି । ସାହିତ୍ୟରେ, ସମାଜର ଯେଉଁ ବ୍ୟକ୍ତିତ୍ୱଟି ପ୍ରକାଶ ପାଏ ତାହାକୁ ଆଲୋଚକ 'ବିଦ୍ୟା' ଆଖ୍ୟା ଦେଇଛନ୍ତି ଏବଂ ସେହି ବିଦ୍ୟାରେ ସମାଜର ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି ଲକ୍ଷ୍ୟ କରିଛନ୍ତି । ଓଡ଼ିଆ ସମାଜର ବିକାଶ ଦର୍ଶାଇବା ପାଇଁ ସେ ଓଡ଼ିଆ ସଭ୍ୟତାର ସମନ୍ୱୟଧର୍ମିତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ତାଙ୍କ ମତରେ, ଉତ୍କଳ, ଓଡ଼ ଓ କଳିଙ୍ଗ ସଭ୍ୟତା ଆଦାନ ପ୍ରଦାନ ଫଳରେ ଏକୀଭୂତ ହୋଇ ଗୋଟିଏ ସଭ୍ୟତାରେ ପରିଣତ ହେବାରୁ ଓଡ଼ିଆ ସଭ୍ୟତା ଓ ସାହିତ୍ୟର ମୂଳଭିତ୍ତି ସ୍ଥାପିତ ହୋଇଥିଲା । (ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଭାଗ - ପୃ. ୧୨ ଦ୍ରଷ୍ଟବ୍ୟ ।)

Digitized by PPRACHIN, SOA

ଓଡ଼ିଆ ସମାଜ, ଓଡ଼ିଆ ସଭ୍ୟତା ଓ ଓଡ଼ିଆ ସଂସ୍କୃତିର ବୈଶିଷ୍ୟ ଓ ସ୍ୱାତନ୍ତ୍ର୍ୟ ଦର୍ଶାଇବାରେ ହିଁ ନୀଳକଣ୍ଠଙ୍କ ସ୍ୱଦେଶିକତା ପ୍ରକଟିତ । ସେ କହନ୍ତି, ସମସ୍ତ ସଂସ୍କୃତିକୁ ଆତ୍ମସ୍ଥ କରି ନିଜ ଭାବରେ ଦୃଢ଼ ରହିବାରେ ହିଁ ଓଡ଼ିଆ ସଂସ୍କୃତିର ବୈଶିଷ୍ୟ ନିହିତ । ଏ ସଂସ୍କୃତି ଅନ୍ୟ ସଂସ୍କୃତିକୁ ଫିଙ୍ଗି ଦେଇ ନାହିଁ ବରଂ ରାଧାକୃଷ୍ଣଙ୍କୁ ନିତ୍ୟ ଯୁଗଳ ରୂପ ଦେଇ ପୁରୁଷୋତ୍ତମ ଜଗନ୍ନାଥଙ୍କ ସାର୍ବଜନୀନତାରେ ସମାଧାନ କରିଛି । ଓଡ଼ିଆଙ୍କ ଆରାଧ ଦେବତା ଜଗନ୍ନାଥ ହୋଇଛନ୍ତି ବିଶ୍ୱ ମୈତ୍ରୀର ପ୍ରତୀକ ପୁରୁଷୋତ୍ତମ । ଓଡ଼ିଆ ସଂସ୍କୃତିର ମୈତ୍ରୀଧର୍ମୀ ଚଳଣି, ଚାହାଣି ତଥା ପରମ୍ପରା ଓ ପରିସ୍ଥିତି ଉପରେ ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠିତ କରିବା ପାଇଁ ନୀଳକଣ୍ଠ ଉଦ୍ୟମ କରିଛନ୍ତି । ସାହିତ୍ୟକୁ ସଂସ୍କୃତିର ଏକ ଅବିଚ୍ଛିନ୍ନ ଅଂଶ ରୂପେ ଗ୍ରହଣ କରି ଜାତୀୟ ସଂସ୍କୃତିର ପରିବର୍ତ୍ତନ ସଙ୍ଗେ ସେ ସାହିତ୍ୟର ଯେଉଁ ବିବର୍ତ୍ତନ ଦର୍ଶାଇଛନ୍ତି ସେଥିରୁ ତାଙ୍କ ଦୂରଦୃଷ୍ଟିର ପରିଚୟ ମିଳେ, ତାଙ୍କ ଭାଷାରେ - "ଓଡ଼ିଆ ସାହିତ୍ୟର ପ୍ରକୃତି ଓ ପ୍ରକାଶ ଜଗତରେ ଅତୁଳନୀୟ । ଓଡ଼ିଆର ଏ ବଳିଷ୍ଠତା ଓ ସାହିତ୍ୟ ବିଭବ ସତ୍ତ୍ୱେ ଦ୍ୱୈତବାଦୀ ଭକ୍ତର ମତାନ୍ଧତା ନାହିଁ, ଅଦ୍ୱୈତବାଦୀର ଅହଂକାର ନାହିଁ, କାହାକୁ ଘୃଣା କରିବାର ନାଇ, ନିଜର ବଡେଇ କରିବାର ନାହିଁ ।" (ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଭାଗ - ପୃ. ୧୦୯)

ଜାତୀୟ ସାହିତ୍ୟରେ ଜାତୀୟ ଜୀବନର ବିକାଶଧାରା ଅନୁସନ୍ଧାନ କରି ନୀଳକଣ୍ଠ ଓଡ଼ିଆ ସାହିତ୍ୟର ସମାଲୋଚନା କ୍ଷେତ୍ରରେ ଯେଉଁ ଚମକ ସୃଷ୍ଟି କରିଛନ୍ତି ତାହା ତାଙ୍କ ସାହିତ୍ୟିକ ମନୀଷା ଓ ପ୍ରତିଭାର ପରିଚାୟକ ହୋଇଛି ।

### ଓଡ଼ିଶୀ ସଂସ୍କୃତିର ଅଭ୍ୟୁତ୍ଥାନ ପାଇଁ ନୀଳକଣ୍ଠଙ୍କ ଉଦ୍ୟମ

ନୀଳକଣ୍ଠଙ୍କ ରଚନାର ଛତ୍ରେଛତ୍ରେ ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଚଳଣି ଯେପରି ମୂର୍ତ୍ତିବନ୍ତ ହୋଇଛି ତାହା ଅନ୍ୟ କୌଣସି ଓଡ଼ିଆ ସାହିତ୍ୟିକଙ୍କ କୃତିରେ ସମ୍ଭବ ହୋଇନାହିଁ, ତେଣୁ କବି ସଚ୍ଚିଦାନନ୍ଦ ରାଉତରାୟ ତାଙ୍କୁ ଉତ୍କଳୀୟ ସାଂସ୍କୃତିକ ଅଭ୍ୟୁତ୍‌ଥାନର ଶ୍ରେଷ୍ଠ ନାୟକ ଭାବେ ସମ୍ମାନ ଦେଇ ଲେଖିଛନ୍ତି -"ଓଡ଼ିଶା ତାଙ୍କ ନିକଟରେ ଖାଲି ଏକ ଭୌଗୋଳିକ ସତ୍ତା ନୁହେଁ ତାହା ଏକ ସଂସ୍କୃତି, ଏକ ବିଶେଷ ଜୀବନ ଭଙ୍ଗୀ ଓ ବିଶେଷ ଜୀବନଦର୍ଶନର ସାର୍ବଭୌମ ରୂପମାତ୍ର । ସେ ଓଡିଶାକୁ ଧିକ୍‌କାର କରିନ୍ତି, କଠୋର ଭାଷାରେ ସମାଲୋଚନା କରନ୍ତି, କିନ୍ତୁ ପରକ୍ଷଣରେ ପୁଣି ଏକ ଅତୃପ୍ତ ଆଲିଙ୍ଗନରେ କୁଣ୍ଢାଇ ଧରନ୍ତି ।" (ବାଙ୍ମୟ ପୁରୁଷ ନୀଳକଣ୍ଠ - ପ୍ରଜାତନ୍ତ୍ର ୧୫/୧୧/୬୭)

Digitized by PPRACHIN, SOA

ବିଶ୍ୱ ଦରବାରରେ ଓଡ଼ିଶୀ ଧର୍ମ ଓ ସଂସ୍କୃତିକୁ ପ୍ରାଧାନ୍ୟ ଦେବା ପାଇଁ ନୀଳକଣ୍ଠ ଯତ୍‌ପରୋନାସ୍ତି ଚେଷ୍ଟା କରିଛନ୍ତି । ବିଶ୍ୱସଂସ୍କୃତିକୁ ଓଡ଼ିଆ ସଂସ୍କୃତିର ଅବଦାନ ଦର୍ଶାଇବା ପ୍ରସଙ୍ଗରେ ସେ ବହୁ ବିଷୟ ଉପସ୍ଥାପନା କରିଛନ୍ତି । ଫରାସୀ ଯୋଗସିଦ୍ଧ ପଣ୍ଡିତ ସିଲ୍‌ଭାନ ଲେଭି କିପିର ଆଫଗାନସ୍ଥାନରୁ ଆସି ଓଡିଶାର ପୁଷ୍ପଗିରି ବିହାରରେ ଯୋଗ ଶିକ୍ଷା କରିଥିଲେ, ଓଡିଶାର ଦେଉଳତୋଳା ରୀତି କିପରି ମୟୂରଭଞ୍ଜର ଖିଚିଙ୍ଗଠାରୁ ବିଶାଖାପାଟଣାର ସିଂହାଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା, ବହିର୍ବାଣିଜ୍ୟ ମାଧ୍ୟମରେ ଓଡିଆ ଶିଳ୍ପକଳା କିପରି ସୁଦୂର ଆମେରିକା ପର୍ଯ୍ୟନ୍ତ ବିସ୍ତୃତ ଥିଲା, ଓଡିଶାର କାଳେସୀ ଲାଗିବା କଥାଟି କିପରି ବିଶ୍ୱର ବିଭିନ୍ନ ଅଞ୍ଚଳକୁ ପ୍ରସାରିତ ହୋଇଥିଲା, ବୌଦ୍ଧ ଓ ଜୈନଧର୍ମରେ ନିର୍ବାଣ ସାଧନାର ବିକାଶ ଘଟିବା ପୂର୍ବରୁ ଓଡିଶା କିପରି ସେଇ ସାଧନାର ପ୍ରସିଦ୍ଧ କ୍ଷେତ୍ର ଥିଲା ସେ ସବୁ ତାଙ୍କ ଆଲୋଚନାର ଅନ୍ତର୍ଭୁକ୍ତ ହୋଇଛି ।

ନୀଳକଣ୍ଠ କେବଳ ବିଶ୍ୱଦରବାରରେ ଓଡ଼ିଆ ସଂସ୍କୃତିକୁ ପ୍ରତିଷ୍ଠା ଦେଇନାହାନ୍ତି, ଭାରତୀୟ ସଂସ୍କୃତିରେ ମଧ୍ୟ ଏହାର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । ତାଙ୍କ ରଚିତ "ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ" (ଝଙ୍କାର - ୧୦ମ ଭାଗ ୨ୟ ସଂଖ୍ୟାରେ ପ୍ରକାଶିତ) ପ୍ରବନ୍ଧଟି ଏହାର ଉଦାହରଣ ।

**ଜଗନ୍ନାଥ ସଂସ୍କୃତିର ପ୍ରଖ୍ୟାପକ - ନୀଳକଣ୍ଠ**

ଶ୍ରୀ ଜଗନ୍ନାଥଙ୍କ ସହ ଓଡ଼ିଶାବାସୀଙ୍କର ତଥା ଓଡ଼ିଶା ରାଜ୍ୟର ଯେଉଁ ଘନିଷ୍ଠ ସମ୍ପର୍କ ରହିଛି ଅନ୍ୟ କୌଣସି ରାଜ୍ୟର କୌଣସି ଦେବତାଙ୍କ ସହ ସେପରି ନାହିଁ । ଓଡ଼ିଶାର ସଂସ୍କୃତି କହିଲେ ଆମେ ଜଗନ୍ନାଥ ସଂସ୍କୃତିକୁ ବୁଝିଥାଉ ।

ଜଗନ୍ନାଥ ସଂସ୍କୃତିକୁ ଚିହ୍ନି ଚିହ୍ନାଇବାରେ ପଣ୍ଡିତ ନୀଳକଣ୍ଠ ହେଉଛନ୍ତି ଅପ୍ରତିଦ୍ୱନ୍ଦ୍ୱୀ ଗବେଷକ । ତାଙ୍କର ସମସ୍ତ ଧର୍ମ, ଦର୍ଶନ, ସଂସ୍କୃତି ବିଷୟକ ପ୍ରବନ୍ଧରେ ସେ ଜଗନ୍ନାଥ ଧର୍ମ, ଜଗନ୍ନାଥ ଦର୍ଶନ ଓ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । 'The Cult of Jagannath' ଏବଂ "Hints on the Significance and History of Jagannath" ଇଂରାଜୀ ଭାଷାରେ ଲିଖିତ ଏହି ପ୍ରବନ୍ଧ ଦ୍ୱୟରେ ନୀଳକଣ୍ଠ ଜଗନ୍ନାଥଙ୍କୁ ଏକ ଜୈନ ଅନୁଷ୍ଠାନ ରୂପେ ଗ୍ରହଣ କରିଥିଲେ ହେଁ ଗୀତା ଭାଷ୍ୟରେ ତାଙ୍କୁ ଏକ ମହାସମନ୍ୱୟର ବିଗ୍ରହ ରୂପେ ଗ୍ରହଣ କରି ପୃଥିବୀରେ ସନାତନ ସତ୍ୟର ପ୍ରତିଷ୍ଠା ଦିଗରେ କଳିଙ୍ଗର ଶବର ସଂସ୍କୃତି ତଥା ଜଗନ୍ନାଥ ସଂସ୍କୃତିର ଅବଦାନ କଥା ଦର୍ଶାଇଛନ୍ତି । ଜଗନ୍ନାଥ ଧର୍ମର ପରମ୍ପରା, ଐତିହ୍ୟ ଓ ପୁରୁଷ-ଧାରଣା ମାନବର ଚିନ୍ତାରାଜ୍ୟରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଅଧ୍ୟାୟ ବୋଲି ସେ ଦୃଢ଼ ମତ ଉପସ୍ଥାପନ କରିଛନ୍ତି ।

Digitized by PPRACHIN, SOA

ନୀଳକଣ୍ଠଙ୍କ ସାହିତ୍ୟରେ ମହାଭାରତୀୟ ଚେତନା

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପରି ନୀଳକଣ୍ଠ ମଧ ଓଡିଶାର ସ୍ୱାର୍ଥକୁ ଭାରତୀୟ ସ୍ୱାର୍ଥଠାରୁ ଭିନ୍ନ ବୋଲି ଭାବୁ ନଥିଲେ । ଉତ୍କଳ ସତ୍ୟବାଦୀ ଗୋଷ୍ଠୀଙ୍କ କର୍ମଭୂମି ଥିଲେ ହେଁ ଭାରତର ମଙ୍ଗଳ ହିଁ ସେମାନଙ୍କର ଚରମ ଲକ୍ଷ୍ୟ ଥିଲା । ଭାରତର ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ପଣ୍ଡିତ ଗୋପବନ୍ଧୁ ଦେଶବାସୀଙ୍କୁ ଉଦ୍‌ବୋଧନ ଶୁଣାଇଥିଲେ -

''ଦେଶର ସ୍ୱରାଜ ପଥେ ଯେତେ ଗାଡ଼
ପୂରୁ ପଡ଼ି ତହିଁ ମୋର ମାଂସ ହାଡ଼
ସ୍ୱାଧନତା-ପଥେ ତିଳେ ହେଲେ ନର
ମୋ ଜୀବନ ଦାନେ ହେଉ ଅଗ୍ରସର ।''

ସେହିପରି ପାଠକମାନଙ୍କ ହୃଦୟରେ ଭାରତୀୟ ମହାଜାତିର ମର୍ଯ୍ୟାଦାବୋଧ ଜାଗ୍ରତ କରାଇବା ପାଇଁ ପଣ୍ଡିତ ନୀଳକଣ୍ଠ 'ସତ୍ୟବାଦୀ' ପତ୍ରିକାରେ ଦୀର୍ଘ ପ୍ରବନ୍ଧ 'ଆର୍ଯ୍ୟ ଜୀବନ' ପ୍ରକାଶ କରିଥିଲେ, ଯାହାକି ଖ୍ରୀ. ୧୯୨୧ରେ 'ଆର୍ଯ୍ୟ ଜୀବନ' ...ନ୍ଥରେ ସଂକଳିତ ହୋଇଥିଲା । ଏ ଗ୍ରନ୍ଥରେ ଲେଖକ 'ଆର୍ଯ୍ୟ' ଶବ୍ଦକୁ ଭାରତୀୟଙ୍କ ...ଙ୍କ ଜାତୀୟ ସଂଜ୍ଞା ରୂପେ ଗ୍ରହଣ କରିଛନ୍ତି । ତାଙ୍କ ଯୁକ୍ତିରେ ଭାରତୀୟଙ୍କଠାରେ ଯେଉଁ ସନାତନ ଆର୍ଯ୍ୟଦର୍ଶନ ରହିଛି, ତାହା ଆଉ କୌଣସି ଦେଶର ଲୋକଙ୍କଠାରେ ନାହିଁ ।

ଭାରତୀୟ ଜାତୀୟତାକୁ ଜୀବନ୍ତ ରଖିବାରେ ବେଦର ଅବଦାନକୁ ସ୍ୱୀକାର କରି ନୀଳକଣ୍ଠ କହନ୍ତି - ''ରକ୍ତ, ମାଂସ, ପିଣ୍ଡ ବା ଅପରିବର୍ତ୍ତିତ ଭୂମି ଖଣ୍ଡରେ ଜାତୀୟତା ରହେ ନାହିଁ, ଜାତୀୟତା ରହେ ଭାବରେ, ଜାତୀୟ ଜୀବନର ମୌଳିକତା ଓ ଶକ୍ତିରେ । ଜାତୀୟ ଜୀବନର ସ୍ୱାଭାବିକ କ୍ରମ ବିକାଶରେ ଯେଉଁ ଭାବ ଯେତେବେଳେ ଜାତିର ସଂପତ୍ତି ହୋଇଥିଲା ତାହା ହିଁ ସେତେବେଳେ ବେଦ ଭାବେ ସରଳ ଋଷିକଣ୍ଠରୁ ନିର୍ଗତ ହୋଇଥିଲା ।'' ଆର୍ଯ୍ୟମାନେ କିପରି ବିଧାତା ନିର୍ଦ୍ଦିଷ୍ଟ କର୍ମ କରିବାରେ ଧର୍ମାଚରଣ କରୁଥିଲେ, ଆଧ୍ୟାତ୍ମିକତାକୁ କିପରି ନିଜ ଜୀବନର ମୂଳାଧାର ରୂପେ ଗ୍ରହଣ କରିଥିଲେ, ନିଷ୍କାମ କର୍ମ ସାଧନାରେ କିପରି ଆତ୍ମ ପ୍ରସାର ଘଟାଇଥିଲେ ଏବଂ 'ସୋଽହଂ' ଭାବରେ ଉଦ୍‌ବୁଦ୍ଧ ହୋଇ କିଭଳି ନିଜର ଆଦର୍ଶ ଅତୁଟ ରଖିଥିଲେ ସେସବୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପ୍ରାବନ୍ଧିକ ନୀଳକଣ୍ଠ ଜାତି-ପ୍ରାଣର ଅନୁସନ୍ଧାନ

Digitized by PPRACHIN, SOA

ପାଇଁ ପାଠକଗଣଙ୍କୁ ଅନୁପ୍ରାଣିତ କରିବା ସଙ୍ଗେ ସଙ୍ଗେ ନିଜ ପାଣ୍ଡିତ୍ୟ ଓ ମନୀଷା ବଳରେ 'ଆର୍ଯ୍ୟଜୀବନ' ଗ୍ରନ୍ଥକୁ ଏକ କ୍ଲାସିକ୍ ସାହିତ୍ୟର ସ୍ତରକୁ ଉନ୍ନୀତ କରିଛନ୍ତି । ଏ ଗ୍ରନ୍ଥଟି ନୀଳକଣ୍ଠଙ୍କ ମହାଭାରତୀୟ ଚେତନାର ଯଥାର୍ଥ ପରିଚାୟକ ହୋଇପାରିଛି ।

**'ଗୀତାଭାଷ୍ୟ'ରେ ଆର୍ଯ୍ୟଚେତନା**

'ଭଗବଦ୍‌ଗୀତା'ର ଭାଷ୍ୟ ରଚନା ସମୟରେ ଆଲୋଚକ ନୀଳକଣ୍ଠ ବିଭିନ୍ନ ପ୍ରସଙ୍ଗରେ ଆର୍ଯ୍ୟଧର୍ମର ରୀତି, ନୀତି, ପରମ୍ପରା ତଥା ଏହାର ସାରବତ୍ତା ଦର୍ଶାଇଛନ୍ତି । ଆର୍ଯ୍ୟନୀତି ସମ୍ପର୍କରେ ସେ କହନ୍ତି - ''ବିଶ୍ୱ ଧର୍ମରେ ନିଜକୁ ମିଶାଇ କର୍ତ୍ତବ୍ୟ କରିବାରେ ଲାଗିଲେ ଦୃଷ୍ଟି ନିଜ ଭିତରୁ ସହଜରେ ବାହାରକୁ ଯାଏ ନାହିଁ । ଏହା ହିଁ ଆର୍ଯ୍ୟନୀତି ।'' (ଗୀତା ପ୍ରବେଶ - ପୃ-୧୭୫) ସେ ପୁଣି କହନ୍ତି - ''ସ୍ୱଜନ ମୋହ ଯୋଗୁ କର୍ତ୍ତବ୍ୟ ସଂଶୟ ବା ଧର୍ମ ସଙ୍କଟ ଉପସ୍ଥିତ ହୁଏ । ଏହା ଅନାର୍ଯ୍ୟ ଜୁଷ୍ଟ ବା ଅନାର୍ଯ୍ୟରୀତି ।'' (ଗୀତା ପ୍ରବେଶ - ପୃ ୧୫୫) ତାଙ୍କ ଯୁକ୍ତିରେ ଆର୍ଯ୍ୟ ଧର୍ମର ଆଦର୍ଶ ହେଉଛି, ଫଳାଶାହୀନ ନିଷ୍କାମ କର୍ମ ସାଧନ ବା ସ୍ୱଧର୍ମ ସାଧନ । ଆର୍ଯ୍ୟ ପରମ୍ପରା ସମ୍ପର୍କରେ ସେ କହନ୍ତି - ''ମାନବ ପ୍ରକୃତିର ଦୁର୍ଦ୍ଦମନୀୟ ଭୋଗ ସ୍ପୃହାଜନିତ ପ୍ରତିକ୍ରିୟାର ପ୍ରଭାବରୁ ଧର୍ମକୁ ରକ୍ଷା କରିବା ହେଉଛି ଆର୍ଯ୍ୟଧର୍ମର ପରମ୍ପରା ।'' (ଗୀତା ପ୍ରବେଶ ପୃ-୧୮୭)

ଆତ୍ମ ବିକାଶର ଏକ ମହାପ୍ରବାହ ରୂପେ ନୀଳକଣ୍ଠ ଆର୍ଯ୍ୟଧର୍ମକୁ ଗ୍ରହଣ କରିଛନ୍ତି । ଏହି ଆତ୍ମବିକାଶର କର୍ତ୍ତବ୍ୟ ପରମ୍ପରା ବିଶ୍ୱ ବିକାଶର ନିୟମରେ ପରିଚାଳିତ । ଏହି ନିୟମ ଅନୁସାରେ ସମସ୍ତେ କର୍ତ୍ତବ୍ୟ କରନ୍ତି, କିନ୍ତୁ ନିଜ ପାଇଁ ନୁହେଁ ସମାଜର ମଙ୍ଗଳ ପାଇଁ । ଭାରତବର୍ଷର ମୋକ୍ଷ ଲାଭ ପାଇଁ ଯେଉଁ ଚାରିଗୋଟି ମାର୍ଗ- କର୍ମ, ଜ୍ଞାନ, ଧ୍ୟାନ, ଭକ୍ତି ପ୍ରଚଳିତ ଥିଲା ତାହାର ସମନ୍ୱୟ କିପରି 'ଗୀତା'ରେ ଘଟିଛି ସେଥିପ୍ରତି ଆଲୋଚକ ସତର୍କ ଦୃଷ୍ଟି ଦେଇଛନ୍ତି ।

'ଗୀତା'ର ପୁରୁଷୋତ୍ତମଙ୍କଠାରେ ଜଗନ୍ନାଥତ୍ୱ ଆରୋପ କରି ନୀଳକଣ୍ଠ ଭାରତୀୟ ସଂସ୍କୃତି ଓ ଉତ୍କଳୀୟ ସଂସ୍କୃତି ମଧ୍ୟରେ ଯେଉଁଳି ସମନ୍ୱୟ ସାଧନ କରିଛନ୍ତି ତାହା ତାଙ୍କ ଉଦାର ସ୍ୱଦେଶିକତାର ପରିଚାୟକ । ସେ କହନ୍ତି, ଗୀତା ସମୟକୁ ବେଦ ବା ତତ୍ତ୍ୱ ଦର୍ଶନର ପୁରୁଷୋତ୍ତମ ଜଗତ ଜନଙ୍କ ହିତ ପାଇଁ ଲୋକରେ ଉପାସ୍ୟଦେବ ରୂପେ ପ୍ରତିଷ୍ଠିତ ହୋଇସାରିଥିଲେ । ଏହି ଲୋକ ଉପାସ୍ୟ ପୁରୁଷୋତ୍ତମ ହେଉଛନ୍ତି ଓଡ଼ିଶାର ଜଗନ୍ନାଥ । ତେଣୁ ଜଗନ୍ନାଥଙ୍କ କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର ରୂପେ ସର୍ବଜନବିଦିତ ।

Digitized by PPRACHIN, SOA

## ଜାତୀୟ ଶିକ୍ଷାନୀତିର ନିୟନ୍ତ୍ରଣରେ ନୀଳକଣ୍ଠଙ୍କ ଭୂମିକା

ଶିକ୍ଷା ହିଁ ଜାତୀୟ ଜୀବନର ସମସ୍ତ ପ୍ରଗତିର ମୂଳାଧାର । ଦେଶରେ ଜାତୀୟବୋଧ, ସ୍ୱଦେଶୀ ଭାବନା ଏବଂ ସ୍ୱାଧୀନତାର ପିପାସା ଜାଗ୍ରତ କରିବା ପାଇଁ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥାର ଅପରିହାର୍ଯ୍ୟତା ଉପଲବ୍‌ଧି କରି ସତ୍ୟବାଦୀ ଗୋଷ୍ଠୀ ସତ୍ୟବାଦୀ ବନ ବିଦ୍ୟାଳୟରେ ବହୁମୁଖୀ ଶିକ୍ଷାର ପ୍ରଚଳନ କରିଥିଲେ । ଅଧ୍ୟୟନ ଓ ଅଧ୍ୟାପନାକୁ ଜୀବନର ବ୍ରତ ରୂପେ ଗ୍ରହଣ କରି ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀ ବନ ବିଦ୍ୟାଳୟର ଆଦର୍ଶ ଅଧକ୍ଷ ତଥା ସଦ୍‌ଗୁରୁ ହେବାର ଗୁରୁ ଦାୟିତ୍ୱ ବହନ କରିଥିଲେ । ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସମ୍ପର୍କରେ ବିଭିନ୍ନ ସଭାସମିତିରେ ଭାଷଣ ଦେଇ ଏବଂ ପତ୍ର ପତ୍ରିକାରେ ପ୍ରବନ୍ଧମାନ ଲେଖି ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ଶ୍ରୋତା ଓ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପନ କରି ସେ ଆମ ରାଜ୍ୟରେ ଲୋକ ଶିକ୍ଷାର ପ୍ରସାର ଘଟାଇବାରେ ଉଦ୍ୟମ କରିଥିଲେ । 'ଶିକ୍ଷା କଅଣ', 'ଚରିତ୍ରଂ ହିଁ ପରଂବଳଂ', 'ପ୍ରାଥମିକ ଶିକ୍ଷା ଓ ଶିକ୍ଷକ', 'ଶିକ୍ଷାର ଭବିଷ୍ୟତ', 'Ideal & outlook of Education', 'Control of Education' ଆଦି ପ୍ରବନ୍ଧ ଏହାର ଉଦାହରଣ ।

ଶିକ୍ଷାନୀତିର ନିୟନ୍ତ୍ରଣ ପ୍ରାକ୍ ସ୍ୱାଧୀନତା କାଳରେ ଏକ ଜାତୀୟ ସମସ୍ୟା ରୂପେ ଦେଖା ଦେଇଥିଲା । ଏହି ସମସ୍ୟାର ସମାଧାନ ପାଇଁ ନୀଳକଣ୍ଠଙ୍କ ମନ୍ତବ୍ୟ ଥିଲା- ''ରାଜନୀତିକ ଆନ୍ଦୋଳନ ଫଳରେ ଆମେ ସ୍ୱାଧୀନତା ଫେରି ପାଇପାରୁ । କିନ୍ତୁ ଶିକ୍ଷାନୀତି ପ୍ରଶସ୍ତ ମାନବିକ ଚେତନା ଦ୍ୱାରା ପରିଚାଳିତ ନହେଲେ ଶିକ୍ଷାକ୍ଷେତ୍ରରେ ସ୍ୱାଧୀନତା ଆସିବ ନାହିଁ; ଶିକ୍ଷାର ମନୁଷ୍ୟ ଗଢ଼ିବା ଉଦ୍ଦେଶ୍ୟ ଫଳପ୍ରଦ ହେବ ନାହିଁ ।

('Control of Education' ପ୍ରବନ୍ଧ ଦ୍ରଷ୍ଟବ୍ୟ)

ଖ୍ରୀ: ୧୯୩୦ ଡିସେମ୍ବର ୨୯ ତାରିଖରେ ବନାରସଠାରେ ଅନୁଷ୍ଠିତ ଏସିଆ ମହାଦେଶୀୟ ଶିକ୍ଷା ସମ୍ମିଳନୀରେ "The Ideal and out look of Education" ଶୀର୍ଷକ ପ୍ରବନ୍ଧ ପାଠ କରି ନୀଳକଣ୍ଠ ପାଶ୍ଚାତ୍ୟ ଶିକ୍ଷାନୀତିର ପ୍ରଭାବରେ ଭାରତରେ ଶିକ୍ଷାର ଆଦର୍ଶ ଓ ଆଭିମୁଖ୍ୟ ନିର୍ଣ୍ଣିତ ହେଉଥିବାରୁ କ୍ଷୋଭ ପ୍ରକାଶ କରି କହିଛନ୍ତି- ଜାତୀୟ ଶିକ୍ଷାନୀତି ରାଷ୍ଟ୍ରର ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ପ୍ରାଚ୍ୟଜୀବନର ମୌଳିକ ଦୃଷ୍ଟିକୋଣକୁ ଉପେକ୍ଷା କରାଯାଇ ନପାରେ । ତାହାହେଲେ ଆମର ଶିକ୍ଷାଗତ ସ୍ୱାଧୀନତା ଲୋପ ପାଇଯିବ ।

ନୀଳକଣ୍ଠ ଶିକ୍ଷାକୁ ଜାତୀୟତାର ମୂଳମନ୍ତ୍ର ରୂପେ ଗ୍ରହଣ କରିଛନ୍ତି । କାରଣ ଶିକ୍ଷା ମନୁଷ୍ୟକୁ ତିଆରି କରେ ଏବଂ ସଂସ୍କାର କର୍ମର ଉପଯୋଗୀ କରେ । ଶିକ୍ଷାବଳରେ

Digitized by PPRACHIN, SOA

ସମଗ୍ର ପୃଥିବୀରେ ଭାରତର ପ୍ରତିଷ୍ଠା ଅକ୍ଷୁଣ୍ଣ ରଖିବା ପାଇଁ ଆହ୍ୱାନ ଜଣାଇ ସେ ଲେଖିଛନ୍ତି - "ପୃଥିବୀକୁ ଦେଖାଇବାକୁ ହେବ, ଭାରତର ପରମ୍ପରା ଅଛି, ନିଜତ୍ୱ ଓ ବ୍ୟକ୍ତିତ୍ୱ ଅଛି - ପୃଥିବୀକୁ ଦେବାର ଅଛି । ଭାରତର ଜାତୀୟତାରେ ଅନ୍ୟ ଦେଶର ଜାତୀୟତାକୁ ପ୍ରଭାବିତ କରିବାର ଉପାଦାନ ଏବଂ ସଙ୍ଗେ ସଙ୍ଗେ ଅନ୍ୟଠାରୁ ଯଥୋପଯୁକ୍ତ ଭାବରେ ଗ୍ରହଣ କରିବାର ଜୀବନୀଶକ୍ତି ମଧ୍ୟ ଭାରତର ଅଛି ।" (ଶିକ୍ଷାର ଭବିଷ୍ୟତ - ସତ୍ୟବାଦୀ - ୫/୮-୯ ସଂଖ୍ୟା)

ଜାତୀୟ କୁସଂସ୍କାର ଦୂର କରିବା ଦିଗରେ ନୀଳକଣ୍ଠଙ୍କ ପ୍ରୟାସ

ମନୁଷ୍ୟ ଯେତିକି ପରିମାଣରେ ସତ୍ୟର ସନ୍ଧାନୀ ହୁଏ ସେତିକି ପରିମାଣରେ ସେ ସଂସ୍କାରପ୍ରିୟ ହୋଇଥାଏ । ସତ୍ୟବାଦୀ ଗୋଷ୍ଠୀ ଥିଲେ ସତ୍ୟର ପୂଜାରୀ, ସତ୍ୟର ଆଲୋକପ୍ରାପ୍ତ ହୋଇ ସେମାନେ ସଂସ୍କାରକୁ ଦେଶ ତଥା ଜାତିର ସର୍ବବିଧ ଉନ୍ନତିର ପ୍ରଧାନ ଉପାଦାନ ରୂପେ ଗ୍ରହଣ କରିଥିଲେ । ପଣ୍ଡିତ ନୀଳକଣ୍ଠ ସଂସ୍କାରର ସଂଜ୍ଞା ନିରୂପଣ କରି ଯଥାର୍ଥରେ କହିଛନ୍ତି - "ସଂସ୍କାର ହେଉଛି, ପ୍ରଗତି, ପରମ୍ପରାର ଲକ୍ଷଣ, ଚିହ୍ନ ବା ଛାପ । x x x ସଭ୍ୟତା ବା ସମାଜର ପ୍ରଗତିରେ ଏଇ ସଂସ୍କାର ପ୍ରକାଶ ପାଏ । ତେଣୁ ଏଇ ସଂସ୍କାରରେ ହିଁ ସଭ୍ୟତା ମପାଯାଏ ।" (କୁ-ସଂସ୍କାର କଅଣ ? ଆଲୋଚନା - ନବଭାରତ)

ସତ୍ୟବାଦୀ ଯୁଗର ବିପ୍ଳବୀ ପକ୍ଷୀ ସଂସ୍କାରକ ରୂପେ ନୀଳକଣ୍ଠ ସାରା ଓଡିଶାରେ ପରିଚିତ । ତାଙ୍କ ଯୁକ୍ତିପ୍ରବଣ ମନ ଆମ ସମାଜରେ ପ୍ରଚଳିତ ଅହେତୁକ ବିଶ୍ୱାସ ଓ ରକ୍ଷଣଶୀଳ ମନୋବୃତ୍ତିକୁ ସମସ୍ତ ଜାତୀୟ ଉନ୍ନତିର ଅନ୍ତରାୟ ମନେ କରିଥିଲା । ତେଣୁ ତାଙ୍କର ଏହି ମନୋଭାବକୁ ରୂପ ଦେଇ ତାଙ୍କ ଲେଖନୀରୁ ସ୍ୱତଃ ଝରି ଆସିଥିଲା- "ଅଛୁଁ ଓ ହେବୁ', 'ମୋ ନିଶ', 'ନିଶ', 'ସାମାଜିକ କୁସଂସ୍କାର', 'ତନ୍ତ୍ରୋପାସନା ସମ୍ପର୍କରେ ଦୁଇ ଏକ କଥା' ଆଦି ପ୍ରବନ୍ଧ ଏବଂ 'ଶ୍ରୀପଞ୍ଚମୀ', 'ବକ କର୍କଟ କଥା' କବିତାଦ୍ୱୟ ।

କାରଣ ନଥିବା ଜାତୀୟ କୁସଂସ୍କାରକୁ ନୀଳକଣ୍ଠ ଧିକ୍କାର କରିଛନ୍ତି । 'ମୋ ନିଶ' ଓ 'ନିଶ' ପ୍ରବନ୍ଧରେ ସେ ବ୍ରାହ୍ମଣ ସମାଜର ଜାତିଆଣ ପ୍ରଥା, ରକ୍ଷଣଶୀଳତା, ବିଚାରହୀନତା ଓ ଅହେତୁକ ସ୍ଥିତିଶୀଳତାର ପ୍ରତ୍ୟକ୍ଷ ନିନ୍ଦା କରିବାରୁ ଓଡ଼ିଶାର ସମାଜ ଜୀବନରେ ଘୋର ପ୍ରତିକ୍ରିୟା ସୃଷ୍ଟି ହେଲା । ସାମାଜିକ ରକ୍ଷଣଶୀଳ ପ୍ରଥାକୁ ଲଂଘନ କରି ସେ ପୁଣି ଦାଢ଼ି କାଟି ନିଶ ରଖିବା ଫଳରେ ବ୍ରାହ୍ମଣ ସମାଜରେ ଯେଉଁ ଚହଳ ପଡ଼ିଥିଲା ତାକୁ 'ନିଶ ଆନ୍ଦୋଳନ' ଆଖ୍ୟା ଦିଆଯାଇଥିଲା ।

Digitized by PPRACHIN, SOA

ନୀଳକଣ୍ଠଙ୍କ ସଂସ୍କାର ଚେତନା କେବଳ ଓଡିଶାର ସାମାଜିକ ଚଳଣି ମଧ୍ୟରେ ସୀମିତ ନଥିଲା । ଓଡ଼ିଆ ଭାଷା, ବ୍ୟାକରଣ, ଛନ୍ଦ ଓ ଲିପି - ସବୁ କ୍ଷେତ୍ରରେ ସେ ଚାହିଁଥିଲେ ପରିବର୍ତ୍ତନ । ଉଦାହରଣ ସ୍ୱରୂପ ଭାଷାକୁ ବ୍ୟାକରଣ ବନ୍ଧନରେ ବାନ୍ଧି ତା'ର ଗତିରୋଧ କରିବା ବିରୁଦ୍ଧରେ ପ୍ରତିବାଦ କରିବା ସଙ୍ଗେ ସଙ୍ଗେ ପ୍ରାଚୀନ ବ୍ୟାକରଣ ଛାଞ୍ଚରେ ଓଡିଆ ଭାଷାକୁ ପକାଇବାର ଶିକ୍ଷାବିତ୍‌ଙ୍କ ପ୍ରୟାସ ବିରୁଦ୍ଧରେ ସ୍ୱର ଉଠାଇ ସେ ଲେଖିଛନ୍ତି - ''ଅତି ଶୀଘ୍ର ଏହାର ପରିବର୍ତ୍ତନ ହେବା ଉଚିତ । ମାତ୍ର ଶଙ୍କାର କଥା, ଏ ପରିବର୍ତ୍ତନକୁ ଧାରଣାରେ ଆଣିବା ଭଳି ଓଡ଼ିଆ ପଣ୍ଡିତ ଓଡିଶାରେ ବେଶି ନାହାନ୍ତି ।'' (ଭାଷାରେ ବ୍ୟାକରଣ - ଆଲୋଚନା-ନବଭାରତ - ୨ୟ ବର୍ଷ ୧୦ମ ସଂଖ୍ୟା)

ଓଡ଼ିଆ ଲିପି ସଂସ୍କାର ଦିଗରେ ମଧ୍ୟ ନୀଳକଣ୍ଠଙ୍କ ଉଦ୍ୟମ ପ୍ରଶଂସନୀୟ । ମୁଦ୍ରଣକୁ ସହଜ ଓ ସୁଗମ କରିବା ଉଦ୍ଦେଶ୍ୟରେ ସେ ଯୁକ୍ତାକ୍ଷରରେ ବର୍ଗର ପଞ୍ଚମ ବର୍ଣ୍ଣ ସ୍ଥାନରେ ଅନୁସ୍ୱାରର ପ୍ରୟୋଗ, ରେଫ୍ ପରେ ଦ୍ୱିତ୍ୱ ବର୍ଣ୍ଣର ପରିହାରର ଉଦ୍ୟମ କରିଥିଲେ । ସେ ପୁଣି ଶ, ଷ ଓ ସ ସ୍ଥାନରେ କେବଳ 'ସ', ଯ-ଜ ସ୍ଥାନରେ କେବଳ 'ଜ'ର ବ୍ୟବହାର କରି ଉଚ୍ଚାରଣ ପଦ୍ଧତି ଓ ଲିଖନ ପଦ୍ଧତି ମଧ୍ୟରେ ସମନ୍ୱୟ ଆଣିବା ପାଇଁ ଚାହିଁଥିଲେ ।

**ରାଜନୀତି ସମ୍ପର୍କୀୟ ଲେଖାରେ ନୀଳକଣ୍ଠଙ୍କ ଜାତୀୟ ଚେତନା**

ଜାତୀୟ ଜୀବନ ନିର୍ବାହରେ ରାଜନୀତି ଏକ ମୁଖ୍ୟସ୍ଥାନ ଅଧିକାର କରେ । ଖ୍ରୀ. ୧୯୨୧ରେ ଅସହଯୋଗ ଆନ୍ଦୋଳନ ହେବାଠାରୁ ଖ୍ରୀ ୧୯୬୧ରେ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଦୀର୍ଘ ଚାଳିଶ ବର୍ଷକାଳ ପଣ୍ଡିତ ନୀଳକଣ୍ଠ ଓଡ଼ିଶା ତଥା ଭାରତର ରାଜନୀତି ସହ ଓତପ୍ରୋତ ଭାବେ ଜଡିତ ଥାଇ ଜାତି ତଥା ଦେଶର ବିକାଶ ଦିଗରେ ଯେଉଁ ଦିଗ୍‌ଦର୍ଶନ ଦେଇଥିଲେ ତାହା ତାଙ୍କ ରଚିତ 'କଂଗ୍ରେସର ଇତିହାସ' 'ଜମିଦାରୀ ଓ ଜମିଦାର', ଭାରତର ନୂଆ ଶାସନ ଓ ପ୍ରାଦେଶିକ ସ୍ୱାଧୀନତା, ସାମ୍ୟବାଦଭୌତିକ ଓ ଆତ୍ମିକ, 'ସାମ୍ୟ ଓ ମୈତ୍ରୀ', 'ଅହିଂସା ଓ ସମାଜନୀତି' ଆଦି ପ୍ରବନ୍ଧରେ ପ୍ରକାଶ ପାଇଛି ।

'ସାମ୍ୟ ଓ ମୈତ୍ରୀ' ପ୍ରବନ୍ଧରେ ସେ କହିବାକୁ ଚାହିଁଛନ୍ତି ଯେ ସାମ୍ୟବାଦର ଭୌତିକ ବିକାଶରେ ଦେଶର ପ୍ରଗତି ନୁହେଁ । ଆଧ୍ୟାତ୍ମିକ ସାମ୍ୟବାଦ ବା ମୈତ୍ରୀ ବଳରେ ହିଁ ଆତ୍ମାର ପୂର୍ଣ୍ଣ ଓ ସ୍ପଷ୍ଟ ଅଭିବ୍ୟକ୍ତି ଘଟି ଦେଶର ବିକାଶ ସମ୍ଭବ ହୁଏ । ('ସମାଜ'-୩୨ତମ ଶ୍ରାଦ୍ଧ ସଂଖ୍ୟା - ପୃ ୨ ଦ୍ରଷ୍ଟବ୍ୟ) ଅହିଂସା ବିନା ଦେଶରେ ସାମାଜିକ ବିକାଶ

Digitized by PPRACHIN, SOA

ଅସମ୍ଭବ - ଏହା ଦର୍ଶାଇ ନୀଳକଣ୍ଠ ଲେଖିଛନ୍ତି - ''ହିଂସା ହିଁ ଏକପ୍ରକାର ଜୀବଧର୍ମ । ଏହାର ସଂଯମ ସମାଜର ଏକମାତ୍ର କର୍ମ କହିଲେ ଚଳେ । ମୁଁ ଜବରଦସ୍ତ ଆଉ କାହାର ନେବି ନାହିଁ । ଏହା ହିଁ ଅହିଂସା । ଏ ଅହିଂସା ବିନା ସମାଜ ଅସମ୍ଭବ ।'' (ଅହିଂସା ଓ ସମାଜନୀତି - ନବଭାରତ - ୭ମ ବର୍ଷ/୨ୟ ସଂଖ୍ୟା ପୃ-୧୪୫)

ଖ୍ରୀ. ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେବାର ଅବସରରେ 'ନବଭାରତ'ର ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରି ପଣ୍ଡିତ ନୀଳକଣ୍ଠ 'ଆମେ ସ୍ୱାଧୀନ ଆମେ ମୁକ୍ତ' ପ୍ରବନ୍ଧରେ ଦେଶବାସୀଙ୍କୁ ଭବିଷ୍ୟତର କର୍ତ୍ତବ୍ୟବୋଧ ସମ୍ପର୍କରେ ଜାଗ୍ରତ କରିବା ପାଇଁ ବିଶ୍ୱ ସଂସ୍କୃତିରେ ଭାରତର ବିଶେଷତ୍ୱ, ଜଗନ୍ନାଥଧର୍ମର ସାମ୍ୟମନ୍ତ୍ର, ଓଡିଆ ପରମ୍ପରାରେ ଗଣତନ୍ତ୍ରର ଚେତନା, ଉତ୍କଳୀୟ ନାରୀ ସମ୍ରାଟମାନଙ୍କ ରାଜନୀତି କୁଶଳତା, ଭାରତର ଜାତୀୟ ସଂଗ୍ରାମରେ ମହାବିପ୍ଳବୀ ନେତା ଚନ୍ଦନ ହଜୁରୀଙ୍କ ଅବଦାନ ଆଦି ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି ।

ରାଷ୍ଟ୍ରନୀତିକୁ ନିୟନ୍ତ୍ରଣ କରିବା ଦିଗରେ ନୀଳକଣ୍ଠଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଏବଂ ମନ୍ତବ୍ୟ ଓଡିଶା ସରକାରଙ୍କ ଦ୍ୱାରା *Speeches & Remarks of Pandit Nilakantha Das"* ଗ୍ରନ୍ଥରେ ସଂଗୃହୀତ ହୋଇଛି । ତନ୍ମଧ୍ୟରୁ ଖ୍ରୀ. ୧୯୩୧ ମସିହା ନଭେମ୍ବର ୨୮ ତାରିଖରେ ଓଡିଆ ଭାଷାଭାଷୀ ପ୍ରଦେଶର ସୀମା ନିର୍ଦ୍ଧାରଣ ଲାଗି O' Donnell Committeeକୁ ସେ ଯେଉଁ ସ୍ମାରକପତ୍ର ଦେଇଥିଲେ ତାହା ଉଲ୍ଲେଖଯୋଗ୍ୟ । ଏହି ସ୍ମାରକ ଲିପିର ବକ୍ତବ୍ୟ ପର୍ଯ୍ୟାୟରେ ଓଡିଶା ପ୍ରଦେଶ ଗଠନ ସପକ୍ଷରେ ବଳିଷ୍ଠ ଯୁକ୍ତି ଦର୍ଶାଇବା ପାଇଁ ଓଡିଶାର ଭୌଗୋଳିକ ସ୍ଥିତି ଓ ବ୍ୟାପ୍ତି, ଓଡିଶାର ଶିଳ୍ପ, ସଂସ୍କୃତି, ଭାସ୍କର୍ଯ୍ୟ, ଓଡିଆ ରାଜାଙ୍କ ବୀରତ୍ୱ, ଓଡିଆ ଭାଷା ଓ ସାହିତ୍ୟର ବିକାଶ, ବିଚ୍ଛିନ୍ନ ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଓଡିଆ ଜାତିର୍ ଆନ୍ଦୋଳନ ଆଦି ବିଷୟରେ ଯେଉଁ ବିସ୍ତୃତ ବିବରଣୀ ଦେଇଥିଲେ ସେଥିରୁ ତାଙ୍କ ସ୍ୱଦେଶିକତାର ଯଥାର୍ଥ ପରିଚୟ ମିଳେ ।

**ନୀଳକଣ୍ଠଙ୍କ ଯୁକ୍ତିରେ ଭାଷା ଓ ସାହିତ୍ୟ ହିଁ ଜାତୀୟତାର ଭିତ୍ତିଭୂମି**

'ଜାତୀୟତା ଭିତ୍ତିଭୂମି' (ସତ୍ୟବାଦୀ - ୫ମ ବର୍ଷ / ୮-୯ମ ସଂଖ୍ୟାରେ ପ୍ରକାଶିତ ପ୍ରବନ୍ଧ) ପ୍ରବନ୍ଧରେ ନୀଳକଣ୍ଠ ଜାତୀୟଭାବକୁ ଜାତୀୟତାର ପ୍ରାଣ ରୂପେ ଅଭିହିତ କରି ଜନସାଧାରଣଙ୍କଠାରେ ଜାତୀୟ ଭାବ ଜାଗ୍ରତ କରିବା ଲାଗି ଜାତୀୟ ଭାଷା ଓ ସାହିତ୍ୟ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ତାଙ୍କ ଯୁକ୍ତିରେ ଲୋକ ସାଧାରଣ ଯେତେ ଅଧିକ ପରିମାଣରେ ଜାତୀୟଭାବ ହୃଦୟଙ୍ଗମ କରିବେ, ନିଜର

Digitized by PPRACHIN, SOA

ଅଭାବ ଆବଶ୍ୟକତା ଅନୁଭବ କରିବାକୁ ସମର୍ଥ ହେବେ ସେତିକି ଜାତୀୟତାର ଭିତ୍ତିଭୂମି ସୁଦୃଢ଼ ହେବ ଏବଂ ଏହା କେବଳ ଜାତୀୟଭାଷା ଓ ସାହିତ୍ୟ ଦ୍ୱାରା ସମ୍ଭବପର ହୋଇପାରିବ । ଜାତୀୟବୋଧ ଅବ୍ୟାହତ ରଖିବା ପାଇଁ ଯେକୌଣସି ବିଶିଷ୍ଟ ଭୂମିଖଣ୍ଡରେ ଏକ ସାହିତ୍ୟ ଓ ଏକ ଭାଷା ପ୍ରଚଳନ ସପକ୍ଷରେ ସେ ଯୁକ୍ତି ବାଢ଼ିଛନ୍ତି ।

**ନୀଳକଣ୍ଠଙ୍କ ସାମ୍ବାଦିକ ଗଦ୍ୟ ଜାତୀୟଜୀବନ ସଂଗଠନର ସହାୟକ ଥିଲା -**

ସମ୍ବାଦପତ୍ର ସଂପାଦନା ଓ ସାମ୍ବାଦିକତା ଏକ ଅତି ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟ । ଏହାଦ୍ୱାରା ସାମ୍ବାଦିକ ରାଷ୍ଟ୍ର, ସମାଜ ଓ ଲୋକଚରିତ୍ରକୁ ନିୟନ୍ତ୍ରଣ କରିବାରେ ସମର୍ଥ ହୁଏ । ଓଡିଶାର ଜଣେ ଆଦର୍ଶ ସାମ୍ବାଦିକ ଭାବେ ପଣ୍ଡିତ ନୀଳକଣ୍ଠ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ସେ 'ସତ୍ୟବାଦୀ' ପତ୍ରିକାର କାର୍ଯ୍ୟତଃ ସମ୍ପାଦକ ଥିବାର ତାଙ୍କ ଆତ୍ମଜୀବନୀରୁ ଜଣାଯାଏ । ଉତ୍କଳମଣି ଗୋପବନ୍ଧୁଙ୍କ କାରାବାସ ବେଳେ ଓ ମୃତ୍ୟୁପରେ ସାମୟିକଭାବେ ସେ 'ସମାଜ'ର ସମ୍ପାଦନା କରିଛନ୍ତି । ସମ୍ବଲପୁରରେ ଜାତୀୟ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିବା ଉଦ୍ଦେଶ୍ୟରେ ଖ୍ରୀ. ୧୯୨୧ରେ 'ସେବା' ପତ୍ରିକା ପ୍ରକାଶ କରିଛନ୍ତି । ଖ୍ରୀ. ୧୯୩୪ରେ ତାଙ୍କ ସମ୍ପାଦନାରେ 'ନବଭାରତ' ମାସିକ ସାହିତ୍ୟ ପତ୍ରିକା ଓ ଖ୍ରୀ. ୧୯୩୬ରେ ତାଙ୍କ ଅଧକ୍ଷତାରେ ଉତ୍କଳ କଂଗ୍ରେସର ମୁଖପତ୍ର 'ଲୋକମତ' ସାପ୍ତାହିକୀ ପ୍ରକାଶ ପାଇଛି ।

ନୀଳକଣ୍ଠଙ୍କ ପାଇଁ ସାମ୍ବାଦିକତା ହୋଇଛି ଜାତୀୟ ଆନ୍ଦୋଳନର ଏକ ପନ୍ଥା । ଏହାରି ମାଧ୍ୟମରେ ସେ ନାଗରିକ ସ୍ୱାଧୀନତା ପାଇଁ ଲଢ଼ିବା ସଙ୍ଗେ ସଙ୍ଗେ ରାଷ୍ଟ୍ରନୀତିକୁ ନିୟନ୍ତ୍ରଣ କରି ଦେଶ ତଥା ଜାତିକୁ ସୁପଥରେ ପରିଚାଳିତ କରିବାରେ ସମର୍ଥ ହୋଇଛନ୍ତି ।

ପରିଶେଷରେ ଏତିକି କୁହାଯାଇ ପାରେ ଯେ, ନୀଳକଣ୍ଠଙ୍କ ଜାତୀୟଚେତନା ତଥା ସ୍ୱଦେଶୀ ପ୍ରୀତି ଅନୁଭୂତିସର୍ବସ୍ୱ ହୋଇଛି । ଓଡ଼ିଶାର ଜାତୀୟଜୀବନ ସହ ସେ ଓତପ୍ରୋତଭାବେ ଜଡିତ ହୋଇଛନ୍ତି । ଓଡ଼ିଶାରେ ବଢ଼ି ମରୁଡିବେଳେ ସେ ଚୁଡା ଚାଉଳ ବାଣ୍ଟିଛନ୍ତି । ହୋମିଓପାଥି ବାକ୍ସଧରି ବର୍ଷା ପବନକୁ ଭ୍ରୂକ୍ଷେପ ନ କରି ହଇଜାରୋଗୀଙ୍କ ସେବା କରିଛନ୍ତି । ମାତୃଭୂମିର ଉନ୍ନତି ପାଇଁ ବିପ୍ଲବ କରିଛନ୍ତି, ସମାଜରୁ କୁସଂସ୍କାର ଦୂର କରିବାକୁ ଯାଇ ସଂସ୍କାର ବିରୋଧୀ କୁଳୀନ ବ୍ରାହ୍ମଣଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇଛନ୍ତି ଏବଂ ଏସବୁ ଭିତରେ ସେ ସାହିତ୍ୟ ସୃଷ୍ଟି କରିଛନ୍ତି, ତେଣୁ ତାଙ୍କ ସାହିତ୍ୟ ହୋଇପାରିଛି ଅନୁଭୂତିସର୍ବସ୍ୱ, ଜାତୀୟଚେତନାରେ ପରିପୁଷ୍ଟ । ତାଙ୍କ ସମ୍ପାଦିତ 'ନବଭାରତ', 'ଲୋକମତ' ଓ 'ସେବା' ଜାତୀୟ ଶିକ୍ଷାର ବିକାଶରେ

Digitized by PPRACHIN, SOA

ସହାୟକ ହୋଇଛି । ଦେଶର ସମସ୍ତ ଉନ୍ନତି ଓ ଅଭିବୃଦ୍ଧି ମଧ୍ୟରେ ନୈତିକ ଓ ଆଧ୍ୟାତ୍ମିକ ଭାବ ବିଭିନ୍ନ ଭାବେ ଫୁଟାଇବାର ଆଭିମୁଖ୍ୟ ନେଇ 'ନବଭାରତ' ପତ୍ରିକା ପ୍ରକାଶ କରିବା ଅବସରରେ ସେ ବିଶ୍ୱସ୍ରଷ୍ଟାଙ୍କ ଅନୁଗ୍ରହ ଭିକ୍ଷା କରିଛନ୍ତି - 'କର ନବଭାରତ ସୁନ୍ଦର ହେ' କବିତା ମାଧ୍ୟମରେ -

''କାଳେ ଦେଶେ ଧ୍ୱଂସେ ନାଶେ ଶାଶ୍ୱତ ଅମୀୟ ବିକାଶେ
ଦୁଃଖ ବିଷାଦେ ଚିର ଅବସାଦେ ପ୍ରାଣ ଉଠଇ ପୂରି ଆଶେ
ପ୍ରେରଣ ଚିର ତବ ମାନବ ଆଶା
ଅଦ୍ଭୁତ କୃତି ତବ ମାନବ ଭାଷା
ପ୍ରେରଣ ଗରବେ ଅଦ୍ଭୁତ ବିଭବେ
କର ନବ ଭାରତ ସୁନ୍ଦର ହେ ।''

(ନବ ଭାରତ - ୧ମ ଭାଗ/୧ମ ସଂଖ୍ୟା)

ଏହିଠାରେ ନୀଳକଣ୍ଠଙ୍କ ସାହିତ୍ୟରେ ସ୍ୱଦେଶିକତାର ଜ୍ୱଳନ୍ତ ପ୍ରମାଣ ମିଳିଥାଏ ।

❑❑

Digitized by PPRACHIN, SOA

# 'ନୀଳକଣ୍ଠ ଗ୍ରନ୍ଥାବଳୀ'ରେ ପ୍ରକାଶ ପାଇନଥିବା ରଚନାବଳୀର ତାଲିକା

ନୀଳକଣ୍ଠ ପଣ୍ଡିତ, ମନୀଷୀ । ବହୁ ଶାସ୍ତ୍ର ଅଧ୍ୟୟନ ତାଙ୍କ ସଂସ୍କୃତି-ସଚେତନ ବ୍ୟକ୍ତିତ୍ୱର ବିକାସ ଥିଲା । ଭାଷା, ସାହିତ୍ୟ ଓ ସଂସ୍କୃତି ଅନୁଶୀଳନ ଅବସରରେ ତାଙ୍କ ସୃଷ୍ଟିଧର୍ମୀ ଓ ସମୀକ୍ଷାଧର୍ମୀ ବ୍ୟକ୍ତିତ୍ୱ ଆହରଣଶୀଳ ଓ ସମନ୍ୱୟମୁଖୀ ହୋଇଥିଲା । ସର୍ଜନାତ୍ମକ କାବ୍ୟ-କବିତା ସୃଷ୍ଟିକାଳରେ, ସମୀକ୍ଷାଧର୍ମୀ ପ୍ରବନ୍ଧ ଓ ସମାଲୋଚନା ଲେଖିବା ବେଳେ ପ୍ରାଚ୍ୟ-ପାଶ୍ଚାତ୍ୟର ବହୁ ପ୍ରସିଦ୍ଧ ଗ୍ରନ୍ଥର ଭାବସମ୍ପଦ ଆହରଣ କରି ସେ ନିଜ ରଚନାରେ ଗର୍ଭିତ କରିଥିଲେ । ପୁଣି ଓଡ଼ିଶାର ଭାଷା, ସାହିତ୍ୟ ଧର୍ମ ଓ ସଂସ୍କୃତିର ସୂତ୍ର ନିର୍ଣ୍ଣୟ କ୍ଷେତ୍ରରେ ତାଙ୍କ ସୁଦୂର ପ୍ରାସାରୀ ଦୃଷ୍ଟି ବହୁ ଦିଗ ପ୍ରତି ଆପେ ଆପେ ପ୍ରସାରିତ ହୋଇଯାଇଥିଲା ।

ସାହିତ୍ୟ ସୃଷ୍ଟି ଲାଗି ନୀଳକଣ୍ଠଙ୍କୁ କୌଣସି ଦୈବୀ କରୁଣା ଉପରେ ନିର୍ଭର କରିବାକୁ ପଡ଼ି ନଥିଲା । ସେ ଥିଲେ ଯଥାର୍ଥରେ କର୍ମଯୋଗୀ । ବର୍ଷ ବର୍ଷଧରି ବିଭିନ୍ନ ପୁସ୍ତକ ପାଠରେ ବହୁ ଅତନ୍ଦ୍ରିତ ରଜନୀ ଯାପନ କରି ଦର୍ଶନ, ଜ୍ୟୋତିଷ, ବେଦ,ଉପନିଷଦ, ପୁରାଣ, କାବ୍ୟ-କବିତା ଓ ବିଭିନ୍ନ ଦେଶର ଜନଶ୍ରୁତି, କିମ୍ବଦନ୍ତୀ, ଚଳଣି, ପରମ୍ପରା ବିଷୟରେ ସେ ଯେଉଁ ଜ୍ଞାନ ଆହାରଣ କରିଥିଲେ ତାଙ୍କ ରଚନା ଓ ଅଭିଭାଷଣଗୁଡ଼ିକରେ ତାହାର ପରିପ୍ରକାଶ ଘଟିଅଛି ।

ନୀଳକଣ୍ଠଙ୍କ ସାହିତ୍ୟ ସାଧନାର ସମୟ ଖ୍ରୀ୧୯୦୮ରୁ ଖ୍ରୀ୧୯୬୩ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହି ଅର୍ଦ୍ଧ ଶତାବ୍ଦୀ ଉର୍ଦ୍ଧର ବ୍ୟାପୀ ତାଙ୍କ ସାହିତ୍ୟ ସୃଷ୍ଟି କେବଳ ପରିମାଣ ଦୃଷ୍ଟିରୁ ମହାନ ନୁହେଁ, ନୂତନ ଓ ବୈପ୍ଳବିକ ପରିକଳ୍ପନା ଏହାର ବିଶେଷତ୍ୱ । ତାଙ୍କ ପ୍ରତ୍ୟେକ ରଚନାରେ ନୀଳକଣ୍ଠ-ଲେଖନୀର ସ୍ୱତନ୍ତ୍ର ଛାପ । ମାତ୍ର କ୍ଷୋଭର ବିଷୟ ନୀଳକଣ୍ଠଙ୍କ ପରି ଜଣେ ଉଚ୍ଚକୋଟୀର ସାହିତ୍ୟିକ, ପ୍ରବୀଣ ଶିକ୍ଷାବିତ୍, ବିଚକ୍ଷଣ ବକ୍ତା ଶକ୍ତିଶାଳୀ ସମ୍ପାଦକ, ବିଜ୍ଞ ଭାଷାତତ୍ତ୍ୱବିତ୍, ସୁଦକ୍ଷ ରାଜନୀତିଜ୍ଞ, ଅସାଧାରଣ ସମାଜ ସଂସ୍କାରକ ଓ ଆଦର୍ଶ ଦେଶପେମୀଙ୍କ ବହୁମୁଖୀ ପ୍ରତିଭାସମ୍ପନ୍ନ ମନୀଷାର ଉନ୍ମୋଚନ ଲାଗି ଏପର୍ଯ୍ୟନ୍ତ କ୍ଷେତ୍ର ପ୍ରସ୍ତୁତ ହୋଇନାହିଁ । 'ନୀଳକଣ୍ଠ ଗ୍ରନ୍ଥାବଳୀ' ତିନିଗୋଟି ଭାଗରେ ପ୍ରକାଶ ପାଇ ଥିଲେ ହେଁ, ତାଙ୍କ ରଚନାବଳୀର ଅର୍ଦ୍ଧାଧିକ ଏପର୍ଯ୍ୟନ୍ତ ସଙ୍କଳିତ ହୋଇପାରି ନାହିଁ । ତାଙ୍କ ସୁଦୂର ପ୍ରସାରୀ ବ୍ୟକ୍ତିତ୍ୱର ଅନୁଶୀଳନ ପାଇଁ ଏଗୁଡ଼ିକର

Digitized by PPRACHIN, SOA

ସଂକଳନ ଏକାନ୍ତ ଅପରିହାର୍ଯ୍ୟ । ଏ ଦିଗରେ ଅନୁସନ୍ଧିତ୍ସୁ ପାଠକ ଓ ଗବେଷକଙ୍କ ଉଦ୍ୟମକୁ କିଞ୍ଚିତ ଲାଘବ କରିବା ପାଇଁ ବିକ୍ଷିପ୍ତ ଭାବରେ ବିଭିନ୍ନ ପତ୍ରପତ୍ରିକାରେ ରହିଥିବା ତାଙ୍କ ରଚନା ଓ ଅଭିଭାଷଣଗୁଡିକର ଏକ ତାଲିକା ପ୍ରସ୍ତୁତ କରାଗଲା । ଏହି ତାଲିକାରେ ଗ୍ରନ୍ଥାବଳୀ ଅନ୍ତର୍ଭୁକ୍ତ ରଚନାକୁ ବାଦ ଦିଆଯାଇଛି । ଆଉ କେତେକ ରଚନା 'ଓଡ଼ିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥରେ ସ୍ଥାନ ପାଇଥିବାରୁ ତାହାର ତାଲିକା ସ୍ୱତନ୍ତ୍ର ଭାବେ ଦିଆଯାଇ ନାହିଁ ।

| ରଚନାକାଳ | ବିଷୟସୂଚୀ | ପତ୍ରିକା/ସଂଖ୍ୟା |
|---|---|---|
| ୧୯୦୬ | ମହାତ୍ମା ଚନ୍ଦ୍ରଶେଖର ସିଂହସମାନ୍ତ | ଉତ୍କଳ ସାହିତ୍ୟ ୧୦/୩-୪ |
| ୧୯୦୭ | ସ୍ତ୍ରୀ ଶିକ୍ଷା | ମୁକୁର-୧/୧୦-୧୧ |
| ୧୯୦୯ | ତନ୍ତ୍ର ଉପାସନା ସମ୍ବନ୍ଧରେ ଦୁଇ ଏକ କଥା | ମୁକୁର-୩/୧୧-୧୨ |
| ୧୯୧୫ ରୁ | | |
| ୧୯୧୭ | ଉଦ୍ଭିଦ ରହସ୍ୟ | ସତ୍ୟବାଦୀ -୧/୮-୯ରୁ ୨/୮-୧୨ |
| ୧୯୧୭ | ବିକ୍ରମାଦିତ୍ୟ ଓ କାଳିଦାସ | ସତ୍ୟବାଦୀ - ୩/୧-୨ |
| ୧୯୧୭ | ଚିତ୍ର ଓ କବିତାରେ କଳାର କ୍ରମ | ସତ୍ୟବାଦୀ - ୩/୩-୪, ୫-୬ |
| ୧୯୧୯ | ଲୌକିକ ବିଜ୍ଞାନ | ସତ୍ୟବାଦୀ - ୫/୬-୭ |
| ୧୯୧୯ | ଜାତୀୟତାର ଭିତ୍ତିଭୂମି | ସତ୍ୟବାଦୀ - ୫/୮-୯ |
| ୧୯୧୯ | ଶିକ୍ଷାର ଭବିଷ୍ୟତ | ସତ୍ୟବାଦୀ - ୫/୮-୯ |
| ୧୯୧୯ | ପୃଥିବୀର ଚାରି ପ୍ରଧାନ ଧର୍ମ | ସତ୍ୟବାଦୀ - ୫/୮-୯ |
| ୧୯୧୯ | କର୍ମଜୀବନ ଓ ବ୍ୟବହାର ବିଚକ୍ଷଣତା | ସତ୍ୟବାଦୀ - ୫/୮-୯ |
| ୧୯୨୦ | ଯୌବନର ପ୍ରଭାବ ଓ ପ୍ରତିଷ୍ଠା | ସତ୍ୟବାଦୀ - ୬/୪ |
| ୧୯୨୦ | ପ୍ରାଚୀ ଗ୍ରନ୍ଥମାଳା | ସମାଜ - ୧।୮।୧୯୨୮ତାରିଖ |
| ୧୯୩୪ | ଆମ ବର୍ଷ ଗଣନା ଓ ମାସନାମ | ନବଭାରତ - ୧/୧ |
| ୧୯୩୫ | ବିକାଶ ଓ ବିପ୍ଳବ | ନବଭାରତ - ୧/୧ |
| | ଗୋପବନ୍ଧୁ ତର୍ପଣ | ନବଭାରତ - ୧/୨ |
| | ଐତିହାସିକ ସୂଚନା | ନବଭାରତ - ୧/୨, ୧/୩ |
| | ଜଗନ୍ନାଥ ଧର୍ମ (୧), (୨) | |

Digitized by PPRACHIN, SOA

| | | |
|---|---|---|
| | ସାହିତ୍ୟିକ ଟିପ୍ପଣୀ | ନବଭାରତ - ୧/୩, ୧/୪, ୧/୫ |
| | ଭାରତର ଧର୍ମ ବିକାଶ | ନବଭାରତ - ୧/୭, ୧/୮ |
| | କଂଗ୍ରେସର ଇତିହାସ | ନବଭାରତ - ୧/୯, ୧/୧୦ |
| | ଅର୍ଥସଙ୍କଟ ଓ ଭାରତୀୟ ଅର୍ଥନୀତି | ନବଭାରତ - ୧/୧୧, ୧/୧୨ |
| ୧୯୩୫ | ବିଧାତାଙ୍କ ସୃଷ୍ଟି | ନବଭାରତ - ୨/୨ |
| | ଭାରତର ନୂଆଶାସନ ଓ ପ୍ରାଦେଶିକ ସ୍ୱାଧୀନତା | ନବଭାରତ - ୨/୩ |
| ୧୯୩୬ | ସତ୍ୟଂ ଶିବଂ ସୁନ୍ଦରଂ | ନବଭାରତ - ୩/୧ |
| ୧୯୩୭ | ପ୍ରଚାରକ ଅନନ୍ତ ମିଶ୍ର | ନବଭାରତ - ୩/୧୦ |
| | ପରାଧୀନ କିଏ ? | ନବଭାରତ - ୩/୧୧-୧୨ |
| ୧୯୩୭ରୁ ୧୯୩୮ | ମାନବ ପ୍ରଗତିର ଧାରା (ଧାରାବାହିକ ପ୍ରବନ୍ଧ) | ନବଭାରତ - ୪/୫, ୪/୬ ୪/୮, ୪/୯, ଓ ୪/୧୦ |
| [illegible] | ଜମିଦାରୀ, ମଠ ଓ ଭବିଷ୍ୟତ | ନବଭାରତ - ୫/୩ |
| ୧୯୩୯ | ଚୌକିଦାରୀ କମିଟି | ନବଭାରତ - ୫/୫, ୬ |
| | ଜମିଦାରୀ ଓ ଜମିଦାର | ନବଭାରତ - ୫/୯ |
| | କଂଗ୍ରେସ ସରକାର ଓ କଂଗ୍ରେସ କମିଟି | ନବଭାରତ - ୫/୧୦ |
| ୧୯୩୯ | ପ୍ରଜାସ୍ୱତ୍ୱ ଓ ଆଇନ | ନବଭାରତ - ୬/୧ |
| ୧୯୪୦ | ଅଦ୍ୱୈତବାଦ | ନବଭାରତ - ୬/୭ |
| | ସତୀତ୍ୱ ଓ ନାରୀ (ଧାରାବାହିକ ପ୍ରବନ୍ଧ) | ନବଭାରତ - ୬/୮, ୬/୯ ୬/୧୦ ଓ ୬/୧୧ |
| ୧୯୪୦ | ଅହିଂସା ଓ ସାମାଜିକ ନୀତି | ନବଭାରତ - ୭/୨ |
| ୧୯୪୧ | ଗାନ୍ଧୀଙ୍କ କଂଗ୍ରେସନୀତି | ନବଭାରତ - ୭/୫-୯ (ଯୁଦ୍ଧ ସଂଖ୍ୟା) |
| ୧୯୪୧ | ସ୍ୱର୍ଗତ କବି ରବୀନ୍ଦ୍ର ନାଥ | ନବଭାରତ - ୮/୧ |
| ୧୯୪୬ | ବିଶ୍ୱ ସଂସ୍କୃତିକୁ ଓଡିଶାର ଦାନ | ନବଭାରତ - ନୂଆପ୍ରସ୍ଥ - ୧/୧ |
| ୧୯୪୭ | ଓଡିଶାରେ ଅଣ ଓଡିଆଙ୍କ ପରମ୍ପରା | ନବଭାରତ - ନୂଆପ୍ରସ୍ଥ - ୧/୧ |
| | ଭୌମବଂଶର କାଳ ନିରୂପଣରେ ସଙ୍କେତ | ନବଭାରତ - ନୂଆପ୍ରସ୍ଥ - ୧/୩ |

Digitized by PPRACHIN, SOA

| | | |
|---|---|---|
| ୧୯୪୭ | ଆମ ରତ୍ନ ଗଣନା | ନବଭାରତ - ନୂଆପ୍ରସ୍ଥ -୧/୭ |
| | ସାମ୍ୟବାଦ ଭୌତିକ ଓ ଆତ୍ମିକ | ନବଭାରତ - ନୂଆପ୍ରସ୍ଥ -୧/୮ |
| | ଆମେ ସ୍ୱାଧୀନ ଆମେ ମୁକ୍ତ | ନବଭାରତ - ନୂଆପ୍ରସ୍ଥ -୧/୯ (ସ୍ୱାଧୀନ ଭାରତ ସଂଖ୍ୟା) |
| ୧୯୪୯ | ନାମେ ଭକ୍ତି | ନବଭାରତ - ନୂଆପ୍ରସ୍ଥ -୨/୪-୫ |
| ୧୯୫୦ | ଭାଗବତ ଧର୍ମ (୧), (୨) | ନବଭାରତ - ନୂଆପ୍ରସ୍ଥ - ୨/୬-୭ ଓ ୨/୮ |
| | ଭାରତ ସାହିତ୍ୟ ଓ | |
| | ସାହିତ୍ୟରେ ଜୀବାଧର୍ମ | ନବଭାରତ - ନୂଆପ୍ରସ୍ଥ -୨/୧୧ |
| | ବିଶ୍ୱଦର୍ଶନରେ ମା' ବାପ | ନବଭାରତ - ନୂଆପ୍ରସ୍ଥ -୨/୧୨ |
| ୧୯୫୪-୫୫ | ସାରଳା ଦାସଙ୍କ ଧର୍ମ | ଉତ୍କଳ ସାହିତ୍ୟ - ନୂଆପ୍ରସ୍ଥ - ୧/୨ |
| | ରଥଯାତ୍ରା | ଉତ୍କଳ ସାହିତ୍ୟ - ନୂଆପ୍ରସ୍ଥ - ୧/୪ |
| | ଜଗନ୍ନାଥ ଧର୍ମ | ଉତ୍କଳ ସାହିତ୍ୟ - ନୂଆପ୍ରସ୍ଥ - ୧/୯ |
| | ପ୍ରାଥମିକ ଶିକ୍ଷା ଓ ଶିକ୍ଷକ | ଉତ୍କଳ ସାହିତ୍ୟ - ନୂଆପ୍ରସ୍ଥ - ୨/୩ |
| ୧୯୫୮ | ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ | ଝଙ୍କାର - ୧୦/୨ |
| ୧୯୬୧ | ଉତ୍କଳୀୟ ସଂସ୍କୃତିରେ ଉତ୍ତର ଓ ଦକ୍ଷିଣ ଭାରତୀୟ ପ୍ରଭାବ | ଝଙ୍କାର - ୧୨/୧୧ |
| ୧୯୬୦ | ସାମ୍ୟ ଓ ମୈତ୍ରୀ | 'ସମାଜ' - ୩୨ତମ ଶ୍ରାଦ୍ଧସଂଖ୍ୟା |

Digitized by PPRACHIN, SOA

## ଇଂରାଜୀ ପ୍ରବନ୍ଧ

| | | |
|---|---|---|
| ଜାନୁଆରୀ ୧୯୨୫ | Control of Education | Swadesh Mitram |
| ଡିସେମ୍ବର-୨୯, ୧୯୩୦ | The ideal and out look in Education in India and the East. | All Asia Educational Conference ବନାରସ ସେସନରେ ପଠିତ ପ୍ରବନ୍ଧ |
| ଡିସେମ୍ବର-୨୬ ୧୯୪୬ | The cult of Jagannath | Indian History Congressର ଦ୍ୱାଦଶ ଅଧିବେଶନରେ ପଠିତ ପ୍ରବନ୍ଧ |
| ଏପ୍ରିଲ-୧୯୫୮ | Hints on the significance and History of Jagannath | Orissa Historical Research Journal Vol-VII, No-I |
| ଅକ୍ଟୋବର- ୧୯୫୮ ରୁ ଜାନୁୟାରୀ ୧୯୫୯ | 'Om' | Orissa Historical Research Journal Vol-VII No.3 and 4 |
| ଏପ୍ରିଲ, ୧୯୫୯ | Oriya Language and Culture | Orissa Historical Research Journal Vol-VIII No-I |

## ଅଭିଭାଷଣ

| ତାରିଖ | ଶିରୋନାମା | ମୁଦ୍ରଣ ଓ ଅଧିବେଶନ |
|---|---|---|
| ଏପ୍ରିଲ-୨୩, ୧୯୩୮ | ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀରେ ସଭାପତି (ନୀଳକଣ୍ଠ)ଙ୍କ ଅଭିଭାଷଣ | ନବଭାରତ ପ୍ରେସ ଦ୍ୱାରା ମୁଦ୍ରିତ |

Digitized by PPRACHIN, SOA

| | | |
|---|---|---|
| ଏପ୍ରିଲ-୨୩ ୧୯୪୦ | ବାରିପଦା ସାହିତ୍ୟ ସମାଜର ଷଷ୍ଠ ବାର୍ଷିକ ଅଧିବେଶନରେ ସଭାପତିଙ୍କ ଅଭିଭାଷଣ | ନବଭାରତ ୬/୯ ସଂଖ୍ୟାରେ ପ୍ରକାଶିତ |
| ମେ-୧୬ ୧୯୫୭ | କଳିଙ୍ଗ ଭାରତୀ ଭଞ୍ଜଜୟନ୍ତୀ ସପ୍ତାହ ଉପଦେଷ୍ଟା ସମିତି ଅଧ୍ୟକ୍ଷ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଭିଭାଷଣ | ଚତୁର୍ଦ୍ଦଶ ବାର୍ଷିକ ଭଞ୍ଜଜୟନ୍ତୀ ସପ୍ତାହ |
| ମାର୍ଚ୍ଚ ୧୦-୧୧ ୧୯୪୭ | ପୂର୍ବ ଦେଶୀୟ ରାଜ୍ୟ-ପ୍ରଜା ପରିଷଦରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉଦବୋଧନ | ପୂର୍ବଦେଶୀୟ ରାଜ୍ୟ-ପ୍ରଜା ପରିଷଦ-ପ୍ରଥମ ଅଧିବେଶନ କଟକ ତାରା-ପ୍ରେସ୍‌ରେ ମୁଦ୍ରିତ |
| ଜାନୁଆରୀ-୩୧ ୧୯୫୩ | ରେଭେନ୍‌ସା କଲେଜର ପୁରାତନ ଛାତ୍ର ସମ୍ମେଳନର ପ୍ରଧାନ ଅତିଥି ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭାଷଣ | ନବଭାରତ ପ୍ରେସ୍ ଦ୍ଵାରା ମୁଦ୍ରିତ |
| ଅକ୍ଟୋବର-୩ ୧୯୫୯ | Presidential Address of Dr. Pandit Nilakantha Das on Regional Language | ଭୁବନେଶ୍ୱରଠାରେ ଅନୁଷ୍ଠିତ All India Oriental Conforenceର ବିଂଶତି ଅଧିବେଶନରେ ଦିଆଯାଇଥିବା ଭାଷଣ |
| ଡିସେମ୍ବର-୩୦ ୧୯୫୯ | Presidential Address of Dr. Pandit Nilakantha Das on Regional and Philosophical Development in Orissa. | କଟକଠାରେ ଅନୁଷ୍ଠିତ All India Philosophical Congressର ୩୪ଶ ତମ ଅଧିବେଶନରେ ଦିଆଯାଇଥିବା ଅଭିଭାଷଣ |

Digitized by PPRACHIN, SOA

## ଗ୍ରନ୍ଥାବଳୀରେ ସ୍ଥାନ ପାଇଥିବା ନୀଳକଣ୍ଠଙ୍କ କବିତାବଳୀ

| ପ୍ରକାଶ କାଳ | କବିତାର ନାମ | ପତ୍ରିକା ସଂଖ୍ୟା |
|---|---|---|
| ୧୯୦୯ | ଆଦର୍ଶ ତାରା | ଉତ୍କଳ ସାହିତ୍ୟ - ୧୨/୧୦ |
| ୧୯୧୧ | ବକ କର୍କଟ କଥା | ମୁକୁର - ୬/୧ |
| ୧୯୧୧ | ବିଧୁ ଓ ବାସନ୍ତୀ | ମୁକୁର - ୬/୭ |
| ୧୯୧୧ | ବର୍ଷର ଶେଷ ଗୋଲାପ | ଉତ୍କଳ ସାହିତ୍ୟ - ୧୫/୭ |
| ୧୯୧୨ | ଶ୍ରୀପଞ୍ଚମୀ | ଉତ୍କଳ ସାହିତ୍ୟ - ୧୫/୧୦ |
| ୧୯୧୫ | ବାଣୀ ଉଦ୍‌ବୋଧନ | ସତ୍ୟବାଦୀ - ୧/୧ |
| ୧୯୧୬ | ଅଶ୍ରୁ | ମୁକୁର - ୧୦/୧୦ |
| ୧୯୧୬-୧୭ | ବାଣୀ ବିଜୟ ଗୀତ | ସତ୍ୟବାଦୀ - ୨/୮-୧୨ |
| ୧୯୧୭ | ସଂକୀର୍ତ୍ତନ | ସତ୍ୟବାଦୀ - ୩/୧-୨ |
| ୧୯୧୭ | ପ୍ରାଣର ଧ୍ୱନି | ସତ୍ୟବାଦୀ - ୩/୩-୪ |
| ୧୯୧୭ | ପ୍ରେମିକର ଉଲ୍ଲାସ | ସତ୍ୟବାଦୀ - ୩/୫-୬ |
| ୧୯୧୭ | କବି ଓ କିତବ | ସତ୍ୟବାଦୀ - ୩/୭-୮ |
| ୧୯୧୮-୧୯ | ଭୋଗ ଓ ତ୍ୟାଗ | ସତ୍ୟବାଦୀ - ୪/୮-୧୨ |
| ୧୯୧୮-୧୯ | ପ୍ରୀତି ରହସ୍ୟ | ସତ୍ୟବାଦୀ - ୪/୮-୧୨ |
| ୧୯୧୯ | ଚଷାପୁଅ ପ୍ରତି | ସତ୍ୟବାଦୀ - ୫/୩-୪ |
| ୧୯୨୦ | ସୁନା ଓ ସାଧୁ | ସତ୍ୟବାଦୀ - ୬/୫ |
| ୧୯୩୪ | ଙ୍କର ନବଭାରତ ସୁନ୍ଦର ହେ | ନବଭାରତ - ୧/୧ |

## ଗ୍ରନ୍ଥାବଳୀରେ ସ୍ଥାନ ପାଇନଥିବା ନୀଳକଣ୍ଠଙ୍କ କେତୋଟି ଗ୍ରନ୍ଥ

୧୯୩୧ ଓଡ଼ିଆ ବ୍ୟାକରଣ

୧୯୩୬ ଗୀତା (ଭାଷ୍ୟ)

୧୯୫୦ ପ୍ରାଥମିକ ସାହିତ୍ୟ (ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ)

୧୯୫୦ ସାହିତ୍ୟ ସଖା (ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ)

୧୯୫୪ ଓଡ଼ିଆ ଭାଷା ଓ ସାହିତ୍ୟ

୧୯୫୯ Speeches and Remarks of Pandit Nilakantha Das (ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିନନ୍ଦନ ଗ୍ରନ୍ଥ)

Digitized by PPRACHIN, SOA